# ଭକ୍ତି – ବିଭିନ୍ନ ସ୍ତରର

''ଚିନୁଭାଇ, କାଲି ଆମ ଘରକୁ ମାମୁଙ୍କ ଝିଅ ସେଇ ଯୋଉ କାନ୍ତି ଅପା ଆସି ନ ଥିଲା, ସିଏ ମୋ ବହିପତ୍ର ଦେଖୁଥିଲା । ମୋର ଇଂରାଜୀ ବହି ଭିତରେ ମୁଁ ଗୋଟାଏ ମା'ଙ୍କ ଆଶୀର୍ବାଦ ପୁଷ୍ପ ରଖିଥିଲି । ସେଥିରେ ମା' ଓ ଶ୍ରୀଅରବିନ୍ଦ ଉଭୟଙ୍କର ଫଟୋ ଲାଗିଥିଲା । ସେଇଟିକୁ ଦେଖି ସେ ହସି ହସି କହିଲା, 'କିଲୋ ଅନୁ, ତୁ କ'ଣ ମା'ଙ୍କ ଭକ୍ତ କି ?' ମତେ ଲାଜ ମାଡ଼ିଲା । ମୁଁ କିଛି କହିଲି ନାଇଁ । ସେ କହିଲା, 'ତୋ ପାଖରେ କ'ଣ ମାଶ୍ରୀଅରବିନ୍ଦଙ୍କ ବହିଫହି କିଛି ଅଛି ?' ମୁଁ ତାକୁ ମୋ ପାଖରେ ଥିବା ଆଶ୍ରମ ବହି ଓ ପତ୍ରପତ୍ରିକା ସବୁ ଦେଖାଇଲି । ସେ ସେଥିରୁ କିଛି ନେଇ କହିଲା, 'ପଢ଼ିସାରି ଫେରେଇ ଦେବି ।' ମୁଁ ଆମ କଲେଜରୁ ମା' ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଶୁଣିଥିଲି ଓ ଗୋଟିଏ ଜାଗାରେ ତାଙ୍କ ଫଟୋ ମଧ୍ୟ ଦେଖିଥିଲି । ତାଙ୍କ ବିଷୟରେ ଜାଣିବାକୁ ଇଚ୍ଛା ଥିଲା । ତୁ ଏତେ ଭକ୍ତ ବୋଲି ଜାଣିଥିଲେ ମୁଁ କେଉଁ ଦିନଠାରୁ ଆସି ତୋ ପାଖରୁ ଏସବୁ କଥା ଦେଖନ୍ତିଣି । ହଉ କିଛି ଭାବିବୁ ନାଇଁ । ତୋ ବହି ପତ୍ରପତ୍ରିକା ମୁଁ ଠିକ୍ ସମୟରେ ଫେରେଇ ଦେବି ଓ ସେଥିରୁ ମୁଁ ଆଶ୍ରମ ଠିକଣା ଟିପି ନେବି ।' ଏହା କହି ସେସବୁ ଗଲାବେଳେ ସାଙ୍ଗରେ ନେଇଯାଇଚି । ଆଚ୍ଛା, ସିଏ ମତେ ଯେଉଁ ଭକ୍ତ ବୋଲି କହିଲା – ଭକ୍ତମାନେ କ'ଣ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''କାନ୍ତି ତ ଭଲ କଥାଟାଏ ନୂଆ ବର୍ଷରେ ତୋ ମୁଣ୍ଡରେ ଢୁକେଇ ଦେଇଯାଇଚି ! ମୁଁ ବି ଭାବୁଥିଲି ଆମ କାଠଚମ୍ପା ଫୁଲର ଦୁଇଟି ପାଖୁଡ଼ା 'ଆନ୍ତରିକତା' ଓ 'ବିଶ୍ୱାସ' ପରେ ତୃତୀୟ ପାଖୁଡ଼ା 'ଭକ୍ତି'କୁ ଫେରି ଆସିବା ଲାଗି । ୧୯୮୦ ଅଗଷ୍ଟ ମାସଠାରୁ ଆମର କାଠଚମ୍ପା ଫୁଲ ସମ୍ବନ୍ଧେ ଆରମ୍ଭ

କଥା ବୋଧେ ମନେ ଥିବ । ଏ ବର୍ଷଟି ତା'ହେଲେ ଆମ ଲାଗି ମା' ଶ୍ରୀଅରବିନ୍ଦଙ୍କ ପ୍ରତି ଭକ୍ତିର ବର୍ଷ ହେଉ !''

''ଭକ୍ତର ଅର୍ଥ ହଉଚି ଯିଏ ଭକ୍ତି କରେ । ଏ ଭକ୍ତି ପୁଣି ସମସ୍ତଙ୍କୁ କରାଯାଇପାରେ ନାହିଁ । ଯେଉଁମାନେ ଆମଠାରୁ ଶକ୍ତି, ସାମର୍ଥ୍ୟ, ଜ୍ଞାନ, ଚେତନା ଆଦିରେ ବଡ଼, ଯେଉଁମାନେ କିଛି ଦିବ୍ୟଗୁଣର ଅଧିକାରୀ ହୋଇଥା'ନ୍ତି, ସେଇମାନଙ୍କ ପାଖରେ ଆମର ମୁଣ୍ଡ ଭକ୍ତିରେ ନଇଁ ପଡ଼ିଥାଏ । କାରଣ ତା' ଫଳରେ ତାଙ୍କରି ଗୁଣ ଆମ ଭିତରକୁ ସଂଚରି ଆସିଥାଏ ଯେପରି ପାହାଡ଼ ଉପରୁ ତଳକୁ ଝରଣା ଝରି ଆସେ । ଆଚ୍ଛା, ତୁ କହ, ତୁ କାହିଁକି ମା' ଶ୍ରୀଅରବିନ୍ଦଙ୍କୁ ପୂଜା କରୁ ?'' ପଚାରିଲା ଚିନ୍ମୟ ।

''ମା ଶ୍ରୀଅରବିନ୍ଦଙ୍କୁ ଦେଖିଲେ ମତେ ଠାକୁର ଭଳି ଲାଗେ । ମା'ଙ୍କର ହସ ଓ ଚାହାଣି ଆଉ ଶ୍ରୀଅରବିନ୍ଦଙ୍କର ଶାନ୍ତ, ଗମ୍ଭୀର ମୁହଁ ମୋତେ ଆକୃଷ୍ଟ କରେ । ତେଣୁ ମୁଁ ଶ୍ରଦ୍ଧାରେ ତାଙ୍କୁ ପୂଜା କରେ ।'' କହିଲା ଅନୁରକ୍ତା ।

''ଏଇ ଶ୍ରଦ୍ଧାର ସହ କାହାର ମହାନତା ପ୍ରତି, ଦିବ୍ୟତା ପ୍ରତି ଆକୃଷ୍ଟ ହୋଇ ତାଙ୍କୁ ଭଲପାଇ ପୂଜା କରିବା କି ସମ୍ମାନ ଦେବାହିଁ ଭକ୍ତି । ଏଇ ଭକ୍ତି ହେଉଚି ଭଗବାନଙ୍କୁ ପାଇବାର ପ୍ରଧାନ ମାର୍ଗ । ହୃଦୟରେ କଣାଏ ମାତ୍ର ଭକ୍ତି ନ ଥିଲେ କେବେ ବି କେହି ଭଗବାନଙ୍କ ଆଡ଼କୁ ଢଳିପାରିବ ନାହିଁ କି ତାଙ୍କ ଲାଗି ସାଧନା କରିପାରିବ ନାହିଁ । ଭକ୍ତ ଭଗବାନଙ୍କୁ ଜଣେ ଦିବ୍ୟ ପ୍ରେମିକ ଓ ଏ ସୃଷ୍ଟିକୁ ତାଙ୍କରି ଲୀଳା ବୋଲି ଭାବେ । ସେଇ ପରମ ପ୍ରେମିକଙ୍କ ନିକଟରେ ନିଜର ସମସ୍ତ ଆବେଗ, ସମସ୍ତ ସେବା, ସମସ୍ତ ଜୀବନ ଅଜାଡ଼ି ଦିଏ । ଯେଉଁ ଆବେଗ ସାଂସାରିକ ବସ୍ତୁ, ସାଂସାରିକ ବ୍ୟକ୍ତି ଆଡ଼କୁ ଯାଉଥାଏ, ତାକୁ ଭଗବାନଙ୍କ ଆଡ଼କୁ ମୁହାଁଇଦିଏ । ଭକ୍ତି ତା'ର ଯଥାର୍ଥ ସ୍ୱରୂପରେ ହୃଦୟର ଚୈତ୍ୟପୁରୁଷଙ୍କଠାରୁ ଆସିଥାଏ । ଯଥାର୍ଥ ଭକ୍ତ ତା'ର ପରମ ପ୍ରେମିକ ଭଗବାନଙ୍କ ନିକଟରେ ସକଳ ପୂଜା, ସକଳ ଆରାଧନା, ସକଳ ଆବେଗ, ସକଳ ସେବା ଢାଳିଦିଏ କିନ୍ତୁ ପ୍ରତିଦାନରେ କିଛି ଚାହେଁ ନାହିଁ । ଏଇ ନ

ଚାହିଁବାରେହିଁ ସେ ବେଶୀ ପାଏ । ତା'ର ଅଙ୍ଗେ ଅଙ୍ଗେ, ତା' ସତ୍ତାର ଅଣୁ ପରମାଣୁରେ ତା'ର ପରମ ପ୍ରେମାସ୍ପଦ ଭରି ଯାଆନ୍ତି । ଦିବ୍ୟ ଆନନ୍ଦର ରସରେ ସେ ମଗ୍ନ ହୋଇଯାଏ । ପ୍ରେମିକ ଓ ପ୍ରେମାସ୍ପଦଙ୍କ ଭିତରେ ଆଉ କିଛି ପାର୍ଥକ୍ୟ ରହେ ନାହିଁ । ଭକ୍ତର ଜୀବନ ସାର୍ଥକ ହୁଏ ।

''ସାଧନାରେ ଭକ୍ତିମାର୍ଗ ଛଡ଼ା ଅନ୍ୟ ଯେଉଁ ଦୁଇଟି ମାର୍ଗ ଜ୍ଞାନ ଓ କର୍ମ ରହିଚି ସେଥିରେ ବି ମଧ୍ୟ ଭକ୍ତି ମିଶି ରହିଥାଏ । ଅବଶ୍ୟ ଭକ୍ତିମାର୍ଗରେ ଯେତେ ପରିମାଣରେ ଭକ୍ତି ବିଦ୍ୟମାନ ଥାଏ ଏସବୁରେ ସେତେ ନ ଥାଏ; କିନ୍ତୁ ସାମାନ୍ୟ ଭକ୍ତି ନ ଥିଲେ ଜ୍ଞାନ ସାଧନା ପାଇଁ ଜ୍ଞାନୀର ଓ କର୍ମସାଧନା ପାଇଁ କର୍ମୀର ଆଗ୍ରହ ତଥା ଉତ୍ସାହ ଆସିବ ନାହିଁ ।

''ଭଗବାନଙ୍କୁ ପାଇବା ଲାଗି ଭକ୍ତି ଗୋଟିଏ ମାର୍ଗ ବୋଲି ତ ବୁଝିଲି । କିନ୍ତୁ ଜ୍ଞାନ ଆଉ କର୍ମର ମାର୍ଗ କ'ଣ ? ସେଥିରେ କ'ଣ କରିବାକୁ ହୁଏ ?'' ପଚାରିଲା ଅନୁରକ୍ତା ।

''ସବୁ ମାର୍ଗର ଲକ୍ଷ୍ୟ ହେଉଚି ଶେଷରେ ଭଗବାନଙ୍କୁ ଲାଭ କରିବା । ଶେଷରେ ସବୁ ମାର୍ଗରେ ପରିଣତି ସମାନ; କିନ୍ତୁ ଆରମ୍ଭରେ ଭିନ୍ନ । ପ୍ରତ୍ୟେକ ବ୍ୟକ୍ତି ତା'ର ନିଜର ପ୍ରକୃତି ଅନୁଯାୟୀ ସେ କେଉଁ ମାର୍ଗ ଅବଲମ୍ବନ କରିବ ତାହା ସେ ନିଜେ ସ୍ଥିର କରେ । ଜ୍ଞାନ ମାର୍ଗର ସାଧକ ପ୍ରଥମେ ବୁଦ୍ଧି, ବିଚାର, ବିବେକ ଦ୍ୱାରା ପରିଚାଳିତ ହୋଇ ଏ ଦୃଶ୍ୟମାନ ଜଗତକୁ ମିଥ୍ୟାମାୟା ବୋଲି ବିଚାର କରେ । ଏସବୁକୁ ପ୍ରକୃତି ବୋଲି କହି ନିଜକୁ ସେସବୁରୁ ଅଲଗା କରିଆଣେ । ଏସବୁର ପଶ୍ଚାତରେ ଅବସ୍ଥିତ ଶୁଦ୍ଧ ବ୍ରହ୍ମଙ୍କ ଉପରେ ଏକାଗ୍ର ହୁଏ । ଶେଷରେ ତାଙ୍କରି ସହ ଏକାତ୍ମ ହୋଇଥାଏ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଏ ଅନୁଭୂତି ଆଂଶିକ । କାରଣ ସାଧନାରେ ତାକୁ ଏତେ ସୀମିତ, ସଂକୀର୍ଣ୍ଣ, ସ୍ୱାର୍ଥପର ନ ହୋଇ ଆହୁରି ଉଦାର, ବ୍ୟାପକ, ନିଃସ୍ୱାର୍ଥପର ହେବାକୁ ହେବ । ଜଗତକୁ ମିଥ୍ୟାମାୟା ବିଚାର କରି ତାକୁ ତ୍ୟାଗପୂର୍ବକ ଭଗବାନଙ୍କୁ ତାଙ୍କ ଶୁଦ୍ଧ ସ୍ୱରୂପରେ ଉପଲବ୍ଧି କରିବା ପରେ ପୁଣି ତାକୁ ଜଗତର ସକଳ ବସ୍ତୁ, ସକଳ ଜୀବଙ୍କ ମଧ୍ୟରେ ସେଇ ଭଗବାନଙ୍କୁ ଆବିଷ୍କାର କରିବାକୁ ହେବ ।

ସେମାନଙ୍କୁ ଗ୍ରହଣ କରି ଦିବ୍ୟଚେତନାର ସଂସ୍ପର୍ଶ ଦ୍ୱାରା ସେମାନଙ୍କୁ ମଧ୍ୟ ସେମାନଙ୍କ ଦିବ୍ୟ ପରିଣତି ଦିଗରେ ନେଇ ଚାଲିବାକୁ ହେବ ।

''କର୍ମ ମାର୍ଗର ସାଧକ ନିଜର ସ୍ୱାର୍ଥ, ନିଜର ପରିବାର, ନିଜର ବ୍ୟକ୍ତିଗତ ଜାଗତିକ ଉଦ୍ଦେଶ୍ୟ ସାଧନର ଲକ୍ଷ୍ୟ ତ୍ୟାଗ କରି କେବଳ ଭଗବାନଙ୍କ ଲାଗି କର୍ମ କରେ । କର୍ମରେ କୌଣସି ଫଳ ଦାବି ନ କରି ସବୁଫଳ ସେଇ ଭଗବାନଙ୍କୁ ଅର୍ପଣ କରେ । ଜ୍ଞାନୀ ଭଳି ସେ ବି ମଧ୍ୟ ଜାଗତିକ କର୍ମସକଳରୁ ନିଜକୁ ଦୂରେଇ ନିଏ । ପ୍ରଥମେ ନିଜର ସଂକଳ୍ପ ଓ ଅହଂକାରର ପ୍ରେରଣା ବଳରେ ସେ କର୍ମ କରୁଥାଏ । କିନ୍ତୁ ଧୀରେ ଧୀରେ ସେସବୁକୁ ଭଗବାନଙ୍କ ନିକଟରେ ସମର୍ପଣ କରି ଭଗବାନଙ୍କ ସଂକଳ୍ପ ଓ ତାଙ୍କରି ପ୍ରେରଣା ଅନୁଯାୟୀ, ତାଙ୍କରି ଶକ୍ତି ଲାଭ କରି କର୍ମ କରେ । ଜ୍ଞାନୀ ଭଳି ତା'ର ବି ଲକ୍ଷ୍ୟ ଥାଏ ଏ ଦୃଶ୍ୟମାନ ଜଗତର ବନ୍ଧନରୁ ମୁକ୍ତ ହୋଇ ସେଇ ପରମ ଚେତନା ମଧ୍ୟରେ ଲୀନ ହେବାକୁ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଏଇଟାକୁ ବି ଏକତରଫା ବୋଲି ବିଚାର କରାଯାଏ । କର୍ମ ମାଧ୍ୟମରେ ଭଗବାନଙ୍କୁ ଉପଲବ୍ଧି କଲାପରେ କର୍ମଯୋଗୀକୁ ଜଗତର ସକଳ କର୍ମ, ସକଳ ଶକ୍ତି, ସକଳ ଘଟଣା ମଧ୍ୟରେ ସେଇ ଭଗବାନଙ୍କୁ ଆବିଷ୍କାର କରିବାକୁ ହେବ ଯାହାଫଳରେ ସକଳ କର୍ମ, ସକଳ ଶକ୍ତି, ସକଳ ଘଟଣା କୌଣସି ଅହଂକାରର ତୁଷ୍ଟି ନିମନ୍ତେ ଅହଂକାରର ପ୍ରେରଣାରେ ପରିଚାଳିତ ନ ହୋଇ ଭଗବାନଙ୍କ ପ୍ରେରଣାରେ ତାଙ୍କରି ଦିଗରେ ପରିଚାଳିତ ହେବ ଓ ସବୁକିଛି ଭଗବତ୍‌ମୟ ହୋଇଉଠିବ ।

''ବାସ୍ତବରେ ଶ୍ରୀଅରବିନ୍ଦଙ୍କ ଯୋଗରେ ଭକ୍ତି, କର୍ମ ଓ ଜ୍ଞାନର ପଥ ପୃଥକ୍ ପୃଥକ୍ ଭାବେ ଅବଲମ୍ବନ କରାଯାଏ ନାହିଁ । ଏଥିରେ ସବୁଗୁଡ଼ିକ ଭିତରେ ଏକ ସମନ୍ୱୟ ସ୍ଥାପିତ ହୋଇଥାଏ । ସାଧକ ତା'ର ମନ ଯିଏକି ଜ୍ଞାନ ମାର୍ଗର ସହାୟକ, ତା'ର ସଂକଳ୍ପ ଶକ୍ତି ଯିଏକି କର୍ମ ମାର୍ଗର ସହାୟକ ଓ ତା'ର ହୃଦୟର ଆବେଗ ଯିଏକି ଭକ୍ତି ମାର୍ଗର ସହାୟକ : ସବୁକୁ ଏକ ସଙ୍ଗରେ ଭଗବାନଙ୍କ ସେବାରେ ଲଗାଏ । କେବଳ ତା'ର ପ୍ରକୃତି ଅନୁଯାୟୀ କେଉଁ ଦିଗଟି ତା' ମଧ୍ୟରେ କମ୍ ଓ କେଉଁ ଦିଗଟି ଟିକିଏ ବେଶୀ ପରିଲକ୍ଷିତ

ହୋଇଥାଏ । ସେ ଯଦି ହୃଦୟ ପ୍ରଧାନ ବ୍ୟକ୍ତି ତା' ମଧ୍ୟରେ ଭକ୍ତିମାର୍ଗଟି, ସେ ଯଦି ସଂକଳ୍ପ ବା ପ୍ରାଣ ପ୍ରଧାନ ବ୍ୟକ୍ତି ତା' ମଧ୍ୟରେ କର୍ମ ମାର୍ଗଟି ଅଥବା ସିଏ ଯଦି ମନ ପ୍ରଧାନ ବ୍ୟକ୍ତି ତା' ମଧ୍ୟରେ ଜ୍ଞାନ ମାର୍ଗଟି ଟିକିଏ ବେଶୀ ପ୍ରକାଶ ପାଇଥାଏ ।

''କିନ୍ତୁ ସବୁର ମୂଳ ଭକ୍ତି । ଭକ୍ତି ବିନା ସବୁ ନୀରସ, ଶୁଷ୍କ ଖାଲି ବାହ୍ୟ ଆଚାରରେ ପରିଣତ ହେବ । ଭକ୍ତି ସାଧନାକୁ ଜୀବନ୍ତ, ପ୍ରାଣବନ୍ତ ତଥା ରସବନ୍ତ କରିଥାଏ । ଏଇ ଭକ୍ତି ମାନସିକ ହୋଇପାରେ, ପ୍ରାଣିକ ହୋଇପାରେ କିଂବା ଚୈତ୍ୟିକ ହୋଇପାରେ ।

''ଶୁଣିବୁ ଗୋଟିଏ କାହାଣୀ ? ଥରେ ଜଣେ ସନ୍ନ୍ୟାସୀଙ୍କର ତିନିଜଣ ଶିଷ୍ୟ ଥିଲେ । ସନ୍ନ୍ୟାସୀଙ୍କ ଆଶ୍ରମ ପାଖରେ ଗୋଟିଏ ରାଧାକୃଷ୍ଣଙ୍କର ମନ୍ଦିର ଥାଏ । ସନ୍ନ୍ୟାସୀ ତିନିଜଣଯାକ ଶିଷ୍ୟଙ୍କୁ ମନ୍ଦିରର ବିଭିନ୍ନ କାର୍ଯ୍ୟର ଭାର ଦେଇଥା'ନ୍ତି । ପ୍ରଥମ ଶିଷ୍ୟ ରାଧାକୃଷ୍ଣଙ୍କ ବିଗ୍ରହକୁ ପ୍ରତିଦିନ ଗାଧୋଇ ଦେବ, ପୋଷାକ ପରିଧାନ କରାଇବ, ତାଙ୍କ ନିକଟରେ ପୂଜା ଆଳତି କରିବ ଓ ଭୋଗ ଲଗାଇବ । ଦ୍ୱିତୀୟ ଶିଷ୍ୟ ବିଭିନ୍ନ ଆଡୁ ଫୁଲ ସଂଗ୍ରହ କରି ମାଳଗୁନ୍ଥି ରାଧାକୃଷ୍ଣଙ୍କ ବିଗ୍ରହରେ ଅର୍ପଣ କରିବ । ତୃତୀୟ ଶିଷ୍ୟ ପ୍ରତିଦିନ କିଛିଦୂରରେ-ଥିବା ନଈରୁ ପାଣି ଆଣି ମନ୍ଦିର ଭିତର, ମନ୍ଦିର ଅଗଣା ପରିଷ୍କାର କରିବ । ଠାକୁରଙ୍କ ସ୍ନାନ ଲାଗି ଅଲଗା ଭାବରେ ପାଣି ଆଣି ରଖିବ ।

''ସନ୍ନ୍ୟାସୀଙ୍କ ଆଦେଶ ଅନୁଯାୟୀ ତିନିଜଣଯାକ ନିଜ ନିଜ କାମ ଠିକ୍ ମୁତାବକ କରି ଚାଲିଥା'ନ୍ତି । କାରଣ ତାହାହିଁ ତାଙ୍କ ପାଇଁ ଭଗବାନଙ୍କୁ ପାଇବାର ସାଧନା । ଏମିତି ଏମିତି ଅନେକ ଦିନ ବିତିଗଲା । ଥରେ ସନ୍ନ୍ୟାସୀଙ୍କ ନିକଟରେ ତିନିଜଣଯାକ ଶିଷ୍ୟ ବସିଥା'ନ୍ତି । ଏତିକିବେଳେ ସନ୍ନ୍ୟାସୀ କ'ଣ ଭାବିଲେ କେଜାଣି କହିପକାଇଲେ, 'ତୁମମାନଙ୍କର ଏ ଜନ୍ମରେ ଭଗବତ୍ ଦର୍ଶନ କି ଭଗବତ୍ ଉପଲବ୍ଧି ହୋଇପାରିବ ନାହିଁ । ଏ ଜନ୍ମରେ ଖାଲି ସାଧନା କରିଚାଲ । ପରଜନ୍ମରେ ତା'ର ଫଳ ପାଇପାର ।' ଏହା କହି ସନ୍ନ୍ୟାସୀ ତାଙ୍କର ଅନ୍ୟ କାମରେ ଉଠି ଚାଲିଗଲେ ।

''ସନ୍ନ୍ୟାସୀଙ୍କ କଥା ଶୁଣି ପ୍ରଥମ ଶିଷ୍ୟଟିର ମନରେ କିଛି ଭାବାନ୍ତର

ହେଲା ନାଇଁ । ସିଏ ତ ତା'ର କର୍ତ୍ତବ୍ୟ କର୍ମ ହିସାବରେ ଠାକୁର ସେବା କରିଚାଲିଚି । ଦୁନିଆରେ ଯେକୌଣସି ଗୋଟିଏ କାମ କରିବାକୁ ପଡ଼ିବ । ଇଏ ସେମିତି ଗୋଟାଏ କାମ । ଆଉ ଠାକୁରଙ୍କ ସେବା, ବହୁତ ବଡ଼ କାମ ! ଯେମିତି ଚାଲିବ ସେମିତି ଚାଲିବ, ଯେପରି ମନ୍ଦିରରେ ସବୁ ପଣ୍ଡା ପୂଜାରୀ ନିୟମିତ ସେବାପୂଜା କରିଚାଲିଚନ୍ତି ।

''ଦ୍ୱିତୀୟ ଶିଷ୍ୟ ଜଣକ ସନ୍ନ୍ୟାସୀଙ୍କ କଥା ଶୁଣି ଏତେ ବିକ୍ଷୁବ୍ଧ ହୋଇ ପଡ଼ିଲା ଯେ ଆଉ ସେଦିନ ଫୁଲ ଆଣିବାକୁ ଗଲା ନାଇଁ । ଭାବିଲା, 'ଏ ଠାକୁରଙ୍କର ଏତେ ସେବା ପୂଜା କରି ଯଦି ଏ ଜନ୍ମରେ ଟିକିଏ ଦର୍ଶନ ନ ମିଳିଲା ତେବେ ଏସବୁ କରି ଲାଭ କ'ଣ ? ଏ ଠାକୁରଙ୍କର ତେବେ ଟିକିଏ ଦୟାମାୟା ନାଇଁ । ଖାଲି ସେବା ପାଇବେ, ଆଉ ସେବକ ଆଡ଼କୁ ଟିକିଏ ଚାହିଁବେ ନାଇଁ । କାହାର କ'ଣ ଦରକାର ସେକଥା ବୁଝିବେ ନାଇଁ । ଏପରି ନିଷ୍ଠୁର ପଥର ଠାକୁରଙ୍କୁ ପୂଜା କଲେ ଯାହା, ନ କଲେ ତାହା ।' ଏହା କହି ଚୁପ୍ ହୋଇ ମୁହଁ ମାଡ଼ି ଶୋଇଲା । ଉଠିଲା ନାଇଁକି କିଛି କାମ କଲା ନାଇଁ ।

''ତୃତୀୟ ଶିଷ୍ୟ ଜଣକ ସନ୍ନ୍ୟାସୀଙ୍କ କଥା ଶୁଣି ଆନନ୍ଦରେ ଅଧୀର ହୋଇ ପଡ଼ିଲା । ଭାବିଲା, 'ଯେତେବେଳେ ହଉପଛେ ଠାକୁର ତ ମିଳିବେ । ସିଏତ ଅଛନ୍ତି । ମୋର ଚିନ୍ତା କ'ଣ ? ତାଙ୍କର ଖାଲି ସେବା କରିବାରେ ଯେଉଁ ଆନନ୍ଦ ମିଳୁଚି ସେତିକି ତ କୁଆଡ଼େ କ'ଣ ! କୋଟି କୋଟି ବର୍ଷଯାଏ ସିଏ ଦେଖା ନ ଦେଲେ କ'ଣ ହେଇଯାଉଚି ? ତାଙ୍କର ଇଚ୍ଛା !' ଏହା କହି ନଈକୁ ଯାଇ ପାଣି କଳସୀ ମୁଣ୍ଡରେ ଥୋଇ ନାଚି ନାଚିକା ମନ୍ଦିରକୁ ଆସିଲା । ଆନନ୍ଦରେ ଏତେ ମସଗୁଲ ହେଇଯାଇଚି ଯେ ମୁଣ୍ଡରେ କିଛି ଗୋଟାଏ ବାନ୍ଧିବାକୁ ଭୁଲି ଯାଇଚି । ପିତ୍ତଳ କଳସୀଟା ଖାଲି ମୁଣ୍ଡରେ ରଗଡ଼ି ହେଇ ହେଇ ତାଳୁ ଫୁଲି ଗଲାଣି । ସେଥିପ୍ରତି ନିଘା ନାଇଁ । ମନ୍ଦିର ଭିତର ବାହାର ସବୁ ସଫା କରି ଦେଖିଲାବେଳକୁ ଫୁଲ ଆସି ନାଇଁ । କ'ଣ ହେଉଚି ବୁଝୁ ବୁଝୁ ଦେଖିଲା ବେଳକୁ ଫୁଲ ଆଣିବା ଶିଷ୍ୟ କ୍ରୋଧରେ ମୁହଁମାଡ଼ି ଅଭିମାନ କରି ଶୋଇଚି । ଯେତେ ଡାକିଲା ବୁଝାଇଲା ସେ ଶୁଣିଲା ନାଇଁ । ରାଗରେ ହାତ ଛିଞ୍ଚାଡ଼ି ଦେଲା ।

ତୃତୀୟ ଶିଷ୍ୟ ଜଣକ ତାକୁ ଆଉ ବାଧ ନ କରି କହିଲା, 'ଶୋଇଥା, ଯାହା ଲାଗି ଶୋଇଚୁ ସେଇ ତତେ ବୁଝାଇବ ଯେ ।' ଏହା କହି ସେ ନିଜେ ଫୁଲ ଆଣି ମାଳ ଗୁନ୍ଥି ଠାକୁରଙ୍କ ବିଗ୍ରହରେ ଦେଲା । ସେଦିନ ତା'ର କି ଖୁସି ! ଠାକୁର ଯେପରି ଏ ଅଧିକା କାମଟି ଦେଇ ତାକୁ ଅଧିକ ପାଖକୁ ଟାଣି ନେଇଚନ୍ତି । ତା' ଉପରେ ଅଧିକ ସ୍ନେହ ଢାଳି ଦେଇଚନ୍ତି । ଚାରି ପାଞ୍ଚ ଦିନ ପରେ ଦ୍ୱିତୀୟ ଶିଷ୍ୟର କ୍ରୋଧ ଓ ଅଭିମାନ ଭାଙ୍ଗିଲା । ସେ ଆସି ପୁଣି ତା' କାମରେ ଯୋଗଦେଲା ।

''ଏଇଠି ଆମେ ଦେଖିଲେ ତିନିଜଣ ଯାକ ସମସ୍ତେ ଠାକୁରଙ୍କ ଭକ୍ତ । କିନ୍ତୁ ସମସ୍ତଙ୍କ ଭକ୍ତି ସମାନ ନୁହେଁ । ପ୍ରଥମ ଶିଷ୍ୟର ଭକ୍ତି ଖାଲି ମନ ସ୍ତରରେ । ସେ ଜାଣେ ଠାକୁର ସର୍ବଶକ୍ତିମାନ୍ । ଠାକୁରଙ୍କ ସେବା ପୂଜା ଛଡ଼ା ବଡ଼ କାମ କିଛି ନାହିଁ । ତେଣୁ ସେ କରି ଚାଲିଚି । କିନ୍ତୁ ହୃଦୟରେ ସେଥିପ୍ରତି କୌଣସି ଆବେଗ ନାହିଁ । ଖାଲି ଯନ୍ତ୍ରପରି ଏକ ଅଭ୍ୟାସଗତ କାମ ଭାବରେ ଚାଲଚି ।

''ଦ୍ୱିତୀୟ ଶିଷ୍ୟ ଜଣକର ଭକ୍ତି କେବଳ ପ୍ରାଣ ସ୍ତରର । ସେ ଭଗବାନଙ୍କୁ ଭକ୍ତି କରେ, କିନ୍ତୁ ପ୍ରତିଦାନରେ କିଛି ଚାହେଁ । ତା'ର ଦାବି ତା'ର ଇଚ୍ଛା ପୂରଣ ନ ହେଲେ ସେ ବିକ୍ଷୁବ୍ଧ ହୋଇଉଠେ । କ୍ରୋଧ, ଅଶାନ୍ତି ଅନୁଭବ କରେ । ବେଳେବେଳେ ଏପରି ହୁଏ ସିଏ ଭଗବାନଙ୍କ ଲାଗି ସାଧନା ଛାଡ଼ି ଦେଇ ବି ପାରେ ।

''ତୃତୀୟ ଶିଷ୍ୟଜଣକର ଭକ୍ତି ଚୈତ୍ୟସ୍ତରର । ଯଥାର୍ଥ ଭକ୍ତିର ଉତ୍ସ ହେଉଚି ହୃଦୟସ୍ଥ ଚୈତ୍ୟକେନ୍ଦ୍ର । ସେଠୁ ଯେଉଁ ଭକ୍ତି ଆସେ ସେ କେବଳ ଭଗବାନଙ୍କୁ ଚାହେଁ; ତାଙ୍କୁ ଜୀବନ, ମନ, କର୍ମ ସବୁ ଅର୍ପଣ କରିଦେବାରେ ଆନନ୍ଦ ପାଏ । ତାଙ୍କଠାରୁ ପ୍ରତିଦାନରେ କିଛି ଦାବି କରେ ନାହିଁ କି ଆଶା କରେ ନାହିଁ ।  ଯଦି କେବେ କିଛି ପ୍ରାର୍ଥନା କରେ ତା' ପୂରଣ ନ ହେଲେ ବିକ୍ଷୁବ୍ଧ ହୁଏ ନାହିଁ । ଖାଲି ଭଗବାନ୍ ଅଛନ୍ତି, ସିଏ ତାଙ୍କ ସେବାରେ ନିଯୁକ୍ତ – ଏତିକି ତା' ପାଇଁ ଯଥେଷ୍ଟ । ନିଜ ବିଷୟରେ ତା'ର ଆଉ କିଛି ଚିନ୍ତା ନ ଥାଏ । ଏଇ ଭକ୍ତି ଭାବହିଁ ଅମୂଲ୍ୟ ଆଧାତ୍ମିକ ଅନୁଭୂତି ଲାଗି ଦ୍ୱାର ଖୋଲିଦିଏ ।

''ଏଠାରେ ତୃତୀୟ ଶିଷ୍ୟର ଭକ୍ତିହିଁ ଯଥାର୍ଥ ଭକ୍ତି । ସେଇଥିପାଇଁ ଶ୍ରୀଅରବିନ୍ଦ କହିଚନ୍ତି, 'Bhakti is not an experience, it is a state of the heart and soul. It is a state which comes when the psychic being is awake and prominent.'

'ଭକ୍ତି ଏକ ଅନୁଭୂତି ନୁହେଁ, ଏହା ହୃଦୟ ଓ ଆତ୍ମାର ଏକ ଅବସ୍ଥା । ଏହି ଅବସ୍ଥା ସେତିକିବେଳେ ଆସିଥାଏ ଯେତେବେଳେ ଚୈତ୍ୟପୁରୁଷ ଜାଗ୍ରତ୍ ଓ ପ୍ରଭାବଶାଳୀ ଥାଆନ୍ତି ।'

# ଯାହା ଧନ ତାଙ୍କୁ ଦିଆଗଲା

''ଆଚ୍ଛା ଚିନୁଭାଇ, ଆରଥରକ ତୁମେ ସେ ଯେଉଁ ଗୁରୁଙ୍କର ତିନିଜଣ ଶିଷ୍ୟଙ୍କ କଥା କହୁଥିଲ, ସେଥିରୁ ଦ୍ୱିତୀୟ ଶିଷ୍ୟ ଜଣକ ଯେମିତି ଗୁରୁଙ୍କଠାରୁ ଶୁଣିଲା ଯେ ସେମାନଙ୍କର ଏ ଜନ୍ମରେ ଭଗବାନଙ୍କର ଦର୍ଶନ ମିଳିବ ନାଇଁ, ସେମିତି ସେ ଏତେ ରାଗିଯାଇ ଠାକୁରଙ୍କୁ ଗାଳି ଦେଇ ତାଙ୍କ ଉପରେ ଅଭିମାନ କରି ଫୁଲ ନ ଆଣି କି ମାଳ ନ ଗୁନ୍ଥି ଚୁପ୍ ହୋଇ ଶୋଇଲା କାଇଁକି ? ଭକ୍ତ କ'ଣ କେବେ ଭଗବାନଙ୍କ ଉପରେ ରାଗିପାରେ ? ତାଙ୍କୁ ଗାଳି ଦେଇପାରେ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ହଁ, ଭକ୍ତି ଯଦି ଖାଲି ପ୍ରାଣ ସ୍ତରର ହୋଇଥାଏ, ସେଥିରେ କାମନା, ବାସନା, ଉଚ୍ଚାଭିଳାଷ ଆଦି ମିଶି ରହିଥାଏ ତେବେ ସେସବୁ ପୂରଣ ନ ହେଲେ ଭକ୍ତ ଭଗବାନଙ୍କ ଉପରେ ରାଗିଯାଏ, ତାଙ୍କୁ ଗାଳି ଦିଏ, ତାଙ୍କ ଉପରେ ଅଭିମାନ କରେ । ବେଳେବେଳେ ତାଙ୍କ ପୂଜା, ଆରାଧନା ବି ଛାଡ଼ିଦିଏ । ତେଣୁ ସେଇଥିପାଇଁ ମା' କହନ୍ତି ଭକ୍ତି ସ୍ଥାୟୀ ଓ ସୁଦୃଢ଼ ହେବାକୁ ହେଲେ ତା' ସହ ଆଉ ଗୋଟିଏ ଗୁଣ ଥିବା ଦରକାର । ଯେପରି ବିଶ୍ୱାସ ସ୍ଥାୟୀ ଓ ସୁଦୃଢ଼ ହେବାକୁ ହେଲେ ତା' ସହ ଆସ୍ଥା ଥିବା ଦରକାର, ସେହପରି ଭକ୍ତି ସହ କୃତଜ୍ଞତା ନ ଥିଲେ ଭକ୍ତି ଭାବର ଅହଂକାର ଯୋଗୁଁ ଦ୍ୱିତୀୟ ଶିଷ୍ୟର ଭକ୍ତି ଭଳି ତାହା ଅସମୟରେ ଭୁଶୁଡ଼ି ପଡ଼ିଥାଏ । ତୃତୀୟ ଶିଷ୍ୟର ଭକ୍ତି ସହ ଭଗବାନଙ୍କ ପ୍ରତି ଯେଉଁ କୃତଜ୍ଞତା ଭାବ ଥିଲା ତାହାହିଁ ତା'ର ଭକ୍ତିକୁ ସକଳ ପରିସ୍ଥିତିରେ ସଜୀବ, ସରସ କରି ରଖିଥିଲା । ଭଗବାନ୍ ଖାଲି ଅଛନ୍ତି, ଏତିକି ଚିନ୍ତାରେ ସେ ଆନନ୍ଦ ବିହ୍ୱଳ ହୋଇଉଠୁଥିଲା । ତାଙ୍କ ଦର୍ଶନ ପାଇଁ, ତାଙ୍କଠାରୁ କିଛି ଲାଭ କରିବା ପାଇଁ ତା' ପ୍ରାଣରେ କିଛି ଜିଦ୍ ନ ଥିଲା । ଯାହା ଥିଲା

ହୃଦୟର ଗଭୀରରେ ଖାଲି ତାଙ୍କରି ପ୍ରତି ଏକ ସ୍ଥିର, ପ୍ରଶାନ୍ତ, ଅପ୍ରତିହତ ଆସ୍ପୃହା । ମା' କହନ୍ତି 'So the devotion must be accompanied by another movement, that is gratitude. This feeling of gratitude that Divine exists, this gratefulness, full of wonder, that truly fills your heart with a sublime delight, because the Divine exists, because there is something in the universe that is the Divine and there is not merely the monstrosity that we see – because there is the Divine, because the Divine is there. And each time any least thing puts you in contact with this sublime reality of the Divine existence, your heart is filled with so intense and wonderful a delight, such gratefulness as is of all things the most delectable in taste. Nothing can give you a delight equal to that of gratitude.' 'ତେଣୁ ଭକ୍ତି ସହ ରହିବା ଆବଶ୍ୟକ ଆଉ ଏକ ଭାବ – ସେଇଟି ହଉଚି କୃତଜ୍ଞତା । କୃତଜ୍ଞତାର ଏଇ ଅନୁଭୂତି ଯେ ଭଗବାନ୍ ଅଛନ୍ତି, ବିସ୍ମୟଭରା ଏଇ କୃତଜ୍ଞତା ତୁମ ହୃଦୟକୁ ଯଥାର୍ଥରେ ସ୍ୱର୍ଗୀୟ ଆନନ୍ଦରେ ଭରିଦିଏ, ଖାଲି ଏଇଥିଯୋଗୁଁ ଯେ ଭଗବାନ୍ ଅଛନ୍ତି, ବିଶ୍ୱରେ ଭଗବାନ୍ ବୋଲି କିଛି ବସ୍ତୁ ରହିଛି, ତାହା (ବିଶ୍ୱ) ଖାଲି ଆମେ ଦେଖୁଥିବା ବିଭୀଷିକାରେ ପୂର୍ଣ୍ଣ ନୁହେଁ – କାରଣ ଭଗବାନ୍ ଅଛନ୍ତି, ସେଠାରେ ସେହିଁ ବିଦ୍ୟମାନ । ପ୍ରତ୍ୟେକ ଥର ଯେତେବେଳେ ସାମାନ୍ୟ କିଛି କଥା ତୁମକୁ ଏହି ଦିବ୍ୟ ଉପସ୍ଥିତିର ସ୍ୱର୍ଗୀୟ ବାସ୍ତବତା ସହ ଟିକିଏ ଯୁକ୍ତ କରିଦିଏ, ତୁମ ହୃଦୟ ଏପରି ବିସ୍ମୟଭରା ଗଭୀର ଆନନ୍ଦରେ, ଏପରି ଏକ କୃତଜ୍ଞତାରେ ଭରିଯାଏ, ଯାହାର ଅନୁଭୂତି ସକଳ ବସ୍ତୁ ମଧ୍ୟରେ ସବୁଠାରୁ ଅନୁପମ । କୃତଜ୍ଞତାରୁ ଯେଉଁ ଆନନ୍ଦ ମିଳେ ସେପରି ଆନନ୍ଦ ଆଉ କିଛି ତୁମକୁ ଦେଇ ନ ପାରେ ।'

ଭକ୍ତ ହୃଦୟର ଏହି କୃତଜ୍ଞତା ତା' ଜୀବନର ସକଳ ଦୁଃଖ କଷ୍ଟକୁ ବି ତା' ଲାଗି ଅମୃତ ତୁଲ୍ୟ କରିଦିଏ । ଶୁଣିବୁ ଏହିପରି ଜଣେ ଭକ୍ତଙ୍କ କଥା, ଯିଏ ଭଗବାନଙ୍କ ଲାଗି ଜେଲ୍ ଭୋଗି ଦଣ୍ଡ ପାଇଲେ ବି ତାଙ୍କ ଉପରେ ଅଭିମାନ କରି ନାହାନ୍ତି, ରାଗି ନାହାନ୍ତି କି ତାଙ୍କୁ ଗାଳି ଦେଇ ନାହାନ୍ତି । ନିଜର ଦଣ୍ଡ, ନିଜର କଷ୍ଟ ଲାଗି ସେ ଚିନ୍ତିତ ହୋଇ ନାହାନ୍ତି । ଚିନ୍ତିତ ହୋଇଚନ୍ତି; ତାଙ୍କର ଦଣ୍ଡ, ତାଙ୍କର ଅପମାନ କାଳେ ତାଙ୍କର ପରମ ପ୍ରିୟ ଠାକୁରଙ୍କ ମହିମାରେ ଆଞ୍ଚ ଆଣିବ ନାଇଁ ତ ? ଏଇଥିଲାଗି ।''

''ସେଇ ଭକ୍ତଙ୍କ କଥା ଆଜି କୁହ ।'' ଖୁସି ହୋଇ କହିଲା ଅନୁରକ୍ତା ।

''ସେ ଭକ୍ତ ରହୁଥିଲେ ଇତିହାସ ପ୍ରସିଦ୍ଧ ଦିଲ୍ଲୀ ନଗରୀର ଏକ କ୍ଷୁଦ୍ର ପଲ୍ଲୀ ଅଞ୍ଚଳରେ । ପଲ୍ଲୀଟିର ନାମ ଜମ୍ବୁଦୀପ ଓ ତାଙ୍କ ନାମ ପରମେଷ୍ଠି । ପରମେଷ୍ଠି ଦରଜି କାମ କରି ତାଙ୍କ ପରିବାରଟିକୁ ସୁଖେ ଦୁଃଖେ ଚଳାଇ ନିଅନ୍ତି । ଘରେ ସେ ସ୍ୱାମୀ ସ୍ତ୍ରୀଙ୍କ ଛଡ଼ା ଦୁଇଝିଅ ଓ ତିନିପୁଅ । ସ୍ତ୍ରୀ ବିମଳା ରୂପ ଗୁଣସଂପନ୍ନା ଓ ସ୍ୱାମୀଙ୍କ ପ୍ରତି ସବୁବେଳେ ଅନୁରକ୍ତା । କିନ୍ତୁ ପରମେଷ୍ଠିଙ୍କ ଚେହେରା ଅତି କୁତ୍ସିତ । ସେଥିରେ ପୁଣି ପିଠିରେ ଗୋଟାଏ ବିରାଟ କୁଜ । ଚାଲିଲାବେଳକୁ ବିଚିତ୍ର ଭଙ୍ଗୀ କରି ଚାଲୁଥିବେ, ଯିଏ ଦେଖିବ ସିଏ ଭାବିବ ଗଡ଼ି ଗଡ଼ି ଆସୁଚନ୍ତି କି ସାଧନ ଭାଙ୍ଗି ଆସୁଚନ୍ତି ।

ଶରୀରଟି ଅସୁନ୍ଦର ହେଲେ କ'ଣ ହେଲା ହୃଦୟଟି ଭଗବାନଙ୍କ ଭକ୍ତିରେ ସବୁବେଳେ ସରସ ସୁନ୍ଦର । ସେ ଜଗନ୍ନାଥଙ୍କୁ ଭଲ ପାଆନ୍ତି । ସବୁବେଳେ ତାଙ୍କ ଚିନ୍ତା, ତାଙ୍କରି ନାମଜପ । କିନ୍ତୁ କେବେ ପୁରୀ ଆସି ନାହାନ୍ତି କି ନୀଳାଚଳ ବିହାରୀଙ୍କୁ ଦର୍ଶନ କରି ନାହାନ୍ତି । କାଇଁ ଦିଲ୍ଲୀ ଆଉ କାଇଁ ଶ୍ରୀ ଜଗନ୍ନାଥ ଧାମ ! ସେ ସମୟରେ ଏତେ ଯାନବାହନର ବ୍ୟବସ୍ଥା ନ ଥିଲା । କାମଦାମ ବନ୍ଦ କରି ଚାଲି ଚାଲି ଏତେ ବାଟ ଆସିଲେ ଘରେ ପରିବାର ଅପୋଷା ରହିବେ । ସେଇଠି ନିଜ କୁଡ଼ିଆରେ ଜଗନ୍ନାଥଙ୍କୁ ମୁଣ୍ଡିଆଟିଏ ମାରନ୍ତି । ମନ କଥା ଜଣାନ୍ତି । ସେ ଜାଣନ୍ତି ପ୍ରଭୁ ଭାବଗ୍ରାହୀ । ଯେତେଦୂରରେ ଥିଲେ ବି ତାଙ୍କ ଭାବକୁ ଗ୍ରହଣ କରିବେ । ଦିନେ ନା ଦିନେ ତାଙ୍କୁ ଦର୍ଶନ ଦେବେ ।

ଜଗନ୍ନାଥଙ୍କ ଚିନ୍ତା ଓ ତାଙ୍କରି ନାମ ଜପରେ ଶରୀରରେ ତାଙ୍କର ପୁଲକ ସୃଷ୍ଟି ହୁଏ, ଲୋମ ଟାଙ୍କୁରି ଉଠେ । ସେ ଅନୁଭବ କରନ୍ତି ପ୍ରଭୁ ଯେପରି ତାଙ୍କ ପାଖେ ପାଖେ ଅଛନ୍ତି ।

''ମନରେ ଗର୍ବ, ଦମ୍ଭ, ଅହଂକାର ନ ଥାଏ । କାହାକୁ ଠକି ପଇସାଟିଏ ରୋଜଗାର କରିବାର ଲୋଭ ନ ଥାଏ । ସକଳ ଜୀବ ମଧ୍ୟରେ ସେ ଭଗବାନଙ୍କୁ ଦେଖନ୍ତି । ତାଙ୍କ କର୍ମ, ତାଙ୍କ ପରିବାରର ମାଲିକ ରୂପେ ସେ ଭଗବାନଙ୍କୁ ବିବେଚନା କରନ୍ତି । ସଂସାରକୁ ସେ ଭାବନ୍ତି ମିଥ୍ୟାମାୟା । କିନ୍ତୁ ସଂସାର ଏପରି ଯେ ସଂସାରକୁ ଆସିଲେ ବ୍ୟକ୍ତିକୁ ସଂସାର ବନ୍ଧନରେ ବାନ୍ଧି ହେବାକୁ ପଡ଼ିବ, କର୍ମର ଦଉଡ଼ିରେ ଆବଦ୍ଧ ହେବାକୁ ହେବ । କିନ୍ତୁ ପରମେଷ୍ଟି ଭାବନ୍ତି ତାଙ୍କ ଜୀବନ ରଥର ସାରଥି ହେଉଚନ୍ତି ଭଗବାନ୍ । କର୍ମ ରୂପକ ଦଉଡ଼ିକୁ ଲଗାମ ରୂପେ ବ୍ୟବହାର କରି ତାଙ୍କ ଜୀବନକୁ ସେ ପରିଚାଳିତ କରନ୍ତି । କର୍ମ ତାଙ୍କର ନିଜର ନୁହେଁ କି କର୍ମଫଳ ବି ତାଙ୍କର ନିଜର ନୁହେଁ । ସବୁ ଭଗବାନଙ୍କର । ଏ ସଂସାରର ମାୟା ଓ କର୍ମର ବନ୍ଧନକୁ କେବଳ ସେଇହିଁ କାଟି ଦେଇପାରନ୍ତି । ମଣିଷର ସାଧ୍ୟ ନାହିଁ ଯା'କୁ କାଟିବା ଲାଗି । ଶେଷରେ ସବୁ ପାଶ, ସବୁ ବଂଧନରୁ ମୁକ୍ତ କରି ସେ ମଣିଷକୁ ତାଙ୍କ ଆନନ୍ଦମୟ କୋଳକୁ ନେଇ ଯାଆନ୍ତି ।

''ତାଙ୍କର କର୍ମକୁ ଭଗବାନଙ୍କର ଭାବି କରୁଥିବାରୁ ଅତି ଯତ୍ନର ସହ କରିଥା'ନ୍ତି । ସମସ୍ତେ ତାଙ୍କ କାମରେ ମୁଗ୍ଧ । ଏପରିକି ଦିଲ୍ଲୀର ବାଦଶାହା ମଧ୍ୟ ତାଙ୍କ ନିଜର ମାଣ୍ଡି, ମୁଚୁଳା, ଟୋପି, ତକିଆ, ଶୀତ-ପୋଷାକ ଆଦି ତାଙ୍କରି ପାଖରେ ତିଆରି କରାନ୍ତି ।

''ଦିନକର କଥା । ପରମେଷ୍ଟିଙ୍କ କୁଡ଼ିଆରେ ବାଦଶାହଙ୍କ ଲୋକ ଆସି ପହଞ୍ଚିଲେ । ହାତରେ ବହୁବିଧ ରତ୍ନ ଖଚିତ ବହୁ ମୂଲ୍ୟ ବସ୍ତ୍ର । ସେଇଟି ପରମେଷ୍ଟିଙ୍କୁ ଦେଇ କହିଲେ, 'ବାଦଶାହ କହିଚନ୍ତି ଶୀଘ୍ର ଏହି ବସ୍ତ୍ରରେ ତାଙ୍କ ଲାଗି ଦୁଇଟି ସୁନ୍ଦର ମୁଚୁଳି ତିଆରି କରିଦିଅ । ସେଥିରେ ସୁନ୍ଦର ସୁନ୍ଦର ଫୁଲ ପଡ଼ିବ, କିନ୍ତୁ ସିଲାଇ ଦାଗ ବାହାରକୁ ଯେପରି ଜଣା ପଡ଼ିବ ନାହିଁ ।''

''ମୁଚୁଳି କ'ଣ ?'' ପଚାରିଲା ଅନୁରକ୍ତା ।

''ମୁଚୁଳି ହଉଚି ଛୋଟ ଛୋଟ ତକିଆ । ତା'ଉପରେ ଭରା ଦେଇ ବସନ୍ତି । ଫଳରେ ଆରାମ ଲାଗେ । ପରମେଷ୍ଟି ଅର୍ଡ଼ର ପାଇବା ମାତ୍ରେ ସଙ୍ଗେ ସଙ୍ଗେ କାମରେ ଲାଗିଗଲେ । କିନ୍ତୁ ସେ ଅପୂର୍ବ ବସ୍ତ୍ରକୁ ଦେଖି ତାଙ୍କର ଖାଲି ମନେ ହେଉଥାଏ ଏପରି ବସ୍ତ୍ର କେବଳ ଶ୍ରୀଜଗନ୍ନାଥଙ୍କ ଯୋଗ୍ୟ । ମୁଚୁଳି ଦୁଇଟି ତିଆରି ସରିଲା । ତା'ର ସୌନ୍ଦର୍ଯ୍ୟରେ ସେ ନିଜେ ମୁଗ୍ଧ ହୋଇଗଲେ । ସେ ମୁଚୁଳି ବାଦଶାହଙ୍କୁ ଦେବା ଲାଗି ତାଙ୍କର ଜମା ମନ ବଳିଲା ନାହିଁ । କିପରି ସେ ମୁଚୁଳି ଦୁଇଟି ତାଙ୍କ ପ୍ରଭୁ ଜଗନ୍ନାଥ ପାଇପାରନ୍ତେ କି ! ତା'ହେଲେ ତାଙ୍କ ଜୀବନ ସାର୍ଥକ ହୁଅନ୍ତା । ଜୀବନରେ ହୃଦୟର ଭକ୍ତି ଛଡ଼ା ପ୍ରଭୁଙ୍କୁ କିଛି ଦେଇପାରି ନାହାନ୍ତି, କି ଦେଇପାରିବାର ସାମର୍ଥ୍ୟ ନାହିଁ । ଏମିତି ଜଗନ୍ନାଥଙ୍କ କଥା ଭାବୁଭାବୁ ପରମେଷ୍ଟି ଭାବ ବିହ୍ୱଳ ହେଇ ପଡ଼ିଲେ । ତାଙ୍କର ବାହ୍ୟଜ୍ଞାନ ଲୋପ ପାଇଲା । ତାଙ୍କ ଭିତରେ ଆଉ ଗୋଟିଏ ଆଖି ଯେପରି ଖୋଲିଗଲା । ଯୋଗକୁ ସେଦିନ ଶ୍ରୀଗୁଣ୍ଡିଚା ରଥଯାତ୍ରା । ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ତିନି ଠାକୁରଙ୍କର ତିନି ରଥ ସଜା ହେଇ ଥୁଆ ହେଇଥାଏ । ପରମେଷ୍ଟି ଏସବୁ ଦେଖିପାରୁଥା'ନ୍ତି । ସେ ଯେପରି ବର୍ତ୍ତମାନ ଦିଲ୍ଲୀରେ ନାହାନ୍ତି । ସେ ବର୍ତ୍ତମାନ ଶ୍ରୀମନ୍ଦିର ସାମନାରେ ବଡ଼ଠାକୁର ଶ୍ରୀଜଗନ୍ନାଥଙ୍କ ରଥ ପାଖରେ । ହାତରେ ତାଙ୍କର ମୁଚୁଳି ଦୁଇଟି ଧରିଥା'ନ୍ତି । ତିନି ଠାକୁରଙ୍କୁ ଆଣି ଯେଝା ରଥରେ ବସାଇ ଦିଆଗଲା । ରଥ ବଡ଼ ଦାଣ୍ଡରେ ଚାଲିଲା । ଲକ୍ଷ ଲକ୍ଷ ଲୋକ ରୁଣ୍ଡ ହୋଇ ରଥଯାତ୍ରା ଦେଖୁଥା'ନ୍ତି । କାହାରି ଭିତରେ ଉଚ୍ଚ ନୀଚ ଭେଦଭାବ ନାହିଁ । ମହାଚେତନାର ମହାସମୁଦ୍ର ଭିତରେ ସମସ୍ତେ ଯେପରି ଏକାକାର । ସମସ୍ତଙ୍କ ଦୃଷ୍ଟି ବଡ଼ ଠାକୁର କାଳିଆଙ୍କ ଉପରେ । ମତ୍ତହସ୍ତୀ ଭଳି ଢଳି ଢଳି ସେ ଆରାମରେ ଚାଲିଥାଆନ୍ତି । ଶ୍ରୀଅଙ୍ଗକୁ କାଳେ କଷ୍ଟ ହେବ ସେଇଥିପାଇଁ ସେ ବସିଥିବା ପାଟମୁଚୁଳି ବେଳକୁ ବେଳ ବଦଳା ହେଉଥାଏ । ପଥଶ୍ରମରେ କାଳେ ଝାଳ ବୋହିବ ସେଥିଲାଗି ସବୁବେଳେ ଆଲଟ ଚାମର ପଡୁଥାଏ । ପରମେଷ୍ଟି ଥାଆନ୍ତି ପ୍ରଭୁଙ୍କ ପାଖେ ପାଖେ । ଏତିକିବେଳେ ଭକ୍ତବତ୍ସଳ ଭଗବାନ୍

ଭକ୍ତ ପାଇଁ ଗୋଟିଏ ଅଦ୍ଭୁତ କାଣ୍ଡ ସୃଷ୍ଟି କଲେ । ପାଟ ମୁଚୁଳି ବଦଳାଇ ଆଉ ଗୋଟିଏ ପାଟ ମୁଚୁଳି ଦେବା ସମୟରେ ପ୍ରଭୁଙ୍କ ଓଜନ ସହି ନ ପାରି ସେଇଟି ଫାଟିଗଲା । ଏ ଘଟଣାରେ ସମସ୍ତେ ବ୍ୟସ୍ତ ହେଇପଡ଼ିଲେ । କରିବେ କ'ଣ ? ପରମେଷ୍ଠି ଏବେ ସୁଯୋଗ ପାଇଲେ । ଅନୁଭବ କଲେ ପ୍ରଭୁ ଯେପରି ସେ ତିଆରି କରିଥିବା ମୁଚୁଳି ଚାହୁଁଚନ୍ତି । ସଙ୍ଗେ ସଙ୍ଗେ ସେ ତିଆରି କରିଥିବା ଅପୂର୍ବ ମୁଚୁଳି ଦୁଇଟିରୁ ଗୋଟିଏ ବଢ଼ାଇ ଦେଲେ । ସେବକମାନେ ଖୁସିରେ ନେଇ ପ୍ରଭୁଙ୍କୁ ତା'ଉପରେ ବସାଇଲେ । ପରମେଷ୍ଠିଙ୍କ ଆନନ୍ଦ କହିଲେ ନସରେ । ତାଙ୍କର ମନସ୍କାମନା ପୂର୍ଣ୍ଣ ହେଇଚି । ପ୍ରଭୁଙ୍କ ଲାଗି ସଯତ୍ନେ ତିଆରି କରିଥିବା ମହାମୂଲ୍ୟ ମୁଚୁଳି ତାଙ୍କରି ସେବାରେ ଲାଗିଚି । ତାଙ୍କ ଜୀବନ ସାର୍ଥକ ହେଇଚି । ତାଙ୍କ ଭଳି ହୀନ ଅକିଞ୍ଚନର ଉପହାର ପ୍ରଭୁ ଗ୍ରହଣ କରିଥିବାରୁ ଆନନ୍ଦ ଆଉ କୃତଜ୍ଞତାରେ ଆଖିରୁ ତାଙ୍କର ଝର ଝର ଲୁହ ଝରି ଯାଉଚି । ସେ ପ୍ରଭୁଙ୍କର ପାଦରେ ସାଷ୍ଟାଙ୍ଗ ପ୍ରଣିପାତ କରି ପଡ଼ିଯାଇଚନ୍ତି । ଏତିକିବେଳେ ତାଙ୍କ ଦ୍ୱାରରେ କାହାର ଆଘାତ ଶୁଭିଲା । ସେ ହଠାତ୍ ଭାବରାଜ୍ୟରୁ ଫେରିଆସିଲେ । ସ୍ୱପ୍ନରୁ ଉଠିଲା ପରି ତାଙ୍କୁ ଲାଗିଲା । ଦେଖିଲେ ବାଦଶାହଙ୍କ ଲୋକମାନେ ଠିଆ ହୋଇଚନ୍ତି । ବୁଝିପାରିଲେ ସେମାନେ କାଇଁକି ଆସିଚନ୍ତି । କହିଲେ, 'ମୁଁ ମୁଚୁଳି ନେଇଯାଉଚି । କିନ୍ତୁ ଏ କ'ଣ ଗୋଟିଏ ମାତ୍ର ମୁଚୁଳି ଅଛି ! ଆଉ ଗୋଟିଏ ଗଲା କୁଆଡ଼େ ? ତେବେ ସତରେ କ'ଣ ନୀଳାଦ୍ରିବିହାରୀ, ତାଙ୍କର ପ୍ରାଣର ପ୍ରଭୁ ଜଗନ୍ନାଥ ତାଙ୍କ ତିଆରି ଏଇ ସାମାନ୍ୟ ମୁଚୁଳି ଗ୍ରହଣ କରିଚନ୍ତି ? ସିଏ ତେବେ ସ୍ୱପ୍ନ ଦେଖୁ ନ ଥିଲେ ? ସତରେ ଶ୍ରୀମନ୍ଦିରରେ ଶ୍ରୀଗୁଣ୍ଡିଚା ଯାତ୍ରା ଦେଖି ଆସିଲେ ?' ଗୋଟିଏ ଦିଗରେ ମନରେ ଆନନ୍ଦ ଥଳ କୂଳ ମାନୁ ନାଇଁ, ଅନ୍ୟ ଦିଗରେ ଚିନ୍ତା ଯେ ବାଦଶାହଙ୍କୁ ବର୍ତ୍ତମାନ କ'ଣ କହିବେ ।

''ତେବେ ଯାହାହେଉ ପରିଣାମକୁ କିଛି ଖାତିର ନ କରି ସେ ଗୋଟିଏ ମୁଚୁଳି ଧରି ବାଦଶାହଙ୍କ ପାଖରେ ହାଜର ହେଲେ । ମୁଚୁଳିଟି ତାଙ୍କୁ ଦେଇ ଅନ୍ୟଟି ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ଦେଇଥିବା କଥା ମାନିଲେ । ପ୍ରଭୁଙ୍କ ଲାଗି ଦଣ୍ଡ ପାଇଁ ତାଙ୍କର ଭୟ ନ ଥାଏ । ସେଥିଲାଗି ସେ ପ୍ରସ୍ତୁତ ହେଇ

ଆସିଥାଆନ୍ତି । ଏଭଳି କଥା ତ ସାଧାରଣ ଭକ୍ତ ବିଶ୍ୱାସ କରିବା କଠିନ ଆଉ ଭୋଗବିଳାସ ମତ୍ତ ବାଦଶାହ ବା କିପରି ବିଶ୍ୱାସ କରିବେ । ପରମେଷ୍ଟି ମିଛ କହୁଚନ୍ତି ବୋଲି ତାଙ୍କ ଉପରେ ରାଗି କୋପାନଳ ହୋଇଗଲେ । ତାଚ୍ଛଲ୍ୟ କରି କହିଲେ, 'କାହିଁ କେତେଦୂର ନୀଳାଚଳ ! କହିଲା କ'ଣ ନା ଠାକୁର ଆସି ତା'ଠାରୁ ମୁଚୁଳିଟିଏ ନେଇଗଲେ ! ତୁଛା ମିଛ । କୋଉଠି ବିକ୍ରି କରି କି ଲୁଚାଇ ରଖି ଫିସାଦ ବାହାର କରୁଚି ।' କ୍ରୋଧରେ ଅନ୍ଧ ହୋଇ ବାଦଶାହ ତାଙ୍କର ହାତ ପାଦ ବାନ୍ଧି ବନ୍ଦିଗୃହରେ ନେଇ ପକାଇ ଦେବାକୁ ଆଦେଶ ଦେଲେ । କୌଣସି ଖାଦ୍ୟପଦାର୍ଥ ଦେବାକୁ ମଧ ମନା କରିଦେଲେ । ତାଙ୍କର ଇଚ୍ଛା ଯେ ଚୋର ପାଜିଟା ନ ଖାଇ ନ ପିଇ ନିଜ କର୍ମଫଳ ଭୋଗ କରି ବନ୍ଦିଗୃହରେ ମରୁ । ଦୂତମାନେ ସଙ୍ଗେ ସଙ୍ଗେ ପରମେଷ୍ଟିଙ୍କ ହାତକୁ ପଛଆଡୁ ବାନ୍ଧି ଓ ଦୁଇ ଗୋଡ଼କୁ ବାନ୍ଧି ନେଇ ବନ୍ଦିଗୃହରେ ପକାଇ ଦେଇ ଆସିଲେ ।

''ବିଚରା ନିର୍ଦୋଷ ପରମେଷ୍ଟି ଉପବାସରେ ସେଇ ଅନ୍ଧକାର କାରାଗୃହରେ ଗୋଡ଼ ହାତ ବନ୍ଧା ହୋଇଥିବା ଅବସ୍ଥାରେ ପଡ଼ିରହିଲେ । ନିଜେ ଭୁଲ୍ କରିଚନ୍ତି ବୋଲି ଟିକିଏ ବି ତାଙ୍କର ଅନୁଶୋଚନା ଆସିଲା ନାଇଁ । ଭାବିଲେ, 'ଯାହାଙ୍କ ପାଇଁ ଏତେ ଯତନରେ ମୁଚୁଳି ତିଆରି କରିଥିଲି ତାଙ୍କୁ ଦେଲି । ତାଙ୍କ ଧନ ସିଏ ନେଲେ, ଏଥିରେ ବାଦଶାହଙ୍କର ରାଗିବାର କ'ଣ ଅଛି ?' ତାଙ୍କ ମନରେ ଟିକିଏ ଦୁଃଖ ଆସିଲା ନାଇଁ । ବରଂ ସେ ଖୁସି ହେଲେ ଯେ ପ୍ରଭୁ ତାଙ୍କର ହୀନ ଅକିଞ୍ଚନ ଉପହାର ଗ୍ରହଣ କରିଚନ୍ତି । ପ୍ରଭୁଙ୍କ ପାଇଁ ତାଙ୍କ ଜୀବନ ଯିବାରେ କିଛି ଦୁଃଖ ନାଇଁ । ପ୍ରଭୁଙ୍କ ପ୍ରତି କୃତଜ୍ଞତାର ଆନନ୍ଦରେ ଶରୀର ତାଙ୍କର ପୁଲକି ଉଠିଲା । କିନ୍ତୁ ତା' ସହ ପ୍ରଭୁଙ୍କ ଲାଗି ଦୁଃଖ ବି ଆସିଲା । ଭାବିଲେ, ସେ ଯଦି ମରିଯାଆନ୍ତି ତାଙ୍କର ଦୁଃଖ ନାଇଁ କିନ୍ତୁ ଲୋକେ ପ୍ରଭୁଙ୍କୁ ଦୋଷ ଦେବେ । କହିବେ ପ୍ରଭୁଙ୍କୁ ମୁଚୁଳି ଦେଇ ତା' ପ୍ରାଣ ଗଲା । ଭକ୍ତବତ୍ସଳ ପ୍ରଭୁଙ୍କ ନିନ୍ଦା ସହିବାକୁ ସେ ପ୍ରସ୍ତୁତ ହେଲେ ନାଇଁ । ପ୍ରଭୁଙ୍କ ଲାଗି ଗଭୀର ଦୁଃଖରେ ପ୍ରଭୁଙ୍କୁ ଅନ୍ତରରେ ପ୍ରାର୍ଥନା କରୁ କରୁ ତାଙ୍କୁ ଗଭୀର ନିଦ ଘୋଟିଗଲା । ଭକ୍ତବାଞ୍ଛା କଳ୍ପତରୁ ପ୍ରଭୁ ଭକ୍ତ ହୃଦୟର ଦୁଃଖ ବୁଝି ପାରିଲେ ।

ସହସା ବନ୍ଦିଶାଳାର ନୀରନ୍ଧ୍ର ଅନ୍ଧକାର ଦିବ୍ୟ ଆଲୋକରେ ଆଲୋକିତ ହୋଇଉଠିଲା । କାହାର ଏକ ଅପୂର୍ବ ପ୍ରେମପୂର୍ଣ୍ଣ କୋମଳ ସ୍ପର୍ଶରେ ପରମେଷ୍ଠିଙ୍କ ନିଦ ଭାଙ୍ଗିଗଲା । ଆଖିମେଲି ଦେଖିଲେ ତାଙ୍କ ହୃଦୟ ନିଧି, ତାଙ୍କ ଧ୍ୟାନ ଜପର ଠାକୁର ପ୍ରଭୁ ଜଗନ୍ନାଥ ଦିବ୍ୟ ଶରୀରରେ ତାଙ୍କ ଆଗରେ ଉଭା ହୋଇଚନ୍ତି । ସତେ ତେବେ ପ୍ରଭୁ ଏଇ ହୀନ ଅକିଞ୍ଚନଟା ଲାଗି ଶ୍ରୀକ୍ଷେତ୍ର ଛାଡ଼ି ଏତେବାଟ ଧାଇଁ ଆସିଚନ୍ତି । ଆପେ ଆପେ ତାଙ୍କ ହାତ ପାଦର ବନ୍ଧନ ଖୋଲିଗଲା । କୃତଜ୍ଞତାଭରା ଆନନ୍ଦରେ ହୃଦୟ ତାଙ୍କର ଫାଟିପଡ଼ିଲା । ପାଟିରୁ କିଛି କଥା ବାହାରିଲା ନାଇଁ । ଛଳ ଛଳ ଆଖିରେ ପ୍ରଭୁଙ୍କ ପାଦତଳେ ସେ ଲୋଟି ପଡ଼ିଲେ । ଖାଲି ପ୍ରଭୁଙ୍କ ଆଶ୍ୱାସନା ବାଣୀ ଶୁଭୁଥାଏ, 'ମୁଁ ଥିବାଯାଏ ତୋ'ର ଭୟ କ'ଣ ?' ଏଇ ଆଶ୍ୱାସନା ସହ ତାଙ୍କ ମସ୍ତକ ଉପରେ ସେ ଅନୁଭବ କଲେ ପ୍ରଭୁଙ୍କ ଶ୍ରୀପାଦର ସ୍ପର୍ଶ । ପୁଣି ତାଙ୍କୁ ଗଭୀର ନିଦ ଘୋଟିଗଲା । ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ ।

''ତେଣେ ବାଦଶାହ ତାଙ୍କ ଶୟନ କକ୍ଷରେ ଶୋଇଥାଆନ୍ତି । ହଠାତ୍ କାହାର ପାଦ ଶବ୍ଦରେ ତାଙ୍କର ନିଦ ଭାଙ୍ଗିଗଲା । ଦେଖିଲେ ଏକ ଉଜ୍ଜ୍ୱଳ ବପୁବନ୍ତ ପୁରୁଷ ହାତରେ ବେତ ଧରି ତାଙ୍କ ଆଗରେ ଉଭା ହୋଇଚନ୍ତି । ତାଙ୍କୁ ଶୁଭିଲା ସେ ଯେପରି କହୁଚନ୍ତି, 'ପରମେଷ୍ଠି ମୋର ଭକ୍ତ । ସେ ନିର୍ଦ୍ଦୋଷ । ପ୍ରକୃତରେ ସେ ଗୋଟିଏ ମୁଚୁଳି ମୋତେ ଦେଇଚି । ମୁଁ ତା' ମୁଚୁଳି ଗ୍ରହଣ କରିଚି । ତା' ଲାଗି ମୁଁ ନୀଳାଦ୍ରିରୁ ଆସିଚି । ତାକୁ ଶୀଘ୍ର ବନ୍ଦିଶାଳାରୁ ମୁକ୍ତ କରି ଯଥୋଚିତ ଉପହାର ଦେଇ ବିଦାକର ।' ଏତକ ଶୁଣିବା ସଙ୍ଗେ ସଙ୍ଗେ ବାଦଶାହ ବେତର ଆଘାତ ଅନୁଭବ କରି ଶିହରି ଉଠିଲେ । ଭୟରେ ତାଙ୍କ ଛାତି ଥରି ଉଠିଲା । ଦେଖିଲେ ସେ ବପୁବନ୍ତ ପୁରୁଷ ଚାଲି ଯାଇଚନ୍ତି । ଭାବିଲେ, 'ତେବେ ସତରେ ନୀଳାଦ୍ରି ବିହାରୀ ପରମେଷ୍ଠିଠାରୁ ମୁଚୁଳି ଗ୍ରହଣ କରିଚନ୍ତି । ମୁଁ କେଡ଼େ ଅପରାଧ ନ କରିଚି ବିଚରାକୁ ବନ୍ଦି କରି ।

ସକାଳକୁ ଦେଖିଲାବେଳକୁ ସତରେ ମଧ୍ୟ ତାଙ୍କ ଶରୀରରେ ବେତର ଆଘାତ ଚିହ୍ନ ରହିଚି । ସେ ଆଉ କାଳ ବିଳମ୍ବ ନ କରି ବନ୍ଦିଶାଳା ଅଭିମୁଖେ

ଚାଲିଲେ । କବାଟ ଖୋଲି ଦେଖିଲେ ପରମେଷ୍ଠି ସେ ପର୍ଯ୍ୟନ୍ତ ଉଠି ନାହାନ୍ତି । ବାଦଶାହଙ୍କ ହସ୍ତ ସ୍ପର୍ଶରେ ସେ ଉଠି ବସିଲେ । କିନ୍ତୁ ଏ କ'ଣ ବାଦଶାହ କାହାକୁ ଦେଖୁଚନ୍ତି । ସେ କୁତ୍ସିତ କଦାକାର କୁଜଯୁକ୍ତ ପରମେଷ୍ଠି କାଇଁ ? ଏ ଯେ କନ୍ଦର୍ପ ଜିଣା ଅପରୂପ ଚେହେରା । ଏ ଚେହେରା ପରମେଷ୍ଠିର ହେଲା କିପରି ? କ'ଣ ବା ଅସମ୍ଭବ ? ଯେଉଁ ଜଗନ୍ନାଥ ହଜାର ହଜାର ମାଇଲ ଦୂରରେ ଥାଇ ପରମେଷ୍ଠିଠାରୁ ମୁଚୁଳି ନେଇପାରିଲେ ସିଏ କ'ଣ ଏତକ କରିପାରିବେ ନାଇଁ ? ପରମେଷ୍ଠି ନିଜେ ବି ନିଜକୁ ଦେଖି ଅବାକ୍ । ତାଙ୍କର କିନ୍ତୁ ବୁଝିବାର ବାକି ରହିଲା ନାଇଁ, ଏସବୁ କାହାର କାରସାଦି ।

''ବାଦଶାହ ଆଉ ବନ୍ଧନ ଖୋଲିବେ କ'ଣ ? ବନ୍ଧନ ତ ଆଗରୁ ଖୋଲି ଯାଇଥିଲା । ସେ ଖାଲି ପରମେଷ୍ଠିଙ୍କ ପାଦତଳେ ପଡ଼ି କ୍ଷମାଭିକ୍ଷା ମାଗିଲେ ଓ ତାଙ୍କୁ ବନ୍ଦିଶାଳାରୁ ନେଇ ଉତ୍ତମ ବସ୍ତ୍ର ଓ ଅଳଙ୍କାରମାନ ପିନ୍ଧାଇ ହାତୀ ଉପରେ ବସାଇ ବିଭିନ୍ନ ବାଦ୍ୟ ସଙ୍ଗୀତ ସହ ବିରାଟ ପଟୁଆରରେ ନଗର ପରିକ୍ରମା କରାଇଲେ । ତା'ପରେ ଅନେକ ଧନରତ୍ନ ଉପହାର ଦେଇ ତାଙ୍କୁ ନେଇ ତାଙ୍କ ଗୃହରେ ଛାଡ଼ି ଆସିଲେ ।

''ଏତେ ସବୁ କାଣ୍ଡ କାରସାଦି ଭିତରେ ପରମେଷ୍ଠି କିନ୍ତୁ ନୀରବ ନିଶ୍ଚଳ ଭାବରେ ଖାଲି ପ୍ରଭୁଙ୍କ ଭାବରେ ମଗ୍ନ ହୋଇ ବସିଥା'ନ୍ତି । ହୃଦୟରେ ତାଙ୍କର କୃତଜ୍ଞତାର ଆବେଗ, ଚକ୍ଷୁରେ କୃତଜ୍ଞତାର ଅଶ୍ରୁ, ମନରେ କୃତଜ୍ଞତାର ଆନନ୍ଦ, ଶରୀରରେ କୃତଜ୍ଞତାର ରୋମାଞ୍ଚ ଆଉ ଓଠରେ କୃତଜ୍ଞତାର ସ୍ମିତହାସ୍ୟ । ଏହା ସମ୍ମୁଖରେ ସବୁ ସମ୍ମାନ, ସବୁ ଧନରତ୍ନ ତୁଚ୍ଛ ।

ସେଇଥିପାଇଁ ମା' କହିଚନ୍ତି So I consider that devotion without gratitude wholly incomplete. Gratitude must also be there with it.' 'ତେଣୁ ମୁଁ ଭାବେ କୃତଜ୍ଞତା ବିନା ଭକ୍ତି ପୂରାପୂରି ଅପୂର୍ଣ୍ଣ । ଏହା ସହ କୃତଜ୍ଞତା ମଧ୍ୟ ରହିବା ଦରକାର ।

# ସନ୍ତାନ-ରକ୍ତ-ଲୋଲୁପା ହେଲେ ସନ୍ତାନ-ବତ୍ସଳା

''ଆଚ୍ଛା ଚିନୁଭାଇ ମୋ ସାଙ୍ଗ ଆଶ୍ରିତା କହୁଥିଲା ତା' ବାପା କି ଗୋଟାଏ ଠାକୁରାଣୀଙ୍କ ଫଟୋ ଆଉ ମୂର୍ତ୍ତି ତାଙ୍କ ଘରେ ପୂଜା କରେ । ଆଶ୍ରିତାକୁ ସବୁବେଳେ କହେ, 'ସେଠି ଠାକୁରାଣୀଙ୍କୁ ପ୍ରଣାମ କର, ନ ହେଲେ ସେ ଭାରି ରାଗିବେ । ତୋର ପାଠ ଫାଠ କିଛି ହେବ ନାଇଁ ।' ତାଙ୍କ ଘରେ ଯଦି ଟିକିଏ କାହାର ଦେହ ଖରାପ ହେବ ତେବେ କହିବ ଠାକୁରାଣୀଙ୍କ ସେବା ପୂଜାରେ କିଛି ଅବହେଳା ହେଲା ସେଇଥିଲାଗି ଏ ଅଶୁଭ ଘଟିଲା । ତେଣୁ ଭୟରେ କେତେକେତେ ପୂଜାସାମଗ୍ରୀ ସବୁ ଆଣି ବିଧିବଦ୍ଧ ଭାବରେ ପୂଜା କରି ଚାଲିବ । ଇଏ କ'ଣ ଠାକୁରାଣୀଙ୍କ ପ୍ରତି ଭକ୍ତିର ଚିହ୍ନ ? ଆଶ୍ରିତା ତ କହେ ତାକୁ ସେ ଠାକୁରାଣୀଙ୍କୁ ଭାରି ଡର ମାଡ଼େ । ଖାଲି ବାପା ଗାଳିଦେବ ବୋଲି ପ୍ରଣାମ କରି ତାଙ୍କ ମୁହଁଙ୍କୁ ନ ଅନାଇ ପଳେଇ ଆସେ । ଯିଏ ଯାହାଙ୍କୁ ଭକ୍ତି କରେ ତାଙ୍କୁ କ'ଣ ଏମିତି ଡରିବା ଦରକାର ?'' ପଚାରିଲା ଅନୁରକ୍ତା ।

''ନା, ନା, ଭୟ କେବେ ବି ଭକ୍ତିର ଲକ୍ଷଣ ନୁହେଁ । ବରଂ ଭୟ ଭକ୍ତିର ବାଧକ । ଭକ୍ତ ପାଇଁ ଭଗବାନ୍ ସବୁବେଳେ ପ୍ରେମମୟ, କରୁଣାମୟ ଓ ଅଭୟ, ଶାନ୍ତି ତଥା ସୁରକ୍ଷା ପ୍ରଦାନକାରୀ ସୁନ୍ଦର, ମଧୁର, ଉଦାର ଏକ ବିଗ୍ରହ । ନିଜର ସକଳ ଦୋଷ ଦୁର୍ବଳତା ସତ୍ତ୍ୱେ ସେ ତା'ର ଭଗବାନଙ୍କୁ କେବେ ଭୟ କରେ ନାଇଁ, କାରଣ ଦୋଷ ଦୁର୍ବଳତା ତା'ର ନୁହଁ କି ଦୋଷ ଦୁର୍ବଳତାକୁ ଅତିକ୍ରମ କରିବାର ସାମର୍ଥ୍ୟ ବି ତା'ର ନୁହଁ । ଅତିକ୍ରମ କରିବାର ଇଚ୍ଛାଟିହିଁ ତା'ର । ଆମେ ଯଦି ଭଗବାନଙ୍କୁ ଭୟ କରୁ ତେବେ ସେ ଆମ ଲାଗି ଭୀତିପ୍ରଦ ହୋଇଉଠିବେ । ଆମେ ଯଦି ତାଙ୍କୁ କଠୋର, ନିଷ୍ଠୁର ଭାବୁ ସେ ଆମ ଲାଗି

କଠୋର, ନିଷ୍ଠୁର ହୋଇଉଠିବେ । ଆମେ ଯଦି ତାଙ୍କୁ ପ୍ରେମ କରୁଣାରେ ଭରା କୋମଳ ମଧୁର ଭାବୁ ସେ ଆମ ଲାଗି ପ୍ରେମ କରୁଣାରେ ଭରା କୋମଳ ମଧୁର ହୋଇ ଉଠିବେ । ସବୁକିଛି ତାଙ୍କ ପ୍ରତି ଆମର ମନୋଭାବ ଉପରେ ନିର୍ଭର କରୁଛି । ମା କହନ୍ତି, 'A devotee meets a Divine full of affection and sweetness. 'ଭକ୍ତ ତା'ର ଭଗବାନଙ୍କୁ ଦେଖେ ସ୍ନେହ ଆଉ ମଧୁରତାର ଏକ ବିଗ୍ରହ ରୂପେ ।'

''ଶୁଣିବୁ ଜଣେ ଭକ୍ତ ତାଙ୍କର ଭକ୍ତି ବଳରେ ଲୋକ ମୁଖରେ ଭୟଙ୍କରୀ, ନିଷ୍ଠୁରା, ନରରକ୍ତପିପାସୀ ବୋଲି ପ୍ରଚାରିତ ହୋଇଥିବା ଜଣେ ଦେବୀଙ୍କୁ କିପରି କୋମଳା, ମଧୁରା ଓ ସନ୍ତାନବତ୍ସଳା ବୋଲି ପ୍ରମାଣ କରି ସେଠାରେ ପ୍ରଚଳିତ ଥିବା ବୀଭତ୍ସ, ନାରକୀୟ ନରବଳି ପ୍ରଥାକୁ ବି ଲୋପ କରିଦେଇ ପାରିଥିଲେ ?''

''ହଁ, ମୁଁ ଚାହେଁ, ସେକଥା ଶୁଣିବାକୁ ।'' ଆଗ୍ରହର ସହ କହିଲା ଅନୁରକ୍ତା ।

''ଆମ ଓଡ଼ିଶାର ସମ୍ବଲପୁର ବୋଲି ଗୋଟିଏ ଜିଲ୍ଲା ଅଛି ବୋଲି ଜାଣିଥିବୁ ? ସେ ଅଞ୍ଚଳର ନାମ ସମ୍ବଲପୁର କିପରି ହେଲା ଜାଣିଚୁ ?''

''ନା, ମୁଁ ଜାଣି ନାଇଁ ।'' କହିଲା ଅନୁରକ୍ତା ।

''ଆଗେ ଭାରତରେ ପୃଥ୍ୱୀରାଜ ଓ ଜୟଚନ୍ଦ୍ର ବୋଲି ଦୁଇଜଣ ହିନ୍ଦୁ ରାଜା ଥିଲେ । ପୃଥ୍ୱୀରାଜ ଥିଲେ ଖୁବ୍ ବୀର । ଜୟଚନ୍ଦ୍ର ତାଙ୍କୁ ସହି ପାରୁ ନ ଥିଲେ । କିନ୍ତୁ ତାଙ୍କ କନ୍ୟା ସଂଯୁକ୍ତା ପୃଥ୍ୱୀରାଜଙ୍କୁ ଭଲ ପାଇ ବାପାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କ ସହ ଘୋଡ଼ାରେ ବସି ଚାଲିଗଲେ । କେତେ ଯୁଦ୍ଧ ହେଲା । ଜୟଚନ୍ଦ୍ର ପାରିଲେ ନାଇଁ । ସେଇଦିନଠାରୁ ଜୟଚନ୍ଦ୍ର ସବୁବେଳେ ସୁଯୋଗ ଉଣ୍ଢୁ ଥାଆନ୍ତି ପୃଥ୍ୱୀରାଜଙ୍କ ଉପରେ ପ୍ରତିଶୋଧ ନେବାକୁ । କିନ୍ତୁ ପୃଥ୍ୱୀରାଜଙ୍କୁ ସେ ଯୁଦ୍ଧରେ ପାରିବେ ନାଇଁ ବୋଲି ଜାଣିଥାଆନ୍ତି । ତେଣୁ ଆଉ ଜଣେ ତୃତୀୟ ବ୍ୟକ୍ତି ଜଣେ ବିଦେଶୀ ମୁସଲମାନ ଶାସକ ମହମ୍ମଦ ଘୋରିଙ୍କ ଆଶ୍ରୟ ନେଇ ସେ ପୃଥ୍ୱୀରାଜଙ୍କୁ ପରାସ୍ତ କଲେ । ପୃଥ୍ୱୀରାଜଙ୍କ ପତନ ପରେ ଦିଲ୍ଲୀ ଓ ତା'ର ଆଖପାଖ ଅଞ୍ଚଳରେ

ନୂଆକରି ଭାରତକୁ ଆସିଥିବା ମୁସଲମାନ ଓ ହିନ୍ଦୁମାନଙ୍କ ମଧ୍ୟରେ ସବୁବେଳେ ଦ୍ୱନ୍ଦ୍ୱ ସଂଘର୍ଷ ଲାଗି ରହିଲା । ତେଣୁ ଅନେକ ଶାନ୍ତିପ୍ରିୟ ଲୋକ ଏଥିରେ ଅସ୍ଥିର ହୋଇ ଭାରତର ଅନ୍ୟ ଆଡ଼କୁ ପଳାଇଲେ । ସେଥିମଧ୍ୟରୁ ପୃଥ୍ୱୀରାଜ ଚୌହାନଙ୍କ ପରିବାର ପଳାଇ ଆସି ସମ୍ବଲପୁର ଅଞ୍ଚଳରେ ରହିଲେ । ସେଇ ପରିବାରର ବଳରାମ ସିଂହ ଧୀରେ ଧୀରେ ସେଠାରେ ଏକ ରାଜ୍ୟ ସ୍ଥାପନ କଲେ । ରାଜଧାନୀ ପାଇଁ ଏକ ଉପଯୁକ୍ତ ସ୍ଥାନ ଖୋଜିଲେ । ଜନଶ୍ରୁତି ଅନୁସାରେ ଏକ ସମଲେ ବା ସିମୁଳି ଗଛତଳେ ଗୋଟିଏ ଠେକୁଆ ଗୋଟିଏ କୁକୁରକୁ ଗୋଡ଼େଇ ଯିବାର ଦେଖି ସେ ସ୍ଥାନଟି ଗୋଟିଏ ବୀରଭୂମି ବୋଲି ଭାବି ସେଇଠି ତାଙ୍କ ରାଜଧାନୀ ସ୍ଥାପନ କଲେ । ସେଇ ସମଲେ ବୃକ୍ଷକୁ ଆଶ୍ରୟ କରି ଜଣେ ଦେବୀ ଥିଲେ । ସେ ବଳରାମଙ୍କୁ ସ୍ୱପ୍ନରେ ଜଣାଇଲେ ଯେ ସେଇ ବୃକ୍ଷତଳେ ତାଙ୍କପାଇଁ ଗୋଟିଏ ମନ୍ଦିର ନିର୍ମାଣ କଲେ ତାଙ୍କ ରାଜଧାନୀର ସବୁଦିଗରୁ ମଙ୍ଗଳ ହେବ । ବଳରାମ ସେଇ ସମଲେ ବୃକ୍ଷ ତଳେ ଏକ ମନ୍ଦିର ନିର୍ମାଣ କରାଇଲେ ଓ ସମଲେ ବୃକ୍ଷ ଅନୁଯାୟୀ ଦେବୀଙ୍କ ନାମ ରଖିଲେ ସମଲେଇ । ତାଙ୍କରି ନାମ ଅନୁସାରେ ସେ ଅଞ୍ଚଳର ନାମ ସମଲେଇପୁର ହେଲା । ଏଇ ସମଲେଇପୁର ଧୀରେ ଧୀରେ କାଳକ୍ରମେ ସମ୍ବଲପୁର ନାମରେ ପରିଚିତ ହେଲା । ବଳରାମ ସିଂହଙ୍କ ପରେ ଆହୁରି ପାଞ୍ଚ ପୁରୁଷ ବିତିଗଲା । ତା'ପରେ ବଳିଆର ସିଂହ ହେଲେ ସମ୍ବଲପୁରର ରାଜା । ସେ ପାଖ ଆଖ ଆଉ କେତେକ ଅଞ୍ଚଳ ଜୟ କରି ସମ୍ବଲପୁରରେ ମିଶାଇଲେ । ପୂର୍ବ ରାଜାମାନଙ୍କ ଅପେକ୍ଷା ସେ ଟିକେ ପ୍ରତିପତ୍ତିଶାଳୀ ହୋଇଉଠିଲେ । ସମଲେଇ ଦେବୀଙ୍କ ପୂଜା ଆଡ଼ମ୍ବର ବି ସେମିତି ବଢ଼େଇ ଦେଲେ ।

''ସେ ସମୟରେ ରାଜାମାନଙ୍କ ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ମହାଷ୍ଟମୀ ରାତ୍ରୀରେ ନରବଳି ଦିଆଯାଉଥିଲା । ଏଇ ଦେବୀମାନଙ୍କ ପାଇଁ ଥିଲା ଅନ୍ଧକାରମୟ ମନ୍ଦିର ଏବଂ ସେଠାକୁ ପ୍ରବେଶ ପଥ ମଧ୍ୟ ଥିଲା ଗଭୀର ଅନ୍ଧକାରମୟ । ଛେଳି, ମଇଁଷି ସବୁ ବଳି ଦେବା ପରେ ମୁଖ୍ୟ ତନ୍ତ୍ରସାଧକଙ୍କ ମନ୍ତ୍ରୋଚ୍ଚାରଣ ସହ ନରବଳିଟିଏ ମଧ୍ୟ ଦିଆଯାଉଥିଲା ।

''ଇଲୋ ମାଆଲୋ ! ମଣିଷଗୁଡ଼ାଙ୍କୁ ବଳି ଦେଉଥିଲେ ! ତାଙ୍କୁ ଆଣୁଥିଲେ କେଉଁଠୁ ?'' ପଚାରିଲା ଅନୁରକ୍ତା ଟିକେ ଭୟମିଶା ଆଶ୍ଚର୍ଯ୍ୟର ସହ ।

''ସବୁ ମଣିଷ ବଳି ପାଇଁ ଉପଯୁକ୍ତ ନ ଥିଲେ । ଅଳ୍ପବୟସ୍କ କିଂବା ଅବିବାହିତ ଯୁବକମାନଙ୍କୁ ବଳି ଦିଆଯାଉଥିଲା । ସେମାନଙ୍କୁ ନାନା ପ୍ରକାର ପ୍ରଲୋଭନ ଦେଖେଇ, ଭୁଲେଇ ଭାଲେଇ, କିଂବା ଏକୁଟିଆ ହେଲେ ବଳପୂର୍ବକ ଧରିନେଇ ଆସୁଥିଲେ । ଅନେକ ସମୟରେ ପୂଜକମାନେ ସମ୍ମୋହନ ମନ୍ତ୍ର ଦ୍ୱାରା ବାଳକ ଓ ଯୁବକମାନଙ୍କୁ ବଶୀଭୂତ କରିନେଇ ଆସୁଥିଲେ । ସେମାନଙ୍କୁ ନେଇ ଆସି ଅଷ୍ଟମୀ ପୂର୍ବ ରାତିରୁ ମନ୍ଦିର ପୀଠରେ ରଖୁଥିଲେ ଓ ନିର୍ଦ୍ଦିଷ୍ଟ ସମୟରେ ଲୋକଟିକୁ ଜୋର୍ କରି ଆଣି ଧୀରେ ଧୀରେ ତା'ର ବେକରୁ ମୁଣ୍ଡକୁ ଦେବୀଙ୍କ ସାମନାରେ କାଟୁ ଥିଲେ, କାରଣ ଜୋର୍‌ରେ କାଟିଲେ ଶୀଘ୍ର ରକ୍ତ ବହିଯିବ; ତେଣୁ ଦେବୀ ପିଇପାରିବେ ନାଇଁ ।''

''ଏତେ ନୃଶଂସ ଥିଲେ ? ଶୁଣିଲା ବେଳକୁ ଡର ମାଡୁଚି ।'' ଶିହରି ଉଠିଲା ଅନୁରକ୍ତା ।

''କିନ୍ତୁ ସେମାନେ ତ ଯାକୁ ଦେବୀଙ୍କ ପୂଜା ବୋଲି ଭାବୁଥିଲେ ଓ ଦେବୀ ଏଥିରେ ସନ୍ତୁଷ୍ଟ ହୁଅନ୍ତି ବୋଲି ଭାବୁଥିଲେ । ସମଲେଇଙ୍କ ମନ୍ଦିରରେ ବି ଏଇଭଳି ନରବଳି ଦିଆଯାଉଥିଲା । ବର୍ଷକର କଥା । ସେ ବର୍ଷ ମହାଷ୍ଟମୀ ପୂର୍ବରୁ ରେଢାଖୋଲଠାରୁ ଜଣେ ଯୁବକକୁ ବଳି ଦିଆଯିବା ଲାଗି ଧରି ଅଣାଗଲା । ଯୁବକ ଜଣଙ୍କର ବୟସ ମାତ୍ର ପନ୍ଦର ଷୋହଳ ହେବ । ଗୋରା ତକ୍ ତକ୍ ସୁନ୍ଦର ଚେହେରା । ମୁହଁଟି ସରଳ ଅମାୟିକ । ଯାଇଥିଲେ ଜଗନ୍ନାଥ ଦର୍ଶନରେ ପୁରୀ । ଫେରିଲା ବେଳକୁ ଅନ୍ୟ ସଙ୍ଗୀମାନଙ୍କୁ ହରାଇ ପଥ ଭୁଲି ଏକୁଟିଆ ଆସୁଥିଲେ । ଯୋଗକୁ ବଳି ଖୋଜୁଥିବା ସମ୍ମୋହନକାରୀ ପୂଜକମାନଙ୍କ ହାବୁଡ଼ରେ ପଡ଼ିଲେ । ସେମାନେ ତାଙ୍କୁ ଧରି ଆଣିଲେ । ସେ ବି ବୁଝିପାରିଲେ ତାଙ୍କୁ କାହିଁକି ଧରି ନିଆଯାଉଚି । କିନ୍ତୁ ଅନ୍ୟମାନଙ୍କ ପରି ସିଏ କାହିଁକି ଆଦୌ ଭୟ ବିହ୍ୱଳିତ ହୋଇ ବ୍ୟାକୁଳ, ବ୍ୟତିବ୍ୟସ୍ତ ହେଲେ ନାଇଁ । ପୂଜକମାନଙ୍କୁ

କୌଣସି ବାଧା ବି ଦେଲେ ନାଇଁ । ସେମାନଙ୍କ ସଙ୍ଗରେ ବାଧ୍ୟ ଶିଶୁଟି ଭଳି ଆସିଲେ । ବାଟରେ ସେମାନଙ୍କ ସହ ଶ୍ରୀକୃଷ୍ଣଙ୍କ କଥା ଭକ୍ତିମାର୍ଗର କଥା ସବୁ କଥାବାର୍ତ୍ତା ହେଲେ । ପୂଜକମାନେ ଯୁବକର ବିରୋଧ ନ ଦେଖି ବହୁତ ଖୁସି । ଭାବିଲେ ଏହା ଦେବୀ ସମଲେଇଙ୍କ କୃପା । ତାଙ୍କ କୃପାରୁ ତାଙ୍କ ବଳି ପାଇଁ ଜଣେ ଲୋକ ଆପେ ଆପେ ନିଜ ଇଚ୍ଛାରେ ଆସି ଧରା ଦେଇଚି । ମନ୍ଦିରର ଗୋଟିଏ ପାଖ ଅନ୍ଧକାର ଗହ୍ୱର ମଧ୍ୟରେ ତାଙ୍କୁ ରଖାଗଲା । ସପ୍ତମୀ ଦିନ ଗଲା । ଅଷ୍ଟମୀ ଦିନ ରାତିରେ ତାଙ୍କର ବଳି ପଡ଼ିବା କଥା । ସକାଳୁ ସେ ପୂଜକମାନଙ୍କୁ କହିଲେ ସେ ଟିକିଏ ରାଜାଙ୍କୁ ସାକ୍ଷାତ୍ କରିବାକୁ ଚାହାନ୍ତି । ଏହା ଥିଲା ତାଙ୍କର ଶେଷ ପ୍ରାର୍ଥନା । ପୂଜକମାନେ ଏପରି ପ୍ରାର୍ଥନାକୁ ହେୟଜ୍ଞାନ କଲେ । ଭାବିଲେ ରାତିରେ ବଳି ପଡ଼ିବ ଆଉ ସକାଳୁ ରାଜାଙ୍କୁ ଦେଖାକରି ଲାଭ କ'ଣ ? ଏପରି ସାକ୍ଷାତର କିଛି ମୂଲ୍ୟ ହେବ ନାଇଁ ବୋଲି ସେମାନେ ଜାଣନ୍ତି । ତଥାପି ଯୁବକ ପ୍ରତି ଭଗବାନଙ୍କ ଦୟା ହେତୁ ରାଜା ବଳିୟାର ସିଂହ ମନ୍ଦିରକୁ ଦର୍ଶନ କରିବାକୁ ଆସିଥିବା ସମୟରେ ପୂଜକମାନେ ପରିହାସ ଛଳରେ, ବିଦ୍ରୂପ କଲା ଭଳି ଯୁବକଟି ରାଜାଙ୍କୁ ଦେଖା କରିବାକୁ ଚାହୁଁଚି ବୋଲି କହୁ କହୁ କହି ପକାଇଲେ । ପୂଜକମାନେ ଏକଥାକୁ ହେୟ ନିରର୍ଥକ ମନେ କରି ସିନା କହିଲେ, କିନ୍ତୁ ରାଜାଙ୍କ କାନରେ ଏକଥା ପଡ଼ିବା କ୍ଷଣି ହଠାତ୍ ତାଙ୍କ ହୃଦୟ ସ୍ତବ୍ଧ ହୋଇଗଲା । ଏକ ଅଜଣା ଶିହରଣରେ ସେ ଶିହରି ଉଠିଲେ । କାରଣ ବଳି ପଡ଼ିବା ପୂର୍ବରୁ ଏପରି ଅନୁରୋଧ କେହି କେବେ କରି ନାଇଁ । ପୁଣି ପଚାରି ବୁଝିଲେ ଯେ ଯୁବକ ଜଣକ ବଳି ପଡ଼ିବା କଥା ଜାଣିଲେ ବି ଆଦୌ ଭୟଭୀତ ନୁହେଁ । ସବୁବେଳେ ହସ ହସ ନିର୍ଭୀକ ଶାନ୍ତ ବଦନ । ଏକଥା ରାଜାଙ୍କୁ ଆହୁରି ଚିନ୍ତିତ କରିପକାଇଲା । ରାଜା ଯୁବକଙ୍କ ଅନୁରୋଧକୁ ଏଡ଼େଇ ଦେଇ ପାରିଲେ ନାଇଁ । ତାଙ୍କୁ ତାଙ୍କ ସମ୍ମୁଖକୁ ଆଣିବାକୁ ଆଦେଶ ଦେଲେ । ଯୁବକ ଆସିଲେ । ରାଜାଙ୍କ ସମ୍ମୁଖରେ ଛିଡ଼ା ହେଲେ । ଶାନ୍ତ ସୌମ୍ୟ ମୂର୍ତ୍ତି । ରାଜାଙ୍କୁ ସଂସ୍କୃତରେ ସେ ଆଶୀର୍ବାଦ ଜଣାଇଲେ । ଭାଗବତରୁ ପ୍ରେମଭକ୍ତି ସମ୍ବନ୍ଧେ ଶ୍ଳୋକ ଉଚ୍ଚାରଣ କରି ସେସବୁର ବ୍ୟାଖ୍ୟା ଶୁଦ୍ଧ ହିନ୍ଦୀ ଭାଷାରେ

କଲେ । ଏତେ କମ୍ ବୟସର ଯୁବକଠାରୁ ପ୍ରେମ ଭକ୍ତିର ଗୂଢ଼ ରହସ୍ୟ ଶୁଣି ରାଜା ଆଶ୍ଚର୍ଯ୍ୟ ହେଲେ । କହିଲେ, 'ତୁମେ ଏତେ କମ୍ ବୟସରୁ ଏତେ ତତ୍ତ୍ୱକଥା ସବୁ ଜାଣିଲ କୋଉଠୁ ?' ଯୁବକ କହିଲେ, 'ମୁଁ ନିମ୍ବାର୍କ ପନ୍ଥୀ ଜଣେ ଗୁରୁଙ୍କର ଶିଷ୍ୟ । ଗୁରୁ ଗୃହରେ ରହି ଅନ୍ୟାନ୍ୟ ଗୁରୁଭାଇମାନଙ୍କ ସହ ମୁଁ ଶାସ୍ତ୍ର ଅଧ୍ୟୟନ ତଥା ସାଧନା କରୁଥିଲି । ମୋର ଅନ୍ୟ ଗୁରୁଭାଇମାନଙ୍କ ସହ ପୁରୀ ଜଗନ୍ନାଥ ଦର୍ଶନରେ ଯାଇଥିଲି । ଫେରିଲା ସମୟରେ ମୁଁ ସେମାନଙ୍କୁ ହରାଇ ଏକୁଟିଆ ଭୁଲ୍ ବାଟରେ ଆସୁଥିଲି । ପୂଜକମାନେ ଏଇ ସମୟରେ ମୋତେ ଧରି ଆଣିଲେ । ମୁଁ ଜାଣେ ମୋତେ ମା ଦୁର୍ଗାଙ୍କ ନିକଟରେ ବଳି ଦିଆଯିବ । ସେଥିଲାଗି ମୋର ଦୁଃଖ ନାହିଁ । କିନ୍ତୁ କୌଣସି ଘାତକର ତରବାରି ଆଘାତରେ ମୋ'ଠାରୁ ଯେପରି ରକ୍ତ ନ ଝରେ । ମୋତେ ମା'ଙ୍କ ମନ୍ଦିରରେ ରଖି ବନ୍ଦ କରି ଦିଆଯାଉ । ମା'ଙ୍କର ଯଦି ଇଚ୍ଛା ସେ ନିଜେ ମୋର ରକ୍ତପାନ କରନ୍ତୁ । ସେଥିରେ ମୋ ଜୀବନ ସାର୍ଥକ ହେବ । ଯଦି ସେ ମୋର ରକ୍ତପାନ ନ କରନ୍ତି ତେବେ ତାଙ୍କରି କୃପା ଲାଭ କରି ମୁଁ ମୋର ଭକ୍ତି ସାଧନା ମାର୍ଗରେ ଆହୁରି ଅଗ୍ରସର ହେବି । ଏପରି କଲେ ମୁଁ ଭାବୁଛି ଆପଣଙ୍କର କଲ୍ୟାଣ ହେବ, ଆପଣଙ୍କ ରାଜ୍ୟର କଲ୍ୟାଣ ହେବ ଓ ରାଜ୍ୟବାସୀଙ୍କର କଲ୍ୟାଣ ହେବ । ମୋତେ ମା'ଙ୍କ ଇଚ୍ଛା ଉପରେ ଛାଡ଼ି ଦିଆଯାଉ । ଏତିକି ମୋର ପ୍ରାର୍ଥନା ।

''ରାଜା ଏକଥା ଶୁଣି ହତବାକ୍ । କ'ଣ କରିବେ କିଛି ବୁଦ୍ଧି ସ୍ଫୁରିଲା ନାହିଁ । କାରଣ ଏପରି ଅଦ୍ଭୁତ ପ୍ରାର୍ଥନା ତ କେହି କେବେ କରି ନାହିଁ । ତା'ଛଡ଼ା ଏପରି କଲେ ସମଲେଇଙ୍କ ପୂଜା ଯଥାବିଧି ପାଳିତ ହେବ କି ନାହିଁ ସେ ଜାଣିପାରିଲେ ନାହିଁ । ତେଣୁ ସେ ମୁଖ୍ୟ ପୂଜକଙ୍କ ଆଡ଼କୁ ଚାହିଁଲେ । ମୁଖ୍ୟ ପୂଜକ ବଡ଼ ପାଟିରେ ତନ୍ତ୍ରର କେତେକ ମନ୍ତ୍ର ଉଚ୍ଚାରଣ କଲେ । ତା'ପରେ ଉତ୍ତେଜିତ ଭାବେ କହିଲେ, 'ଏ ବାଳକ ବିଷ୍ଣୁ ଭକ୍ତ । ମା'ଙ୍କ କରାମତି, ବିଶେଷ କରି ଅଷ୍ଟମୀ ତିଥିର କରାମତି ୟାକୁ ଜଣା ନାହିଁ । ଭାବଚି ରକ୍ଷା ପାଇଯିବ । ୟାକୁ ମନ୍ଦିର ଭିତରେ ଆବଦ୍ଧ କରି ରଖାଯାଉ । ମା' ତା'ର ରକ୍ତ କ'ଣ, ହାଡ଼ ମାଉଁସ ବି ଶେଷ କରିଦେବେ । ଖାଲି ଜଗିବାକୁ ହେବ ଟୋକା ଯେମିତି ମନ୍ଦିର

ଭିତରୁ ଖସି ପଳେଇ ନ ଯାଏ । ତା'ହେଲେ ସମଲେଇଙ୍କ ମହାଷ୍ଟମୀ ପୂଜା ନଷ୍ଟ ହେବ ଓ ରାଜା, ରାଜ୍ୟ ତଥା ପ୍ରଜାମାନଙ୍କର ଘୋର ଅମଙ୍ଗଳ ହେବ ।'

ତଥାପି ରାଜା କିଛି ସ୍ଥିର କରିପାରିଲେ ନାହିଁ । ଧୀର ଗମ୍ଭୀର ସ୍ୱରରେ କହିଲେ, 'ଏହାକୁ ବନ୍ଦ କରି ରଖ । କିଛି ସମୟ ପରେ ବିଚାର କରି ଯାହା କରିବାକୁ ହେବ ମୁଁ କହିବି ।' ରାଜା ଉଆସକୁ ଫେରିଲେ । ଘୋର ଚିନ୍ତାରେ ମଗ୍ନ । ଭିତରେ ପ୍ରବଳ ଦ୍ୱନ୍ଦ୍ୱ । ବାଳକର ଅଦ୍ଭୁତ ଭକ୍ତି ତତ୍ତ୍ୱର ବ୍ୟାଖ୍ୟା ଏଣେ ତାନ୍ତ୍ରିକମାନଙ୍କର ତନ୍ତ୍ରଶାସ୍ତ୍ରର ବ୍ୟାଖ୍ୟା ତାଙ୍କ ମଧ୍ୟରେ ପ୍ରବଳ ଆଲୋଡ଼ନ ସୃଷ୍ଟି କରୁଚି । କିଛି ସ୍ଥିର କରି ନ ପାରି ଚିନ୍ତିତ ମନରେ ଦିନ ଦ୍ୱିପ୍ରହରେ ଶୋଇବାକୁ ଗଲେ । ଆଖିକୁ ଟିକିଏ ନିଦ ଆସିଯିବାରୁ ମନର ଆଲୋଡ଼ନ ବନ୍ଦ ହୋଇଗଲା । ହୃଦୟରୁ ଏକ ବାଣୀ ଶୁଣିଲେ । ସେ ବାଣୀ ଦେବୀ ସମଲେଇଙ୍କର ବୋଲି ସେ ଅନୁଭବ କଲେ । ସମଲେଇ ଯେପରି କହୁଚନ୍ତି, 'ରାଜା, ସେ ବ୍ରାହ୍ମଣ ଯୁବକକୁ ମୋ ମନ୍ଦିରରେ ଖାଲି ବନ୍ଦ କରି ରଖ । ମୁଁ ତା' ସହ ସାକ୍ଷାତ୍ କରି କଥାବାର୍ତ୍ତା ହେବି । ତାକୁ ହତ୍ୟା କର ନାହିଁ । ରାଜାଙ୍କ ଦ୍ୱନ୍ଦ୍ୱର ସମାଧାନ ହୋଇଗଲା । ସେ ସଙ୍ଗେ ସଙ୍ଗେ ବିଛଣା ଛାଡ଼ି ମୁଖ୍ୟ ପୂଜକଙ୍କୁ କହିଲେ, 'ସେ ଯୁବକଙ୍କୁ ହତ୍ୟା କରାଯିବ ନାହିଁ । ତାକୁ ମନ୍ଦିର ଭିତରେ ଆଜି ସଂଧ୍ୟାରୁ କାଲି ସକାଳ ପର୍ଯ୍ୟନ୍ତ ଆବଦ୍ଧ କରି ରଖାଯିବ । ଚାରି ପାଖରେ କଡ଼ା ପହରା ଦିଆଯିବ । କେହି ସେ ମନ୍ଦିରରେ ପ୍ରବେଶ କରିବେ ନାହିଁ । ସକାଳ ହେଲେ ପ୍ରଥମେ ମୁଁ ମନ୍ଦିରରେ ଦେବୀ ଦର୍ଶନ ଲାଗି ପ୍ରବେଶ କରିବି ।' ରାଜାଙ୍କର ଏ ପ୍ରକାର ଆଦେଶରେ କେତେକ ତନ୍ତ୍ରସାଧକ ଚିନ୍ତିତ ହୋଇପଡ଼ିଲେ । ଭାବିଲେ, ବଳି ନ ଦେଲେ ସମଲେଇ ଯଦି ରାଗନ୍ତି କ'ଣ ନାହିଁ କ'ଣ ଅନିଷ୍ଟ କରିବେ । ଆଉ କେତେକେ ଭାବିଲେ, ଆଜି ଗୋଟାଏ ନୂଆ ପ୍ରକାର ବଳି ହେବ । ମା' ସମଲେଇ ନିଜେ ଜୀବନ୍ତ ବଳିର ରକ୍ତ ଆସ୍ୱାଦନ କରିବେ । ଏଥିରେ ରାଜ୍ୟ ଓ ରାଜାଙ୍କର ମଙ୍ଗଳ ବି ହୋଇପାରେ ।

''ଯାହାହେଉ ଯୁବକକୁ ମନ୍ଦିର ଭିତରେ ବନ୍ଦ କରି ରଖାଗଲା ।

ମନ୍ଦିର ଦ୍ୱାରର କିଳଣୀକୁ ଦୃଢ଼ଭାବେ ବନ୍ଦ କରି ଦିଆଗଲା । ଚାରି ପାଖରେ ପ୍ରହରୀ ଜଗି ରହିଲେ — ଭିତରୁ ଯୁବକ ଯେପରି ବାହାରି ନ ଯାଇପାରେ ଓ ଭିତରକୁ କେହି ଯେପରି ପ୍ରବେଶ କରି ନ ପାରନ୍ତି । ତନ୍ତ୍ର ସାଧକମାନେ ବାହାରେ ମଣ୍ଡଳ କାଟି ତାଙ୍କର ମନ୍ତ୍ରପାଠ ଓ ପୂଜା ଉପଚାରରେ ଲାଗିଗଲେ । ରାଜା ଆଶଙ୍କାଭରା ଚିନ୍ତିତ ମନ ନେଇ ଶୟନ କକ୍ଷକୁ ଗଲେ । କିନ୍ତୁ ନିଦ ହେଉ ନ ଥାଏ । ଦେବୀ ଜୀବନ୍ତ ନର ରକ୍ତ ପାନ ଓ ନରମାଂସ ଭକ୍ଷଣ କଲେ କାଳେ ଅମଙ୍ଗଳ ଘଟିବ ନାଇଁ ତ — ଏଇ ଚିନ୍ତାରେ ସେ ପ୍ରମାଦଗ୍ରସ୍ତ ହୋଇ ପଡ଼ିଲେ । ରାତିରେ ଏକ ସ୍ୱପ୍ନ ଦେଖିଲା ପରି ତାଙ୍କୁ ବୋଧ ହେଲା । ଯେଉଁଥିରେ ମା ସମଲେଇ ସେ ବ୍ରାହ୍ମଣ ଯୁବକ ସହ ମାତୃସ୍ନେହରେ କଥାବାର୍ତ୍ତା ହେଉଥିବାର ସେ ଦେଖିଲେ । କିନ୍ତୁ କେଉଁ ଭାଷାରେ କଥାବାର୍ତ୍ତା ହେଉଥିଲେ ସେ ତାହା ବୁଝିପାରିଲେ ନାଇଁ । ଏଣେ ତନ୍ତ୍ର ସାଧକମାନଙ୍କ ମନ ଜମା ମନ୍ତ୍ରଜପରେ ଲାଗୁ ନାଇଁ । ସେମାନେ ଖାଲି ଅନ୍ୟମନସ୍କ ହୋଇ ଉଠୁଚନ୍ତି । ଏଇଟା ଭୀଷଣ ଅମଙ୍ଗଳର ସୂଚନା ବୋଲି ସେମାନେ ଧରି ନେଲେଣି । ନଗର ସାରା ପ୍ରଚାରିତ ହୋଇଯାଇଚି ଯେ କୁଆଡ଼େ ଗୋଟାଏ ପଶ୍ଚିମା ଯୁବକ ଏଥର ବଳି ପାଇଁ ନିଜେ ଇଚ୍ଛା କରି ଆସିଚି । ମନ୍ଦିର ଭିତରେ ଦେବୀଙ୍କ ପ୍ରସାଦ ଲାଗି ନିଜକୁ ବନ୍ଦ କରି ରଖିଚି । କେହି ତାକୁ ଖଡ଼୍ଗରେ ହତ୍ୟା କରିବା ବାରଣ କରିଚି । ରାଜା ଆଉ ପୂଜକମାନେ ବି ଏଥିରେ ରାଜି ହୋଇଚନ୍ତି । ବଡ଼ ତାଜୁବ କଥା ! ଏମିତି କଥା ତ କାନ ଉଠିଲା ଦିନୁ ଶୁଣା ନ ଥିଲା । କ'ଣ ହେବ, ରାଜ୍ୟକୁ ବିପଦ ଆସିବ କି ସଂପଦ ଆସିବ ସେହି ମା' ସମଲେଇ ଜାଣନ୍ତି । ଉତ୍କଣ୍ଠା, ଆବେଗରେ ସମସ୍ତେ ସକାଳକୁ ଚାହିଁ ରହିଚନ୍ତି । କିନ୍ତୁ ଯେତେବେଳେ ମଣିଷ ଗୋଟାଏ ସମୟ ଆସିବାକୁ ଚାହିଁ ରହେ ସେତେବେଳେ ସେ ସମୟଟା ଆସିବାକୁ ବଡ଼ ବିଳମ୍ବ କରେ, ନ ଚାହୁଁ ଥିଲେ ଜଲଦି ଜଲଦି ଚାଲିଆସେ । ସତରେ ଏମିତି ଘଟେ କି ମଣିଷ ସେମିତି ଅନୁଭବ କରେ ଜଣା ନାଇଁ । ଏଠି କିନ୍ତୁ ସମ୍ବଲପୁରବାସୀମାନେ ସେମିତି ଅନୁଭବ କଲେ । ରାତିଟା ତାଙ୍କ ପାଇଁ ସାତରାତି ଭଳି ଲାଗିଲା । ଶେଷକୁ ଯାହାହେଉ ବିଳମ୍ବ ହେଉ ପଛେ ରାତି

ପାହିଲା । ଚାରିଆଡ଼େ ଦିନର ଆଲୋକ ସ୍ପଷ୍ଟରୁ ସ୍ପଷ୍ଟତର ହେବାକୁ ଲାଗିଲା କିନ୍ତୁ ଅପେକ୍ଷମାଣ ଲୋକମାନଙ୍କ ମନର ଆଲୋକ ଅସ୍ପଷ୍ଟରୁ ଅସ୍ପଷ୍ଟତର ହୋଇଉଠିଲା । କ'ଣ ଘଟିଥିବ ବୋଲି କିଛି ଭାବିପାରୁ ନାହାନ୍ତି ।

''ରାଜା ଯଥାଶୀଘ୍ର ବିଛଣା ତ୍ୟାଗ କରି ସ୍ନାନାଦି ନିତ୍ୟକର୍ମ ଶେଷକରି ପାତ୍ରମନ୍ତ୍ରୀଙ୍କ ସହ ମନ୍ଦିର ଆଡ଼କୁ ଚାଲିଲେ । ରାଜାଙ୍କ ପ୍ରତିଟି ପଦକ୍ଷେପ ଆଶା ଆଉ ଆଶଙ୍କାରେ ଭାରୀ ହୋଇ ଉଠୁଥାଏ । ଉତ୍କଣ୍ଠିତ ଜନତା ସ୍ତବ୍ଧ, ନିର୍ବାକ୍ । ମନ୍ଦିର ଦ୍ୱାର ନିକଟରେ ପହଞ୍ଚି ରାଜା ତାକୁ ଭଲଭାବେ ପରୀକ୍ଷା କରିନେଲେ, ତାହା ଠିକ୍ ବନ୍ଦ ହେଇଚି କି ନା । ତା'ପରେ ଏଣେତେଣେ ଟିକିଏ ସତର୍କ ଦୃଷ୍ଟି ପକାଇ ମନ୍ଦିର ଭିତରୁ କେହି ନ ବାହାରିବା କି ମନ୍ଦିର ଭିତରକୁ କେହି ନ ଯିବା ସମ୍ବନ୍ଧେ ନିଶ୍ଚିତ ହୋଇ ଦ୍ୱାର ଖୋଲିବାକୁ ଆଦେଶ ଦେଲେ । ମନ୍ଦିର ଦ୍ୱାର ଖୋଲାଗଲା । ରାଜା ଅତି ସନ୍ତର୍ପଣରେ ମନ୍ଦିର ଭିତରେ ପ୍ରବେଶ କରି ଦେବୀଙ୍କ ସମ୍ମୁଖକୁ ଗଲେ । କିନ୍ତୁ ଦେବୀଙ୍କ ସମ୍ମୁଖରେ ସେ ଏ କି ଦୃଶ୍ୟ ଦେଖୁଚନ୍ତି ! ନିଜ ଆଖିକୁ ସେ ବିଶ୍ୱାସ କରିପାରିଲେ ନାହିଁ । ଦେଖିଲେ ଯୁବକ ସିଦ୍ଧାସନରେ ଦେବୀଙ୍କ ସମ୍ମୁଖରେ ଉପବିଷ୍ଟ । ତାଙ୍କର ସମସ୍ତ ଦୃଷ୍ଟି ତାଙ୍କ ନାସାଗ୍ରରେ ନିବଦ୍ଧ । ତାଙ୍କ ମସ୍ତକ ଊର୍ଦ୍ଧ୍ୱସ୍ଥ ସହସ୍ରା-ଚକ୍ରରୁ ଏକ ଦିବ୍ୟଜ୍ୟୋତିଃ ନିର୍ଗତ ହୋଇ ଦେବୀଙ୍କ ବିସ୍ଫାରିତ ଚକ୍ଷୁ ମଧ୍ୟରେ ପ୍ରବେଶ କରୁଚି । ରାଜା କାଠ ପାଲଟି ଗଲେ । ତାଙ୍କ ବାହ୍ୟଜ୍ଞାନ ଲୋପ ପାଇଲା । ସେ ଶୁଣିବାକୁ ପାଇଲେ ଏକ ଅନୁଚ୍ଚ ସ୍ୱରର କଥାବାର୍ତ୍ତା । ଦେବୀ ଯେପରି ସେ ଯୁବକଙ୍କୁ କହୁଚନ୍ତି, 'ପୁଅ ମୋର, ତୋ'ର ତପସ୍ୟାରେ ମୁଁ ସନ୍ତୁଷ୍ଟ । ମୋର ସ୍ନେହ, ସେହି ଦିବ୍ୟ ମାତୃ ସ୍ନେହ ତୁ ଲାଭ କରିଚୁ । କାରଣ ତୁହିଁ ମୋତେ ଭୟ ନ କରି ମା' ବୋଲି ଚିହ୍ନି ପାରିଲୁ । ମୋରି ସନ୍ତାନମାନଙ୍କୁ ଯେତେବେଳେ ଏ ଯୂପକାଠରେ ମୋରି ସନ୍ତୋଷ ଲାଗି ବଳି ଦିଆହୁଏ ସେତେବେଳେ ଏଇ ବୀଭତ୍ସତାରେ ହୃଦୟ ମୋର ବିଦୀର୍ଣ୍ଣ ହୋଇଯାଏ । ମୁଁ ଏ ନାରକୀୟ ସ୍ଥାନ ଛାଡ଼ି ଅନ୍ତର୍ହିତ ହୋଇଯାଏ । ତୋର ତପସ୍ୟା ତନ୍ତ୍ର ସାଧକମାନଙ୍କ ସନ୍ତାନ-ରକ୍ତ-ଲୋଲୁପା ମା'ର ପଦବୀରୁ ମୋତେ ମୁକ୍ତ କରି ସନ୍ତାନ-ବତ୍ସଳା-ମା'ର ପଦବୀରେ ପ୍ରତିଷ୍ଠିତ କରିଚି । ମୁଁ ଆଜି

ପରମ ସନ୍ତୋଷ ଲାଭ କରୁଚି । ତୋରି ଭାବନେଇ ମୋତେ ଆଜି ସମସ୍ତେ ମାଆ ବୋଲି ଗ୍ରହଣ କରନ୍ତୁ ଏଇ ଆଶୀର୍ବାଦ ମୁଁ ସମସ୍ତଙ୍କୁ କରୁଚି ।'

''ଦେବୀଙ୍କ କଥା ଶେଷ ହେବା ପରେ ଯୁବକଙ୍କ ଆଖି ଖୋଲିଲା । ଯୁବକଙ୍କ ଆଖି ଖୋଲିବା ଦେଖି ରାଜା ଲମ୍ବ ହୋଇ ତାଙ୍କ ପାଦ ତଳେ ପଡ଼ିଗଲେ । ଯୁବକ ଅସ୍ତବ୍ୟସ୍ତ ହୋଇ ନିଜ ଆସନ ତ୍ୟାଗ କରି ରାଜାଙ୍କୁ ଏପରି କରିବାକୁ ବାରଣ କଲେ । ବିନମ୍ର ଭାବେ କହିଲେ, 'ରାଜା, ଏପରି କରିବା ଦ୍ୱାରା ଆପଣ ମୋତେ ଦଣ୍ଡଦେଲା ଭଳି ଲାଗୁଚି । ମୁଁ ଜଣେ ସାମାନ୍ୟ ଭିକ୍ଷୁକ । ମୁଁ ଆପଣଙ୍କ ସାଷ୍ଟାଙ୍ଗ ପ୍ରଣିପାତର ଯୋଗ୍ୟ ନୁହେଁ । ସମ୍ମୁଖରେ ମା' ଉପବିଷ୍ଟା । ସେ ଜଗତ୍ ସୃଷ୍ଟି କରିଚନ୍ତି । ତାକୁ ପାଳନ କରୁଚନ୍ତି, ପୁଣି ପ୍ରଳୟ ସୃଷ୍ଟି କରି ତାକୁ ନିଜ ମଧ୍ୟରେ ଗ୍ରହଣ କରିନେବେ । ସୃଷ୍ଟି, ସ୍ଥିତି, ପ୍ରଳୟକାରିଣୀ ସେଇ ମା'ଙ୍କୁ ପ୍ରଣାମ କରନ୍ତୁ । ମା କେବେ ତାଙ୍କ ସନ୍ତାନ ସନ୍ତତିଙ୍କ ରକ୍ତପାନ ଚାହାନ୍ତି ନାହିଁ । ଆପଣ ଏସବୁ ବଳିପ୍ରଥା ବନ୍ଦ କରନ୍ତୁ, ସେପରି କଲେ ରାଜା, ରାଜ୍ୟ, ପ୍ରଜା ସମସ୍ତଙ୍କର ଯଥାର୍ଥ କଲ୍ୟାଣ ହେବ ।' ଯୁବକଙ୍କର କଥା ଶେଷ ହେବା ମାତ୍ରେ ଦେବୀ ସମଲେଇଙ୍କ ଶରୀରରୁ କେତୋଟି ଫୁଲ ଖସି ପଡ଼ିଲା । ତନ୍ତ୍ର ମତରେ ଦେବୀଙ୍କ ଶରୀରରୁ ଫୁଲ ଖସିଲେ ତାହା ଦେବୀଙ୍କ ଆଶୀର୍ବାଦ ବୋଲି ଗୃହୀତ ହୁଏ । ନିର୍ବାକ୍ ଚକିତ ରାଜା ଦେବୀଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣାମ କଲେ । ଯୁବକଙ୍କ କଥାକୁ ଦେବୀଙ୍କ ଆଦେଶ ବୋଲି ଗ୍ରହଣ କରିନେଲେ । ଘୋଷଣା କଲେ, 'ଆଜିଠାରୁ ଦେବୀଙ୍କ ପାଖରେ କୌଣସି ଜୀବ ବଳି ଦିଆଯିବ ନାହିଁ । ଖାଲି ଏହି ରାଜଧାନୀରେ ନୁହେଁ, ମୋର ସମଗ୍ର ରାଜ୍ୟରେ । ତା'ପରେ ସେ ହାତଯୋଡ଼ି ଯୁବକଙ୍କୁ ତାଙ୍କ ପରିଚୟ ପଚାରିଲେ । ସ୍ମିତହସର ସହ ଯୁବକ ଉତ୍ତର ଦେଲେ, 'ମୋର ନାମ ବିହାରୀ ଦାସ । ମୁଁ ନିମ୍ବାର୍କ ମାର୍ଗର ସାଧକ । ମୋର ଆରାଧ୍ୟ ଦେବତା ଗୋପାଳଜି । ଦେବୀ ମଧ୍ୟ ମୋର ଉପାସ୍ୟା ମାଆ ।' ରାଜା ଅନୁନୟ ସହକାରେ ବିହାରୀ ଦାସଙ୍କୁ ଭକ୍ତି ଉପହାର ପ୍ରଦାନ ନିମନ୍ତେ ତାଙ୍କ ଉଆସକୁ ନିମନ୍ତ୍ରଣ କଲେ । କିନ୍ତୁ ସନ୍ଥ ବିହାରୀ ଦାସ ରାଜାଙ୍କ ନିମନ୍ତ୍ରଣ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କରି କହିଲେ, 'ମୁଁ ଆଜନ୍ମ ବ୍ରହ୍ମଚାରୀ । ସନ୍ନ୍ୟାସ

ମୋର ଧର୍ମ । ଭୌତିକ ଉପହାରରେ ମୋର କିଛି ପ୍ରୟୋଜନ ନାହିଁ ।’ ରାଜା ଅନ୍ୟକିଛି ଉପାୟ ନ ପାଇ ବିହାରୀ ଦାସଙ୍କୁ ସେଠାକାର ଗୋପାଳଜି ମଠର ମହନ୍ତ କରିଦେଲେ । ବିହାରୀ ଦାସଙ୍କ ଶିଷ୍ୟ ପ୍ରଶିଷ୍ୟମାନେ ଆଜି ପର୍ଯ୍ୟନ୍ତ ସମ୍ବଲପୁର ଗୋପାଳଜି ମଠର ମହନ୍ତ ହୋଇ ଆସୁଚନ୍ତି । ଭକ୍ତ ବିହାରୀ ଦାସ କେବଳ ସମ୍ବଲପୁରରୁ ଜୀବବଳି ପ୍ରଥା ଲୋପ କରି ସେଠାରେ ଧର୍ମରେ ସଂସ୍କାର ଆଣି ନାହାନ୍ତି, ସମ୍ବଲପୁରର ଭାଷା ଆନ୍ଦୋଳନ ଓ ଏହା ଓଡ଼ିଶା ସହିତ ମିଶିବାର ଆନ୍ଦୋଳନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଚନ୍ତି । ଏସବୁ କାର୍ଯ୍ୟରେ ଅନ୍ୟତମ ମହନ୍ତ ନୀଳାମ୍ବର ଦାସ ମଧ୍ୟ ବହୁତ ସହଯୋଗ କରିଚନ୍ତି ।

‘‘ଆଚ୍ଛା, ବିହାରୀ ଦାସଙ୍କୁ ଦେବୀ ସମଲେଇ କହିଲେ ଯେ ତାଙ୍କ ଆଗରେ ତାଙ୍କ ସନ୍ତାନମାନଙ୍କୁ ଯେତେବେଳେ ବଳି ଦିଆଯାଏ ସେ ସେହି ନୃଶଂସତା ସହି ନ ପାରି ସେଠାରୁ ଉଭେଇ ଯାଆନ୍ତି । ତା’ହେଲେ ତାନ୍ତ୍ରିକମାନଙ୍କର ସେ ବଳି କିଏ ପାଏ ?’’ ପଚାରିଲା ଅନୁରକ୍ତା ।

କଥା ଶେଷ ହେଲା ବେଳକୁ ତୋ ମନରେ ସେହି ଚିନ୍ତା ଘାରୁଚି ? ଭଲ କଥାଟାଏ ପଚାରିଲୁ ଅବଶ୍ୟ । ମୁଁ କିନ୍ତୁ ଜାଣେ ନାହିଁ ସମଲେଇଙ୍କ ପାଖରେ ଦିଆ ଯାଉଥିବା ବଳିକୁ କିଏ ପାଉଥିଲା । ତେବେ ଶ୍ରୀମା ଏହିପରି କହିଚନ୍ତି ଯେ ଏସବୁ ମନ୍ଦିରମାନଙ୍କରେ ପ୍ରକୃତ ଦେବାଦେବୀ ସ୍ଥାନରେ ଅନେକ କ୍ଷେତ୍ରରେ ନିମ୍ନପ୍ରାଣ ସ୍ତରର ବିକୃତ, ବୀଭତ୍ସସତ୍ତାମାନେ ଥାଆନ୍ତି । ସେମାନେ ଏଇସବୁ ବଳି ଇତ୍ୟାଦିକୁ ଗ୍ରହଣ କରନ୍ତି ଓ ସନ୍ତୋଷ ଲାଭ କରନ୍ତି । ବଳି ଦେଉଥିବା ଲୋକର ମନୋବାଞ୍ଛା ବି ସାଧ୍ୟ ମୁତାବକ ପୂରଣ କରିଥା’ନ୍ତି । ମୁଁ ଭାବୁଚି ବିହାରୀ ଦାସଙ୍କ ଭକ୍ତି ଓ ପ୍ରାର୍ଥନା ବିଶୁଦ୍ଧ ଆନ୍ତରିକ ଥିବାରୁ ପ୍ରକୃତ ଦେବୀ ଆବିର୍ଭୂତା ହୋଇଥିଲେ । ଏ ପ୍ରକାର ମନ୍ଦିରମାନଙ୍କରେ ପ୍ରାର୍ଥନା ଆନ୍ତରିକ ଓ ଶୁଦ୍ଧ ନ ଥିଲେ ସମ୍ମୁଖରେ ଥାଇ ପୂଜା ନୈବେଦ୍ୟ ଗ୍ରହଣ କରୁଥିବା ବିଭିନ୍ନ ବିକୃତ, ନିମ୍ନସ୍ତରର ଦେବାଦେବୀଙ୍କ ସମ୍ମୁଖୀନ ହେବାକୁ ହୋଇଥାଏ ।’’

‘‘ଆଚ୍ଛା, ସେ ରାଜାଙ୍କର ପୁଣି କ’ଣ ହେଲା ?’’ ପୁଣି ପଚାରିଲା ଅନୁରକ୍ତା ।

''କାହାର ? ବଳିୟାର ସିଂହଙ୍କର ? ସେ ତ ବିହାରୀ ଦାସଙ୍କଠାରୁ ଭକ୍ତିତତ୍ତ୍ୱ ଶୁଣି ପୂରା ଭକ୍ତ ପାଲଟି ଗଲେ । ତାଙ୍କ ମଧ୍ୟସ୍ଥ ସେ ହୀନ ତାନ୍ତ୍ରିକ ଭାବ ଲୋପ ପାଇଲା । ଦେବୀଙ୍କ ପ୍ରତି ଭୟ ସ୍ଥାନରେ ପ୍ରେମ, ଭକ୍ତି, ମଧୁର ଭାବର ସଞ୍ଚାର ହେଲା । ସେ ଜଗନ୍ନାଥ ଦର୍ଶନ ନିମନ୍ତେ ପୁରୀ ଗଲେ । ପୁରୀରୁ ଫେରି ସମ୍ବଲପୁରରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କଲେ । ତାନ୍ତ୍ରିକ ସମ୍ବଲପୁର ହେବାରେ ଲାଗିଲା ଭକ୍ତ ସମ୍ବଲପୁର ।''

# ପାଇବା ସହଜ ନ ହେଲେ ମରିବା ତ ସହଜ !

''ଚିନୁ ଭାଇ, ଆମ ସ୍କୁଲ ଶ୍ରୀଅରବିନ୍ଦ ପାଠଚକ୍ରର ଏବେ ବାର୍ଷିକ ଉତ୍ସବ ପାଳନ ହୋଇଥିଲା । ଆମେସବୁ ଏଇ ଉତ୍ସବ ଲାଗି ଗାଁରୁ ଚାନ୍ଦା ଆଦାୟ କରୁଥିଲୁ । ଆମ ଗାଁ ସନିଆ ବୋଉକୁ ଚିହ୍ନିଚ ତ ? ତା' ପୁଅ ନାଁ ସନିଆ ଆଉ ଝିଅ ନାଁ ସାରିଆ । ଏଇ ପୁଅ ଝିଅ ଦୁଇଟିଙ୍କ ଛଡ଼ା ତା'ର ଆଉ ସଂସାରରେ କେହି ନାହାଁ । ସ୍ୱାମୀ ତା'ର କଲିକତାରେ ଚାକିରି କରୁଥିଲା ସିଆଡ଼େ ମରିଗଲା । ଜମିବାଡ଼ି କିଛି ନାହିଁ । ସିଏ ଗାଁରେ ସମସ୍ତଙ୍କର ଧାନ କୁଟି ଛୁଆ ଦୁଇଟିକୁ ପାଳେ । ଏବେ ସନିଆ ବଡ଼ ହୋଇ ଗାଈ ଜଗିଲାଣି ଆଉ ସାରିଆ ବି ତୋଟାମାଳକୁ ଯାଇ ଶୁଖିଲାପତ୍ର, ଜାଳ ସବୁ ସଂଗ୍ରହ କରିଆଣେ । ଦୁଃଖେ କଷ୍ଟେ ଚଳିଯାଆନ୍ତି । ତାଙ୍କ ଘରକୁ ମାଗିବାକୁ ଯିବାକୁ କେତେକେ ମନା କରୁଥିଲେ । ଆଉ କେତେକେ କହିଲେ ନାହିଁ ଯିବା । ଯାହା ଦେବ ଦେବ, ନ ଦେବ ନାହିଁ । କିନ୍ତୁ ସନିଆ ବୋଉ ଆମକୁ ସବୁ ତା' ଘରେ ଦେଖି ଭାରି କୃତକୃତ୍ୟ ହୋଇଗଲା । ପଚାରିଲା, 'ବାବୁମାନେ, କୁଆଡ଼େ ଆଇଚ ?' ଆମେ ଯେମିତି ଆମ ଯିବାର ଉଦ୍ଦେଶ୍ୟ ଜଣେଇଚୁ ସେମିତି ଭାରି ନାଜ ନାଜ ହୋଇ ତା' ବଣାରୁ କିଛି ଚାଉଳ ଆଣି ଦେଲା । ଗୋଟାଏ ନଡ଼ିଆ ବି ଦେଲା । କହିଲା, 'ଠାକୁରଙ୍କ କାମରେ କିଏ କେତେ ଦେଉଚନ୍ତି ! ମୁଁ ତ ଗରିବ ଲୋକ, ଆଉ ମୋ ପାଖରେ କ'ଣ ଅଛି ? ସନିଆ ବାପା ଯଦି ଥାଆନ୍ତା !' କହି ସେ କାନ୍ଦି ପକେଇଲା, ତା'ପରେ ସଙ୍ଗେ ସଙ୍ଗେ ଆଖିରୁ ଲୁହ ପୋଛି କହିଲା, 'ତୁମେମାନେ ଯାଅ, କେତେ ଦୁଆର ବୁଲିବ । ଏଠି ଆଉ ତୁଚ୍ଛାଟାରେ କାହିଁକି ଡେରି କରିବ ? ଯଦି ରାତିରେ କିଛି କାମ କରିବାକୁ ଥାଏ, ତେବେ କହିଲେ ସନିଆ ଯାଇ କରିଦେଇ ଆସିବ ।' ସତରେ ସନିଆ ବି ଆସି ରାତିରେ ଆମକୁ କାମରେ ବହୁତ ସାହାଯ୍ୟ କରିଥିଲା ।

''ସନିଆ ବୋଉର କଥା ଶୁଣି ମୋ ଅନ୍ତରଟା ବହୁତ ଗୋଳେଇ ଘାଣ୍ଟି ହୋଇଗଲା । ମୁଁ ଭାବିଲି ଯିଏ ଗରିବ ଲୋକ, ଯିଏ ଠାକୁରଙ୍କୁ ବେଶୀ କିଛି ଦେଇପାରୁ ନାହିଁ; କିନ୍ତୁ ତା'ର ସଖ୍ୟ ମୁତାବକ ଦଉଚି, ଆଉ ଯିଏ ବଡ଼ ଲୋକ ଠାକୁରଙ୍କୁ ବହୁତ କିଛି ଦେଇପାରୁଚି – ଏ ଦୁହିଙ୍କ ଭିତରୁ ଠାକୁର କାହାକୁ ବେଶୀ ମର୍ଯ୍ୟାଦା ଦିଅନ୍ତି ? ଧନୀକୁ ନା ଗରିବକୁ ? ମଣିଷ ତ ଧନୀକୁ ବେଶୀ ମର୍ଯ୍ୟାଦା ଦିଏ, ଗରିବକୁ ପଚାରେ ନାହିଁ ।'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ଭଗବାନ୍ ଧନୀକୁ ମର୍ଯ୍ୟାଦା ଦିଅନ୍ତି ନାହିଁ କି ଗରିବକୁ ମର୍ଯ୍ୟାଦା ଦିଅନ୍ତି ନାହିଁ, ଦିଅନ୍ତି ଭାବକୁ । ସେ ଧନର ଅଧୀନ ନୁହନ୍ତି, ଭାବର ଅଧୀନ । ସେ ଧନୀର ନୁହନ୍ତି କି ଗରିବର ନୁହନ୍ତି । ତାଙ୍କ ଭିତରୁ ଯିଏ ଯଥାର୍ଥରେ ଭକ୍ତ ସିଏ ତା'ରି । ଧନୀ ଯଦି ତା'ର ବଳକା ଧନରୁ ସାମାନ୍ୟ ମାତ୍ର ଆତ୍ମମର୍ଯ୍ୟାଦାର ଅଧିକାରୀ ହେବା ଲାଗି ଆତ୍ମ-ବଡ଼ିମା ଦେଖେଇ ହେବା ଲାଗି ଭଗବାନଙ୍କୁ ଦାନ କରେ ଭଗବାନ୍ ତାକୁ ତିଳେମାତ୍ର ଗୁରୁତ୍ୱ ଦେଇ ନ ଥା'ନ୍ତି । କିନ୍ତୁ ଗରିବଟିଏ ଯଦି ଆନ୍ତରିକ ଭକ୍ତି ଶ୍ରଦ୍ଧାର ସହ ତା'ର ନିଜ ଖାଇବାରୁ କାଟି ଭଗବାନଙ୍କୁ ଅର୍ପଣ କରିଥାଏ, ଭଗବାନ୍ ତାକୁ ବହୁମୂଲ୍ୟ ବସ୍ତୁ ତୁଲ୍ୟ ସବୁକିଛିକୁ ଆଡ଼େଇ ଦେଇ ଆନନ୍ଦରେ ଗ୍ରହଣ କରିଥା'ନ୍ତି । ପାର୍ଥକ୍ୟ ହେଉଚି ଭାବର ଜଳରେ କିଏ ସିକ୍ତ ହେଇଚି ଆଉ କିଏ ଭାବ-ଜଳ-ହୀନ ଶୁଷ୍କ ।

ଥରେ ଶ୍ରୀମାଙ୍କର ଜଣେ ଭକ୍ତ ବଲ୍‌ପେନ୍‌ଟିଏ କିଣିଲା । ସେ ପେନ୍‌ଟିର ସୌନ୍ଦର୍ଯ୍ୟରେ ସିଏ ଏତେ ମୁଗ୍ଧ ହୋଇଗଲା ଯେ ତା'ର ଖାଲି ମା'ଙ୍କ କଥା ମନେ ପଡ଼ିଲା । ସେ କଲମଟି ସିଏ ମା'ଙ୍କୁ ଦେଇଦେଲେ ବହୁତ ଆନନ୍ଦ ପାଇବ ବୋଲି ଅନୁଭବ କଲା ଓ ସଙ୍ଗେ ସଙ୍ଗେ ମା'ଙ୍କ ପାଖକୁ ପଠାଇଦେଲା । ମା' ତା' ପାଖକୁ ଲେଖିଲେ, ଯଦିଓ ତାଙ୍କର ବଲ୍‌ପେନ୍ ଦରକାର ନାହିଁ, ତଥାପି ସେ କଲମଟି ସହିତ ଯେଉଁ ଭାବ ମିଶି ଆସିଛି ସେଥିଲାଗି ସେ ତାକୁ ଖୁସିରେ ଗ୍ରହଣ କଲେ । କିଛି ବର୍ଷ ପରେ ଥରେ ଜଣେ ଭକ୍ତ ମା'ଙ୍କୁ ପ୍ରଣାମ କରୁଥିବା ସମୟରେ ଗୋଟିଏ ସୁନାର ବଲ୍‌ପେନ୍ ଖୁବ୍

ବଦାନ୍ୟଭାବର ସହ ମା'ଙ୍କ ଆଡ଼କୁ ବଢ଼ାଇ ଦେଲା । ଭାବିଥିଲା ମା' ଏତେ ମୂଲ୍ୟବାନ୍ କଲମଟିଏ ଦେଖିଲେ କେତେ ଖୁସି ହୋଇ ନ ନେବେ ! କିନ୍ତୁ ମା'ଙ୍କ ସ୍ୱାଭାବିକ ପ୍ରତିକ୍ରିୟା ପ୍ରକାଶ ପାଇଲା : ମୁଁ ବଲ୍‌ପେନ୍ ବ୍ୟବହାର କରେ ନାଇଁ ।

''ସେଇଥିପାଇଁ ଭଗବାନ୍ ସବୁବେଳେ 'ଭାବକୁ ନିକଟ ଆଉ ଅଭାବକୁ ଦୂର' । ଶୁଣିବୁ ଗୋଟିଏ ଗରିବ ଭକ୍ତ କଥା, ଯାହା ଘରେ ଶାଗ ଭାତ ଖାଇବା ଲାଗି ଠାକୁର ତାଙ୍କ ବଡ଼ ଦେଉଳ, ଆଉ ରାଜକୀୟ ମଣୋହିକୁ ଛାଡ଼ି ଚାଲି ଆସିଥିଲେ ?

''ହଁ, ଶୁଣିବି !'' ଆନନ୍ଦରେ କୁରୁଳି ଉଠି କହିଲା ଅନୁରକ୍ତା ।

''ସେ ଗରିବ ଭକ୍ତଟିର ନାମ ହେଉଛି ରଘୁ ବେହେରା । ଘର ତା'ର ପିପିଲି ଗ୍ରାମରେ । ପିପିଲି ପୁରୀଠାରୁ ଦଶକୋଶ ଦୂର । ପୁରୀ ଜଗନ୍ନାଥ ଦର୍ଶନକୁ ଯେଉଁ ଯାତ୍ରୀମାନେ ପାଦରେ ଚାଲିଚାଲି ସେ କାଳରେ ଆସୁଥିଲେ, ଅବେଳା ହେଲେ ପିପିଲିଠାରେ ବିଶ୍ରାମ ନେଉଥିଲେ । ତେଣୁ ପିପିଲି ଥିଲା ଯାତ୍ରୀମାନଙ୍କର ଏକ ବିଶ୍ରାମ ସ୍ଥାନ ।

''ରଘୁ ବେହେରାଙ୍କ ଘରେ ତାଙ୍କୁ ମିଶାଇ ତିନି ପ୍ରାଣୀ କୁଟୁମ୍ବ । ତାଙ୍କୁ ଛାଡ଼ି ତାଙ୍କ ସ୍ତ୍ରୀ ଓ ମା । ରଘୁ ଜାତିରେ କେଉଟ । ମାଛ ମାରିବା ତାଙ୍କର ବ୍ୟବସାୟ । ତା' ନ ହେଲେ କୁଟୁମ୍ବ ପୋଷା ଅସମ୍ଭବ । ରଘୁ ବେହେରା ବହୁତ ସରଳ ଆଉ ଭକ୍ତିପରାୟଣ । ତାଙ୍କ ଭିତରର ଭକ୍ତିର ମଞ୍ଜି ଜଣେ ସାଧୁଙ୍କ ସଂସ୍ପର୍ଶରେ ଆସି ଅଙ୍କୁରିତ ହୋଇଉଠିଲା । ସାଧୁ ପୁରୀ ଜଗନ୍ନାଥ ଦର୍ଶନରେ ଯିବା ବାଟରେ ପିପିଲିଠାରେ ବିଶ୍ରାମ ନେଇଥିଲେ । ରଘୁ ତାଙ୍କ ପ୍ରତି ଆକୃଷ୍ଟ ହେଇ ତାଙ୍କର ସେବା ଯତ୍ନ କରି ତାଙ୍କଠାରୁ ଦୀକ୍ଷା ନେଲେ । ସାଧୁ ତାଙ୍କୁ ମନ୍ତ୍ର ଦେଇ, ସାଧନାର କିଛି ପଦ୍ଧତି ବତାଇ ଦେଇ ଜୀବହତ୍ୟା ନ କରିବା ଲାଗି ନିର୍ଦ୍ଦେଶ ଦେଇ ଚାଲିଗଲେ ।

''ଶୁଖିଲା ବାଲିରେ ଯେପରି ପାଣି ପଡ଼ି ନିମିଷକେ ଭେଦିଯାଏ, ସେହିପରି ରଘୁଙ୍କ ହୃଦୟରେ ସାଧୁଙ୍କ ଦୀକ୍ଷା ଚଟ୍‌କରି ଭେଦିଗଲା । ତାଙ୍କ

ହୃଦୟ ଯେପରି ଏଇଥିପାଇଁ ଆକୁଳିତ, ପିପାସିତ ହୋଇ ଚାହିଁ ରହିଥିଲା ।

''ସାଧୁ ଚାଲିଗଲେ । ରଘୁ ତାଙ୍କ ସାଧନାରେ ଲାଗି ରହିଲେ । ମାଳା, ତିଳକ ଧାରଣ କରି ନିରନ୍ତର ସାଧୁ ଦେଇଥିବା ମନ୍ତ୍ରଜପ କରି ନିଜକୁ ସେଇଥିରେ ପୂରାପୂରି ହଜେଇ ଦେଲେ । କେଉଟ କୁଳରେ ଜନ୍ମ ହୋଇ ଥିବାରୁ ନିଜକୁ ଶତ ଧିକ୍‌କାର କଲେ । ପେଟ ପୋଷିବା ପାଇଁ କେତେ ନିରୀହ ମାଛଙ୍କୁ ମାରି ସେ ପାପ ଅର୍ଜନ କରିଚନ୍ତି ବୋଲି ମୁଣ୍ଡ କୋଡ଼ି ହେଲେ । ଆଉ ଏଣିକି ଜୀବନ ଯାଉ ପଛେ କେବେ ମାଛ ମାରିବେ ନାଇଁ ବୋଲି ଶପଥ କଲେ । କିନ୍ତୁ ଘରେ ତ ସିଏ ଏକା ନୁହନ୍ତି । ତାଙ୍କ ମା ଓ ସ୍ତ୍ରୀ ଭୋକ ଉପାସରେ ରହି ତାଙ୍କ ଉପରେ ବିରକ୍ତ ହେଲେ । କହିଲେ, 'ତୁ ସିନା ସନ୍ନ୍ୟାସୀ ହେବୁ, ଆମେମାନେ ବଞ୍ଚିବୁ କିପରି ? ଆଜି ଯାଇ ମାଛ ମାରି ନ ଆଣିଲେ ଏ ଘର କବାଟ ତୋ ଲାଗି ବନ୍ଦ । ରଘୁ କିଛି ସ୍ଥିର କରିପାରିଲା ନାଇଁ । ମା' ଓ ସ୍ତ୍ରୀଙ୍କୁ ତ ତାଙ୍କୁ ଭରଣପୋଷଣ କରିବାକୁ ହେବ । ନଇଲେ ସେମାନେ ବଞ୍ଚିବେ କିପରି ? ଏହା ଭାବି ସେ ବାଧ ହୋଇ ଅନିଚ୍ଛା ସତ୍ତ୍ୱେ ପେଲଣା ଜାଲଟିଏ ଧରି ମାଛ ମାରିବାକୁ ଚାଲିଲେ । ନିକଟସ୍ଥ ଏକ ପୁଷ୍କରିଣୀରୁ ସେ ଜାଲ ସାହାଯ୍ୟରେ ଗୋଟିଏ ବଡ଼ ରୋହିମାଛ ଧରିଲେ । ମାଛକୁ ଦେଖି ତା' ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଗଲେ । ଭାବିଲେ ଇଏତ ସାକ୍ଷାତ୍ ଭଗବାନଙ୍କ ମୀନ ଅବତାର । ଏଇ ଅବତାରରେ ପ୍ରଭୁ ଶଙ୍ଖାସୁରକୁ ମାରିଥିଲେ । ମୁଁ ଏବେ ୟାଙ୍କୁ ମାରିବି କିପରି ? ମହାଅଡୁଆରେ ବିଚରା ପଡ଼ିଲେ । ଏଣେ ନ ମାରିଲେ ସ୍ତ୍ରୀ ତାଙ୍କର ଘରେ ପୂରାଇ ଦେବ ନାଇଁ । ଆଖିରୁ ତାଙ୍କର ଦୁଃଖରେ ଲୁହ ଧାର ଧାର ବହି ଯାଉଥାଏ । ଶେଷକୁ ସେ ମୀନରୂପୀ ଭଗବାନଙ୍କୁ ନେଇ ଶୁଖିଲାରେ ପକାଇ କହିଲେ, 'ତୁମେ ତ ମୋତେ ପ୍ରଭୁ ଧୀବର କୁଳରେ ଜନ୍ମ ଦେଇଚ । ତୁମକୁ ବର୍ତ୍ତମାନ ନ ମାରିଲେ ମୋ ତିନି ପ୍ରାଣୀ କୁଟୁମ୍ବ ଅପୋଷା ରହିବେ ।' ଏହା କହି ସେ ମାଛଟିର ତଣ୍ଟି ଚିପିବାକୁ ଗଲେ । ମାଛର ତଣ୍ଟିରେ ହାତ ଦେବାକ୍ଷଣି ତା'ର ପାଟି ମେଲା ହୋଇଗଲା ଓ ସେଥିରୁ 'ନାରାୟଣ ରକ୍ଷାକର' ବୋଲି ଏକ ଶବ୍ଦ ବାହାରିଲା ।

''ସେ ଶବ୍ଦ ଶୁଣି ରଘୁଙ୍କ ମନ ଆନନ୍ଦରେ ନାଚିଉଠିଲା । ମାଛଟିକୁ ଆଉ ନ ମାରି ତାକୁ ଧରି ନିକଟସ୍ଥ ଏକ ବଣ ମଧ୍ୟକୁ ଗଲେ । ବଣ ଭିତରେ ଏକ ନିର୍ଜନ ସ୍ଥାନରେ ଝରଣାଟିଏ କୁଳୁ କୁଳୁ ହୋଇ ବହି ଯାଉଚି । ସେଇ ଝରଣା ନିକଟରେ ଗୋଟିଏ ଗାଡ଼ କରି ସେଥିରେ ପାଣି ପୂରାଇ ସେ ମାଛଟିକୁ ସେଥିରେ ଛାଡ଼ିଲେ । ତା' ନିକଟରେ ବସି ଏକାଗ୍ର ଚିତ୍ତରେ ଧ୍ୟାନ ଆରମ୍ଭ କରିଦେଲେ । ସଂକଳ୍ପ କଲେ ମାଛଟି ତାଙ୍କୁ ଯେଉଁ ନାମ ଶୁଣାଇଲା ସିଏ ନିଜେ ସାକ୍ଷାତ୍ ତାକୁ ଦର୍ଶନ ନ ଦେଲେ ଆଉ ସେ ସେଠୁ ଉଠିବେ ନାହିଁ । ନ ଖାଇ ନ ପିଇ ପଛେ ମରିବେ, ଟିକିଏ ବି ଘୁଞ୍ଚିବେ ନାହିଁ । ମନରେ ଖାଲି ସେଇ ନାରାୟଣଙ୍କ ନାମ ଭଜନ କରୁଥାଆନ୍ତି । ନ ଖାଇ ନ ପିଇ ସେଇ ଅବସ୍ଥାରେ ତିନିଦିନ କଟିଗଲା ।

''ଶେଷରେ ଭଗବାନ୍ ଗୋଟିଏ ବ୍ରାହ୍ମଣ ବେଶରେ ଆସି ରଘୁଙ୍କ ପାଖରେ ପହଞ୍ଚିଲେ । ପଚାରିଲେ, 'ତୁମେ କିଏ ତପସ୍ୱୀ ? କାହାର ତପସ୍ୟା ଏଠି କରୁଛ ? ତୁମର ଜାତିଗୋତ୍ର କ'ଣ ? ରଘୁ ସମସ୍ତ କଥା କହିଲେ । ଶେଷରେ କହିଲେ, 'ମାଛ ମୁହଁରୁ ଯେଉଁ 'ନାରାୟଣ'ଙ୍କ ନାମ ଶୁଣିଲି ତାଙ୍କୁ ସାକ୍ଷାତ୍ ଦର୍ଶନ ନ କଲେ ଏଇଠି ଶରୀର ତ୍ୟାଗ କରିବି ପଛେ ଆଉ ଉଠିବି ନାହିଁ । ତୁମେ ଏଠାରୁ ଦୟାକରି ଶୀଘ୍ର ଚାଲିଯାଅ । ମୋ ଧ୍ୟାନରେ ବାଧା ପଡୁଚି ।' ଛଦ୍ମବେଶୀ ବ୍ରାହ୍ମଣ ଟିକିଏ ମନେ ମନେ ହସି କହିଲେ, 'ମାଛ ମୁହଁରୁ କ'ଣ କେବେ 'ନାରାୟଣ' ଶବ୍ଦ ବାହାରେ ? ତୁମେ ଭୁଲ୍ ଶୁଣିଚ । ଯଦି ବି ସେପରି ହୋଇଥାଏ, ତାଙ୍କୁ କ'ଣ ଦର୍ଶନ କରିବା ସହଜ ? ମୁନିଋଷିମାନେ କେତେ ତପସ୍ୟା କରି ତାଙ୍କ ଦର୍ଶନ ପାଉ ନାହାନ୍ତି । ଏସବୁ ବୃଥା ସଂକଳ୍ପ ଛାଡ଼ି ଘରକୁ ଚାଲିଯାଅ । ରଘୁ ଏଥର ବହୁତ ଦୃଢ଼ ସ୍ୱରରେ କହିଲେ, 'ତାଙ୍କୁ ସିନା ପାଇବା ସହଜ ନୁହେଁ, ମୋର ମରିବାଟା ତ ସହଜ ! ତାଙ୍କୁ ନ ପାଇଲେ ମୋ ଜୀବନରେ ଲାଭ କ'ଣ ? ଏଇଠି ମରିବି । ସେ ତାଙ୍କର ପତିତପାବନ ବାନା ଉଡ଼ାଉ ଥାଆନ୍ତୁ । ମୋର ଧ୍ୟାନରେ ବାଧା ପଡୁଚି, ତୁମେ ଆଉ ମୋତେ କିଛି ନ ପଚାରି ଏଠାରୁ ଚାଲିଯାଅ ।'

''ପ୍ରଭୁ ରଘୁଙ୍କ ହୃଦୟରେ ଅଟଳ ଭକ୍ତି ଓ ସଂକଳ୍ପ ଦେଖି ଖୁସି ହେଲେ । ସେ ଜାଣିପାରିଲେ ଭଗବତ୍ ଦର୍ଶନ ନ କଲେ ଏ ଆଉ ଏଠୁ ଉଠିବ ନାଇଁ, ନ ଖାଇ ନ ପିଇ ପଛେ ମରିବ । ଶେଷକୁ ସେ ଆଉ ନିଜକୁ ଗୋପନ ରଖି ନ ପାରି ରଘୁଙ୍କୁ କହିଲେ, 'ରଘୁ, ତୁ ଯାହାଙ୍କୁ ଧ୍ୟାନ କରୁଚୁ ମୁଁ ସେଇ ।' ରଘୁ ତାଙ୍କୁ ଟିକିଏ ଭଲ କରି ଚାହିଁଲେ, ମନରେ ତାଙ୍କର ସନ୍ଦେହ । ସତରେ କ'ଣ ଇଏ ସେଇ ଦେବ ଦୁର୍ଲଭ ଭଗବାନ୍, ଯିଏକି କୋଟି କୋଟି ଜନ୍ମର ତପସ୍ୟାରେ ବି ବେଳେବେଳେ ମିଳନ୍ତି ନାଇଁ ? ସେ କହିଲେ, 'ମୋର ବିଶ୍ୱାସ ହଉ ନାଇଁ । ଯଦି ତୁମେ ସତରେ ଭଗବାନ୍, ତୁମର ନିଜ ରୂପ ଦେଖାଅ । ମୁଁ ସେ ରୂପର ବର୍ଣ୍ଣନା ଶୁଣିଚି ।' ପ୍ରଭୁ ରଘୁଙ୍କର କଳ୍ପିତ ଭଗବାନଙ୍କ ସ୍ୱରୂପ ଅନୁଯାୟୀ ଚତୁର୍ଭୁଜ ରୂପରେ ତାଙ୍କୁ ଦେଖାଦେଲେ । ଚାରି ହାତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଶୋଭା ପାଉଚି । ସେଇ ଅପୂର୍ବ ସୁନ୍ଦର ରୂପ ଦେଖି ରଘୁ ମୋହିତ ହୋଇ ପଡ଼ିଲେ । ତାଙ୍କ ପାଦ ତଳେ ନିଜକୁ ଲୋଟାଇ ଦେଇ ଆନନ୍ଦରେ କାନ୍ଦି ପକାଇଲେ । ମନେ ମନେ କହିଲେ, 'ଯୋଗୀ, ମୁନିଋଷିମାନେ ତୁମକୁ ବର୍ଷ ବର୍ଷ ଧରି ସାଧନା କରି ତାଙ୍କୁ ଟିକିଏ ଦେଖାଦିଅ ନାଇଁ, ଆଉ ଏଇ ଛାର ଧୀବର ରଘୁ ବେହେରାକୁ ଦେଖାଦେବା ଲାଗି ତୁମେ ଧାମ ଛାଡ଼ି ଚାଲିଆସିଚ ? ରଘୁଙ୍କ ପାଟିରେ କିଛି କଥା ନାଇଁ, ମନରେ କିଛି ଚିନ୍ତା ନାଇଁ, ମନ, ପ୍ରାଣ, ହୃଦୟ ସବୁ ପ୍ରଭୁଙ୍କଠାରେ ଲାଖି ଯାଇଚି । ଶେଷରେ ପ୍ରଭୁ ପ୍ରସନ୍ନ ହୋଇ କହିଲେ, 'ରଘୁ, ତୁମର ଯାହା ଇଚ୍ଛା ସେ ବର ମୋ'ଠାରୁ ମାଗି ନେଇପାର ।' ରଘୁ କ'ଣ ବା ଆଉ ମାଗନ୍ତେ ! କହିଲେ, ପ୍ରଭୁ, ଯଦି ଦୟା କରିଚ, ତେବେ ସେହି ବର ଦିଅ ଯାହାଫଳରେ ମୁଁ ଆଉ ମାଛ ନ ମାରି ଜୀବିକା ଅର୍ଜନ କରିପାରିବି । ଆଉ ତୁମକୁ ଯେତେବେଳେ ଚାହୁଁ ଥିବି, ମୋତେ ଟିକିଏ ଦର୍ଶନ ଦେଉଥିବ ।' ପ୍ରଭୁ 'ତଥାସ୍ତୁ' କହି ଆଶୀର୍ବାଦ କରି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ ।

''ରଘୁଙ୍କ ଆନନ୍ଦ ଆଉ ଦେଖେ କିଏ ? ତାଳି ମାରି, ନାଚ କରି, ପ୍ରଭୁଙ୍କ ନାମ ଗାନ କରି କରିକା ଚାଲିଲେ ଗାଁ ଆଡ଼େ ।

''ତେଣେ ଗାଁରେ କ'ଣ ହେଇଚି ନା ରଘୁ ତିନି ଦିନ ହେବ ଘରକୁ

ନ ଫେରିବାରୁ ଗାଁ ଲୋକ ଓ ଘର ଲୋକ ଧରି ନେଲେଣି ଯେ ରଘୁ କୁଆଡ଼େ ମରି ହଜି ଗଲେଣି । ତାଙ୍କୁ ଏପରି ଆନନ୍ଦରେ ନୃତ୍ୟ କରି, ତାଳି ମାରି, ହରିନାମ ଭଜନ ସହ ଆସୁଥିବାର ଦେଖି ଗାଁ ଲୋକେ ଭାବିଲେ, ଠକଟାଏ, ସୁଦୁ ଠକଟାଏ । କିଛି ରୋଜଗାର କରି ନ ପାରି ମା' 'ମାଇପକୁ ଠକିବା ଲାଗି ଗୋଟାଏ ଫନ୍ଦି କରିଚି । ଏମିତି ହେଲେ ମା', ମାଇପ ଆଉ ଗାଳି ଦେବେ ନାଇଁ । ଡରିବେ, ଭାବିବେ ସନ୍ନ୍ୟାସୀ ହୋଇଗଲାଣି । ଏଇଆ ଭାବି ସେମାନେ ରଘୁଙ୍କୁ ନାନା ପ୍ରକାର ଟାହିଟାପରା କଲେ । ରଘୁ ସେସବୁକୁ ଭୃକ୍ଷେପ ନ କରି ଘରକୁ ଆସିଲେ । ଘରେ ତାଙ୍କୁ ଦେଖି ତାଙ୍କ ମା' ଆଉ ସ୍ତ୍ରୀଙ୍କ ପିଣ୍ଡରେ ପ୍ରାଣ ପଶିଲା । ଘରେ ଯାହାଥିଲା ଆଣି ଖାଇବାକୁ ଦେଲେ । ରଘୁ ଖାଇସାରି ନାରାୟଣଙ୍କ ନାମ ସ୍ମରଣ କରି ମାଳା ତିଳକ ଆଦି ଧାରଣ କଲେ । ଆଉ ମାଛ ମାରି ନ ଯାଇ ବୈଷ୍ଣବ ବେଶରେ ଭିକ୍ଷା ଥାଳିଟିଏ ଧରି ଦାଣ୍ଡେ ଦାଣ୍ଡେ ନାରାୟଣଙ୍କ ନାମ କୀର୍ତ୍ତନ କରି ବୁଲିଲେ । କାହାକୁ କିଛି ହାତ ପତାଇ ମାଗନ୍ତି ନାଇଁ । ଯିଏ ଯାହା ମନକୁ ଦେଲା ଗ୍ରହଣ କରନ୍ତି । ଭଗବାନଙ୍କ କୃପାରୁ ତାଙ୍କ କଟୁମ୍ବଙ୍କର ପ୍ରତିଦିନ ଖାଦ୍ୟ ଲାଗି ଯାହା ଦରକାର ତାହା ଭିକ୍ଷା ଆକାରରେ ମିଳିଯାଏ । ରଘୁ ସେସବୁ ଆଣି ମାଆଙ୍କୁ ଦିଅନ୍ତି । ମା ଆଉ ସ୍ତ୍ରୀ ଏଣିକି ରଘୁଙ୍କ ଉପରେ ଆଦୌ ଚିଡ଼ୁ ନାହାନ୍ତି । ତାଙ୍କର ଚଳିବା ପାଇଁ ଯାହା ଦରକାର ତାହା ତ ମିଳିଯାଉଚି । ଆଉ ଚିଡ଼ିବେ କାହିଁକି ?

ଏହିପରି ପରିବାରଟିର ଦିନ ସୁଖରେ ବିତି ଯାଉଥାଏ । ରଘୁଙ୍କୁ କିନ୍ତୁ ଗାଁ ପିଲାମାନେ ଠକ, ଭଣ୍ଡ, ଅଳସୁଆ କହି ଚିଡ଼ାଉ ଥା'ନ୍ତି । ଦିନେ ରଘୁ ଭିକ୍ଷା କରି ଆସି ଗାଁ ମଣ୍ଡପରେ ବସିଚନ୍ତି । ଏତିକିବେଳେ ଦୁଷ୍ଟ ପିଲାଗୁଡ଼ିକ ଆସି ତାଙ୍କୁ ନାନା ପ୍ରକାରରେ ଗାଳି ଦେଇ ଧୂଳି ଫୋପାଡ଼ିଲେ । ରଘୁ ସେମାନଙ୍କୁ କିଛି ନ କହି ଚୁପ୍ କରି ଉଠି ଘର ଆଡ଼କୁ ଚାଲିଲେ । ଏତିକିବେଳେ ସେ ପିଲାଙ୍କ ମଧ୍ୟରୁ ଜଣେ ଗୋଟିଏ ବାଡ଼ି ଅଗରେ ଗୋଟିଏ କଣ୍ଟା ମାରି ରଘୁଙ୍କ ପଛରୁ ଖେଞ୍ଚି ଦେଲା । ରଘୁଙ୍କ ଦେହରେ କଣ୍ଟା ଫୁଟି ରକ୍ତ ଝରିଲା । ଯନ୍ତ୍ରଣାରେ ହଠାତ୍ ରଘୁଙ୍କ ମୁହଁରୁ ବାହାରି ପଡ଼ିଲା, 'ମୁଁ ତୋର କି ଅପରାଧ କଲି,

ମୋତେ ତୁ ଏପରି ଦଣ୍ଡ ଦେଲୁ । ତତେ ଏଥିଲାଗି ଦୀନବନ୍ଧୁ ଦଣ୍ଡନ୍ତୁ ।' ଏହା କହି ସେ ଘରକୁ ଚାଲିଗଲେ । ହଠାତ୍ ଯେଉଁ ପିଲାଟି ତାଙ୍କ ଦେହରେ କଣ୍ଟା ଫୁଟାଇ ଥିଲା ସେ ପିଲାଟି ପ୍ରାଣହୀନ ହୋଇ ପଡ଼ିଗଲା । ତା'ର ସାଙ୍ଗ ପିଲାମାନେ ଏପରି ଅବସ୍ଥା ଦେଖି ଭୟରେ ଯାଇ ତା' ବାପାମାଆ ଆଗରେ ସବୁକଥା କହିଦେଲେ । ସେମାନେ କାନ୍ଦିକାଟି, ମୁଣ୍ଡକୋଡ଼ି ହୋଇ ଆସି ପୁଅକୁ ଦେଖି କାଠ ପାଲଟି ଗଲେ । ଗାଁର ଟିକିଏ ଉତ୍ତମ ସ୍ୱଭାବର ଲୋକମାନେ କହିଲେ, 'ବିଚରା ରଘୁ ତା'ର ହରିନାମ କରି ଭିକ୍ଷାମାଗି ବୁଲୁଚି । ସିଏ ତ କାହାରି କିଛି କ୍ଷତି କରୁ ନାଇଁ କି କାହାକୁ ହାତ ପତାଇ କିଛି ମାଗୁ ନାଇଁ । ବିଚରା ନିରୀହ ଭକ୍ତକୁ କଣ୍ଟାରେ ଫୁଟାଇବାରୁ ତା'ର ଅଭିଶାପ ପଡ଼ିଲା । ପିଲାକୁ ଯଦି ସିଏ ବଞ୍ଚାଇ ପାରେ ତ ବଞ୍ଚାଇ ପାରେ, ନ ହେଲେ ଆଉ ତା'ର ବଞ୍ଚିବାର ଆଶା ନାଇଁ ।'

''ବାପା ମାଆ କାନ୍ଦି କାନ୍ଦି ଆକାଶ ଫଟେଇ ଯାଇ ରଘୁଙ୍କ ପାଦତଳେ ପୁଅକୁ ରଖି ଲମ୍ବହୋଇ ପଡ଼ିଗଲେ । ବହୁତ କାକୁତି ମିନତି ହୋଇ ବିକଳ ସ୍ୱରରେ ପ୍ରାର୍ଥନା କଲେ ପୁଅର ସବୁ ଦୋଷ କ୍ଷମା କରି, ଦଣ୍ଡ ଦେବାକୁ ହେଲେ ସେମାନଙ୍କୁ ଦିଅନ୍ତୁ ପଛେ, ପୁଅକୁ ବଞ୍ଚାଇ ଦିଅନ୍ତୁ । ରଘୁ ଅତି ବିନମ୍ର ଭାବରେ କହିଲେ, 'ମୋର କି ଶକ୍ତି ଅଛି ତାକୁ ଦଣ୍ଡ ଦେବାକୁ । ତାକୁ ଦଣ୍ଡ ଦେଲା ଲୋକ ହେଉଚନ୍ତି ସ୍ୱୟଂ ପ୍ରଭୁ । ତାଙ୍କୁ ସମସ୍ତେ ପୁଅ ବଞ୍ଚିବା ଲାଗି ପ୍ରାର୍ଥନା କର । ସେ ଦୟା କଲେ ପୁଅ ପୁଣି ବଞ୍ଚି ଉଠିବ ।' ପିତାମାତା, ରଘୁ ଓ ଉପସ୍ଥିତ ସମସ୍ତ ଲୋକ ଭଗବାନଙ୍କୁ ପ୍ରାର୍ଥନା କଲେ ପିଲାଟିକୁ ଜୀବନଦାନ ଦେବା ସକାଶେ । ସମସ୍ତଙ୍କ ସମ୍ମିଳିତ ପ୍ରାର୍ଥନାର ଉତ୍ତରସ୍ୱରୂପ ପିଲାଟି ନିଦରୁ ଉଠିଲା ପରି ଆଖି ମଳି ମଳି ଉଠିଲା । ଦେଖିଲା ବାପାମାଆ ତା'ର ରଘୁଙ୍କ ପାଦତଳେ ପ୍ରଣତ ହୋଇ ବସିଚନ୍ତି । ସେ ପୂର୍ବ କଥା ମନେ ପକେଇ କ୍ଷମାଭିକ୍ଷାର ଭାବ ନେଇ ରଘୁଙ୍କ ପାଦତଳେ ନିଜକୁ ଲୋଟାଇ ଦେଲା ।

''ଏ ଘଟଣାରେ ସମସ୍ତେ ଆଶ୍ଚର୍ଯ୍ୟ ହେଲେ ଓ ରଘୁଙ୍କ ମହିମା ତା' ପରଠାରୁ ବଢ଼ିଗଲା । ଅଧିକାଂଶ ଲୋକ ଦୁଃଖ କଷ୍ଟରେ ପଡ଼ି ତାଙ୍କ ପାଖକୁ

ଆସିଲେ । ତାଙ୍କ ଖାଇବା ପିଇବାରେ ଆଉ ବିଶେଷ ଅଭାବ ରହିଲା ନାହିଁ । ମାଛ ମାରିବା ପାଇଁ କେବେ ବି ତାଙ୍କ ସ୍ତ୍ରୀ କି ମାଆ ତାଙ୍କୁ ଆଉ ବାଧ୍ୟ କଲେ ନାହିଁ । ଦିନେ ରଘୁଙ୍କର ଠାକୁରଙ୍କୁ ନିଜ କୁଡ଼ିଆକୁ ନିମନ୍ତ୍ରଣ କରିବାକୁ ଇଚ୍ଛା ହେଲା । ଭିକ୍ଷା କରି ଆଣିଥିବା ଚାଉଳ ସ୍ତ୍ରୀଙ୍କୁ ଦେଇ ଭାତ ଓ ଶାଗ ରାନ୍ଧିବାକୁ ବରାଦ ଦେଲେ । ରନ୍ଧା ସରିବା ପରେ ଗୋଟିଏ ଘରେ ଦୁଇଟି ପତ୍ର ପକାଇ ଗୋଟିକରେ ସେ ବସିଲେ ଓ ଆଉ ଗୋଟିକରେ ପ୍ରଭୁଙ୍କ ପାଇଁ ଶାଗ, ଭାତ ବାଢ଼ିଦେଲେ । ଘର କବାଟ ଦେଇ କାହାକୁ ସେ ଘରକୁ ଆସିବାକୁ ମନା କଲେ । କିଛି ସମୟ ପ୍ରଭୁଙ୍କୁ ଧ୍ୟାନ କରିବା ପରେ ପ୍ରଭୁ ବିଜେ ହେଲେ । ଆଜି ରଘୁଙ୍କ ଆନନ୍ଦ ଘର ଧରୁ ନାହିଁ । ପ୍ରଭୁ ନିଜେ ତାଙ୍କର ଅତିଥି । ନିଜେ ଖାଉଥାଆନ୍ତି ଓ ପ୍ରଭୁଙ୍କୁ ଶାଗ, ଭାତ ଖୁଆଇ ଦେଉଥାଆନ୍ତି । ଭକ୍ତ ହାତରୁ ସାମାନ୍ୟ ଶାଗ, ଭାତ ଖାଇବାରେ ଭଗବାନଙ୍କର କି ତୃପ୍ତି !

''ଏଣେ କ'ଣ ହେଇଚି ନା ପୁରୀ ବଡ଼ ଦେଉଳରେ ସେତିକିବେଳକୁ ଜଗନ୍ନାଥଙ୍କର ମଣୋହି ବେଳ । ରାଜା ବହୁବିଧ ଅନ୍ନବ୍ୟଞ୍ଜନ ପ୍ରସ୍ତୁତ କରି ଜଗନ୍ନାଥଙ୍କ ମନ୍ଦିରର ଭୋଗ ମଣ୍ଡପକୁ ପଠାଇ ଦେଇଚନ୍ତି । ପଣ୍ଡାମାନେ ପୂଜାରେ ବସି ଜଗନ୍ନାଥଙ୍କୁ ଧ୍ୟାନ କରୁଚନ୍ତି କିନ୍ତୁ ଜଗନ୍ନାଥଙ୍କ ରୂପ ଚଳୁରେ ଦେଖିପାରୁ ନାହାନ୍ତି ।''

''ଚଳୁ କ'ଣ ?'' ପଚରିଲା ଅନୁରକ୍ତା ।

''ହାତ ପାପୁଲିରେ ପାଣି ରଖି ସେଇଥିରେ ଜଗନ୍ନାଥଙ୍କ ରୂପ ଦେଖିବାକୁ ଚେଷ୍ଟା କରନ୍ତି । ସେଇ ପାଣିରେ ଜଗନ୍ନାଥଙ୍କ ରୂପ ଦେଖି ନ ପାରିଲେ ତାଙ୍କୁ ଆଉ ଖାଇବାକୁ ଦିଆଯାଇପାରୁ ନ ଥିଲା ।''

''ସେଇଠୁ କ'ଣ ହେଲା କୁହ ।

''ପଣ୍ଡାମାନେ ମହାଚିନ୍ତାରେ ପଡ଼ିଲେ । ଆଜି ଏ କି ଅଘଟଣ ଘଟିଲା ! ପ୍ରଭୁ ତେବେ କ'ଣ ଆଜି ଏ ଭୋଗ ଗ୍ରହଣ କରିବାକୁ ଚାହାନ୍ତି ନାହିଁ ? ଭୋଗରେ କ'ଣ କିଛି ଅପବିତ୍ରତା ରହିଚି ? ସଙ୍ଗେ ସଙ୍ଗେ ରାଜାଙ୍କୁ ଖବର ଦିଆହେଲା । ରାଜା ଏତେ ଯତ୍ନରେ ଏତେ ମୂଲ୍ୟବାନ୍ ଭୋଗସବୁ

ତିଆରି କରିଚନ୍ତି, ଅଥଚ ପ୍ରଭୁ ତାକୁ ଗ୍ରହଣ କରିବାକୁ ନାରାଜ ! ଏହାଠାରୁ ବଳି ଅପମାନ ଓ ଅଭିଶାପ କ'ଣ ବା ଥାଇପାରେ ? ପଣ୍ଡାମାନେ ଆହୁରି ଧ୍ୟାନ କଲେ ତଥାପି ଚଳୁରେ ଠାକୁରଙ୍କର ଦର୍ଶନ ନାଇଁ । ଗଭୀର ସନ୍ତପ୍ତ ହୃଦୟରେ ରାଜା ଯାଇ ଗରୁଡ଼ ସ୍ତମ୍ଭ ପଛରେ ଏକ କୁଶାସନ ଉପରେ ନ ଖାଇ ନ ପିଇ ବସି ପ୍ରଭୁଙ୍କୁ ଚିନ୍ତା କଲେ । କିଛି ସମୟ ପରେ ଜଗନ୍ନାଥ ସ୍ୱପ୍ନ ଆକାରରେ ତାଙ୍କୁ ଜଣାଇ ଦେଲେ, 'ରାଜା, ତୁ ଦୁଃଖ କର ନାଇଁ, ତୋର ଅର୍ପିତ ଭୋଗ ଅତି ମୂଲ୍ୟବାନ୍ ଓ ସୁସ୍ୱାଦୁ, ଏଥିରେ ସନ୍ଦେହ ନାଇଁ । କିନ୍ତୁ ପିପିଲି ଗ୍ରାମରେ ମୋର ଜଣେ ଗରିବ ନିରୀହ ଭକ୍ତ କେଉଟ ରଘୁ ବେହେରା ମୋତେ ତା'ର ଭକ୍ତିରସ ମିଶା ବଗଡ଼ା ଭାତ ଓ ଶାଗ ଖୁଆଉଚି । ସେ ଭୋଜନ ମୋତେ ତୋର ଏ ଭୋଜନଠାରୁ ବେଶୀ ତୃପ୍ତିକର ମନେ ହେଉଚି । ଶ୍ରଦ୍ଧା ଭକ୍ତିର ସ୍ୱାଦ ଅନ୍ୟସବୁ ସ୍ୱାଦଠାରୁ ମୋତେ ବହୁତ ଭଲ ଲାଗେ ।

ଭକ୍ତକବି ରାମଦାସଙ୍କ ଭାଷାରେ –

ସ୍ୱପନ ମାର୍ଗେ ଭାବଗ୍ରାହୀ । ନୃପତି ଆଗେ ଉଭାହୋଇ ॥
ବୋଇଲେ ଶୁଣ ହେ ରାଜନ । କିଂପା ତୁ କରୁ ଦୁଃଖମନ ॥
ଆମ୍ଭେ ଯେ ପିପିଲି ଗ୍ରାମରେ । ଧୀବର ରଘୁ ଦାସ ଘରେ ॥
ଭୋଜନ କରୁଅଛୁଁ ବସି । ତେଣୁଟି ଚଳୁରେ ନ ଦିଶି ॥
ଭକତ ଛାଡ଼ିଦେବ ଯେବେ । ଏହି ମଣୋହି ହେବ ତେବେ ॥
ମୂଳ ମୋ ଭକତର ଭାବ । ଏ ଦ୍ରବ୍ୟ ମୋର କିସ ହେବ ॥
ଭକତ ରେଣୁ ମାତ୍ର ଦେଲେ । ତାହା ମୁଁ ମଣେ ମେରୁତୁଲେ ॥
ଭାବରୁ ଥାଇ ଯେ ଭୋଜନ । ସେ ମେରୁ ତୁଲେ ଦେବା ଧନ ॥
ସେ ମୋତେ ଅଟଇ କିଞ୍ଚିତ । ଶ୍ରଦ୍ଧା ନ ଥାଇ ଯାର ଚିତ୍ତ ॥

ଏତକ କହି ପ୍ରଭୁ ରାଜାଙ୍କୁ ପୁଣି କହିଲେ, 'ତୁ ଶୀଘ୍ର ପିପିଲି ଗ୍ରାମକୁ ଯାଇ ମୋର ଭକ୍ତକୁ ତା'ର ପରିବାର ସହ ଆଣି ଏଇ ଶ୍ରୀକ୍ଷେତ୍ରରେ ତା'ର ରହିବାର ବ୍ୟବସ୍ଥା କର । ତେବେ ଯାଇ ମୁଁ ତୋର ଭୋଗ ଗ୍ରହଣ କରିବି ।

ସ୍ୱପ୍ନାଦେଶ ପାଇ ରାଜା ପାତ୍ରମନ୍ତ୍ରୀଙ୍କ ଗହଣରେ ପିପିଲି ଚାଲିଲେ । ପିପିଲି ଗ୍ରାମରେ ରାଜାଙ୍କ ପଟୁଆର ଦେଖି ଗ୍ରାମ ଲୋକେ ତାଟକା ହୋଇଗଲେ । ପାଇକମାନେ ରଘୁ ବେହେରାଙ୍କ ଘର ଯେତେବେଳେ ଖୋଜିଲେ, ଗ୍ରାମର କେତେକ ଦୁଷ୍ଟଲୋକ ଭାବିଲେ ଏଇଥର କେଉଟର ସାଧୁପଣିଆ ଛାଡ଼ିଲା । କିନ୍ତୁ ଘଟଣା ଭିନ୍ନ ପ୍ରକାର ଘଟିଲା । ରାଜା ରଘୁଙ୍କ ଘର ସାମ୍ନାରେ ଘୋଡ଼ାରେ ବସି ରଘୁଙ୍କୁ ଡକାଇଲେ । ରଘୁ ତ ଜଗନ୍ନାଥଙ୍କୁ ଖୁଆଇବାରେ ଭୋଳ । ତାଙ୍କୁ ଏସବୁ କଥା ଶୁଭୁଚି କୁଆଡୁ ! ଶେଷକୁ ରାଜା ଘୋଡ଼ାରୁ ଓହ୍ଲାଇ ନିଜେ ରଘୁଙ୍କ ପାଖକୁ ଗଲେ । ଅନ୍ତର୍ଯାମୀ ଠାକୁର ରାଜାଙ୍କ ଆସିବା ଜାଣିପାରି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ । ରଘୁଙ୍କ ମୁଣ୍ଡରେ ବଜ୍ର ବଡ଼ିଲା । ଆଖିରୁ ଧାର ଧାର ଲୁହ ବହିଗଲା । ମୋ ପ୍ରଭୁ କୁଆଡ଼େ ଗଲେ ବୋଲି କହି କାନ୍ଦି କାନ୍ଦି ଗଡ଼ିବାକୁ ଲାଗିଲେ । ଏତିକିବେଳେ ରାଜା କବାଟ ଖୋଲି ଦେଖିଲେ ରଘୁଙ୍କ ପାଖ ପତ୍ରରୁ ଜଗନ୍ନାଥ ଅନ୍ତର୍ଦ୍ଧାନ ହୋଇଚନ୍ତି । ଦୁଇଟି ପତ୍ରରୁ ଖାଦ୍ୟ ଶେଷ ହୋଇ ଯାଇଚି । ରଘୁ କାନ୍ଦି କାନ୍ଦି ଗଡୁଚନ୍ତି । ରାଜା ରଘୁଙ୍କୁ ତଳୁ ଉଠାଇ କୁଣ୍ଢାଇ ଧରି କହିଲେ, 'ଧନ୍ୟ ଧୀବର ! ଧନ୍ୟ ତୁମର ଜୀବନ ! ସେବାର ଏତେ ଆୟୋଜନ କଲି, ଭୋଗରେ ଏତେ ବ୍ୟୟ କଲି; କିନ୍ତୁ କ୍ଷଣକ ଲାଗି ସେ ନୟନାଭିରାମଙ୍କ ଦର୍ଶନ ପାଇଲି ନାହିଁ । କିନ୍ତୁ ତୁମେ ତୁମ ଭକ୍ତି ବଳରେ ଠାକୁରଙ୍କୁ ଏ କୁଡ଼ିଆକୁ ଆଣି ଶାଗ, ଭାତ ଖୁଆଇ ପାରିଲ ! ପ୍ରଭୁ ମୋତେ ଆଦେଶ ଦେଇଚନ୍ତି ତୁମକୁ ସପରିବାରେ ଏଠାରୁ ନେଇ ଶ୍ରୀକ୍ଷେତ୍ରରେ ରଖାଇବା ଲାଗି । ତେଣୁ ଦୟାକରି ମୋ ସଙ୍ଗରେ ଚାଲ ! ଏହା କହି ଗୋଟିଏ ସୁସଜ୍ଜିତ ହାତୀ ଉପରେ ରଘୁଙ୍କୁ ବସାଇ ଓ ତାଙ୍କର ପରିବାର ପାଇଁ ଅନ୍ୟାନ୍ୟ ଯାନବାହନ ବ୍ୟବସ୍ଥା କରି ରାଜା ପଟୁଆର ସହ ରଘୁଙ୍କୁ ପୁରୀ ନେଇଗଲେ । ପୁରୀରେ ଏହି ଭକ୍ତଙ୍କ ଆଗମନ ଉପଲକ୍ଷେ ଉତ୍ସବମାନ ଅନୁଷ୍ଠିତ ହେଲା । ପ୍ରଭୁ ଚଳୁରେ ଦେଖାଦେଲେ, ମଣୋହି ଗ୍ରହଣ କଲେ । ପଣ୍ଡାମାନେ ରଘୁଙ୍କର ଜୟ ଜୟକାର କଲେ । ରଘୁ ବେହେରା ଏଣିକି ହେଲେ ରଘୁ ଦାସ । ପ୍ରଭୁଙ୍କ ସେବକ ।

ଶ୍ରୀମନ୍ଦିରର ଦକ୍ଷିଣ ପାଖରେ ତାଙ୍କ ପାଇଁ ଗୋଟିଏ ଘର ତିଆରି

କରାଇ ରାଜା ତାଙ୍କୁ ସେଇଠି ରଖିଲେ । ତାଙ୍କର ଯାବତୀୟ ଖର୍ଚ୍ଚ ଲାଗି ସବୁ ବ୍ୟବସ୍ଥା କରିଦେଲେ । କୃତଜ୍ଞ ରଘୁ ଦାସ ଏଣିକି ନିରନ୍ତର ପ୍ରଭୁଙ୍କ ଚିନ୍ତା, ଧ୍ୟାନ, ସେବା ପୂଜାରେ ଶେଷ ଜୀବନ ପର୍ଯ୍ୟନ୍ତ ନିମଗ୍ନ ରହିଲେ । ଭଗବାନଙ୍କ ପାଖରେ ଭକ୍ତର ପରାକାଷ୍ଠା ନିଦର୍ଶନ କରିଗଲେ । ସେଇଥିପାଇଁ ମା' କହନ୍ତି :

'Sincere devotion is much more effective than the Ganges water.' 'ଆନ୍ତରିକ ଭକ୍ତି ଗଙ୍ଗା ଜଳଠୁ ଆହୁରି ଅଧିକ ଫଳପ୍ରଦ ।

# ଯେ ବସେ ସାଧୁଜନ ପାଶେ

''ଚିନୁ ଭାଇ, ଖରାଦିନ ହୋଇଥିବାରୁ, ଆଉ ଘରେ ବହୁତ ଗରମ ହେଉଥିବାରୁ ଆଜି (ଶନିବାର) ଆମର ପାଠଚକ୍ର ସ୍କୁଲ ଘର ଭିତରେ ନ କରି ବାହାର ବରଗଛ ତଳେ କଲୁ । ଆମେ ମା' ଶ୍ରୀଅରବିନ୍ଦଙ୍କ ଫଟୋ ପ୍ରଭୃତି ସଜେଇ ବସିଲାବେଳକୁ ସେଇବାଟେ ଗଫୁର ମିଆଁ ଯାଉଥିଲା । ଗଫୁର ମିଆଁକୁ ଜାଣିଚଟି ଯିଏ ବୁଲି କୁକୁଡ଼ା ଆଉ ବତକ ଅଣ୍ଡା ବିକେ ? ସିଏ ଯେମିତି ଦେଖିଲା ଆମେ ଫଟୋହେରିକା ସଜେଇ ଧୂପଫୁପ ଲଗେଇ ନୀରବରେ ବସିଚୁ, ଖଣ୍ଡେ ଦୂରରେ ଟୋକେଇଟିକୁ ରଖି ସିଏ ବି ବସି ପଡ଼ିଲା କ'ଣ ହଉଚି ଦେଖିବା ଲାଗି । ଆମ ଶିକ୍ଷକ ଯିଏ ପାଠଚକ୍ର ଦାୟିତ୍ୱରେ ଥାଆନ୍ତି ସିଏ ଯାଇ ତାକୁ ଡାକିଲେ ପାଖକୁ ଆସି ବସିବା ଲାଗି । କିନ୍ତୁ ସିଏ ହାତ ଯୋଡ଼ି କହିଲା, 'ନାଇଁ ସାହାବ, ମୁଁ ମୂରୁଖ ଆଦ୍‌ମି । ଏଇ ଅଣ୍ଡା ବିକି ଫେରୁଚି । ଏଇଠି ଟିକେ ବସିଚି । ଆପଣ ଯାଆନ୍ତୁ । ମୁଁ ତ ଅଭି ଚାଲିଯିବି ।' ଆମ ଶିକ୍ଷକ ଯେମିତି ଫେରି ଆସିଲେ, ମୋର ଜଣେ ସାଙ୍ଗ କହିଲା, 'ଇଏ ପଠାଣଟି ! ସିଏ କ'ଣ ଠାକୁରଙ୍କୁ ଭକ୍ତି କରନ୍ତି ନା କ'ଣ ? ବଡ଼ ବଡ଼ ଛୁରୀ ପାଖରେ ରଖିଥା'ନ୍ତି । ଜୀବଜନ୍ତୁ ହାବୁଡ଼େ ପଡ଼ିଲେ ତାକୁ ଜବେଇ କରି ଖାଆନ୍ତି । ତାଙ୍କୁ ଦେଖିଲେ ନା, ମତେ ଭାରି ଡର ମାଡ଼େ । ଆଉ ଗଫୁରଟା ତ ସୁଦ୍ଧୁ ମୂର୍ଖଟା । କିଛି ପାଠ ପଢ଼ି ନାଇଁ । ତିନି ଦିନେ ଥରେ ଗାଧାଏ ବି ନାଇଁ । ଖାଲି ମୁଣ୍ଡରେ ଟିକିଏ ଅତର ମାରିଦେଇ ଅଣ୍ଡା ବିକିବାକୁ ଚାଲିଯିବ । ସିଏ କ'ଣ ଆମ ପାଠଚକ୍ରରୁ ବୁଝିବ ? କିନ୍ତୁ ମୁଁ ଦେଖିଲି ଗଫୁର ଆମ ପାଠଚକ୍ର ଶେଷ ପର୍ଯ୍ୟନ୍ତ ସେମିତି ବସି ରହିଲା । ପାଠଚକ୍ର ସରିବା ପରେ ହାତଯୋଡ଼ି ଟିକିଏ ନମସ୍କାର ହୋଇ ତା' ଟୋକେଇ ଧରି ଚାଲିଗଲା । ସତରେ କ'ଣ ପଠାଣ ହେଲେ କି ମୂର୍ଖ ହେଲେ ଭଗବାନଙ୍କ

ପ୍ରତି ଭକ୍ତି ଆସେ ନାଇଁ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ଅବଶ୍ୟ ଅନେକ ସମୟରେ ଆମର ବାହାର କର୍ମ ଆମ ଭିତରର ଭାବକୁ ପ୍ରଭାବିତ କରିଥାଏ । କିନ୍ତୁ ୟା ବୋଲି ଯିଏ ପଠାଣ କି ମୂର୍ଖ ସେ ଯେ ଭଗବାନଙ୍କୁ ଭକ୍ତି କରିପାରିବ ନାଇଁ ଏପରି କିଛି କଥା ନାଇଁ । ଭଗବାନଙ୍କ ପ୍ରତି ଭକ୍ତି ଗୋଟିଏ ହୃଦୟର ଭାବ । ଯାହା ଭିତରେ ତା' ଲୁଚିକରି ଥାଏ, ସେ ପଠାଣ ହେଉ କି ହିନ୍ଦୁ ହେଉ, ମୂର୍ଖ ହେଉ କି ପଣ୍ଡିତ ହେଉ, ଅନୁକୂଳ ବାତାବରଣ ଟିକିଏ ପାଇଲେ ତାହା ମଞ୍ଜିଟିରୁ ଗଜା ହେଲା ପରି ଅଙ୍କୁରିତ ହୋଇଉଠେ । ଡାଳ ପତ୍ର ମେଲେଇ ଜୀବନକୁ ଶାନ୍ତ ଶୀତଳ ଛାଇ ଆଉ ଦିବ୍ୟ ମଧୁର ଫଳ ପ୍ରଦାନ କରିଥାଏ । ସେଇଥିପାଇଁ ଶ୍ରୀଅରବିନ୍ଦ କହିଚନ୍ତି : 'To know about the sadhana with the mind is not indispensable. If one has bhakti and aspires in the heart's silence, if there is the true love for the Divine, then the nature will open of itself, there will be the true experience and the Mother's power working within you, and the necessary knowledge will come.'

'ମନ ଦ୍ୱାରା ସାଧନା ସଂପର୍କରେ ଜାଣିବା ଯେ ଅପରିହାର୍ଯ୍ୟ ତା' ନୁହେଁ । ଯଦି ତୁମର ଭକ୍ତି ରହିଚି ଓ ହୃଦୟର ନୀରବତାରେ ତୁମେ ଅଭୀପ୍ସା କରୁଚ, ଯଦି ତୁମର ଭଗବାନଙ୍କ ପ୍ରତି ଯଥାର୍ଥ ପ୍ରେମ ରହିଚି, ତା'ହେଲେ ପ୍ରକୃତି ତା'ର ଆପଣା ଛାଏଁ ଉନ୍ମୀଳିତ ହେବ, ଯଥାର୍ଥ ଅନୁଭୂତି ଲାଭ ହେବ ଓ ମା'ଙ୍କ ଶକ୍ତି ତୁମ ମଧ୍ୟରେ କ୍ରିୟା କରିବା ଫଳରେ ଆବଶ୍ୟକ ଜ୍ଞାନ ମଧ୍ୟ ଆସିବ ।'

''ସାଲବେଗଙ୍କ କଥା ତ ତୁ ଜାଣିଚୁ । ସେ କିପରି ମୁସଲମାନ ଥିଲେ ବି ଭଗବାନଙ୍କର ପରମ ଭକ୍ତ ହୋଇପାରିଲେ ।'' କହିଲା ଚିନ୍ମୟ ।

''ସିଏ ମୁସଲମାନ ହେଲେ କ'ଣ ହେଲା ? ତୁମେ ତ କହୁଥିଲ ତାଙ୍କ ମାଆ ନୈଷ୍ଠିକ ହିନ୍ଦୁ ଘରର ଝିଅ ଥିଲେ । ସେଇଥିପାଇଁ ତାଙ୍କ ଉପରେ

ପିଲାଦିନୁ କୃଷ୍ଣ ଓ ଜଗନ୍ନାଥଙ୍କ ପ୍ରତି ଭକ୍ତି ଭାବର ପ୍ରଭାବ ପଡ଼ିଥିଲା । ତେଣୁ ସିଏ ତ ଖାଣ୍ଟି ମୁସଲମାନ ନୁହନ୍ତି ନା ! ତାଙ୍କ କଥା ଏଠି କାଇଁକି କହୁଚ ?

''ଓ, ତୋର ବୁଦ୍ଧି ବି ବହୁତ ତୀକ୍ଷ୍ଣ ଦେଖୁଚି । ଠିକ୍ କହିଚୁ । ତେବେ ଜଣେ ମୁସଲମାନଙ୍କ କଥା ଶୁଣିବୁ ଯିଏ କି ହିନ୍ଦୁ ମାଆଠାରୁ ଜନ୍ମ ନ ହୋଇ ଖାଣ୍ଟି ମୁସଲମାନ ହୋଇ ବି ଜଣେ ଭକ୍ତଙ୍କ ପ୍ରଭାବରେ ଆସି ତାଙ୍କ ମଧ୍ୟରେ ବି ଚିରଦିନ ଲାଗି ଭଗବତ୍ ଭକ୍ତିର ଝରଣା ଖୋଲି ଯାଇଥିଲା ?''

''ହଁ, ଶୁଣିବି ।''

''ହଉ ଶୁଣ । ବୈଶାଖ ମାସ । ଝାଞ୍ଜି ଖରା । ଶ୍ରୀବୃନ୍ଦାବନରେ ପ୍ରବଳ ଗରମ । ବାଲି ସବୁ ତାତି ଖଇ ଫୁଟୁଚି । ସେଥିରେ ପୁଣି ଝଡ଼ । ସେଇ ତାତିଲା ବାଲି ଆସି ଦେହରେ ଛୁଞ୍ଚି ଫୋଡ଼ି ହେଲା ପରି ଫୋଡ଼ି ହୋଇଯାଉଚି । ସାଧୁ ବୈଷ୍ଣବମାନେ ସେମାନଙ୍କ କୁଡ଼ିଆର ଦ୍ୱାର ବନ୍ଦ କରି ଦେଇ ଭିତରେ ବସି ଧ୍ୟାନ, ଭଜନ, ଭଗବତ୍ ସ୍ମରଣରେ ମଗ୍ନ । ବାବାଜି ସ୍ୱରୂପ ଦାସ ମଧ୍ୟ ତାଙ୍କ କୁଟୀରରେ ଭଗବତ୍ ସ୍ମରଣର ଆନନ୍ଦରେ ବୁଡ଼ି ରହିଚନ୍ତି । ଭୋକ, ଶୋଷ ଭୁଲି ଯାଇଚନ୍ତି, ବାହାର ଜ୍ଞାନ ଆଉ ନାଇଁ । ପ୍ରାଣ-ପ୍ରିୟତମ ଶ୍ରୀରାଧାଗୋବିନ୍ଦଙ୍କ ଲୀଳାରସରେ ହଜେଇ ଦେଇଚନ୍ତି ନିଜକୁ । ବେଳକୁ ବେଳ ତାଙ୍କର ଏଇ ସ୍ମରଣ ଗାଢ଼ରୁ ଗାଢ଼ତର ହେଉଚି । ସେ ବୃନ୍ଦାବନରେ ରାଧାକୃଷ୍ଣଙ୍କ ଲୀଳା ସୂକ୍ଷ୍ମରେ ଦେଖୁ ଦେଖୁ ଆସି ନବଦ୍ୱୀପ ଲୀଳାରେ ପହଞ୍ଚିଚନ୍ତି । ସେତେବେଳେ ଦେଖୁଚନ୍ତି ରାଧା ଓ କୃଷ୍ଣ ଆଉ ଭିନ୍ନ ହୋଇ ନାହାନ୍ତି । ଦୁଇଟି ତନୁ ଏକ ହୋଇଯାଇଛି । ଇନ୍ଦ୍ରନୀଳ ମଣି ବୈଦୂର୍ଯ୍ୟ ମଣି ସାଙ୍ଗରେ ଯେପରି ମିଶି ଯାଇଚି । ଆଉ ସେମାନଙ୍କ ମିଶ୍ରଣରୁ ଆବିର୍ଭାବ ହୋଇଚି ଏକ ସୁବର୍ଣ୍ଣ ବର୍ଣ୍ଣ ନବୀନ ସନ୍ନ୍ୟାସୀଙ୍କର । ସେଇ ନବୀନ ସନ୍ନ୍ୟାସୀଙ୍କ ଅଙ୍ଗଜ୍ୟୋତିଃରେ ସେ ସ୍ଥାନ ଆଲୋକିତ ହୋଇ ଉଠିଚି ଆଉ ଆଲୋକିତ ହୋଇ ଉଠିଚି ସ୍ୱରୂପ ଦାସଙ୍କ ଅନ୍ତରସାରା ।

''ସ୍ୱରୂପ ଦାସ ଆହୁରି ଭିତରକୁ ଗଲେ । ସ୍ମରଣ ତାଙ୍କର ଆହୁରି ଗାଢ଼ତର ହେଲା । ସେ ଦେଖିଲେ ସେଇ ସୁବର୍ଣ୍ଣ ବର୍ଣ୍ଣର ନବୀନ ସନ୍ନ୍ୟାସୀ

ପୁରୀର ନୀଳାଚଳରେ ରଥ ଉପରେ ବସିଥିବା ଶ୍ରୀକୃଷ୍ଣଙ୍କ ସ୍ୱରୂପ ଜଗନ୍ନାଥଙ୍କୁ ଦର୍ଶନ କରି ମହାଭାବମୟୀ ରାଧାଙ୍କ ପରି ଆଚରଣ କରୁଚନ୍ତି । ସେ ନିଜକୁ ରାଧା ବୋଲି ଅନୁଭବ କରି ବହୁଦିନର ବିଚ୍ଛେଦ ପରେ ତାଙ୍କର ପ୍ରାଣ-ପ୍ରିୟତମ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥ ରୂପରେ ପାଇ ଯେପରି ଆନନ୍ଦରେ ଆତ୍ମହରା ହୋଇ ଉଠିଚନ୍ତି । ଅନ୍ତରର ସମସ୍ତ କୋହ, ସମସ୍ତ ଉଚ୍ଛ୍ୱାସ, ସମସ୍ତ ଆବେଗ ଅଜାଡ଼ି ଦଉଛନ୍ତି ତାଙ୍କ ପ୍ରିୟତମଙ୍କ ପାଦ ତଳେ । ଆଉ ଲାଭ କରୁଚନ୍ତି ଅପୂର୍ବ ଶାନ୍ତି ଆଉ ଆନନ୍ଦ ।

''ନୀଳାଚଳରେ ନନ୍ଦନନ୍ଦନ ଜଗନ୍ନାଥଙ୍କ ସହ ରାଧା ଭାବାବିଷ୍ଟ । ଏଇ ନବୀନ ସନ୍ନ୍ୟାସୀଙ୍କର ଅପୂର୍ବ ମିଳନକୁ ଦେଖି ସ୍ୱରୂପ ଦାସ ଆନନ୍ଦରେ ଆତ୍ମହରା ହୋଇଉଠିଲେ । ନୀଳାଚଳ ଯାଇ ଜଗନ୍ନାଥଙ୍କ ପ୍ରତ୍ୟକ୍ଷ ଦର୍ଶନ କରିବା ପାଇଁ ପ୍ରାଣ ବ୍ୟାକୁଳ ହୋଇଉଠିଲା । ସ୍ମରଣ ମଧ୍ୟରେ ଏଇ ଦର୍ଶନ ତାଙ୍କୁ ଚରମ ତୃପ୍ତି ଦେଲା ନାଇଁ । ସାମାନ୍ୟ ବିଳମ୍ୱ ସେ ଆଉ ସହିପାରିଲେ ନାଇଁ । ପ୍ରିୟତମଙ୍କ ଦର୍ଶନର ପ୍ରବଳ ଆକାଙ୍‌କ୍ଷା ତାଙ୍କୁ ଆଉ କ୍ଷଣେ ବସାଇ ଦେଲା ନାଇଁ । ବୃନ୍ଦାବନରୁ ଶ୍ରୀକ୍ଷେତ୍ର କେତେ ବାଟ, କେଉଁ ବାଟେ ଯିବେ, କିପରି ଯିବେ, କ'ଣ ଖାଇବେ, କେଉଁଠି ରହିବେ — ସେସବୁ କିଛି ଚିନ୍ତା ନାଇଁ । ବୈଶାଖ ମାସର ସେଇ ପ୍ରବଳ ଖରା ଓ ଝାଂଜି ପବନ ମଧ୍ୟରେ ସେ ବାହାରି ପଡ଼ିଲେ । ଖଇଫୁଟା ତତଲା ବାଲି ତାଙ୍କ ପାଦ ଦୁଇଟିକୁ ଅଟକାଇ ପାରିଲା ନାଇଁ । ଆହାର, ବିଶ୍ରାମରେ କିଛି ଠିକ୍ ଠିକଣା ନାଇଁ । କୋଉଠି କିଏ କିଛି ଦେଲେ ଖାଇଲେ; ନଇଲେ ନାଇଁ । ବାଟ ବହୁତ । ସମୟ ଅଳ୍ପ । ରଥଯାତ୍ରା ଆଉ ବେଶୀ ଦିନ ନାଇଁ । ତା' ପୂର୍ବରୁ ଯାଇ ନୀଳାଚଳରେ ପହଞ୍ଚିବାକୁ ହେବ । କିନ୍ତୁ ଏ କି ଲୀଳା ? ଏତେ ତରତର, ଏତେ ଉତ୍‌କଣ୍ଠିତ ହୋଇ ଛୁଟିଲା ବେଳକୁ ବାଟ ଭୁଲି ଅବାଟରେ ପଶିଲେଣି । ନୀଳାଚଳ ନ ଯାଇ, ଯାଇ ଦିଲ୍ଲୀରେ ହାଜର ।

''ଏଇଠି ମଣିଷର ବିଚାର ଓ ଭଗବାନଙ୍କ କାର୍ଯ୍ୟଧାରା ମଧ୍ୟରେ ଆକାଶ ପାତାଳ ଫରକ୍ ଦେଖାଯାଏ । ଯାହାକୁ ମଣିଷ ତା'ର ବିଚାରରେ ଚରମ ଭୁଲ୍ ବୋଲି ଭାବେ, ଭଗବାନଙ୍କ କାର୍ଯ୍ୟଧାରାରେ ତାହା ପରମ

କଲ୍ୟାଣକର ହୋଇଥାଏ । ସ୍ୱରପ ଦାସଙ୍କର ଭୁଲ୍‌ରେ ଦିଲ୍ଲୀ ଆସିବା ନିରର୍ଥକ ନ ଥିଲା; ଆଉ ଏକ ଭକ୍ତିରୁଦ୍ଧ ହୃଦୟର ବନ୍ଧ ଦ୍ୱାର ଖୋଲିଦେବା ନିମନ୍ତେ ଦିଲ୍ଲୀ ଆସିବା ତାଙ୍କର ବିଧିନିର୍ଦ୍ଦିଷ୍ଟ ଥିଲା ।''

''ସେତେବେଳେ ଦିଲ୍ଲୀରୁ ହିନ୍ଦୁ ରାଜତ୍ୱ ଲୋପ ପାଇ ତାହା ଏକ ଯବନ-ପୁରୀରେ ପରିଣତ ହେଇଚି ।''

''ଯବନ କାହାକୁ କହନ୍ତି ?'' ପଚାରିଲା ଅନୁରକ୍ତା ।

''ମୁସଲମାନମାନଙ୍କୁ ଯବନ ବୋଲି କୁହାଯାଏ । ସେତେବେଳେ ହିନ୍ଦୁରାଜାଙ୍କୁ ଗାଦିଚ୍ୟୁତ କରି ମୁସଲମାନ ବାଦଶାହାମାନେ ଦିଲ୍ଲୀ ଶାସନ କରୁଥା'ନ୍ତି । ଏଇ ଯବନପୁରୀର କୋଳାହଳମୟ ରାଜପଥ ଉପରେ ଜଣେ ଧର୍ମନିଷ୍ଠ ବୃନ୍ଦାବନବାସୀ ଲଣ୍ଡିତମୁଣ୍ଡ ସନ୍ନ୍ୟାସୀ ଚାଲିଚନ୍ତି । ଚାଲି ଚାଲି ବହୁତ ଭୋକ ହେଲାଣି । ଶେଷରେ ପହଞ୍ଚିଲେ ଯାଇ ଖଲିପା ରହିମ୍ ଅଲ୍ଲିର ଦୋକାନରେ । ରହିମ୍ ଅଲ୍ଲିର ଘର ଦିଲ୍ଲୀରେ ଓ ଦୋକାନ ମଧ୍ୟ ସେଇଠି । ବାଦଶାହଙ୍କର ପ୍ରଧାନ ଦରଜି ସେ । ତା' ଅଧୀନରେ ଶହ ଶହ କାରିଗର କାମ କରନ୍ତି । ବିଳାସୀ ବାଦଶାହଙ୍କର ମନଲାଖି ପୋଷାକ ପରିଚ୍ଛଦ ସେ ଠିକ୍ ସମୟରେ ଯୋଗାଏ । ସେଥିଲାଗି ବାଦଶାହ ତାକୁ ବହୁତ ଭଲ ପାଆନ୍ତି ଓ ବାଦଶାହଙ୍କ ଦରବାରରେ ମଧ୍ୟ ତା'ର ବହୁତ ଖାତିର ।

''ସ୍ୱରୂପ ଦାସ ରହିମ୍‌ର ଦୋକାନ ଆଗରେ ହାତ ପତାଇଚନ୍ତି କିଛି ଭିକ୍ଷା ଲାଗି । ରହିମ୍‌କୁ ଏ ଅଦ୍ଭୁତ ଦୃଶ୍ୟ ଦେଖି ଆକାଶରୁ ପଡ଼ିଲା ପରି ଲାଗିଲା । ଜଣେ ମୁସଲମାନ ପାଖରେ ହାତ ପତେଇଚନ୍ତି ସୌମ୍ୟଦର୍ଶନ ଜଣେ ହିନ୍ଦୁ ସନ୍ନ୍ୟାସୀ ! ସନ୍ନ୍ୟାସୀଙ୍କର ସେଇ ଦିବ୍ୟ ଉଦାର ମୂର୍ତ୍ତି ଦେଖି ମୁଣ୍ଡ ତା'ର ଆପେ ନଇଁଗଲା । ହୃଦୟର ଏକ ରୁଦ୍ଧ, ଗୋପନ ଉତ୍ସ ଯେପରି ଖୋଲିଗଲା । ଯନ୍ତ୍ରଚାଳିତ ଭଳି ତାଙ୍କୁ ପାଛୋଟି ଆଣି ଦୋକାନରେ ବସାଇଲା, ପଚାରିଲା କୁଆଡୁ ଆସିଚନ୍ତି ଓ କୁଆଡ଼େ ଯାଉଚନ୍ତି । ତା'ର ଆଗ୍ରହ ଦେଖି ସ୍ୱରୂପ ଦାସ ସବୁକଥା କହିଲେ । କହିଲେ ନୀଳାଚଳନାଥଙ୍କର ରଥଯାତ୍ରା କଥା । ଅଗଣିତ ଭକ୍ତଙ୍କ ମେଳରେ ସେ କିପରି ରଥରେ ବସି ବିଜେ କରନ୍ତି ଓ ସେଥିଲାଗି

କିପରି ସବୁ ଆୟୋଜନ ହୁଏ । ଆଉ ସେ ମଧ୍ୟ କହିଲେ ତାଙ୍କ ଭାବ ଦୃଷ୍ଟିରେ ଦେଖିଥିବା ସେଇ ଅପୂର୍ବ ସ୍ୱର୍ଣ୍ଣକାନ୍ତିଯୁକ୍ତ ନବୀନ ସନ୍ନ୍ୟାସୀଙ୍କ କଥା । ରାଧା ଭାବରେ କିପରି ଆବିଷ୍ଟ ହୋଇ ସେ ରଥ ଉପରେ ଆନନ୍ଦରେ ନୃତ୍ୟ କରୁଥିଲେ । ରହିମ୍ ସବୁ ମନ ଦେଇ ଶୁଣୁଥାଏ । ରଥଯାତ୍ରା କେବେ ପଡ଼ିବ ସେଦିନ ମଧ୍ୟ ପଚାରି ବୁଝି ନେଲା । ଶେଷରେ ସ୍ୱରୂପ ଦାସଙ୍କୁ ଗୋଟିଏ ଟଙ୍କା ଦେଇ ଭକ୍ତିର ସହ ତାଙ୍କ ପାଦଧୂଳି ମୁଣ୍ଡରେ ମାରି ତାଙ୍କୁ ବିଦାୟ ଦେଲା ।

''ସ୍ୱରୂପ ଦାସ ବାସ୍ତବରେ ପେଟ ବିକଳରେ ସାଧାରଣ ମାଗେନ୍ତାଙ୍କ ପରି ରହିମ୍ ଦୁଆରକୁ ଯାଇ ନ ଥିଲେ ହାତ ପତାଇବାକୁ । ଭଗବାନଙ୍କ ଦ୍ୱାରା ପ୍ରେରିତ ହୋଇ ସେ ଯାଇଥିଲେ ରହିମ୍‌ର ବଦ୍ଧ ଚେତନାରେ ତାଙ୍କ ଶୁଦ୍ଧ ଚେତନାର ସ୍ପର୍ଶ ଦେଇ ତା' ମଧ୍ୟରେ ଦିବ୍ୟ ଜାଗରଣ ଆଣିଦେବାକୁ । କେହି ଏକଥା ବୋଧେ ଜାଣନ୍ତି ନାଇଁ; ଖାଲି ଜାଣନ୍ତି ଜଣେ । ସମସ୍ତେ ଜାଣିଲେ ଯେ ଲୀଳା ଆଉ ଲୀଳା ହୋଇ ରହିବ ନାଇଁ ।

''ସ୍ୱରୂପ ଦାସଙ୍କ ସଙ୍ଗେ ସାକ୍ଷାତ୍ କଲା ଦିନଠାରୁ ରହିମ୍‌ର ବହୁତ କାମ । ବାଦଶାହ ଦରବାର ମଣ୍ଡନ କରିବା ନିମନ୍ତେ ପାଞ୍ଚଶହ ମଖମଲ କନାର ଗଦି ବରାଦ ଦେଇଚନ୍ତି । ସେ ଗଦିରେ ମୁକ୍ତାର ଝାଲର ଲାଗିବ ଓ ଅତି ଚମତ୍କାର ଭାବେ ତିଆରିହେବ । ରହିମ୍ ଦିନ ରାତି ଲାଗିପଡ଼ିଚି । ସବୁ ତିଆରି ସରିଗଲାଣି, ଆଉ ମାତ୍ର ଦୁଇଟି ବାକୀ ଅଛି । ଆଜି ସକାଳୁ ସକାଳୁ ସେ କାମରେ ଲାଗିଯାଇଚି । ଏ ଦୁଇଟି ଗଦି ବହୁତ ଗୁରୁତ୍ୱପୂର୍ଣ୍ଣ । କାରଣ ନିଜେ ବାଦଶାହ ଏହା ଉପରେ ବସିବେ । ମନ, ପ୍ରାଣ ଦେଇ ରହିମ୍ କାମ କରୁଚି । ସମୟ ଦିନ ୧୦ଟା କି ୧୧ଟା ହେଲାଣି ହଠାତ୍ ତା'ର ସ୍ୱରୂପ ଦାସଙ୍କ କଥା ମନେ ପଡ଼ିଗଲା । ମନେ ପଡ଼ିଗଲା ଆଜି ରଥଯାତ୍ରା ହେଉଥିବ । ଠାକୁର ନାଚି ନାଚି, ଦୋହଲି ଦୋହଲି ରଥରେ ବିଜେ କରୁଥିବେ । ଆଉ ସେଇ କନକକାନ୍ତି ନବୀନ ସନ୍ନ୍ୟାସୀ ତାଙ୍କର ଦଳବଳ ସହ ଭକ୍ତି ଆଉ ପ୍ରେମରେ ଭୋଳ ହୋଇ ନାଚୁଥିବେ । ଏଇପରି ଖାଲି ଭାବିବାରେ ସବୁ ଶେଷ ହେଲା ନାଇଁ । ସ୍ୱରୂପ ଦାସଙ୍କ ସହ ସେଇ ମୁହୂର୍ତ୍ତକର ସଙ୍ଗ ଲାଭ ତା'ର ଭିତରର ଭାବ-ନେତ୍ର

ଖୋଲିଦେଲା; ସେ ତା'ର ଦୋକାନ, କାମ, ସବୁକଥା ଭୁଲିଗଲା । ଭୁଲିଗଲା ତାକୁ ଆଜି ବାଦଶାହଙ୍କ ଦରବାରରେ ନେଇ ପାଞ୍ଚଶହ ଗଦି ପହଞ୍ଚାଇବାକୁ ପଡ଼ିବ । ନୀଳାଚଳରେ ରଥଯାତ୍ରାର ସେ ମଧୁରଲୀଳା ଗୋଟି ଗୋଟି ହୋଇ ତା' ଭାବ-ନେତ୍ରରେ ଭାସି ଉଠିଲା ଭାଗବତର ଏଇ ମହାନ୍ ବାଣୀକୁ ସାର୍ଥକ କରି :

'କ୍ଷଣେ ନିମିଷେ ଲବେ ଲେଶେ ॥
ଯେ ବସେ ସାଧୁଜନ ପାଶେ ॥
ଚିତ୍ତେ ତାହାଙ୍କ ଭାବ ଚିନ୍ତି ॥
ଭବ ସାଗରୁ ତରି ଯା'ନ୍ତି ॥'

''ରହିମ୍ ଦେଖିଲା ଜଗତର ନାଥ ପହଣ୍ଡି ବିଜେ କରୁଚନ୍ତି । ଭେରୀ, ତୂରୀ, ଶଙ୍ଖ, କାହାଳୀ, ଘଣ୍ଟ, ଘଣ୍ଟା କେତେ କ'ଣ ବାଜୁଚି । ବ୍ରାହ୍ମଣମାନଙ୍କ ପବିତ୍ର ବେଦଧ୍ୱନି ଓ ଭୁବନମଙ୍ଗଳ ହରିଧ୍ୱନିରେ ଗଗନ ପବନ ଝଂକୃତ ହୋଇ ଉଠୁଚି । ଆଲଟ ଚାମର ପଡୁଚି । ମଣିମା ମଣିମା ଡାକରେ ସେ ସ୍ଥାନ ଉଚ୍ଛୁଳି ପଡୁଚି । ପତିତପାବନ ସେ ଡାକରେ ଭିତରେ ରହି ନ ପାରି ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ଆଗଭର ହୋଇ ବାହାରି ଆସୁଚନ୍ତି । ସେ ଯେଉଁଠାରେ ପାଦ ରଖୁଚନ୍ତି ତାଙ୍କ ଶ୍ରୀଚରଣ ତଳେ ଗୋଟିଏ ଲେଖାଏଁ ତୂଳାଗଦି ରଖି ଦିଆଯାଉଚି । ସେ ଗୋଟିଏ ଗଦିରୁ ଆଉ ଗୋଟିଏ ଗଦିକୁ ଆନନ୍ଦରେ ଡେଇଁ ପଡୁଚନ୍ତି । ତାଙ୍କ ଶ୍ରୀପଦ ଭାରରେ ଗଦିଗୁଡ଼ିକ ଫାଟି ଯାଇ ଚାରିଆଡ଼େ ତୂଳା ଉଡୁଚି । ସତେଯେପରି ଆକାଶରୁ ପୁଷ୍ପ-ବୃଷ୍ଟି ହେଉଚି ! କି ଅପୂର୍ବ ଦୃଶ୍ୟ ! ରହିମ୍ ମନ୍ତ୍ରମୁଗ୍ଧ ଭଳି ସେ ଦୃଶ୍ୟକୁ ପିଇଯାଉଚି ।

''ଏତିକିବେଳେ ଗୋଟାଏ କଥା ତା' ମନରେ ଟିକିଏ ଭାବାନ୍ତର ସୃଷ୍ଟି କଲା । ସେ ଦେଖିଲା ସେବକମାନେ ଆଉ ଠିକ୍ ସମୟରେ ଗଦି ଯୋଗାଇ ପାରୁ ନାହାନ୍ତି । କିନ୍ତୁ ପ୍ରଭୁଙ୍କର ପଥ ସରି ନାହିଁ । ସେବକମାନେ ବା କ'ଣ କରିବେ, ତାଙ୍କ ପାଖରେ ଆଉ ଗଦି ନାହିଁ । ପ୍ରଭୁଙ୍କ କୁସୁମ-କୋମଳ

ଦିବ୍ୟଚରଣ, ଯାହାକୁ ଯୁଗ ଯୁଗ ସାଧନା କରି ସାଧକ ଦର୍ଶନ କରିପାରେ ନାଇଁ; ସିଏ କ'ଣ କଠିନ ମାଟି ଉପରେ ପଡ଼ିବ ? ରହିମ୍ ବ୍ୟାକୁଳ ହୋଇପଡ଼ିଲା । କରିବ କ'ଣ ? ଯେଉଁ କଅଁଳ ପାଦକୁ ସୁକୁମାରୀ ଗୋପକୁମାରୀମାନେ ହୃଦୟରେ ରଖିବାକୁ ଭୟ କରନ୍ତି, କାଳେ କଷ୍ଟ ହେବ; ସେ ପାଦ କ'ଣ ରୁକ୍ଷ, କର୍କଶ ମାଟିର ଆଘାତ ସହିପାରିବ ? ନିଜେ ତିଆରି କରିଥିବା ପାଞ୍ଚଶ ଗଦି ଦେଇଦେବାକୁ ସେ ଇଚ୍ଛା କଲା । କିନ୍ତୁ ପୁଣି ତା'ର ଭାବ ଆସିଲା, 'ମୁଁ ଯେ ଯବନ । ମୋ ତିଆରି ଜିନିଷ କ'ଣ ଠାକୁର ଗ୍ରହଣ କରିବେ ? ତା' ଛଡ଼ା ମୋର ବି ଦେବା ନିଜର ଅପରାଧ ହେବ ।' ପୁଣି ଭାବ ଆସିଲା, 'ସିଏ ତ ଜଗତର ନାଥ । ମୁଁ କ'ଣ ଜଗତରୁ ବାହାର ? ସେ କ'ଣ ମୋର ବି ନାଥ ନୁହନ୍ତି ? ତେବେ ମୁଁ ମୋ ତିଆରି ଗଦିତକ ଦେବି ନି କାଇଁକି ? ଏତିକି ସେବାର ସୁଯୋଗ କ'ଣ ସେ ଦେବେ ନାଇଁ ଏ ଅଧମକୁ ? ଏମିତି ଭାବିବାରେ ଲାଗିଚି । ବ୍ୟାକୁଳତା ତା'ର ତୀବ୍ରରୁ ତୀବ୍ରତର ହେବାରେ ଲାଗିଚି । ଭାବଗ୍ରାହୀଙ୍କ ପାଖରେ ତା'ର ଭାବ ପହଞ୍ଚିଚି । ଭକ୍ତର ବ୍ୟାକୁଳତା ସେ ଆଉ ସହିପାରି ନାହାନ୍ତି । ହଠାତ୍ ରହିମ୍ ଦେଖିଚି ସ୍ୱରୂପ ଦାସ ବର୍ଣ୍ଣନା କରିଥିବା ସେଇ ସ୍ୱର୍ଣ୍ଣକାନ୍ତି, ସୌମ୍ୟଦର୍ଶନ ରାଧା-ଭାବ-ଭୋଳା ନବୀନ ସନ୍ନ୍ୟାସୀଙ୍କୁ । ସନ୍ନ୍ୟାସୀ ରହିମ୍ ପାଖକୁ ଚାଲିଆସି କୋମଳ ମଧୁର ଆଶ୍ୱାସନାଭରା କଣ୍ଠରେ କହିଚନ୍ତି, 'ରହିମ୍, ଆଉ ବିଳମ୍ବ କାଇଁକି ? ଦିଅ ତୁମ ଗଦି ଏଥର ଦିଅ ।' ଖାଲି ଏତିକି ସେ କହିଲେ ନାଇଁ । ରହିମ୍‌ର ସଙ୍କୋଚ ଓ କୁଣ୍ଠା ଦୂର କରିବାକୁ ତାଙ୍କ କୋମଳ କରରେ ରହିମ୍‌କୁ ସ୍ପର୍ଶ କରି ନିଜେ ଗଦି ସବୁ ଗୋଟିକ ପରେ ଗୋଟିଏ ଧରି ରହିମ୍ ହାତକୁ ବଢ଼ାଇ ଦେବାରେ ଲାଗିଲେ । ରହିମ୍‌ର ଯେପରି ସ୍ୱପ୍ନ ଭାଙ୍ଗିଗଲା । ସେ ବିଶ୍ୱାସ କରିପାରିଲା ନାଇଁ ନିଜ ଆଖିକୁ । କୃତଜ୍ଞତାଭରା ଆନନ୍ଦରେ ପୁଲକିତ ହୋଇଉଠିଲା ତା'ର ତନୁମନ । ଗୋଟିଏ ପରେ ଗୋଟିଏ ଗଦି ସନ୍ନ୍ୟାସୀଙ୍କ ହାତରୁ ନେଇ ବଢ଼ାଇ ଦେଲା ସେବକମାନଙ୍କୁ । ସେବକମାନେ ପ୍ରଭୁଙ୍କ ଶ୍ରୀଚରଣ ତଳେ ଗୋଟିକ ପରେ ଗୋଟିଏ ରଖିବାରେ ଲାଗିଲେ । ପ୍ରତିଟି ପାହୁଣ୍ଡ ପ୍ରଭୁଙ୍କର ଗଦି ଉପରେ ପଡୁଥାଏ । ପ୍ରଭୁଙ୍କ ପ୍ରତିଟି ପଦକ୍ଷେପରେ

ରହିମ୍ ତା' ନିଜ ହୃଦୟରେ ତାଙ୍କର କୋମଳ ପାଦର ସ୍ପର୍ଶ ଅନୁଭବ କରୁଥାଏ । ଆତ୍ମହରା ହୋଇ ଉଠୁଥାଏ । ଗୋଟିଏ ପରେ ଗୋଟିଏ କରି ପାଞ୍ଚଶ ଗଦି ବଢ଼ାଇ ଦେଲା । ବିଶ୍ୱାଧାର ଜଗଦୀଶ୍ୱରଙ୍କ ପଦଭାରରେ ଗଦି ସବୁ ଫାଟି ଛିନ୍‌ଛତ୍ର ହୋଇ ଯାଉଥାଏ । ଆକାଶ ସାରା ମଲ୍ଲିଫୁଲ ପରି ନାଚି ନାଚି ଉଡୁଥାଏ ମେଞ୍ଚା ମେଞ୍ଚା ତୂଳାସବୁ, ଆଉ ତା' ସହ ନାଚି ନାଚି ଉଡୁଥାଏ ରହିମ୍‌ର ପୁଲକିତ ହୃଦୟର ମେଞ୍ଚା ମେଞ୍ଚା ଉଲ୍ଲସିତ ଆବେଗ ।

''ରହିମ୍‌ର ତକିଆ ସରିଗଲା । ଦିଅଙ୍କ ପହଣ୍ଡି ବି ସରିଗଲା । ସେ ରଥରେ ବିଜେ କଲେ । ରହିମ୍ ଚକା-ନୟନକୁ ନିର୍ନିମେଷ ନୟନରେ ଚାହିଁ ରହିଚି । ସମସ୍ତେ ରଥ ଟାଣିବାକୁ ଆଗଭର । ରହିମ୍‌ର ବି ମନ ହଉଚି ରଥ ଦଉଡ଼ାରେ ଟିକିଏ ହାତ ପକାଇବାକୁ । କିନ୍ତୁ ନିଜକୁ ଯବନ ଭାବି ପୁଣି ପଛେଇ ଯାଉଚି । ମନରେ ପୁଣି ଆଶା-ନିରାଶାର ଲୁଚକାଳି ଖେଳ । ଏଥର ବି ସେଇ କନକକାନ୍ତି ନବୀନ ସନ୍ନ୍ୟାସୀ ଆସି ରହିମ୍‌କୁ ଟାଣି ନେଲେ । ତା' ହାତରେ ରଥ ଦଉଡ଼ା ଧରାଇ ଦେଲେ । ରହିମ୍ କୋଟିନିଧି ପାଇଗଲା ପରି ଖୁସୀ ହୋଇ ରଥ ଟାଣିବାକୁ ଲାଗିଲା ।

''ରହିମ୍‌ର ଏଣିକି ମନ ଆଉ ରଥରେ ନାଇଁ । ସିଏ ଖାଲି ଭାବୁଚି ସେଇ ସୌମ୍ୟଦର୍ଶନ, କନକୋଜ୍ଜ୍ୱଳ ନବୀନ ସନ୍ନ୍ୟାସୀଙ୍କ କଥା ।''

''ସେ ସନ୍ନ୍ୟାସୀ କିଏ ?'' ପଚାରିଲା ଅନୁରକ୍ତା ।

''ସେ ନବୀନ ସନ୍ନ୍ୟାସୀ ହେଉଚନ୍ତି 'ଶ୍ରୀକୃଷ୍ଣ ଚୈତନ୍ୟ' । ଏକଥା ସ୍ୱରୂପ ଦାସ ବି ରହିମ୍‌କୁ କହି ଯାଇଥିଲେ । ରହିମ୍ ଭାରି କୃତଜ୍ଞତା ଅନୁଭବ କରୁଚି ତାଙ୍କ ପାଖରେ । ଭାବୁଚି, କେତେ ଦୟା ଆଉ କରୁଣା ଏଇ ଚୈତନ୍ୟ ମହାପ୍ରଭୁଙ୍କର ! ତାଙ୍କ ହସ୍ତର ସ୍ପର୍ଶ କି ମଧୁର, ମନୋହର, କୁହୁକଭରା !! ସେ ପୁଣି ତା' ଭଳି ଅଧମକୁ ସ୍ପର୍ଶ କଲେ, ପ୍ରଭୁଙ୍କ ସେବାର ଦେବଦୁର୍ଲଭ ଅଧିକାର ଦେଲେ !!! କୃତଜ୍ଞ ରହିମ୍ ଏହିପରି କେତେ କ'ଣ ଭାବି ଚାଲିଚି ଆଉ ସେଇ ନବୀନ ସନ୍ନ୍ୟାସୀଙ୍କର ପ୍ରେମ-ଭାବ-ଭୋଳ ନୃତ୍ୟ ପ୍ରାଣ-ମନ ଭରି ଦେଖିବାରେ ଲାଗିଚି । ସନ୍ନ୍ୟାସୀଙ୍କର କମଳ-ନୟନରେ ପ୍ରେମର ଅଶ୍ରୁ, ଶରୀର ପ୍ରେମ ଭକ୍ତିର

ପୁଲକରେ କଦମ୍ବଫୁଲ ପରି ରୋମାଞ୍ଚିତ । ଆଜାନୁଲମ୍ବିତ ବାହୁ ଦୁଇଟି ଶହ ଶହ ପତିତଙ୍କୁ ଉଦ୍ଧାର କରିବା ନିମନ୍ତେ ଯେପରି ପ୍ରସାରିତ । ଏ ଦୃଶ୍ୟ ସହ ରହିମ୍ ଏକାକାର ହୋଇଯାଇଚି । ଆଖିରେ ତା'ର ପଲକ ପଡୁ ନାଇଁ ।

''ରଥ ଯାଇ ଶ୍ରୀଗୁଣ୍ଡିଚା ମନ୍ଦିରରେ ଲାଗିଲା । ଦିଅଙ୍କ ଯାତ୍ରା ଶେଷ ହେଲା । ରହିମ୍ ଭିତରେ ହଠାତ୍ ପୁଣି ନୂଆ ଭାବାନ୍ତର ସୃଷ୍ଟି ହେଲା । ତା'ର ସ୍ୱପ୍ନ ଯେପରି ଭାଙ୍ଗିଗଲା । ଚେତନା ତା'ର ଫେରିଆସିଲା ରୂଢ଼ ବାସ୍ତବ ରାଜ୍ୟକୁ । ସେଇ ନିତିଦିନିଆ କାମର ପରିବେଶ ଭିତରକୁ । ପରମ ଆନନ୍ଦମୟ ସୂକ୍ଷ୍ମ ଅନୁଭୂତି ଦେହ, ମନରୁ ପୂରା ଲିଭି ନାଇଁ, ଏଣେ ଚରମ ସ୍ଥୂଳ ଦାୟିତ୍ୱବୋଧ ଫେରି ଆସୁଚି । ଅନୁଭୂତିର ଏଇ ଗୋଧୂଳି ଲଗ୍ନରେ ରହିମ୍ ଦେଖୁଚି ତା'ର ରଥଯାତ୍ରା ଦର୍ଶନ ସ୍ୱପ୍ନ ନୁହେଁ । ତାହା ତା'ର ନିତିଦିନିଆ କାମ ଭଳି ସତ୍ୟ, ବାସ୍ତବ । ତା'ର ପାଞ୍ଚଶ' ଗଦି ଭିତରୁ ଆଉ ଗୋଟିଏ ବି ଗଦି ଭଲ ନାଇଁ । ସବୁ ଫାଟି ଯାଇଚି । ତୂଳା ସବୁ ବାହାରି ଏଣେତେଣେ ଉଡୁଚି । ବାଦଶାହଙ୍କ ଆଦେଶ ମନେ ପଡ଼ିଲା । ଆଜି ଯେପରି ହେଲେ ଗଦି ନେଇ ପହଞ୍ଚାଇବାକୁ ହେବ । କିନ୍ତୁ ପୁଣି ମଖମଲ କନା ଖରିଦ କରିବା ଲାଗି ଏତେ ପଇସା ବା କାହୁଁ ପାଇବ ? ଯଦିବା ପାଏ, ପାଞ୍ଚଶ ଗଦି ତିଆରି କରିବାକୁ ବି ଆଉ ସମୟ କାଇଁ ? ଆଜି ତା'ର ପ୍ରାଣଦଣ୍ଡ ନିଶ୍ଚିତ । ବାଦଶାହଙ୍କୁ ବା ତା'ର ଦିଅଁ ଦର୍ଶନ କଥା କିପରି କହିବ ? କହିଲେ କ'ଣ ସେ ବିଶ୍ୱାସ କରିବେ ? ତେବେ ଯାହା ହେବାର ହେବ ତା'ର ଏତେ ଡର କାଇଁକି ? ସେ ତ ବାଦଶାହଙ୍କ ବାଦଶାହ ଲାଗି ଗଦି ଯୋଗାଇ ଦେଇଚି । ତା'ର ପରିଶ୍ରମ ସାର୍ଥକ ହେଇଚି । ଦଣ୍ଡ ଯାହା ମିଳିବାର ମିଳୁ । ସେ କହିଦେବ ଯେ ଜାହାଁପନାଙ୍କ ହୁକୁମ ଅନୁସାରେ ସେ କାମ କରିପାରିଲା ନାଇଁ ।

''ଏମିତି କେତେ କ'ଣ ଭାବି ଭାବି ରହିମ୍ ଗଲା ବାଦଶାହଙ୍କ ଦରବାରକୁ । ରହିମ୍ କିଛି କହିବା ଆଗରୁ ବାଦଶାହ ତାକୁ ଦେଖି କହି ଉଠିଲେ, 'କିଓ ରହିମ୍, ପୁଣି କାଇଁକି ଆସିଲଣି ? କ'ଣ ହେଲା କି ?' ରହିମ୍ ଏ କଥାର ତାତ୍ପର୍ଯ୍ୟ କିଛି ବୁଝିପାରିଲା ନାଇଁ । କହିଲା, 'ଜାହାଁପନା, ମୋର ଅପରାଧ

ହେଇଚି । ମୁଁ ରାଜା ଆଜ୍ଞା ପାଳନ କରିବାକୁ ଅସମର୍ଥ ହେଇଚି । ଆପଣଙ୍କ ଗଦି ମୁଁ ଆଜି ଦେଇପାରୁ ନାଇଁ । କାଇଁକି ଦେଇପାରୁ ନାଇଁ ତା' ବି ଆପଣଙ୍କୁ କହିପାରିବି ନାଇଁ । ମୋତେ ଯାହା ଦଣ୍ଡ ମିଳିବାର ମିଳୁ ।'

''ବାଦଶାହ ଆଶ୍ଚର୍ଯ୍ୟ ହୋଇ କହିଲେ, 'ରହିମ୍, ତୁମେ ଏପରି କ'ଣ କଥା କହୁଚ ? ତୁମ ମୁଣ୍ଡ ଠିକ୍ ଅଛି ତ ? ଏଇ ଅଳ୍ପ ସମୟ ପୂର୍ବେ ତ ତୁମେ ପାଞ୍ଚଶ ଗଦି ନିଜେ ଆଣି ଦେଇଗଲ । ଏଇ ଦେଖ ତୁମ ତିଆରି ସେଇ ଗଦି ଉପରେ ମୁଁ ନିଜେ ବସିଚି । ଆଉ ଏବେ କ'ଣ ଏପରି କଥାସବୁ ଗପୁଚ ?

''ରହିମ୍ ଦେଖିଲା ସତକୁ ସତ ତା' ତିଆରି ଗଦିରେ ବାଦଶାହ ବସିଚନ୍ତି । ବୁଝିପାରିଲା ସେ ଏସବୁ କାହାର କାରସାଦି । ହୃଦୟରୁ କୃତଜ୍ଞତାର ଅବାରିତ ଧାରା ତାକୁ ପ୍ଲାବିତ କରିଦେଲା । ସେ ଆଉ ନିଜକୁ ସମ୍ଭାଳି ପାରିଲା ନାଇଁ । ବାହ୍ୟଜ୍ଞାନ ହରାଇ ଦରବାରରେ ପଡ଼ିଗଲା । ବାଦଶାହ ବହୁତ ବ୍ୟସ୍ତ ହୋଇ ପଡ଼ିଲେ । ରହିମ୍ ରହିମ୍ ବୋଲି କେତେ ଡାକିଲେ । କିନ୍ତୁ ରହିମ୍ ଆଉ ଏ ଜଗତରେ ଅଛି ଯେ ଶୁଣିବ ! ହୃଦୟର କୃତଜ୍ଞତା ତା'ର ସବୁକିଛି ନେଇଗଲାଣି ସେଇ ଆନନ୍ଦମୟ ଧାମକୁ । ଖାଲି ଶରୀରଟା ପଡ଼ି ରହିଚି ବାଦଶାହଙ୍କ ଦରବାରରେ ।

''ବାଦଶାହ ବ୍ୟସ୍ତ ହୋଇ ନିଜ ମୟୂର ସିଂହାସନରୁ ଉଠିଆସିଲେ । ରହିମ୍‌ର ଚେତନା ଫେରାଇ ଆଣିବା ଲାଗି ତା' ମୁହଁରେ ପାଣି ଛାଟିଲେ । କିନ୍ତୁ ସବୁ ବୃଥା । କିଛି ସମୟ ପରେ ଯେଉଁ କୃପାର ସ୍ପର୍ଶ ତାକୁ ଅଚେତନ କରିଥିଲା ସେଇ କୃପା-ସ୍ପର୍ଶ ପୁଣି ତାକୁ ସଚେତନ କଲା । ସେ ଭାବବିହ୍ୱଳ ହୋଇ କହିଉଠିଲା, 'ଜାହାଁପନା, ଆପଣଙ୍କ ଜୀବନ ସାର୍ଥକ ହେଇଚି । ଯିଏ ଆପଣଙ୍କୁ ଆଣି ଗଦି ଦେଲେ ସିଏ ସାମାନ୍ୟ ମଣିଷ ନୁହନ୍ତି । ସ୍ୱୟଂ ଭଗବାନ୍ । ଯାହାଙ୍କୁ ଅସୁମାରି ତପସ୍ୟା ଫଳରେ ଦର୍ଶନ କରିହୁଏ ନାଇଁ ଆପଣ ଆଜି ତାଙ୍କ ଦର୍ଶନ ପାଇଲେ । ଆପଣ ବହୁତ ଭାଗ୍ୟବାନ୍ । ଆଉ ମୁଁ ବି । କେଡ଼େ ଦୟା ତାଙ୍କର ଏଇ ହୀନ ଅଧମ ଅକିଞ୍ଚନଟା ଉପରେ ! ଜଗତର ସମ୍ରାଟ୍ ହୋଇ ମୋ ଲାଗି ଗଦି ମୁଣ୍ଡେଇ ଚାଲି ଆସିଲେ, କାଳେ ମୁଁ ଆପଣଙ୍କଠାରୁ ଦଣ୍ଡ

ପାଇବି ବୋଲି ! ମୁଁ ମୋର ସମଗ୍ର ଜୀବନ ଦେଇ ବି ତାଙ୍କର ଏଇ ସ୍ନେହର ଋଣ ସୁଝିପାରିବି ନାଇଁ । ମୁଁ ତାଙ୍କ ପାଖରେ ଚିର ଋଣୀ : ଏତିକି କହୁ କହୁ ଆଖିରୁ ପୁଣି ଧାର ଧାର ଲୁହ ତା'ର ବହି ପଡ଼ିଲା । କଣ୍ଠ ବାଷ୍ପରୁଦ୍ଧ ହୋଇଗଲା । ଆଉ ସେ କିଛି କହିପାରିଲା ନାଇଁ କି ଆଉ ସେ ସେଠି ରହିପାରିଲା ନାଇଁ । ଅନ୍ତର ତା'ର ଆଉ କାହାରି ଦାସତ୍ୱ ଚାହିଁଲା ନାଇଁ । ସିଦ୍ଧ ସ୍ୱରୂପ ଦାସଙ୍କ ମୂର୍ତ୍ତି ତା' ଆଖି ଆଗରେ ନାଚି ଉଠିଲା । ସଂସାର ଛାଡ଼ି ସେ ତାଙ୍କରି ପ୍ରଦର୍ଶିତ ମାର୍ଗରେ ବାହାରି ପଡ଼ିଲା । ଭକ୍ତବତ୍ସଳ ଭଗବାନଙ୍କର ଜୟ ହେଲା । ଭଗବାନଙ୍କର ଜୟ ହେଲା କି ଭକ୍ତର ଜୟ ହେଲା ? ଭଗବାନ୍ ଭକ୍ତର ଦାସ ହେଲେ ନା ଭକ୍ତ ଭଗବାନଙ୍କର ଦାସ ହେଲା ? ଏ ନିଷ୍ପତ୍ତି ସେ ଦୁହେଁ କରିବେ । ଆମେ ଖାଲି ତାଙ୍କ ଲୀଳା ଦେଖି ଆଉ ଶୁଣି କୃତାର୍ଥ ହେବା ।

# ଚମଭର୍ତ୍ତି ଟୋକେଇ ଭିତରେ ଠାକୁର

''ଚିନୁ ଭାଇ, ଗଲା ବର୍ଷ ହରିଜନ୍ମ ଦିନ ଆମ ସାଇରେ ଯେଉଁ ପୂଜା ହେଉ ନ ଥିଲା, ଆମେ ସବୁ ଘରୁ ଡାଲାରେ ଭୋଗ ନେଇ ସେଠିକି ଯାଇଥିଲୁ । ସେଠାରେ ଶ୍ରୀକୃଷ୍ଣଙ୍କ ଜନ୍ମକଥା ପଢ଼ା ହେଉଥିଲା । ଆମ ଡାଲାରେ ସବୁ ଉଖୁଡ଼ା, ନଡ଼ିଆ, କାକୁଡ଼ି ପ୍ରଭୃତି ଥାଏ । ଆମ ସାଙ୍ଗରେ ଗୋଟିଏ ପିଲା ଯାଉଥିଲା । ତା' ନା ପାଣୁ । ସିଏ କ'ଣ କଲା ନା ବାଟରେ ଗଲାବେଳେ ତା' ଭୋଗ ଡାଲାରୁ ଭୋଗ ଖାଇବାରେ ଲାଗିଲା । ଆମେ ସବୁ କହିଲୁ, 'ଠାକୁରଙ୍କ ଭୋଗ କ'ଣ ଅଇଁଠା କରନ୍ତି ?' ସେ କହିଲା, 'ହଁ, ଅଇଁଠା କଲେ ଠାକୁର ବେଶୀ ଭଲ ପାଆନ୍ତି । ଜାଣିଚ, ରାମଚନ୍ଦ୍ର ମହାପ୍ରଭୁ କେମିତି ଶବରୀ ନିଜେ ଚାଖି ଅଇଁଠା କରି ଦେଉଥିବା କୋଳିସବୁକୁ ଆନନ୍ଦରେ ଖାଉଥିଲେ ?' ଆମର କାଇଁ ତା' କଥାରେ ମନ ମାନିଲା ନାଇଁ । କୁହ ତ, ସତରେ କ'ଣ ଅଇଁଠା କରିଦେଲେ ଠାକୁର ବେଶୀ ଭଲ ପାଆନ୍ତି ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ପାଣୁର କଥାରେ ତୁମର ମନ ନ ମାନିବାର କାରଣ ହଉଚି, ବାସ୍ତବରେ ପାଣୁ ଶବରୀର ଭାବ ନେଇ ଭୋଗ ଅଇଁଠା କରୁ ନ ଥିଲା । ଭୋଗ ପ୍ରତି ତା'ର ଲୋଭ ସମ୍ବରଣ କରି ନ ପାରି ସେ ତାକୁ ବାଟରେ ଆତ୍ମସାତ୍ କରୁଥିଲା । ପ୍ରାଣରୁ ଏଇ ଲୋଭାସକ୍ତ କ୍ରିୟାକୁ ସମର୍ଥନ କରିବା ପାଇଁ ସେ ମନର ଯୁକ୍ତିରୂପେ ଶୁଣିଥିବା ଶବରୀର ଗପଟିକୁ ଉଦାହରଣ ଦେଲା । ଶବରୀ କୋଳି ଚାଖୁ ନ ଥିଲା ନିଜର ପ୍ରାଣର ସ୍ୱାଦ ମେଣ୍ଟେଇବାକୁ, ସେ ଚାଖୁଥିଲା ଠାକୁର ରାମଚନ୍ଦ୍ରଙ୍କୁ ସବୁଠାରୁ ଭଲ ସ୍ୱାଦଯୁକ୍ତ କୋଳି ବାଛିକରି ଦେବାକୁ । ଭକ୍ତିର ଉଚ୍ଛ୍ୱାସରେ ସେ ଭୁଲି ଯାଇଥିଲା ନିଜେ ଏକ ସାମାନ୍ୟା

ଶବରୀ ବୋଲି । ପ୍ରଭୁଙ୍କ ସହ ସେ ବହୁଭାଗରେ ଏକାତ୍ମ ହୋଇଯାଇଥିଲା । ଏଇ ଏକାତ୍ମତାର ମୁହୂର୍ତ୍ତରେ ଭକ୍ତ ଆଉ ଭଗବାନଙ୍କ ମଧ୍ୟରେ କିଛି ପାର୍ଥକ୍ୟ ନ ଥାଏ । ଭଗବାନ୍ ଭକ୍ତର ଏକାନ୍ତ ନିଜର ଓ ଭକ୍ତ ଭଗବାନଙ୍କର ଏକାନ୍ତ ନିଜର ହୋଇପଡ଼ନ୍ତି । ସେତେବେଳେ ଜଣେ ଖାଇଲେ ଆଉ ଜଣେ ପାଏ, ନିଜେ ଖାଇଲା ଭଳି ଲାଗେ । ସେ ଭାବ, ସେ ସଂପର୍କ ଭିନ୍ନ । ଠାକୁରଙ୍କ ଭୋଗକୁ ଶିଶୁର ଅଜ୍ଞାନତାବଶତଃ କିଂବା ଭକ୍ତର ସଜ୍ଞାନତାବଶତଃ ଏକ ଅନିବାର୍ଯ୍ୟ ପରିସ୍ଥିତିର ସ୍ୱତଃସ୍ଫୂର୍ତ୍ତ କ୍ରିୟାରୂପେ ଅଇଁଠା କରାଯାଇପାରେ; କିନ୍ତୁ ପାଣୁ ଯେପରି କଲା ତାହା ଏଥିରୁ କୌଣସି ନୁହେଁ, ତୁଚ୍ଛା ଛଳନା, ପ୍ରତାରଣା ମାତ୍ର । ଭଗବାନ୍ ଭକ୍ତର ଅଜଣାରେ ତା'ର ଚମଡ଼ାକଟା ଛୁରୀଘଷା ପଥରରୂପେ ତା' ପାଦତଳେ ରହିପାରନ୍ତି; ସେଇଥିରେ ସେ ଆନନ୍ଦ ପାଇପାରନ୍ତି । ଏହା ବୋଲି ଆମେ ଜାଣିଶୁଣି ଦେଖେଇ ହେବା ଲାଗି ଠାକୁର ମୂର୍ତ୍ତିକୁ ଆଣି ଆମ ପାଦ ତଳେ ରଖି ଛୁରୀ ପଜେଇବୁ, ଏଇଟା ଭକ୍ତିର ଲକ୍ଷଣ ନୁହେଁ ।'' କହିଲା ଚିନ୍ମୟ ।

''ଠାକୁର କ'ଣ ସତରେ ଭକ୍ତର ଚମଡ଼ାକଟା ଛୁରୀଘଷା ପଥର ହୋଇ ତା' ପାଦତଳେ ରହିପାରନ୍ତି ? ଛିଃ, ଚମଡ଼ାଗୁଡ଼ାକ କି ଗନ୍ଧ ହଉଥିବ । ଠାକୁର ସେ ଗନ୍ଧରେ କେମିତି ରହନ୍ତି ?'' ମୁହଁ ବିକୃତ କରି ନାକ ଟେକି କହିଲା ଅନୁରକ୍ତା ।

''ଠାକୁର ଏପରି କରନ୍ତି ବୋଲି ତୋର ବିଶ୍ୱାସ ହଉ ନାଇଁ ନା ? ଭକ୍ତିର ସୁଗନ୍ଧରେ ଚମଡ଼ାର ଦୁର୍ଗନ୍ଧ କୁଆଡ଼େ ଲୋପପାଏ । ସେଇ ଦୁର୍ଗନ୍ଧ ଭିତରେ ରହି ସେ ସୁଗନ୍ଧ ପାନ କରୁଥା'ନ୍ତି । ଭକ୍ତ ଯଦି ତାଙ୍କର ଚମଡ଼ାରେ କାରବାର କଲା, ସେ କ'ଣ ଭକ୍ତଠାରୁ ଭିନ୍ନ । ସେ ବି ସେଇ ଚମଡ଼ାରେ ଗୋଳେଇ ଘାଣ୍ଟି ହେବେ । ଭକ୍ତ ରାମ ବେହେରାଙ୍କ କଥା ଶୁଣିଲେ ତୋର ଏ ସନ୍ଦେହ ଆଉ ରହିବ ନାଇଁ ।''

''ସେଇ ରାମ ବେହେରାଙ୍କ କଥା କୁହ ।'' ଖୁସିରେ ନାଚି ଉଠି କହିଲା ଅନୁରକ୍ତା ।

''ସିଏ ବହୁତ ଦିନ ତଳର କଥା । ସେତେବେଳେ ଆମର ଏଇ

ଆଧୁନିକ ସହର ବଜାରର ନାମ ନ ଥିଲା । ସେସବୁ ସହର ବଜାରର ନାମ ଶୁଣିଲେ ବର୍ତ୍ତମାନ ସେସବୁ କୋଉଠି ଥିଲା ଆମେ ସହଜରେ ଜାଣିପାରିବା ନାହିଁ । ସେଇ ସମୟରେ ପୁଣ୍ୟତୋୟା ଗୋଦାବରୀ ନଦୀ କୂଳରେ ଥିଲା ଅଳକା ପଲ୍ଲୀ ନାମରେ ଏକ ଅଞ୍ଚଳ । ସେଇ ଅଞ୍ଚଳରେ ଥିଲା ଏକ ସୁନ୍ଦର ନଗର । ନାମ ତା'ର କନକାବତୀପୁର । ସେଇ ନଗରର ଗୋଟିଏ ପ୍ରାନ୍ତରେ ଥିଲା ଆମ ଭକ୍ତ ରାମ ବେହେରାଙ୍କ ଘର । ରାମ ବେହେରା ଜାତିରେ ମୋଚି । ଘରଟି ତାଙ୍କର ଛୋଟ । ସରଳ, ନିରାଡ଼ମ୍ବର । କିନ୍ତୁ ଘର ଆଡ଼େ ଅନେଇଲେ ତାହା ଏକ ନୀଚ ଜାତିର ଘର ବୋଲି ଜଣାପଡ଼େ ନାହିଁ ।

''ଘରେ ତିନି ପ୍ରାଣୀ କୁଟୁମ୍ବ । ରାମ ବେହେରା, ତାଙ୍କ ସ୍ତ୍ରୀ ଓ ଗୋଟିଏ ପୁଅ । ପରସ୍ପର ମଧ୍ୟରେ ସଂପର୍କ ଅତି ମଧୁର । ରାମ ବେହେରାଙ୍କ ପ୍ରତି ସ୍ତ୍ରୀ ପୁଅଙ୍କର ଅଗାଧ ଶ୍ରଦ୍ଧା ଆଉ ସମ୍ମାନ । ଜୀବନରେ ସେମାନଙ୍କର ଦୁଃଖ, କଷ୍ଟ ଆସେ । କିନ୍ତୁ ସେମାନେ ବିଚଳିତ ହେବାର କି ପରସ୍ପର ମଧ୍ୟରେ କଳି କରିବାର କେବେ ଶୁଣାଯାଇ ନାହିଁ । ଏକ ଆଦର୍ଶ ପରିବାର । ସୁଖୀ ପରିବାର ।

''ରାମ ବେହେରା ସମେତ ତିନି ପ୍ରାଣୀ ଜୋତା ସିଲେଇ କରି ତାକୁ ବିକି ଚଳନ୍ତି । ରାମ ବେହେରାଙ୍କର ଭଗବାନଙ୍କ ଉପରେ ଏକ ସରଳ ଅଗାଧ ବିଶ୍ୱାସ । ସୁଖ-ଦୁଃଖରେ ଖାଲି କହନ୍ତି, 'ପ୍ରଭୁଙ୍କ ଇଚ୍ଛା ।' ଜୋତା ଚମଡ଼ା କାଟିଲାବେଳେ ଛୁରୀଟିକୁ ପଜାଇବା ପାଇଁ ସେ ଗୋଟିଏ ପଥରରେ ଘଷନ୍ତି । ଏଇ ଛୁରୀ ଘଷିବାର ତାଳେ ତାଳେ ଗୀତଗୋବିନ୍ଦର ଗୋଟିଏ ଧାଡ଼ି ସବୁବେଳେ ତାଙ୍କ ମୁହଁରୁ ଶୁଣାଯାଏ । ସେ ଧାଡ଼ିଟି ହଉଚି – 'ଧୀର-ସମୀରେ ଯମୁନା-ତୀରେ ବସତି ବନେ ବନମାଳୀ ।' କୋଉଠୁ ରାମ ବେହେରା ଏ ପଦକ ଶିଖିଲେ ସେ ଜାଣନ୍ତିନି । ଏଇ ପଦକରେ ସେ ଆତ୍ମହରା । ଏଇଥିରେ ସେ ଆନନ୍ଦ ବିଭୋର ହୋଇ କାମ କରି ଯାଆନ୍ତି । ଦୁଃଖସୁଖ ତାଙ୍କୁ ଟିକିଏ ସ୍ପର୍ଶ କରେ ନାହିଁ । ଏଇ ଗୀତ ଗୋବିନ୍ଦର କବି କିଏ ଜାଣୁ ?''

''ହଁ, ଜାଣେ । ତୁମେ ତ ତାଙ୍କ କଥା ଥରେ କହିଥିଲ । ସେ ହେଉଚନ୍ତି ପରା କବି ଜୟଦେବ ।'' କହିଲା ଅନୁରକ୍ତା ।

''ଠିକ୍ କହିଚୁ । ଧନ୍ୟ ସେଇ କବି ! ଧନ୍ୟ ତାଙ୍କ ରଚନାର ମାଧୁରୀ ! ସେଇ ଗୀତ ଗୋବିନ୍ଦର ପଦ ଯିଏ ଭାବବିହ୍ୱଳ ହୋଇ ଗାଇଛି ପ୍ରଭୁ ତା'ର ପଛେ ପଛେ ନିଜକୁ ଭୁଲି ଧାଇଁଚନ୍ତି । ଆଉ ରାମ ବେହେରା ବା ସେଥିରୁ ବାଦ୍ ପଡ଼ିବେ କେମିତି । ରାମ ବେହେରାଙ୍କ ଦିନଗୁଡ଼ିକ ଏମିତି ସୁଖରେ କଟି ଯାଉଥାଏ ।

ଦିନକର କଥା । ସେ ନଗରରେ ଜଣେ ଧନିଲୋକ ବାସ କରୁଥିଲେ । ତାଙ୍କ ଘରେ ଡକାୟତମାନେ ପଶିଲେ । ଧନରତ୍ନ ଯାହା ଥିଲା ନେଲେ । ଶେଷରେ ତାଙ୍କ ଠାକୁର ଘରେ ପଶିଲେ । ଠାକୁର ଘର ଖଟୁଲିରେ ସୁନ୍ଦର ଚିକ୍କଣ କଳା ମୁଗୁନି ପଥରର କେତେକ ଶାଳଗ୍ରାମ ମୂର୍ତ୍ତି ଥିଲେ । ଡକାୟତମାନେ ଖଟୁଲି ଉଠାଇ ଆଣି ଦେଖିଲେ ଖାଲି ଚିକ୍କଣ କଳା ପଥରଗୁଡ଼ିଏ । ସେମାନେ ତାକୁ ଫିଙ୍ଗିଦେଇ ଚାଲି ଯାଉଥିଲେ । ସେଇ ପଥରଗୁଡ଼ିକ ମଧ୍ୟରୁ ଗୋଟିଏ ପଥର ଥିଲା ଅତି ସୁନ୍ଦର, ଟିକିଏ ପୃଥୁଳକାୟ, କଳା ଓ ଚିକ୍କଣ । ଜଣେ ଡାକୁ ସେଇ ପଥରଟିକୁ ଦେଖି ତା'ର କାଇଁକି ଭାରି ଲୋଭ ହେଲା । ଭାବିଲା ପଥରଟି ଘୋରାଘୋରି କାମ ପାଇଁ ବହୁତ ସୁନ୍ଦର ହେବ । ଏହା ଭାବି ସେଇଟିକୁ ଉଠାଇ ଆଣି ତା' ଘରେ ରଖିଲା । କିଛିଦିନ ପରେ ପଥରଟିକୁ ଦେଖି ପୁଣି ଭାବିଲା ଏଇଟିକୁ ଯଦି କୌଣସି ମୋଚିକୁ ଦିଏ ତା'ହେଲେ ସେ ତା' ଛୁରୀ ଦାଢ଼ କରିବା ପାଇଁ ଏହାକୁ କିଣି ନେଇପାରିବ, ଫଳରେ ନିଜର କିଛି ରୋଜଗାର ହୋଇଯିବ । ପଥରଟା ଖାଲି ଘରେ ପଡ଼ିରହିଲେ କ'ଣ ହେବ ? ଏହା ଭାବି ପଥରଟିକୁ ନେଇ ରାମ ବେହେରାଙ୍କୁ ଦେଖାଇଲା ଓ କହିଲା, 'ଏ ପଥର ତୁମ ଛୁରୀ ପଜାଇବା ପାଇଁ ସୁନ୍ଦର ହେବ । ତେଣୁ ଏଇଟି ନେଇ ମୋତେ ହଳେ ଚପଲ ଦିଅ ।' ରାମ ବେହେରା ପଥରଟିକୁ ଦେଖି ଖୁସୀ ହୋଇଗଲେ । ସୁନ୍ଦର ଗୋଲଗାଲ କଳା ଚିକ୍କଣ ପଥରଟିଏ । କିନ୍ତୁ ଛୁରୀ ଧାର କେମିତି ହେଉଚି ନ ଦେଖି ସେ ନେବେ ବା କେମିତି ? ଛୁରୀ ଘଷି ଦେଖିଲେ, ଖୁବ୍ ସୁନ୍ଦର ଧାର ହଉଚି । ପଥରଟିକୁ ଦେଖି ତ ଲୋଭେଇ ଥିଲେ, ସୁନ୍ଦର ଧାର ହେବା ଦେଖି ସଙ୍ଗେ ସଙ୍ଗେ ହଳେ ଚପଲ ଦେଇ ସେଇଟିକୁ କିଣି ନେଲେ ।

''ସେଇ ଦିନଠାରୁ ଠାକୁର ରହିଲେ ମୋଚିର ଚମଭର୍ତ୍ତି ଟୋକେଇ ଭିତରେ । କି ଦୁର୍ଗନ୍ଧ ! କିନ୍ତୁ ସେଥିରେ ତାଙ୍କର ଆନନ୍ଦ । ଫୁଲ, ଚନ୍ଦନ, ଧୂପ-ଗନ୍ଧଭରା ଦେଉଳ ତାଙ୍କୁ ରୁଚୁ ନାହିଁ । ଖାଲି ଚମଭର୍ତ୍ତି ଟୋକେଇ ଭିତରେ ରହୁ ନାହାନ୍ତି, ମୋଚି ରାମ ବେହେରା ପାଦତଳେ ଚାପି ହୋଇ ନିଜ ପିଠିରେ ଛୁରୀ ଘଷାଇବାକୁ ଦେବାକୁ ମଧ୍ୟ କୁଣ୍ଠାବୋଧ କରୁ ନାହାନ୍ତି । ଏସବୁ ଖାଲି ଗୋଟିଏ କଥା ଲାଗି । ରାମ ବେହେରାଙ୍କ ତୁଣ୍ଡରୁ ସେଇ ସୁନ୍ଦର, ମଧୁର, ରସଭରା ଗୀତ ଗୋବିନ୍ଦର ପଦଟି – ଧୀର-ସମୀରେ ଯମୁନା-ତୀରେ ବସତି ବନେ ବନମାଳୀ – ଶୁଣିବା ନାଗି ।

''ରାମ ବେହେରା ଚମଡ଼ା କାଟିବା ସମୟରେ ପଥରଟିକୁ ପାଦତଳେ ରଖି ଛୁରୀ ଘଷୁ ଥାଆନ୍ତି ଓ ତା'ର ତାଳେ ତାଳେ ନିବିଷ୍ଟ ଚିତ୍ତରେ ଗାଇ ଚାଲିଥା'ନ୍ତି – ଧୀର-ସମୀରେ ଯମୁନା-ତୀରେ ବସତି ବନେ ବନମାଳୀ । ଏଇପରି ଦିନେ ଗୀତ ଗାଇ ଗାଇ ଚମଡ଼ା କାଟୁଚନ୍ତି ଓ ଛୁରୀ ଘଷୁଚନ୍ତି; ଏଇ ସମୟରେ ଜଣେ ନୈଷ୍ଠିକ ବ୍ରାହ୍ମଣ ସେ ବାଟେ ଯାଉଥିଲେ । ଗୀତ ଗୋବିନ୍ଦର ଆବୃତ୍ତି ଶୁଣି ସେ ରାମ ବେହେରାଙ୍କ ଆଡ଼କୁ ଚାହିଁଦେଲେ । ଦେଖିଲା ବେଳକୁ ତାଙ୍କ ପାଦତଳେ ଗୋଟିଏ ସୁନ୍ଦର ଗୋଲଗାଲ କଳା ମୁଗୁନି ପଥର । ସଙ୍ଗେ ସଙ୍ଗେ ତାଙ୍କର ଅଭିଜ୍ଞ ଦୃଷ୍ଟି ଜାଣିନେଲା ସେଇଟି କ'ଣ ବୋଲି । ସେ ଜାଣିପାରିଲେ ଏ ଅମୂଲ୍ୟ ଶାଳଗ୍ରାମକୁ ମୂର୍ଖ ମୋଚି କିପରି ପାଦତଳେ ଚାପିଧରି ଛୁରୀ ପଜାଇବାରେ ବ୍ୟବହାର କରୁଚି । ସେ ରାମ ବେହେରାଙ୍କୁ ପଥରଟି ମାଗିଲେ । ରାମ ବେହେରା କହିଲେ, 'ଏ ପଥରରେ ମୋର ଛୁରୀ ଇତ୍ୟାଦି ଯେପରି ଧାର ହୁଏ ଅନ୍ୟ କୌଣସିଥିରେ ହୁଏ ନାହିଁ । ମୁଁ ଏଇଟିକୁ ଦେଲେ ଚଳିବି କିପରି ? ବ୍ରାହ୍ମଣ କହିଲେ, 'ମୁଁ ତୋତେ ପ୍ରତିବଦଳରେ ପାଞ୍ଚ ଟଙ୍କା ଦଉଚି, ମୋତେ ସେ ପଥରଟି ଦେ ।' ପାଞ୍ଚଟଙ୍କା ସେ ସମୟରେ ପଥରଟି ଲାଗି ବହୁତ ବେଶୀ । ରାମ ବେହେରା ଖୁସି ହୋଇ ପଥରଟିକୁ ଦେଇଦେଲେ ।

''ବ୍ରାହ୍ମଣଙ୍କ ଆନନ୍ଦ ଦେଖେ କିଏ ? ଶାଳଗ୍ରାମକୁ ମୁଣ୍ଡରେ ମୁଣ୍ଡେଇ ନେଇ ଘରେ ପଞ୍ଚାମୃତରେ ସ୍ନାନ କରାଇ, ସିଂହାସନ ଉପରେ ବସାଇ, ଗନ୍ଧ-

ଚନ୍ଦନ-ପୁଷ୍ପ ଇତ୍ୟାଦି ଦେଇ ଷୋଡ଼ଶ ଉପଚାରରେ ପୂଜା କରିବାକୁ ଲାଗିଲେ । ଭାବିଲେ ଏଇଥର ତାଙ୍କର ସବୁ ଦୁଃଖ ଗଲା । ଠାକୁରଙ୍କ ପ୍ରସାଦରୁ ସେ ଅମାପ ଧନ ଐଶ୍ୱର୍ଯ୍ୟର ଅଧିକାରୀ ହେବେ । ଏଇ କଥା ଚିନ୍ତାକରି ସେ ରାତିରେ ଶୋଇଲେ । ରାତି ତୃତୀୟ ପ୍ରହର । ସାଇଁ ସାଇଁ ନିଶା ଗର୍ଜୁଛି । ସମସ୍ତ ଜୀବକୁଳ ନିଦ୍ରାଦେବୀଙ୍କ କୋଳରେ ଗାଢ଼ ନିଦ୍ରାଭିଭୂତ । ବ୍ରାହ୍ମଣ ବି ଶୋଇ ଘୁଙ୍ଗୁଡ଼ି ମାରୁଚନ୍ତି । କିନ୍ତୁ ନିଦ ନାଇଁ ଜଣକୁ । ସେ ହେଉଚନ୍ତି ମୋଚିର ଚମଡ଼ା ଟୋକେଇରୁ ଆସି ବ୍ରାହ୍ମଣର ସୁସଜ୍ଜିତ ସିଂହାସନର କୋମଳ ସୁଗନ୍ଧିତ ଶେଯରେ ଶୋଇଥିବା ଠାକୁର । ଶାନ୍ତି ପାଇପାରୁ ନାହାନ୍ତି ଭକ୍ତଠାରୁ ତାଙ୍କର ବିଚ୍ଛିନ୍ନ ହୋଇ । କିଏ ଶୁଣାଇବ ତାଙ୍କୁ ଏଠି ସେଇ ସୁମଧୁର ଗୀତଗୋବିନ୍ଦର ସୁଲଳିତ ପଦଟି – ଧୀର-ସମୀରେ ଯମୁନା-ତୀରେ ବସତି ବନେ ବନମାଳୀ । ଏଇ ବ୍ରାହ୍ମଣ ଯିଏ ଚାହୁଁଚି ତାଙ୍କରି ପୂଜାକରି ଅମାପ ଧନସଂପଦର ଅଧିକାରୀ ହେବ, ତା'ର ଷୋଡ଼ଶ ଉପଚାର ପୂଜା ତାଙ୍କୁ ଅଣନିଃଶ୍ୱାସୀ କରି ଦେଉଚି । ମୋଚିର ଚମଡ଼ାଠାରୁ ବ୍ରାହ୍ମଣର କାମନା ତାଙ୍କୁ ବେଶୀ ଦୁର୍ଗନ୍ଧ ହଉଚି । ସେ ବିକଳ ହେଉଚନ୍ତି ତାଙ୍କ  ଭକ୍ତର ସେଇ ସରଳ, ମଧୁର, ନିଷ୍କାମ ପରିବେଶ ଭିତରକୁ ଫେରିଯିବା ପାଇଁ । ''ଶେଷକୁ ଆଉ ଠାକୁର ସମ୍ଭାଳି ପାରିଲେ ନାଇଁ । ବ୍ରାହ୍ମଣକୁ ସ୍ୱପ୍ନରେ କହିଲେ, 'କାଲି ସକାଳୁ ମୋତେ ତୁ ଯେଉଁଠୁ ଆଣିଚୁ ସେଇଠି ଛାଡ଼ି ଦେଇଆ, ନ ହେଲେ ତୁ ନିଶ୍ଚୟ ଜୀବନ ହରାଇବୁ । ଭକ୍ତ କବି ରାମଦାସ ଲେଖିଚନ୍ତି, ଠାକୁର କହିଲେ –

'ପ୍ରଭାତୁ ଉଠି ମୋତେ ନେବୁ ।
ମୋଚିକି ଲେଉଟାଇ ଦେବୁ ॥
ସେ ମୋଚି ରାମଦାସ ଭାବ ।
ମୋତେ ସେ ଦୁର୍ଲଭୁଁ ଦୁର୍ଲଭ ॥
ଗୀତ ଗୋବିନ୍ଦ ରସ ଯେତେ ।
ଶୁଣାଉଥିଲା ନିତି ମୋତେ ॥
ତହିଁ ମୋ ଯେତେ ସୁଖଭର ।

ତାହା ଜାଣନ୍ତି ମନ ମୋର ॥
ଏ ପୂଜା ମୋର କିସ ହେବ ।
ମୂଳ ମୋ ଭକତର ଭାବ ॥
ଏବେ ବହନ ନେଇ ଦେବୁ ।
ନ ଦେଲେ ନିଶ୍ଚେ ନାଶ ଯିବୁ ॥''

''ଏତକ ଶୁଣି ବ୍ରାହ୍ମଣଙ୍କ ନିଦ ଚାଉଁକିନା ଭାଙ୍ଗିଗଲା । ସେ ଧଡ଼ପଡ଼ ହୋଇ ଉଠିପଡ଼ିଲେ । ଭୟରେ ଖାଲି ଅନେଇ ବସିଲେ କେମିତି ରାତି ପାହିବ । ସେଦିନତ ରାତିଟା ତାଙ୍କ ପାଇଁ ବହୁତ ବିଳମ୍ବରେ ପାହିଲା । ସଙ୍ଗେ ସଙ୍ଗେ ନିତ୍ୟକର୍ମ ସାରି ସେ ଠାକୁରଙ୍କୁ ମୁଣ୍ଡେଇ ଚାଲିଲେ ରାମ ବେହେରାଙ୍କ ଘରକୁ । ସେଠି ପହଞ୍ଚି କହିଲେ, 'ରାମ ବେହେରା, ନିଅ ତୁମ ପଥରକୁ । କିନ୍ତୁ ବେହେରା, ଯାକୁ ଆଉ ପଥର ବୋଲି ଭାବିବ ନାଇଁ, ଇଏ ସାକ୍ଷାତ୍ ବିଷ୍ଣୁ, ସ୍ୱୟଂ ନାରାୟଣ । କିଭଳି ଭାବରେ ତାଙ୍କୁ ମଜାଇ ରଖିଚ, ସିଏ ମୋ ପାଖରେ ଜମା ରହିବାକୁ ରାଜି ନୁହନ୍ତି । ମୋତେ କଡ଼ା ତାଗିଦ୍ କରି କହିଲେ ତୁମ ପାଖରେ ଆଣି ଛାଡ଼ି ଦେଇଯିବା ନିମନ୍ତେ । ଏଇ ପଥର ତୁମର ଗତିମୁକ୍ତିଦାତା ହେବେ ରାମ ବେହେରା । ମୁଁ ଯାଉଚି । ରଖ ତୁମ ଦିଅଙ୍କୁ ।' ଏହା କହି ବ୍ରାହ୍ମଣ ପଥରଟିକୁ ରାମ ବେହେରାଙ୍କୁ ଧରେଇ ଦେଇ ଚାଲିଗଲେ ।

''ରାମ ବେହେରା ବ୍ରାହ୍ମଣଙ୍କୁ ପ୍ରଣାମ କରି ଠାକୁରଙ୍କୁ ଗ୍ରହଣ କଲେ । ତାଙ୍କୁ ସୁସଜ୍ଜିତ ଖଟୁଲିରେ ନେଇ ବସେଇଲେ ! ନିଜକୁ କେତେ ଧିକ୍କାର କଲେ । ନ ଜାଣି ଠାକୁରଙ୍କୁ ସେ କେତେ ଅବହେଳା କରିଚନ୍ତି ! ଚମ ଟୋକେଇରେ ରଖିଚନ୍ତି, ଗୋଡ଼ତଳେ ଚାପିଧରି ଚମଡ଼ାକଟା ଛୁରୀ ପଜେଇଚନ୍ତି । ତଥାପି ଠାକୁର ତାଙ୍କୁ ଛାଡୁ ନାହାନ୍ତି । ଧନ୍ୟ ତାଙ୍କର କରୁଣା ! ଭକ୍ତ ଲାଗି କ'ଣ ସେ ନ ହୋଇ ପାରନ୍ତି ! ନିଶ୍ଚେ ତାଙ୍କୁ ସେ ଦର୍ଶନ ଦେବେ, ତା' ଜୀବନକୁ ସାର୍ଥକ କରିବେ । ବ୍ରାହ୍ମଣଙ୍କ ସେଇ ଗୋଟିଏ କଥା ତାଙ୍କ କର୍ଣ୍ଣକୁହରରେ ନିନାଦିତ ହେଉଥାଏ – 'ଇଏ ପଥର ନୁହନ୍ତି, ସାକ୍ଷାତ୍ ନାରାୟଣ । ଏଇ ତୁମର ଗତି-ମୁକ୍ତି-ଦାତା ।'

''ରାମ ବେହେରା ଏବେ ପାଗଳ; ଅବଶ୍ୟ ସାଧାରଣ ଦୃଷ୍ଟିରେ । ଖିଆପିଆ ସେ ଭୁଲି ଯାଇଚନ୍ତି । ପରିବାର ଚିନ୍ତା ନାହିଁ । ସେ ଏବେ ନୂଆ ବାଟର ବାଟୋଇ । ଦେହ ତାଙ୍କର ମାଳା ତିଳକରେ ଭୂଷିତ । ଆଜି ଆଉ ସେ ସଂସାରୀ ନୁହନ୍ତି । ଭେକଧାରୀ ବୈଷ୍ଣବ । ସବୁବେଳେ ଠାକୁରଙ୍କ ଆଗରେ ଗାଉଚନ୍ତି ଗୀତଗୋବିନ୍ଦର ସେଇ ଲଳିତ, ମଧୁର, କାନ୍ତ ପଦଟି । ଗୀତ ବଗିଚାର ସେଇ ସୁନ୍ଦର ଫୁଲଟି — ଧୀର-ସମୀରେ ଯମୁନା-ତୀରେ ବସତି ବନେ ବନମାଳୀ ।

''ଠାକୁରଙ୍କ ନିଜ ସ୍ୱରୂପ ନ ଦେଖିବା ପର୍ଯ୍ୟନ୍ତ ରାମ ବେହେରାଙ୍କ ଅନ୍ତର ଜଳୁଚି । ତାଙ୍କୁ ସବୁ ପିତା ଲାଗୁଚି । ଖାଇବା ସଂପୂର୍ଣ୍ଣ ଛାଡ଼ି ଦେଲେ । ଦିନେ ଗଲା, ଦି'ଦିନ ଗଲା । ଠାକୁର ଆଉ ଥୟ ଧରି ରହିପାରିଲେ ନାହିଁ । ଭକ୍ତର ଉପାସ, ଭକ୍ତର ବେଦନା କ'ଣ ତାଙ୍କର ଉପାସ, ତାଙ୍କର ବେଦନା ନୁହଁ ? ଗୋଟିଏ ବ୍ରାହ୍ମଣ ବେଶ ଧରି ଆସି ପହଞ୍ଚିଲେ ରାମ ବେହେରାଙ୍କ ପାଖରେ । ଦେଖିଲେ ସେ ଗୀତଗୋବିନ୍ଦର ସେଇ ପଦଟି ଆବୃତ୍ତି କରି ମୁଣ୍ଡ ହଲାଇ, ହାତ ଯୋଡ଼ି, ତ୍ରିଭଙ୍ଗୀ ଠାଣି କରି ଶାଳଗ୍ରାମ ଆଗରେ ବାଇଆଙ୍କ ଭଳି ନାଚୁଚି । ବେକରେ ତୁଳସୀ ମାଳ, କରରେ କଙ୍କଣ, ପାଦରେ ଘାଗୁଡ଼ି, ଦେହରେ ରୋମାଞ୍ଚ, ଆଖିରୁ ଝରୁଚି ପ୍ରେମ ଭକ୍ତିର ଅଶ୍ରୁ । ବ୍ରାହ୍ମଣବେଶୀ ଠାକୁର କହିଲେ, 'ବେହେରା, କାଇଁକି ଏମିତି ମତ୍ତ ହୋଇ ଗୀତ ବୋଲି ନାଚୁଚ ? ଖିଆପିଆ କିଛି ନାହିଁ, ଶରୀର ତୁମର କ୍ଷୀଣ ହୋଇଗଲାଣି । ଯାଅ, ଖାଅପିଅ । ଏସବୁ ପାଗଳାମିରୁ କ'ଣ ମିଳିବ ? ଯାହାଙ୍କୁ ମୁନି-ଋଷିମାନେ ଜନ୍ମ ଜନ୍ମ ତପସ୍ୟା କରି ପାଉ ନାହାନ୍ତି, ତାଙ୍କୁ କ'ଣ ତୁମେ ପାଇବ ?' ରାମ ବେହେରା ଟିକିଏ ବି ବ୍ରାହ୍ମଣଙ୍କ କଥାରେ ବିଚଳିତ ହେଲେ ନାହିଁ । କହିଲେ, 'ମୁଁ ବ୍ରାହ୍ମଣଙ୍କଠାରୁ ଶୁଣିଚି ଏଇ ଶାଳଗ୍ରାମ ମୋର ଗତି-ମୁକ୍ତି-ଦାତା । ଇଏ ସାକ୍ଷାତ୍ ନାରାୟଣ । ମୁଁ ମୁନିଋଷି ନୁହଁ କି ମୁଁ ତପସ୍ୟା ଜାଣେ ନାହିଁ । ହେଲେ ମୋ ପ୍ରଭୁ ତ ମୋତେ ଭଲ ପାଆନ୍ତି । ବ୍ରାହ୍ମଣ ପାଖରେ ନ ରହି ଏଇ ହୀନ ମୋଚିଟା ପାଖକୁ ଫେରି ଆସିଚନ୍ତି । ସେ ଇଚ୍ଛା କଲେ ମୁଁ ଦର୍ଶନ ପାଇବାରେ ମୋତେ କିଏ ବାଧା ଦେବ ? ତୁମେ ଯାଅ । ମୋ ଭଜନରେ ଆଉ ବାଧା ଦିଅ ନାହିଁ ।'

''ଠାକୁର ରାମ ବେହେରା କଥା ଶୁଣି ଖୁସି ହେଲେ । ଦେଖିଲେ ସେ ମରିବ ପଛେ ଟଳିବ ନାହିଁ । କହିଲେ, 'ରାମ ବେହେରା, ଆଉ ବ୍ୟାକୁଳ ହୁଅ ନାହିଁ । ଆଖି ବୁଜ । ଯାହାଙ୍କୁ ହୃଦ-ମନ୍ଦିରରେ ପୂଜା କରି ଆସୁଚ ତାଙ୍କୁ ଦେଖିବ ।' ରାମ ବେହେରା ସଙ୍ଗେ ସଙ୍ଗେ ମନ୍ତ୍ର ଚାଳିତବତ୍ ଆଖି ବୁଜି ଦେଲେ । ଦେଖିଲେ ତାଙ୍କ ହୃଦୟ-ସିଂହାସନରେ ତାଙ୍କ ଆରାଧ୍ୟ ଠାକୁର ବିଜେ କରିଚନ୍ତି । ସୁଗନ୍ଧରେ ସେ ସ୍ଥାନ ଫାଟି ପଡୁଚି । ଶୀତଳ ସ୍ନିଗ୍ଧ ଆଲୋକରେ ଚାରିଆଡ଼ ଉଛୁଳି ଉଠୁଚି । ଠାକୁର ତାଙ୍କର ଦିବ୍ୟ ବେଶଭୂଷା ପିନ୍ଧି କି ସୁନ୍ଦର, ଅନୁପମ, ହସହସ ଦେଖା ଯାଉଚନ୍ତି ! ରାମ ବେହେରା କୃତକୃତ୍ୟ ହୋଇଗଲା । ସାଷ୍ଟାଙ୍ଗ ପ୍ରଣିପାତ କଲା । ପୁଣି ତା'ର ପାଟିରୁ ବାହାରି ପଡ଼ିଲା ଗୀତଗୋବିନ୍ଦର ସେଇ ପଦଟି – ଧୀର-ସମୀରେ ଯମୁନା-ତୀରେ ବସତି ବନେ ବନମାଳୀ । ଆଖି ଖୋଲିଲା । ଠାକୁର ଚାଲି ଯାଇଚନ୍ତି । କିନ୍ତୁ ସାଇତି ଦେଇ ଯାଇଚନ୍ତି ତା' ଭିତରେ ଜନ୍ମ ଜନ୍ମ ଧରି ଚଳିବା ଭଳି ଅସରନ୍ତି ସଂପଦ । ଏଇଠି ମନେ ପଡ଼େ ଶ୍ରୀଅରବିନ୍ଦଙ୍କର ଗୋଟିଏ କଥା–

'The Divine gives itself to those who give themselves without reserve and in all their parts to the Divine. For them the calm, the light, the power, the bliss, the freedom, the wideness, the heights of knowledge, the seas of Ananda.'

'ଭଗବାନ୍ ସେଇମାନଙ୍କୁ ନିଜକୁ ଦେଇ ଦିଅନ୍ତି ଯେଉଁମାନେ ନିଜକୁ ନିଃଶେଷରେ ଏବଂ ସକଳ ଅଙ୍ଗରେ ଭଗବାନଙ୍କୁ ଦେଇ ଦିଅନ୍ତି । ସେଇମାନେ ଲାଭ କରିଥା'ନ୍ତି ପ୍ରଶାନ୍ତି, ଜ୍ୟୋତିଃ, ଶକ୍ତି, ଆନନ୍ଦ, ମୁକ୍ତି, ବ୍ୟାପ୍ତି, ଜ୍ଞାନର ଶିଖର ଓ ଦିବ୍ୟାନନ୍ଦର ସାଗର ।'

## ପୁରାଣ ପାଠ ନୁହେଁ ବେସୁରା ଗୀତ ମୁଁ ଚାହେଁ –

''ଚିନୁ ଭାଇ, ଜାଣିଚ, ଆମ ଗାଁ କୁଂଜ ମାଉସୀଙ୍କ ପୁଅ କେତନ, ଯାହାକୁ 'କେତୁ' 'କେତୁ' ବୋଲି ଡାକନ୍ତି, ଯିଏ ଦି' ମାସ ହେଲାଣି ଘରୁ କୁଆଡ଼େ ଚାଲି ଯାଇଥିଲା, ତା' ପତ୍ତା ମିଳୁ ନ ଥିଲା, ଏବେ ତା' ପତ୍ତା ମିଳିଚି ।'' କହିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ଗୋଟାଏ ନୂଆ ଖବର ଦେବାର ଗର୍ବ ନେଇ ।

''ଓ, ସେଇ ଯୋଉ ପିଲାଟି ନବମ ଶ୍ରେଣୀରେ ପଢୁଥିଲା, ପରୀକ୍ଷା ପୂର୍ବରୁ ଦିନେ ରାତିରେ କାହାକୁ କିଛି ନ କହି ଘର ଛାଡ଼ି ଚାଲିଯାଇଥିଲା; ସେଇ ପିଲାର ପତ୍ତା ମିଳିଚି ? ସିଏ କେଉଁଠି ଅଛି ?'' ପଚାରିଲା ଚିନ୍ମୟ ।

''ହଁ, ସେଇ ପିଲାଟି । ତା' ନା କେତୁ । ସେ ଏବେ ହିମାଳୟ ପାଖରେ କୋଉଠି ଗୋଟାଏ ଆଶ୍ରମରେ ଅଛି । ଉତ୍ତର ଭାରତର ବିଭିନ୍ନ ତୀର୍ଥ ଜାଗା ସବୁ ବୁଲି ଦେଖିବାକୁ ଯାଇଥିବା କେତେକ ଯାତ୍ରୀ ତାକୁ ସେଠି ଦେଖି ଆସିଚନ୍ତି । ତା' ବିଷୟରେ କେତେ ଲୋକ କେତେ କଥା କହୁଚନ୍ତି । କିଏ କହୁଚି ସିଏ ପାଠକୁ ଡରି ପରୀକ୍ଷାକୁ ଡରି ଚାଲିଯାଇଚି । ଆଉ କିଏ କହୁଚି ଘରେ କଳି କରି ସିଏ ପଳେଇ ଯାଇଚି । ତା'ର ଜଣେ ଶିକ୍ଷକ କହୁଚନ୍ତି, 'ଏତେ କମ୍ ବୟସରୁ ପାଠ ପଢ଼ା ଛାଡ଼ି ସିଏ କି ସାଧନା କରିବ ? ସାଧନା କରିବାକୁ ହେଲେ ଭଲ ଭାବରେ ପଢ଼ିଥିବା ଦରକାର । ସାଧନା ସମ୍ବନ୍ଧୀୟ ଗ୍ରନ୍ଥ ସବୁ ବୁଝି ପାରୁଥିବା ଦରକାର । ସେଇଟା ତୁଚ୍ଛା ମୂର୍ଖଟା, ସେଇଟା କି ସାଧନା କରିବ ? ଏଇଠି ଯୋଉ ପାଠ ପଢୁଥିଲା ଆମେ ଜାଣିନୁ !' ଇଏ ସବୁ କ'ଣ ସତ କଥା ?'' ପଚାରିଲା ଅନୁରକ୍ତା ।

''ସତ ହୋଇପାରେ, ମିଛ ବି ହୋଇପାରେ । ମୁଁ ତ ତା'ର ଘରୁ ଚାଲିଯିବାର ପ୍ରକୃତ କାରଣ ସଂପର୍କରେ ଜାଣେ ନାହିଁ । ତେବେ ସିଏ ଯଦି

ପରୀକ୍ଷାକୁ ଡରି, ପାଠକୁ ଡରି କିଂବା ଘରେ କଳି କରି ପଳାଇ ଯାଇଥାଏ, ତେବେ ସେ କେବେ ବି ବେଶୀ ଦିନ ସେ ଆଶ୍ରମରେ ରହିପାରିବ ନାହିଁ । ହୁଏତ ଘରକୁ ପୁଣି ଫେରି ଆସିପାରେ, କିଂବା ଜୀବନରେ ଅନ୍ୟ କୌଣସି ଧନ୍ଦା ଗ୍ରହଣ କରିପାରେ । କାରଣ ପାଠ ପ୍ରତି ସାମୟିକ ଭୟ ଅଥବା କଳି ଯୋଗୁଁ ସାମୟିକ ଉତ୍ତେଜନା ପ୍ରଶମିତ ହୋଇଯିବା ପରେ ପୁଣି ତା'ର ପୂର୍ବ ସ୍ୱଭାବ ଫେରି ଆସିବ ଓ ସେ ତା'ର ପୁରୁଣା ସଂପର୍କ ମଧ୍ୟକୁ ଫେରି ଆସିବା ଲାଗି ବ୍ୟାକୁଳ ହୋଇପଡ଼ିବ । କିନ୍ତୁ ସିଏ ଯଦି ଭିତରୁ ଏକ ଉଚ୍ଚତର ଜୀବନ ନିମନ୍ତେ ଏକ ସ୍ପଷ୍ଟ କିଂବା ଅସ୍ପଷ୍ଟ ପ୍ରେରଣା ପାଇ; ପାଠପ୍ରତି ଭୟ ନୁହେଁ, ବରଂ ପ୍ରଚଳିତ ପାଠର ଅନ୍ତତଃ ପକ୍ଷେ ତା' ଲାଗି ନିରର୍ଥକତା ଯୋଗୁଁ ସେଥିପ୍ରତି ବିତୃଷ୍ଣ ହୋଇ ଓ ଘରସହ କଳି ନୁହେଁ, ବରଂ ଘରର ଚିରାଚରିତ ସଂପର୍କ ପ୍ରତି ଏକ ବୈରାଗ୍ୟ ଯୋଗୁଁ ସାଧନାର ପଥ ଗ୍ରହଣ କରିଥାଏ ତେବେ ତା' ପଥରୁ ତାକୁ କେହି ଟାଣିନେଇ ପାରିବେ ନାହିଁ ।''

''ଆଉ ତା' ଶିକ୍ଷକ ଯୋଉ କହୁଚନ୍ତି କିଛି ପାଠ ନାହିଁ, ମୂର୍ଖଟା କି ସାଧନା କରିବ ?'' ପୁଣି ପଚାରିଲା ଅନୁରକ୍ତା ।

''ଜୀବନର ସବୁ କଥାକୁ ସାଧନାରେ ସହାୟକରୂପେ ଗ୍ରହଣ କରାଯାଇପାରେ, ପୁଣି ସବୁ କଥା ବି ପ୍ରତିବନ୍ଧକ ହୋଇପାରେ । ସାଧନା ଲାଗି ଏକ କେନ୍ଦ୍ରୀୟ ସଂକଳ୍ପ ଛଡ଼ା ଅନ୍ୟ କୌଣସି ଗୋଟିଏ ଆନୁଷଙ୍ଗିକ କଥାର ଅଭାବ ହେଲେ ଯେ ସାଧନା ଅଟକି ଯିବ ତାହା ନୁହେଁ । ସାଧନା ନିର୍ଭର କରେ ଭିତରର ସଂକଳ୍ପ, ଭିତରର ସମର୍ପଣ ଉପରେ । ଏ ସମର୍ପଣ ଯାହାଙ୍କ ନିକଟରେ ହୁଏ, ସିଏ ଯେ ସର୍ବଜ୍ଞାତା, ସର୍ବଶକ୍ତିମାନ୍ । ସିଏ କ'ଣ ଜାଣନ୍ତି ନାହିଁ ତାଙ୍କ ଭକ୍ତର, ତାଙ୍କ ସାଧକର କେତେବେଳେ କ'ଣ ଦରକାର ? ସେହିପରି ଆମର ପାଠ ଆମକୁ ସାଧନା ସମ୍ବନ୍ଧୀୟ ପୁସ୍ତକ ପାଠରେ ସାହାଯ୍ୟ କରିପାରେ । କିନ୍ତୁ ପାଠ ନ ଥିଲେ ଯେ ଆମେ ସାଧନା କରିପାରିବୁ ନାହିଁ କିଂବା ସାଧନା ସମ୍ବନ୍ଧେ ଆମର ଯାହା ଜାଣିବାର କଥା ତା' ଜାଣିପାରିବୁ ନାହିଁ ଏପରି କିଛି କଥା ନାହିଁ । ବରଂ ଦେଖାଯାଇଚି ପାଠ ନ ପଢ଼ି ସାଧନା ସମ୍ବନ୍ଧେ

ସାମାନ୍ୟ କଥା ଜାଣି ବ୍ୟକ୍ତି ତାକୁ ନିଜ ଜୀବନରେ କାର୍ଯ୍ୟକାରୀ କରିବାକୁ ଯେତେ ଆଗ୍ରହୀ ହୋଇଉଠିଚି, ପାଠ ପଢ଼ି ବ୍ୟକ୍ତି ସେପରି ହୋଇ ନାଇଁ । ବରଂ ତା' ପାଠରେ ଆବଦ୍ଧ ହୋଇ ରହିଯାଇଚି । ସେଇ ପାଠକୁ ସାଧନା ବୋଲି ଭାବିଚି । ଗ୍ରନ୍ଥ ମଧରେ ଗୁନ୍ଥି ହୋଇଯାଇଚି । ପାଠକୁ ଏଠାରେ ନିନ୍ଦା କରାଯାଉ ନାଇଁ, ଖାଲି ପାଠକୁ ସାଧନାରେ ଏତେ ବଡ଼ କରି ଥୋଉଥିବାରୁ ଏପରି କୁହାଯାଉଚି । ତା' ପୁଣି ପ୍ରଚଳିତ ସ୍କୁଲ କଲେଜ ପାଠ । ଆଉ ଇଚ୍ଛା କଲେ ବ୍ୟକ୍ତି ସାଧନା ଜୀବନ ପରେ ସାଧନା ସମ୍ବନ୍ଧୀୟ ଶିକ୍ଷା ଗ୍ରହଣ କରିପାରେ । ଶ୍ରୀଅରବିନ୍ଦ କହିଚନ୍ତି :

'This intellectual preparation can indeed be the first stage in a powerful Yoga, but it is not indispensable : it is not a step which all need or can be called upon to take. Yoga would be impossible, except for a very few, if the intellectual figure of knowledge arrived at by the speculative or meditative reason were its indispensable condition or a binding preliminary.'

'ଏକ ଶକ୍ତିଶାଳୀ ଯୋଗସାଧନା କ୍ଷେତ୍ରରେ ଏହିପରି ଏକ ମାନସିକ ପ୍ରସ୍ତୁତି ବାସ୍ତବପକ୍ଷେ ଆମର ଏକ ପ୍ରାଥମିକ ସ୍ତର ହୋଇପାରି ଥାଏ ସତ, କିନ୍ତୁ ଏହା ଯେ ଅପରିହାର୍ଯ୍ୟ ତା' ନୁହେଁ । ଏହା ଏପରି ଏକ ସୋପାନ ବା ସ୍ତର ନୁହେଁ ଯାହା ଭିତର ଦେଇ ସମସ୍ତଙ୍କୁ ଯିବା ଆବଶ୍ୟକ ହେବ ବା ଯାହା ଭିତର ଦେଇ ଯିବା ଲାଗି ସମସ୍ତଙ୍କୁ କୁହାଯାଇପାରିବ । ଚିନ୍ତାଶୀଳ ତଥା ଧ୍ୟାନଶୀଳ ଉଚ୍ଚତର ବୁଦ୍ଧି ସାହାଯ୍ୟରେ ଜ୍ଞାନର ଯେଉଁ ମାନସିକ ପ୍ରତିଭାଟି ସାଧିତ ହୋଇପାରୁଚି, ତାକୁ ଯଦି ଯୋଗ ସାଧନା ଲାଗି ଏକ ଅପରିହାର୍ଯ୍ୟ ଆବଶ୍ୟକତା ଅଥବା ଏକ ଅଲଂଘ୍ୟ ପ୍ରାଥମିକ ସିଦ୍ଧି ବୋଲି ଧରାଯାଏ ତେବେ ଖୁବ୍ ଅଳ୍ପ କେତେକଙ୍କୁ ଛାଡ଼ି ଦେଲେ ଅନ୍ୟମାନଙ୍କ ଲାଗି ଯୋଗସାଧନା ଏକେବାରେ ଅସମ୍ଭବ ହୋଇଉଠିବ ।'

''ଖାଲି ପାଣ୍ଡିତ୍ୟ ଯଦି ଭଗବାନଙ୍କୁ ପାଇବାର ଯୋଗ୍ୟତା ହୋଇଥା'ନ୍ତା ତେବେ ଭକ୍ତ ମଣିଦାସ କେବେ ବି ଭଗବାନଙ୍କୁ ଲାଭ କରିପାରି ନ ଥା'ନ୍ତା । ପୁରାଣ ପଣ୍ଡାମାନେହିଁ ତାକୁ ଲାଭ କରିଥା'ନ୍ତେ ।''

''ସେଇ ଭକ୍ତ ମଣିଦାସଙ୍କ କଥା କୁହ । ସେ କିପରି ମୂର୍ଖ ହୋଇ ବି ଭଗବାନଙ୍କ କୃପା ଲାଭ କଲେ ।'' ଉତ୍ସୁକ ହୃଦୟରେ କହିଉଠିଲା ଅନୁରକ୍ତା ।

''ମଣିଦାସ ଥିଲେ ଜଣେ ମାଳୀ । ଘର ତାଙ୍କର ପୁରୁଷୋତ୍ତମ । ମାଳ ଗୁନ୍ଥି ସେ ଜୀବିକା ନିର୍ବାହ କରନ୍ତି । କ'ଣ ହେଲା, ମଣିଦାସଙ୍କ ପରିବାରର ସମସ୍ତେ ଅଚାନକ ଭାବେ ମୃତ୍ୟୁମୁଖରେ ପଡ଼ିଲେ । ଏକା ରହିଲେ ମଣିଦାସ । ଏଭଳି ପରିସ୍ଥିତିକୁ ସାଧାରଣ ସଂସାରୀ ଦୁର୍ଭାଗ୍ୟ ମନେ କରି ଅବଶିଷ୍ଟ ଜୀବନ ଖାଲି ସନ୍ତାପିତ ହୋଇ କଟେଇ ଥା'ନ୍ତା । କିନ୍ତୁ ମଣିଦାସଙ୍କ କ୍ଷେତ୍ରରେ ଏହା ଓଲଟା କାମ ଦେଲା । ତାଙ୍କର ମନେ ହେଲା ଭଗବାନ୍ ତାଙ୍କ ପାଖକୁ ଟାଣି ନେବା ଲାଗି ଯେପରି ଏସବୁ ସଂସାର ବନ୍ଧନ ତାଙ୍କର ତୁଟେଇ ଦେଇଚନ୍ତି । ସଂସାର ଜୀବନ ପ୍ରତି ଆଉ ତାଙ୍କର ମନ ବଳିଲା ନାଇଁ । ମାଳା, ତିଳକ, କୌପୀନ ଗ୍ରହଣ କରି ବୈଷ୍ଣବ ସାଜିଲେ । ଶ୍ରୀମନ୍ଦିରରେ ପହଞ୍ଚି ଗରୁଡ଼ସ୍ତମ୍ଭ ପଛରେ ଛିଡ଼ା ହୋଇ ଜଗନ୍ନାଥଙ୍କୁ ଟିକିଏ ଚାହିଁଦେଲେ ତାଙ୍କର ସବୁ ସଂସାର ସ୍ମୃତି କୁଆଡ଼େ ଲୋପ ପାଏ, ଆଖିରୁ ଝରିପଡ଼େ ଭକ୍ତି ଆଉ ଆନନ୍ଦର ଅଶ୍ରୁ । ମନ୍ଦିରରେ ଦିନରାତି ଜଗନ୍ନାଥଙ୍କ ସେବା ଦେଖି ନିଜେ କିଛି ସେ ସେବାରେ ଅଂଶ ଗ୍ରହଣ କରିବାକୁ ମନ ତାଙ୍କର ବ୍ୟାକୁଳ ହୋଇଉଠେ । କିନ୍ତୁ ଯାହାର ସେବା ପୂଜା ପାଇଁ କେତେ ଯେ ଲୋକ ଖଞ୍ଜା ହୋଇଚନ୍ତି ତା'ର କଳନା ନାଇଁ, ଆଉ ସେମାନେ ବେଳକାଳ ଜାଣି ନିଜ ନିଜ କାମ କରିବାକୁ ଚାତକ ପରି ଚାହିଁ ରହିଚନ୍ତି, ସେଠି ଏ ମୂର୍ଖ ଗରିବ ମଣିଦାସଙ୍କ ପାଇଁ ବା ସେବା କାଇଁ ? ମଣିଙ୍କ ଅନ୍ତର ଖାଲି ବିଳାପ କରିବାକୁ ଲାଗିଲା ।

''କିଛି ଦିନ ବିତିଯାଇଚି । ଏବେ ଦେଖାଯାଉଚି ମଣି ଦୁଇଟି ନଡ଼ିଆ ଶଢ଼େଇ ଧରି ଠାକୁରଙ୍କ ପଞ୍ଚଧୂପ ସମୟରେ ଜଗମୋହନରେ ହାଜର ହୋଇଯାଉଚନ୍ତି । ଶଢ଼େଇ କରତାଳ ବଜେଇ, ଠାକୁରଙ୍କ ନାମ ଗାଇ ନିତି

ଆସି ନାଚୁଚନ୍ତି । ଶଢ଼େଇ କରତାଳ ସହିତ ତାଙ୍କ ନାଚ, ଗୀତର କିଛି ତାଳ ନ ଥାଏ । ସବୁ ବେତାଳିଆ, ବେସୁରା । ଯେଉଁ ମନ୍ଦିରରେ ପବିତ୍ର ହରିଧ୍ୱନିର ମୂର୍ଚ୍ଛନା ପବନର ତାଳେ ତାଳେ ଖେଳିଯାଏ, ସଞ୍ଜ ସକାଳରେ ଭକ୍ତ ଓ ଗାୟକ-ଗାୟିକାମାନଙ୍କର ସୁଲଳିତ ଭଜନ-କୀର୍ତ୍ତନ ଯାହାର ବାତାବରଣକୁ ଛନ୍ଦାୟିତ, ରସାପ୍ଲୁତ କରେ ସେଠି ଏ ମୂର୍ଖ ମଣିଆର ବେତାଳିଆ ନାଚ ଆଉ ବେସୁରା ସଂଗୀତ ଶୁଣୁଚି କିଏ ? ତଥାପି ମଣିଦାସଙ୍କର ଦୁଃଖ ନାଇଁ । ସେଇ ବେତାଳିଆ ନାଚ ଆଉ ବେସୁରା ସଂଗୀତ ଟିକକ ଶେଷପର୍ଯ୍ୟନ୍ତ ସେ ନାଚି ଗାଇ ପାରନ୍ତି ନାଇଁ । ଭକ୍ତି ଗଦ୍‌ଗଦ୍ ଚିତ୍ତରେ ଆଖିରୁ ଧାର ଧାର ଅଶ୍ରୁ ଝରି ଆସେ । କଣ୍ଠ ରୁଦ୍ଧ ହୋଇଯାଏ । ପାଦ ନିଷ୍ପନ୍ଦ ହୋଇଯାଏ ।

''ସଂସାର-ରାଗିଣୀ ସହ ଯିଏ ତାଳ ରଖିପାରି ନାଇଁ, ସେଠି ଯାହାର ସୁର ବେସୁରା ଧରିଚି, ଏଠି ବା କାଇଁକି ସେ ତାଳ ମାନ ପ୍ରତି ଭ୍ରୂକ୍ଷେପ କରିବ ? ଶ୍ରୋତାମାନଙ୍କ ପ୍ରଶଂସା ବା ନିନ୍ଦାକୁ ବା କାଇଁକି ସେ ଖାତିର କରିବ ? ଅବଶ୍ୟ ସେଇ ବେସୁରା, ବେତାଳ ଭିତରେ ବି ତାଙ୍କର ଏକ ସୁର, ଏକ ତାଳ ରହିଚି । କିନ୍ତୁ ସେ ତାଳ, ସେ ସୁର ତାଙ୍କର ଏକାନ୍ତ ନିଜର । ଆଉ ସେ ସୁର, ସେ ତାଳକୁ ଯିଏ ଉପଭୋଗ କରିପାରନ୍ତି ସେ ବି ତାଙ୍କର ଏକାନ୍ତ ଆପଣାର ।

''ଗୋଟିଏ ଦିନର ଘଟଣା । ରାଜାଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀମନ୍ଦିରର ଜଗମୋହନରେ ଚାଲିଥାଏ ଅଷ୍ଟାଦଶ ପୁରାଣ ଚର୍ଚ୍ଚାର ସମାବେଶ । ଓଡ଼ିଶାର ବିଖ୍ୟାତ ପଣ୍ଡିତମାନଙ୍କର ପୁରାଣ ବ୍ୟାଖ୍ୟାନ ଶୁଣି ସମସ୍ତେ ମୁଗ୍ଧ, ଚମତ୍କୃତ ହେଉ ଥାଆନ୍ତି । ମନ୍ଦିରରେ ଏତେ ଲୋକ ଯେ କୋଉଠି ସୋରିଷଟିଏ ପକେଇବାକୁ ଜାଗା ନ ଥାଏ । ଗଜପତି ମହାରାଜ ନିଜେ ତାଙ୍କ ରାଣୀଙ୍କ ସହ ପୁରାଣ ଚର୍ଚ୍ଚା ଶୁଣୁଥାଆନ୍ତି । ଠାକୁରଙ୍କୁ ମଧ୍ୟାହ୍ନ ଧୂପ ଦେବାର ସମୟ ହୋଇଗଲା । ଏତିକିବେଳେ ମଣିଦାସ କୋଉଠି ଥିଲେ ସବୁଦିନ ଭଳି ତାଙ୍କ ଶଢ଼େଇ କରତାଳ ଧରି ଆସି ପହଞ୍ଚିଗଲେ । ଅଖାଡୁଆ କରି ଶଢ଼େଇ ପିଟି, ବେତାଳିଆ ନାଚ ନାଚି, ବେସୁରା ଗୀତ ବୋଲା ଆରମ୍ଭ କରିଦେଲେ । ଅଷ୍ଟାଦଶ ପୁରାଣ ଚର୍ଚ୍ଚା ହେଉଚି ସେଥିପ୍ରତି ନଜର ନାଇଁ କି ଏତେ ଲୋକ ଜମା ହେଇଚନ୍ତି

ସେଥିପ୍ରତି ଖାତିର ନାଇଁ କି ନିଜେ ମହାରାଜା ଉପସ୍ଥିତ ଅଛନ୍ତି ସେଥିପ୍ରତି ଭୟ ନାଇଁ । ସେ ଜାଣନ୍ତି ଏମିତି ଉତ୍ସବ ଦିନମାନଙ୍କରେ ସଞ୍ଜସକାଳରେ ଠାକୁର ମନ୍ଦିରରେ କେତେ ପୁରାଣ ଚର୍ଚ୍ଚା ହୁଏ, କେତେ ଲୋକ ରୁଣ୍ଡ ହୁଅନ୍ତି । ସମସ୍ତେ ସମସ୍ତଙ୍କ ସେବା କରିବାରେ ଲାଗିଚନ୍ତି, ସିଏ କାଇଁକି ତାଙ୍କ ସେବାରୁ ବିରତ ହେବେ । ରାଜା ଥାଆନ୍ତୁ କି ଯିଏ ଥାଆନ୍ତୁ ! ରାଜା କ'ଣ ତାଙ୍କ ଠାକୁରଙ୍କଠୁ ବଡ଼ ? ଶଢ଼େଇ ବଜେଇ ବେତାଳିଆ ଗୀତ ନାଚକୁ ସେ ତାଙ୍କର ଠାକୁରଙ୍କ ପ୍ରତି ସେବା ବୋଲି ଧରି ନେଇଚନ୍ତି ।

କିନ୍ତୁ ଅନ୍ୟମାନେ ଯାକୁ ଭିନ୍ନ ଦୃଷ୍ଟିରେ ଦେଖିଲେ । ଭାବିଲେ ପବିତ୍ର ଅଷ୍ଟାଦଶ ପୁରାଣ ପାଠକୁ ମଣିଆ ଅବମାନନା କରୁଚି । ଅଭଦ୍ରଙ୍କ ପରି ଶଢ଼େଇ ବଜେଇ ବେଲଜ୍ଜା ଭାବରେ ନାଚୁଚି । ସମସ୍ତେ ମଣିଙ୍କ ଉପରେ ରାଗି ପାଚିଗଲେ । ପାଟିକରି କହିଲେ, 'ଛତରା, ମାଗିଖିଆଟାକୁ ଧକ୍କା ଦେଇ ବାହାର କରିଦିଅ । ସବୁଦିନେ ଆସି ଏଠି ଗୋଟାଏ ତାମସା ଲଗେଇଚି ।' ଏହା କହି ତାଙ୍କୁ ଅନେକ ମାଡ଼ଗାଳି ଦେବାରୁ ମଣି ମନ ଦୁଃଖରେ ଠାକୁରଙ୍କ ଉପରେ ଅଭିମାନ କରି ଶଢ଼େଇ ତାଙ୍କ ଆଗରେ ଫୋପାଡ଼ି ଦେଇ ଘରକୁ ଯାଇ ମୁହଁମାଡ଼ି ଶୋଇଲେ । ଖାଇଲେ ନାଇଁ କି ପିଇଲେ ନାଇଁ ଭାବିଲେ ସେମାନେ ଯେମିତି ପୁରାଣ ପାଠ କରୁଚନ୍ତି, ଠାକୁରଙ୍କୁ ଭୋଗ, ଧୂପ ଦେଉଚନ୍ତି, ମୁଁ ସେମିତି ମୋ ଠାକୁରଙ୍କ ଆଗରେ ଗୀତ ଗାଇ, ନାଚି, ବାଜା ବଜେଇ ତାଙ୍କ ମନ ଖୁସି କରୁଚି; ଏଥିରେ ସେମାନେ କାଇଁକି ମୋତେ ବାଧା ଦେବେ ? ସେମାନେ ବାଧା ଦେଲେ ବୋଲି ଠାକୁର କ'ଣ ପଥର ? ସିଏ କାହିଁ କିଛି କଲେ ନାଇଁ । ସଂଧ୍ୟା ଧୂପ ବେଳକୁ ଆଉ ମଣିଦାସ ଆସିଲେ ନାଇଁ । ସେବକମାନେ ଠାକୁରଙ୍କୁ ଭୋଗ ଧୂପ ଲଗାଇ ପହୁଡ଼ ପକାଇ ଚାଲିଗଲେ । ଠାକୁରଙ୍କୁ କିନ୍ତୁ ଭୋକ ନାଇଁ କି ନିଦ ନାଇଁ । ଭକ୍ତ ଯେ ତାଙ୍କର ଅପମାନିତ, ଲାଞ୍ଛିତ ହୋଇ ଯାଇ ଉପାସରେ ଶୋଇଚି । ଏଥିରେ ସେ କିପରି ଥୟ ଧରି ରହିବେ । ସେଇ ରାତିରେ ସେ ରାଜାଙ୍କ ଶୟନ କକ୍ଷକୁ ଗଲେ ।

''ଅଧ ରାତି । ରାଜା ସ୍ୱପ୍ନରେ ଦେଖିଲେ ସ୍ୱୟଂ ଜଗନ୍ନାଥ ତାଙ୍କ

ମସ୍ତକ ନିକଟରେ ଉଭା ହୋଇଚନ୍ତି । ଭୁବନମୋହନ ଅପରୂପ ସୌନ୍ଦର୍ଯ୍ୟର ଆଧାର ପ୍ରଭୁଙ୍କର ରଙ୍ଗା ଅଧରରେ ନାଇଁ ସ୍ମିତହାସ୍ୟ । ଶ୍ରୀମୁଖରେ ବିଷାଦର କାଳିମା । ଚକ୍ଷୁଧାରରେ ଲୋତକ ଢଳ ଢଳ । ଶରୀର କମ୍ପମାନ । ଗଳାର ପଦ୍ମମାଳ ମଉଳି ଯାଇଚି । ରାଜା ପ୍ରଭୁଙ୍କର ଏପରି ରୂପ ଦେଖି ତଟସ୍ଥ । କ'ଣ କେଉଁଠି ତାଙ୍କ ସେବା ପୂଜାରେ ତ୍ରୁଟି ହେଲା କି ? କାତର କଣ୍ଠରେ ଉଠିପଡ଼ି ରାଜା ପଚାରିଲେ, 'ପ୍ରଭୁ, ଆଜି କ'ଣ ଏ ଅକିଞ୍ଚନର ସେବା ପୂଜାରେ କିଛି ତ୍ରୁଟି ହେଲା ?' କିନ୍ତୁ ପ୍ରଭୁଙ୍କ ତୁଣ୍ଡରୁ ଭାଷା ସ୍ଫୁରୁ ନାଇଁ । ରାଜାଙ୍କ କଥାରେ ଆଖିରୁ ତାଙ୍କର ଆହୁରି ଜୋର୍‌ରେ ଲୋତକ ବହିବାକୁ ଲାଗିଚି । ସେ ଦୁଃଖ ରାଜାଙ୍କ ଅନ୍ତରକୁ ଆଲୋଡ଼ିତ କଲା । ସେ ବି କାନ୍ଦି କାନ୍ଦି ପ୍ରଭୁଙ୍କ ପାଦତଳେ ଲୋଟି ପଡ଼ିଲେ ।

''ପ୍ରଭୁଙ୍କର ଗୁରୁ ଗମ୍ଭୀର କଣ୍ଠରୁ ଶୁଣାଗଲା – 'କହିବୁକି ରାଜା ! ମନେକର ତୋର ପାଞ୍ଚଟି ପୁଅ ଅଛନ୍ତି । କେଉଁ ପୁଅ ଦିଗ୍‌ବିଜୟୀ ତ କେଉଁ ପୁଅ ଖୁବ୍ ପଣ୍ଡିତ । ଆଉ କେଉଁ ପୁଅ ଶାସନରେ ଧୁରନ୍ଧର ତ ଆଉ କିଏ ସଙ୍ଗୀତରେ ପାରଦର୍ଶୀ । ଏ ଚାରୋଟିଙ୍କ ପରେ ତୋର କୋଳପୋଛା ଶିଶୁ ପୁଅଟିଏ ଅଛି । ଦିନେ ଆଲୋଚନା ସମୟରେ ତୋର ବଡ଼ ଚାରିପୁଅ ସେମାନଙ୍କ ଦକ୍ଷତା ସଂପର୍କରେ କହୁଥିବାବେଳେ ତୋ ଛୋଟ ପୁଅଟି ଠୁକୁରୁ ଠୁକୁରୁ ହେଇ ଚାଲି ଆସି ତୋ ଓଠରେ ହାତମାରି ତା'ର ଦରୋଟି ଗୁଲୁଗୁଲୁ ଅବୋଧ ଭାଷାରେ ତତେ ଯଦି କିଛି କହେ, ତୁ କେଉଁ ପୁଅକୁ ଆଗେ କୋଳକୁ ନେବୁ ? କାହା କଥା ଆଗେ ଶୁଣିବୁ ? କାହା ପାଇଁ ତୋ ପ୍ରାଣରେ ଆବେଗ ଝରି ଆସିବ ? ସେଇ ଅବୋଧ, ସରଳ, କୌତୁକିଆ ଟିକି ପୁଅଟି ପାଇଁ, ନା ଉପର ଚାରିଜଣ ସୁଦକ୍ଷ ପୁଅଙ୍କ ପାଇଁ ? ନିଶ୍ଚୟ ସେଇ ଅବୋଧ ଟିକି ପୁଅଟି ପାଇଁ ।

ସେମିତି ମୋ ସୃଷ୍ଟିରେ ମୁଁ କେତେ ବିଦ୍ୱାନ୍, ପଣ୍ଡିତିଆ, ସର୍ବଗୁଣସଂପନ୍ନ ସନ୍ତାନଙ୍କୁ ଜନ୍ମ ଦେଇଚି; ସେମାନଙ୍କ ଭିତରେ ବି ମୋର ଗୋଟିଏ ମୂର୍ଖ, ଅବୋଧ, ସରଳ ପୁଅଟିଏ ଅଛି । ସେ କିଛି ଜାଣି ନାଇଁ । ଯାହା

ଜାଣିଥିଲା ମୋ ଧାମ ମାଡ଼ିଲା ଦିନଠୁଁ ସବୁ ଭୁଲି ଯାଇଚି । ସବୁ ଛାଡ଼ି ସେ ମୋ ସିଂହଦ୍ୱାରରେ ଭିକାରି ସାଜିଚି । ସେଥିଲାଗି ତା' ମନରେ ଶୋଚନା ନାଇଁ । ପ୍ରତିଦିନ ସେ ମୋ ପାଖରେ ଭୋଗ ଲାଗିବାବେଳେ ମା' ଛୁଆକୁ ନାନା ବାୟା ଗୀତ ଗାଇ ଖୁଆଇ ଦେଲା ଭଳି ସେ ମୋତେ ଖୁଆଇ ଦିଏ । ତା'ର ସେଇ ଅନ୍ତର ଖୋଲା, ନିଷ୍କପଟ ଭକ୍ତିରସରେ ରସାଣିତ ବେସୁରା ରାଗିଣୀ ଶୁଣି ମୁଁ ସବୁ ଭୁଲିଯାଏ । ଛପନ ଭୋଗ ଭିତରେ କିଛି ଦୋଷତ୍ରୁଟି ଥିଲେ ତାକୁ ବାରିପାରେ ନାଇଁ । ମୋର ସନ୍ତାନ ହେଇ ସେ ମୋର ମା'ର କାର୍ଯ୍ୟ କରେ । କିନ୍ତୁ ମୁଁ ଏତେ ହତଭାଗା ଯେ ମୋ ଷାଠିଏ ପଉଟି ଭୋଗରୁ ସେ କାଣିଚାଏ ପାଇ ପାରେନା । ପେଯ ନଳାରୁ ମୁନ୍ଦାଏ ପେଯ ପିଇ ସେ ଜୀବନ ବଞ୍ଚାଏ । ଏପରି ମୋର ଯେଉଁ ଅବୋଧ ଶିଶୁ, ଗେହ୍ଲା ପୁଅଟି ସିଏ ଆଜି ଅପମାନିତ, ଲାଞ୍ଛିତ, ଦଣ୍ଡିତ ହୋଇ ଉପାସରେ ଶୋଇଚି । ଏଥିରେ ମୁଁ କିପରି ଶାନ୍ତିରେ ରହିବି ? ଷାଠିଏ ପଉଟି ଭୋଗ ମତେ ବିଷ ଭଳି ଲାଗୁଚି ।

'ଗୋଟି ଗୋଟି କରି ଅଷ୍ଟାଦଶ ପୁରାଣ ମୁଁ ସୃଷ୍ଟି କରିଚି । ମଣିଷକୁ ଶିକ୍ଷା ଦେବା ଲାଗି କବି ରୂପରେ ମୁଁ ପୁରାଣ ରଚିଚି, ମୋତେ ଭୁଲାଇବା ଲାଗି କି ମୋ ହୃଦୟରେ ଶାନ୍ତି ପାଇବା ଲାଗି ନୁହେଁ । ଏସବୁ ତୋ ଲକ୍ଷ୍ମୀ ମା'କୁ ଭୁଲେଇ ପାରେ, ଶାନ୍ତି ଦେଇପାରେ । ତେଣୁ ପଣ୍ଡିତମାନେ ଯଦି ଏଣିକି ପୁରାଣ ପାଠ କରନ୍ତି ତେବେ ସେମାନେ ଲକ୍ଷ୍ମୀ ମୋହନରେ କରନ୍ତୁ । ମନେରଖ ରାଜା ! ଆଜିଠାରୁ ମୋ ଜଗମୋହନରେ ଆଉ କୌଣସି ପୁରାଣ ପାଠ ହୋଇପାରିବ ନାଇଁ । ଏଇ ମଣିଆ ପରି ଅବୋଧ ସରଳ ଭକ୍ତମାନେ ଏଠି ତାଙ୍କର ବେତାଳ ସଙ୍ଗୀତ ଗାଇ ମତେ ତାଙ୍କ ଗୁହାରି ନିବେଦନ କରିବେ । ମଣିଆ ମୋର ଆଜୀବନ ଯେପରି ତା' ଶଢ଼େଇ କରତାଳ ନେଇ, ବେସୁରା ଗୀତ ଗାଇ, ବେତାଳିଆ ନାଚ ନାଚି ମତେ ଆନନ୍ଦ ଆଉ ଶାନ୍ତି ଦିଏ ସେ ବ୍ୟବସ୍ଥା କର । ମୋ ଭକ୍ତକୁ ଏଠୁ ମାଡ଼ଦେଇ ତଡ଼ିଦେଲେ ମୁଁ କେବେ ବି ସହିପାରିବି ନାଇଁ ।' ଏହା କହି ଠାକୁର ଅନ୍ତର୍ଦ୍ଧାନ ହେଇଗଲେ ।

''ରାଜା ଅନୁତାପ ଓ ଭୟରେ ଜଡ଼ସଡ଼ ହେଇ ଉଠି ଧାଇଁଲେ

ମଣିଦାସଙ୍କ ପାଖକୁ । ସେଠି ଯାହା ଦେଖିଲେ ସେଥିରେ ତାଙ୍କ ନୟନ ମନ ପବିତ୍ର ହେଇଗଲା । ମଣି ଦାସଙ୍କୁ ଗେହ୍ଲାପୁଅ ଭଳିଆ ବସେଇ ଠାକୁର ରତ୍ନ ଥାଳିରୁ ବିଭିନ୍ନ ମିଷ୍ଟାନ୍ନ ଖୁଆଇ ଦଉଚନ୍ତି । ମଣିଦାସଙ୍କର ମଳିନ ଚେହେରା କି କାନ୍ତ, କମନୀୟ ଦେଖାଯାଉଚି ! ଠାକୁର ଚାଲିଗଲେ । ରାଜା ଆବେଗଭରା ହୃଦୟରେ ମଣିଦାସଙ୍କ ପାଦରେ ପଡ଼ି କ୍ଷମା ମାଗି ତାଙ୍କୁ କୁଣ୍ଢାଇ ପକାଇଲେ । କହିଲେ, 'ଧନ୍ୟ ଭକ୍ତ । ତୁମର ସ୍ଥାନ ସବୁବେଳେ ପ୍ରଭୁଙ୍କର ଅତି ପାଖରେ, ସମସ୍ତଙ୍କ ଉଚ୍ଚରେ । ସେଠି ଜ୍ଞାନ, ଗାରିମା, ପାଣ୍ଡିତ୍ୟ ସବୁ ମୁଠାଏ ପାଉଁଶ ଭଳି ।'

ତା' ଆର ଦିନ ମଧ୍ୟାହ୍ନର ଧୂପବେଳା । ଜଗମୋହନରେ ପୁଣି ଶୁଣାଗଲା ବେତାଳିଆ ଶଢ଼େଇ ନାଦ, ବେସୁରା ସଙ୍ଗୀତ ଓ ଦେଖାଗଲା ଅବୋଧ ବାରଚାଉଳିଆ ନାଚ । ଇଏ ଆଉ କାହାର ହୋଇପାରେ ମଣିଦାସଙ୍କ ଛଡ଼ା ? ମଣିଦାସ ଆଜି ଆନନ୍ଦରେ ପାଗଳ । ତାଙ୍କ ଠାକୁର ତାଙ୍କ ସେବା ଗ୍ରହଣ କରିଚନ୍ତି । ସେଥିରୁ ତୃପ୍ତି ପାଇଚନ୍ତି । ତାଙ୍କ ଜୀବନ ଆଜି ସାର୍ଥକ ହେଇଚି । ଅଷ୍ଟାଦଶ ପୁରାଣ ଚର୍ଚ୍ଚା ବନ୍ଦ କରି ଲକ୍ଷ୍ମୀମୋହନରୁ ନିଜେ ରାଜା, ପୁରାଣ ପଣ୍ଡା, ଶ୍ରୋତାବର୍ଗ ସମସ୍ତେ ଆସି ମଣି ଦାସଙ୍କ ନୃତ୍ୟ ଦେଖିବାରେ ବିଭୋର । ଶଢ଼େଇ ନାଦ ସହ ତାଳ ଦେଇ ସେମାନେ ବି କରତାଳି ଦଉଚନ୍ତି । ପୁରାଣ ଆଲୋଚନାର ଦମ୍ଭଗର୍ବ ଆଉ କାହାରି ମନରେ ନାଇଁ । ସମସ୍ତଙ୍କ ହୃଦୟରେ ଭକ୍ତିର ମନ୍ଦାକିନୀ ଧାରା, ଆଖି ଆନନ୍ଦାଶ୍ରୁରେ ଭରା । ଭକ୍ତ ମଣିଦାସଙ୍କର ଜୟ ହେଇଚି । ଜଗମୋହନ ଆଜିଠାରୁ ତାଙ୍କର ଓ ତାଙ୍କରି ପରି ସରଳ, ଅବୋଧ, ମୂର୍ଖ ଭକ୍ତମାନଙ୍କର । ସେମାନେ ତାଙ୍କର ସରଳ ହୃଦୟର ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି ନେଇ ଠାକୁରଙ୍କୁ ଜଣାଣ କରିବେ, ନାଚି ପାରିବେ, ଗାଇ ପାରିବେ, ଭୂଇଁରେ ଗଡ଼ିପାରିବେ,  ସେଥିରେ କାହାର କିଛି କହିବାର ନାଇଁ । ଛୋଟ ଶିଶୁ ତା'ର ଅନ୍ୟମନସ୍କ ମା'ର ମୁହଁରେ ହାତମାରି ତା'ର କଅଁଳ, ମଧୁର, ଦରୋଟି, ଗୁଲୁଗୁଲୁ କଥାରେ କିଛି ଅଳି କଲା ପରି ଏଇ ଭକ୍ତମାନଙ୍କର ଅଳିରେ, ନିବେଦନରେ ଠାକୁରଙ୍କର ଅପାର ଆନନ୍ଦ, ପରମ ତୃପ୍ତି । ସେଥିରେ

ଅଭିଭୂତ ହୋଇ ଆଉ ସବୁକିଛିକୁ ସେ ଭୁଲି ଯାଆନ୍ତି । ଖାଦ୍ୟ ରୁଚିକର ନ ହୋଇଥିଲେ ବି ଜାଣିପାରନ୍ତି ନାହିଁ ।

ଭକ୍ତକବି ରାମଦାସଙ୍କ ଭାଷାରେ ଠାକୁର କହୁଚନ୍ତି –

'ଭକତ ଜନ ତହିଁ ମିଳି । ରଙ୍ଗେ ବଜାଇ କରତାଳି ॥
ମୋ ରଙ୍ଗ ଅଧରକୁ ଚାହିଁ । ମୋ ପାଦ ପଦ୍ମକୁ ଯେ ଧ୍ୟାଇ ॥
ମୋ ନାମ କରିଣ କୀର୍ତ୍ତନ । ଆନନ୍ଦ କରୁଥିବେ ମନ ॥
ଭାବରେ ଯାଉଥିବେ ଗଡ଼ି । ଉଠି କପାଳେ କରଯୋଡ଼ି ॥
ଅନେକ ସ୍ତୁତି କରି ମୋତେ । ଜଣାଉଥିବେ ଦୁଃଖ ଚିତ୍ତେ ॥
ତାହା ମୁଁ ଶୁଣୁଥିବି ବସି । ଭକତ ଜନ ମନ ତୋଷି ॥
ଜଗମୋହନ ଏଥିପାଇଁ । ଆନେ ମୋ ପ୍ରୟୋଜନ ନାହିଁ ॥
ପୁରାଣ ପଣ୍ଡା ଆଜଠାରୁ । ମୋ ଆଗେ ପୁରାଣ ନ କରୁ ॥
ପାରିଲେ ଲକ୍ଷ୍ମୀଙ୍କ ମୋହନେ । ପୁରାଣ କରୁ ପ୍ରତିଦିନେ ॥

''ଶେଷରେ ଶ୍ରୀରାମକୃଷ୍ଣ ପରମହଂସଙ୍କର ଗୋଟିଏ ଉଦାହରଣ ଶୁଣିବୁ ? ସେ କହୁଥିଲେ, ଚୈତନ୍ୟଦେବ ଯେତେବେଳେ ଦକ୍ଷିଣରେ ତୀର୍ଥଭ୍ରମଣ କରୁଥିଲେ – ଦେଖିଲେ ଜଣେ ଗୀତା ପଢୁଚି, ଆଉ ଜଣେ ଦୂରରେ ବସି ଶୁଣୁଚି ଓ କାନ୍ଦୁଚି । କାନ୍ଦି କାନ୍ଦି ଆଖି ଲୁହରେ ଭାସି ଯାଉଚି । ଚୈତନ୍ୟ ଦେବ ପଚାରିଲେ – ତୁମେ ଏସବୁ ବୁଝିପାରୁଚ ? ସେ କହିଲା – ଠାକୁର ! ମୁଁ ଏସବୁ ଶ୍ଳୋକ କିଛି ବୁଝିପାରୁ ନାହିଁ । ଚୈତନ୍ୟଦେବ ପଚାରିଲେ – ତେବେ ତୁମେ କାନ୍ଦୁଚ କାହିଁକି ? ଲୋକଟି ଭକ୍ତି ଗଦ୍‌ଗଦ୍ ଚିତ୍ତରେ କହିଲା – ମୁଁ ଦେଖୁଚି ଅର୍ଜୁନଙ୍କ ରଥ, ତା' ଆଗରେ ଠାକୁର ଓ ଅର୍ଜୁନ କଥାବାର୍ତ୍ତା ହଉଚନ୍ତି । ସେଇଆ ଦେଖି ମୁଁ କାନ୍ଦୁଚି ।

''ଏଇ ବିଦ୍ୟାହୀନ ମୂର୍ଖ ଭକ୍ତହିଁ ପ୍ରକୃତ ଜ୍ଞାନୀ । ଗୀତାପାଠ କରୁଥିବା ପଣ୍ଡିତ ନୁହନ୍ତି । ପାଠ ଆମକୁ ସାହାଯ୍ୟ କରିପାରେ ଭଗବାନଙ୍କ ସମ୍ବନ୍ଧେ ଜାଣିବାରେ; କିନ୍ତୁ ଆମେ ସେ ପଥରେ ନ ଚାଲିଲେ ପାଠ ଆମ ପାଇଁ ରସହୀନ ପଥର କାନ୍ଥଟିଏ ହୋଇ ଆମ ଆଗରେ ଛିଡ଼ା ହୁଏ ।''

# ହସିନା ଓ ହମିଦା

''ଚିନୁ ଭାଇ, ସବୁବେଳେ ତୁମେ ଖାଲି ପୁଅ ଭକ୍ତମାନଙ୍କ କଥା କହୁଚ । ମତେ ବହୁତ ଭଲ ଲାଗୁଚି, କିନ୍ତୁ ଆଜି କାଇଁକି ଜଣେ ଝିଅ ଭକ୍ତର କଥା ଶୁଣିବାକୁ ଇଚ୍ଛା ହେଉଚି, ଯିଏ ନିଜର ଭକ୍ତି ବଳରେ ଶେଷରେ ଭଗବାନଙ୍କୁ ପାଇଥିବ ।'' କହିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''କାଇଁକି ଆଜି ଝିଅ ଭକ୍ତଟିଏର କଥା ଶୁଣିବାକୁ ମନ ହଉଚି ? ଝିଅ ଭକ୍ତଟିଏର କଥା ଶୁଣିଲେ ଯାଇ ତୋ ମନରେ ବିଶ୍ୱାସ ଆସିବ ଯେ ତୋ ଭକ୍ତି ବଳରେ ତୁ ବି ଦିନେ ଭଗବାନଙ୍କୁ ପାଇପାରିବୁ ? ଏଇୟା ନା ? ଠିକ୍ ଅଛି, ଆଜି ସେମିତିଆ ଗୋଟିଏ କଥା କହିବି । ଭଗବାନଙ୍କ ପ୍ରେମ ତାକୁ କିପରି ପାଗଳୀ କରିଚି, ଆଉ ଭଗବାନଙ୍କୁ ପାଇବା ଲାଗି କେତେ କଷ୍ଟକୁ ସେ ଅକାତରେ ବରଣ କରିଚି ! କହିଲା ଚିନ୍ମୟ ।

''ଶେଷରେ ସେ ଭଗବାନଙ୍କୁ ପାଇଚି ତ ?'' ପଚାରିଲା ଉଦ୍‌ବିଗ୍ନ ଚିତ୍ତରେ ଅନୁରକ୍ତା ।

''ପାଇଚି କି ନାଇଁ ଶୁଣି ସାରିଲେ ଜାଣିବୁ ନା, ଆଗରୁ କେମିତି କହିବି ?''

''ହଉ, ତା'ହେଲେ କୁହ ।''

''ତୁ ଆରବ ଦେଶ ନା ଶୁଣିଚୁ ?'' ପଚାରିଲା ଅନୁରକ୍ତା ।

''ହଁ, ଆରବ ଦେଶରେ ବହୁତ ମରୁଭୂମି । ସେଠାରେ ଲୋକମାନେ ଓଟ ପିଠିରେ ଯିବାଆସିବା କରନ୍ତି । 'ଆରବିଆନ୍ ନାଇଟ୍'ର କେତେକ ଗପ ମୁଁ ଶୁଣିଚି ।'' କହିଲା ଅନୁରକ୍ତା ।

''ହଁ, ସେଇ ଆରବ ଦେଶର କଥା । ଆମ ଦେଶର ପଶ୍ଚିମକୁ

ଯେଉଁ ଆରବ ସାଗର ଅଛି ସେଇ ଆରବ ସାଗରକୁ ସେ ଦେଶ ଲାଗିଚି । ସେଇ ଦେଶର ସବୁ ଅଧିବାସୀ ମୁସଲମାନ । ସେଠି ଖାଲି ବାଲି, ଶୁଖିଲା ମରୁଭୂମି, କିନ୍ତୁ ବହୁତ ତେଲ ଖଣି ଥିବାରୁ ଲୋକମାନେ ବହୁତ ଧନୀ । ଅଧିକାଂଶ ଲୋକ ବ୍ୟବସାୟୀ ।

''ଏଇ ଶୁଖିଲା, ନଈନାଳ, ପ୍ରାକୃତିକ ସୌନ୍ଦର୍ଯ୍ୟହୀନ ଦେଶର ଏକ ସହରର ବାଲିପୂର୍ଣ୍ଣ ରାସ୍ତାରେ ଚାଲିଚନ୍ତି ଜଣେ କୃଷ୍ଣପ୍ରେମୀ ହିନ୍ଦୁ ସନ୍ୟାସୀ । ରାସ୍ତାର ଦୁଇ ପାଖରେ ମୁସଲମାନ ପଥଚାରୀଙ୍କ ଭିଡ଼ । ସେଥିଲାଗି ତାଙ୍କର ଭ୍ରୁକ୍ଷେପ ନାଇଁ । ଭାବାବିଷ୍ଟ କଣ୍ଠରୁ ତାଙ୍କର ଝରି ଆସୁଚି ଲଳିତ ମଧୁର ସଙ୍ଗୀତର ମୂର୍ଚ୍ଛନା । ସେ ସଙ୍ଗୀତରେ ଖେଳିଯାଉଚି ଅପୂର୍ବ ମାଦକତା । ତନ୍ମୟ ହୋଇ ଶୁଣୁଚନ୍ତି ପଥଧାରର ଯାତ୍ରିବୃନ୍ଦ । ଅନେକ ହିନ୍ଦୁ ସନ୍ୟାସୀଙ୍କୁ ହୁଏତ ସେମାନେ ଦେଖିଥିବେ; କିନ୍ତୁ କୃଷ୍ଣପ୍ରେମର ପାଗଳାମିରେ ଏତେ ବିହ୍ୱଳ ହୋଇଥିବା ସନ୍ୟାସୀଙ୍କୁ ସେମାନେ କେବେ ଦେଖି ନ ଥିଲେ ।

''ସେଇ ସହରର ଏକ ଖୁବ୍ ଧନୀ ମୁସଲମାନ ବଣିକ ପରିବାରର ଏକମାତ୍ର ଅଲିଅଳୀ ଝିଅ ହସିନା । ବୟସ ତାକୁ ଷୋହଳ ଚାଲିଚି । ଦେଖିବାକୁ ଖୁବ୍ ସୁନ୍ଦର, ସ୍ୱଭାବ ଖୁବ୍ ମଧୁର ଆଉ ବିନମ୍ର । ହମିଦା ହଉଚି ତା'ର ସମବୟସୀ ସଖୀ । ହସିନାର ବୋଉ ପିଲାଦିନୁ ମରି ଯାଇଥିବାରୁ ଆଉ ସେ ଏକମାତ୍ର କନ୍ୟା ହୋଇଥିବାରୁ ତା'ର ବାପାଙ୍କର ସବୁ ସ୍ନେହ ତା'ରି ଉପରେ ଅଜାଡ଼ି ହୋଇ ପଡ଼ିଥାଏ । ତା' ପାଇଁ ତିଆରି ହେଇଚି ସ୍ୱତନ୍ତ୍ର ପ୍ରାସାଦ, ସ୍ୱତନ୍ତ୍ର ମନୋରମ ଉଦ୍ୟାନ, ଆଉ ତା'ର ରୁଚି ଅନୁଯାୟୀ ତାକୁ ଯୋଗେଇ ଦିଆଯାଇଚି ସବୁ ଜିନିଷ ।

''ନୀଳରଙ୍ଗ ତା'ର ବହୁତ ପ୍ରିୟ । ମରୁ ଦେଶର କମନୀୟ ମେଘହୀନ ନୀଳାକାଶ ତା' ମନରେ ସୃଷ୍ଟିକରେ ଅପୂର୍ବ ଆନନ୍ଦ । ଶାନ୍ତ ନୀଳିମା ବିଚ୍ଛୁରିତ ଉଦ୍ୟାନ, ପୁଷ୍କରିଣୀ ଜଳ, ଫଳ, ଫୁଲ ସବୁକିଛି ତା'ର ଅତି ପ୍ରିୟ । ସେ ପିନ୍ଧେ ନୀଳ ରଙ୍ଗର କଞ୍ଚୁଳୀ, ଇନ୍ଦ୍ରନୀଳମଣି ଖଚିତ ଅଳଙ୍କାର । ଉଦ୍ୟାନ ତା'ର ଭରି ଦେଇଥାଏ ବଛା ବଛା ନୀଳ ରଙ୍ଗର ଫୁଲ ଗଛରେ । ଏଇ

ନୀଳିମମୟ ସୃଷ୍ଟିରେ ସେ ବିଭୋର ହୋଇ ହସେ, ନାଚେ ଗାଏ । ସରୋବରର ସ୍ୱଚ୍ଛ ନୀଳ ଜଳ ଉପରେ ତା'ର ମୁଖଶ୍ରୀ ଦେଖି ଆପେ ଆନନ୍ଦରେ କୁରୁଳି ଉଠେ । ସମସ୍ତେ ଯେତେବେଳେ ନମାଜ କରନ୍ତି ସେତେବେଳେ ସେ ବି ଆଲ୍ଲାଙ୍କୁ ଡାକେ । ନଇଲେ ନୈଷ୍ଠିକ ଧର୍ମପ୍ରାଣ ପିତାଙ୍କ ଗାଳି ଶୁଣିବାକୁ ହେବ । କିନ୍ତୁ ମନ ତା'ର ଏସବୁ ଧରାବନ୍ଧା ନମାଜ ଓ ପ୍ରାର୍ଥନାରେ ଲାଗେ ନାହିଁ । ତାକୁ ଏଗୁଡ଼ା ଖାଲି ଶୁଖିଲା ଶୁଖିଲା ଲାଗେ । ତା'ର ଅନ୍ତରରେ ସେ ଯେପରି ଆଉ କାହାକୁ ଖୋଜେ । କାହାକୁ ଖୋଜେ ସେ ଜାଣେନା ।

''ଦିନକର କଥା । ବସନ୍ତ ଋତୁର ଏକ ଶାନ୍ତ, ସୁନ୍ଦର ସକାଳ । ଯେଉଁ ହିନ୍ଦୁ ସନ୍ନ୍ୟାସୀଙ୍କ କଥା ଆଗରୁ କହୁଥିଲି ସେଇ ସନ୍ନ୍ୟାସୀ ହସିନାର ଉଦ୍ୟାନ ପାଖଦେଇ ମଧୁର ଲଳିତ କଣ୍ଠରେ ଗାଇ ଗାଇ ଚାଲିଚନ୍ତି ପ୍ରଭାତ ବନ୍ଦନା –

ରାତି ପାହିଲାଣି
ଶେଯ ଛାଡ଼ ନୀଳମଣି ହେ !
ରଖିଛି ପନିର ପାଣି ହେ
ସଖା ମେଳ ଗୋଳ ଧେନୁ ହମ୍ବାରୋଳ
ଶୁଭିଲାଣି ବେଳ ଜାଣି ହେ ।
ବୃଷଭାନୁ ଜେମା ଅଥୟ ହେଲେଣି
ଭେଟିବେ ମୁରଲୀ ପାଣି ହେ ।

''ନୀଳରଙ୍ଗ ପ୍ରିୟା ହସିନାର କାନରେ ଏ ଗୀତ ଯେମିତି ପଡ଼ିଚି ହଠାତ୍ ତା'ର ଗହନ ହୃଦୟରେ ଖେଳିଯାଇଚି ଏକ ଅପୂର୍ବ ଶିହରଣ । ଜନ୍ମ ଜନ୍ମର ସଞ୍ଚିତ ସଂସ୍କାରରାଶି ଚହଲି ଉଠିଚି । ତାକୁ ବୋଧ ହେଇଚି ଯେପରି ଏ ଗାନ ସହ ସେ ବହୁ ଆଗରୁ ପରିଚିତ । ଏ ଗୀତଟା ତା'ର ଯେପରି ନିଜର । ସେ ଯେପରି ୟାକୁ କେବେ ନିଜେ ବୋଲିଥିଲା ।

''ହସିନା ଅସ୍ତବ୍ୟସ୍ତ ହୋଇ ପଡ଼ିଲା । ନିଜକୁ ସମ୍ଭାଳି ପାରିଲା ନାହିଁ । କହିଲା, 'ହମିଦା, ହମିଦା, ସନ୍ନ୍ୟାସୀଙ୍କୁ ଶୀଘ୍ର ଏଠିକି ନେଇ ଆ ।'

''ହମିଦାର ଆଦେଶ ପାଳନକୁ ଅପେକ୍ଷା କରି ପାରିଲା ନାହିଁ

ହସିନା । ଭାବିଲା, 'ନା, ନା, ନିଜେ ଯିବାକୁ ହେବ । ହମିଦାଟା ସବୁ କଥାରେ ଡେରି କରେ ।' ୟା ଭାବି ଧାଇଁଗଲା ଆଗକୁ । ଡାକ ପକେଇଲା ଆକୁଳ ହେଇ, 'ବାବା, ମୁଁ ଏଇଠି, ଏଇ ବାଟ ଦେଇ ଆସନ୍ତୁ ।' ଫେରି ଚାହିଁଲେ ସନ୍ନ୍ୟାସୀ । ଦେଖିଲେ ତାଙ୍କୁ ଯିଏ ଡାକୁଚି ସିଏ ଜଣେ ଷୋଡ଼ଶୀ ନାରୀ । ନାରୀ ମୁଖ ଦର୍ଶନ ସନ୍ନ୍ୟାସୀଙ୍କ ନିୟମ ବିରୁଦ୍ଧ । ତେଣୁ ମୁହଁ ଫେରାଇ ସେ ଚାଲି ଯାଉଥିଲେ । ଚାଉଁକିନା ହସିନାର ଛାତିରେ ଏକ ବେଦନା ଅନୁଭୂତ ହେଲା । ଯେପରି ଏକାନ୍ତ ନିଜର କିଛି ତା'ଠାରୁ ଛିଣ୍ଡି ଅଲଗା ହୋଇଯାଇଚି । ସନ୍ନ୍ୟାସୀ ଯେ ତା'ର ନିଜର ଲୋକ, ତା'ରି ପ୍ରିୟ ଗୀତ ବୋଲୁଚନ୍ତି, ତାକୁହିଁ ଖୋଜୁଚନ୍ତି ବୋଲି ତା'ର ସରଳ ମନରେ ସେ ଭାବିଥିଲା । କିନ୍ତୁ ସେ ଯେ ଚାଲି ଯାଉଚନ୍ତି । ନା, ନା, ତାଙ୍କୁ ସେ ଯିବାକୁ ଦେଖିପାରିବ ନାଇଁ । ଯେପରି ହେଉ ତାଙ୍କୁ ଫେରେଇ ଆଣିବାକୁ ହେବ । ଆହୁରି ବ୍ୟାକୁଳ ହୋଇ ସେ ଧାଇଁଗଲା ପାଖକୁ । କହିଲା, 'ବାବା, ମୋତେ ଏ ଗୀତଟା ଶିଖେଇ ଦେବନି ? ଏଇ ଗୀତଟା କାଇଁକି ମୋ ମନ ଭିତରର ଚିହ୍ନା ଚିହ୍ନା ଭାବ ତରଙ୍ଗ ସାଙ୍ଗରେ ମିଳିଯାଉଚି । ମୋର ମନେ ହେଉଚି ଏ ଗୀତଟା ଯେପରି ମୋର ଥିଲା । କିନ୍ତୁ କାଇଁକି ଆଉ କିପରି ମୁଁ କହିପାରୁନି ।'

''ସନ୍ନ୍ୟାସୀ ଗଭୀର ହୃଦୟର ଏ ଆନ୍ତରିକ ଅନୁରୋଧକୁ ଏଡ଼ିଦେଇ ଚାଲିଯାଇ ପାରିଲେନି । ମୁହଁ ଫେରେଇ ଚାହିଁଲେ । ଦେଖିଲେ ସେଇ ସରଳ ସୁନ୍ଦର ମୁହଁରେ ଗଭୀର ଭାବର ଆବେଶ । ଅନୁଭବ କଲେ ହସିନାର ଅନ୍ତରର ବ୍ୟଥା । କହିଲେ, 'କିନ୍ତୁ ହସିନା ଦେବି, ତୁମେ ଯେ ମୁସଲମାନ । ହିନ୍ଦୁର ଠାକୁର ପାଇଁ ଏ ବନ୍ଦନା ଗୀତି । ତୁମେ ଯଦି ୟାକୁ ଗାନ କର ତୁମ ବାପା କ'ଣ ଏକଥା ବରଦାସ୍ତ କରିବେ ?'

'' 'ହିନ୍ଦୁର ଠାକୁର ? ସେ କ'ଣ ଖାଲି ହିନ୍ଦୁର ? ତାଙ୍କର ପ୍ରାର୍ଥନା ଗାନ କରିବାକୁ ହେଲେ କ'ଣ ଜଣକୁ ହିନ୍ଦୁ ହେବାକୁ ବାଧ ? ସାଧାରଣ ଲୋକଟିଏ ହିନ୍ଦୁ ନ ହୋଇ କ'ଣ ତାଙ୍କୁ ଡାକିପାରିବ ନାଇଁ ?' ଅଭିମାନ ମିଶା ଅଭିଯୋଗ ଗଳାରେ ପଚାରିଲା ହସିନା ।

''ସନ୍ନ୍ୟାସୀ ଅଳ୍ପ ଟିକେ ହସିଲେ । କହିଲେ, 'ତୁମେ ଠିକ୍ ବୁଝିଚ ହସିନା ଦେବୀ । ହିନ୍ଦୁର ଠାକୁର ଖାଲି ହିନ୍ଦୁର ନୁହନ୍ତି । ତୁମେ ଏ ଗୀତ ଶିଖିବା ପାଇଁ ଯଥାର୍ଥରେ ଉପଯୁକ୍ତା । ଏହା କହି ସନ୍ନ୍ୟାସୀ ହସିନାକୁ ସେ ଗୀତ ଶିଖେଇ ଦେଲେ । ହସିନାର କି ଆନନ୍ଦ, କି ଆଗ୍ରହ ! ପାତ୍ରୀର ପ୍ରସ୍ତୁତି ଦେଖି ସନ୍ନ୍ୟାସୀ ପ୍ରୀତ । ଶ୍ରୋତାର ଆଗ୍ରହ ଦେଖି ବକ୍ତାର ଭାବୋଚ୍ଛ୍ୱାସ ବଢ଼ି ଚାଲିଲା । ଭାବ ଗ୍ରହଣ ପାଇଁ ଉପଯୁକ୍ତ ପାତ୍ର ମିଳିଲେ ଆଉ କିଛି ଲୁଚାଇ ହୁଏ ନାଇଁ । ହସିନାକୁ ଗୀତ ଶିଖାଇ ଦେଇ ସନ୍ନ୍ୟାସୀ ତାକୁ ବୃନ୍ଦାବନ ଧାମର ଅତୁଳ ମହିମା କଥା ବଖାଣିବାକୁ ଲାଗିଲେ । ସେଠି କିପରି ଶ୍ୟାମଘନ କୃଷ୍ଣଙ୍କର ନିତ୍ୟଲୀଳା ଲାଗି ରହିଚି; ନଦୀ, ଗିରି, ବନ, ଉପବନ ସବୁ କିପରି ସେଠି ପବିତ୍ର, ସୁନ୍ଦର; ଆଉ ସେଇଠି ରହିଚି ସପ୍ତଗିରି, ସପ୍ତନଦୀ, ସପ୍ତ ସରୋବର, ସପ୍ତବଟ, ତ୍ରିସପ୍ତ କଦମ୍ବ, ଦ୍ୱାଦଶ ବନ, ଦ୍ୱାଦଶ ଉପବନ, ଚଉରାଶୀ କୁଣ୍ଡ, ଚଉରାଶୀ କୂପ — ଏପରି କେତେ । ସେଠି ରହିଚି ଲୀଳା ଉପଯୋଗୀ ଅସଂଖ୍ୟ ଲୀଳାସ୍ଥଳୀ । ପ୍ରତ୍ୟେକଟିର ବିଶେଷତ୍ୱ ବର୍ଣ୍ଣନାତୀତ । ଏସବୁ ପରାତ୍ପର କୃଷ୍ଣ ଲୀଳା-ଧାମ ଏବଂ ନିତ୍ୟସିଦ୍ଧ । ଯଶୋଦା ନନ୍ଦନ ଗୋପକିଶୋର ରସଘନ କୃଷ୍ଣହିଁ ସେଠାକାର ଏକମାତ୍ର ନାୟକ । ସେଠାରେ ବସନ୍ତ ନିତ୍ୟ; ନଦୀ, ଗିରି, ଗଛଲତା ସବୁକିଛି ସଙ୍ଗୀତ ମୁଖର । ସବୁବେଳେ ସେଠି ରସର ବନ୍ୟା । ରସ ପାନରେ ସମସ୍ତେ ସେଠାରେ ମତ୍ତ । କହୁ କହୁ ସନ୍ନ୍ୟାସୀ ଆତ୍ମହରା ହୋଇପଡ଼ିଲେ । ଆଉ କିଛି କହିବାକୁ ଭାଷା ପାଇଲେ ନାଇଁ ।

''ଧୀରେ ଧୀରେ ସନ୍ନ୍ୟାସୀ ଫେରିଗଲେ; କିନ୍ତୁ ହସିନା ଭିତରେ ସବୁକିଛି ଶୀଘ୍ର ଶୀଘ୍ର ଓଲଟ ପାଲଟ ହୋଇଗଲା । ସେଇଦିନଠାରୁ ତା'ର ସେ ପ୍ରଜାପତିଟିଏ ଭଳି ଚପଳ ପ୍ରକୃତି ଆଉ ରହିଲା ନାଇଁ । ଘଣ୍ଟା ଘଣ୍ଟା ଧରି ନିର୍ଜନରେ ବସି କ'ଣ ଖାଲି ଭାବିବାରେ ଲାଗିଲା । ଅନେକ ସମୟରେ ଆଖି ଲୋତକାପ୍ଲୁତ, ଗଣ୍ଡଦେଶରେ ଲୁହର ଧାର । ଖାଇବା, ପିଇବା, ଶୋଇବା ସବୁ ତୁଚ୍ଛ, ନିରସ ହୋଇପଡ଼ିଲା । କାହାକୁ ଯେମିତି ଖୋଜୁଛି ନିଭୃତ ଅନ୍ତରରେ ସେ ।

''ଦିନେ ରାତିରେ ହମିଦାର ନିଦ ଭାଙ୍ଗିଯାଇଚି । ଦେଖିଲାବେଳକୁ

ହସିନା ଶେଯରେ ନାଇଁ । ବଗିଚାର ପୋଖରୀ ତୁଠରେ ବସି ବିକଳ ହୋଇ କାନ୍ଦୁଚି । ହମିଦା ସବୁ ବୁଝିପାରିଛି, ପ୍ରିୟ ସଖୀର ଅନ୍ତର ବ୍ୟଥା କେଉଁଠି । ସନ୍ନ୍ୟାସୀଙ୍କ କଥା ସବୁ ସେ ଶୁଣିଥିଲା । ହସିନା କାହା ପାଇଁ ଆଜି ଏତେ ଆତୁର ସେ ଜାଣିପାରୁଚି । କ'ଣ ବା ସେ ତାକୁ କହି ଆଶ୍ୱାସନା ଦେବ ? ମନ ଯା'ର କୃଷ୍ଣ ଅନୁରାଗିଣୀ, ଜଗତରେ କ'ଣ ଏମିତି ଅଛି ତାକୁ ଭୁଲେଇ ପାରିବ ? ଅନ୍ଧାର ଗୁହାରୁ ନଇ ଯେତେବେଳେ ସୁଅ ମେଲି ବାହାରି ଆସିଲାଣି ସାଗର ଦେହରେ ମିଶିବ ନିଶ୍ଚୟ । ସେ ଆଉ କୌଣସି ବାଧା ବନ୍ଧନ ମାନିବ ନାଇଁ । ଭଗବତ୍ ପ୍ରେମରେ ଯିଏ ପାଗଳିନୀ ହୋଇଯାଇଚି ତାକୁ ଆଉ କୌଣସି ଉପାୟ କାଟୁ କରିବ ନାଇଁ । ଏକଥା ବୁଝି ସାରିଛି ହମିଦା । ତଥାପି ଏଇ କୃଷ୍ଣ ପ୍ରେମପାଗଳିନୀ ହସିନାକୁ ବହୁତ ବୁଝେଇବାକୁ ଚେଷ୍ଟା କରିଚି । କିନ୍ତୁ ଯେଉଁଦିନ ହସିନା କହିଚି, 'ସଖି ! ମତେ ବୃନ୍ଦାବନରେ ନେଇ ତାଙ୍କରି ପାଖରେ ଛାଡ଼ିଦେଇ ଆସିପାରିବୁ ?'– ସେଇଦିନ ହମିଦା ଆଉ ତାକୁ କିଛି ବୃଥା ବୁଝାଇବାକୁ ଚେଷ୍ଟା କରେ ନାଇଁ ।

''ବାପାଙ୍କ କାନକୁ ଏକଥା ଯାଇଚି । ଏକମାତ୍ର ଅଲିଅଳୀ ଝିଅର ଅବସ୍ଥା ତାଙ୍କୁ ବ୍ୟଥିତ କରିଚି । ବହୁପ୍ରକାରେ ତା' ମନ ଭୁଲାଇବାକୁ ଚେଷ୍ଟା କରିଛନ୍ତି । ସବୁ କିନ୍ତୁ ବିଫଳ ହୋଇଚି । ଶେଷରେ ତାକୁ ବିବାହ ବନ୍ଧନରେ ବାନ୍ଧି ଦେବାର ଆୟୋଜନ କରିଚନ୍ତି । ଅନେକ ସମ୍ଭ୍ରାନ୍ତ ଧନୀ ଯୁବକ ତା'ର ପାଣି ପ୍ରାର୍ଥୀ ହେଇଚନ୍ତି । କିନ୍ତୁ ହସିନା ଆହୁରି ବିରକ୍ତ ହୋଇଚି, ଆହୁରି ଅଶାନ୍ତ ହୋଇଚି । ବାପା ପାଖରେ ସବୁବେଳେ ତା'ର ଗୋଟିଏ ମାଗୁଣି – 'ବାପା, ମୁଁ ଏଠି ବଞ୍ଚିପାରିବି ନାଇଁ, ମତେ ବୃନ୍ଦାବନରେ ନେଇ ଛାଡ଼ିଦେଇ ଆସ ।'

''ବାପା ରାଗରେ ଜଳି ଉଠିଚନ୍ତି । କହିଚନ୍ତି, 'ଅସମ୍ଭବ । ମୋର ଏକମାତ୍ର କନ୍ୟାକୁ ହିନ୍ଦୁ ମନ୍ଦିର ଦୁଆରେ ଭିଖାରୁଣୀ ଭଳି ଚଳିବାକୁ ଛାଡ଼ିଦେବି ! ତା' କେବେ ଏ ପିଣ୍ଡରେ ପ୍ରାଣ ଥିବା ପର୍ଯ୍ୟନ୍ତ ହୋଇପାରିବ ନାଇଁ । ତୋର ଏ ପାଗଳାମିକୁ ଯେକୌଣସି ପ୍ରକାରେ ଛଡ଼େଇବାକୁ ହେବ । ଦେଖିବି କେଉଁ କୃଷ୍ଣ ତତେ ମୋ ପାଖରୁ ନେଇଯିବ ।' ଏହା କହି ବାପା ଚାଲିଗଲେ ।

''ବର୍ତ୍ତମାନ ହସିନା ପାଇଁ ସବୁ ଦ୍ୱାର ରୁଦ୍ଧ । ପ୍ରାସାଦର ଚାରିପାଖରେ କଡ଼ା ପ୍ରହରୀ ବ୍ୟବସ୍ଥା । ପ୍ରାସାଦରୁ ଟିକିଏ ଗୋଡ଼ କାଢ଼ି ବାହାରକୁ ଯିବା କାଠିକର ପାଠ । ହମିଦାକୁ ଧରି ହସିନା ଅନେକ କାନ୍ଦିଚି । ହେଲେ ହମିଦା ବା କ'ଣ କରିବ ? ବୃନ୍ଦାବନ କ'ଣ ଏଇଠି କେଉଁଠି ପାଖରେ ହେଇଚି, ତାକୁ ନେଇ ଛାଡ଼ିଦେଇ ଆସିବ । ହଜାର ହଜାର କୋଶ ଦୂର । ବାଟରେ କେତେ ନଈ, ନାଳ, ବିଲ, ବଣ, ପାହାଡ଼, ପର୍ବତ ଆଉ ମରୁ କାନ୍ତାର । ସେଥିରେ ପୁଣି ପଦେ ପଦେ ଇଜ୍ଜତ ଆଉ ଜୀବନ ବିପନ୍ନ ହେବାର ସମ୍ଭାବନା ରହିଚି । ମାସ ମାସ ଧରି ଚାଲିଲେ ବି ବାଟ ସରିବ ନାଇଁ । ଦୁଇଟି ଝିଅ, ଜୀବନରେ କେବେ ଗୋଡ଼ କାଢ଼ି ବାହାରକୁ ଯାଇ ନାହାନ୍ତି । ସେମାନେ ପୁଣି ଆରବରୁ ଭାରତର ବୃନ୍ଦାବନକୁ ଯାତ୍ରା କରିବେ ! ପାଗଳାମି ଛଡ଼ା ଇଏ ଆଉ କ'ଣ ହୋଇପାରେ ? ତେବେ ସେଇ ପାଗଳାମିକୁ ଆଶ୍ରୟ କରି ହସିନା ବଂଚି ରହିଚି । ଆଉ ବା କ'ଣକୁ ନେଇ ବଂଚି ରହିବ ?

''ଦିନେ ଉଠିଆସଛି କୁଆଡୁ ଭୀଷଣ ବାଲିଝଡ଼ । ଆରବର ମରୁ ଅଞ୍ଚଳରେ ଏ'କଥା ନୂଆ ନୁହେଁ । ରାଶି ରାଶି ବାଲି ବାୟୁମଣ୍ଡଳରେ ଭରି ଯାଇଚି । ସବୁ ଚଳାଚଳ ବନ୍ଦ । ଏ ଝଡ଼ ମୁଖରେ ପଡ଼ିଲେ ଆଉ ଜୀବନ ବଂଚେଇବା ସହଜ ନୁହେଁ । ସମୁଦ୍ର ଜୁଆର ଭଳି ତତଲା ବାଲି ମାଡ଼ି ଆସୁଚି । ସବୁ ପୋତି ପକଉଚି । ପ୍ରହରୀମାନେ ଆତ୍ମରକ୍ଷା ପାଇଁ ନିଜ ଘର ଭିତରେ କବାଟ ବନ୍ଦ କରି ପଶିଚନ୍ତି । ରାସ୍ତାଘାଟ ଜନଶୂନ୍ୟ । ଚାରିଆଡ଼ ଅନ୍ଧାର ଘୋଟି ଯାଇଚି । ଏ ଦୁର୍ଦ୍ଦିନରେ ଘରୁ ଗୋଡ଼ କାଢ଼ିବା ଅର୍ଥ ନିଶ୍ଚିତ ମୃତ୍ୟୁକୁ ବରଣ କରିବା । କିନ୍ତୁ ହସିନା ଗୋଡ଼ କାଢ଼ିବାକୁ ଚାହିଁଚି । ଏ ଦୁର୍ଯୋଗ ତାକୁ ସୁଯୋଗ ଭଳି ଜଣାପଡ଼ିଚି । ଏତିକିବେଳେ ଘରୁ ବାହାରିଗଲେ କେହି ତାକୁ ଅଟକେଇ ପାରିବେ ନାଇଁ । ବାପାଙ୍କଠାରୁ ଶୁଣିଥିଲା ଦଶ ବାର କୋଶ ପରେ ସମୁଦ୍ରବନ୍ଦର ପଡ଼ିବ । ସେଠିକୁ ବିଦେଶରୁ ବଣିକମାନେ ଜାହାଜ ନେଇ ବଣିଜ କରିବାକୁ ଆସନ୍ତି । ହିନ୍ଦୁ ଦେଶର କେତେ ବେପାରୀ ଆସିଥିବେ । ସେମାନେ ତାକୁ ନିଶ୍ଚୟ ସାହାଯ୍ୟ କରିବେ । ଖାଲି ଝଡ଼ଟା ଯାହା ଅସୁବିଧା । ହେଲେ ବା ତା'ର

ଆଉ ଭୟ କ'ଣ ? ମରିଗଲେ ମରିଯିବ । ଏବେ ସେ ଯୋଉ ଜୀବନ ବଂଚୁଚି ତା' ମରଣଠାରୁ କୋଉ ଗୁଣରେ ଭଲ ଯେ !

'ହମିଦା, ତୁ ମୋ ସାଥିରେ ଯିବୁ ?'

'କୁଆଡ଼େ ?' ବିସ୍ମିତ ହୋଇ ପଚାରିଲା ହମିଦା ।

'ଏ ଦେଶ ଛାଡ଼ି ଚାଲିଯିବା । ଦୂରେ – ବହୁ ଦୂରେ – ସେଇ ଦେଶକୁ ଯେଉଁଠି ବଇଁଶୀ ଜଣ ଜଣ କରି ନା' ଧରି ଡାକେ – ଆଉ ଯାହା ପାଇଁ ନୀପମୂଳେ ଜଗି ଜଗି ରାତି ସରିଯାଏ – ସେ ଆସେ ନାଇଁ । ଯାହାର ଟିକିଏ ବାଙ୍କ ଚାହାଣି, ଅଳପ ହସ ଦେଖିଲେ ସବୁ ମିଳିଯାଏ, ଜୀବନ ସାର୍ଥକ ହୋଇଯାଏ ।'

''ସିଏ କିଏ କୃଷ୍ଣ ?'' ପଚାରିଲା ଅନୁରକ୍ତା ।

''ହଁ, ସେଇ କୃଷ୍ଣ ଆଉ ବୃନ୍ଦାବନ କଥା କହୁଚି ହସିନା । ହସିନା ତା' ସଂକଳ୍ପରେ ଅଟଳ । ଯେମିତି ହେଲେ ସେ ଘର ଛାଡ଼ିଯିବ । ହମିଦା ନିରୁପାୟ । ପ୍ରିୟ ସଖୀକୁ ଏକା ଛାଡ଼ି ସେ କ'ଣ ବଂଚି ପାରିବ ? ଦୁହେଁ ଘରୁ ବାହାରି ପଡ଼ିଲେ । ଅନ୍ଧାର ରାତି, ଚାରିଆଡ଼ ବାଲି ଭର୍ତ୍ତି । ବାଟସବୁ ପୋତି ହେଇ ପଡ଼ିଚି । ଝଡ଼ ଟିକିଏ କମି ଯାଇଚି । ସେମାନେ ବାଟ ଅବାଟ ନ ମାନି ଚାଲିଚନ୍ତି । ଅଣନିଃଶ୍ୱାସୀ ହୋଇ ଚାଲୁଚାଲୁ କେତେବେଳେ ରାତି ପାହି ଯାଇଚି । ଦେଖିଲାବେଳକୁ ଓଟ ଉପରେ ଜିନିଷ ପତ୍ର ଲଦି ଲୋକମାନେ ବନ୍ଦରକୁ ସବୁ ଯାଉଚନ୍ତି । ଗତକାଲି ବୋଇତ ସିନ୍ଧୁ ଦେଶକୁ (ଭାରତକୁ) ଛାଡ଼ିବାର ଥିଲା । ଝଡ଼ ଯୋଗୁଁ ରହିଚି । ଆଜି ଛାଡ଼ିବ । ହସିନା, ହମିଦା ବୋଇତ ଛାଡ଼ିବା କଥା ଶୁଣି ଖୁସି ହୋଇଗଲେ । ଭାବିଲେ କିଛି ଟଙ୍କା ପଇସା ଧରି ଆସିଥିଲେ ଭଲ ହୋଇଥା'ନ୍ତା । ତେବେ ଦେହରେ ତ ଅଳଙ୍କାର ଅଛି । ତା'ରି ବଦଳରେ ଖର୍ଚ୍ଚ ଚଳାଇ ନେବେ । ଶୀଘ୍ର ଶୀଘ୍ର ଗୋଟିଏ ଓଟ ପିଠିରେ ଉଠି ସେମାନେ ଚାଲିଲେ ବନ୍ଦର ଆଡ଼େ । ବନ୍ଦରରେ ପହଞ୍ଚିଲା ବେଳକୁ ଦ୍ୱିପ୍ରହର । ସେଠାରେ ପହଞ୍ଚି ଅନ୍ୟମାନଙ୍କ ମେଳରେ ବୋଇତ ଉପରକୁ ଉଠିଗଲେ । ଯାହାହେଉ ବୋଇତ ତ ସିନ୍ଧୁଦେଶ ଯିବ, ଆଉ ଚିନ୍ତା କ'ଣ ? ସେଠି ପହଞ୍ଚିଲେ ବୃନ୍ଦାବନ ଯିବା

ଆଉ କଷ୍ଟ ହେବ ନାଇଁ । ହସିନା ବହୁତ ଆଶ୍ୱସ୍ତ ଅନୁଭବ କରିଚି । ମନ ତା'ର ଏବେ ବହୁତ ଖୁସୀ । ବର୍ତ୍ତମାନ ସେ ମୁକ୍ତ । ବୋଇତ କୂଳ ଛାଡ଼ି ଦେଇଚି ।

''କିନ୍ତୁ ଚମକି ପଡ଼ିଲା ହସିନା କାହାର ପରିଚିତ ଗଳାର ଶବ୍ଦ ଶୁଣି – 'କିରେ ହସିନା, କୁଆଡ଼େ ଯାଉଚୁ ?' ହସିନା ମୁହଁ ଟେକି ଦେଖିଲା ଆଗରେ ଛିଡ଼ା ହୋଇଚନ୍ତି ବୋଇତର ପୋତାଧ୍ୟକ୍ଷ, ମହମ୍ମଦ – ତା' ବାପାଙ୍କର ପିଲାଦିନର ସାଥୀ । ହସିନାର ସମସ୍ତ ଆନନ୍ଦ କୁଆଡ଼େ ପାଣି ଫୋଟକା ପରି ଫାଟି ଯାଇଚି । ମୁହଁଟି ଅଜଣା ଭୟରେ ଝାଉଁଳି ପଡ଼ିଚି । ସେ ହମିଦାକୁ ଚାହିଁଚି । ହମିଦା ତାକୁ ଚାହିଁଚି । ଏଥର ଆଉ ରକ୍ଷାର ଉପାୟ ନାଇଁ । ପୁଣି ସେଇ ସଂସାରକୁ ଫେରି ଯିବାକୁ ହେବ ଯାହା କବଳରୁ ଖସି ଆସିବା ଲାଗି ଏତେ କଷ୍ଟ ସ୍ୱୀକାର କରିଥିଲେ । ମହମ୍ମଦଙ୍କର କାର୍ଯ୍ୟ ଥିବାରୁ ସେ ସେ ଦୁହିଙ୍କୁ ନିଜ କୋଠରିକୁ ପଠେଇ ଦେଲେ । ପରେ ସେମାନଙ୍କ କଥା ବୁଝିବେ ଭାବି କାମରେ ଚାଲିଗଲେ ଓ ହସିନାର ବାପାଙ୍କ ନିକଟକୁ ଖବର ପଠେଇ ଦେଲେ । ଫେରନ୍ତା ବୋଇତରେ ସେମାନଙ୍କୁ ପଠେଇ ଦେବେ ବୋଲି ମଧ୍ୟ ଜଣାଇ ଦେଲେ ।

''ହସିନା ବର୍ତ୍ତମାନ ଉପାୟଶୂନ୍ୟା । ଆଉ ସେ ଫେରି ଯିବାକୁ ଚାହେଁ ନାଇଁ ସେଇ ପୁରୁଣା ସଂସାରକୁ । ଶେଷରେ ସ୍ଥିର କରିଚି ଅଥଳ ସମୁଦ୍ରକୁ ଡେଇଁ ପଡ଼ିବ । କିନ୍ତୁ ହମିଦା ତାକୁ ବାଧା ଦେଇଚି । କହିଚି, ଦେଖ୍ ହସିନା, ତୋ' ଭଳି ଭୋଗ ବିଳାସରେ ବଢ଼ିଥିବା ଅଲିଅଳୀ ଜେମା ଘନ ଘୋର ଝଡ଼ ଅନ୍ଧାରରେ ଘରୁ ଗୋଡ଼ କାଢ଼ିପାରିଲା, ପୁଣି ବାଟ ଘାଟ ନ ଜାଣି ଠିକ୍ ସ୍ଥାନରେ ଆସି ପହଞ୍ଚିପାରିଲା । ଏସବୁ ଯାହାଙ୍କ ଦୟାରୁ ହେଇଚି ତାଙ୍କରି ଦୟା କ'ଣ ଆମକୁ ତ୍ୟାଗ କରିପାରିବ ? ତୁ ଜୀବନ ହରାଇବା ଚିନ୍ତା କରନା । ଦେଖିବା କ'ଣ ହଉଚି ।

''ଦିନ ପରେ ଦିନ ବୋଇତ ଭାସି ଚାଲିଚି । ଦିନକର ସଂଧ୍ୟା । ପଶ୍ଚିମାକାଶରୁ ଅସ୍ତରାଗ ଲିଭି ନାଇଁ । ଦୁଇ ସଖୀ ବୋଇତର ଏକ ନିର୍ଜନ ସ୍ଥାନରେ ବସି ଉପଭୋଗ କରୁଚନ୍ତି ଶେଷ ରାଗର ମାଧୁରିମା । ହସିନା ହାତରେ ତା'ର ପ୍ରିୟତମ ଶ୍ରୀକୃଷ୍ଣଙ୍କ ଛବି । ଏଇଟି ସେ ନିଜେ ଆଙ୍କିଥିଲା ।''

''ସିଏ କ'ଣ ଶ୍ରୀକୃଷ୍ଣଙ୍କୁ ଦେଖିଥିଲା ? ତାଙ୍କ ଛବି କିପରି ଆଙ୍କିଲା ? ପଚାରିଲା ଅନୁରକ୍ତା ।

''ନା ସିଏ ଶ୍ରୀକୃଷ୍ଣଙ୍କୁ ଦେଖି ନ ଥିଲା କି ତାଙ୍କ ଛବି ଦେଖି ନ ଥିଲା; କିନ୍ତୁ ସନ୍ନ୍ୟାସୀଙ୍କଠାରୁ ଶୁଣିଥିଲା ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନା । ସେଇଆକୁ ମନେ ପକାଇ ସେ ଆଙ୍କିଥିଲା ସେ ଛବିଟି; ଅତି ଶରଧାରେ ନିଜ ରୁଚି ଅନୁସାରେ ସେ ତାଙ୍କୁ ରୂପ ଦେଇଥିଲା । ଦେହରେ ଦେଇଛି ଶ୍ୟାମତମାଳ ରଙ୍ଗ, ଅଳ୍ପ ଫିକା କରି । ପିନ୍ଧେଇଚି ପୀତାମ୍ବର, ଅବଶ୍ୟ ଆରବୀୟ ଢଙ୍ଗରେ । ଏଇ ପୋଷାକ ତା'ର ପ୍ରିୟତମଙ୍କୁ ଭଲ ମାନେ ବୋଲି ତାକୁ ଦେଖାଯାଏ । ମଥାରେ ସେ ମୟୂର ଚୂଳ ଦେଇ ନାଇଁ । ବୋଧହୁଏ ମୟୂର ସେ କେବେ ଦେଖି ନାଇଁ; କାରଣ ଆରବରେ ମୟୂର ନାହାନ୍ତି, କିଂବା ମୟୂର ଚୂଳ ତାକୁ ଭଲ ଲାଗେ ନାଇଁ । ତା' ବଦଳରେ ପ୍ରିୟତମଙ୍କ ମଥାରେ ଖୋସି ଦେଇଚି ଅମାବାସ୍ୟା ପରେ ପ୍ରତିପଦର ଜହ୍ନ ଆଉ ତା' ମଝିରେ ଏକ ଉଜ୍ଜ୍ୱଳ ତାରକା । ତାଙ୍କ ଆଲ୍ଲାଙ୍କର ଏଇ ଜହ୍ନ ମଧ୍ୟରେ ତାରା ବହୁତ ଶୁଭ ସଂକେତ । କଳା କାହ୍ନୁଙ୍କ ମଥାରେ ଜହ୍ନର ସରୁ ରେଖା ଭିତରେ ତାରାଟି ତାକୁ ବେଶ୍ ଭଲ ଦେଖାଯାଏ । ଯେପରି ପ୍ରତିପଦ ସଂଧ୍ୟାରେ ଧୀରେ ଧୀରେ ଲିଭି ଆସୁଥିବା ଅସ୍ତରାଗ ଦେହରେ ଅଳପ ଅଳପ ମାଡ଼ି ଆସୁଥିବା ଅନ୍ଧାର ଗୋଳି ହୋଇଯାଇଚି, ଆଉ ତା' ଉପରେ ପହିଲି ଚାନ୍ଦର ଗାର ହସି ଉଠୁଚି ଟିକି ତାରାଟିଏ କୋଳରେ ଧରି । ପ୍ରିୟତମଙ୍କ ହାତରେ ହସିନା ଧରାଇ ଦେଇଚି ସୁନ୍ଦର ବଇଁଶୀଟିଏ । ଧୀରେ ଧୀରେ ସେ ବଜାଉଚନ୍ତି ଆଉ ଆଡ଼ ଆଖିରେ ଚାହୁଁଚନ୍ତି । ତାକୁ ଯେଉଁସବୁ ଅଳଙ୍କାର ଭଲ ଲାଗେ ସେସବୁ ତା'ର ପ୍ରିୟତମଙ୍କ ଦେହସାରା ଖଞ୍ଜି ଦେଇଚି । ଛବିଟିକୁ ଦେଖି ଭକ୍ତିପ୍ରେମର ଫଲ୍‌ଗୁ ଖେଳିଯାଏ ତା' ଅନ୍ତରରେ ତା' ମନଲାଖି ଛବି । ସେଦିନ ଏଇ ଛବିଟିକୁ ଚାହିଁ ଚାହିଁ ହସିନା ନିଜକୁ ପାସୋରି ପକେଇଚି, ହମିଦା ପାଖରେ ବସିଚି ।

''କିନ୍ତୁ ହଠାତ୍ ଇଏ କ'ଣ ହେଲା ? ଅସ୍ତ୍ରର ଝଙ୍କାର, ରଣର ହୁଙ୍କାର, ଆର୍ତ୍ତଚିତ୍କାର । ଜଳଦସ୍ୟୁମାନେ ବୋଇତ ଆକ୍ରମଣ କରି ମନଇଚ୍ଛା ହତ୍ୟା ଚଳାଇ

ଲୁଟତରାଜ କରୁଚନ୍ତି । ହଠାତ୍ ଦୁଇଜଣ ରାକ୍ଷସକାୟ ଦସ୍ୟୁ ଆସି ଏ ଦୁଇଜଣଙ୍କ ଆଗରେ ଠିଆ ହେଇଗଲେ । ତାଙ୍କ ଭିତରୁ ଜଣେ ହସିନାକୁ ଟେକି ନେଇ ପୁଣି ତଳେ ପକେଇ ଦେଲା । ତା'ର ଅନ୍ୟ ସାଙ୍ଗ ଦସ୍ୟୁକୁ ବିକଟ ଅଟ୍ଟହାସ୍ୟ କରି କହିଲା, 'ଭାଇ, ଆମ ସୁଲତାନ ୟାକୁ ଦେଖିଲେ ବହୁତ ଖୁସି ହେଇଯିବ । ୟାର ଯେମିତି ଚେହେରା ନା ବହୁତ ବକ୍‌ସିସ୍ ଆମକୁ ମିଳିବ ।' ଏହା କହି ସେ ଦୁହିଙ୍କୁ ଟେକି ନେଇ ତାଙ୍କ ବୋଇତ ଭିତରକୁ ଚାଲିଗଲେ ।

''ଆରବ ଦେଶର ଶ୍ରେଷ୍ଠ ବଣିକ କନ୍ୟା, କୃଷ୍ଣ ପ୍ରେମ ପାଗଳିନୀ ହସିନା ବର୍ତ୍ତମାନ ବନ୍ଦିନୀ । ତାକୁ ନିଆଯାଉଚି କୋଉ ଏକ ଚରିତ୍ରହୀନ ନରପିଶାଚ ସୁଲତାନର ଭୋଗସାମଗ୍ରୀ ହେବା ନିମନ୍ତେ ବିକ୍ରି କରି ଦିଆଯିବାକୁ । ତା' ବୋଇତର ସବୁ ଯାତ୍ରୀ, ଅଧ୍ୟକ୍ଷ ନିହତ । ହସିନା ବର୍ତ୍ତମାନ ମରିପାରୁ ନାହିଁ କି ଖସି ପଳାଇବାର ବାଟ ନାହିଁ । ଜୀବନ ପ୍ରତି ତା'ର ଆଉ କୌଣସି ଆଗ୍ରହ ନାହିଁ । ଦିନରାତି ସମୁଦ୍ର ବକ୍ଷରେ ବୋଇତ ଭାସି ଚାଲିଚି । ଦିନେ ବୋଇତ କୂଳରେ ଲାଗିଲା । ହସିନା ଓ ହମିଦାକୁ ଭଲ ଭଲ ପୋଷାକ ପିନ୍ଧିବାକୁ ଦେଇ ସବାରିରେ ବସାଇ କୁଆଡ଼କୁ ବୋହି ନିଆଗଲା । ଶେଷରେ ସେମାନେ ଦେଖିଲେ ଗୋଟିଏ ବିରାଟ ଅଟ୍ଟାଳିକାର କୋଠରି ଭିତରେ ସେମାନେ ବନ୍ଦିନୀ । ସେମାନଙ୍କୁ ବିକ୍ରି କରି ଦିଆଯାଇଚି । ଯିଏ ତାଙ୍କୁ କିଣିଚି ସିଏ ତାଙ୍କୁ ନେଇ ଏବେ ଯାହା ଇଚ୍ଛା ତା' କରିପାରେ ।

''କିଛି ସମୟ ପରେ ଦାସୀଟିଏ ଆସିଚି ଖାଦ୍ୟସାମଗ୍ରୀ ଧରି । ଦେଖିଚି ସୁନ୍ଦର ସଜଫୁଟା ଫୁଲ ଦୁଇଟି ଯେପରି ଆସନ୍ନ ବିପଦର ଆଶଙ୍କାରେ ମଉଳି ପଡ଼ିଚନ୍ତି । ମୁହଁ ଦୁହିଙ୍କର ଶୁଖି ଯାଇଚି । କହିଲା, 'ତୁମେ ଆଉ ମନ ଦୁଃଖ କରନା । ବର୍ତ୍ତମାନ ତୁମେ ସୁଲତାନ ଗିଆସ୍‌ଉଦ୍ଦୀନଙ୍କ ଭୋଗର ବସ୍ତୁ । ଗିଆସ୍‌ଉଦ୍ଦୀନ ସିନ୍ଧୁଦେଶର ପ୍ରବଳ ପ୍ରତାପୀ ବାଦ୍‌ଶାହ । ତାଙ୍କୁ ସନ୍ତୁଷ୍ଟ କରିପାରିଲେ ତୁମେମାନେ ରାଜରାଣୀ ପରି ଏଠାରେ ରହିବ ।'

''ସିନ୍ଧୁ ଦେଶ ! ନାଁଟା ଶୁଣି ହସିନା ଚମକି ପଡ଼ିଚି । ତା'ହେଲେ ସେ ତା'ର ପ୍ରିୟତମଙ୍କ ଭୂଇଁ ହିନ୍ଦୁସ୍ତାନରେ ଆସି ପହଞ୍ଚିଚି । ଏଠାରେ ତା'ହେଲେ

ତ ବୃନ୍ଦାବନର ଖବର କିଏ ଜାଣିଥିବେ । କିନ୍ତୁ କ'ଣ ହେବ ଜାଣିଲେ ? ସେ ଯେ ନରପିଶାଚ ସୁଲତାନର ବର୍ତ୍ତମାନ କ୍ରୀତଦାସୀ, ବନ୍ଦିନୀ । ଆଖିରୁ ତା'ର ଝରଝର ହୋଇ ଲୁହ ଝରି ପଡ଼ିଚି । ହସିନାର କାନ୍ଦ ଦେଖି ହମିଦା ବି କଇଁ କଇଁ ହୋଇ କାନ୍ଦି ଉଠିଚି । ଏସବୁ ଦେଖି ଦାସୀର ନାରୀ-ହୃଦୟ ତରଳି ଯାଇଚି । ସେ ଦେଖିଚି କେତେ ଝିଅ ସୁଲତାନର ଭୋଗସାମଗ୍ରୀ ହେବା ପାଇଁ ଆସିଚନ୍ତି; କିନ୍ତୁ କେହି ତ କେବେ ଏପରି ବିକଳ ହୋଇ କାନ୍ଦି ନାହାନ୍ତି । ସେ ଏମାନଙ୍କ ପରିଚୟ ପଚାରିଚି । ହମିଦା ସବୁ କହିଚି । କୃଷ୍ଣପ୍ରେମ ପାଗଳିନୀ ସୁକୁମାରୀ ହସିନାର କଥା ଶୁଣି ଓ ସେମାନେ ଯେ କେତେ ବିପଦକୁ ଏଡ଼େଇ ଆସିଚନ୍ତି ସେକଥା ଜାଣି ଦାସୀ ସେମାନଙ୍କ ମୁକ୍ତିର ଉପାୟ ଚିନ୍ତା କରି ଶେଷରେ ସେମାନଙ୍କୁ ତା' ସ୍ୱାମୀ ସାହାଯ୍ୟରେ ଦିନେ ରାତିରେ ସିନ୍ଧୁ ନଦୀ ପାର କରେଇ ଦେଇଚି । କହିଚି ସିନ୍ଧୁ ନଦୀ ସେପାଖରେ ହିନ୍ଦୁ ରାଜାର ଦେଶ । ସେଠି ପହଞ୍ଚି ପଚାରି ପଚାରି ବୃନ୍ଦାବନ ଚାଲିଯିବ । ସୁଲତାନ ଏବେ କାବୁଲ ଯାଇଚି । ବର୍ଷକ ପରେ ଫେରିବ, ତୁମର କିଛି ଅସୁବିଧା ହବ ନାହିଁ ।'

''କୃତଜ୍ଞତାରେ ଦୁହେଁ ଦାସୀର ପାଦତଳେ ପଡ଼ିଗଲେ । ନରକପୁରୀ ଭିତରେ ଏ ଯେ ଦେବୀଟିଏ । ଦାସୀ ବି ସେମାନଙ୍କୁ କୁଣ୍ଢାଇ ଧରି ବିଦାୟର ଅଶ୍ରୁ ବିସର୍ଜନ କରିଚି । ଦୁହେଁ ତା'ପରେ ବାଟ ପଚାରି ପଚାରି ବହୁ ଗ୍ରାମ, ବଣଜଙ୍ଗଲ, ନଈନାଳ, ପାହାଡ଼ପର୍ବତ ପାର ହୋଇ ଖାଇବା, ପିଇବା, ଶୋଇବା ପ୍ରତି ଭ୍ରୂକ୍ଷେପ ନ କରି ଚାଲିଚନ୍ତି ।

''ବସନ୍ତର ଏକ ମନୋରମ ପ୍ରଭାତ । ନିଦ ଭାଙ୍ଗିବା ପରେ ହସିନା ଅନୁଭବ କରିଚି ତା' ମନ-ପ୍ରାଣରେ ନୂତନ ପୁଲକ । ମନଟା ଉଣ୍ଣ୍ୱାସ ହୋଇଯାଇଚି । ସେ ଭାବର ଅଜଣା ଆନନ୍ଦରେ ବିଭୋର ହୋଇପଡୁଚି । ଚଉଦିଗରୁ ଭାସିଆସୁଚି କୋଟି କଦମ୍ବ, ପାରିଜାତ, ରଜନୀଗନ୍ଧାର ସୁରଭି । ଧୀରେ ଧୀରେ ଭାସି ଆସୁଚି ସେଇ ଗୋପୀ-ମନୋଲୋଭା ବଇଁଶୀର ଉଚ୍ଚାଟିଆ ସ୍ୱର । ଏକ କଅଁଳ, କମନୀୟ, ସୁରଭିତ, ପ୍ରେମମୟ ଆବେଷ୍ଟନୀ ଭିତରେ ସେ ଯେପରି ବନ୍ଦିନୀ । ହୃଦୟ ତା'ର ଯେପରି କହି ଉଠୁଚି – ଏଇ ତୋର

ପ୍ରିୟତମଙ୍କ କୁଞ୍ଜବନ ସେଇ ବୃନ୍ଦାବନ । ତାଙ୍କ ଦର୍ଶନ ଆଗରୁ ତାଙ୍କ ସାନ୍ନିଧ ଦେଇ ସେ ତତେ ପ୍ରସ୍ତୁତ କରୁଚନ୍ତି । ଜନ୍ମ ଜନ୍ମ ଧରି ଯାହା ପାଇଁ ସାଧନା,ଏତେ ପ୍ରତୀକ୍ଷା, ଏତେ କଷ୍ଟସ୍ୱୀକାର, ତା'ରି ଦ୍ୱାରଦେଶରେ ଏବେ ପହଞ୍ଚିଚୁ । ହସିନା ଆନନ୍ଦର ଆତିଶଯ୍ୟରେ ହମିଦାକୁ ଡାକି ପକାଇଲା, ହମିଦା, ହମିଦା ! ଉଠ୍ ଦେଖ୍ ଆମ ଆଗରେ ସେଇ ଯେଉଁ ମନ୍ଦିର ଯାହା ଉପରେ ନୀଳ କେତନ ଉଡୁଚି — ସେଇ ମୋର ପ୍ରିୟତମଙ୍କ ଉଆସ । ଆମେ ବୃନ୍ଦାବନରେ ପହଞ୍ଚିଚେ, ମୋର କୃଷ୍ଣଙ୍କ ବୃନ୍ଦାବନ । ଆ ସଖି, ଏଇ ଧୂଳି ମାଟିରେ ଗଡ଼ିଯିବା । ଏଇ ଧୂଳିରେ ମୋର ପ୍ରିୟତମ କେତେ ପଦଚାରଣା କରିଥିବେ । ସଖା ସଖୀଙ୍କୁ ନେଇ ଖେଳାଲୀଳା କରିଥିବେ ।'

''ଏହା କହି ଦୁହେଁ ସେଇ ଧୂଳିରେ ପାଗଳିନୀ ପରି ଗଡ଼ିବାକୁ ଲାଗିଲେ । ଧୂଳିମାଟି ଆଣି ଦେହରେ ବୋଳି ହେଲେ । ତାଙ୍କୁ ସେସବୁ ଚନ୍ଦନ ପରି ଲାଗୁଥାଏ । ମନେ ହେଉଥାଏ ଯେପରି ବ୍ରଜଦାଣ୍ଡର ସବୁ ଧୂଳି ଆଜି ଶେଷ କରିଦେବେ । ମନ୍ଦିରରେ ଆରତି ଘଣ୍ଟା ବାଜିଚି । ହସିନାର ମନ ଉଚ୍ଛନ୍ନ ହେଇଚି ଟିକିଏ ପ୍ରଭୁଙ୍କ ଶ୍ରୀମୁଖ ଦର୍ଶନ କରିବାକୁ । ଦିହେଁ ପଶିଯାଇଚନ୍ତି ମନ୍ଦିର ପ୍ରାଙ୍ଗଣ ଭିତରକୁ । ସେମାନଙ୍କ ବେଶପୋଷାକ ଦେଖି ପଣ୍ଡାମାନେ ଜାଣିପାରିଚନ୍ତି ଏମାନେ ଯବନ-କନ୍ୟା ବୋଲି । 'ପଠାଣ ଟୋକିଗୁଡ଼ାକ କୁଆଡୁ ଆସି ମନ୍ଦିର ଅପବିତ୍ର କରିଦେଲେଲେ — ମ୍ଲେଚ୍ଛ, ଯବନ, ଅସ୍ପୃଶ୍ୟ, ବାହାର ଏଠୁ' କହି ମାରିବାକୁ ଗୋଡ଼େଇ ଆସିଲେ ।

''ହସିନା ତା'ର ସରଳ ହୃଦୟରେ ଅନୁଭବ କଲା ସେ ଯେପରି ଭୁଲ୍ କରିଚି । ସେ ନିଜେ ମ୍ଲେଚ୍ଛ, ଅପବିତ୍ର ବୋଲି ନ ଜାଣି ପ୍ରଭୁଙ୍କ ପବିତ୍ର ମନ୍ଦିର ଅପବିତ୍ର କରିଚି । ମନ ତା'ର ଭାଙ୍ଗି ପଡ଼ିଚି । ତେବେ ତା'ର ଏତେ ଦୁଃଖ, କଷ୍ଟ କ'ଣ ନିଷ୍ଫଳ ? ସେ କ'ଣ ତା'ର ପ୍ରିୟତମଙ୍କ ମୁଖଦର୍ଶନ କରିବା ପାଇଁ ଅଯୋଗ୍ୟା ? ଗଭୀର ଦୁଃଖରେ ଭଙ୍ଗା ହୃଦୟ ନେଇ ଦୁହେଁ ଫେରି ଆସିଚନ୍ତି । ଆସୁ ଆସୁ ବାଟରେ ପଡ଼ିଚି ଏକ ପ୍ରକାଣ୍ଡ ହ୍ରଦ । ଜାଣିଲେ ଯେ ସେ ହ୍ରଦର ନାମ କାଳିନ୍ଦୀ ହ୍ରଦ, ତା'ପରେ ଯମୁନାର ଧାର । ଯମୁନା ତଟରେ

ବିରାଟ କଦମ୍ବ ବୃକ୍ଷ । ଏଇଠୁ ସେମାନଙ୍କ ପାଦ ଆଉ କୁଆଡ଼େ ଚଳିଲା ନାଇଁ । ଥକ୍କା ମାରି ସେଇଠି ବସି ପଡ଼ିଲେ । ଆଉ ବା ଯିବେ କୁଆଡ଼େ । ଜୀବନରେ ଆଉ କି ଆଶା ଅଛି । ହସିନା ସ୍ଥିର କରିଚି ରାତି ଟିକିଏ ବେଶୀ ହେଲେ ସେଇଠି ପାଣିକୁ ଡେଇଁ ଜୀବନ ବିସର୍ଜନ କରିବ ।

''ରାତି ଅଧ । ଏଇ ପାଣିକୁ ଡେଇଁ ପଡ଼ିବାର ଠିକ୍ ସମୟ । କିନ୍ତୁ ଇଏ କ'ଣ ? ଯମୁନା ବକ୍ଷ ହଠାତ୍ ଝଲସି ଉଠିଛି ଏକ ଅପୂର୍ବ ଜ୍ୟୋତିଃରେ । ଦୂରରୁ ଭାସି ଆସୁଚି ସାଜସଜ୍ଜାଭରା ଏକ ସୁନ୍ଦର ନାବ । ସେ ନାବ ଉପରେ ରତ୍ନ ସିଂହାସନରେ ବିଜେ କରିଚନ୍ତି ଏକ ଅପୂର୍ବ ସୁନ୍ଦର ପୁରୁଷ । ଚାରିପାଖରେ ତାଙ୍କର ସଖୀମାନେ ବେଢ଼ି ରହିଚନ୍ତି । କେହି ସୁବାସିତ ଜଳରେ ତାଙ୍କ ପାଦ ଧୋଇ ଦେଉଚି, କିଏ ଚନ୍ଦନ କୁଙ୍କୁମ ନେଇ ତାଙ୍କ କପାଳରେ ଚିତ୍ର ଆଙ୍କୁଚି । କିଏ ଆଲଟ ଚାମରରେ ବିଞ୍ଚି ଦେଉଚି । କେହି ଶ୍ରୀଅଙ୍ଗରେ ଆଭରଣ ସଜାଡ଼ିବାରେ ଲାଗିଚି । ମଳୟ ହିଲ୍ଲୋଳରେ କମ୍ପିତ ଯମୁନାର ନୀଳ ଜଳରାଶି ସେଇ ଦିବ୍ୟ କମନୀୟ ତନୁର କାନ୍ତିକୁ ନଚେଇ ନଚେଇ ଆଣି କୂଳରେ ଛାଡ଼ି ଯାଉଚି । ଦୂରରୁ ହସିନା ରତ୍ନସିଂହାସନ ଉପରେ ବସିଥିବା ସେଇ କାନ୍ତ କମନୀୟ ରୂପକୁ ଦେଖି ଚିହ୍ନିପାରିଚି, ଇଏ ଯେ ତା'ର ପ୍ରଭୁ, ତା'ରି ହୃଦୟର ରାଜରାଜେଶ୍ୱର । ଏକାନ୍ତ ଆପଣାର ଲୋକକୁ ଚିହ୍ନିବାକୁ କ'ଣ ଡେରି ହେବ ? ମନ ରାଇଜରେ ତା'ର ପ୍ରଭୁଙ୍କୁ ଯେଉଁ ରୂପ ଦେଇଥିଲା ଇଏ ଠିକ୍ ସେଇ ରୂପ । ସେଇ ମୁହଁ, ସେଇ ଚୋରା ଚାହାଣି, ସେଇ ମନଜିଣା ହସ । ପ୍ରଭୁ ମୋର କେଡ଼େ ସୁନ୍ଦର କହି ହସିନା ଟିକିଏ ଆହୁରି ଭଲ କରି ଦେଖିବା ପାଇଁ କୂଳକୁ ଦଉଡ଼ି ଆସିଲା । ଦେଖିଲା ନାବରୁ ଜଣେ ସଖୀ ଓହ୍ଲାଇ ଆସି ତାକୁ କହୁଚି, 'ସଖି, ଆଉ ଡେରି କାଇଁକି ? ଆସ, ପ୍ରଭୁ ଯେ ତୁମକୁ ଅପେକ୍ଷା କରି ବସିଚନ୍ତି !'

''ହସିନା ଆଶ୍ଚର୍ଯ୍ୟ ହୋଇଚି । ପ୍ରଭୁଙ୍କ ଦର୍ଶନ ଟିକକ ସେ ଅତି ବେଶୀରେ ଆଶା କରିଥିଲା । ସେତକ ପାଇଚି । ପ୍ରଭୁ ଯେ ତାଙ୍କ ପାଖକୁ ଯିବାକୁ ଡାକିବେ ଏ କଳ୍ପନା ସେ କରି ନ ଥିଲା । କାରଣ ସେ ଯେ ଯବନ

କନ୍ୟା, ଅସ୍ପୃଶ୍ୟା, ମ୍ଲେଚ୍ଛା । ସନ୍ଦେହ କରି ସେ ସଖୀକୁ କହିଚି – 'ତୁମର ଭୁଲ୍ ହେଇଚି ସଖୀ । ଆଉ କାହାକୁ ପ୍ରଭୁ ଡାକୁଥିବେ !' ଅଳ୍ପ ହସି ସଖୀଟି କହିଚି, 'ଆଉ ଏମିତି ଭାଗ୍ୟବତୀ କିଏ ହବ ତୁମ ଛଡ଼ା ? ପ୍ରଭୁ ଯେ ତୁମକୁ କେତେ ଦିନରୁ ଅପେକ୍ଷା କରି ରହିଚନ୍ତି ! ଏଇ ଯେଉଁ ଖାଲି ରତ୍ନସିଂହାସନଟି ଦେଖୁଚ ତାଙ୍କ ପାଖରେ ସେଇଟି ଯେ ତୁମରି ପାଇଁ । ଦିନ ଦିନ ଲାଗି ସେ ନିଜେ ତାକୁ ସଜେଇଚନ୍ତି । ସବୁବେଳେ ଖାଲି ତାଙ୍କ ମୁହଁରେ ତୁମରି କଥା । ତୁମ ଲାଗି ଆଖି ତାଙ୍କର ସବୁବେଳେ ଛଳ ଛଳ ।'

ତଥାପି ସରଳ ହସିନା ବିଶ୍ୱାସ କରି ନାଇଁ, କହିଚି, 'ନା ସଖି, ତୁମେ ଜାଣିନା । ଆମେ ପରା ନୀଚ ଜାତି । ପ୍ରଭୁଙ୍କୁ ଛୁଇଁଲେ ସେ ଅପବିତ୍ର ହେବେ । ତାଙ୍କ ଦର୍ଶନ ପାଇଲି, ସେଇ ମୋର ଜୀବନର ପରମ ସୌଭାଗ୍ୟ । ଆଉ ମୁଁ ମୋ ପ୍ରଭୁଙ୍କୁ ଅଶୁଚି ହେବାକୁ ଦେବି ନାଇଁ ।'

ପ୍ରଭୁ ବୁଝିଲେ ତାଙ୍କ ପ୍ରେମ ପାଗଳିନୀ ହସିନା ହୃଦୟର ମାନ । ତାକୁ ଯେ କୁକୁର ପରି ମନ୍ଦିର ଦୁଆରୁ ଅପମାନ, ଲାଞ୍ଛନା ଦିଆହୋଇ ତଡ଼ି ଦିଆଯାଇଚି । ତା'ର ସଯତ୍ନ ସାଇତା କଅଁଳ ପ୍ରେମ-କୁସୁମଟିକୁ ନିଷ୍ଠୁର ଭାବରେ ପାଦରେ ଦଳି ଦିଆଯାଇଚି । ରତ୍ନ ସିଂହାସନରୁ ସେ ନିଜେ ଉଠି ଆସିଚନ୍ତି । ଟେକି ନେଇଚନ୍ତି ହସିନାକୁ ନାବ ଉପରକୁ । ହସିନା ତା'ର ଅନ୍ତରଙ୍ଗଙ୍କ ସାଥିରେ ଏକାତ୍ମ ହୋଇ ନିଜକୁ ହଜେଇ ଦେଇଚି । ଜୀବନ ତା'ର ସାର୍ଥକ ହେଇଚି । ପ୍ରେମ ନିକଟରେ ପ୍ରେମାସ୍ପଦ ହାର ମାନିଚନ୍ତି । ହସିନା କିଛି ଦାବି ନ କରି ସବୁ ପାଇଚି । ସେଇଥିପାଇଁ ଶ୍ରୀଅରବିନ୍ଦ କହନ୍ତି,

'The soul knows that it does not give itself to God in vain; claiming nothing, it yet receives the infinite riches of the divine Power and Presence.'

'ଆତ୍ମା ଜାଣିଥାଏ ଯେ ସେ ବୃଥାଟାରେ ଭଗବାନଙ୍କ ନିକଟରେ ନିଜକୁ ସମର୍ପି ଦେଉ ନାଇଁ । ସିଏ ପ୍ରକୃତରେ କିଛି ଦାବି କରି ନ ଥାଏ; ତଥାପି ସେ ଦିବ୍ୟ କ୍ଷମତା ଓ ଦିବ୍ୟ ସାନ୍ନିଧ୍ୟର ଅନନ୍ତ ବିଭବ ଲାଭ କରିଥାଏ ।' ''

# ପିନ୍ଧାମାଳରେ ଠାକୁରଙ୍କ ତୃପ୍ତି

''ଚିନୁ ଭାଇ, ଆଉ ଥରକ ମୋତେ କୃଷ୍ଣଙ୍କ ପାଇଁ ପାଗଳିନୀ ସେଇ ହସିନା କଥା ଏତେ ଭଲ ଲାଗିଲା ଯେ ଏବେ ବି ତା'ର ସବୁ ଘଟଣା ମୋ ଆଖି ଆଗରେ ନାଚି ଯାଉଚି । ଯେତେଯେତେ ତା' କଥା ଭାବୁଚି ସେତେ ସେତେ ମୋ ଭିତରଟା ମଧୁରତାରେ ଭରିଯାଉଚି । ଏଥର ଗୋଟାଏ ସେଇପରି ଝିଅ ଭକ୍ତ କଥା କୁହ ।'' ଅନୁରୋଧ କଲା ଅନୁରକ୍ତା ତା' ଭାଇ ଚିନ୍ମୟଙ୍କୁ । ଏଥର ତା'ର ଅନୁରୋଧରେ ବହୁତ ଅନୁନୟ, ନ କହିଲେ ଅଭିମାନର ଧମକ ବି ମିଶିଥିଲା ।

ବାଧ ହୋଇ ଚିନ୍ମୟ କହିଲା, ''ତୋ ଫରମାସୀ ଅନୁଯାୟୀ ହସିନା ଭଳି ଝିଅ ଭକ୍ତ ଏତେ କୋଉଠୁ ଆଣିବି ? ତେବେ ଆଜି ତତେ ଆଉ ଜଣେ ଝିଅ ଭକ୍ତ କଥା କହିବି, ଏତେ ଅନୁରୋଧ କରି କହିଲୁଣି !

''ଏ ଝିଅଟି ଆମରି ଦେଶର । ତାମିଲନାଡୁର ହିନ୍ଦୁ ତାମିଲ୍ ଝିଅ । ନାଁଟି ତା'ର 'ଅଣ୍ଡାଲ୍' । ତାମିଲ ଭାଷାରେ ପ୍ରସିଦ୍ଧ ଭକ୍ତମାନଙ୍କୁ 'ଆଲୋୟାର୍' କୁହାଯାଏ । ତାମିଲ୍‌ମାନଙ୍କ ମଧ୍ୟରେ ସମୁଦାୟ ବାର ଜଣ ଆଲୋୟାର୍‌ଙ୍କ ମଧ୍ୟରୁ ଅଣ୍ଡାଲ୍ ଜଣେ । ଖାଲି ଜଣେ ନୁହଁ, ସୁପ୍ରସିଦ୍ଧ ଜଣେ । ଖାଲି ସୁପ୍ରସିଦ୍ଧ ନୁହଁ, ସେମାନଙ୍କ ମଧ୍ୟରେ ଏକମାତ୍ର ଝିଅ ଭକ୍ତ । ସେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଭଲ ପାଉଥିଲେ, ପ୍ରେମ କରୁଥିଲେ ରାଧାଙ୍କ ପରି ନିଜକୁ ଜଣେ ଗୋପୀ ବୋଲି ଭାବି । ତାଙ୍କର ପ୍ରେମ ଭକ୍ତିର ଅପୂର୍ବ ମଧୁର ସ୍ମୃତି ଏବେ ବି ବିଶେଷକରି ଭାରତର ସେଇ ଅଞ୍ଚଳର ଲୋକମାନଙ୍କୁ ଉଦ୍‌ବୁଦ୍ଧ କରେ; ସେମାନଙ୍କ ହୃଦୟରେ ଭକ୍ତି ପ୍ରେମର ମଧୁର ଧାରା ଛୁଟାଏ ।

''ତାମିଲ୍‌ନାଡୁର ବିଲ୍ଲିପୁତ୍ତ ନଗରୀରେ ରହୁଥିଲେ ଆଚାର୍ଯ୍ୟ ବିଷ୍ଣୁଚିତ୍ତ ।

ସେ ଥିଲେ ଜଣେ ଜନପ୍ରିୟ ଆଲୋୟାର୍ ବୈଷ୍ଣବ । ଭଗବାନ୍ ଆଦିକେଶବଙ୍କର ସେବକ ହିସାବରେ ସେ ଜୀବନ ଅତିବାହିତ କରୁଥିଲେ । ଧ୍ୟାନ, ପ୍ରାର୍ଥନା, ଜପ, ଉପାସନା ଆଦି ଛଡ଼ା ତାଙ୍କର ଆଉ ଗୋଟିଏ ଅତି ପ୍ରିୟ କାର୍ଯ୍ୟ ଥିଲା । ସେଇଟି ହଉଚି ନିଜେ ପରିଶ୍ରମ କରି ଯତ୍ନର ସହ ବଢ଼ାଇ ଥିବା ବଗିଚାରୁ ନାନା ଜାତିର, ନାନା ବର୍ଣ୍ଣର ସୁଗନ୍ଧଯୁକ୍ତ ଫୁଲ ତୋଳି ତାଙ୍କ ଠାକୁରଙ୍କ ପାଇଁ ମାଳ ଗୁନ୍ଥିବା । ଏଇ ଫୁଲ ବଗିଚାଟି ଥିଲା ତାଙ୍କ ଜୀବନର ପରମ ସମ୍ପଦ ଭଳି । ନିଜର ସବୁକିଛି ସେ ଫୁଲ ବଗିଚାଟିରେ ଅଜାଡ଼ି ଦେଇଚନ୍ତି । ସେଇ ଫୁଲ ବଗିଚାଟିକୁ କେନ୍ଦ୍ର କରି ତାଙ୍କର ସାଧନା ଜୀବନ ଗଢ଼ି ଉଠିଚି ।

''ଆଷାଢ଼ ମାସର ଏକ ସକାଳ । କିନ୍ତୁ ସେଦିନ ସକାଳେ ସକାଳେ ବର୍ଷା ନାଇଁ । ବିଷ୍ଣୁଚିତ୍ତ ଫୁଲ ତୋଳି ସାରି ତୁଳସୀ ପତ୍ର ତୋଳିବା ପାଇଁ ତୁଳସୀବୁଦାସବୁ ଆଡ଼କୁ ଗଲେ । କିନ୍ତୁ ତୁଳସୀ କାନନ ମଧ୍ୟରେ ଏ କ'ଣ ସେ ଦେଖିଲେ ?''

''କ'ଣ ଦେଖିଲେ ?'' ବିସ୍ମୟ ବିସ୍ଫାରିତ ନେତ୍ରରେ ପଚାରିଲା ଅନୁରକ୍ତା ।

''ତୁଳସୀ କାନନ ମଧ୍ୟରେ ଦେଖିଲେ ଅନିନ୍ଦ୍ୟ ସୁନ୍ଦରୀ ଏକ ଶିଶୁ କନ୍ୟା । କି ଅପରୂପ କାନ୍ତି ! ବିସ୍ମୟ ବିମୂଢ଼ ହେଲେ ବିଷ୍ଣୁଚିତ୍ତ । ତୁଳସୀ କାନନ ମଧ୍ୟକୁ ଏ କନ୍ୟା ଆସିଲା କେଉଁଠୁ ? ତା'ଛଡ଼ା ସେ ଯେ ବୈଷ୍ଣବ ଭକ୍ତ । ମନ ମଧ୍ୟରେ ନାନା ଚିନ୍ତା, ନାନା ପ୍ରଶ୍ନ । ହଠାତ୍ ତାଙ୍କର ସବୁ ଚିନ୍ତା, ସବୁ ପ୍ରଶ୍ନର କଳା ବଉଦକୁ ଦୂରେଇ ଦେଇ ଶୁଭିଲା ଏକ ଶୂନ୍ୟବାଣୀ — ବିଷ୍ଣୁଚିତ୍ତ ! ତୁମର ଏ ବଗିଚା ଦେବତାମାନଙ୍କୁ ଅର୍ପିତ । ଦେବତାମାନଙ୍କର ଏହା ଏକ ଲୀଳାସ୍ଥଳୀରେ ପରିଣତ ହେଇଚି । ଦେବ ଭୋଗ୍ୟ ବସ୍ତୁ ଛଡ଼ା ଆଉ କିଛି କ'ଣ ଏଠାକୁ ଆସିପାରେ ? ଏ ଶିଶୁ ଏକ ସାଧାରଣ କନ୍ୟା ନୁହେଁ, ତୁମର ଦେବ ପୂଜାର ଏ ହେବ ଦିବ୍ୟ ଅର୍ଘ୍ୟ । କିଛି ବିଚାର ନ କରି ତାକୁ ଗ୍ରହଣ କର ଓ ନିଜର ଝିଅ ଭଳି ପାଳନ କର ।

''ବିମୂଢ଼ ବିଷ୍ଣୁଚିତ୍ତ ହେଲେ ବିମୁଗ୍ଧ । ଫୁଲଟିଏ ଭଳି ତଳୁ ଉଠାଇ

ଆଣି ଶିଶୁଟିକୁ ବୁକୁରେ ଜଡ଼ାଇ ଧରିଲେ । ପୁଷ୍ପ ଅର୍ଘ୍ୟ ସହ ତାକୁ ନେଇ ତାଙ୍କ ଠାକୁର ଆଦିକେଶବଙ୍କର ପାଦ ପଦ୍ମରେ ଅର୍ପଣ କଲେ ।'' ମନ୍ଦିରକୁ ଆସିଥିବା ଭକ୍ତ ଦର୍ଶନାର୍ଥିଗଣ ଶିଶୁଟିର ଅପୂର୍ବ କାନ୍ତିରେ ମୁଗ୍ଧ ହେଲେ । କିନ୍ତୁ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ, ମନରେ କାଇଁକି ବାହାରେ ବି ଫୁସ୍‌ଫାସ୍ ହେଲେ ଯେ ଦୀର୍ଘଦିନ ଧରି ନିଃସନ୍ତାନ ଥିବା ବିଷ୍ଣୁଚିତ୍ତଙ୍କ ଘରେ ତାଙ୍କର ପ୍ରୌଢ଼ାବସ୍ଥାରେ ଏ କନ୍ୟାରତ୍ନ ଆସିଲା କେଉଁଠୁ ? ତା'ର ଜାତି ଗୋତ୍ର କ'ଣ ନ ଜାଣି ବିଷ୍ଣୁଚିତ୍ତ ତାକୁ ଗ୍ରହଣ କଲେ ବା କିପରି ? ଏଇ କଥାଟି ବିଷ୍ଣୁଚିତ୍ତଙ୍କ ମନକୁ ବହୁତ ଆଘାତ ଦେଲା । ସେ ଆହତ ହୃଦୟରେ ଆକୁଳ ହୋଇ ତାଙ୍କ ଠାକୁରଙ୍କ କୃପାଳୁ ନୟନକୁ ଚାହିଁ ରହି ପ୍ରାର୍ଥନା କଲେ – ପ୍ରଭୁ, ତୁମେ ଯାହାକୁ ଦେଇଚ ତାକୁ ସମସ୍ତେ ଯେପରି ସ୍ୱୀକାର କରନ୍ତୁ ତା'ର ବ୍ୟବସ୍ଥା ତୁମେ କର ।

''ଏଇ ପ୍ରାର୍ଥନା ପରେ ପରେ ମୁହୂର୍ତ୍ତକ ମଧ୍ୟରେ ଏକ ଅଘଟଣ ଘଟିଲା । ଠାକୁରଙ୍କ କଣ୍ଠଦେଶରୁ ମାଳତୀର ମାଳଟି ଖସି ଆସି ରତ୍ନବେଦୀ ତଳେ ଶୁଆଇ ଦିଆଯାଇଥିବା କନ୍ୟାଟିର କପାଳ ଦେଶରେ ପଡ଼ିଲା । ଏ ଯେ ପ୍ରଭୁଙ୍କର ନୀରବ ସ୍ୱୀକୃତି ଏଥିରେ କାହାରି ସନ୍ଦେହର ଅବକାଶ ରହିଲା ନାଇଁ । ହରିବୋଲ ଓ ଠାକୁରଙ୍କ ଜୟଧ୍ୱନିରେ ମନ୍ଦିର ଫାଟି ପଡ଼ିଲା । ସେ ଦିନର ଏଇ କୃପାଧନ୍ୟା କନ୍ୟା ପରବର୍ତ୍ତୀ କାଳରେ ମହାନ୍ ନାରୀଭକ୍ତ 'ଅଣ୍ଡାଲ୍'ରେ ପରିଣତ ହେଲେ ।

''କନ୍ୟାଟିକୁ ଲାଳନ ପାଳନ କରିବାରେ ବିଷ୍ଣୁଦତ୍ତଙ୍କର ଭିତରେ ବାହାରେ ଏଣିକି ଆଉ କୌଣସି ପ୍ରତିବନ୍ଧକ ରହିଲା ନାଇଁ । ପିଲାଟି ଦିନରୁ ସେଇ କନ୍ୟାଟି ମଧ୍ୟରେ ସ୍ୱାଭାବିକଭାବେ ଭଗବତ୍ ଭକ୍ତି ଦେଖାଯାଏ । ଠାକୁରଙ୍କ ଆଗରେ ବସି ତା' ମନକୁ ମନ କେତେ କ'ଣ କଥା କହିଯାଏ । କେତେବେଳେ ରାଗି, ଅଭିମାନ କରି, କାନ୍ଦି ଆକୁଳ ହୋଇପଡ଼େ, ପୁଣି କେତେବେଳେ ଆନନ୍ଦରେ ବିଭୋର ହୋଇ ତାଳି ମାରି ନାଚେ । ବିଷ୍ଣୁଦତ୍ତଙ୍କୁ ବାପା ରୂପରେ ସେ ବହୁତ ଭଲପାଏ । ସବୁବେଳେ ତାଙ୍କ ପଛେ ପଛେ ଗୋଡ଼େଇ ଥାଏ, ବିଷ୍ଣୁଦତ୍ତ ବି କନ୍ୟାଟି ପ୍ରତି ଅନୁଭବ କରନ୍ତି ଅନ୍ତରରେ ଏକ ଦୁର୍ବାର ଆକର୍ଷଣ ।

କିନ୍ତୁ ଏଇ ସ୍ନେହବନ୍ଧନ ତାଙ୍କର ଦୀର୍ଘଦିନର ଭକ୍ତିପୂତ ସାଧନା ଜୀବନରେ ପ୍ରତିକ୍ରିୟା ସୃଷ୍ଟି କରେ । ତାଙ୍କ ମନ ଆକାଶରେ ଝଡ଼ ପ୍ରକୋପ ଦେଖାଦିଏ । ପ୍ରଶ୍ନ ଆସେ ସାଧନା ଜୀବନର ଶେଷ ପର୍ଯ୍ୟାୟରେ ଏ ମାୟାର ବନ୍ଧନ କାଇଁକି ? ସାଧନା ଜୀବନର ଗତି ଓଲଟା ଦିଗରେ ପ୍ରବାହିତ ହେଉ ନାଇଁ ତ ?

''କିନ୍ତୁ ତାଙ୍କ ମନ ଆକାଶର ଏଇ ଝଡ଼କୁ ଶାନ୍ତ କରେ ତାଙ୍କ ଇଷ୍ଟଦେବଙ୍କର ସ୍ୱପ୍ନାଦେଶ – ବିଷ୍ଣୁଦତ୍ତ ସମଗ୍ର ଜୀବନ ତୁମେ ତୁମରି ନିଷ୍ଠାପର ସ୍ୱହସ୍ତ ନିର୍ମିତ ଉଦ୍ୟାନର ପୁଷ୍ପମାଳାରେ ଦେବାର୍ଚ୍ଚନା କରି ଆସିଚ । ସେଇ ଦେବତାଙ୍କ ଅନୁଗ୍ରହରୁ ତୁମ ଉଦ୍ୟାନରେ ଆତ୍ମପ୍ରକାଶ କରିଚି ଏଇ ଦିବ୍ୟପୁଷ୍ପ – ଅଣ୍ଡାଲ୍ । ବଗିଚାର ଫୁଲକୁ ତୁମେ ମାଳ ଗୁନ୍ଥି ଯେପରି ଦେବାର୍ଚ୍ଚନା ନିମନ୍ତେ ପ୍ରସ୍ତୁତ କର, ଏ ମଣିଷ ଫୁଲଟିକୁ ବି ସେମିତି ଯତ୍ନର ସହ ଲାଳନ ପାଳନ କରି ଦେବାର୍ଚ୍ଚନା ଲାଗି ଯୋଗ୍ୟା କରିବାକୁ ହେବ । ତୁମର ଏ ବାତ୍ସଲ୍ୟ ସ୍ନେହମାୟାର ବନ୍ଧନ ନୁହେଁ, ମୋହଯୁକ୍ତ ଆସକ୍ତି ନୁହେଁ, ଏହା ତୁମରି ଉପାସ୍ୟଙ୍କ ପ୍ରେରଣାରେ, ତାଙ୍କରି ଲାଗି ନିବେଦିତ ଏକ କର୍ମ ।

''ବିଷ୍ଣୁଦତ୍ତଙ୍କ ମନରୁ ସମସ୍ତ ସନ୍ଦେହ ଦୂର ହୋଇଗଲା । ଯେମିତି ନିଷ୍ଠା ଓ ଯତ୍ନର ସହ ଠାକୁର ସେବା ଲାଗି କାମ କରୁଥିଲେ ସେମିତି ନିଷ୍ଠା ଓ ଯତ୍ନର ସହ ଅଣ୍ଡାଲ୍‌ର ସେବାରେ ଲାଗିଗଲେ । ତା'ର ଶିକ୍ଷା ଦୀକ୍ଷା, ଲାଳନ ପାଳନ ହୋଇଉଠିଲା ତାଙ୍କ ଦୈନନ୍ଦିନ କାର୍ଯ୍ୟର ଏକ ପ୍ରଧାନ, ପବିତ୍ର ଅଙ୍ଗ ।

''ଅଣ୍ଡାଲ୍ ଧୀରେ ଧୀରେ କୈଶୋରରେ ପଦାର୍ପଣ କରେ । ତା'ର ଅଙ୍ଗେ ଅଙ୍ଗେ ଭରିଉଠେ ଅପୂର୍ବ ରୂପଲାବଣ୍ୟ । ତା'ର ରକ୍ତ, ମାଂସ, ଅସ୍ଥି, ମଜ୍ଜାରେ ସେ ଭକ୍ତିପ୍ରେମ ନେଇ ଜନ୍ମ ହୋଇଚି । ପିତା ବିଷ୍ଣୁଦତ୍ତଙ୍କ ମୁଖରୁ ଟିକିଏ ଭଗବାନଙ୍କ କଥା ଶୁଣିଲେ ସେସବୁ ତା' ଭିତରେ ସକ୍ରିୟ ହୋଇଉଠୁଚି । ଦିନ ପରେ ଦିନ ସେ ଶୁଣିଚାଲେ ପିତା ଲେଖିଥିବା ଭକ୍ତିରସାତ୍ମକ ପ୍ରବନ୍ଧମାନ, ଅନ୍ୟାନ୍ୟ ଆଲୋୟାର୍ ବୈଷ୍ଣବମାନଙ୍କର ପ୍ରେମ ଭକ୍ତିପୂର୍ଣ୍ଣ ଜୀବନ କାହାଣୀ । ଭାଗବତର କୃଷ୍ଣଲୀଳା ଶୁଣିଲେ ଅନ୍ତରରେ ତା'ର ଖେଳିଯାଏ କୃଷ୍ଣ ପ୍ରେମର ମଧୁର ତରଙ୍ଗ । ଅନୁକୂଳ ପରିବେଶ ପାଇ ତା'ର କିଶୋରୀ ଅନ୍ତରରେ ଧୀରେ

ଧୀରେ ପାଖୁଡ଼ା ମେଲେ ସହଜାତ କୃଷ୍ଣପ୍ରେମର କଳିଟି । ଏଥିସହ ତା' ମଧ୍ୟରେ ବିକାଶ ହୁଏ ଅସାମାନ୍ୟ କାବ୍ୟ ପ୍ରତିଭା । ତା'ର ଅନ୍ତରର ପ୍ରେମ ଭକ୍ତିର ଭାବୋଚ୍ଛ୍ୱାସ ସ୍ଫୁରିତ ହୁଏ ଲଳିତ ଛନ୍ଦୋବଦ୍ଧ ଅନୁପମ କାବ୍ୟ ଗାଥାରେ । ତା'ର ଥିଲା ଏକ ଅନୁରାଗଭରା ସୁଲଳିତ ସୁମଧୁର କଣ୍ଠ । ପ୍ରାର୍ଥନାଗୀତ ଗାଇବାରେ ପ୍ରଚୁର ଉତ୍ସାହ । ତା'ର ସ୍ୱରଚିତ ଭକ୍ତିରସାତ୍ମକ ଗୀତ ଯେତେବେଳେ ତା'ର ଗଭୀର ଭାବାବେଗପୂର୍ଣ୍ଣ କଣ୍ଠରୁ ଝରିଆସେ ସେତେବେଳେ ତାହା ଶ୍ରୋତା-ପ୍ରାଣରେ ବୁହାଇଦିଏ ପ୍ରେମଭକ୍ତିର ଦିବ୍ୟ ମନ୍ଦାକିନୀ ଧାରା । ତା'ର ଏ ଖ୍ୟାତି ଚତୁର୍ଦ୍ଦିଗରେ ପୁଷ୍ପର ସୁରଭି ତୁଲ୍ୟ ବ୍ୟାପିଯାଏ ।

''ସେଇ ବିଲ୍ଲିପୁତ୍ତ ନଗରୀର ଆଉ ଜଣେ ପ୍ରସିଦ୍ଧ ଆଲୋୟାର 'ନମ୍ମାଡ଼ୱାର'ଙ୍କ ଆଚରଣ ଓ ବ୍ୟକ୍ତିତ୍ୱ ଦ୍ୱାରା ଅଣ୍ଡାଲ୍ ପ୍ରଭାବିତ ହୁଏ । ନମ୍ମାଡ଼ୱାରଙ୍କର କୃଷ୍ଣପ୍ରେମ ଥିଲା ଅତ୍ୟନ୍ତ ପ୍ରବଳ । ନିଜକୁ କୃଷ୍ଣଙ୍କର ଭୃତ୍ୟ, ଦାସ ଭାବି ସେ ତାଙ୍କରି ଆନନ୍ଦ ପାଇଁ ଜୀବନ ବଞ୍ଚୁଥିଲେ । ନିଜ ପାଇଁ ତାଙ୍କର କିଛି କାମନା ନ ଥିଲା । ବିଷ୍ଣୁଦତ୍ତ ଓ ନମ୍ମାଡ଼ୱାରଙ୍କ ପ୍ରଭାବରେ ଅଣ୍ଡାଲ୍ର ହୃଦୟାସନରେ କୃଷ୍ଣ ଦୃଢ଼ ଭାବରେ ଅଧିଷ୍ଠିତ ହେଲେ । ଅଣ୍ଡାଲ୍ର ଦୃଷ୍ଟିରେ ଶ୍ରୀରଙ୍ଗନାଥ ଓ ଶ୍ରୀକୃଷ୍ଣ ଏକ ହୋଇଗଲେ । ରଙ୍ଗନାଥଙ୍କ ବିଗ୍ରହରେ ସେ ଶ୍ରୀକୃଷ୍ଣଙ୍କୁ ଦେଖିବାକୁ ଲାଗିଲା । ରଙ୍ଗନାଥରୂପୀ କୃଷ୍ଣଙ୍କୁ ସେ ନିଜର ଇଷ୍ଟରୂପେ ଗ୍ରହଣ କଲା । ତାଙ୍କରି ମଧୁର ରସ ସାଗରରେ ସେ ଦିନରାତି ନିମଗ୍ନ ହୋଇ ରହିଲା । ନିଜକୁ ରଙ୍ଗନାଥଙ୍କର ନାୟିକା ଭାବି ଅଣ୍ଡାଲ୍ ତାଙ୍କରି ପ୍ରେମ ଭକ୍ତିରେ ସବୁବେଳେ ବୁଡ଼ି ରହୁଥିବାରୁ ସାଧକ ସମାଜରେ ସେ ଅଣ୍ଡାଲ୍ ରଙ୍ଗନାୟିକା ନାମରେ ପରିଚିତା ହେଲା ।

''ସଂସାରରେ ଅଣ୍ଡାଲ୍ର ସବୁଠାରୁ ଆକର୍ଷଣୀୟ ବସ୍ତୁଟି ହଉଚି ପିତାଙ୍କ ବଗିଚା । ମୁକ୍ତ ବିହଙ୍ଗିନୀ ପରି ସେଇ ପୁଷ୍ପ ଉଦ୍ୟାନରେ ସେ ବିଚରଣ କରେ । କୃଷ୍ଣ ପ୍ରେମରେ ପାଗଳିନୀ ହୋଇ ମନଇଚ୍ଛା ତା'ର ପ୍ରଭୁଙ୍କ ସେବା ପାଇଁ ଫୁଲ ତୋଳେ । ପିତାଙ୍କ ସହ ଆନନ୍ଦରେ ଗୀତ ଗାଇ ଫୁଲ ଗୁନ୍ଥେ । ଶ୍ରୀମନ୍ଦିରକୁ ଯାଇ ତା' ଠାକୁରଙ୍କ ଗଳାରେ ମାଳାଟିକୁ ପିନ୍ଧାଇ ଦିଏ । ଠାକୁରଙ୍କ

ଅପରୂପ ନୟନଯୁଗଳକୁ ଚାହିଁ ପ୍ରେମାଶ୍ରୁ ବିସର୍ଜନ କରେ । ତା'ର ଏଇ କରୁଣ ମଧୁର ପ୍ରେମ-ବିଗଳିତ ଚେହେରା ଦେଖି ମନ୍ଦିରକୁ ଆସିଥିବା ଦର୍ଶନାର୍ଥୀଙ୍କ ଆଖି ବି କରୁଣ ପ୍ରେମର ସ୍ପର୍ଶରେ ଲୁହ ଛଳ ଛଳ ହୋଇଉଠେ ।

''ଅଣ୍ଡାଲ୍ ସାଧନାରେ ବହୁତ ଦୂର ଅଗ୍ରସର ହୋଇଚି । କୃଷ୍ଣଙ୍କ ସହ ଏକାତ୍ମତା ଅନୁଭବ କରିଚି । 'ମୁଁ ଏକାନ୍ତଭାବେ ତାଙ୍କର' ଏଇ ଭାବ ସହ ଆଉ ଗୋଟିଏ ଭାବ ସେ ଉପଲବ୍ଧି କରିଚି । ସେଇଟି ହେଉଚି 'ସେ ବି ଏକାନ୍ତ ଭାବେ ମୋର ।' ଦୁହେଁ ଏକାନ୍ତଭାବେ ପରସ୍ପରର । ଅଣ୍ଡାଲ୍ ତା'ର ସାଧନାର ଏଇପରି ସ୍ତରରେ ଥିବା ସମୟରେ ଦିନେ ଏକ ଅଦ୍ଭୁତ ଘଟଣା ଘଟିଲା । ଘଟଣାଟି ଏଇ ତରୁଣୀ ସାଧିକାଟିର ପ୍ରେମଘନସ୍ୱରୂପକୁ ଜନସମାଜରେ ଉଦ୍‌ଘାଟନ କରିଦେଲା ।

''ଭଜନ କୁଟୀରରେ ବାପଝିଅ ଦୁହେଁ ବସି ମାଳ ଗୁନ୍ଥୁଚନ୍ତି । ଆଜି କାଇଁକି ବିଷ୍ଣୁଚିତ୍ତଙ୍କ ମନରେ ଏକ ଅଭିନବ ବାସନା । ସଂପୂର୍ଣ୍ଣ ନୂତନ ଢଙ୍ଗରେ ଆଜି ମାଳଟିଏ ଗୁନ୍ଥି ପ୍ରଭୁଙ୍କୁ ଦେବେ । ତାଙ୍କର ନିପୁଣ ହସ୍ତରେ ସେ ବଛା ବଛା ଫୁଲ ବାଛି ଅତି ଚମତ୍କାର ମାଳଟିଏ ଗୁନ୍ଥିଲେ । ମାଳଟିକୁ ଟିକେ ଚାହିଁଲେ, ଅନ୍ତର ତାଙ୍କର ସେ ନୟନଲୋଭା ମାଳଟିକୁ ଦେଖି ମୁଗ୍ଧ ହୋଇଗଲା, ଆନନ୍ଦରେ ନାଚିଉଠିଲା । ମାଳଟିକୁ ଯତ୍ନରେ ରଖି ଅନ୍ୟ କାର୍ଯ୍ୟ ଉପଲକ୍ଷରେ ବାହାରକୁ ଗଲେ । ଗୁନ୍ଥା ଯାଇଥିବା ଅନ୍ୟାନ୍ୟ ମାଳସବୁକୁ ସଜାଡ଼ି ରଖୁଚି ଅଣ୍ଡାଲ୍ । ମନ ମୁକୁରରେ ତା'ର ଭାସିଉଠୁଚି ଏଇ ଫୁଲମାଳ ଶୋଭିତ ତା'ର ପ୍ରିୟତମଙ୍କ ରୂପଲାବଣ୍ୟ । ସେଇ ରୂପସୁଧା ପାନ କରି ସେ କେତେ ମତ୍ତ ହୋଇଚି, ଆନନ୍ଦରେ ବିଭୋର ହୋଇଚି, ନିଜକୁ ପାସୋରି ଦେଇଚି; କିନ୍ତୁ ତା'ର ପ୍ରିୟତମଙ୍କୁ ତ ଦିନେ ଆନନ୍ଦରେ ବିଭୋର କରିନି । ସବୁବେଳେ ନିଜେ ତାଙ୍କଠାରୁ ଆନନ୍ଦ ପାଇବାକୁ ଚେଷ୍ଟା କରିଚି; କିନ୍ତୁ ତାଙ୍କୁ ଆନନ୍ଦ ଦେବାର ଚେଷ୍ଟା ତ କେବେ କରି ନାଇଁ । ତା'ର ଦେହ, ମନ, ପ୍ରାଣ କୃଷ୍ଣଙ୍କୁ ଅର୍ପିତ । ସେଇ କୃଷ୍ଣାର୍ପିତ ଅଙ୍ଗର ରୂପଲାବଣ୍ୟରେ, ସାଜସଜ୍ଜାରେ ତା'ର ପ୍ରିୟତମ କୃଷ୍ଣ କ'ଣ ଆନନ୍ଦ ପାଇବେ ନାଇଁ, ତୃପ୍ତି ପାଇବେ ନାଇଁ ? ତେବେ କାଇଁକି ସେ ଏପର୍ଯ୍ୟନ୍ତ

ଏକଥା ଚିନ୍ତା କରି ନାଇଁ ? ସବୁବେଳେ ତା'ର ପ୍ରିୟତମଙ୍କୁ ଉପଭୋଗ କରି ଆସିଚି, ନିଜକୁ ତା'ର ପ୍ରିୟତମଙ୍କ ଉପଭୋଗ୍ୟା ତ କେବେ କରି ନାଇଁ । ଆଜି କିନ୍ତୁ ତା'ର ପ୍ରିୟତମଙ୍କ ଲାଗି ନିଜକୁ ସଜେଇବ । ତାଙ୍କୁ ସଜେଇ ଯେଉଁ ଆନନ୍ଦ ପାଏ, ନିଜକୁ ସଜେଇ ତାଙ୍କୁ ସେଇ ଆନନ୍ଦ ଦେବ । ଏଇ ଭାବରେ ଭୋଳ ହୋଇ ଅଣ୍ଡାଲ୍ ବିଷ୍ଣୁଚିତ୍ତ ଅତି ଯତ୍ନରେ ଗୁନ୍ଥିଥିବା ମାଳଟି ନିଜ ବେକରେ ପକେଇ ଦେଲା । ଏମିତି ଭାବାବେଶରେ କେତେଥର ସେ କରିଚି । କିନ୍ତୁ ସବୁଥର ଲୁଚେଇ ଲୁଚେଇ । ଆଜି ଆଉ ତା'ର ସେ ଦୁର୍ବଳତା ନାଇଁ । ସାହସ ବଢ଼ି ଯାଇଚି । ହୃଦୟର ଆବେଗ ସବୁ ଲଜ୍ଜା, ଭୟର ସୀମା ଲଙ୍ଘନ କରିଚି । ତା'ର ଯୌବନ ଢଳ ଢଳ ଅପରୂପ ତନୁଲତାରେ ଦୋଳାୟିତ ବିଷ୍ଣୁଚିତ୍ତଙ୍କ ସଯତ୍ନ ଗୁନ୍ଥା ପୁଷ୍ପମାଲ୍ୟଟି ଦୋଳାୟିତ ଫୁଲମାଳ ସହ ଦୋଳାୟିତ ତା'ର ମନ-ପ୍ରାଣ-ଶରୀର । ଅଙ୍ଗ ସାରା କୃଷ୍ଣପ୍ରେମର ମଧୁର ରୋମାଞ୍ଚ । ନିଜର ଅନିନ୍ଦ୍ୟ ରୂପଶ୍ରୀରେ ନିଜେ ମୁଗ୍ଧ ହେଉଚି, ବାରଂବାର ନିଜକୁ ଚାହୁଁଚି । ଆଜି ତା'ର ପ୍ରିୟତମ, ତାଙ୍କରି ଲାଗି ଉଦ୍ଦିଷ୍ଟ ଏ ଦେହ, ମନ, ପ୍ରାଣ, ରୂପଯୌବନ ଦେଖି କେତେ ଖୁସୀ ନ ହେବେ ! ତାଙ୍କୁ ଖୁସୀ କରିବା ଯେ ତା'ର ଜୀବନର ଏକମାତ୍ର ବ୍ରତ । ଏଇପରି ପ୍ରେମ ଜର୍ଜର, ଭାବ ବିଭୋର ହୋଇ ଅଣ୍ଡାଲ୍ କେତେ କ'ଣ ଭାବି ଚାଲିଚି । ବାହ୍ୟ ଦୁନିଆ କଥା ଆଉ ତା' ଖିଆଲରେ ନାଇଁ ।

''ବାହାରୁ କାମସାରି ବିଷ୍ଣୁଚିତ୍ତ କୁଟୀରକୁ ଫେରି ଆସିଚନ୍ତି । ବେଳ ଉଚ୍ଛୁର ହୋଇଗଲାଣି । ତରତର କରି ମାଳ ତୁଳସୀ ସଜାଡ଼ି ମନ୍ଦିରକୁ ଯିବା ପାଇଁ ବାହାରିଚନ୍ତି । କିନ୍ତୁ ଏ କ'ଣ ସେ ଦେଖୁଚନ୍ତି ? ଠାକୁରଙ୍କ ଲାଗି ତାଙ୍କର ସଯତ୍ନ ଗୁନ୍ଥା ପ୍ରିୟ ମାଳଟିକୁ ଅଣ୍ଡାଲ୍ ବେକରେ ପକେଇ ବସିଚି ! ଅଣ୍ଡାଲ୍‌ର ଆଜି ଏ କି ବିପରୀତ ଆଚରଣ ? ତା'ର କ'ଣ ମଥା ଖରାପ ହୋଇଯାଇଚି ? ଏ ସର୍ବନାଶୀ ବୁଦ୍ଧି ତା' ମୁଣ୍ଡକୁ କିପରି ଆସିଚି ? ନିଜକୁ ଚିରଦିନ ଭଗବାନଙ୍କର ଦାସଟିଏ ବୋଲି ଭାବି ଆସିଥିବା ଭକ୍ତ ବିଷ୍ଣୁଚିତ୍ତ କ୍ରୋଧରେ ଚିତ୍କାର କରି ଉଠିଚନ୍ତି । କିନ୍ତୁ ପ୍ରେମିକା ଭକ୍ତ ଅଣ୍ଡାଲ୍ କୃଷ୍ଣ ପ୍ରେମର ଚିନ୍ତାରେ ବିଭୋର

ହୋଇ ବସିଚି । କୁଆଡ଼କୁ ତା'ର ନଜର ନାଇଁ । ଆଖି ଦୁଇଟି ଅର୍ଦ୍ଧ ନିମୀଳିତ । ବିଷ୍ଣୁଚିତ୍ତଙ୍କ କ୍ରୋଧପୂର୍ଣ୍ଣ ଚିତ୍କାରର କିଛିକ୍ଷଣ ପରେ ତା' ଏକାଗ୍ରତା ଭାଙ୍ଗିଗଲା । ସ୍ୱାଭାବିକ ଅବସ୍ଥାକୁ ସେ ଫେରି ଆସିଲା । ପିତାଙ୍କ ସମ୍ମୁଖରେ ତାଙ୍କ ସଯତ୍ନ ଗୁନ୍ଥା ମାଳଟି ନିଜ ବେକରେ ପକାଇଥିବା ଦେଖି ଲଜ୍ଜିତ ହେଲା । ତରବର ହୋଇ କାଢ଼ି ପକେଇ ଯଥା ସ୍ଥାନରେ ରଖିଦେଇ ମଥାନତ କରି ଛିଡ଼ାହେଲା ।

''ବିଷ୍ଣୁଚିତ୍ତ ଭାବିଲେ ଆଉ ରାଗ କରି ଲାଭ କ'ଣ ? ଯାହା ତ ହେବାର ହୋଇଗଲାଣି । ମନ ଦୁଃଖରେ ସେ ପୁଣି ବଗିଚାକୁ ଗଲେ । ଆଉ କିଛି ଫୁଲ ତୋଳି ଆଣି ତରବର ହୋଇ ମାଳଟିଏ ଗୁନ୍ଥି ମନ୍ଦିରକୁ ଗଲେ । ଠାରକୁଙ୍କ ବେକରେ ସେଇଟିକୁ ଲମ୍ୱେଇଦେଇ ପ୍ରଣାମ କରି ଆକୁଳ ହୃଦୟରେ ଠାକୁରଙ୍କ ମୁହଁକୁ ଚାହିଁ ରହିଲେ । କିନ୍ତୁ ଏ କ'ଣ ? ଠାକୁର ସବୁଦିନ ଭଳି କାଇଁ ପ୍ରସନ୍ନ ଦେଖାଯାଉ ନାହାନ୍ତି ତ ? କ'ଣ ହେଲା ତାଙ୍କର ? ଏଁ, ଏ ପୁଣି କ'ଣ ଠାକୁରଙ୍କ ଗଳାରୁ ମାଳାଟି ଯେ ଛିଣ୍ଡି ତଳେ ପଡ଼ିଗଲା ! ଏ କି ଅମଙ୍ଗଳର ସୂଚନା ! ଠାକୁର ତେବେ କ'ଣ ରାଗିଚନ୍ତି ? ଅଣ୍ଡାଲ୍‌ର ଭୁଲ୍ ଲାଗି ବିଷ୍ଣୁଚିତ୍ତ କେତେ ଅନୁନୟ ବିନୟ ହୋଇ ଠାକୁରଙ୍କ ପାଖରେ କ୍ଷମା ମାଗିଲେ । ଦିନସାରା ମନରେ ତାଙ୍କର ଶାନ୍ତି ନାଇଁ ।

''ବିଷ୍ଣୁଚିତ୍ତ ଶୋଇଚନ୍ତି । ସ୍ୱପ୍ନରେ ଦେଖିଲେ ଠାକୁର କହୁଚନ୍ତି – 'ବିଷ୍ଣୁଚିତ୍ତ, ପ୍ରତିଦିନ ତୁମେ ଯେଉଁ ମାଳ ମୋତେ ପିନ୍ଧେଇ ଦିଅ ସେ ମାଳ କାଇଁ ?' ବିଷ୍ଣୁଚିତ୍ତ ଭୟମିଶା ଗଳାରେ କହିଲେ, 'ଅଣ୍ଡାଲ୍ ସେ ମାଳକୁ ନିଜ ବେକରେ ପକେଇ ଉଚ୍ଛିଷ୍ଟ କରିଦେଇ ଥିବାରୁ ପୁଣିଥରେ ନୂଆମାଳ ଗୁନ୍ଥି ଆପଣଙ୍କୁ ଅର୍ପଣ କରିଚି ।'

''ଠାକୁର କହିଲେ, 'ତୁମ ଝିଅ ତ ପ୍ରତିଦିନ ମୋ ମାଳକୁ ଆଗରୁ ପିନ୍ଧିଥାଏ । ତୁମେ କ'ଣ ଏକଥା ଜାଣନା ? ମୋରି ଆନନ୍ଦ ଲାଗି ସେ ନିଜକୁ ସଜାଏ । ନିଜର ଅଙ୍ଗଶୋଭାକୁ ନିରୀକ୍ଷଣ କରେ । ତା'ର ପିନ୍ଧାମାଳ ତୁମେ ମୋତେ ପ୍ରତିଦିନ ଦେଉଥିବାରୁ ମୁଁ ସେଥିରେ ଖୁସୀହୁଏ । ମୋ ମୁଖରେ ପ୍ରସନ୍ନତା ତୁମେ ଦେଖିଥାଅ । ତା' ପିନ୍ଧାମାଳ ମୋ ପାଇଁ ଉଚ୍ଛିଷ୍ଟ ନୁହେଁ । ତା' ଯେ

ମୋର ଅତ୍ୟନ୍ତ ପ୍ରିୟବସ୍ତୁ । ଆଜି ସେଇ ମାଳ ପାଇ ନ ଥିବାରୁ ମୋ ମନରେ ପ୍ରସନ୍ନତା ନାହିଁ ।'

''ଠାରକୁଙ୍କ କଥାଶୁଣି ଭକ୍ତ ବିଷ୍ଣୁଚିତ୍ତଙ୍କ ହୃଦୟ ଆନନ୍ଦରେ ଗଦ୍‌ଗଦ୍ ହୋଇଉଠିଲା, ପୁଲକି ଉଠିଲା ସମଗ୍ର ଶରୀର, ଆଖିରୁ ଝରଝର ହୋଇ ଝରି ପଡ଼ିଲା ପ୍ରେମର ଅଶ୍ରୁ । ସେ ହାତଯୋଡ଼ି କହିଲେ, 'ପ୍ରଭୁ, ତୁମର ଲୀଳା ବୁଝିବା ମୋ ପରି ଅକିଞ୍ଚନ ପକ୍ଷରେ ଅସମ୍ଭବ । ତୁମରି ଇଚ୍ଛାହିଁ ପୂର୍ଣ୍ଣ ହେଉ । ତୁମର ଯେଉଁଥିରେ ଆନନ୍ଦ ସେଇ ବ୍ୟବସ୍ଥା ମୁଁ କରିବି ।'

''ଏଇ ଘଟଣା ସେଇ ବିଲ୍ଲିପୁତ୍ତ ଓ ପାଖଆଖ ଅଞ୍ଚଳରେ ବିଜୁଳି ଭଳିଆ ଖେଳିଗଲା । ଅଣ୍ଡାଲ୍ ପ୍ରଭୁଙ୍କର ବିଶେଷ କୃପାଧନ୍ୟା ଭକ୍ତ-ସାଧିକାରୂପେ ପରିଚିତା ହେଲା । ସମସ୍ତଙ୍କ ମୁହଁରେ ତା'ର ପ୍ରେମଭକ୍ତିର କାହାଣୀ । ଏହି ତରୁଣୀ ସାଧିକାଙ୍କୁ ଏକ ନୂଆ ନାମ ମଧ୍ୟ ମିଳିଲା । ତାମିଲ୍ ଭାଷାରେ ସେଇଟି ହଉଚି – ସୁଦିକୋକ୍‌ଦୁଥ ନାଚିୟରା । ଏହାର ଅର୍ଥ ଯେଉଁ ନାୟିକା ନିଜ ପିନ୍ଧାମାଳ ତା'ର ପ୍ରାଣପ୍ରଭୁଙ୍କ ଗଳାରେ ପିନ୍ଧାଇ ଥିଲା ।

''ଏହା ପରଠାରୁ ଅଣ୍ଡାଲ୍‌ର ପ୍ରେମଭକ୍ତି ସାଧନା ଆହୁରି ଗଭୀରତର ହୋଇଉଠେ । ପ୍ରେମ-ଆବେଶ, ଧ୍ୟାନ-ପ୍ରାର୍ଥନା, ପୂଜା-ଅର୍ଚ୍ଚନା ଭିତରେ ସେ ନିଜକୁ ଦିନରାତି ବୁଡ଼ାଇ ରଖେ ।

''ଅଣ୍ଡାଲ୍ ଧୀରେ ଧୀରେ ଯୌବନରେ ଉପସ୍ଥିତ ହେବାରୁ ବିଷ୍ଣୁଚିତ୍ତ ଓ ତାଙ୍କ ସ୍ତ୍ରୀଙ୍କ ମନରେ ତାକୁ ବିବାହ ଦେବାର ଚିନ୍ତା ଜାଗିଲା । ପିତାମାତା ଉଭୟ ଦିନେ ଅଣ୍ଡାଲ୍‌ର ଏ ସମ୍ବନ୍ଧେ ମତାମତ ଜିଜ୍ଞାସା କଲେ । ଅଣ୍ଡାଲ୍ ସ୍ପଷ୍ଟଭାବେ ଦୃଢ଼ କଣ୍ଠରେ ତାଙ୍କୁ ବିବାହ କରିବ ନାହିଁ ବୋଲି ମନା କରିଦେଲା । ସେ କହିଲା, 'ମୋ ସ୍ୱାମୀର ସନ୍ଧାନ ମୁଁ ପାଇ ସାରିଚି । ତାଙ୍କ ଛଡ଼ା ମୁଁ ଆଉ କାହାକୁ ବରଣ କରିବି ନାହିଁ ? ରଙ୍ଗନାଥରୂପୀ ଶ୍ରୀକୃଷ୍ଣହିଁ ହେଉଚନ୍ତି ମୋର ସ୍ୱାମୀ ।' ତା' ପରଠାରୁ ବିଷ୍ଣୁଦତ୍ତ ଆଉ ତାକୁ ବିବାହ ଲାଗି ବାଧ କରି ନାହାନ୍ତି ।

''ବିବାହ ପାଇଁ ମନା କରିଦେବା ପରଠାରୁ ଅଣ୍ଡାଲ୍ ଆହୁରି ଗଭୀର ଭାବରେ କୃଷ୍ଣ ପ୍ରାପ୍ତିର ସାଧନାରେ ଲାଗିଗଲେ । ନିଜକୁ ସେ କୃଷ୍ଣଙ୍କ ପ୍ରୀତ୍ୟାର୍ଥେ

ଗୋପୀଟିଏ ଛଡ଼ା ଆଉ କିଛି ଭାବି ପାରିଲେ ନାହିଁ । ଶ୍ରୀ ବିଲ୍ଲିପୁତ୍ତୁର ସବୁ କୁମାରୀ ଝିଅମାନଙ୍କୁ ସେ ରାତ୍ରିର ଶେଷ ପ୍ରହରରେ ଉଠାନ୍ତି । କୃଷ୍ଣକଥା, କୃଷ୍ଣସ୍ତୁତି ଶୁଣାନ୍ତି । ଶେଷ ରାତ୍ରିରେ ସମସ୍ତେ ମିଶି ନଦୀରେ ସ୍ନାନ କରି ବାଲିରେ କୃଷ୍ଣମୂର୍ତ୍ତି ରଚନା କରି ତାଙ୍କରି ଭଜନରେ ପ୍ରହର ପ୍ରହର ବିତେଇ ଦିଅନ୍ତି । କୃଷ୍ଣମିଳନ, କୃଷ୍ଣବିରହ, ମାନ, ଅଭିମାନ, ପ୍ରେମ ତପସ୍ୟାରେ ଭରା ନିଜ ରଚିତ କେତେ ଗୀତ ଅଣ୍ଡାଲ୍ ସେମାନଙ୍କୁ ଶୁଣାନ୍ତି । ଅଣ୍ଡାଲ୍‌ର ଏଇସବୁ ଭକ୍ତି ସଂଗୀତ ଦୁଇଟି ବହି ଆକାରରେ ଛପାହୋଇ ଏବେ ବି ଭକ୍ତ ପ୍ରେମିକଙ୍କ ଦ୍ୱାରା ଆଦୃତ ହୁଏ ।

''ଅଣ୍ଡାଲ୍ କୃଷ୍ଣପ୍ରେମରେ ନିରନ୍ତର ମଗ୍ନ ରହି ଅନ୍ତରରେ ତାଙ୍କୁ ପତିରୂପେ ବରଣ କରି ଏତେ ଦିନ ସାଧନା କଲେ ବି କାହିଁ କୃଷ୍ଣଙ୍କ ସାନ୍ନିଧ୍ୟ, ତାଙ୍କ ଦର୍ଶନ ତ ପାଇଲେ ନାହିଁ । ସେ ତ ତାଙ୍କୁ ଏପର୍ଯ୍ୟନ୍ତ ତାଙ୍କର ପତ୍ନୀରୂପେ ବରଣ କରିନେଲେ ନାହିଁ । ଏଇ ବିରହ ଜ୍ୱାଳାରେ ଅଣ୍ଡାଲ୍ ଦିନକୁ ଦିନ ଜଳିବାକୁ ଲାଗିଲେ । ଦାରୁଣ ଯନ୍ତ୍ରଣା ଅନୁଭବ କଲେ । ଝିଅର ଏପରି ଅବସ୍ଥା ଦେଖି ବିଷ୍ଣୁଚିତ୍ତ ତାଙ୍କ ମନ ପରିବର୍ତ୍ତନ ପାଇଁ ତାଙ୍କୁ ଧରି ବିଭିନ୍ନ ତୀର୍ଥ ଭ୍ରମଣ କଲେ । କିନ୍ତୁ ଝିଅର ଭାବ ଉନ୍ମାଦନା କମିବ କ'ଣ, ଦିନକୁ ଦିନ ବଢ଼ିବାରେ ଲାଗିଲା । ଶେଷରେ ବିଷ୍ଣୁଚିତ୍ତ ସ୍ଥିର କଲେ ଝିଅକୁ ନେଇ ଠାକୁର ରଙ୍ଗନାଥଙ୍କ ଚରଣରେ ଶରଣ ପଶିବେ । ଶ୍ରୀରଙ୍ଗମ୍‌କୁ ଯାଇ ସେଠାରେ ଜଣେ ଭକ୍ତଙ୍କ ଉଦ୍ୟାନ ଗୃହରେ ବାପଝିଅ ଦୁହେଁ ରହିଲେ ।

''ଶ୍ରୀରଙ୍ଗମ୍‌କୁ ଆସି ପ୍ରଭୁ ରଙ୍ଗନାଥଙ୍କୁ ଦର୍ଶନ କରିବା ପରଠାରୁ ଅଣ୍ଡାଲ୍‌ଙ୍କ ସମଗ୍ର ସତ୍ତାରେ ଏକ ନୂତନ ଆଲୋଡ଼ନ, ଏକ ନୂତନ ଜାଗରଣ । ସେ ସର୍ବ ସତ୍ତାରେ ପ୍ରଭୁ ରଙ୍ଗନାଥଙ୍କ ଏକ ଏକାତ୍ମତା ଅନୁଭବ କରନ୍ତି । ଅନେକ ସମୟରେ ଭାବର ଆତିଶଯ୍ୟରେ ଚେତାହୀନ ହୋଇ ଠାକୁରଙ୍କ ବେଦୀତଳେ ଲୋଟି ପଡ଼ନ୍ତି । ସାଧକ ଭକ୍ତମାନେ ନିର୍ବାକ୍ ହୋଇ ଚାହିଁ ରହନ୍ତି ଏଇ ମହିମମୟୀ ତରୁଣୀଙ୍କର ପ୍ରେମଘନ ରୂପକୁ । କିନ୍ତୁ ଏସବୁ ସତ୍ତ୍ୱେ ଅଣ୍ଡାଲ୍ ଅନୁଭବ କରନ୍ତି ସେଇ ପରମ ମିଳନର ଅଭାବ । ପ୍ରିୟ ବିରହର ଦୁଃସହ ଜ୍ୱାଳା

ଆଉ ସେ ସହ୍ୟ କରିପାରି ନାହାନ୍ତି । ପ୍ରତିଜ୍ଞା କରିଚନ୍ତି ରଙ୍ଗନାଥରୂପୀ ଶ୍ରୀକୃଷ୍ଣଙ୍କୁ ସେ ପତିରୂପେ ନ ପାଇଲେ କାବେରୀ ନଦୀକୁ ଡେଇଁ ପଡ଼ି ପ୍ରାଣ ବିସର୍ଜନ କରିବେ । ପ୍ରେମିକାର ସୀମିତ ଧୈର୍ଯ୍ୟ ଯେତେବେଳେ ତା'ର ଚରମ ସୀମାରେ ପହଞ୍ଚିଚି ସେତିକିବେଳେ ପ୍ରେମମୟ ପ୍ରଭୁଙ୍କର ଆସନ ଟଳିଚି । ଅଣ୍ଡାଲ୍‌ଙ୍କ ଉପରେ ବର୍ଷିଯାଇଚି ତାଙ୍କ ପ୍ରେମ କରୁଣାର ଅମିୟ ଅମୃତ ଧାରା । ରାତିରେ ଅଣ୍ଡାଲ୍ ଦେଖନ୍ତି ଏକ ଅଦ୍ଭୁତ ସ୍ୱପ୍ନ ତାଙ୍କର ପ୍ରାଣ ପ୍ରିୟତମ ରଙ୍ଗନାଥ ବର ବେଶରେ ଆସିଚନ୍ତି । ମସ୍ତକରେ ରତ୍ନଖଚିତ ମୁକୁଟ, ଗଳାରେ ପୁଷ୍ପର ଗଜରା ମାଳ, ପରିଧାନରେ ବହୁମୂଲ୍ୟ ପାଟପୀତାମ୍ବରୀ । ଚତୁର୍ଦ୍ଦିଗରେ ବିବାହର ଆୟୋଜନ, ବିବାହର ସାଜସଜ୍ଜା । ତାଙ୍କୁ ସଖୀଗଣ ଅତି ଯତ୍ନରେ ବୋହୂ ବେଶରେ ସଜେଇ ଦେଇଚନ୍ତି । ଏକ ଦିବ୍ୟ ଆନନ୍ଦ ମୁଖର ପରିବେଶ ଭିତରେ ତାଙ୍କର ବିବାହ କାର୍ଯ୍ୟ ସଂପାଦିତ ହଉଚି ।

''ଅଣ୍ଡାଲ୍‌ଙ୍କ ସ୍ୱପ୍ନ ଭାଙ୍ଗିଗଲା । ଆନନ୍ଦାତିଶଯ୍ୟରେ ଆଉ ତାଙ୍କ ଆଖିକୁ ନିଦ ନାଇଁ । ସ୍ୱପ୍ନ ଯେ ନିଶ୍ଚେ ସାର୍ଥକ ହେବ ଏଥିରେ ତାଙ୍କର ସନ୍ଦେହ ନାଇଁ । ସମଗ୍ର ସତ୍ତାର ଅଣୁ ପରମାଣୁରେ ତାଙ୍କର ଆନନ୍ଦର ଆବେଶ ଜଡ଼ିତ ହୋଇ ରହିଚି । କାହାକୁ ସେ ଏକଥା କହିଲେ ନାଇଁ ।

''ସବୁଦିନ ପରି ସଂଧ୍ୟା ଆସିଲା । ବିଷ୍ଣୁଚିତ୍ତ ତାଙ୍କ ଭଜନ ଉପାସନା ଏଇମାତ୍ର ଶେଷ କରିଚନ୍ତି; ଶୁଣାଗଲା ବାହାରେ ବିରାଟ ପାଟିତୁଣ୍ଡ । ବିଷ୍ଣୁଚିତ୍ତ ବାହାରକୁ ଯାଇ ଦେଖିଲେ ପ୍ରଭୁ ରଙ୍ଗନାଥଙ୍କ ବିଜେ ପ୍ରତିମା ଚଉଦୋଳରେ ଚଢ଼ି ସେବକ, ଭକ୍ତଗଣ ପରିବେଷ୍ଟିତ ହୋଇ ଶୋଭାଯାତ୍ରାରେ ତାଙ୍କରି ଘର ଆଡ଼କୁ ଆଗେଇ ଆସୁଚନ୍ତି । ଆଶ୍ଚର୍ଯ୍ୟ ହେଲେ । ଆଜି ତ କିଛି ଉତ୍ସବ ନାଇଁ, ପ୍ରଭୁଙ୍କ ବିଜେ ପ୍ରତିମାଙ୍କୁ କାଇଁକି ଏପରି ଅଣାଯାଉଚି ? କୌତୂହଳୀ ହୋଇ ଜଣେ ସେବକଙ୍କୁ ପଚାରିଲେ । ସେବକ ଜଣକ ହସି ହସି ଉତ୍ତର ଦେଲେ, 'ଆପଣଙ୍କ ଘରକୁ ଆଜି ପ୍ରଭୁଙ୍କର ଏ ଶୁଭାଗମନ । ଗତ ରାତ୍ରିରେ ପ୍ରଭୁ ତାଙ୍କ ସେବକକୁ ସ୍ୱପ୍ନରେ ଜଣାଇଚନ୍ତି ଯେ ସେ ଆପଣଙ୍କ କନ୍ୟା ଅଣ୍ଡାଲ୍‌ଙ୍କୁ ବିବାହ କରିବେ । ଆଜି ସେଇ ପରମ ଶୁଭଲଗ୍ନ । ତେଣୁ ପ୍ରଭୁଙ୍କ ପ୍ରତିମାର ଆପଣଙ୍କ

ଗୃହକୁ ଏ ଶୁଭାଗମନ । ଆପଣ ଆଉ ବିଳମ୍ୱ କରନ୍ତୁ ନାହିଁ । ଶୀଘ୍ର କନ୍ୟାଦାନର ବ୍ୟବସ୍ଥା କରନ୍ତୁ ।'

''ନିର୍ବାକ୍ ବିସ୍ମୁଚିତ୍ତ ଯନ୍ତ୍ରଚାଳିତବତ୍ ସବୁକାମ କରିଗଲେ । ଶାସ୍ତ୍ରୀୟ ବିଧି ଅନୁଯାୟୀ ଅଣ୍ଡାଲ୍‌ଙ୍କ ସହ ରଙ୍ଗନାଥଙ୍କର ବିବାହ ଶେଷ ହେଲା ।

''ବିବାହ ପରଦିନ । କନ୍ୟା ତା'ର ବାପ ଘରୁ ସ୍ୱାମୀ ଘରକୁ ଯିବ । ଅଣ୍ଡାଲଙ୍କୁ ବଧୂବେଶରେ ରଙ୍ଗନାଥଙ୍କ ମନ୍ଦିରକୁ ବିଦା କରାଗଲା । ସାଧକ ଭକ୍ତଙ୍କର ଜୟଧ୍ୱନି ଭିତରେ ଅପୂର୍ବ ଶ୍ରୀମଣ୍ଡିତା ଅଣ୍ଡାଲ୍ ଫୁଲ, ଚନ୍ଦନ, ଅଳଙ୍କାର ବିଭୂଷିତା ହୋଇ ଚାଲିଚନ୍ତି ମନ୍ଦିର ଭିତରକୁ । ହାତରେ ତାଙ୍କର ଫୁଲର ମାଳ । ଅଭୀଷ୍ଟ ତାଙ୍କର ଏତେଦିନେ ପୂରଣ ହେଇଚି । ଯାହାଙ୍କୁ ପତିରୂପେ ପାଇବା ପାଇଁ ସାରା ଜୀବନ ସାଧନା କରି ଆସିଚନ୍ତି ସେ ନିଜେ ଆଜି ତାଙ୍କୁ ପତ୍ନୀରୂପେ ବରି ନେଇଚନ୍ତି । ମହାଭାବରେ ଜର୍ଜରିତା ପ୍ରମତ୍ତା ଅଣ୍ଡାଲ୍ ଫୁଲମାଳ ଧରି ମନ୍ଦିରର ଗର୍ଭଗୃହକୁ ଛୁଟିଗଲେ । ଲୋଟିପଡ଼ିଲେ ପ୍ରଭୁରଙ୍ଗନାଥଙ୍କ ବକ୍ଷ ଉପରେ । ଗର୍ଭଗୃହର ଦ୍ୱାର ହଠାତ୍ ରୁଦ୍ଧ ହୋଇଯାଏ । ନବବଧୂ ଅଣ୍ଡାଲ୍ ଲୋକଲୋଚନରୁ ଅଦୃଶ୍ୟ ହୁଅନ୍ତି । ସମବେତ ଭକ୍ତମଣ୍ଡଳୀ ଓ ଜନତା ନିର୍ବାକ୍, ନିସ୍ତବ୍‌ଧ ହୋଇ ଚାହିଁ ରହିଥା'ନ୍ତି । କିଛିସମୟ ପରେ କୌତୂହଳର ବଶବର୍ତ୍ତୀ ହୋଇ ସମସ୍ତେ ଗର୍ଭଗୃହର ଦ୍ୱାର ଉନ୍ମୋଚନ କରନ୍ତି । ଦେଖାଯାଏ କୃଷ୍ଣଗତ ପ୍ରାଣ ଅଣ୍ଡାଲ୍ ସଂପୂର୍ଣ୍ଣରୂପେ ଲୋଟି ଯାଇଛନ୍ତି ତାଙ୍କର ପ୍ରାଣପ୍ରିୟ ରଙ୍ଗନାଥଙ୍କ ମୂର୍ତ୍ତିର ବକ୍ଷରେ, ଆଲିଙ୍ଗନରେ ତାଙ୍କୁ ଆବଦ୍ଧ କରି । ତନୁଲତା ତାଙ୍କର ସଂପୂର୍ଣ୍ଣ ନିଶ୍ଚଳ, ନିଷ୍ପନ୍ଦ । ସେଥିରେ ଆଉ ପ୍ରାଣ ନାହିଁ । ସବୁକିଛି ତାଙ୍କର ମିଶିଯାଇଚି ତାଙ୍କ ପ୍ରାଣପ୍ରିୟ ପ୍ରଭୁଙ୍କଠାରେ । ମରଲୀଳା ସମାପ୍ତ କରି ପ୍ରେମଭକ୍ତିର ମହାନ୍ ସାଧିକା ଅଣ୍ଡାଲ୍ ତାଙ୍କ ପ୍ରାଣପ୍ରିୟଙ୍କ ନିତ୍ୟଲୀଳାରେ ପ୍ରବେଶ କରିଚନ୍ତି ।

''ଅଣ୍ଡାଲ୍ କ'ଣ ଦେହତ୍ୟାଗ କଲେ ?'' କେଉଁ ସ୍ୱପ୍ନ ରାଜ୍ୟରୁ ଫେରି ଆସି ପଚାରିଲା ଭଳି ପଚାରିଲା ଅନୁରକ୍ତା ।

''ହଁ, ଅଣ୍ଡାଲ୍ ଆମ ସମସ୍ତଙ୍କ ପାଇଁ ପ୍ରେମ ଭକ୍ତିର ଏକ କାନ୍ତ କମନୀୟ ଆଦର୍ଶ ଛାଡ଼ିଯାଇ ଦେହତ୍ୟାଗ କଲେ । ଦେହତ୍ୟାଗ କରନ୍ତେ ନାହିଁ

ଆଉ କ'ଣ କରନ୍ତେ ? ତାଙ୍କର ଯେ ପାର୍ଥିବ ଜୀବନର ଲକ୍ଷ୍ୟ ପୂର୍ଣ୍ଣ ହୋଇଗଲା । ସେ ସେଇ ପର୍ଯ୍ୟନ୍ତ ଲକ୍ଷ୍ୟ ରଖିଥିଲେ – ପ୍ରଭୁଙ୍କ ଦ୍ୱାରା ପତ୍ନୀରୂପେ ଗୃହୀତା ହେବେ ।''

''ତୁମେ କହୁଥିଲ ବିଷ୍ଣୁଦତ୍ତ ନିଜକୁ ଭଗବାନଙ୍କର ସେବକ, ଦାସ ବୋଲି ଭାବି ଭକ୍ତି କରୁଥିଲେ । ଆଉ କହିଲ ଅଣ୍ଡାଲ୍ ଭଗବାନଙ୍କୁ ନିଜର ସ୍ୱାମିରୂପେ ଭକ୍ତି କରୁଥିଲେ । ଭଗବାନଙ୍କୁ କ'ଣ ଯିଏ ଯେଉଁ ଭାବରେ ଭଲ ପାଇବ, ଭକ୍ତି କରିବ ସିଏ ସେଇ ଭାବରେ ତାକୁ ଗ୍ରହଣ କରିବେ, ସେଇପରି ଭାବରେ ଉତ୍ତର ଦେବେ ?'' ପଚାରିଲା ଅନୁରକ୍ତା ।

''ହଁ, ଭଗବାନଙ୍କୁ ଯିଏ ଯୋଉ ରୂପରେ – ସଖାରୂପେ, ବନ୍ଧୁରୂପେ, ପିତାରୂପେ, ପୁତ୍ରରୂପେ, ସ୍ୱାମିରୂପେ, ମାତାରୂପେ, ପ୍ରଭୁ ବା ମାଲିକରୂପେ – ଭଲ ପାଏ, ପୂଜା କରେ, ଭକ୍ତି କରେ ସିଏ ତାକୁ ସେଇ ରୂପରେ ଗ୍ରହଣ କରନ୍ତି ଓ ତା'ର ଉତ୍ତର ସେଇରୂପେ ଦିଅନ୍ତି । ଆରମ୍ଭରେ ଭଗବାନଙ୍କ ସହ ସଂପର୍କ ଯୋଡ଼ିବା ପାଇଁ ପ୍ରତ୍ୟେକେ ତାଙ୍କର ନିଜ ସ୍ୱଭାବ ଅନୁଯାୟୀ ଭଗବାନଙ୍କୁ ଭଲ ପାଆନ୍ତି, ପରେ କିନ୍ତୁ ମହାସମୁଦ୍ରରେ ମିଳିଗଲେ ସବୁ ସଂପର୍କ ଏକ ହୋଇଯାଏ ।

''ଶ୍ରୀଅରବିନ୍ଦ କହିଛନ୍ତି :

'But Religion and the Yoga of Bhakti go farther; they attribute to this Being a Personality and human relations with the human being. In both the human being approaches the Divine by means of his humanity, with human emotions, as he would approach a fellow being, but with more intense and exalted feelings, and not only so, but the Divine also responds in a manner answering to these emotions.'

'କିନ୍ତୁ ଧର୍ମ ଓ ଭକ୍ତି ଆଉ ଟିକିଏ ଆଗକୁ ଯାଇଥା'ନ୍ତି । ସେମାନେ

ଏହି ପରମ ସତ୍ତାଙ୍କ ସହ ଏକ ବ୍ୟକ୍ତିତ୍ୱ ଓ ମଣିଷ ସହ ତାଙ୍କର ମାନବିକ ସଂପର୍କ ସବୁକୁ ଯୋଡ଼ି ଦେଇଥାଆନ୍ତି ଧର୍ମ ଓ ଭକ୍ତି ଉଭୟ କ୍ଷେତ୍ରରେ ମଣିଷ ତା'ର ମଣିଷସୁଲଭ ଗୁଣଗୁଡ଼ିକୁ, ତଥା ଆବେଗଗୁଡ଼ିକୁ ନେଇ ଭଗବାନଙ୍କର ନିକଟବର୍ତ୍ତୀ ହୋଇଥାଏ । ନିଜର କୌଣସି ସାଥୀ ସହଚର ପାଖକୁ ଗଲା ଭଳି ସେ ଭଗବାନଙ୍କ ପାଖକୁ ଯାଇଥାଏ । କିନ୍ତୁ ଏ କ୍ଷେତ୍ରରେ ସେ ଏକ ଅଧିକ ତୀବ୍ର, ଅଧିକ ସମୁନ୍ନତ ଅନୁଭୂତି ନେଇ ଆଗେଇଥାଏ । ଖାଲି ଏତିକି ନୁହେଁ, ଭଗବାନ୍ ମଧ୍ୟ ମଣିଷର ଏଇସବୁ ଭାବାବେଗର ଅନୁରୂପ ପ୍ରତ୍ୟୁତ୍ତର ଦେଇଥାଆନ୍ତି ।' ''

# ସବୁଠୁ ବଡ଼ର ସେବା

''ଦୁନିଆରେ ଯିଏ ସବୁଠାରୁ ବଡ଼ ମୁଁ ତା'ରି ସେବା କରିବି, ତା'ରି ସେବକ ହେବି । ମୁଁ ଆଉ କାହାରି ସେବା କରିବି ନାଇଁ...''

''କାହା କଥା କହୁଚ ଚିନୁ ଭାଇ ? କିଏ, ଦୁନିଆରେ ସବୁଠାରୁ ବଡ଼ ଯାହାରି ସେବା କରିବ, ଆଉ କାହା ସେବା କରିବ ନାଇଁ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟର ଅଚାନକ କଥା ଶୁଣି ।

କାହା କଥା କହୁଚି ? ସୁଲତାନ କଥା । ଭାରତର ପଶ୍ଚିମକୁ ଜାଣିଚୁ ପାକିସ୍ତାନକୁ ଲାଗି ରାଜସ୍ଥାନ ଅବସ୍ଥିତ । ଆଜିକୁ ୨୦୦ ବର୍ଷରୁ ବେଶୀ ହେବ, ସେହି ରାଜସ୍ଥାନରେ ଭରତପୁର ବୋଲି ଗୋଟିଏ ରାଜ୍ୟ ଥିଲା । ସେଇ ରାଜ୍ୟରେ ଏକ ଛୋଟ ଗାଁରେ ଏକ ଦରିଦ୍ର ମୁସଲମାନ ପରିବାରରେ ଜନ୍ମ ହେଇଥିଲା ସୁଲତାନ । ପାଠଶାଠ ପଢ଼ି ନ ଥିଲା । ମୂର୍ଖ ! ବହୁତ ସାଦାସିଧା, ସରଳ । ଯାହା ବୁଝିଥିବ ସେଇଆ । ବ୍ରହ୍ମା, ବିଷ୍ଣୁ ହେଲେ ବି ଆଉ ତାକୁ ବଦଳେଇ ପାରିବେ ନାଇଁ । ତା' ମୁଣ୍ଡରେ ଗୋଟାଏ ଅଦ୍ଭୁତ ଖିଆଲ ଜୁଟିଲା । ଅବଶ୍ୟ ଇଏ ତା' ଗଭୀର ହୃଦୟର ଏକ ପ୍ରଚ୍ଛନ୍ନ ପ୍ରଭାବ । କହିଲା – ଏ ଜଗତରେ ଯିଏ ସବୁଠାରୁ ବଡ଼ ମୁଁ ତା'ରି ସେବା କରିବି । ଆଉ କାହାରି ସେବା କରିବି ନାଇଁ ।

''ଜଗତରେ ପୁଣି ସବୁଠାରୁ ବଡ଼ କିଏ ? ତା'ର ଛୋଟ ବୁଦ୍ଧିରେ ସିଏ ବିଚାର କଲା ଯେ ସବୁଠାରୁ ବଡ଼ ହେଉଚନ୍ତି ଭରତପୁରର ରଜା । କାରଣ ଭରତପୁର ଟପି ତା'ର ଜ୍ଞାନ ଆଉ ବାହାରକୁ ଯାଇ ନାଇଁ । ତା'ପରେ ସେ ଭରତପୁର ରଜାଙ୍କ ପାଖକୁ ଗଲା । ତାଙ୍କର ସେବକରୂପେ ନିଯୁକ୍ତି ପାଇବା ଲାଗି ଅନୁରୋଧ କଲା । ତା'ର ଚେହେରାରୁ ତା'ର ସରଳତା ଓ ନିଷ୍ପାପର

ଭାବ ପ୍ରକାଶ ପାଉଥିଲା । ଭରତପୁର ରଜା ତାକୁ ତାଙ୍କ ନଅରରେ କାମ ଦେଲେ । ସୁଲତାନର ଆନନ୍ଦ କହିଲେ ନସରେ । ନିଯୁକ୍ତି ପାଇବା ଦିନଠାରୁ ତା' କାମରେ ସିଏ ଟିକିଏ ବି ହେଳା କରି ନାଇଁ । କିନ୍ତୁ ତା' ଅନ୍ତରସ୍ଥ ଭଗବାନ୍ ଏଇଥିରେ ସନ୍ତୁଷ୍ଟ ହୋଇ ନାହାନ୍ତି । ତା' ଅଜାଣତରେ ତାକୁ ଆଉ ଟିକିଏ ଆଗେଇ ନେବାର ବ୍ୟବସ୍ଥା କରିଚନ୍ତି । କାରଣ ସିଏ ସଂକଳ୍ପ କରିଚି, ଜଗତର ଯିଏ ସବୁଠାରୁ ବଡ଼ ସିଏ ତାଙ୍କରି ସେବା କରିବ ତା' ବୁଦ୍ଧିହୀନତା ଯୋଗୁଁ ଭରତପୁର ରଜାଙ୍କୁ ସିଏ ସବୁଠାରୁ ବଡ଼ ଭାବିଲା ବୋଲି କ'ଣ ତା' ଅନ୍ତରସ୍ଥ ପ୍ରଭୁ ବି ବୁଦ୍ଧିହୀନ ? କିନ୍ତୁ ସିଏ ବା କ'ଣ କରିବେ ? ତାଙ୍କର ଏଇ ସରଳ ମୂର୍ଖ ସନ୍ତାନଟିର ସେଇ ସରଳତା ଆଉ ମୂର୍ଖତାକୁ ନେଇ ତ ସେ କାମ କରିବେ । ତେଣୁ ସେଇ ସରଳତା ଓ ମୂର୍ଖତା ମଧ୍ୟରେ ଯେତେଦୂର ସମ୍ଭବ ତାକୁ ଆଉ ଏକ ସୁଯୋଗ ଦେଲେ ।

''ଦିନକର କଥା । ଭରତପୁର ରଜା କାର୍ଯ୍ୟ ଉପଲକ୍ଷେ ଜୟପୁର ରାଜଦରବାରକୁ ଯାଇଥିଲେ । ସାଙ୍ଗରେ ଥିଲା ଦେହରକ୍ଷୀ ସୁଲତାନ । ଜୟପୁର ରାଜା ଯେମିତି ଦରବାରକୁ ଆସିଚନ୍ତି ଭରତପୁର ରଜା ଉଠିପଡ଼ି ତାଙ୍କୁ ବିନୟର ସହ ସମ୍ମାନ ଜଣାଇଲେ । ଏହା ଦେଖି ସୁଲତାନର ମାନସପୁରର ସରଳ ସିଧା ରାସ୍ତାଟିରେ ଗୋଟିଏ ମୋଡ଼ ଦେଖାଦେଲା । ତା' ଭିତରଟା ଏକ ଧକ୍କା ଖାଇ ଦୋହଲି ଗଲା । ତେବେ ଭରତପୁର ରଜା ଜଗତର ସବୁଠାରୁ ବଡ଼ ନୁହନ୍ତି ? ତାଙ୍କଠାରୁ ଜୟପୁର ରାଜା ବଡ଼ । ତେବେ ସେ ଜୟପୁର ରଜାଙ୍କର ସେବା କରିବ । ଏଇଆ ଭାବି ତା' ମନ କଥା ଭରତପୁର ରଜାଙ୍କୁ ଜଣାଇ ଦେଲା । ଭରତପୁର ରଜା ଟିକିଏ ମନ ଦୁଃଖ କଲେ । କାରଣ ସୁଲତାନ ଭଳି ଭୃତ୍ୟଟିଏ ପାଇବା ବହୁତ କଷ୍ଟ । କିନ୍ତୁ କ'ଣ କରିବେ ? ସେ ଅନୁଭବ କଲେ ସୁଲତାନକୁ ବୁଝାଇ କିଛି ଫଳ ହେବ ନାଇଁ । ଶେଷକୁ ସିଏ ଜୟପୁର ରାଜାଙ୍କୁ ସୁଲତାନକୁ ରଖିବାକୁ ଅନୁରୋଧ କଲେ ଓ ତା'ର ନିଷ୍ଠା ତଥା ବିଶ୍ୱସ୍ତତାର ସୁପାରିସ୍ କଲେ । ଜୟପୁର ରାଜଦରବାରରେ ସୁଲତାନ ଜୟପୁର ମହାରାଜାଙ୍କର ଦେହରକ୍ଷୀରୂପେ ନିଯୁକ୍ତି ପାଇଲା । ଖୁବ୍ କମ୍ ଦିନରେ ତା'ର

କର୍ତ୍ତବ୍ୟପରାୟଣତା ଓ ନିଷ୍ଠା ଯୋଗୁଁ ସେ ମହାରାଜାଙ୍କର ଅତି ପ୍ରିୟପାତ୍ର ହୋଇଉଠିଲେ ।

''ସୁଲତାନର ମନ ସିନା ସେହି ସମୟ ପାଇଁ ବୁଝିଗଲା । ହେଲେ ତା' ଆତ୍ମା କ'ଣ ସେଥିରେ ବୁଝିଲା ? ସିଏ କ'ଣ ସତରେ ୟାଙ୍କରି ସେବା କରିବାକୁ ଚାହୁଁଥିଲା ? ଏ ଅଜ୍ଞାନ ଅନ୍ଧକାରମୟ ଜଗତରେ ମଣିଷ ଏମିତି ଅନ୍ଧ ପରି ଦରାଣ୍ଡି ହୋଇ ଚାଲିଥାଏ । କେତେ ଭୁଲ୍ କରେ, ଠିକ୍ କରେ । କିନ୍ତୁ କେନ୍ଦ୍ରୀୟ ସଂକଳ୍ପ ଯଦି ଦୃଢ଼ ଥାଏ ତା'ର ସବୁ ଭୁଲ୍‌ଭ୍ରାନ୍ତି ବି ଲକ୍ଷ୍ୟ-ସାଧନରେ ସହାୟକ ହୋଇଉଠେ । ଖାଲି ଯାହାଟିକେ ବିଳମ୍ବ ହୋଇଯାଏ । କିନ୍ତୁ ସେ ବିଳମ୍ବ ବି ତା'ର ପ୍ରକୃତିର ପ୍ରସ୍ତୁତି ଲାଗି ଦରକାର ।

''ଝୁଲଣ ସମୟ । ଜୟପୁର ମହାରାଜା ତାଙ୍କ ପରିବାର ସହ ବୃନ୍ଦାବନ ଯାଇଚନ୍ତି ଠାକୁରଙ୍କ ଦର୍ଶନ ପାଇଁ । ସଙ୍ଗରେ ଦେହରକ୍ଷୀ ସୁଲତାନ ବି ଯାଇଚି । ମନ୍ଦିର ମଧ୍ୟରେ ପ୍ରବେଶ କରି ମହାରାଜା ଓ ମହାରାଣୀ ଶ୍ରୀ ଗୋବିନ୍ଦଜିଙ୍କ ବିଗ୍ରହ ଆଗରେ ଭୂଇଁରେ ଶୋଇ ସାଷ୍ଟାଙ୍ଗ ପ୍ରଣାମ କଲେ ।''

''ଶ୍ରୀ ଗୋବିନ୍ଦଜି କିଏ ?'' ପଚାରିଲା ଅନୁରକ୍ତା ।

''ସିଏ ସେଇ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ।''

''ଆଚ୍ଛା, ସୁଲତାନକୁ କ'ଣ ମନ୍ଦିର ଭିତରକୁ ଛାଡ଼ିଲେ ? ସିଏ ପରା ମୁସଲମାନ ! ହସିନା, ହମିଦା ମୁସଲମାନ ଝିଅ ହୋଇଥିବାରୁ କେମିତି ପଣ୍ଡାମାନେ ତାଙ୍କୁ ଗାଳି ଦେଇଥିଲେ !'' ପୁଣି ପଚାରିଲା ଅନୁରକ୍ତା ।

''ନା, ସୁଲତାନ ମନ୍ଦିର ଭିତରକୁ ଯାଇ ନ ଥିଲା । ବାହାରେ ଠିଆ ହୋଇ ସବୁ ଦେଖୁଥିଲା । ଜୟପୁର ମହାରାଜା ଓ ମହାରାଣୀ ଭୂଇଁରେ ପଡ଼ି ଶ୍ରୀକୃଷ୍ଣଙ୍କ ବିଗ୍ରହକୁ ସାଷ୍ଟାଙ୍ଗ ପ୍ରଣାମ କରିବା ଦେଖି ତା'ର ମାନସପୁରର ରାସ୍ତାରେ ଆଉ ଏକ ମୋଡ଼ ଦେଖାଗଲା । ବିସ୍ମୟର ସୀମା ରହିଲା ନାଇଁ । ଭିତରେ ଦ୍ୱିତୀୟ ଥର ଲାଗି ଏକ ପ୍ରବଳ ଧକ୍‌କା ଅନୁଭବ କଲା । ତା'ହେଲେ ଜୟପୁର ମହାରାଜା ବି ଜଗତରେ ସବୁଠାରୁ ବଡ଼ ନୁହନ୍ତି ! ତାଙ୍କଠାରୁ ବି ଜଣେ କିଏ ଆହୁରି ବଡ଼ ଅଛନ୍ତି ! ବିସ୍ମୟବିମୂଢ଼ ସୁଲତାନ ରାଜାଙ୍କ ପାରିଷଦବର୍ଗଙ୍କୁ

ପଚାରିଲା : ସେ କିଏ ଯାହାଙ୍କୁ ମହାରାଜା ବି ପ୍ରଣାମ କଲେ । ପାରିଷଦବର୍ଗ ତା'ର ଏଇ ପ୍ରଶ୍ନରେ ହସିଉଠିଲେ । ମହାରାଜା କିନ୍ତୁ ବୁଝିପାରିଲେ । ସେ ବୁଝିପାରିଲେ ସୁଲତାନ ମୁସଲମାନ ହୋଇଥିବାରୁ ହିନ୍ଦୁ ଦେବାଦେବୀଙ୍କ ସଂପର୍କରେ ତା'ର କିଛି ଧାରଣା ନାହିଁ । ସେ ତାକୁ ବୁଝେଇ ଦେଲେ ଯେ ଯାହାଙ୍କୁ ସେ ପ୍ରଣାମ କଲେ ସେ ହେଉଚନ୍ତି ଜଗତର ଈଶ୍ୱର, ସମସ୍ତଙ୍କର ପୂଜ୍ୟ, ଆରାଧ୍ୟ । ସିଏ ସମସ୍ତଙ୍କର ପ୍ରଭୁ, ସମସ୍ତେ ତାଙ୍କର ସେବକ । ସେଇ ଶିଖିପୁଚ୍ଛଧାରୀ, ମୁରଲୀପାଣି, ଶ୍ୟାମଘନ ବିଗ୍ରହ ହେଉଚନ୍ତି ରସରାଜ ଶ୍ରୀକୃଷ୍ଣ । ଆଉ ତାଙ୍କ ପାଖକୁ ଲାଗି ଠିଆ ହୋଇଚନ୍ତି ଯିଏ ସିଏ ହେଉଚନ୍ତି ରାସେଶ୍ୱରୀ ରାଧାରାଣୀ ।

''ମହାରାଜାଙ୍କ କଥା ଶୁଣି ଦୂରରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଚାହିଁ ଦେବା ମାତ୍ରେ ସେ ନୟନମନୋଲୋଭା ବିଗ୍ରହ ଉପରୁ ଆଉ ସୁଲତାନର ଆଖି ଫେରିଲା ନାହିଁ । ତାକୁ ବୋଧ ହେଲା ଏଇ, ଠିକ୍ ୟାଙ୍କରି ସେବାହିଁ ତା'ର ଏକାନ୍ତ କାମ୍ୟ ଥିଲା । ଆଜି ପର୍ଯ୍ୟନ୍ତ ସେ ଭୁଆଁ ବୁଲୁଥିଲା । ତା'ର ଆଉ ଆଖି ଫେରିଲା ନାହିଁ କି ପାଦ ବି ଘୁଞ୍ଚିଲା ନାହିଁ । ସେ ମହାରାଜାଙ୍କୁ ଅଳି କଲା ସେଇ ମନ୍ଦିରରେ ସେଇ ଠାକୁରଙ୍କ ସେବା କରିବ । ସିଏ ଆଉ କୁଆଡ଼େ ଯିବ ନାହିଁ । ତା' ହୃଦୟର ଅଧୀଶ୍ୱର, ତା' ଜୀବନର ପ୍ରଭୁଙ୍କୁ ସେ ପାଇଯାଇଚି ।

''ମହା ଅଡୁଆରେ ପଡ଼ିଲେ ମହାରାଜା । ସୁଲତାନକୁ ସେ ବହୁତ ଭଲ ପାଆନ୍ତି । ଗୋଟିଏ ଦିଗରେ ତା'ର ସରଳ, ଅକପଟ, ଏକାନ୍ତ ଆନ୍ତରିକ ଅନୁରୋଧକୁ ସେ ଏଡ଼ିପାରୁ ନାହାନ୍ତି; ଅନ୍ୟ ଦିଗରେ ସେ ମୁସଲମାନ ହୋଇଥିବାରୁ ହିନ୍ଦୁ ମନ୍ଦିରରେ ତା'ର ରହିବାର ବ୍ୟବସ୍ଥା କରିପାରୁ ନାହାନ୍ତି । ଶେଷରେ ମହାରାଜାଙ୍କ ଆଦେଶରେ ମନ୍ଦିରର ନୀତିନିୟମ କୋହଳ ହେଲା । ସୁଲତାନ ମନ୍ଦିର ଭିତରକୁ ଯିବ ନାହିଁ; କିନ୍ତୁ ବାହାରେ ରହି ଠାକୁରଙ୍କୁ ପହରା ଦେବ ।

''ସୁଲତାନର ଆନନ୍ଦ ଆଉ ଦେଖେ କିଏ ? ସିଏ ଯେମିତି କୋଟିନିଧି ପାଇଯାଇଚି । ତା'ର ଟିକି ହୃଦୟ ଏତେ ବଡ଼ ସଂପଦକୁ ସମ୍ଭାଳିପାରୁ ନାହିଁ ।

ଠାକୁରଙ୍କ ପାଖକୁ ନ ଯାଇପାରିଲେ ନାଇଁ, ଦରଜା ପାଖରେ ରହି ତାଙ୍କୁ ସବୁବେଳେ ଦେଖୁଥିବ, ତାଙ୍କ ପାଖକୁ କେତେ ଭକ୍ତଙ୍କର ସମାଗମ ଦେଖିବ, ମନ୍ଦିର ବେଢ଼ାରେ ସଂକୀର୍ତ୍ତନ ଶୁଣିବ । ୟାଠାରୁ ବଳି ଆନନ୍ଦର କଥା ଆଉ ତା' ପାଇଁ କ'ଣ ଅଛି ?

''ଜଗତକରତା ପ୍ରଭୁ ଶ୍ରୀକୃଷ୍ଣଙ୍କ ମନ୍ଦିରର ଦରୁଆନ ବର୍ତ୍ତମାନ ସୁଲତାନ । ଛାତି ଫୁଲେଇ ଠିଆ ହୋଇଛି ସେ ମନ୍ଦିର ଦରଜାରେ । ଏତେ ଦିନକେ ପାଇଚି ତା'ର ମନଲାଖି ମାଲିକ । ମନ୍ଦିର ଭିତରୁ ସିଧା ଦେଖାଯାଉଚି ଠାରକୁଙ୍କ ସିଂହାସନ । ସିଂହାସନ ଉପରେ ରାଧାକୃଷ୍ଣଙ୍କର ଅପୂର୍ବ ସୁନ୍ଦର ଯୁଗଳ ମୂର୍ତ୍ତି । ସବୁବେଳେ ଲୋକ ଭିଡ଼ ଲାଗିଚି । ଲୋକ ଉପରେ ଲୋକ । ବିଚରା ସୁଲତାନ ତା'ର ମାଲିକଙ୍କ ମୁଖଶ୍ରୀ ସବୁବେଳେ ଦେଖିପାରୁ ନାଇଁ । କେତେବେଳେ ମୟୂର ପୁଚ୍ଛଟା ଟିକିଏ ଦିଶିଯାଉଚି ତ କେତେବେଳେ ରାଧାଙ୍କ ମୁକୁଟର କିଛି ଅଂଶ । ପୂରା ଦର୍ଶନ ହୋଇପାରୁଚି କୋଉଠି ! ବେଳେବେଳେ ଶ୍ୟାମଘନଙ୍କର ସେଇ ଗୋପୀମନୋଲୋଭା ବାଙ୍କ ଚାହାଣିଟା ଚଟ୍ କରି ତା' ନଜରରେ ପଡ଼ି ପୁଣି ଲୋକ ଗହଳିରେ ଲୁଚି ଯାଉଚି । ସେତେବେଳେ ସୁଲତାନ ଛାତିରେ ଚାଉଁକିନା ଯେମିତି କ'ଣ ଲାଗି ଯାଉଚି । ଦିହଟା ତା'ର ଶିହରି ଉଠୁଚି । ପୁଣି କେବେ ଗୋଡ଼ ଟେକି ଏପାଖ ସେପାଖ ହୋଇ ଚାହୁଁଚି । କିନ୍ତୁ ସିଏ ଆଉ ଦେଖା ଦଉ ନାହାନ୍ତି । ବଡ଼ ହୁନ୍ଦରିଆ ସିଏ, ହୃଦୟରେ ନିଆଁ ଲଗେଇ ଦେଇ ହୁନ୍ଦର ଦେଖୁଥିବେ । ପାହାନ୍ତାରୁ ରାତି ଦୁଇ ପହରଯାଏ ଲୋକ ଖାଲି ଠେଲାପେଲା । ଶଙ୍ଖ, ଘଣ୍ଟା, ଖୋଳ, କରତାଳ ଧ୍ୱନିରେ ମନ୍ଦିର ଅଗଣା ଉଚ୍ଛୁଳି ପଡ଼େ । କେତେ ଲୋକଙ୍କର କେତେ ଗୁହାରି, କେତେ ପ୍ରାର୍ଥନା ! ସୁଲତାନ ଭାବେ ତା'ର ସୁନ୍ଦରିଆ, ସୁକୁମାରିଆ ଠାକୁର ଅଣନିଃଶ୍ୱାସୀ ହୋଇଯାଉଥିବେ ।

''ମନ୍ଦିର ବେଢ଼ାରେ ସଂକୀର୍ତ୍ତନ ଜମି ଉଠେ । ସୁଲତାନ ସେଥିରୁ ବିନ୍ଦୁ ବିସର୍ଗ କିଛି ବୁଝିପାରେ ନାଇଁ । କିନ୍ତୁ ଭିତରେ ଗୋଟାଏ କିପରି ଅଜଣା ଆନନ୍ଦ ଅନୁଭବ କରେ । ଦେହମନ ତା'ର ପୁଲକିତ ହୋଇଉଠେ । ତାଳିମାରି

ସିଏ ନାଚିବାକୁ ଲାଗେ । ତାକୁ ଲାଗେ ଇଏ ହଉଚି ତା' ପ୍ରଭୁଙ୍କର ଏକ ବିଚିତ୍ର ରାଜ୍ୟ । ଏଠି ପ୍ରଳାପର ବି ଅର୍ଥ ଥାଏ । ଏଠି ପାଗଳ ହେଇ ନାଚିଲେ ବି କେହି ପାଗଳ ଭାବେ ନାଇଁ । ଏଠି ଦିନରାତି ଅଶ୍ରୁ ଝରୁଥାଏ; କିନ୍ତୁ ସେ ଅଶ୍ରୁ ବେଦନାର ନୁହଁ; ସେ ଅଶ୍ରୁ ଏକ ଅକୁହା, ଅବ୍ୟକ୍ତ ଆନନ୍ଦର । ବିଚିତ୍ର ଏ ରାଜ୍ୟ ! ବାର ମାସରେ ତେର ପର୍ବ ଲାଗିଚି । ଚନ୍ଦନ, ଝୁଲଣ, ଜନ୍ମାଷ୍ଟମୀ, ରାସପୂର୍ଣ୍ଣିମା, ଦୋଳଯାତ୍ରା ଇତ୍ୟାଦି କେତେ କ'ଣ । ଦିନେ ଦିନେ ସାଧୁ ମହାତ୍ମାମାନେ ଆସି ଠାକୁରଙ୍କ ମହାତ୍ମ୍ୟ ବର୍ଣ୍ଣନା କରନ୍ତି । ଏଠି ବିରାଟ ଆଡ଼ମ୍ବର । ରାଜ ଦରବାରରେ ତ ଏ ଆଡ଼ମ୍ବର ନ ଥିଲା । ଆଖି ଖୋସି ହୋଇଯାଏ ସରଳ, ମୂର୍ଖ ସୁଲତାନର । ଭାବେ, ଇଏ ନିଶ୍ଚେ ରାଜାଧିରାଜ, ସର୍ବଶ୍ରେଷ୍ଠ ଆଉ ସର୍ବସେବ୍ୟ । ୟାଙ୍କଠାରୁ ଆଉ ବଡ଼ କେହି ନାଇଁ । ଆଉ ସିଏ ଏତେ ବଡ଼ ମାଲିକଙ୍କ ସେବାର ଅଧିକାରୀ ହୋଇଥିବାରୁ ଆନନ୍ଦରେ କୁରୁଳି ଉଠେ, ଛାତି ତା'ର କୁଣ୍ଢେମୋଟ ହୋଇଯାଏ ।

''କିନ୍ତୁ ହୁଣ୍ଡା ଏକଜିଦିଆ ସୁଲତାନ ମନରେ ଏବେ ଟିକିଏ ଟିକିଏ ଚିନ୍ତା ଦେଖା ଦେଲାଣି । ସିଏ ବେଳେବେଳେ ଭାବୁଚି ତା'ର ପ୍ରହରିତ୍ୱ କ'ଣ ଖାଲି ଅପେକ୍ଷା କରି କରି ଅନେଇ ଅନେଇ ଶେଷ ହେଇଯିବ ? ତା'ର ପ୍ରାଣପ୍ରିୟ ମାଲିକ କ'ଣ କେବେ ତା'ରି ବାଟ ଦେଇ ଯିବେ ନାଇଁ ? ଥରଟିଏ ତାଙ୍କର ଦରୁଆନ ବୋଲି ତା' ଆଡ଼େ ଚାହିଁବେ ନାଇଁ ? ଆଉ ସିଏ ତାଙ୍କୁ ହୃଦୟର ସବୁ ଭକ୍ତି (ଯଦିଓ ଭକ୍ତି କ'ଣ ସେ ଜାଣେ ନାଇଁ) ସବୁ ଶ୍ରଦ୍ଧା, ସବୁ ସମ୍ମାନ, ସବୁ ଆବେଗ, ସବୁ ଉଚ୍ଛ୍ୱାସ ନିଗାଡ଼ି ଦେଇ ଥରଟିଏ କ'ଣ ତାଙ୍କୁ ଅଭିବାଦନ କରିବ ନାଇଁ ? ପୁଣି ତା'ର ସରଳ ମନରେ ଭାବେ ପ୍ରଭୁ ତା'ର କେତେ ବଡ଼ ! ସକାଳଠାରୁ ରାତି ପର୍ଯ୍ୟନ୍ତ କେତେ ଲୋକ କେତେ ଅଭିଯୋଗ ନେଇ ତାଙ୍କ ପାଖକୁ ଆସୁଚନ୍ତି ! ତାଙ୍କୁ ତ ଟିକିଏ ଫୁରୁସତ ମିଳୁ ନାଇଁ । କିନ୍ତୁ ତାଙ୍କର ଏତେ ବଡ଼ ରାଜ୍ୟ । ରାଜ୍ୟ ଖବର ବୁଝିବା ଲାଗି ନିଶ୍ଚେ ଦିନେ ସେ ବାହାରିବେ । ଆଉ ରାତିରେ ବାହାରିବେ । କାରଣ ଦିନଯାକ ତାଙ୍କୁ ଜମା ସମୟ ନାଇଁ । ଏମିତି ରାତିରେ ଜୟପୁର ରାଜା ଅନେକଥର ରାଜ୍ୟ ବୁଲି ବାହାରିଚନ୍ତି । ଯେତେଥର ଯାଇଚନ୍ତି ସେତେଥର ତାକୁ ସାଙ୍ଗରେ ନେଇଚନ୍ତି । ତେଣୁ ତା'ର

ପ୍ରଭୁ ଯେତେବେଳେ ରାଜ୍ୟ ବୁଲି ବାହାରିବେ ନିଶ୍ଚୟ ଏଇ ସିଂହଦରଜା ବାଟ ଦେଇଯିବେ ଓ ତାକୁ ସଙ୍ଗରେ ନେଇଯିବେ । ସେଇଥିପାଇଁ ରାତିସାରା ଜଗି ରହିବାକୁ ପଡ଼ିବ । ହୁଏତ ଆଜି ରାତିରେ ବି ଆସିପାରନ୍ତି । ମୁଁ ଚେଇଁ ନ ଥିଲେ ସିଏ ବହୁତ ହଇରାଣ ହେବେ ।

''ଏମିତି କେତେ ରାତି ସୁଲତାନ ବିତେଇ ଦେଇଚି ମନ୍ଦିର ଭିତର ଆଡ଼କୁ ଚାହିଁ ଚାହିଁ । ଦିନକୁ ଦିନ ତା'ର ଉତ୍କଣ୍ଠା ବଢ଼ିଚି ବରଂ, କମି ନାଇଁ । ମନ୍ଦିରରୁ ରାତିରେ ଲୋକମାନଙ୍କ ଭିଡ଼ କମିଯିବା ପରେ ସୁଲତାନର କାମ ଆରମ୍ଭ ହୋଇଯାଏ । ମନ୍ଦିର ବାହାର ଚାରିଆଡ଼ ନିଚିପର କରି ଝାଡୁ ଦିଏ; ପାଣି ଛିଞ୍ଚେ; ଯୂଇ, ଜାଇ, ମଲ୍ଲୀ, ବଉଳ କେତେ ଜାତିର ଫୁଲ ଆଣି ରଖିଥାଏ, ସେସବୁକୁ ରାସ୍ତା ସାରା ବିଞ୍ଚି ଦିଏ । ତା' ପ୍ରଭୁ ସେଇ ପଥ ଦେଇ ଆସିବେ ଯେ ! ଦିନେ ଦିନେ ଖୁବ୍ ମନ ଲଗେଇ, ସୁନ୍ଦର କରି ଭଲ ଭଲ ଫୁଲ ବାଛି ଦୁଇଟି ମାଳ ଗୁନ୍ଥି ରଖିଥାଏ । ଚାହିଁ ଚାହିଁ ଭାବୁଥାଏ ଦିହେଁ ଆସିଲେ କାହାକୁ ଆଗ ମାଳ ପିନ୍ଧେଇବ । ଆଗ ରାଧାରାଣୀଙ୍କୁ ପିନ୍ଧେଇବ । ଆଚ୍ଛା, ରାଧାରାଣୀଙ୍କୁ ଆଗେ ପିନ୍ଧେଇଲେ କାଳେ କୃଷ୍ଣ ମାହାର୍ଜା ମନ ଖରାପ କରିବେ ନାଇଁ ତ ? ତା'ହେଲେ ଗୋଟାଏ କାମ କଲେ ଭଲ ହେବ । ଦି'ଟା ଯାକ ମାଳ ଦି' ହାତରେ ଧରି ଦିହିଙ୍କ ବେକରେ ଏକ ସଙ୍ଗେ ପକେଇ ଦେବ । ଗଲା, ଅଡୁଆ ନ ଥିବ । କିଏ କାଇଁକି ମନ ଦୁଃଖ କରିବ ? ଧେତ୍, ଏସବୁ ଏତେକଥା କ'ଣ ବସି ଚିନ୍ତା କରୁଛି । ଆଗ ସେ ଦିହେଁ ଆସନ୍ତୁ । ତାଙ୍କୁ ପ୍ରଥମେ ସଲାମ୍ କରିବାକୁ ହବ, ତାଙ୍କ ଚରଣ କମଳରେ ସାଷ୍ଟାଙ୍ଗ ପ୍ରଣାମ କରିବାକୁ ହବ । ତା'ପରେ ଯାଇ ଯୋଉ କଥା । ମୁଣ୍ଡ ନୁଆଁଇ ଅତି ବିନମ୍ର ଭାବରେ, ଆଦେଶ ଅପେକ୍ଷାରେ ତାଙ୍କ ଆଗରେ ଠିଆ ହବାକୁ ହବ ।

''ଏମିତି, ଏମିତି କେତେ କଥା ସୁଲତାନ ଚିନ୍ତା କରେ । କଳ୍ପନାର ଜାଲ ବୁଣେ । ସାରା ରାତି ଚାହିଁ ଚାହିଁ ବିତେଇ ଦିଏ; କିନ୍ତୁ ତା'ର ଈପ୍‌ସିତ ମାଛ ତା' ଜାଲ ଭିତରକୁ ଆସନ୍ତି ନାଇଁ । ରାତି ସରିଯାଏ । ଫୁଲହାର ବାସି ହୁଏ, ମନଟା ଟିକିଏ ତା'ର ମଉଳି ଯାଏ, ଅଥଚ ହୃଦୟରେ ସେଇ ଅଭୀପ୍ସା,

ସେଇ ଅଜଣା ଭକ୍ତିର ମନ୍ଦାକିନୀ ଧାରା ଲିଭେ ନାଇଁ, ଶୁଷ୍କ ହୁଏ ନାଇଁ । ନିରନ୍ତର ନିରବଚ୍ଛିନ୍ନଭାବେ ଜଳୁ ଥାଏ, ବହିବାରେ ଲାଗିଥାଏ । ମାସ ପରେ ମାସ ଗଡ଼ିଯାଏ । ଖରା, ବର୍ଷା, ଶୀତ, କାକର ତାକୁ କିଛି ଜଣାପଡ଼େ ନାଇଁ । ଜଣାପଡ଼େ ନାଇଁ ସେ କେତେଦିନ ଅପେକ୍ଷା କଲାଣି । ଅପେକ୍ଷା କରିବା ଯେପରି ତା'ର ବ୍ରତ । ସେଇଥିରେ କେତେ ଆଶା, କେତେ ସମ୍ଭାବନା, କେତେ ଅନାଗତ ଆନନ୍ଦ ପୂରି ରହିଥାଏ । ସେ ଆସିବେ ନାଇଁ ବୋଲି କେବେ ତା' ଭିତରେ ହତାଶା ଆସେ ନାଇଁ । ତା' ହୃଦୟ ନିଭୃତ ଭାବରେ ଜାଣେ ନିଶ୍ଚୟ ସେ ଆସିବେ । ଏଇ ବାଟ ଦେଇଯିବେ । ତା'ର ସଲାମ ଗ୍ରହଣ କରିବେ, ତାକୁ ତାଙ୍କ ସଙ୍ଗରେ ନେବେ ।

''କେତେ ବର୍ଷ ଯେ ଏମିତି ବିତିଗଲାଣି ସୁଲତାନର ଖିଆଲ ନାଇଁ । ସମୟ ଜ୍ଞାନ ଯାହାର ନାଇଁ ସେ ସମୟର ଦୀର୍ଘତା ବା ଜାଣିବ କେମିତି ? କିନ୍ତୁ ମନଟା ତା'ର ବେଳେବେଳେ ଅଥୟ ହେଇପଡ଼େ । ସବୁ ବାଧାବିଘ୍ନକୁ ବାଡ଼େଇ ଭାଙ୍ଗି ଚୂନା କରି ତାଙ୍କ ପାଖକୁ ଦଉଡ଼ି ଯିବାକୁ ଇଚ୍ଛା ହୁଏ । ଇଚ୍ଛା ହୁଏ ଚଢ଼େଇଟିଏ ହେଇ ଡେଣା ମେଲେଇ ସୀମାହୀନ ନୀଳ ଆକାଶ ଭେଦ କରି ତାଙ୍କରି ଦିବ୍ୟଧାମକୁ ଉଡ଼ିଯିବାକୁ । ତାକୁ ଏ ଗତାନୁଗତିକ ଜୀବନ ଆଉ ସୁଖ ଦିଏ ନାଇଁ । କିନ୍ତୁ ପ୍ରତିଟି ରାତି ତା'ର ଏଇ ସଜଳ, ସକରୁଣ, ସଭକ୍ତି ପ୍ରତୀକ୍ଷାକୁ ଉପହାସ କରି ଚାଲିଯାଏ । ବେଳେବେଳେ ତା' ମନରେ ଭରି ଦେଇଯାଏ ଅଭିମାନ । ତାକୁ ଛଟପଟ ଲାଗେ । ପ୍ରଭୁଙ୍କୁ ତା'ର ଗାଳି ଦେବାକୁ ଇଚ୍ଛା ହୁଏ । ଭାବେ ମୁଁ କ'ଣ ଏମିତି ଅପରାଧ କଲି ଯେ ମୋତେ ଏମିତି ଦଣ୍ଡ ଦେଉଚନ୍ତି ? ଏମିତି ଜଳୋଉଚନ୍ତି ?

''ଏବେ କେଇଦିନ ହେଲାଣି ସୁଲତାନର ଅବସ୍ଥା ବଦଳି ଯାଇଚି । ବାହ୍ୟ କୌଣସି କଥାରେ ତା'ର ଆଉ ସୁଖ ନାଇଁ । ସାରାଦିନ ମନ୍ଦିରର ଶ୍ରୀବିଗ୍ରହ ପ୍ରତି ଅନେଇ ରହୁଚି । ଗୁଣୁ ଗୁଣୁ କରି ତା' ଭାଷାରେ ମନକୁ ମନ କ'ଣ ସବୁ କହିଯାଉଚି । ବେଳେବେଳେ ହଠାତ୍ ଉଠିପଡ଼ି ସଲାମ କରୁଚି । ବାଡ଼ି ଧରି ଚିତ୍କାର କରୁଚି 'ହଟୋ, ହଟୋ ମହାରାଜ ବିଜେ କରିବେ, ହଟୋ ।'

ବେଳେବେଳେ ଉଚ୍ଚ ସ୍ୱରରେ ଗୀତ ଗାଇ ଉଦ୍ଦଣ୍ଡ ନୃତ୍ୟ କରୁଚି । ଅନ୍ୟ ସମୟରେ ଖାଲି ଚୁପ୍ ହୋଇ ବସିରହୁଚି । ବେଳେବେଳେ ମୁହଁରେ ଲୁଗା ଘୋଡ଼େଇ ରଖୁଚି । ବୋଧହୁଏ ତା' ଭିତରେ ଲୁଚେଇ ଲୁଚେଇ କାନ୍ଦୁଚି । ପ୍ରସାଦ ସେମିତି ତା' ଆଗରେ ଥୁଆ ହଉଚି, ତାକୁ ଚାହୁଁ ନାଇଁ କି ଛୁଉଁ ନାଇଁ । ସମସ୍ତେ ଭାବୁଚନ୍ତି ସୁଲତାନ ପାଗଳ ହେଇଯାଇଚି । ପାଗଳ ହେଇଯାଇଛି କି ସେ ଆଉ କେଉଁ ଲୋକରେ ବିଚରଣ କରୁଚି; ଆଉ ସେ ଲୋକ ଓ ଏ ଲୋକ ଭିତରେ ସାମଞ୍ଜସ୍ୟ ରଖିପାରୁ ନାଇଁ, ସେକଥା କିଏ ଜାଣେ ?

''ସବୁଦିନ ପରି ଆଜି ସକାଳ ହେଲା । ଚାରିଆଡ଼େ ଭରି ଉଠିଲା ନୂତନ ଜୀବନର ସ୍ପନ୍ଦନ । ସକାଳର ସେଇ ମୃଦୁ ମନ୍ଦ ସମୀରଣ ଓ ନାନା ଜାତିର ପକ୍ଷୀମାନଙ୍କ କାକଳି ସହ ଧ୍ୱନିତ ହେଇଉଠିଲା ମନ୍ଦିର ପ୍ରାଙ୍ଗଣରେ ଭକ୍ତଗଣଙ୍କର ପ୍ରଭାତ ବନ୍ଦନା । ଶଙ୍ଖ, ଘଣ୍ଟା, ଖୋଳ କରତାଳ ବାଜି ଉଠିଲା । ପ୍ରଭୁଙ୍କ ପହୁଡ଼ ଭାଙ୍ଗିବ । ସିଏ ଶେଯ ଛାଡ଼ି ନିଦରୁ ଉଠିବେ । କିନ୍ତୁ ଇଏ କ'ଣ ହେଲା ? ଯେମିତି ଶଙ୍ଖ, ଘଣ୍ଟା, ଖୋଳ, କରତାଳ ବାଜି ଉଠିଚି କୁଆଡ଼େ ଥିଲା ସୁଲତାନ ଏକା କୁଦାକେ ଆସି ମନ୍ଦିର ଭିତର ସିଂହଦ୍ୱାର ପାଖରେ ହାଜର । ମନ୍ଦିର ଭିତରକୁ ପ୍ରବେଶ କରିବାକୁ ମନା ଥିବା ସତ୍ତ୍ୱେ ସିଏ ଆଜି କିଛି ମାନିଲା ନାଇଁ । ସମସ୍ତେ କାବା ! ଖାଲି ପଶି ଆସିଲା ନାଇଁ, ପାଟି କରି କହିଲା, 'ବନ୍ଦ କର, ବନ୍ଦ କର ଏସବୁ ତୁମର ଗୀତବାଦ୍ୟ ।' ଖାଲି କହି କରି ସନ୍ତୁଷ୍ଟ ହେଲା ନାଇଁ । ସେବକମାନଙ୍କ ହାତରୁ ଶଙ୍ଖ, ଘଣ୍ଟା, ଖୋଳ, କରତାଳ ସବୁ ଛଡ଼େଇ ନେଲା । କହିଲା, 'ମୋର ମହାରାଜା ମହାରାଣୀଙ୍କୁ ଉଠାଅ ନାଇଁ । ତାଙ୍କୁ ଶୋଇବାକୁ ଦିଅ ।' କିଏ ଶୁଣୁଚି ତା' କଥା । ସମସ୍ତେ ଜାଣନ୍ତି ସୁଲତାନ ପାଗଳ ହେଇଯାଇଚି । ପାଗଳଟା କଥା କିଏ ଶୁଣିବ ! ପୁଣି ସମସ୍ତେ ଶଙ୍ଖ, ଘଣ୍ଟା, ଖୋଳ, କରତାଳ ବଜେଇବାକୁ ଲାଗିଲେ । ଏଥର ସୁଲତାନର ରାଗ ଦେଖେ କିଏ । ରାଗି ଫଁ ଫଁ ହୋଇ ବୀର ବିକ୍ରମରେ ଯାଇ ସମସ୍ତଙ୍କ ହାତରୁ ବାଦ୍ୟଯନ୍ତ୍ର ଛଡ଼େଇ ଫିଙ୍ଗି ଦେଲା । କଡ଼ା ସ୍ୱରରେ ଧମକ ଦେଇ କହିଲା, 'ନାଇଁ କରୁଚି ବଜେଇବାକୁ, ପୁଣି ବଜୋଉଚ ? ଯାହା ହବାର ହଉ, ମୁଁ କଦାପି

ଏ ସମୟରେ ମୋ ପ୍ରଭୁଙ୍କୁ ଉଠେଇବାକୁ ଦେବି ନାହିଁ । ଦିହେଁଯାକ ଏଇ ଅଳ୍ପ ସମୟ ହେଲା ଯାଇ ଶୋଇଚନ୍ତି । ଆଉ କିଛି ସମୟ ଶୁଅନ୍ତୁ ।

''କେହି ବୁଝିପାରିଲେ ନାହିଁ ସୁଲତାନର କଥା । ତା'ର ଏପରି ଆକସ୍ମିକ ବ୍ୟବହାରରେ ମନ୍ଦିରର ନୀତି ନିୟମ ସବୁ ଭାଙ୍ଗିଯାଇ ଥିବାରୁ ସମସ୍ତେ କ୍ଷୁବ୍ଧ । ସାରା ବୃନ୍ଦାବନରେ ବିଜୁଳି ଭଳିଆ ଏ ଖବର ବ୍ୟାପିଗଲା । କୁଆଡୁ କୁଆଡୁ ଲୋକ ଛୁଟି ଆସି ମନ୍ଦିର ଚାରିପାଖ ବେଢ଼ି ଗଲେଣି ଘଟଣା କ'ଣ ଜାଣିବାକୁ । ମନ୍ଦିର ଅଧିକାରୀଙ୍କ ପାଖକୁ ଖବର ଗଲା । ସୁଲତାନ କିନ୍ତୁ ଏସବୁଥିରେ ନିର୍ବିକାର । ତା'ର ଉଦ୍ଦେଶ୍ୟ ସାଧିତ ହୋଇଚି । ମନ୍ଦିରରେ ଶଙ୍ଖ, ଘଣ୍ଟା, ଖୋଳ, କରତାଳ ବାଜିବା ବନ୍ଦ ହୋଇଯାଇଚି । ସିଏ ତା'ର ଆରାମରେ ଯାଇ ତା' ଜାଗାରେ ଆସନ ଜମେଇ ବସିଚି । ମୁହଁରେ ତା'ର ଅପୂର୍ବ ପ୍ରସନ୍ନତା, ଆଖିରେ ତା'ର ଅନିନ୍ଦ୍ୟ ଜ୍ୟୋତିଃ, ଶରୀରରେ ତା'ର ଅପାର୍ଥିବ ପୁଲକ ଓ ରୋମାଞ୍ଚ । ତାକୁ ଯେତେବେଳେ ଧମକାଯାଇ ପଚରାଗଲା – ସେ କାହିଁକି ଆଜି ଏପରି ବ୍ୟବହାର କଲା ବୋଲି; ସେତେବେଳେ ସେ ନିଜକୁ ଆଉ ସମ୍ଭାଳି ପାରିଲା ନାହିଁ । ଆଖିରୁ ତା'ର ଧାର ଧାର ଲୁହ ଗଡ଼ି ପଡ଼ିଲା । କଣ୍ଠ ତା'ର ବାଷ୍ପାକୁଳିତ ହୋଇଉଠିଲା । ବହୁ କଷ୍ଟରେ ନିଜକୁ ସମ୍ଭାଳି କହିଲା – 'କାଲି ଅଧରାତି । ସବୁଦିନ ଭଳି ମୁଁ ମୋ ମହାରାଜା ଆଉ ମହାରାଣୀଙ୍କ ଆଡ଼େ ଅନେଇ ଏଇଠି ବସିଥିଲି । ଭାବୁଥିଲି କେତେବେଳେ ଏ ଦେଉଳ ଦୁଆର ଫିଟିବ ଆଉ ସେ ଦୁହେଁ ବୁଲିବାକୁ ବାହାରିବେ । ଏତିକିବେଳେ ଶୁଣିଲି ଏକ ଅପୂର୍ବ ଧ୍ୱନି । ବହୁଦୂରରୁ ଯେପରି ଭାସି ଆସୁଥିଲା ବଂଶୀର ଏକ ସୁମଧୁର, ସୁଲଳିତ ସ୍ୱନ । କେଉଁଠୁ ଆସୁଥିଲା ବୁଝିପାରିଲି ନାହିଁ । ସେଇଥିରେ ମୁଁ ନିଜକୁ ହଜେଇ ଦେଇଥିଲି । ହଠାତ୍ ଦେଖିଲି ଏକ ଦିବ୍ୟ ପ୍ରକାଶ ସହ ମନ୍ଦିରର ଦ୍ୱାର ଖୋଲିଗଲା । ତା' ଭିତରୁ ହାତ ଧରାଧରି ହୋଇ ବାହାରି ଆସିଲେ ମୋର ଚିର ଅପେକ୍ଷିତ ପ୍ରାଣପ୍ରିୟ ପ୍ରଭୁ ଆଉ ମାଆ ରାଧାରାଣୀ । କି ଅପୂର୍ବ ତାଙ୍କର ବେଶ ! ମଣି, ମୁକ୍ତା, ହୀରାନୀଳାର କେତେକେତେ ଅଳଙ୍କାର ପିନ୍ଧିଚନ୍ତି ! ଚାହିଁଲେ ଆଖି ଝଲସି ଯାଉଚି । ଆଉ ତାଙ୍କ ଶରୀରରୁ କି ଏକ ଦିବ୍ୟ

ମନମତାଣିଆ ସୁଗନ୍ଧ ବାହାରି ସାରା ବାୟୁମଣ୍ଡଳରେ ଖେଳିଯାଉଚି । ଦେଖୁ ଦେଖୁ ଦିହେଁ ଆସି ମୋ ପାଖରେ ପହଞ୍ଚିଗଲେ । ମୁଁ କେତେ ଆଗରୁ ଭାବିଥିଲି ତାଙ୍କୁ ଦେଖିଲେ ସଲାମ ବଜେଇବି, ଦଣ୍ଡ ପ୍ରଣାମ କରିବି; କିନ୍ତୁ କିଛି କରିପାରିଲି ନାଇଁ । ସବୁ ଭୁଲିଗଲି । କେତେ ସୁନ୍ଦର ମାଳ କରି ରଖିଥିଲି, ତାଙ୍କ ଗଳାରେ ପିନ୍ଧେଇ ଦେବା ଲାଗି; କିଛି କରିପାରିଲି ନାଇଁ । ସବୁ ମୋର ଓଲଟପାଲଟ ହୋଇଗଲା । ସିଏ ଦିହେଁଯାକ ତ ମୋତେ ଦେଖି ଖାଲି ହସୁଚନ୍ତି । ସେ ହସ, କ'ଣ କହିବି ସେ ହସରୁ ଯେମିତି ଆନନ୍ଦର ତରଙ୍ଗ, ମହୁର ସୁଅ ଖାଲି ଚାରିଆଡ଼କୁ ଖେଳି ଯାଉଥାଏ; ଆଉ ମୋ ହୃଦୟକୁ ଛୁଇଁ ଯାଇ ତାକୁ ପୁଲକିତ କରି ଦେଉଥାଏ । ତା'ପରେ ଶୁଣିଲି ମୋ ନାଆଁ ଧରି ଡାକୁଚନ୍ତି । କି ମଧୁର, କି ସ୍ନେହ ଭରା ସେ ଡାକ ! ମିଛ କହୁ ନାଇଁ ଆଜ୍ଞା । ଠିକ୍ ମୋ ନାଆଁ ଧରି ଡାକିଲେ, ତାଙ୍କ ପଛେ ପଛେ ଯିବା ଲାଗି ଇଙ୍ଗିତ ଦେଲେ । ମୁଁ ତ ଯନ୍ତ୍ର ଭଳିଆ ଚାଲୁଥାଏ । ମୋର ଆଉ ନିଜର ହୋଇ କିଛି ନ ଥାଏ । କେମିତି ଯେ ଚାଲିପାରୁଥାଏ ତା' ବି ମୁଁ କହିପାରୁ ନାଇଁ । ଯାଇ ପହଞ୍ଚିଲୁ ଯମୁନା କୂଳରେ । କ'ଣ କହିବି ଆଜ୍ଞା ସେ ସ୍ଥାନର ଶୋଭା ! ଯମୁନା କୂଳ ଖାଲି ଦିବ୍ୟ ଆଲୁଅରେ ଉଦ୍ଭାସିତ ! ଆକାଶରେ ଅପୂର୍ବ ରଙ୍ଗ, ପବନରେ ଗୋଳି ହୋଇଥାଏ ଅନିର୍ବଚନୀୟ ମାଦକତା ଆଉ ସୁରଭି । କୁଆଡୁ ଭାସି ଆସୁଥାଏ ସୁମଧୁର ସଙ୍ଗୀତ । ସେଇ ସଙ୍ଗୀତର ତାଳେ ତାଳେ ଆଗପଛ, ଉପରୁ ତଳୁ ଚାରିପାଖରୁ ନାଚି ନାଚି ଆସି ଜମିଗଲେ ଅସଂଖ୍ୟ ଅପରୂପା ତରୁଣୀ । ସମସ୍ତେ ଆନନ୍ଦରେ ନୃତ୍ୟରତ । ମୋ ମହାରାଜା ଓ ମହାରାଣୀ ବି । କି ମିଠା ସେ ବଇଁଶୀର ସ୍ୱନ ! କି ସୁନ୍ଦର ସେ ରୂପ ଆଉ ନାଚ ! ମୁଁ ତ ମୋ ଦିହ ଭିତରେ ଥିଲି ବୋଲି ଜମା ଜାଣିପାରୁ ନ ଥିଲି । ଖାଲି ଗୋଟାଏ ଆନନ୍ଦର ସୁଅ ବହୁଥିଲା । ଆମେ ସମସ୍ତେ ସେଥିରେ ଭାସୁଥିଲୁ । ନାଚ ମଝିରେ ମାଆ କ'ଣ କଲେନା ତାଙ୍କ ପାଦର ନୂପୁର ବାହାର କରି ମୋତେ ବଢ଼େଇ ଦେଲେ । କହିଲେ ନାଚିବାରେ ଅସୁବିଧା ହେଉଚି ଏଇଟା ଧରିଥା । ତାଙ୍କ ଦେଖାଦେଖି ପ୍ରଭୁ ବି ତାଙ୍କ ମୁଣ୍ଡରୁ ଶିଖିପୁଚ୍ଛ ଖୋସା ମୁକୁଟଟାକୁ ବାହାର କରି କହିଲେ ଏଇଟାକୁ ବି ଧରିଥା । ଦୁହେଁଯାକ

ପୁଣି ମଜ୍ଜିଗଲେ ମହାନୃତ୍ୟରେ । ଏଇ ଭୋର ହେବାକୁ ଅଳ୍ପ ସମୟ ବାକୀ ଥିଲା ନାଚ ବନ୍ଦ ହେଲା । ସେସବୁ ସୁନ୍ଦରୀ ତରୁଣୀମାନେ କିଏ କୁଆଡ଼େ ଚାଲିଗଲେ । ମୋ ପ୍ରଭୁ ମା'ଙ୍କ ସହ ଅଳ୍ପ ସମୟ ହେଲା ମନ୍ଦିରକୁ ଫେରିଚନ୍ତି । ଏଇ ତାଙ୍କୁ ଛାଇ ନିଦ ଲାଗି ଆସୁଥିବ । ଏବେ କହନ୍ତୁ ତ ଏତେବେଳେ ଏମାନେ ଆସି ଏଠି ବାଜା ବଜେଇବାକୁ ମୁଁ କେମିତି ଛାଡ଼ି ଦେବି ? ସେମାନଙ୍କ ନିଦ ଭାଙ୍ଗିଯିବ ନାଇଁ ?

''ସୁଲତାନ ଖାଲି ଏତିକି କହିଲା ନାଇଁ, ଛାତି ଫୁଲେଇ ଦେଖେଇଦେଲା ଶ୍ରୀପୟର ନୂପୁର ଆଉ ପ୍ରଭୁଙ୍କ ମୁକୁଟ । ନୂପୁର ସାରା ଲାଗିଥିଲା ଯମୁନାର ବାଲି । ସମସ୍ତେ ମନ୍ଦିର ଖୋଲି ଦେଖିଲେ ସତକୁ ସତ ପ୍ରଭୁଙ୍କ ମୁକୁଟ ନାଇଁ କି ରାଧାରାଣୀଙ୍କ ନୂପୁର ନାଇଁ ।

''ପ୍ରଭୁଙ୍କ ମନ୍ଦିର ଖୋଲା ହେବା ଦେଖି ସୁଲତାନ ନିଜକୁ ସମ୍ଭାଳି ପାରିଲା ନାଇଁ । ଧାଇଁ ଗଲା ସିଂହାସନ ପାଖକୁ । ଛାତିରେ ବହୁ ଯତ୍ନ, ବହୁ ସ୍ନେହରେ ଜାବୁଡ଼ି ଧରିଚି ତା'ର ପ୍ରାଣପ୍ରିୟ ମହାରାଜା ଓ ମହାରାଣୀଙ୍କ ଅଙ୍ଗାଭରଣ ଦୁଇଟି । ସମସ୍ତେ ନିର୍ବାକ୍ ! କିଏବା ତାକୁ କହିବ, ତୁ ମୁସଲମାନ, ତୋର ମନ୍ଦିରରେ ପଶିବା ଅଧିକାର ନାଇଁ । ସିଏ ଯେ ସମସ୍ତଙ୍କ ହୃଦୟକୁ ଅଧିକାର କରି ସାରିଲାଣି । ବିନା ବାଧାରେ ସୁଲତାନ ଯାଇ ସିଂହାସନ ଉପରେ ସେ ଅଙ୍ଗାଭରଣ ଦୁଇଟି ରଖିଦେଲା ଆଉ ଚାହିଁରହିଲା ଅପଲକ ନେତ୍ରରେ ତା'ର ପ୍ରାଣପ୍ରିୟ ସେଇ ଯୁଗଳ ମୂର୍ତ୍ତିକି । ତା'ର ସବୁକିଛିକୁ ନେଇ ତାଙ୍କରି ସାଙ୍ଗରେ ମିଶେଇ ଦେଲା । ଅଳ୍ପ ସମୟ ପରେ ଅସାଡ଼ ଶରୀରଟା ତା'ର ଟଳି ପଡ଼ିଲା ପ୍ରଭୁଙ୍କ ସିଂହାସନ ତଳେ । ତା'ର ମର୍ତ୍ତ୍ୟ ଖେଳ ସରିଗଲା । ସେ ତା'ର ପ୍ରଭୁଙ୍କ ସହ ଅମର୍ତ୍ତ୍ୟ ଲୋକରେ ନିତ୍ୟ ଖେଳରେ ଯୋଗ ଦେଲା । ସମବେତ ଜନତାଙ୍କ ମୁହଁରୁ ଝରୁଥିଲା ଖାଲି 'ହରିବୋଲ୍' । ଆଉ ଆଖିରୁ ଝରୁଥିଲା ଅଶ୍ରୁର ଜଳ । ଆଉ ସିଂହାସନ ଉପରର ଯୁଗଳ ମୂର୍ତ୍ତିଙ୍କ ଆଖି ବି ତାଙ୍କର ଏଇ ସରଳ ଭକ୍ତ ସନ୍ତାନଟି ପାଇଁ ଛଳ ଛଳ ହୋଇଉଠିଥିଲା ।''

ନିର୍ବାକ୍, ନିଷ୍ପନ୍ଦ ଅନୁରକ୍ତା କିଛି ସମୟ ପରେ ତା'ର ତନ୍ମୟତା,

ମୋହାଚ୍ଛନ୍ନତା କଟେଇ କହିଲା, ''ନିଜକୁ ଚାକର ବୋଲି ଭାବି ବି ପ୍ରଭୁଙ୍କ ସହ ଏତେ ନିବିଡ଼, ଅନ୍ତରଙ୍ଗ ସଂପର୍କ ରଖି ହୁଏ ?''

''ହଁ, ଇଏ ତ ଦରମାଲୋଭୀ ବାଧ୍ୟ ସେବକ ନୁହଁ । ଇଏ ଯେ ସଜୀବ, ସପ୍ରେମ, ସଶ୍ରଦ୍ଧ, ସମର୍ପିତ ଏକ ସେବକ । ସେଇଥିପାଇଁ ଶ୍ରୀଅରବିନ୍ଦ କହିଚନ୍ତି :

"He is the Master; but in this way of approach all distance and separation, all awe and fear and mere obedience disappear, because we become too close and united with him for these things to endure and it is the lover of our being who takes it up and occupies and uses and does with it whatever he wills. Obedience is the sign of the servant, but that is the lowest stage of this relation, *dãsya*. Afterwards we do not obey, but move to his will as the string replies to the finger of the musician. To be the instrument is this higher stage of self-surrender and submission. But this is the living and loving instrument and it ends in the whole nature of our being becoming the slave of God, rejoicing in his possession and its own blissful subjection to the divine grasp and mastery. With a passionate delight it does all he wills it to do without questioning and bears all he would have it bear, becuase what it bears is the burden of the beloved being.

''ସିଏ ହଉଚନ୍ତି ପରମପ୍ରଭୁ; କିନ୍ତୁ ଏଇ ଭାବ ନେଇ ଆମେ ତାଙ୍କର ନିକଟବର୍ତ୍ତୀ ହେବା ମାର୍ଗରେ ସକଳ ଦୂରତ୍ୱ ଓ ସକଳ ବିଚ୍ଛିନ୍ନତା, ସକଳ ଶଙ୍କା ଓ ସକଳ ଭୟ ତଥା ଶୁଷ୍କ ତୁଚ୍ଛ ଆଜ୍ଞାନୁବର୍ତ୍ତିତା କୁଆଡ଼େ ଉଭେଇ ଯାଇଥାଏ ।

କାରଣ ଏଇ ଭାବ ନେଇ ତାଙ୍କ ଆଡ଼କୁ ଗଲେ ଆମେ ତାଙ୍କର ଏତେ ଅନ୍ତରଙ୍ଗ ହୋଇପଡୁ ଓ ଏତେ ପରିମାଣରେ ତାଙ୍କ ସହ ଯୁକ୍ତ ହୋଇଯାଉ ଯେ ଏସବୁ କଥା ଆଉ ତିଷ୍ଠିରହିବାକୁ ସୁଯୋଗ ପାଆନ୍ତି ନାହିଁ । ଆମ ସତ୍ତାଟିର ପ୍ରେମିକ ଆମ ସତ୍ତାଟିକୁ ଗ୍ରହଣ କରିନିଅନ୍ତି, ତାକୁ ଅଧିକାର କରନ୍ତି ଓ ସେ ଯାହା ଚାହାନ୍ତି ସେଇ ଅନୁଯାୟୀ ତାକୁ ବ୍ୟବହାର କରନ୍ତି ଓ କାର୍ଯ୍ୟରେ ଲଗାନ୍ତି । ଆଜ୍ଞାନୁବର୍ତ୍ତିତା ହଉଚି ଭୃତ୍ୟର ଚିହ୍ନ; କିନ୍ତୁ ତାହା ହଉଚି ଭଗବାନଙ୍କ ସହ ଏହି ପ୍ରକାର ସଂପର୍କର ସର୍ବନିମ୍ନ ଅବସ୍ଥା, ଯାହାକୁ କୁହାଯାଏ **ଦାସ୍ୟଭକ୍ତି** । ପରେ ଆମେ ଆହୁରି ଅଗ୍ରସର ହେଲେ ଆଉ କୌଣସି ଆଜ୍ଞା ପାଳନ କରିବାର ଅନୁଭବ କରୁ ନାହିଁ, ବାଦ୍ୟଯନ୍ତ୍ର ତା'ର ସଙ୍ଗୀତଜ୍ଞର ଅଙ୍ଗୁଳିର ପ୍ରତ୍ୟୁତ୍ତର ଦେଲା ଭଳି ଆମେ ତାଙ୍କରି ଇଚ୍ଛାରେ ପରିଚାଳିତ ହେଉ । ତାଙ୍କର ଯନ୍ତ୍ର ହୋଇଉଠିବାହିଁ ଆତ୍ମ-ସମର୍ପଣ ଓ ଆତ୍ମ-ନିବେଦନର ଉଚ୍ଚତର ଅବସ୍ଥା ବୋଲି କୁହାଯାଏ । କିନ୍ତୁ ଏହା ଏକ ପ୍ରେମଭରା ଜୀବନ୍ତ ଯନ୍ତ୍ର, ଏହାର ଶେଷ ପରିଣତି ହଉଚି ଆମ ସତ୍ତାର ସମଗ୍ର ପ୍ରକୃତି ଭଗବାନଙ୍କର କ୍ରୀତଦାସ ହୋଇ ଯିବାରେ, ତାଙ୍କରି ଦ୍ୱାରା ଅଧିକୃତ ହୋଇ ପରମାନନ୍ଦ ଲାଭ କରିବାରେ ଓ ତାଙ୍କରି ଦିବ୍ୟ ହାତମୁଠା ଓ ପ୍ରଭୁତ୍ୱ ମଧ୍ୟରେ ନିଜକୁ ଉଲ୍ଲସିତ ଭାବେ ବିକି ଦେବାରେ । ସେ ଏହା (ଯନ୍ତ୍ରଟି) ଯାହା କରୁ ବୋଲି ଇଚ୍ଛା କରନ୍ତି ଏହା ସେସବୁକୁ ବିନା ପ୍ରଶ୍ନରେ ଏକ ଆବେଗମୟ ଆନନ୍ଦର ସହ କରିଯାଏ ଓ ସିଏ ଏହା ଯାହା ବହନ କରୁ ବୋଲି ଇଚ୍ଛା କରନ୍ତି ସେସବୁକୁ ଏ ସେଇ ଏକା ଆନନ୍ଦର ସହ ବହନ କରିଥାଏ, କାରଣ ଯାହା ସେ ବହନ କରେ ତାହା ଯେ ଏକ ପ୍ରେମାସ୍ପଦ ସତ୍ତାର ଭାର ।

# ହିନ୍ଦୁ ଠାକୁର ଓ ମୁସଲମାନ ବାଳକ

''ଚିନୁ ଭାଇ ହସିନା କଥା ମୋ ମନରୁ ଯାଉ ନାହିଁ । ଏତେ କଷ୍ଟ କରି ଏତେ ଦୁଃଖ ଯନ୍ତ୍ରଣା ସହି ସେ ଆରବରୁ ଆସିଥିଲା ବୃନ୍ଦାବନରେ ତା'ର ପ୍ରାଣପ୍ରିୟ ଶ୍ରୀକୃଷ୍ଣଙ୍କୁ ଦେଖା କରିବ ବୋଲି; କିନ୍ତୁ ମନ୍ଦିରର ପଣ୍ଡାମାନେ ସିଏ ମୁସଲମାନ ଝିଅ ବୋଲି ତାକୁ ଏପରି ଗାଳି ଦେଇ, ଅପମାନିତ କରି ଫେରାଇ ଦେଲେ ! ଗତଥର ଯେଉଁ ସୁଲତାନ କଥା କହୁଥିଲ ତାକୁ ବି ସେମିତି ମନ୍ଦିର ଭିତରକୁ ପଶିବାକୁ ଅନୁମତି ନ ଥିଲା । କିନ୍ତୁ ସୁଲତାନ ଅପେକ୍ଷା ହସିନା କଥା ଭାବିଲେ ମୋତେ ବେଶୀ ଦୁଃଖ ଲାଗେ । ଖାଲି ହିନ୍ଦୁ ପଣ୍ଡାମାନେ ମୁସଲମାନମାନଙ୍କୁ ଏପରି ଘୃଣା କରନ୍ତି ନା ମୁସଲମାନମାନେ ବି ହିନ୍ଦୁମାନଙ୍କୁ ଏମିତି ଘୃଣା କରନ୍ତି ? ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ହସିନା ଓ ସୁଲତାନ ଭଳି ଭକ୍ତଙ୍କ ପାଇଁ ବିଶେଷ କରି ହସିନା ପାଇଁ ତୋ ମନ ଦୁଃଖ ହେବା ସ୍ୱାଭାବିକ । ହିନ୍ଦୁମାନେ ଯେ ମୁସଲମାନମାନଙ୍କୁ ଖାଲି ଘୃଣା କରନ୍ତି ତା' ନୁହେଁ ମୁସଲମାନମାନେ ବି ହିନ୍ଦୁମାନଙ୍କୁ ସେଇପରି ଘୃଣା କରନ୍ତି । ଧର୍ମ ମାନେ'ଇ ସେଇଆ – ସଂକୀର୍ଣ୍ଣତା, ହୀନତା, ନୀଚତା, ସ୍ୱାର୍ଥପରତା । ପ୍ରତ୍ୟେକ ଧର୍ମକୁ ସେସବୁ ଧର୍ମର ଧର୍ମଯାଜକମାନେହିଁ ଏପରି ହୀନତା, ନୀଚତା, ସଂକୀର୍ଣ୍ଣତା ପ୍ରଦାନ କରିଚନ୍ତି । ବାସ୍ତବରେ ହିନ୍ଦୁଧର୍ମ ବହୁତ ଉଦାର, ବ୍ୟାପକ, ମହାନ୍ । ପଣ୍ଡାମାନେ ଯେଉଁ ଠାକୁର ଅପବିତ୍ର ହେବେ ବୋଲି ହସିନା, ହମିଦା, ସୁଲତାନ ଭଳି ଭକ୍ତମାନଙ୍କୁ ମନ୍ଦିର ପ୍ରବେଶର ଅଧିକାର ଦେଇ ନାହାନ୍ତି ସେଇ ଠାକୁର ଦେଖିଲୁନି କିପରି ସେମାନଙ୍କୁ ଅତି ଆପଣାର କରିନେଇଚନ୍ତି । ସେଥିରେ ବି ପଣ୍ଡାମାନଙ୍କର ଆଖି ଫିଟେ ନାହିଁ । ଧର୍ମ ନାମରେ ନିଜର ସଂକୀର୍ଣ୍ଣତାକୁହିଁ ଜାହିର କରିଥାଆନ୍ତି । ସବୁ ଧର୍ମ ଆଜି ଅନ୍ୟାୟ, ଅସତ୍ୟ, ବ୍ୟଭିଚାର, ଅତ୍ୟାଚାରରେ କଳୁଷିତ । ଧର୍ମର ଆଉ ମଣିଷ-ସମାଜ ପାଇଁ

କୌଣସି ଉପକାରିତା ନାଇଁ । ବରଂ ଅପକାରିତା ବଢ଼ିଯାଇଚି । ବର୍ତ୍ତମାନ ଧର୍ମ ସ୍ଥାନରେ ଆସୁଚି ଆଧ୍ୟାତ୍ମିକତାର ଯୁଗ, ଯଥାର୍ଥ ସତ୍ୟର ଯୁଗ ।

''ଶୁଣିବୁ ହିନ୍ଦୁ ପଣ୍ଡାମାନେ ଯେପରି ମୁସଲମାନ ତଥା ଅନ୍ୟ ଜାତିକୁ ଘୃଣା କରନ୍ତି ସେମିତି ଧର୍ମାନ୍ଧ ମୁସଲମାନ ବି କିପରି ହିନ୍ଦୁମାନଙ୍କୁ ଘୃଣା କରନ୍ତି ? ଅବଶ୍ୟ ଏଇ ଘୃଣାର ତିକ୍ତତା ମଧ୍ୟରେ ତୁ ଶୁଣିବାକୁ ପାଇବୁ ଅପୂର୍ବ ଭକ୍ତିର ଏକ ମଧୁର କାହାଣୀ ।''

''ହଁ, କୁହ ।'' ଖୁସୀ ହୋଇ କହିଲା ଅନୁରକ୍ତା ।

''ଶ୍ରୀଅରବିନ୍ଦ ଆଶ୍ରମର ଜଣେ ପୁରୁଣା ସାଧକ । ନାମ ତାଙ୍କର ପ୍ରମୋଦ କୁମାର ଚାଟାର୍ଜୀ । ଜଣେ ବିଖ୍ୟାତ ଚିତ୍ରଶିଳ୍ପୀ । ଏବେ ଆଉ ସେ ସ୍ଥୂଳ ଶରୀରରେ ନାହାନ୍ତି । ଶ୍ରୀଅରବିନ୍ଦ ଆଶ୍ରମ ମେଡ଼ିଟେସନ୍ ହଲ୍‌ର ପୂର୍ବ ପଟ କାନ୍ଥରେ ଟଙ୍ଗା ହୋଇଥିବା ମା'ଶ୍ରୀଅରବିନ୍ଦଙ୍କର ବିରାଟ ତୈଳଚିତ୍ର ତାଙ୍କରି କୃତି । ୧୯୬୨ ମସିହା ଅଗଷ୍ଟ ୧୫ରେ ସେ ତାଙ୍କ ସୂକ୍ଷ୍ମ ଦର୍ଶନରେ ମା'ଶ୍ରୀଅରବିନ୍ଦଙ୍କୁ ଯେପରି ଦେଖିଥିଲେ ସେଇପରି ଆଙ୍କିଥିଲେ । ମା' ସେ ଫଟୋ ଦେଖି ତାକୁ ଅନୁମୋଦନ କରିଥିଲେ ଓ ମେଡିଟେସେନ୍ ହଲ୍‌ରେ ଟଙ୍ଗା ହେବା ଲାଗି ନିର୍ଦ୍ଦେଶ ଦେଇଥିଲେ । ସେଇ ବିଖ୍ୟାତ ସାଧକ ଚିତ୍ରଶିଳ୍ପୀ ଶ୍ରୀଅରବିନ୍ଦ ଆଶ୍ରମ ଆସିବା ପୂର୍ବରୁ ତନ୍ତ୍ର ସାଧନା ଲାଗି ଗୁରୁ ଖୋଜିବା ନିମନ୍ତେ ଭାରତର ବିଭିନ୍ନ ସ୍ଥାନରେ ବୁଲି ବିଭିନ୍ନ ସାଧୁ ସନ୍ୟାସୀଙ୍କ ସହ ସାକ୍ଷାତ୍ କରି ବିଚିତ୍ର ଅନୁଭୂତି ଓ ଅଭିଜ୍ଞତାସବୁ ଲାଭ କରିଥିଲେ । ସେ ତାଙ୍କର ଏଇ ଅନୁଭୂତି ଓ ଅଭିଜ୍ଞତାର କଥା 'ତନ୍ତ୍ରାଭିଳାଷୀର ସାଧୁସଙ୍ଗ' ନାମକ ଦୁଇଖଣ୍ଡ ପୁସ୍ତକରେ ଲିପିବଦ୍ଧ କରି ଯାଇଚନ୍ତି । ଏହା ତାଙ୍କର ପ୍ରତ୍ୟକ୍ଷ ଅନୁଭୂତି ଓ ଅଭିଜ୍ଞତାର କଥା । ଯେଉଁ ସମୟର କଥା କୁହାଯାଉଚି ତା' ହଉଚି କାର୍ତ୍ତିକମାସ । ଶରୀରରେ ଲାଗିଲାଣି ପ୍ରଥମ ଶୀତର ମଧୁର ସ୍ପର୍ଶ । ଆମର ତନ୍ତ୍ରାଭିଳାଷୀ ପ୍ରମୋଦ ଚାଟାର୍ଜୀଙ୍କର ସେ ସମୟରେ ମନ ପ୍ରଫୁଲ୍ଲ, ଶରୀର ସୁସ୍ଥ ଆଉ ଅନ୍ତରରେ ଉଦ୍ଦାମ ଆଶା । ବୃନ୍ଦାବନ ଯିବା ବାଟରେ ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ମଥୁରାରେ ଦୁଇଦିନ ଅଟକି ଯାଇଚନ୍ତି । ମଥୁରାର ସୁପ୍ରାଚୀନ ଧ୍ୱଂସମୁଖୀ କେଶବ ମନ୍ଦିର

ଓ କଂସ କାରାଗାର ଦେଖିବାର ତାଙ୍କର ଇଚ୍ଛା । ସେସବୁ ଦେଖି ସେ ତାଙ୍କର ସେଠାକୁ ଯିବାଟା ବ୍ୟର୍ଥ ମନେ କଲେ । ସେସବୁ ସ୍ଥାନର ମହତ୍ତ୍ୱ ଯେପରି ବର୍ଣ୍ଣନା ହେଇଚି ସେଠାକାର ଲୋକମାନେ ସେ ସମ୍ବନ୍ଧେ ସଂପୂର୍ଣ୍ଣ ଅନଭିଜ୍ଞ । ସେମାନେ ସେ ସ୍ଥାନକୁ କୌଣସି ଗୁରୁତ୍ୱ ଦିଅନ୍ତି ନାଇଁ । ଚିରାଚରିତ ଢଙ୍ଗରେ ଜୀବନ ଯାତ୍ରା ଚାଲିଥାଏ । ସେଠାରେ ତିନିଘଣ୍ଟା କାଳ ବୁଲି ପ୍ରମୋଦ ଚାଟାର୍ଜୀଙ୍କୁ କ୍ଳାନ୍ତ ଓ ବିରକ୍ତ ଲାଗିଲା । ସେ ଯମୁନା କୂଳକୁ ଚାଲି ଆସି ଯମୁନା ଜଳରେ ମୁହଁ, ହାତ ଧୋଇ ସେଠାକାର ବିଶ୍ରାମ ଘାଟରେ ଟିକିଏ ବସିଲେ । ଯମୁନାର ଜଳ କଲ୍ଲୋଳ ସହ ତାଳ ଦେଇ ସଂଧ୍ୟା ଆରତି ବାଜି ଉଠିଲା । ସେଇ ପରିବେଶରେ ଆମ ତନ୍ତ୍ରାଭିଳାଷୀ ସାଧକ ଶିଳ୍ପୀ ତନ୍ମୟ ହୋଇଉଠିଲେ । କିଛି ସମୟ ପରେ ଆରତି ଶେଷ ହେଲା । ଜନ ସମାଗମ ପତଳା ହୋଇଗଲା । ଆମର ତନ୍ତ୍ରାଭିଳାଷୀ ଉଠି ଠିଆହେଲେ ତାଙ୍କ ଧର୍ମଶାଳାକୁ ଫେରିବା ଲାଗି । ହଠାତ୍ ତାଙ୍କ ନଜରରେ ପଡ଼ିଲା ଜଣେ ମୁସଲମାନ ଭଦ୍ରଲୋକଙ୍କର କଞ୍ଚାପାଚିଲା ଦାଢ଼ି ଯୁକ୍ତ ମୁଖ । ସେଇ ମୁସଲମାନଟି ଜଣେ ଭଦ୍ର ଘରର ଲୋକ ଭଳି ଦେଖାଯାଉଥିଲେ ଓ ବେଶଭୂଷା ତାଙ୍କର ଆଧୁନିକ ଥିଲା । ତାଙ୍କର ସନ୍ଧାନୀ ଆଖି ଯେପରି କ'ଣ ଖୋଜିବାରେ ବ୍ୟସ୍ତ ଥିଲା । ତା' ସହ ଆମ ତନ୍ତ୍ରାଭିଳାଷୀଙ୍କ ଉପରେ ମଧ୍ୟ ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା । ଦୁଇଜଣଙ୍କ ଚକ୍ଷୁ ମିଳିଯିବାରୁ ତନ୍ତ୍ରାଭିଳାଷୀ କୌତୂହଳୀ ହୋଇ ତାଙ୍କ ସମ୍ମୁଖକୁ ଗଲେ । ମୁସଲମାନ ଭଦ୍ରବ୍ୟକ୍ତି ଜଣକ ତନ୍ତ୍ରାଭିଳାଷୀଙ୍କୁ ଆହୁରି ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ରହିଲେ । ଏଥର ତନ୍ତ୍ରାଭିଳାଷୀ ହିନ୍ଦୀରେ ପଚାରିଲେ । 'ଆପଣ କାହାକୁ ଖୋଜୁଥିଲା ପରି ଜଣାପଡୁଚି ?' ସେ 'ହଁ' କହି ୟାଙ୍କ ଚେହେରାରୁ ବଙ୍ଗାଳୀ ଅନୁମାନ କରି ପଚାରିଲେ । 'ଆପଣ କ'ଣ ବଙ୍ଗାଳୀ ?' ତା'ପରେ ଦୁହେଁ ବଙ୍ଗଳାରେ କଥାବାର୍ତ୍ତା ହେଲେ । ପ୍ରଥମେ ପ୍ରଥମେ ତନ୍ତ୍ରାଭିଳାଷୀ ତାଙ୍କୁ ଗୁପ୍ତରେ ପୁଲିସ ବୋଲି ଭାବୁଥିଲେ । କାରଣ ବଙ୍ଗାଳୀମାନଙ୍କୁ ଅନ୍ୟ ସ୍ଥାନରେ ସେ ସମୟରେ ସନ୍ଦେହ କରାଯାଉଥିଲା । ଯାହାହେଉ ଏ ସନ୍ଦେହ ତାଙ୍କର କଟିଗଲା । କିଛି ଆଳାପ ପରେ ସେ ମୁସଲମାନ ଭଦ୍ରଲୋକ ତନ୍ତ୍ରାଭିଳାଷୀଙ୍କୁ ଅନୁରୋଧ କଲେ ନିକଟରେ

ଥିବା ତାଙ୍କ ଘରକୁ ଯିବାକୁ । କାରଣ ସେ ସେଠାକୁ ଗଲେ ତାଙ୍କ ସହ କିଛି ଗୁରୁତର କଥାବାର୍ତ୍ତା ହେବେ । ତନ୍ତ୍ରାଭିଳାଷୀ ଗଲେ, ଦେଖିଲେ ଘର ବହୁତ ବଡ଼ଲୋକୀ ଢଙ୍ଗରେ ହୋଇଥିଲେ ବି ବହୁତ ଅପରିଷ୍କାର । ମଣିଷର ଚେହେରା ଆଉ ବାସସ୍ଥାନ ଭିତରେ ଏତେ ତଫାତ ଥାଏ ବୋଲି ସେ କଳ୍ପନା କରି ନ ଥିଲେ । ଭିତରେ ତୀବ୍ର ଅଶାନ୍ତି ବୋଧର ସହ ସେ କହିଲେ 'ଯମୁନା କୂଳକୁ ଚାଲନ୍ତୁ, ସେଇଠି ବସି କଥାବାର୍ତ୍ତା ହେବା ।' ତା'ପରେ ଦୁହେଁ ଯମୁନା କୂଳକୁ ଆସିଲେ । ସେଠାରେ ମୁସଲମାନ ଭଦ୍ରବ୍ୟକ୍ତିଟି କହିଲେ, 'ସାଧୁଜି, ମୋର ସନ୍ତାନ ବୋଲି ଗୋଟିଏ ମାତ୍ର ପୁଅ । ଆଜିକୁ ଦଶ, ବାର ଦିନ ହେବ ସେ କୁଆଡ଼େ ଚାଲିଯାଇଚି । ...ତା'ର ସ୍ୱଭାବ ବଡ଼ ଅଦ୍ଭୁତ । ଆମେ ମୁସଲମାନ । ଆପଣ ଜାଣିପାରୁଥିବେ କି ନାଇଁ ଆମେ ହଉଚୁ ବାଦଶା ଜାତି । ସୁଲତାନ ଆଲାମ୍‌ଙ୍କ ଅମଳରୁ ଦିଲ୍ଲୀରେ ଆମର ପ୍ରଭାବ ପ୍ରତିପତ୍ତି ଚଳିଆସୁଚି । ଦିନ ଥିଲା ଯେତେବେଳେ ସାରା ହିନ୍ଦୁସ୍ତାନ ଆମ ହୁକୁମରେ ଚାଲୁଥିଲା । ଡାଫ୍‌ରାଇନ୍ ଲାଟ୍ ଆମକୁ ସବୁ ଜାଗିରି ଦେଇ ଆଗ୍ରାରେ ରଖିଥିଲେ । ଆକ୍‌ବରୀରେ ଏସବୁ କଥା ଛପାହୋଇ ଲେଖାହେଇଚି ।' ଏସବୁ ବାଜେ କଥା ଶୁଣି ତନ୍ତ୍ରାଭିଳାଷୀ ଅଧୀର ହେଇ ପିଲାଟିର କଥା କ'ଣ ଶୀଘ୍ର କହିବାକୁ ଅନୁରୋଧ କଲେ । ମୁସଲମାନ ଭଦ୍ରବ୍ୟକ୍ତି ଟିକିଏ ବ୍ୟଗ୍ରତା ପ୍ରକାଶ କରି କହିଲେ । 'ହଁ, ହଁ, ସେଇକଥା ତ କହୁଚି । କିନ୍ତୁ କଥା କ'ଣ କି ଠାକୁରଜି,— ଆମର ଖାନ୍‌ଦାନ୍ କଥାଟା ନ ଜାଣିଲେ ସେ କେତେବଡ଼ ଘରର ପୁଅ ହେଇ କି ନିର୍ବୋଧ କାମ କଲା ସେ କଥା ଆପଣ ବୁଝିବେ କିପରି ? ସେଇଥିପାଇଁ ତ ମୂଳରୁ କଥାଟା... 'ତନ୍ତ୍ରାଭିଳାଷୀ ବ୍ୟସ୍ତ ହୋଇ ହାତ ଯୋଡ଼ି କହିଲେ, 'ଦୟାକରି ଅସଲ କଥାଟା ଆରମ୍ଭ କରନ୍ତୁ ।' ସେ ଭଦ୍ରବ୍ୟକ୍ତି ପୁଣି ଆରମ୍ଭ କଲେ, 'ହଁ, ସେଇକଥା ତ କହୁଚି । ଏଇ ଯେ ଆମର ଧର୍ମ — ଦିନେ ସାରା ଦୁନିଆକୁ ଏଇ ଇସଲାମ ଧର୍ମ ଗ୍ରହଣ କରିବାକୁ ହେବ । ତା' ନ ହେଲେ କେହି କେବେ ବି ଉଦ୍ଧାର ପାଇପାରିବେ ନାଇଁ । ଆମେ ହଉଚୁ ସେଇ ମୁସଲମାନ । ହିନ୍ଦୁମାନେ ଆମ ସମ୍ମୁଖରେ କାଫେର ।'

''କାଫେର କ'ଣ ?'' ପଚାରିଲା ଅନୁରକ୍ତା ।

''କାଫେର ଅର୍ଥ ଯେଉଁମାନେ ବିଧର୍ମୀ । ଯେଉଁମାନଙ୍କର ଧର୍ମ ନଷ୍ଟ ହୋଇଯାଇଚି ।''

''ହଉ, ସେଇଠୁ କୁହ ।''

''ତା'ପରେ ସେ ମୁସଲମାନ ଭଦ୍ରବ୍ୟକ୍ତି କହିଚାଲିଲେ, 'ପ୍ରତ୍ୟେକ ହିନ୍ଦୁ ସେ ଯେତେ ବଡ଼ ହଉନା କାଇଁକି ଆମେ ତାଙ୍କୁ କାଫେର ବୋଲି ଜାଣୁ । ଆମ୍ଭମାନଙ୍କ ମୁଲ୍ଲା ସେମାନଙ୍କ ଛାଇ ବି ସ୍ପର୍ଶ କରନ୍ତି ନାଇଁ ।''

''ମୁଲ୍ଲା କିଏ ?'' ପୁଣି ପଚାରିଲା ଅନୁରକ୍ତା ।

''ମୁଲ୍ଲା ହେଉଚନ୍ତି ମୁସଲମାନମାନଙ୍କର ପ୍ରଧାନ ଧର୍ମଯାଜକ । ସେଇମାନଙ୍କ ନିର୍ଦ୍ଦେଶରେ ମୁସଲମାନ ସମାଜ ପରିଚାଳିତ ହୁଏ । ସେ ଭଦ୍ରଲୋକ କହିଚାଲିଲେ, 'ଆମର ଏଇ ଖୋଦାର ଅନୁଗ୍ରହପୂର୍ଣ୍ଣ ଧର୍ମର ମହିମା ଯଦି କାଫେରମାନେ ବୁଝିପାରନ୍ତି ଓ କେବେ ଆମ ଧର୍ମ ଗ୍ରହଣ କରନ୍ତି ତେବେ ତାଙ୍କୁ ଆମେ ନିଜ ଲୋକ ଭଳି ଗ୍ରହଣ କରିନେଉ । କିନ୍ତୁ ତା' ବୋଲି କାଫେରମାନଙ୍କ ସଙ୍ଗେ ଆମର ବଂଧୁତ୍ୱ କେବେ ଚଳେ ନାଇଁ ।'

''ଖୋଦା କିଏ ?'' ପୁଣି ପଚାରିଲା ଅନୁରକ୍ତା,

''ଆମେ ଯାହାଙ୍କୁ 'ଭଗବାନ୍' କହୁ ମୁସଲମାନମାନେ ତାଙ୍କୁ 'ଖୋଦା' କହନ୍ତି । ସେ ମୁସଲମାନ ଭଦ୍ରଲୋକଙ୍କର ଏହିପରି ଗୁଡ଼ାଏ ନିରର୍ଥକ ଘୃଣା ବିଦ୍ୱେଷପୂର୍ଣ୍ଣ ଉପକ୍ରମଣିକା ଶୁଣି ତନ୍ତ୍ରାଭିଳାଷୀ ଆହୁରି ବ୍ୟସ୍ତ ହୋଇ ପଡ଼ିଲେ । ଆଉ ସେଠାରେ ସମୟ ନଷ୍ଟ ନ କରିବା ଉଚିତ ମନେ କରି ସେ କହିଲେ, 'ଆପଣ ବସିଥାଆନ୍ତୁ, ମୁଁ ଯାଉଚି ।' ମୁସଲମାନ ଭଦ୍ରବ୍ୟକ୍ତି ଜଣକ ଟିକିଏ ଆଘାତ ପାଇ କହିଲେ, 'ନାଇଁ, ନାଇଁ ବସନ୍ତୁ, ମୁଁ ଏଥର ମୋ ପୁଅର କଥା କହୁଚି ।' ତନ୍ତ୍ରାଭିଳାଷୀ ବାଧ୍ୟ ହୋଇ ବସିଲେ । ମୁସଲମାନ ଭଦ୍ରଲୋକ ଆରମ୍ଭ କଲେ, 'ଜାଣନ୍ତି କି ଆମର ଉଦାର ଧର୍ମ ସଙ୍ଗେ ହିନ୍ଦୁମାନଙ୍କର ମୂର୍ତ୍ତି-ପୂଜାମୂଳକ ଧର୍ମର କୌଣସି ତୁଳନା ହୋଇପାରେ ନାଇଁ ? କୋରାନ ଗ୍ରନ୍ଥ ଉପରେ ଆମର ବିଶ୍ୱାସ । ସେଥିରେ କୁହାଯାଇଚି ଯେ ହିନ୍ଦୁମାନେ କେବେ ବି

ସ୍ୱର୍ଗକୁ ଯାଇପାରିବେ ନାହିଁ । ସେମାନଙ୍କୁ ନିଶ୍ଚୟ ନର୍କକୁ ଯିବାକୁ ହେବ । ସେଇଥିପାଇଁ ଆମର ଖାନ୍‌ଦାନ୍ ଘରର ପିଲାମାନଙ୍କୁ ବାଲ୍ୟକାଳରୁ କିପରି ଧର୍ମରେ ମତିଗତି ରଖିବେ ସେଇ ଶିକ୍ଷା ଦିଆଯାଏ ।'

ତନ୍ତ୍ରାଭିଳାଷୀ ଏ କଥାରେ ଆହୁରି ବ୍ୟସ୍ତ ଆଉ ବ୍ୟଗ୍ର ହୋଇପଡ଼ି କହିଲେ, 'ଏଥର ଟିକେ ଦୟାକରି ଆପଣଙ୍କର ପୁଅର କଥା କ'ଣ କହିବାକୁ ଚାହାନ୍ତି କହନ୍ତୁ ।' ସଙ୍ଗେ ସଙ୍ଗେ ମୁସଲମାନ ଭଦ୍ରବ୍ୟକ୍ତି କହି ଉଠିଲେ, 'ହଁ, ସେଇ କଥା ତ କହୁଚି । ମୋ ପୁଅର ନାମ ହଉଚି ଦାଦାର୍ ରହମାନ୍ । ସେ ମକ୍ତବରେ ପଢୁଥିଲା । ଦୁଇତିନି ଖଣ୍ଡ ଇଂରାଜୀ ବହି ବି ପଢ଼ିଥିଲା । ତା'ର ସ୍ୱଭାବ ବହୁତ ଶାନ୍ତ । ସମସ୍ତେ ତାକୁ ଭଲ ପାଆନ୍ତି । ଟିକିଏ ଲାଜକୁଳା ଥିଲା । କହି ବୋଲି ସେମିତି ପାରୁ ନ ଥିଲା । ମୁଁ ତାକୁ ବହୁତ କଡ଼ା ଶାସନରେ ରଖିଥିଲି । କାରଣ ଆମମାନଙ୍କର ଖାନ୍‌ଦାନ୍‌ର ନିୟମ ହଉଚି ସେଇଆ । ମୋର ବିଶ୍ୱାସ ଥିଲା ସେ ଦିନେ ଜଣେ ଖାଣ୍ଟି ମୁସଲମାନ ହେଇଉଠିବ । ଏବେ ତା'ର ବୟସ ପ୍ରାୟ ଷୋହଳ ବର୍ଷ ହେବ । ଦିନେ କ'ଣ ହେଲାନା ସିଏ ତା' ମାଆ ପାଖରେ ଏକ ବେହେଡ଼ା ପ୍ରଶ୍ନ କରି ବସିଲା । କ'ଣ ସେ କହିଲା ଜାଣନ୍ତି ? 'ଏତିକି କହି ହାଁ କରି ତନ୍ତ୍ରାଭିଳାଷୀଙ୍କ ମୁଖକୁ ସେ ଭଦ୍ରବ୍ୟକ୍ତି ଚାହିଁ ରହିଲେ ଯେପରି ସିଏ ବି ଅବାକ୍ ହେଉଚନ୍ତି କି ନାହିଁ ଦେଖିବାକୁ । ତନ୍ତ୍ରାଭିଳାଷୀ କହିଲେ, 'ମୁଁ କିପରି ଜାଣିବି ? ମୁଁ କ'ଣ ସେ ସମୟରେ ଉପସ୍ଥିତ ଥିଲି ?'

''ଭଦ୍ରବ୍ୟକ୍ତି ପୁଣି କହିଚାଲିଲେ, 'ସେ କ'ଣ କହିଲା ଜାଣନ୍ତି ? କହିଲା – ଆମ୍ମା ! ତୁମେସବୁ ହିନ୍ଦୁମାନଙ୍କୁ କାଫେର କାହିଁକି କୁହ ? କହ,– ମୋତେ ଆଜି ଏକଥା ତତେ କହିବାକୁ ହେବ । ଆମ୍ମା ତ ମାଇପି ଲୋକ । କିଛି କହିପାରିଲା ନାହିଁ । ରାତିରେ ମୋତେ କହିଲା ଯେ ପୁଅ ଏଇ କଥା ପଚାରୁଚି । ଏକଥା ଶୁଣି ମୋ ଦେହଟା ତ ଜଳିଉଠିଲା । ସଙ୍ଗେ ସଙ୍ଗେ ଟୋକାର କାନ ଧରି ଘିଡ଼ି ଘିଡ଼ି କରି ଘୋଷାଡ଼ି ଆଣିଲି, ପାଏଁ ପାଏଁ ବେତ ମାଡ଼ ବସେଇ ଦେଇଗଲି । ମାଡ଼ ଚଲାଉ ଥାଏ ଆଉ ଏଣେ କହୁଥାଏ – ଯିଏ ଏଇ ପବିତ୍ର ମୁସଲମାନ ଧର୍ମରେ ବିଶ୍ୱାସ ନ କରି ମୂର୍ତ୍ତି ପୂଜା କରେ ତାକୁ ଆମେ କାଫେର

ବୋଲି କହୁ । ଏଇ କଥା କୋରାନରେ ଲେଖା ଅଛି । ତୁ ଆଉ ଦିନେ ଏକଥା ପଚାରିବୁ ? ହିନ୍ଦୁ ନାଁ ପାଟିରେ ଧରିବୁ ? ସେ ପଦଟିଏ କଥା ବି କହିଲା ନାଇଁ । ମୋ କଥାର କିଛି ଉତ୍ତର ଦେଲା ନାଇଁ । ମୋର ତ ଖାଲି ଧଇଁ ପେଲିଲା ।' ଏହା କହି ସେ ଧକେଇବାକୁ ଲାଗିଲେ । ତା'ପରେ ପୁଣି କହିଲେ, 'ଆମେ ହଉଚୁ ଖୋଦାଙ୍କଠାରୁ ଜନ୍ମ ନେଇଥିବା ଜୀବ । ଆମ ପିଲାଙ୍କ ମୁହଁରେ ଏସବୁ କଥା କାଇଁକି ? ଯାହାହେଉ, ଛାଡ଼ ସେ କଥା । ଏଣିକି ପିଲାଟା ସେଇ ଦିନଠାରୁ ଆଉ କାହାକୁ କିଛି ପଚାରେ ନାଇଁ । କିପରି ଏକ ଗମ୍ଭୀର ଭାବେ କାହାରି ସଙ୍ଗରେ କିଛି କଥାବାର୍ତ୍ତା ନ ହୋଇ ଚୁପ୍‌ଚାପ୍ ଦିନ କାଟିଲା । ମୁଁ ଭାବିଲି ମୋର କଡ଼ା ଶାସନରେ ତା'ର ଜ୍ଞାନ ଉଦୟ ହେଇଚି ।

'କାଶେମ୍ ବୋଲି ମୋର ଗୋଟିଏ ଭାଇ ପୁଅ ତା' ସଙ୍ଗେ ପଢୁଥିଲା । କାଶେମ୍ ଏହି ବୟସରେ ପାଞ୍ଚ ଥର ନମାଜ ପଢ଼େ । ଆମେ ଯାହା କରି ନ ପାରୁ ତା' କରେ । ସେ ବହୁତ ଉଚ୍ଚ ସ୍ତରର ମୁସଲମାନ । ପରେ ସେ ଜଣେ ଖୁବ୍ ନାମଜାଦା ବ୍ୟକ୍ତି ହେବ ଏ ବିଶ୍ୱାସ ଆମର ଅଛି । ସେଇ ଘଟଣା ପରେ ଦିନେ ସଂଧ୍ୟା ନମାଜର ପରେ କାଶେମ୍ ଚୁପି ଚୁପି ଆସି ମତେ କହିଲା – ଚାଚାଜି, ଦାଦାର ପୂରାପୂରି କାଫେର ହେଇଯାଇଚି । ହିନ୍ଦୁମାନଙ୍କର ମନ୍ଦିରରେ ଯେଉଁ ଦେବତା ଅଛି ତା' ଆଡ଼କୁ ସେ ଚାହିଁ ରହୁଚି, ଦରଜା ପାଖରେ ଚୁପ୍ ହୋଇ ଠିଆ ହେଇ ଦେଖୁଚି, ଆଉ ବିଡ଼୍ ବିଡ଼୍ କରି କ'ଣସବୁ କହୁଚି ଓ ବେଳେବେଳେ କାନ୍ଦୁଚି । ତା' ଆଖିରୁ ଲୁହ ବୁହେ, ମୁଁ ନିଜେ ଦେଖିଚି ।

'କାଶେମ୍ କଥା ଶୁଣି ତାକୁ ସଙ୍ଗରେ ଧରି ମୁଁ ଏକେବାରେ ଯାଇ ଦରଗା ସରିଫ୍‌ରେ ପହଞ୍ଚିଲି । ସେଠାରେ ଆମର ମୁଲ୍ଲା, ହାପିଜି, ହାକିମ ପ୍ରଭୃତି ଥାଆନ୍ତି । ସେଇଠାକୁ ଗଲି । ସେମାନେ କାଶେମ୍‌କୁ ଖୋଳିତାଡ଼ି ସବୁ କଥା ପଚାରିଲେ । ସେ ନିଜେ ଆଖିରେ କ'ଣ ଦେଖିଚି ପଚାରିବାରୁ କାଶେମ୍ କହିଲା – 'ଆମେ ପଅରି ଦିନ ଦୁହେଁ ଯାକ ମକ୍ତବରୁ ବାହାରି ଯେତେବେଳେ ଘରକୁ ଆସୁଥିଲୁ ସେତେବେଳେ ବାଟରେ ସେ ମତେ କହିଲା ତୁ ଘରକୁ ଯା' ମୁଁ ଟିକିଏ ପରେ ଯାଉଚି । ମୁଁ ଠିକ୍ ଜାଣିଥିଲି ସେ ବାଟରେ କାଫେର ହିନ୍ଦୁଙ୍କର

ଯେଉଁ ଦେବ ମନ୍ଦିର ଅଛି ସେଇଠିକି ଯିବ ବୋଲି ମତେ ଦୂରେଇ ଦଉଚି । ମୁଁ କହିଲି ନାଇଁ ମୁଁ ତତେ ସେଠାକୁ ଯିବାକୁ ଦେବିନି । ସେଠାକୁ ଗଲେ ତୁ କାଫେର ହେଇଯିବୁ । ଶୁଣି ସେ କ'ଣ କହିଲା କି ? କହିଲା ଭାଇୟା, ତୁ ଏ ମନ୍ଦିରର ଦେବତା କିଷନ୍‌ଜି ଆଉ ତାଙ୍କ ବିବିକୁ ଦେଖିଚୁ ? ମୁଁ କହିଲି ଆମକୁ କ'ଣ ସେସବୁକୁ ଦେଖିବାକୁ ହେବ ? ଆମେ ଯେ ବିଶ୍ୱାସୀ ପବିତ୍ର ମୁସଲମାନ । ମୋ କଥାକୁ ସେ କାନରେ ନେଲା ନାଇଁ । କେତେ କ'ଣ କଥା କହିଗଲା । ଶେଷରେ କହିଲା ଖୋଦା ସବୁ ସୃଷ୍ଟି କରିଚନ୍ତି । ତେବେ ତାଙ୍କ ସୃଷ୍ଟିରେ ଯାହା ମତେ ଭଲ ଲାଗିଲା ମୁଁ କାଇଁକି ତାକୁ ଦେଖିବି ନାଇଁ ? ଏଥିରେ ତ କାହାରି କିଛି ନୋକ୍‌ସାନ୍ ହଉ ନାଇଁ କି ଏଥିରେ ତ କିଛି ଘୃଣାର କଥା ନାଇଁ । ମତେ ଯଦି ଭଲ ଲାଗିଲା ମୁଁ ଦେଖିବାରେ ଦୋଷ କ'ଣ ?

'ଏକଥା ଶୁଣି ମୋର ବହୁତ ରାଗ ହେଲା । କହିଲି ତୁ ନିଶ୍ଚୟ କାଫେର ହୋଇଗଲୁଣି । ଆମ ଆଲ୍ଲା ନିଶ୍ଚୟ ତୋ ଉପରେ ରାଗିବେ । ତତେ ନିଶ୍ଚୟ କାଫେରମାନଙ୍କ ସଙ୍ଗରେ ନର୍କକୁ ପଠାଇବେ । ସେ ମୋ କଥାରେ ରାଗ କଲା ନାଇଁ, ଖାଲି ଏଇ କଥାଟି କହିଲା ଯେ ଖୋଦା ତ ସବୁକିଛି ଦେଖୁଚନ୍ତି; ମୁଁ ଯେତେବେଳେ କିଛି ଅନ୍ୟାୟ କରି ନାଇଁ ସେତେବେଳେ ସେ ମୋ ଉପରେ ରାଗିବେ କାଇଁକି ? ହଁ, ଆହୁରି ମଧ୍ୟ କହିଲା ଯେ ଆଲ୍ଲାଙ୍କର କ'ଣ ଆମରି ଭଳି ଦୁର୍ବଳ ଛୋଟ ଲୋକଙ୍କ ପରି ରାଗ, ହିଂସା ଅଛି ? ମୋହବତ୍ (ପ୍ରେମ) ନ ହେଲେ କ'ଣ ଆଲ୍ଲାଙ୍କୁ ପାଇ ହୁଏ ? ଯେଉଁଠି ମୋହବତ୍ ସେଠି ରାଗ, ଘୃଣା କେବେ କ'ଣ ରହିପାରେ ।'

'ହାପିଜି ଏସବୁ କଥା ଶୁଣି କହିଲେ, ନିଶ୍ଚୟ କାଫେର ପଣ୍ଡାଙ୍କର କେହି ପିଲା ୟା ପଛରେ ଲାଗି ତାକୁ କାଫେରୀ ଶିଖେଇଚି । କାଶେମ୍ କହିଲା – ପଣ୍ଡାମାନଙ୍କ ପିଲାଙ୍କ ସହ କେବେ ତ ତାକୁ ମୁଁ ଦେଖିନି । ତା'ଛଡ଼ା ଆମେ କେବେ ବି ସେ ପିଲାଙ୍କ ସହ ମିଶୁ ନାଇଁ କି ସେମାନେ ଆମ ସହ ମିଶନ୍ତି ନାଇଁ । ଏସବୁ ଶୁଣି ହାପିଜି ମୁଲ୍ଲାଫିରୁକ୍‌ସାର୍‌ଙ୍କ ସଙ୍ଗେ ପରାମର୍ଶ କରିବାକୁ ଗଲେ । ଆମେସବୁ ଘରକୁ ଚାଲି ଆସିଲୁ । ଆସି ଦେଖିଲି ଦାଦାର୍ ଘରେ

ଚୁପ୍‌ଚାପ୍ କରି ବସିଛି । ତା' ମୁହଁକୁ ଦେଖିଲେ ମନେ ହେବ ନାହିଁ ଯେ ତା' ମଧ୍ୟରେ କିଛି ପାପ କି ଅନ୍ୟାୟ ଅଛି । ସେ ଏପରି ସଇତାନ ଯେ ନିଜର ମନୋଭାବକୁ ବେଶ୍ ପ୍ରଚ୍ଛନ୍ନ ରଖିପାରେ । କିଏ ତା'ର ପରାମର୍ଶଦାତା, କେଉଁ କାଫେର ଟୋକା ସାଙ୍ଗରେ ପଡ଼ି ଏସବୁ କାଫେରୀ ଶିଖିଚି – ଏଇସବୁ କଥା ତା' ମୁହଁରୁ ବାହାର କରିବା ପାଇଁ ସେଦିନ ରାତିରେ ତାକୁ ଏତେ ପିଟିଲି ଯେ ସେ ଅଜ୍ଞାନ ହେଇଗଲା, କିନ୍ତୁ କିଛି କହିଲା ନାହିଁ ।

''ଏତିକି ଶୁଣି ତନ୍ତ୍ରାଭିଳାଷୀଙ୍କ ମନ ତିକ୍ତ ହୋଇଉଠିଲା । ଧର୍ମାନ୍ଧତା, ଅଜ୍ଞାନତା ଯୋଗୁଁ ମଣିଷ କେତେ ତଳକୁ ଖସିପାରେ, କେତେ ନିଷ୍ଠୁର ହୋଇପାରେ ତା' ଭାବି ହୃଦୟଟା ତାଙ୍କର ଛଳ ଛଳ ହେଇଉଠିଲା । ପୁଅ ଯେ ତାଙ୍କର ଭାଗବତ ପ୍ରେମ ଧର୍ମରେ ଦୀକ୍ଷିତ ହେଇସାରିଲାଣି, ତାକୁ କେହି ପଣ୍ଡା ପିଲା ଶିଖେଇ ହିନ୍ଦୁ କରିବାକୁ ଚେଷ୍ଟା କରି ନାହିଁ ଏକଥା ମୂଢ଼ ଅଜ୍ଞାନୀ ପିତା ବା ବୁଝିବ କାହୁଁ ? ତନ୍ତ୍ରାଭିଳାଷୀ ନିଜକୁ ସମ୍ଭାଳି ନ ପାରି କହି ଉଠିଲେ, ''ଆଚ୍ଛା ମିଆଁ ସାହେବ, ଆପଣଙ୍କ ବୟସ ବୋଧେ ପଚାଶରୁ ବେଶୀ ହେବ ?' ସେ କହିଲେ, 'ଏଇ ରମଜାନକୁ ପଞ୍ଚାବନ ହେଇଗଲା ।' ରମଜାନ ହଉଚି ମୁସଲମାନମାନଙ୍କର ଏକ ପର୍ବ । ତନ୍ତ୍ରାଭିଳାଷୀ ପୁଣି ପଚାରିଲେ, 'ଆଚ୍ଛା ଏତେ ବର୍ଷ ଭିତରେ କେବେ ଦେଖିଚନ୍ତି କି କୋଉ ହିନ୍ଦୁ ଜଣେ ମୁସଲମାନକୁ ହିନ୍ଦୁ କରିବାକୁ ଚେଷ୍ଟା କରିଚି ?' ସେ ଭଦ୍ରବ୍ୟକ୍ତି ମୁଣ୍ଡ ହଲେଇ ହଲେଇ କହିଲେ, 'ଆଗେ ଦେଖି ନାହିଁ, କିନ୍ତୁ ଏବେ ଶୁଦ୍ଧି ଆରମ୍ଭ ହୋଇଗଲାଣି ଯେ ।' ଅର୍ଥାତ୍ ମୁସଲମାନମାନଙ୍କୁ ବିଭିନ୍ନ ପୂଜାକର୍ମ ଦ୍ୱାରା ଶୁଦ୍ଧ କରି ହିନ୍ଦୁରୂପେ ଗ୍ରହଣ କରାଯାଉଚି । ତନ୍ତ୍ରାଭିଳାଷୀ କହିଲେ, 'ସେଇଟା ତ ଖାଣ୍ଟି ମୁସଲମାନ ପାଇଁ ନୁହେଁ, ଯେଉଁମାନେ ଆଗେ ହିନ୍ଦୁ ଥିଲେ, କିନ୍ତୁ କୌଣସି କାରଣରୁ ଜାତିରୁ, ସମାଜରୁ, ପୃଥକ୍ ହୋଇଯାଇଚନ୍ତି ବା ମୁସଲମାନ ହେଇଯାଇଚନ୍ତି ସେଇମାନେ ଚାହିଁଲେ ସେମାନଙ୍କ ପାଇଁ ଶୁଦ୍ଧିର ବ୍ୟବସ୍ଥା ଅଛି ।'

''ତନ୍ତ୍ରାଭିଳାଷୀଙ୍କ କଥା ଶୁଣି ସେ ଭଦ୍ରବ୍ୟକ୍ତି କହିଲେ, 'ତା' ସତ, ଏଇ ରକମ କଥା ବାହାର ଲୋକଙ୍କୁ ପ୍ରଚାର କରି ଜଣାଇ ଦିଆହଉଚି, କିନ୍ତୁ

ଭିତରେ ଭିତରେ ସେମାନଙ୍କର କି ମତଲବ ଅଛି ତା' କିଏ ଜାଣେ ? ତେବେ ଖାଣ୍ଟି ମୁସଲମାନମାନଙ୍କୁ ତ କେବେ ପାରିବେ ନାହିଁ, ଏଇ ଛୋଟ ଛୋଟ ପିଲାମାନେ ଯେଉଁମାନଙ୍କ ମନ ହାଲୁକା ସେଇମାନଙ୍କୁ ବୋଧେ ଚେଷ୍ଟା କରି ଦେଖୁଚନ୍ତି ।' ତନ୍ତ୍ରାଭିଳାଷୀ ପୁଣି କହିଲେ, 'କିନ୍ତୁ ମିଆଁ ସାହେବ ! ଆପଣ କ'ଣ ଶୁଣି ନାହାନ୍ତି ଯେ ହିନ୍ଦୁମାନେ ଧର୍ମାନ୍ତର ଗ୍ରହଣରେ ବିଶ୍ୱାସ କରନ୍ତି ନାହିଁ ? ଆଉ ହିନ୍ଦୁମାନଙ୍କର ଧାରଣା ଯେ ଯିଏ ଜନ୍ମରୁ ହିନ୍ଦୁ ନୁହେଁ ସେ କେବେ ବି ହିନ୍ଦୁ ହେଇପାରିବ ନାହିଁ ।' ମିଆଁ ସାହେବ କହିଲେ, 'ହଁ, ତା' ଶୁଣିଚି, କିନ୍ତୁ...' ଏଥର ମିଆଁ ସାହେବ ଟିକିଏ କରୁଣ ଆର୍ଦ୍ର ହୋଇ କହିଲେ, 'ତେବେ ଶେଷ କଥାଟା କହୁଚି ଶୁଣନ୍ତୁ । ସେ (ଦାଦାର୍) ଏବେ କୁଆଡ଼େ ଚାଲିଯାଇଚି । ତା'ର ଦିନେ ଦୁଇ ଦିନ ଆଗରୁ ସେ କିପରି ଏକ ଅଦ୍ଭୁତ ଭାବ ଭିତରେ ବୁଡ଼ି ରହୁଥିଲା । ତା'ର ମାଆ ମତେ କହିଲା – ତୁମେ ପିଲାଟା କଥା ଜମା ବୁଝୁନା କି ତାକୁ ଦେଖୁନା । ମୋର ମନେ ହଉଛି କୋଉ ଦେବତା ତାକୁ ମାଡ଼ି ବସିଚି, ନ ହେଲେ ତା' ଆଖି ଦୁଇଟା ଏମିତି ଲାଲ୍ ଦେଖାଯାଆନ୍ତା କାଇଁକି ? ଆଉ ସବୁବେଳେ ସେ ଆଖିରେ ଯେମିତି ଜଳ ଢଳ ଢଳ ହଉଚି । ଆଉ କାହା ସହିତ କିଛି କଥା କହିବାକୁ ଗଲେ ତା' ଆଖିରୁ ଖାଲି ଝର ଝର ହେଇ ଲୁହ ଝରି ପଡୁଚି । ତା' ପାଖକୁ କେହି ଗଲେ ସେ ଦୂରକୁ ଚାଲିଯାଉଚି – ସବୁବେଳେ ଏକଲା ରହିବାକୁ ଚାହୁଁଚି । ତାକୁ ଏପରି ଦେଖିଲେ ମତେ ଡର ମାଡୁଚି ।

'ତା' ମାଆର ଏପରି କଥା ଶୁଣି ସେଇ ରାତିରେ ମୁଁ ଆଲୁଅ ନେଇ ତା' ବିଛଣା ପାଖକୁ ଗଲି । ଦେଖିଲି ବିଛଣା ଖାଲି । କୁଆଡ଼େ ଗଲା ? କାଶେମ୍ ଆଉ ସେ ଗୋଟିଏ ଜାଗାରେ ରହନ୍ତି । ଦେଖିଲି କାଶେମ୍ ଶୋଇଚି । ତାକୁ ଡାକି ପଚାରିବାରୁ ସେ ଚିନ୍ତିତ ହେଇ କହିଲା ସେ (ଦାଦାର୍) କେତେବେଳେ ଉଠି କୁଆଡ଼େ ଯାଇଚି ସେ ଜାଣେ ନାହିଁ । ଏପରି ତ ସେ ସବୁଦିନେ ରାତିରେ କରେ । ଖୋଜି ଖୋଜି ଦେଖିଲି ଗୋଟାଏ କୂଅ ଉପରେ ଅନ୍ଧାରରେ ସେ ଚୁପ୍‌କରି ବସିଚି । ଧରି ଆଣି କଷି ଦେଇଗଲି ପାହାର ।'

''ଇଲୋ ମାଆ, ଏଡ଼େ ନିଷ୍ଠୁର ସେଇଟା ?'' ଶିହରି ଉଠିଲା ଅନୁରକ୍ତା ।

''ହଁ, ଶୁଣୁ ସେଇଠୁ କ'ଣ ହେଲା । ତା' ବାପା କହିଲା, 'ମାଡ଼ ଦେଇ କେମିତି ଭୂତ ଛଡ଼େଇବାକୁ ହୁଏ ତା' ମୁଁ ଭଲଭାବେ ଜାଣେ । କିନ୍ତୁ ଏ ବିଷମ ପାହାର ଖାଇ ବି ତା'ର କିଛି ହେଲା ନାହିଁ । ସେ ସଇତାନ ସଇତାନ ହୋଇ ରହିଗଲା । ଆଶ୍ଚର୍ଯ୍ୟ – ଏତେ ମାଡ଼ ଖାଇଲେ ବି ଦିନେ ସେ ରାଗି କରି ପଦଟିଏ କଥା କହି ନାହିଁ । ତା'ପରେ ମୋ ସ୍ତ୍ରୀ କଥା ଅନୁଯାୟୀ ମୌଲାଲୀରୁ ଜଣେ ଗୁଣୀକୁ ଡାକି ଆଣିଲି । କିନ୍ତୁ ଗୁଣୀକି ଧରି ପହଞ୍ଚିଲା ବେଳକୁ ସିଏ ଆଉ ନାହିଁ । ଯିବା ଆଗରୁ ସେ କାଶେମ୍‌କୁ କହିଯାଇଚି ଯେ ମୋ ଆଶା ଛାଡ଼ି ଦିଅ । ମତେ ଲାଡ଼୍‌ଲି ଡାକୁଚି । ମୁଁ ଏକେବାରେ କାଫେର ହୋଇଯାଇଚି ।

''ଲାଡ଼୍‌ଲି କିଏ ?'' ପଚାରିଲା ଅନୁରକ୍ତା ।

''ହିନ୍ଦୀରେ ଲାଡ଼୍‌ଲି ଅର୍ଥ ପରମ ପ୍ରିୟା । ଏଠାରେ ଦାଦାର୍ ଯାହାକୁ କିଷନ୍‌ଜିଙ୍କ ବିବି ବୋଲି କହେ ସେଇ ମହାଭାବମୟୀ ଶ୍ରୀରାଧା ହେଇପାରନ୍ତି ।''

''ହଁ, ସେଇଠୁ କୁହ କ'ଣ ହେଲା ?''

''ସେଇଠୁ ମିଆଁ ସାହେବ କହିଲେ, 'ସେଇ ଦିନଠାରୁ ସେ ନିରୁଦ୍ଦେଶ । ମୁଁ କିନ୍ତୁ ଆଶା ଛାଡ଼ି ନାହିଁ । ଆଜିକୁ ଦୁଇ ସପ୍ତାହ ହେଇଗଲାଣି ସେ ଯିବା । ରୋଜ୍ ଏସବୁ ଜାଗାରେ ଥରେ ତାକୁ ଖୋଜେ । ଏତେବଡ଼ ଘରର ପିଲା କାଫେର ହୋଇଯିବ ଏଇଟା କ'ଣ ସହ୍ୟ କରାଯାଏ ? ତନ୍ତ୍ରାଭିଳାଷୀ କହିଲେ, 'ତେବେ ମତେ ଏଥିରେ କ'ଣ କରିବାକୁ କହୁଚନ୍ତି ?' ମିଆଁ ସାହେବ କହିଲେ, 'ମୋର ସେଇ ଗୋଟିଏ ପୁଅ । ମୁଁ ତାକୁ ଫେରିପାଇବାକୁ ଚାହୁଁଚି । ଆପଣ ଯେତେବେଳେ ଘାଟ ଉପରେ ବସିଥିଲେ ମୁଁ ଆପଣଙ୍କୁ ଦେଖିଥିଲି । ଯେତେବେଳେ ଉଠିଆସିଲେ ଭାବିଲି ଆପଣଙ୍କଠାରୁ ତା'ର କିଛି ସନ୍ଧାନ ମିଳିବ ।'

''ତନ୍ତ୍ରାଭିଳାଷୀ କହିଲେ, 'ଆପଣଙ୍କ ପୁଅ ତ କାଫେର ହେଇଯାଇଚି ସ୍ୱ-ଇଚ୍ଛାରେ, ଏତେ ଦଣ୍ଡ, ଏତେ ଯନ୍ତ୍ରଣା ସତ୍ତ୍ୱେ ବି । ସିଏ ତ ଆପଣଙ୍କ ଘରେ ରହିବାକୁ ଚାହୁଁ ନାହିଁ, ତାକୁ ପାଇଲେ କ'ଣ ଘରକୁ ଆଣିପାରିବେ ?'

ଉତ୍ତରରେ ମିଆଁ ସାହେବ କହିଲେ, 'ସିଏ ପିଲାଲୋକ । କିଛି ନ ବୁଝି ଗୋଟାଏ କାମ କରି ପକେଇଚି । ତା' ଭୁଲ୍‌ଟା ତାକୁ ବୁଝେଇ ଦେବି । ଆମର ସବୁ ବଡ଼ ବଡ଼ ସାଧୁ ମହାତ୍ମା ଅଛନ୍ତି, ସେମାନଙ୍କ ପାଖକୁ ନେଇଯିବି । ସେମାନଙ୍କ ଶକ୍ତି ପ୍ରଭାବରେ ତା'ର ମତିଗତି ବଦଳି ଯିବ ବୋଲି ମୋର ବିଶ୍ୱାସ ।' ତନ୍ତ୍ରାଭିଳାଷୀ କହିଲେ 'ଠିକ୍ ଅଛି, ତା' ଖବର ପାଇଲେ ଜଣାଇବି ।' ମିଆଁ ସାହେବ ତାଙ୍କ ଘରର ଠିକଣା ଦେଲେ । ତା' ପରଦିନ ତନ୍ତ୍ରାଭିଳାଷୀ ମଥୁରା ଛାଡ଼ି ବୃନ୍ଦାବନ ଯାତ୍ରା କଲେ ।

''ଉପରବେଳା ସମୟ । ବୃନ୍ଦାବନ ଆକାଶରେ ମେଘର ଢାଙ୍କୁଣୀ । ତନ୍ତ୍ରାଭିଳାଷୀ ଯମୁନା କୂଳରେ ଭ୍ରମଣରତ । ସେ ସ୍ଥାନ ବନଚାରୀ ସାଧୁଙ୍କର ଆଶ୍ରମରେ ଭରା । ଅଦୂରରେ ବୃକ୍ଷରାଜିର ଗାଢ଼ ନୀଳାଭ ରେଖା ଦିକ୍‌ଚକ୍ରବାଳ ଭେଦକରି ଆକାଶ ସଙ୍ଗରେ ମିଳିଯାଇଚି । ତା'ରି ପାଖରେ ଅପୂର୍ବଦର୍ଶନ ତିନିଟି ଶିଶୁ ବୃକ୍ଷ । ବୃକ୍ଷ ତିନୋଟି ପାଖ ପାଖ ରହି ଏକ ସୁନ୍ଦର ତ୍ରିକୋଣ ଭୂମି ରଚନା କରୁଚନ୍ତି । ଯେପରି କୌଣସି ଯୋଗୀର ଆସନ । ସେଇ ତ୍ରିକୋଣ ଭୂମିଟି ଶୂନ୍ୟ ନ ଥିଲା । ତା' ଭିତରେ ସେ ଦେଖିଲେ ଅପରୂପ ଭଙ୍ଗୀରେ ଆସୀନ କୌପୀନବନ୍ତ ଏକ ମୂର୍ତ୍ତି । ସେ ଭଙ୍ଗୀର ଦୁର୍ବାର ଆକର୍ଷଣୀ ଶକ୍ତି ତନ୍ତ୍ରାଭିଳାଷୀଙ୍କର ସମସ୍ତ ଏକାଗ୍ରତାକୁ ତାହାରି ଆଡ଼େ ଟାଣି ନେଲା । ସେ ଭଙ୍ଗୀ ଥିଲା ଏକ ବୈଷ୍ଣବ ଯୋଗୀର । ବାଲ୍ୟ କାଳରୁ ଆମର ତନ୍ତ୍ରାଭିଳାଷୀ କୌଣସି ସାଧୁ ମୂର୍ତ୍ତି ଦେଖିଲେ କୌତୂହଳୀ ହେଇପଡ଼ନ୍ତି । ଏଇ ଧୀର, ପ୍ରଶାନ୍ତ ସାଧୁ ମୂର୍ତ୍ତିଟିକୁ ଦେଖି ଚିତ୍ତ ତାଙ୍କର ଚଞ୍ଚଳ ହୋଇଉଠିଲା । ମନେ ହେଲା ସିଏ ଯେପରି ତାଙ୍କର ଜନ୍ମ ଜନ୍ମର ଆପଣାର ଲୋକ । ପାଖକୁ ଗଲେ । ଦେଖିଲେ ଏକ ଅପରୂପ କୋମଳ ବାଳକ ମୂର୍ତ୍ତି । ସ୍ୱାସ୍ଥ୍ୟବାନ୍ ପୂର୍ଣ୍ଣାୟତ ଶରୀର – ଉଜ୍ଜ୍ୱଳ ଗୌରବର୍ଣ୍ଣ । ପରିଧାନ ମଧ୍ୟରେ ଖାଲି କୌପୀନଟିଏ । ଯେପରି ବ୍ୟାସ ପୁତ୍ର ଶୁକଦେବ ସଶରୀରେ ଅବସ୍ଥିତ । ଆନ୍ତର ଜ୍ୟୋତିଃରେ ଲାବଣ୍ୟମଣ୍ଡିତ ଧ୍ୟାନସମାହିତ ଏଇ ଶରୀରକୁ ଦେଖି ତନ୍ତ୍ରାଭିଳାଷୀଙ୍କ ଶିଳ୍ପୀମନ ନିର୍ବାକ୍ ହେଇଗଲା । ସେ ପଲକହୀନ ଭାବେ ଚାହିଁ ରହିଲେ । ବାହାରେ ଶୀତ ସତ୍ତ୍ୱେ

ସେ ଶରୀର ଥିଲା ଫୁଙ୍ଗୁଳା, କିନ୍ତୁ ଶୀତ ବୋଧ ଆଦୌ ପ୍ରକାଶ ପାଉ ନ ଥିଲା । ତନ୍ତ୍ରାଭିଳାଷୀ ସହି ନ ପାରି ନିଜର ଗରମ ବସ୍ତ୍ରଟି ସେ କଅଁଳ ଶରୀରରେ ଆବୃତ କରିଦେଲେ ।

''କିନ୍ତୁ ବାଳକ ସାଧୁଙ୍କର ମୁଖରେ କିଛି କଥା ନାଇଁ । ଅପଲକ ଦୃଷ୍ଟି ତାଙ୍କର ଯମୁନା ଉପରେ ସ୍ଥିର । ସେ ଦୃଷ୍ଟିର ସୌନ୍ଦର୍ଯ୍ୟ ଅନିର୍ବଚନୀୟ । ପଦ୍ମପଳାଶ ଚକ୍ଷୁରେ ରକ୍ତିମ ଆଭା, ଜଳରେ ଢଳ ଢଳ । ତନ୍ତ୍ରାଭିଳାଷୀ ଏଇ ମୂର୍ତ୍ତିଟି ନିକଟରେ ସମର୍ପିତ ହେଇଗଲେ । ବସି ବସି ସେ ରୂପଲାବଣ୍ୟ ପାନ କରିବାକୁ ଲାଗିଲେ । ଏଇ ସମୟରେ କମନୀୟ ଠାଣିରେ ଆସିଲେ ଜଣେ ବ୍ରଜବାସିନୀ । ପିନ୍ଧା ବସ୍ତ୍ର ନୀଳ ରଙ୍ଗର । ଗୋଟିଏ ହାତରେ ଥାଳି ଓ ଅନ୍ୟ ହାତରେ ଗଡୁ । ଥାଳିଟିରେ କିଛି ଖାଦ୍ୟ କପଡ଼ା ଢଙ୍କା ହେଇଚି, ଆଉ ଗଡୁରେ ବୋଧେ ଜଳ । ଅପୂର୍ବ ଲୀଳାୟିତ ଭଙ୍ଗୀରେ ଠିଆ ହେଇ ହାତର ଜିନିଷସବୁ ବାଳ ସାଧୁଙ୍କ ଆଗରେ ଥୋଇଦେଲେ । ଆଉ ସ୍ନେହପୂର୍ଣ୍ଣ ସ୍ୱରରେ କହିଲେ, 'ଧନ ମୋର, ଏଥର କିଛି ଖାଇନେ ତ । ତତେ ଖୁଆଇ ସାରି ମୁଁ ଘରକୁ ଯିବି । ସେଠାକାର କାମ ସାରି ପୁଣି ସଂଧ୍ୟାକୁ ଆସି ତତେ ସେଠାକୁ ନେଇଯିବି ।' କଥାଗୁଡ଼ାକ କି ମଧୁର ! ଆଉ ସେ କଣ୍ଠର ସ୍ୱର କି ଲାଳିତ୍ୟ !

''କିନ୍ତୁ ବାଳକ ସାଧୁଙ୍କର କୌଣସି ଭାବାନ୍ତର ନାଇଁ । ଯେମିତି ଯମୁନା ଆଡ଼କୁ ସ୍ଥିର ଅପଲକ ନେତ୍ରରେ ଚାହିଁ ରହିଥିଲେ ସେମିତି ଚାହିଁ ରହିଚନ୍ତି । ବ୍ରଜବାସିନୀ ଏଥର କଣ୍ଠରେ ବ୍ୟାକୁଳତାର ଝଙ୍କାର ତୋଳି 'ମୋ ସୁନାଟା ପରା' କହି ତାଙ୍କ ଓଠରେ ଟିକିଏ ହାତ ମାରିଦେଲେ । ଏଥର ବାଳକ ସାଧୁଙ୍କ ଏକାଗ୍ରତା ଟିକିଏ ଚହଲିଗଲା । ଦୃଷ୍ଟି କିନ୍ତୁ ସ୍ଥିର । ସେଇ ଯମୁନା ଆଡ଼େ ଚାହିଁ ସେ 'ଚମ୍ପା, ମତେ ନେଇ ଚାଲ, ନେଇ ଚାଲ' କହି ଉଠିବାକୁ ଉଦ୍ୟତ ହେଲେ । ବ୍ରଜବାସିନୀ ଏଥର ଆହୁରି ସ୍ନେହର ସହ ତାଙ୍କ ଶରୀରକୁ ଧରି ବସାଇ ଦେଲେ । କହିଲେ, ''ନାଇଁ, ମୋ ସୁନାଟା ପରା, ବର୍ତ୍ତମାନ ଖାଇନେ, ମୁଁ ସଂଧ୍ୟାକୁ ଆସି ତତେ ନେଇଯିବି ।' ଏହା କହି କିଛି ଖାଦ୍ୟ ଆଣି ତାଙ୍କ ପାଟିରେ ଗୁଞ୍ଜି ଦେଲେ । ଦୁଇ, ତିନି ଥର ଖାଇ ଆଉ ବାଳକ ସାଧୁ କିଛି

ଖାଇଲେ ନାହିଁ । କିଛି ପାଣି ପିଇ ପୁଣି ଯମୁନା ଆଡ଼କୁ ସ୍ଥିର ଦୃଷ୍ଟିରେ ଚାହିଁ ଧ୍ୟାନ-ସମାହିତ ହୋଇଗଲେ । ବ୍ରଜବାସିନୀ ଜଣକ ତନ୍ତ୍ରାଭିଳାଷୀଙ୍କ ଆଡ଼କୁ କରୁଣଦୃଷ୍ଟିରେ ଚାହିଁ କହିଲେ, 'ବାପ, ତୁମେ ଏଠାରେ କିଛିକ୍ଷଣ ରହିଲେ ତୁମର କ'ଣ କିଛି ଅସୁବିଧା ହେବ ? ତନ୍ତ୍ରାଭିଳାଷୀଙ୍କ ସମ୍ମତିସୂଚକ ଉତ୍ତରରେ ଖୁସି ହୋଇ ସେ ଅଶ୍ରୁପୂର୍ଣ୍ଣ ନୟନରେ ବାଳକ ସାଧୁଙ୍କ ଆଡ଼କୁ ଚାହିଁ କହିଲେ, 'କାଲି ମତେ ଲାଡ଼ଲୀ କହିଲେ ଯେ ତା'ର ସବୁ ସମୟରେ ଧ୍ୟାନ ଚାଲିଚି । କିଛି ହୋସ୍ ନାହିଁ, ତାକୁ ଖୁଆଇ ଦବୁ, ନ ହେଲେ ତା' ଶରୀର ରହିବ ନାହିଁ । ଦଶ, ବାର ଦିନ ହେଲା କିଛି ଖାଇ ନାହିଁ । ଖାଲି ଟିକିଏ ଦୁଧ । ସେଇଥିରେ କ'ଣ ଶରୀର ରହିବ ? ତା'ପରେ ଚକିତ ହରିଣୀ ପରି ବାଳକ ଆଡ଼କୁ ଚାହିଁ କହିଲେ, 'କ'ଣ ଆଉ କରିବି ? ଥାଆ ଏଇଠି ମୋର ଗୋପାଳ ! ମୋର ତ କାମର ଘର । କାମ ସାରି ମୁଁ ପୁଣି ସଂଧ୍ୟାକୁ ଆସିବି । ତତେ ନେଇଯିବି । କ'ଣ କହୁଚୁ ? ବାଳକ ସାଧୁ କିନ୍ତୁ ସେମିତି ନିର୍ବାକ୍, ନିଶ୍ଚଳ, ସମାହିତ ଚିତ୍ତ । ବ୍ରଜବାସିନୀ ଧୀରେ ଧୀରେ ଥାଳି ଓ ଗଡୁ ଧରି ଫେରିଲେ । କିନ୍ତୁ ଆଶ୍ଚର୍ଯ୍ୟ ! ତନ୍ତ୍ରାଭିଳାଷୀ ଦେଖିଲେ ଅଳ୍ପବାଟ ଯିବା ପରେ ସେ ଆଉ ଦେଖାଗଲା ନାହିଁ । ତାଙ୍କର ଉପସ୍ଥିତି ସମୟତକ ତନ୍ତ୍ରାଭିଳାଷୀଙ୍କ ପାଇଁ ଥିଲା ଏକ ଅପାର୍ଥିବ ଆନନ୍ଦମୟ ମୁହୂର୍ତ୍ତ ।

ଧୀରେ ଧୀରେ ସଂଧ୍ୟା ହୋଇ ଆସିଲା । ଯମୁନା ତୀରରେ ବାୟୁର ହିଲ୍ଲୋଳ । କିନ୍ତୁ ବାହାର ଗଗନ ପବନର ବାଳକ ସାଧୁଙ୍କ ଉପରେ କୌଣସି ପ୍ରଭାବ ନାହିଁ । ତନ୍ତ୍ରାଭିଳାଷୀଙ୍କର ବହୁତ ଇଚ୍ଛା ହେଲା ତାଙ୍କ ସହ ଟିକିଏ କଥା ହେବା ଲାଗି । ସେ ତାଙ୍କ ପାଖକୁ ଯାଇ ତାଙ୍କୁ ଶୁଭିଲା ଭଳି ହରି ହରି ଶବ୍ଦ ଉଚ୍ଚାରଣ କଲେ । ତନ୍ତ୍ରାଭିଳାଷୀଙ୍କ ମନୋବାଞ୍ଛା ପୂର୍ଣ୍ଣ ହେଲା । ବାଳକ ସାଧୁ ତାଙ୍କ ଆଡ଼କୁ ଚାହିଁଲେ । ତନ୍ତ୍ରାଭିଳାଷୀ କୋଟିନିଧି ପାଇଲା ପରି ହୋଇ କହିଲେ, 'ବାବାଜି, ତୁମର କ'ଣ କଷ୍ଟ ହଉଚି ?' ଧୀର କଣ୍ଠରେ ବାଳକ ସାଧୁ କହିଲେ, 'କଷ୍ଟ ମୋର ଆଉ କିଛି ନାହିଁ । ମୁଁ ଯେ ବୃନ୍ଦାବନରେ ! ଯେତେବେଳେ ମଥୁରାରେ ମୋ  ନିଜ ଲୋକଙ୍କ ପାଖରେ ଥିଲି ସେତେବେଳେ ମୋ ବାପ,

ମା', ଭାଇ ସବୁ ମତେ ବୁଝି ନ ପାରି କେତେ ମାରିଚନ୍ତି; କାରଣ ମୁଁ ସେମାନଙ୍କ ମନମୁତାବକ ହୋଇପାରିଲି ନାହିଁ । ଛାଡ଼, ସେ କଥାରେ ଆଉ ବର୍ତ୍ତମାନ ଦରକାର କ'ଣ ?' ଟିକିଏ ରହି ପୁଣି କହିଲେ, 'ସେମାନେ ଜାଣନ୍ତି ନାହିଁ ଧର୍ମ କି ଜିନିଷ, ସେଇଥିପାଇଁ ମୋର କାଳେ ଧର୍ମ ନଷ୍ଟ ହବ, ମୁଁ କାଳେ କାଫେର ହେଇଯିବି ଏଇ ଥିଲା ସେମାନଙ୍କର ଭୟ । ସେଇଥିପାଇଁ ତ ଲାଡ଼୍‌ଲୀ, ସେଇଥିପାଇଁ ତ କାହ୍ନାଇୟା – ଏତିକି କହି ଆଖିରୁ ତାଙ୍କର ଝର ଝର ହେଇ ଲୁହ ଝରିପଡ଼ିଲା । ଟିକିଏ ରହି ପୁଣି କହିଲେ, 'କେତେ ଦୟା ! ଗୋବିନ୍ଦଜି, ଶ୍ରୀରାଧା, ଆଃ'– ବାସ୍' ଏତିକିରେ କଣ୍ଠ ରୁଦ୍ଧ ହୋଇଗଲା । ଆଉ କିଛି କଥା ବାହାରିଲା ନାହିଁ । ସଂଜ୍ଞାଶୂନ୍ୟ ହେଲା ଭଳି ଅବସ୍ଥା । ଚକ୍ଷୁ କିନ୍ତୁ ସେଇ ପୂର୍ବ ଭଳି ସ୍ଥିର ଅପଲକ । କିଛିକ୍ଷଣ ପରେ ପୁଣି ତନ୍ତ୍ରାଭିଳାଷୀଙ୍କୁ 'ବନ୍ଧୁ, ତୁମେ ରାଧାକୁଣ୍ଡ କଥା ଜାଣିଛ ?' ବୋଲି ପଚାରି ତାଙ୍କ ଆଡ଼କୁ ବ୍ୟାକୁଳଭାବେ ଚାହିଁ ରହିଲେ । ତନ୍ତ୍ରାଭିଳାଷୀ କହିଲେ, 'ହଁ ଜାଣିଚି ।' ଉତ୍ସାହଭରା କଣ୍ଠରେ ବାଳକ ସାଧୁ କହିଲେ, 'ମୋତେ ସେଇଠିକି ତୁମେ ନେଇଯାଇପାରିବ ?' ପୁଣି କ'ଣ ଭାବିଲେ, ସଙ୍ଗେ ସଙ୍ଗେ କହିଲେ, 'ନା, ନା, ସେଠାକୁ ତୁମେ ଯାଇପାରିବ ନାହିଁ । ବ୍ରଜରାଣୀର ଦୟା ନ ହେଲେ ସେଠାକୁ କେହି ଯାଇପାରିବେ ନାହିଁ । ସିଏ ମତେ କୃପା କରି ନେଇଯିବ । ତା'ର ଆସିବାରେ ଡେରି ହେଉଚି କି – ନା ।'

''ତନ୍ତ୍ରାଭିଳାଷୀ କୌତୂହଳୀ ହେଇ କହିଲେ, 'ରାଧାକୁଣ୍ଡ କଥା ମତେ କିଛି କହିବ କି ? ଶୁଣିବାକୁ ଖୁସି ଲାଗୁଚି ।' ତନ୍ତ୍ରାଭିଳାଷୀଙ୍କର ଏକଥା ଶୁଣିବା ମାତ୍ରେ ବାଳକ ସାଧୁଙ୍କ ମୁଖରେ ଖେଳିଗଲା ଏକ ଆନନ୍ଦର ପୁଲକ, ଶରୀରରେ ଏକ ଅନିର୍ବଚନୀୟ ଶିହରଣ । ଅପୂର୍ବ ଜ୍ୟୋତିଃରେ ମୁଖମଣ୍ଡଳ ତାଙ୍କର ଉଦ୍ଭାସିତ ହେଇଉଠିଲା । ଭକ୍ତି ଆଉ ପ୍ରେମ ଗଦ୍‌ଗଦ୍ କଣ୍ଠରେ କହିଉଠିଲେ, 'କ'ଣ କହିବି ? ସେଠି ଖାଲି ପ୍ରେମର ଆକାଶ, ପ୍ରେମର ବତାସ – ସେକଥା କ'ଣ କୁହାଯାଏ ସାଧୁଜି ! ସେଠାରେ ସଖୀ, ସଖା ସବୁ ଚାଲବୁଲ କରନ୍ତି ନୃତ୍ୟର ଛନ୍ଦରେ । ସେଠାକାର କଥା, ଗାନ, ଆଉ ପ୍ରତ୍ୟେକଟି ସୁର ନିଜକୁ ଭୁଲାଇ

ଦିଏ ବଂଧୁ ! ଅଳ୍ପକ୍ଷଣ ସେଠି ରହିଲେ ପାଗଳ ହେଇଯିବା ଭଳି ଲାଗେ । ଆଃ !' କିଛିକ୍ଷଣ ସ୍ଥିର ସମାହିତ ହେଇ ପୁଣି କହିଲେ, 'ତା'ପରେ ସେଠାରେ କି ଆଲୁଅ, ସେ ମୂର୍ତ୍ତି କି ସୁନ୍ଦର, କି ମଧୁର ସେମାନଙ୍କ ପାଦର ଗୁଜରୀପଞ୍ଚମ ଧ୍ୱନି ! ଯେପରି ସଂଗୀତର ଝଙ୍କାର ! ଆଃ, ମୋର କୃଷ୍ଣଜି ! ମୋର – ମୋର ଜୀବନ ସଫଳ !' ଏତିକି କହି ଆଉ କିଛି କହିପାରିଲେ ନାଇଁ । ତା'ପରେ ପୁଣି ମୃଦୁ କଣ୍ଠରେ କହିଲେ, 'ସେଇ ବଂଶୀପୀଠରେ ବସି ତାଙ୍କ ବଂଶୀ ଶୁଣିଚ ବାବାଜି । ସେ ତାନ– ଜୀବନ୍ତ ସ୍ୱର ତୁମ ଛାତି ଭିତରେ ଯେପରି ବାଜିଉଠିବ । ମୁଁ ଯିବି, ସେଇଠିକି ଯିବି, ଆଉ ଫେରିବି ନାଇଁ ।' ଦର ଦର କଣ୍ଠ, ଛଳ ଛଳ ଆଖି । ନିର୍ବାକ୍ ବାଳକ ସାଧୁ ଆଉ କିଛି କହିପାରିଲେ ନାଇଁ ।

''ବାଳକ ସାଧୁଙ୍କ ରାଧାକୁଣ୍ଡର ବର୍ଣ୍ଣନା ଶୁଣୁ ଶୁଣୁ ସେ କଥାର ମାଧୁର୍ଯ୍ୟ ଓ ଶକ୍ତିରେ ଆମର ତନ୍ତ୍ରାଭିଳାଷୀ ଆନନ୍ଦାଭିଭୂତ ହୋଇ ଚୈତନ୍ୟ ହରାଇଲା ପରି ବୋଧ କଲେ । ସେ ସ୍ଥାନର ବର୍ଣ୍ଣନା ଶୁଣି ତାଙ୍କର ବି ସେଠାକୁ ଯିବାକୁ ପ୍ରବଳ ଇଚ୍ଛା ହେଲା । ଧ୍ୟାନ-ସମାହିତ ବାଳକ ସାଧୁଙ୍କ କାନରେ ପଡ଼ିବା ଭଳି ସେ ପୁଣି ହରି ହରି ଶବ୍ଦ ଉଚ୍ଚାରଣ କଲେ । ଫଳରେ ବାଳକ ସାଧୁଙ୍କର ଟିକିଏ ବାହ୍ୟଜ୍ଞାନ ଫେରିଆସିଲା । ତନ୍ତ୍ରାଭିଳାଷୀ ତାଙ୍କୁ କହିଲେ, 'ବାବାଜି, ମହାଭାଗ୍ୟବାନ୍ ତୁମେ, ସେପରି ଭାଗ୍ୟ ସମସ୍ତଙ୍କର ହୁଏ ନାଇଁ । ମତେ ଟିକିଏ ଦୟା କରିବ ? ତୁମେ ଯାହା ଦେଖିଛ ମତେ ଟିକିଏ ଦେଖେଇ ଦେବ ?'

''ଏକଥା ଶୁଣି ବାଳକ ସାଧୁ ଆଉ ଟିକିଏ ବାହ୍ୟ ଚେତନାକୁ ଆସି କହିଲେ, 'ଆଃ, ମୋର ବଂଧୁ ! ମୋର କି ସେ ସାଧ ଅଛି ? ସେ ଜାଗାକୁ ତୁମକୁ କେବଳ ଚଂପା ସଖୀ ନେଇ ଯାଇପାରିବ । ସିଏ ମୋର ଗୁରୁ, ସିଏ ମୋର ଚକ୍ଷୁ । ସିଏ ଯଦି ନେଇ ନ ଯାଏ ମୁଁ କି ତୁମେ କେହି ବି ସେ ଜାଗାକୁ ଯାଇପାରିବା ନାଇଁ ।

''ଏଇ ସମୟରେ ଦୂରରୁ ଚଂପା ଆସୁଥିବାର ଦେଖାଗଲା । ତାଙ୍କୁ ଦେଖିଲାମାତ୍ରେ ବାଳକ ସାଧୁ ଆନନ୍ଦରେ ଶିହରିତ ହୋଇ କହିଉଠିଲେ, 'ଯିବି, ଏଥର ଯିବି, ଦେଖାପାଇବି ସେଇ ଶ୍ୟାମସୁନ୍ଦର ଆଉ ରାଧାରାଣୀଙ୍କର'–

ଏଇପରି କହୁ କହୁ ପୁଣି ଭାବାବିଷ୍ଟ ହୋଇ ସ୍ଥିର ହୋଇଗଲେ । ମୁହଁରେ ଆଉ କଥା ନାଇଁ । ଚକ୍ଷୁ ସ୍ଥିର, ଅପଲକ ।

''ଚଂପା ଆସିଲେ । କିନ୍ତୁ ତାଙ୍କୁ ଦେଖି ସ୍ତମ୍ଭିତ ହେଲେ ଆମର ତନ୍ତ୍ରାଭିଳାଷୀ । ସେ ଯେ ସେଇ ପୂର୍ବ ବ୍ରଜବାସିନୀ ଚଂପା ନୁହନ୍ତି ! ବେଶଭୂଷାରେ ସଂପୂର୍ଣ୍ଣ ପରିବର୍ତ୍ତନ । ସେପରି ବେଶରେ ତନ୍ତ୍ରାଭିଳାଷୀ ସେଠାରେ କାହାକୁ ଦେଖି ନ ଥିଲେ । ସବୁକିଛି ପତଳା, ହାଲୁକା, ସୂକ୍ଷ୍ମ – ପବନରେ ଉଡ଼ିଲା ଭଳି ବୋଧ ହେଉଚି । କମନୀୟ କାନ୍ତିର ଅପୂର୍ବ ମନୋହର ଗତିଛନ୍ଦ । ତାଙ୍କର ସ୍ପର୍ଶମାତ୍ରେ କିଶୋର ସନ୍ନ୍ୟାସୀ ଉଠିପଡ଼ିଲେ ଓ ତାଙ୍କ ପଛେ ପଛେ ଚାଲିଲେ । ଦୁହେଁ ନିର୍ବାକ୍ ନୀରବ । ଧୀରେ ଧୀରେ ଦୃଷ୍ଟିପଥରୁ ଅନ୍ତର୍ହିତ ହେଲେ ସେଇ ସଚଳ, ନୀରବ ମୂର୍ତ୍ତି ଦୁଇଟି । ତନ୍ତ୍ରାଭିଳାଷୀ ଆଛନ୍ନ ହୋଇ କେତେ ସମୟ ସେଠି ନିସ୍ପନ୍ଦ ଭାବେ ଚାହିଁ ରହିଚନ୍ତି ତା' ଜାଣିପାରି ନାହାନ୍ତି । ପରଦିନ ପୁଣି ଆଶା ନେଇ ଆସିଚନ୍ତି ସେଇ କାନ୍ତ, କମନୀୟ, ଭାବାବିଷ୍ଟ କିଶୋର ବୈରାଗୀର ମୂର୍ତ୍ତିଟିକୁ ଦର୍ଶନ କରିବାକୁ । କିନ୍ତୁ ସେ ସ୍ଥାନ ଖାଲି ।''

''ସେଇ କିଶୋର ସାଧୁ ଦାଦାର୍ ରହମାନ୍ ତ ? ପଚାରିଲା ଅନୁରକ୍ତା ।

''ବୁଝିପାରିଲୁ ନାଇଁ ? ସିଏ ତ ନିଜେ ତା' ବାପା ମା ଓ ଘର କଥା କହିଲେ ।''

''ଆଚ୍ଛା, ତନ୍ତ୍ରାଭିଳାଷୀ କ'ଣ ତାଙ୍କ ବାପାକୁ ଖବର ଦେଇ ଦେଲେ ?'' ପୁଣି ପଚାରିଲା ଅନୁରକ୍ତା ଆଶଙ୍କିତ ଚିତ୍ତରେ ।

''ତନ୍ତ୍ରାଭିଳାଷୀ କ'ଣ ଏଡ଼େ ନିର୍ବୋଧ ହେଇଚନ୍ତି ? ଆଉ ତା' ବାପା ପାଖକୁ ଖବର ଦେଇ ଲାଭ କ'ଣ ? ଦାଦାର୍‌କୁ କ'ଣ ଆଉ କେହି କେବେ ଘରକୁ ଫେରେଇ ନେଇପାରେ ତା'ର କ୍ରିଷନ୍‌ଜି, ତା'ର ରାଧାରାଣୀ, ତା'ର ଚଂପା ସଖୀଙ୍କ ମେଳରୁ ?''

''ଠିକ୍ କରିଚନ୍ତି ତନ୍ତ୍ରାଭିଳାଷୀ । ଏଡ଼େ ସରଳ ସାଧୁ ପ୍ରକୃତିର ପିଲାଟିକୁ ବୁଝି ନ ପାରି ତା' ନିଷ୍ଠୁର, ଧର୍ମାନ୍ଧ ବାପା କେତେ ପିଟିଚି । ମାଡ଼

ଖାଇ ଖାଇ ଅଜ୍ଞାନ ହେଇଗଲେ ବି ଦାଦାର୍ କେବେ ରାଗି ନାଇଁ କି ବିଚଳିତ ହେଇ ନାଇଁ । ଏତେ କମ୍ ବୟସରୁ କେତେ ସ୍ଥିରତା, ଆଉ ସହନଶୀଳତା !'' କହିଲା ଆଶ୍ୱସ୍ତ, ଚକିତ ଅନୁରକ୍ତା ।

''ଯଥାର୍ଥ ଭକ୍ତମାନଙ୍କର ସ୍ୱଭାବ ସେଇଆ । ବାହ୍ୟ ଦୁଃଖକଷ୍ଟ ଭିତରେ ବି ସେମାନେ ସବୁବେଳେ ସେଇ ଦିବ୍ୟ ପ୍ରେମମୟ ଚେତନା ଭିତରେ ବୁଡ଼ିକରି, ଆଚ୍ଛନ୍ନ ହେଇଥାଆନ୍ତି । ଦାଦାର୍ ଛୋଟ ପିଲା ହେଲେ କ'ଣ ହେବ ? ତା'ର ପୂର୍ବ ଜନ୍ମର ସାଧନାର ପ୍ରଭାବ ଥିଲା । ପରାତ୍ପର ପୁରୁଷୋତ୍ତମ ଭଗବାନଙ୍କ ଭକ୍ତମାନଙ୍କ ସଂପର୍କରେ ଶ୍ରୀଅରବିନ୍ଦ କହିଚନ୍ତି :

'The Bhakta of the Purushottam is one who has a universal heart and mind which has broken down all the narrow walls of the ego. A universal love dwells in his heart, a universal compassion flows from it like an encompassing sea. He will have friendship and pity for all beings and hate for no living thing : for he is patient, long-suffering, enduring, a well of forgiveness. A desireless content is his, a tranquil equality to pleasure and pain, suffering and happiness, the steadfast control of self and the firm unshakable will and resolution of the Yogin and a love and devotion which gives up the whole mind and reason to the Lord, to the Master of his consciousness and knowledge.'

'ଯିଏ ପୁରୁଷୋତ୍ତମଙ୍କର ଭକ୍ତ ତା'ର ହୃଦୟ ଓ ମନ ବିଶ୍ୱବ୍ୟାପକ ଯାହାକି ଅହଂକାରର ସଂକୀର୍ଣ୍ଣ କାନ୍ଥସବୁକୁ ଭାଙ୍ଗି ଦେଇଚି । ତା'ର ହୃଦୟରେ ବିରାଜମାନ କରୁଥାଏ ଏକ ବିଶ୍ୱପ୍ରେମ, ଆଉ ସେଥିରୁ ସକଳଙ୍କ ଲାଗି ଝରୁଥାଏ ସବୁକିଛିକୁ ବେଢ଼ି ରହିଥିବା ସାଗର ତୁଲ୍ୟ ଏକ ବିଶ୍ୱମୟ କରୁଣା । ସକଳଙ୍କ

ପ୍ରତି ତା'ର ଥିବ ବନ୍ଧୁତ୍ୱଭାବ ଓ ଦୟା, କୌଣସି ଜୀବ ପ୍ରତି ନ ଥିବ ଘୃଣାଭାବ : କାରଣ ସେ ଧୈର୍ଯ୍ୟଶୀଳ, ଦୀର୍ଘପୀଡ଼ା ସହିଷ୍ଣୁ, ସହନଶୀଳ ଓ କ୍ଷମାର ଏକ ଉତ୍ସ । ତା'ର ଥାଏ ଏକ କାମନାଶୂନ୍ୟ ସନ୍ତୋଷ, ସୁଖ-ଦୁଃଖ ଓ ଆନନ୍ଦ-ଯନ୍ତ୍ରଣା ପ୍ରତି ଏକ ପ୍ରଶାନ୍ତ ସମତା, ଏକ ଅବିଚଳିତ ଆତ୍ମସଂଯମ, ଯୋଗିଜନ-ସୁଲଭ ଏକ ଦୃଢ଼ ଅବିକଂପିତ ଇଚ୍ଛାଶକ୍ତି ଓ ସଂକଳ୍ପ ଏବଂ ଥାଏ ଏପରି ଏକ ପ୍ରେମ ଓ ଭକ୍ତି ଯାହା ତା'ର ଚେତନା ଓ ଜ୍ଞାନର ପ୍ରଭୁ ଭଗବାନଙ୍କ ନିକଟରେ ସମସ୍ତ ମନ ଓ ବୁଦ୍ଧିକୁ ସମର୍ପି ଦିଏ ।'

# ତୁମ ଦୁହିଙ୍କ ପାଦତଳ ମୋର ପରମ ପଞ୍ଚକୋଶୀ

''ଚିନୁଭାଇ, ଯଶୋଦା ଶ୍ରୀକୃଷ୍ଣଙ୍କୁ ବାନ୍ଧି ପକାଉଥିଲେ, ମାରୁଥିଲେ । ଶ୍ରୀକୃଷ୍ଣ ତ ଭଗବାନ୍ । ଭଗବାନଙ୍କୁ କ'ଣ ମଣିଷ ଏମିତି ବାନ୍ଧେ, ମାରେ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ମଣିଷ ମଣିଷ ଭିତରେ ଯେତେ ସଂପର୍କ ରହିପାରେ ଭଗବାନ୍ ଓ ଭକ୍ତ ମଧ୍ୟରେ ସେଇ ସେଇ ସଂପର୍କ ରହିପାରେ । ଭଗବାନଙ୍କ ସହ ଭକ୍ତ ପିତା, ମାତା, ପୁତ୍ର, କନ୍ୟା, ସ୍ୱାମୀ, ସଖା, ସଖୀ, ଭାଇ, ବନ୍ଧୁ, ଶତ୍ରୁ, ରକ୍ଷକ, ପ୍ରଭୁ ବା ମାଲିକ ଆଦି ଯେତେ ସଂପର୍କ ଅଛି ସବୁ ରଖିପାରେ । କିନ୍ତୁ ଏସବୁ ସଂପର୍କ ସାଧାରଣ ମଣିଷ ଭଳି ପ୍ରବୃତ୍ତି ଉପରେ ପ୍ରତିଷ୍ଠିତ ନୁହଁ, ଏସବୁ ଆତ୍ମ-ଚେତନା ଉପରେ ପ୍ରତିଷ୍ଠିତ । ଯଶୋଦା ଶ୍ରୀକୃଷ୍ଣଙ୍କୁ ପୁତ୍ରରୂପେ ସ୍ନେହ-ଭକ୍ତି କରୁଥିଲେ । ଶ୍ରୀକୃଷ୍ଣ ତାଙ୍କୁ ମା' ରୂପେ ଭଲ ପାଉଥିଲେ । ତେଣୁ ଯଶୋଦା ଶ୍ରୀକୃଷ୍ଣଙ୍କୁ ମାରିବା, ବାନ୍ଧିବା ସ୍ୱାଭାବିକ । ଭଗବାନ୍ ଯେ ପୁତ୍ରରୂପେ ଭକ୍ତଠାରୁ ସେଇ ବ୍ୟବହାର ଚାହାନ୍ତି, ତାହାହିଁ ତ ତାଙ୍କର ଲୀଳା । ସଖାରୂପେ ଭକ୍ତ ଭଗବାନଙ୍କୁ ଗାଳି ବି ଦେଇପାରେ । ଭଗବାନ୍ ଭକ୍ତକୁ ମଧ୍ୟ ଅସୁବିଧାରେ ପକାଇପାରନ୍ତି, ଅଭିଶାପ ଦେଇପାରନ୍ତି । ତାକୁ ପ୍ରତାରିତ କରି ବିପଦରେ ବି ପକେଇ ପାରନ୍ତି । ଦୁହେଁ ଦୁହିଙ୍କୁ ହଇରାଣ କରିପାରନ୍ତି । ତଥାପି ହୃଦୟର ସେହି ସ୍ନେହ-ପ୍ରେମ ପରସ୍ପର ପ୍ରତି ଅତୁଟ ଥାଏ, ଅଧିକନ୍ତୁ ବଢ଼ି ବଢ଼ି ଯାଏ, କମେ ନାହିଁ । କାରଣ ସଂସାରୀ ମନର ମାପକାଠିରେ ସେ ସଂପର୍କ ମପାଯାଇ ପାରେ ନାହିଁ । ସିଏ ଯେ ଭକ୍ତ ଆଉ ଭଗବାନଙ୍କ ମଧ୍ୟରେ ଲୀଳାର ସଂପର୍କ, ଲୀଳାର ଆନନ୍ଦ !'' କହିଲା ଚିନ୍ମୟ ।

''ସେହିପରି ଜଣେ ଭକ୍ତଙ୍କ କଥା କୁହ, ଯିଏ ଭଗବାନଙ୍କୁ ଗାଳି

ଦେଇଥିବ, ହଇରାଣ କରିଥିବ, ଭଗବାନ୍ ବି ତାକୁ ଗାଳି ଦେଇଥିବେ, ହଇରାଣ କରିଥିବେ, କିନ୍ତୁ ତଥାପି ଦୁହିଙ୍କ ମଧ୍ୟରେ ମଧୁର ସଂପର୍କ ବଜାୟ ରହିଥିବ, ବଢ଼ି ବଢ଼ି ଚାଲିଥିବ ।'' ଆବେଗ, ଆଗ୍ରହର ସହ ଅନୁରୋଧ କଲା ଅନୁରକ୍ତା ।

''ତୁ ଜାଣୁ ଆଗେ 'ଚାଟଶାଳୀ ପାଠ' ବୋଲି ଗୋଟିଏ ବହି ପିଲାଦିନେ ପଢ଼ା ଯାଉଥିଲା ? ସେ ବହିର ଶେଷରେ ଗୋଟିଏ ଗୀତ ଥାଏ । ସେ ଗୀତର ପ୍ରଥମ ଧାଡ଼ିଟି ହଉଚି, 'କମଳ ଲୋଚନ ଶ୍ରୀହରି, କରେଣ ଶଙ୍ଖଚକ୍ରଧାରୀ ।' ଏ ଗୀତ ଯିଏ ଲେଖିଥିଲେ ତାଙ୍କ ନାଁ ହଉଚି ଭକ୍ତ ବଳରାମ ଦାସ । ସେ ଜାତିରେ ଥିଲେ କରଣ । ସବୁବେଳେ ପାଗଳଙ୍କ ପରି ଏଣେତେଣେ ଭିକ୍ଷା କରି ବୁଲନ୍ତି । ପୁରୀ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟରେ ଖଣ୍ଡିଏ ପଲା କରି ଥାଆନ୍ତି । ଭିକ୍ଷା କରି ଆସି ସେହି ପଲାରେ ବିଶ୍ରାମ କରନ୍ତି । ସେ ଥିଲେ ମହାପ୍ରଭୁଙ୍କର ଅନ୍ତରଙ୍ଗ ଭକ୍ତ । ଠାକୁରଙ୍କ ଭକ୍ତମାନେ ବଳରାମଙ୍କୁ 'ବଳିଆ' 'ବଳିଆ' ବୋଲି ଡାକନ୍ତି । କୁହାଯାଏ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କର ସୁବଳ ନାମକ ଯେଉଁ ସଖା ଥିଲେ ଏ ଜନ୍ମରେ ସେ ବଳରାମରୂପେ ଜନ୍ମ ହେଇଥିଲେ ।

''ସେ ସମୟରେ ଓଡ଼ିଶାରେ ରାଜତ୍ୱ କରୁଥିଲେ ମହାରାଜା ପ୍ରତାପରୁଦ୍ର ଦେବ । ପ୍ରତାପରୁଦ୍ର ଦେବ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ ସତ, କିନ୍ତୁ ସେ ବୃଦ୍ଧ କାଳରେ ପୁରୀ ମୁକ୍ତି ମଣ୍ଡପର ପ୍ରଧାନ ପ୍ରଧାନ ପଣ୍ଡିତମାନଙ୍କୁ ଡକାଇ କହିଲେ – ମୋର ଚତୁର୍ଥ ଅବସ୍ଥା ଆସି ହେଲାଣି । ଆଉ ବେଶୀ ଦିନ ବଞ୍ଚିବି ନାଇଁ । ମତେ ଆପଣମାନେ ଦିନେ ବ୍ରହ୍ମଜ୍ଞାନ ଶୁଣାଇବେ କି ? ରାଜାଙ୍କର ଏ ପ୍ରଶ୍ନ ଶୁଣି ପଣ୍ଡିତମାନେ କହିଲେ – ଦିନେ ଦେଉଳର ବାହାର ବେଢ଼ା, ଭିତର ବେଢ଼ା ଶୋଧ ହେବ । ଅର୍ଥାତ୍ ପଣ୍ଡା, ପଢ଼ିଆରୀ, ସେବକ କିଂବା ଯାତ୍ରୀ କେହି ରହିବେ ନାଇଁ । ମହାପ୍ରଭୁଙ୍କର ସମସ୍ତ ନୀତି ଶେଷ ହୋଇ ପହୁଡ଼ ହେବ । ରାତି ଅଧ ସମୟରେ ଆପଣ ମୁକ୍ତି ମଣ୍ଡପକୁ ବିଜେ କରିବେ । ଆମେମାନେ ସେଇ ସମୟରେ ଆପଣଙ୍କୁ ବ୍ରହ୍ମଜ୍ଞାନ ଶୁଣାଇବୁ ।

''ଜ୍ୟୋତିଷୀ ପାଂଜିଦେଖି ଦିନ ସ୍ଥିର କଲେ ମାଘ ମାସ ତ୍ରିବେଣୀ ଅମାବାସ୍ୟା ଦିନକୁ । ସେଇ ଅନୁସାରେ ଦେଉଳ ଶୋଧ ହେଲା । ପଣ୍ଡିତମାନେ

ଆସିଲେ । ଖାଲି ଗୋଟିଏ ଦୀପ ଜଳିଲା । ତା'ପରେ ସେମାନେ ବ୍ରହ୍ମଜ୍ଞାନ ଚର୍ଚ୍ଚା କଲେ । ମହାରାଜା ଉପସ୍ଥିତ ହୋଇ ଏକାଗ୍ର ଚିତ୍ତରେ ଶୁଣୁ ଥାଆନ୍ତି । ଦେଉଳ ଶୋଧ ହେବା ପୂର୍ବରୁ ବଳରାମ ମୁକ୍ତି ମଣ୍ଡପର ଏକ ପାର୍ଶ୍ୱରେ ଲୁଚି ରହି ସବୁ ବ୍ରହ୍ମଜ୍ଞାନ ଶୁଣି ଥାଆନ୍ତି । ଏକଥା କାହାରିକୁ ଜଣା ନ ଥିଲା । ଯେତେବେଳେ ସଭା ଭାଙ୍ଗିଲା, ମହାରାଜ ଉଆସକୁ ବିଜେ କଲେ । ପଣ୍ଡିତମାନେ ହୋ ହୋ ହେଇ ଉଠି ଘରକୁ ବାହାରିଲେ । ସେତିକିବେଳେ ବଳରାମ ଲୁଚିବା ଜାଗାରୁ ବାହାରି ପଡ଼ିଲେ । ପଣ୍ଡିତମାନେ ତାଙ୍କୁ ଦେଖି ବିସ୍ମୟ ଆଉ କ୍ରୋଧରେ ଚିତ୍କାର କରି କହିଲେ 'ହେଇ ତ' ଶୂଦ୍ର ବଳିଆଟା କୋଉଠି ଲୁଚି ବସି ବ୍ରହ୍ମଜ୍ଞାନ ଶୁଣୁଥିଲା, ସାଲା ଆମ ବ୍ରହ୍ମଜ୍ଞାନକୁ ମାରା କଲା ।' ଏହା କହି ବଳିଙ୍କି ଧଇଲେ, କହିଲେ, 'କିରେ, ତୁ କୋଉଠି ଥିଲୁ ?' ବଳି କହିଲେ, 'ମୁଁ ମୁକ୍ତି ମଣ୍ଡପର ପଶ୍ଚିମ ତରଫ ଖୁଣ୍ଟ ପାଖରେ ବସିଥିଲି ।' ପଣ୍ଡିତମାନେ କହିଲେ, 'ଚାଲ, ୟାକୁ ମହାରାଜାଙ୍କ ପାଖକୁ ନେବା, ଏ ସାଲା ଶୂଦ୍ର ଆମ୍ଭମାନଙ୍କର ବ୍ରହ୍ମଜ୍ଞାନ ମାରା କଲା ।' ଏହା ଶୁଣି ବଳି କହିଲେ, 'ଓଃ, ଭାରି ବ୍ରହ୍ମଜ୍ଞାନଗୁଡ଼ାଏ କହୁଥିଲ ! ମୁଁ ଶୁଣି ନାଇଁ ଯୋଉ ବ୍ରହ୍ମଜ୍ଞାନ କହୁଥିଲ । ମୁଁ ତ ଯାହା ମୁଣ୍ଡରେ ହାତ ଦେବି ସେ ବ୍ରହ୍ମଜ୍ଞାନ ଗାଇଯିବ । ଆଉ ତୁମେମାନେ କି ବ୍ରହ୍ମଜ୍ଞାନ ଦେଖଉଚ ! ଖାଲି ରାଜାଙ୍କୁ ଠକି ପଇସା ନଉଚ ।' ବଳିଙ୍କ କଥାରେ ପଣ୍ଡିତମାନେ ଅପମାନିତ ହୋଇ ରାଗରେ ତାକୁ ବାନ୍ଧି ସେଇ ରାତାରାତି ମହାରାଜାଙ୍କ ପାଖକୁ ନେଇଗଲେ । ଉଆସରେ ପହଞ୍ଚି ଭିତରକୁ ଖବର ଦେବାରେ ମହାରାଜା ବିଜେ କଲେ ଓ ପଚାରିଲେ – ଘଟଣା କ'ଣ ? ପଣ୍ଡିତମାନେ କହିଲେ, 'ଏତେ କଟକଣା ଭିତରେ ଏ ଶୂଦ୍ର ବଳିଆ ଲୁଚି କରି ମନ୍ଦିର ବେଢ଼ାରେ ରହି ବ୍ରହ୍ମଜ୍ଞାନ ଶୁଣିବା ଦ୍ୱାରା ଆମର ବ୍ରହ୍ମଜ୍ଞାନ ସବୁ ମାରା ହେଲା । ତାକୁ ଏକଥା କହିବାରୁ ତା'ର ଏଡ଼େ ସାହସ, କହୁଚି – ମୁଁ ଯାହା ମୁଣ୍ଡରେ ହାତ ଦେବି ସେ ବ୍ରହ୍ମଜ୍ଞାନ କହିବ, ଆଉ ତୁମେ ପଣ୍ଡିତଗୁଡ଼ାକ କି ବ୍ରହ୍ମଜ୍ଞାନ କହୁଚ ? ଖାଲି ରାଜାଙ୍କୁ ଠକି ପଇସା ନଉଚ ।'

ମହାରାଜା ବଳିଙ୍କୁ ପଚାରିଲେ – କିଓ ବଳି, ତୁମେ ଏକଥା କହିଚ ?

ବଳି କହିଲେ, 'ହଁ ଆଜ୍ଞା, କହିଚି ।' ମହାରାଜ ପଣ୍ଡିତମାନଙ୍କୁ କହିଲେ, 'ଠିକ୍ ଅଛି । କାଲି ଆପଣମାନେ ଗୋଟାଏ ଲୋକକୁ ଆଣନ୍ତୁ । ବଳି ତା' ମୁଣ୍ଡରେ ହାତ ଦେବ । ସେ କିପରି ବ୍ରହ୍ମଜ୍ଞାନ କହିବ ଦେଖିବା । ଯଦି ନ କହେ ତେବେ ବଳିକୁ ବେତରେ ପିଟି ପିଟି ଏ ଶ୍ରୀକ୍ଷେତ୍ରରୁ ବାହାର କରି ଦିଆଯିବ ।' ଏ ଆଦେଶ ପାଇ ପଣ୍ଡିତମାନେ ଯେଝା ଘରକୁ ଖୁସୀ ହୋଇ ଗଲେ । ବଳି ଆସି ଦକ୍ଷିଣ ଦ୍ୱାର ପାଖରେ ତାଙ୍କ ପଲାରେ ନିଶ୍ଚିନ୍ତରେ ଶୋଇଲେ ।

ରାତି ପାହାନ୍ତା ହେଲାଣି । ବଳି ନିଶ୍ଚିନ୍ତରେ ଶୋଇଚନ୍ତି । କିନ୍ତୁ ଠାକୁରଙ୍କୁ ନିଦ ନାଇଁ । ସେ ମା' ଲକ୍ଷ୍ମୀଙ୍କୁ ଉଠାଇ କହିଲେ, 'ଏ ବଳି ମୋର ଅନ୍ତରଙ୍ଗ ଭକ୍ତ । ଇଏ ଆଜି କରିଚି କ'ଣ ଜାଣିଚ ?' ଲକ୍ଷ୍ମୀ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'କ'ଣ କରିଚି ?' 'ରାଜା ପଣ୍ଡିତମାନଙ୍କୁ ଡକାଇ ମୁକ୍ତିମଣ୍ଡପରେ ବ୍ରହ୍ମଜ୍ଞାନ ଶୁଣୁଥିଲେ । ଇଏ ବଳି ଲୁଚିରହି ବ୍ରହ୍ମଜ୍ଞାନ ଶୁଣିଲା । ଧରାପଡ଼ିବାରୁ ପଣ୍ଡିତମାନଙ୍କୁ ଅପମାନ ଦେଇ କହିଚି ତୁମେ ପଣ୍ଡିତଗୁଡ଼ାକ କି ବ୍ରହ୍ମଜ୍ଞାନ କହୁଚ ? ମୁଁ ତ ଯାହା ମୁଣ୍ଡରେ ହାତ ଦେବି ସେ ବ୍ରହ୍ମଜ୍ଞାନ ଗାଇଯିବ । ରାଜା ଏକଥା ଶୁଣି କହିଚନ୍ତି କାଲି ଗୋଟାଏ ଲୋକ ଆଣି ପରୀକ୍ଷା କରାଯିବ । ସିଏ ଯଦି ବ୍ରହ୍ମଜ୍ଞାନ ନ କହିପାରେ ତେବେ ବଳିକୁ ବେତରେ ପିଟି ପିଟି ଶ୍ରୀକ୍ଷେତ୍ରରୁ ତଡ଼ି ଦିଆଯିବ । କେଡ଼େ ହୁଣ୍ଡାଟାଏ ! କେତେ ବଡ଼ କଥା କହିଲା ! ଚାଲନି ଯିବା, ଦେଖିବା, ଏଡ଼େବଡ଼ କାଣ୍ଡ ଘଟେଇ ସିଏ କ'ଣ କରୁଚି ।'

''ଲକ୍ଷ୍ମୀନାରାୟଣ ଯାଇ ବଳିଙ୍କ ପଲାରେ ଦେଖିଲାବେଳକୁ ସେ ନିଶ୍ଚିନ୍ତରେ ଶୋଇ ଘୁଙ୍ଗୁଡ଼ି ମାରୁଚନ୍ତି । ମହାପ୍ରଭୁ କହିଲେ, 'ଦେଖୁଚ ତ, ଏତେ ବଡ଼ କାଣ୍ଡ ଘଟେଇ କେମିତି ନିଶ୍ଚିନ୍ତରେ ଶୋଇ ଘୁଙ୍ଗୁଡ଼ି ମାରୁଚି !' ଡାକିଲେ, 'ବଳିଆ, ବଳିଆ !' ମହାପ୍ରଭୁଙ୍କ ଡାକରେ ବଳିଙ୍କ ନିଦ ଭାଙ୍ଗିଲା । ଉଠି ସାଷ୍ଟାଙ୍ଗ ପ୍ରଣାମ କଲେ । ଆଖି ମଳି ମଳି କହିଲେ, 'ତୁମେ ଦିହେଁ ଏତେ ରାତିରେ କୁଆଡ଼େ ଆସିଲ ?' ମହାପ୍ରଭୁ ପଚାରିଲେ, 'କିରେ ବଳି ! ପଣ୍ଡିତମାନଙ୍କୁ ଏପରି କଥା କହିଲୁ । ରାଜାଙ୍କ ହୁକୁମ ମନେ ଅଛି ତ ? କାଲି ତୋ କଥା ପ୍ରମାଣ ନ କଲେ ବେତମାଡ଼ ଦେଇ ବାହାର କରିଦେବେ ।' ବଳି

ହସି ହସି କହିଲେ, 'ତୁମରି ବଳରେ ତ ଏକଥା କହିଲି । ଯଦି ମତେ ବେତ ମାଡ଼ ହେବ ତେବେ ତୁମେ ପିଠି ଦେଖେଇବ ।' ଲକ୍ଷ୍ମୀ ହସି ହସି କହିଲେ, 'ମହାପ୍ରଭୁ ! ଏ ତୁଚ୍ଛା ପାଗଳଟାକୁ ଆପଣ କିପରି ଆପଣଙ୍କ ଭକ୍ତ ବୋଲି କହୁଚନ୍ତି ? ରେ ବଳିଆ ! ମୋ ପ୍ରଭୁ ତୋ ଲାଗି ପିଠି ଦେଖେଇବେ ! ଭିକ ମଗାର ତ ଭାରି ସାହସ !' ଏତିକି କହି ଆଉ ଲକ୍ଷ୍ମୀ ସାଆନ୍ତାଣୀ ଯାଆନ୍ତି କୁଆଡ଼େ ? ବଳି ତାଙ୍କୁ ଛିଗୁଲେଇ କହିଲେ, 'ତୁ ତ ମାଆ ଲୁଣିଆ ଘରର ଝିଅ । ବାପ ତ ସବୁବେଳେ ଗରଜି ଗରଜି ମରୁଥାଏ । ଭକତ କଥା ତୁ କେଉଁଠୁ ଜାଣିବୁ ? ବାପ ତୋ ଲୁଣିଆ ଗର୍ଜି ଗର୍ଜି ମରେ, ଝିଅ ଟେରୀ କଥା କହିଲେ ନ ସରେ ।'

ଏକଥା ଶୁଣି ଲକ୍ଷ୍ମୀଙ୍କ ଠେଇଁ ଯେମିତି ବିଜୁଳି ତାର ଲାଗିଗଲା, ସିଏ ସେମିତି ହେଲେ । ରାଗି ଫଁ ଫଁ ହୋଇ ମହାପ୍ରଭୁଙ୍କୁ କହିଲେ, 'ଶୁଣୁଚ ତ, ମତେ କେମିତି ଅପମାନ ଦଉଚି !' ମହାପ୍ରଭୁ ଲକ୍ଷ୍ମୀଙ୍କୁ ଶାନ୍ତ କରି କହିଲେ, 'ସେଇଟା ପାଗଳଟାଏ, ତା' କଥା ଧରନା !' ଲକ୍ଷ୍ମୀ ଆହୁରି ରାଗିଯାଇ କହିଲେ, 'ତା'ହେଲେ ମତେ ବଳିଆ ଠଉଁ ଅପମାନ ଦେବାକୁ ସାଙ୍ଗରେ ଆଣିଥିଲ ! ଠିକ୍ ଅଛି । ରେ ବଳିଆ ! ମୁଁ ତତେ ଅଭିଶାପ ଦଉଚି । ତୁ ଯେତେବେଳେ ମରିବୁ ପଞ୍ଚକୋଶୀ ଭିତରେ ମରିପାରିବୁ ନାଇଁ । ବଳି କିଛି ବିଚଳିତ ନ ହୋଇ କହିଲେ, 'ହଉ, ହଉ ତୋ'ରି କଥା ହଉ !'

''ପଞ୍ଚକୋଶୀ କ'ଣ ?'' କହିଲା ଅନୁରକ୍ତା ।

''ପୁରୀ ମନ୍ଦିରଠାରୁ ପାଞ୍ଚ କୋଶ ଭିତରର ଅଞ୍ଚଳକୁ ବୋଧହୁଏ ପଞ୍ଚକୋଶୀ କୁହାଯାଉଥିବ । ସେଇ ଭିତରେ ଯିଏ ମରିବ ତା'ର ଆତ୍ମା ପ୍ରଭୁଙ୍କ କୃପାରୁ ସଦ୍‌ଗତି ଲଭିବ ସିଏ ଆଉ ଅନ୍ୟ ଲୋକରେ ଦୁଃଖକଷ୍ଟ ପାଇବ ନାଇଁ ।''

''ହଉ, ଏଥର କୁହ ବଳରାମଙ୍କ କଥା କ'ଣ ହେଲା ?''

''ରାତି ପାହିଲା । କିନ୍ତୁ ଆଜି ସକାଳଟା ଭିନ୍ନ ପ୍ରକାର ଲାଗୁଥାଏ । ସମସ୍ତେ ଗୋଟାଏ କିଛି ଘଟିବ ବୋଲି ଅପେକ୍ଷା କରିଥା'ନ୍ତି । ମନ୍ଦିରର

ବ୍ରାହ୍ମଣମାନେ ବହୁତ ଖୁସୀ । କହୁଥା'ନ୍ତି, 'ଭଲ ହେଲା, ଆଜି ବଳିଆ ମାଡ଼ ଖାଇ ଏ ସହରରୁ ତଡ଼ା ଖାଇବ । ରାଜା ତ ଆଦେଶ ଦେଇଚନ୍ତି । ଚାଲ ଦେଖିବା କେମିତି ତାକୁ ଏଠୁ ତଡ଼ା ହେବ । ଦେଉଳରୁ ପ୍ରସାଦ ବାହାରିବା ମାତ୍ରେ ସବୁଥିରେ ହାତ ମାରି ଚାଖି ପକାଇବ । ଏଥର ପାଇଚି ଭାବ ।'

ପଣ୍ଡିତମାନେ ବାଛି ବାଛି ଗୋଟାଏ ଗଣ୍ଡମୂର୍ଖ, ବୋକା ବାଉରିଟାକୁ ଆଣି ମହାରାଜଙ୍କ ସିଂହ ଦୁଆରେ ପହଞ୍ଚିଲେ । ବଳି ଆସିଲେ । ମହାରାଜା ହୁକୁମ ଦେଲେ, 'ବଳି, ୟା ମୁଣ୍ଡରେ ହାତ ଦିଅ, ସେ କିପରି ବ୍ରହ୍ମଜ୍ଞାନ କହିବ ଶୁଣିବା ।' ବଳି କହିଲେ, 'ଏଠି ନୁହଁ, ମୁକ୍ତି ମଣ୍ଡପ ଉପରକୁ ଚାଲନ୍ତୁ । ସେଇଠି ତା' ମୁଣ୍ଡରେ ମୁଁ ହାତ ଦେବି । ସେ ବ୍ରହ୍ମଜ୍ଞାନ କହିବ କି ନାଇଁ ଦେଖିବେ ।' ମହାରାଜା ପଣ୍ଡିତମାନଙ୍କୁ କହିଲେ, 'ବଳି ଯେପରି କହୁଚି ସେଇ ଅନୁସାରେ କାର୍ଯ୍ୟ ହେଉ ।' ପଣ୍ଡିତମାନେ ମହାଅଡୁଆରେ ପଡ଼ିଲେ । ବାଉରିଟାକୁ ମୁକ୍ତିମଣ୍ଡପ ଉପରକୁ କେମିତି ନେବେ । ଶେଷକୁ ରାଜାଙ୍କ ଆଗରେ ମାନିଗଲେ । କହିଲେ, 'ଆଜ୍ଞା, ଆମେ ଯେଉଁ ଲୋକଟିକୁ ଆଣିଚୁ ସିଏ ଜାତିରେ ବାଉରି । ସିଏ ଯଦି ଯାଇ ମୁକ୍ତିମଣ୍ଡପ ଉପରେ ବସେ, ଆମେମାନେ ଆଉ ବସିବୁ କୋଉଠି ? ସେ ପାଗଳାଟାକୁ ଛାଡ଼ି ଦିଅନ୍ତୁ; ଆମର ବ୍ରହ୍ମଜ୍ଞାନ ଶୁଣିବା ଆଉ ଦରକାର ନାଇଁ ।' ବଳିଙ୍କୁ ଛାଡ଼ି ଦିଆଗଲା । ସେ ଖୁସୀ ହେଇ ସେଠୁ ପଳେଇଗଲେ ।

ବଳି ମହାପ୍ରଭୁଙ୍କର ଭକ୍ତ ଆଉ ସଖା । ଦିନେ ମହାପ୍ରଭୁଙ୍କର ସଖାଙ୍କ ସହ ଖେଳିବାକୁ ମନ ହେଲା । ତାଙ୍କ ଲାଗି ସିନା ଖେଳ କିନ୍ତୁ ସଖା ଲାଗି କାଳ । ବଳିଙ୍କୁ ଖୁବ୍ ଶ୍ରଦ୍ଧାରେ ଡାକି କହିଲେ, 'ବଳି ଗୋଟାଏ କାମ କରିବୁ ?' ବଳି ଭିତରେ ଗୋଟାଏ ଗଭୀର ଆନନ୍ଦର ଢେଉ ଖେଳେଇ କହିଲେ, 'ତୁମେ କହିଲେ କରିବି ନାଇଁ, ଆଉ କାହା କଥା କରିବି ? ଶ୍ରୀମୁଖ ଆଜ୍ଞାକୁ ପୁଣି କିଏ ଅବଜ୍ଞା କରିପାରେ ?' ମହାପ୍ରଭୁ କହିଲେ, 'ଜଗନ୍ନାଥବଲ୍ଲଭ ମଠର ମହନ୍ତଟା ଭାରି କୃପଣ । ମଠରେ କେତେ ସୁନ୍ଦର ସୁନ୍ଦର ପଣସ ଫଳୁଛି । ମୋ ପାଇଁ ଖାଲି ଗୋଟାଏ ଲେଖାଁ ପଣସ ପ୍ରତିଦିନ ପଠାଇ ଦେଇ ଆଉ ସବୁ ବିକ୍ରିକରି

ଆରାମରେ ବସି ଗଞ୍ଜେଇ କିଣି ଟାଣୁଚି । ତୁ ଆଜି ରାତିରେ ମୋ ସାଙ୍ଗରେ ଯିବୁ । ଦିହେଁ ଯାଇ ମନଭରି ପଣସ ଚୋରିକରି ଖାଇବା ।' ବଳି ଖୁସିଟାଏ ହେଇ ରାଜି ହେଇଗଲେ । ରାତି ଅଧକୁ ପ୍ରଭୁଙ୍କ ସାଙ୍ଗରେ ଜଗନ୍ନାଥବଲ୍ଲଭ ବଗିଚାରେ ପଶିଲେ । ପ୍ରହରୀମାନେ ସେତେବେଳକୁ ନିଦରେ ଶୋଇଥା'ନ୍ତି । ଗୋଟିଏ ପଣସ ଗଛ ମୂଳକୁ ଗଲେ । ଦେଖିଲେ ଚାରିପଟେ କଣ୍ଟାବାଡ଼ ବୁଜା ଯାଇଚି । ପଣସ ପାଚି ମହ ମହ ବାସୁଚି । ସେମାନେ କଣ୍ଟା ବାଡ଼ରୁ ଖଣ୍ଡେ କଣ୍ଟା ଉପାଡ଼ି ବାଡ଼ ଭିତରକୁ ପଶିଲେ । ବଳି ଗଛକୁ ଚଢ଼ି ଗୋଟାଏ ପାଚିଲା ପଣସ ତଳକୁ ଖସାଇ ଦେଲେ । ମହାପ୍ରଭୁ ତାକୁ ଆନନ୍ଦରେ ଖାଉଥାଆନ୍ତି । ବଳି ପଚାରିଲେ, 'ଆଉ ଦେବି ?' ମହାପ୍ରଭୁ କହିଲେ, 'ଏକଥା ପଚାରୁଚୁ ? ଆଉ ତିନିଚାରିଟା ଖସେଇ ଦେଇ ଓହ୍ଲେଇ ଆ ।' ବଳି ଏକଥା ଶୁଣି ଆହୁରି ଉପରକୁ ଉଠିଲା । ଉପରକୁ ବରଡ଼ା ସବୁ ବନ୍ଧା ଯାଇଥିଲା । ବଳିଙ୍କ ହାତ ବାଜି ସବୁ ଖଡ଼ ଖଡ଼ ଶବ୍ଦ ହେଲା । ଖଡ଼ ଖଡ଼ ଶବ୍ଦ ଶୁଣି ପ୍ରହରୀମାନେ ଧଡ଼ପଡ଼ ହେଇ ଉଠି ନିଆଁ ହୁଳା ଧରି ଧାଇଁଲେ । ମହାପ୍ରଭୁ ପଣସ ଖିଆ ଛାଡ଼ି କଣ୍ଟାବାଡ଼ ଡେଇଁ ପଳେଇଲେ ଯେ ଆଉ ପଛକୁ ଅନେଇ ନାହାନ୍ତି । ବଳି ବିଚରା ଗଛରୁ ତରବର ହେଇ ଓହ୍ଲଉ ଓହ୍ଲଉ କଣ୍ଟାବାଡ଼ ଉପରେ ପଡ଼ିଗଲା । କଣ୍ଟାରେ ତ ଦେହ ହାତ ଯାହା ଫୁଟିଗଲାଗଲା; ତା'ଛଡ଼ା ପ୍ରହରୀମାନେ ଧରି ଦେଖିଲାବେଳକୁ ବଳି । କହିଲେ 'ଆରେ ଏଇଟା ତ ସେଇ ଶୂଦ୍ର ବଳିଆ । ଯାକୁ ତ ମହାରାଜା ବହୁତ ଭଲ ପାଆନ୍ତି । ଯା କଥା କେହି ବୁଝିବେ ନାହିଁ । ଆମେ ଗୋଟାକେତେ ଦେଇ ଛାଡ଼ିଦେବା ।' ଯା କହି ଭଲକରି ଗୋଟାକେତେ ମାଡ଼ ଚଢ଼େଇ ବଳିଙ୍କୁ ବିଦା କରିଦେଲେ । ବଳି ପିଠି ମୁଣ୍ଡ ଆଉଁସି ଆଉଁସି ତାଙ୍କ ପଲାକୁ ଆସିଲେ । ତା' ଆରଦିନ ରାତି ଅଧରେ ବଡ଼ ଦେଉଳକୁ ଯାଇ ଲକ୍ଷ୍ମୀଙ୍କୁ ଜଣାଇଲେ, 'ମାଆ, କାଲି ରାତିରେ ମହାପ୍ରଭୁ ମତେ ଜଗନ୍ନାଥବଲ୍ଲଭ ମଠ ବଗିଚାକୁ ନେଇଥିଲେ ପଣସ ଚୋରି କରି ଖାଇବାକୁ । ମୁଁ ଗଛରେ ଚଢ଼ି ପଣସ ପାରୁଥିଲି; ପ୍ରଭୁ ତଳେ ଠିଆ ହେଇ ଖାଉଥିଲେ । ଏଇ ସମୟରେ ଗଛରେ ବନ୍ଧା ହେଇଥିବା ତାଳ ବରଡ଼ା ଖଡ଼ ଖଡ଼ ହେବାରୁ ପ୍ରହରୀମାନେ ଉଠି ଦଉଡ଼ି ଆସିବାରୁ ପ୍ରଭୁ

କଣ୍ଟାବାଡ଼ ଡେଇଁ ପଳେଇ ଆସିଲେ । ମୁଁ କଣ୍ଟାବାଡ଼ ଉପରେ ପଡ଼ିଗଲି, ପ୍ରହରୀମାନେ ମତେ ଧରି ବହୁତ ମାରିଲେ । କଣ୍ଟାରେ ମୋ ଦେହ ହାତ ସବୁ ଆଞ୍ଚୁଡ଼ି ହେଇଯାଇଚି । ପ୍ରଭୁଙ୍କର ସେମିତି କଣ୍ଟା ବାଜି ଦେହ ହାତ କିଛି ଆଞ୍ଚୁଡ଼ି ହେଇଯାଇ ନାଇଁ ତ ?' ବଳିଙ୍କ କଣ୍ଠରେ ଦରଦ, ଆଖିରେ ଲୁହ ଟୁଳୁଟୁଳୁ । ନିଜକୁ ହେଇଥିବା କଷ୍ଟ କାଳେ ପ୍ରଭୁଙ୍କୁ ହେଇଥିବ !

ଏହା ଶୁଣି ଲକ୍ଷ୍ମୀ ହସି ହସି କହିଲେ, 'ଭକ୍ତ ଯେମିତି ଚୋର, ପ୍ରଭୁ ବି ସେମିତି ଚୋର । ଦିହିଙ୍କି ଦିହେଁ କେହି କାହାକୁ କମ୍ ନୁହନ୍ତି ।' ଏକକୁ ଆରେକ ବଳିଆର । ଏତିକି କହି ଲକ୍ଷ୍ମୀ ଆଉ ଯାଆନ୍ତି କୁଆଡ଼େ ! ପ୍ରଭୁଙ୍କୁ ଚୋର କହି ଦେବାରୁ ବଳି ରାଗି ଉଚ୍ଛନ୍ନ ! କହିଲେ, 'ମା, ପ୍ରଭୁଙ୍କୁ ମୋର ଚୋର ବୋଲି କହିଲୁ ! ତୋର କୋଉ ଠା ଠିକଣା ଅଛି ? କହନ୍ତି ତୁ ତ ପାଣ ଘରେ, ହାଡ଼ି ଘରେ ଖାଉ । କଥାଟା ଧରା ପଡ଼ିବାରୁ ତତେ ବଡ଼ ଠାକୁରଙ୍କ ଦେଉଳ ମନା । ମୋ ଆଗରେ କ'ଣ ଚାତର ଦେଖଉଚୁ !' ଲକ୍ଷ୍ମୀଙ୍କୁ ଏଥିରେ ବହୁତ ଅପମାନ ହେଲା । ସେ କ୍ରୋଧ ଆଉ ଅଭିମାନରେ ମହାପ୍ରଭୁଙ୍କୁ କହିଲେ, 'ତୁମେ ଚୋରି କଲ, ଆଉ ମତେ ଅପମାନ ସହିବାକୁ ହେଲା । ବଳିଆ ମତେ ଯାହା ଇଚ୍ଛା ତା' ଗାଳି ଦଉଚି ।' ତା'ପରେ ବଳିଆକୁ ଚାହିଁ କହିଲେ, 'ରେ ବଳିଆ ! ମୋ ଅଭିଶାପ ତତେ ନିଶ୍ଚେ ପଡ଼ିବ । ତୁ କେବେ ବି ପଞ୍ଚକୋଶୀ ଭିତରେ ମରିପାରିବୁ ନାଇଁ ।' ବଳିଙ୍କର କିନ୍ତୁ ସେଥିପ୍ରତି ଖାତିର ନାଇଁ ।

ଏହା ଭିତରେ ବର୍ଷେ ବିତି ଯାଇଚି । ବଳି ତାଙ୍କର ଭିକ୍ଷାକରି ପୂର୍ବ ଭଳି ଚଳୁଚନ୍ତି । ଥରେ ପଞ୍ଚକୋଶୀ ବାହାରକୁ ଭିକ୍ଷା କରିବାକୁ ଯାଇଚନ୍ତି । ମଫସଲ ଜାଗା । ସେଠାରେ ତାଙ୍କୁ ଜର ହେଲା । ତେଣୁ ସେ ତରବର ହେଇ ଶ୍ରୀକ୍ଷେତ୍ର ଫେରି ଆସିଲେ । କିନ୍ତୁ ଖରାବେଳେ ଗୋଟାଏ ପାଟରେ ଆସୁ ଆସୁ ଝୁଣ୍ଟିପଡ଼ି ପଡ଼ିଗଲେ । ସିଏ ପଡ଼ିଗଲେ ଆଉ ଉଠିପାରିଲେ ନାଇଁ । ଭାବିଲେ ମା' ଲକ୍ଷ୍ମୀ ଯେଉଁ ଅଭିଶାପ ଦେଇଥିଲେ ତା' ଫଳିଲା । ଆଉ ବୋଧେ ଶ୍ରୀକ୍ଷେତ୍ର ଯାଇ ହେବ ନାଇଁ ।' ବଳିଙ୍କର ଏତିକି ଭାବନାରେ ପ୍ରଭୁଙ୍କ ଆସ୍ଥାନ କମ୍ପିଲା । ସେ ଜାଣିପାରିଲେ ବଳିଙ୍କ ଅବସ୍ଥା ! ଲକ୍ଷ୍ମୀଙ୍କୁ ଡାକି ସଙ୍ଗେ ସଙ୍ଗେ

ଗରୁଡ଼ ପିଠିରେ ବସି ବାହାରିଲେ ବଳିଙ୍କ ପାଖକୁ । ଦେଖିଲେ ବଳିଙ୍କର ପ୍ରାଣ ଛାଡ଼ିବା ଉପରେ । ଖାଲି ଯେପରି ତାଙ୍କ ଆତ୍ମା ଅପେକ୍ଷା କରି ରହିଚି ଏହି ଶେଷ ଦର୍ଶନ ଲାଗି । ଏ ସମୟରେ ବି ଲକ୍ଷ୍ମୀ ଛିଗୁଲେଇ କହୁଚନ୍ତି, 'କିରେ ବଳିଆ, ମୋ କଥା ହେଲା ନା ନାଇଁ ?'

ଲକ୍ଷ୍ମୀଙ୍କର ସ୍ୱର ଶୁଣି ବଳି ହଠାତ୍ ଚମକି ପଡ଼ିଲେ । ତାଙ୍କ ଭିତରେ ଆନନ୍ଦର ଏକ ବିଦ୍ୟୁତ୍ ତରଙ୍ଗ ଖେଳିଗଲା । ଲକ୍ଷ୍ମୀନାରାୟଣଙ୍କୁ ଦର୍ଶନ କରି ତାଙ୍କ ପାଦ ଧରି ଟିକିଏ ହସି ଦେଇ କହିଲେ, 'ମା' ତୋ ଅଭିଶାପ ଫଳିଲା ସତ; କିନ୍ତୁ ତୁମେ ଦୁହେଁ ଯେଉଁଠି ମୋର ପଞ୍ଚକୋଶୀ ଯେ ସେଇଠି । ତୁମ ଦିହିଙ୍କ ପାଦତଳହିଁ ମୋର ପରମ ପଞ୍ଚକୋଶୀ ।' ଏତିକି କହି ବଳି ଶାନ୍ତିରେ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

''ତେଣୁ ଦେଖିଲୁତ ଭକ୍ତ ଭଗବାନଙ୍କୁ ଗାଳି ଦେଇପାରେ, ଅସୁବିଧାରେ ପକେଇପାରେ । ଭଗବାନ୍ ବି ସେମିତି ଭକ୍ତକୁ ଗାଳି ଦେଇପାରନ୍ତି ଓ ଅସୁବିଧାରେ ପକେଇ ପାରନ୍ତି, କିନ୍ତୁ ଦୁହିଙ୍କ ଭିତରେ ପ୍ରେମ ଅତୁଟ ରହେ; ବରଂ ବଢ଼ି ବଢ଼ି ଚାଲେ । କାରଣ ସେ ପ୍ରେମ ସାଧାରଣ ମାନବିକ ପ୍ରେମ ଭଳି ପ୍ରାଣଜ କିଂବା ମାନସିକ ନୁହେଁ । ତାହା ଗଭୀର ଅତଳ ହୃଦୟର ଏକ ଅନ୍ତରାତ୍ମିକ ପ୍ରେମ । ସେଇଥିପାଇଁ ଶ୍ରୀଅରବିନ୍ଦ କହିଚନ୍ତି :

'The lover can wound, abandon, be wroth with us, seem to betray, yet our love endures and even grows by these oppositions; they encrease the joy of reunion and the joy of possession; through them the lover remains the friend, and all that he does, we find in the end, has been done by the lover and helper of our being for our soul's perfection as well as for his joy in us. These contradictions lead to a greater intimacy.'

'ଆମର ପ୍ରେମିକ ଆମକୁ ଆଘାତ ଦେଇପାରନ୍ତି, ଆମକୁ ତ୍ୟାଗ

କରିପାରନ୍ତି, ଆମ ଉପରେ କ୍ରୋଧ ପ୍ରକାଶ କରିପାରନ୍ତି, ଆମ ପ୍ରତି ବିଶ୍ୱାସଘାତକତା କଲା ପରି ମନେ ହେଇପାରନ୍ତି; କିନ୍ତୁ ତଥାପି ତାଙ୍କ ପ୍ରତି ଆମର ପ୍ରେମ ଅତୁଟ ରହେ, ଏପରିକି ଏସବୁ ବିରୋଧିତା ସତ୍ତ୍ୱେ ବଢ଼ି ବଢ଼ି ଚାଲିଥାଏ । ଏହିସବୁ ବିରୋଧିତା ପୁନର୍ମିଳନ, ପୁନରଧିକାରର ଆନନ୍ଦକୁ ଆହୁରି ବଢ଼ାଇ ଦେଇଥା'ନ୍ତି । ଏସବୁ ଭିତର ଦେଇ ବି ଆମର ପ୍ରେମିକ ଆମର ବଂଧୁ ହେଇ ରହିଥାଆନ୍ତି, ଏବଂ ଯାହାକିଛି ସେ କରନ୍ତି ସେସବୁ ଆମ ସତ୍ତାର ପ୍ରେମିକ ତଥା ସହାୟକରୂପେ ଆମ ଆତ୍ମାର ପୂର୍ଣ୍ଣତା ଓ ଆମ ମଧ୍ୟରେ ତାଙ୍କର ଆନନ୍ଦ ଲାଗିହିଁ କରନ୍ତି ବୋଲି ପରିଶେଷରେ ଆମେ ଜାଣିପାରୁ । ଏସବୁ ବିରୋଧିତା ଆମକୁ ଏକ ବୃହତ୍ତର ନିବିଡ଼ତା ତଥା ଅନ୍ତରଙ୍ଗତା ଆଡ଼କୁ ନେଇ ଯାଇଥାଏ ।'

# ଭଗତର ନୂଆ ଜଗତ

''ମଣିଷ ଭଗବାନଙ୍କୁ ଚାହିଁଲେ, ଭଗବାନଙ୍କ ଆଡ଼କୁ ଗଲେ, ତାଙ୍କ ଲାଗି ସାଧନା କଲେ ସେ ମଣିଷକୁ ମିଳିଥା'ନ୍ତି । କିନ୍ତୁ ଯିଏ ଜମା ତାଙ୍କୁ ଚାହିଁ ନ ଥିବ, ଜମା ତାଙ୍କ ଲାଗି ସାଧନା କରି ନ ଥିବ ତାକୁ କ'ଣ କେବେ ଭଗବାନ୍ ମିଳିବେ ନାଇଁ ? ଭଗବାନ୍ ତାଙ୍କ ନିଜ ତରଫରୁ ତାକୁ ଦେଖାଦେବେ ନାଇଁ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ହଁ, ସେଭଳି ମଣିଷକୁ ଭଗବାନ୍ ମିଳିବେ, ତାଙ୍କ ତରଫରୁ ଦେଖାଦେବେ ଯଦି ତାଙ୍କୁ ଗ୍ରହଣ କରିବା ପାଇଁ ତା'ର ଆତ୍ମାର ପ୍ରସ୍ତୁତି ଥାଏ । ନଚେତ୍ ଭଗବାନ୍ ତାକୁ ଦେଖାଦେଲେ ବି ସେ ତାଙ୍କୁ ଚିହ୍ନିପାରିବ ନାଇଁ କି ଗ୍ରହଣ କରିପାରିବ ନାଇଁ । ଏପରିକି ବାହାରେ ମନ-ପ୍ରାଣ-ଶରୀର ସ୍ତରରେ ସବୁପ୍ରକାର ଭଗବତ୍ ବିରୋଧୀ କାମ କରି ବି ବ୍ୟକ୍ତି ଆତ୍ମାର ପ୍ରସ୍ତୁତି ଥିଲେ ଅଚାନକଭାବେ ଭଗବାନଙ୍କର କୃପା ଓ ଦର୍ଶନ ଲାଭ କରିପାରେ । ସେଇଥିରେ ତା' ଜୀବନ ସଂପୂର୍ଣ୍ଣ ପରିବର୍ତ୍ତନ ହେଇଯାଏ । ଏପରିକି ବର୍ଷ ବର୍ଷ ଧରି ସାଧନା କରି ବ୍ୟକ୍ତି ଯାହା ନ ପାଇଥାଏ ସେ ବିନା ଚେଷ୍ଟାରେ, ବିନା ଚାହିଁବାରେ, ଏପରିକି ସବୁପ୍ରକାର ବିପରୀତ ଆଚରଣ କରି ମଧ୍ୟ ମୁହୂର୍ତ୍ତକରେ ତାହା ଲାଭ କରେ । ଭଗବାନଙ୍କ କୃପା ଲାଗି ମଣିଷ ମନ ବୁଝିଲା ଭଳି କୌଣସି ନିୟମ ନାଇଁ । ତାଙ୍କ କୃପାର ନିୟମ ସ୍ୱତନ୍ତ୍ର । ସେ ଚାହିଁଲେ ପଙ୍ଗୁକୁ ଗିରି ଲଙ୍ଘେଇ ପାରନ୍ତି, ଅନ୍ଧକୁ ମହାନ୍ ଦୃଷ୍ଟିଶକ୍ତି ଦେଇପାରନ୍ତି; ଚୋର, ଡକାୟତ, ଖୁଣୀ, ମଦ୍ୟପ, ଦୁଶ୍ଚରିତ୍ର ବ୍ୟକ୍ତିକୁ ତାଙ୍କ ସାନ୍ନିଧ୍ୟ ଦେଇ ସେମାନଙ୍କ ଜୀବନକୁ କୃତାର୍ଥ କରିପାରନ୍ତି; ଅଥଚ ବର୍ଷ ବର୍ଷର କଠୋର ସାଧନା, ତପସ୍ୟା ଫଳରେ ବି ତାଙ୍କ ସାନ୍ନିଧ୍ୟ ଟିକିଏ ମିଳିବା ଅସମ୍ଭବ ହୋଇପଡ଼େ ।'' କହିଲା ଚିନ୍ମୟ ।

''ସେଇଭଳି ଜଣେ ଲୋକଙ୍କ କଥା କୁହ, ଯିଏ ଆଦୌ ସାଧନା ନ କରି, ଭଗବାନଙ୍କୁ ନ ଚାହିଁ, ବରଂ ତାଙ୍କୁ ପାଇବାର ସବୁ ବିପରୀତ କାମ କରି ବି ତାଙ୍କୁ ପାଇଚି । ତାଙ୍କର ଭକ୍ତ ହେଇ ତାଙ୍କ କୃପା ଲାଭ କରିପାରିଚି । ଏଭଳି ଲୋକ କେତେ ଭାଗ୍ୟବାନ୍ ନୁହନ୍ତି !'' କହିଲା ଅନୁରକ୍ତା ।

''ହଁ, ଭାଗ୍ୟବାନ୍ ନିଶ୍ଚୟ । କିନ୍ତୁ ସେଭଳି ଲୋକ କ'ଣ ବେଶୀ ମିଳନ୍ତି । ଖୁବ୍ କ୍ୱଚିତ୍ । କୋଟିକରେ ଗୋଟିଏ । ଭଗତ ଥିଲା ଗୋଟାଏ ଦୁର୍ଦାନ୍ତ ଡକାୟତ । ଚୋରି ତ ସେ କରେ । କିନ୍ତୁ ଚୋରି ସହ ଲୋକଙ୍କୁ ଖୁନ୍ କରିବାରେ ସେ ଏକ ମାଦକତା ଓ ଆନନ୍ଦ ଅନୁଭବ କରେ । ନିଷ୍ଠୁର ନିର୍ମମ ତା'ର ହୃଦୟ । ତା' ନାଁ ଶୁଣିଲେ ଲୋକମାନେ ଥରହର ହେଉଥିଲେ ।

''ଦିନକର କଥା । ଭଗତ ପଶିଚି ଜଣେ ଶେଠଙ୍କ ଘରେ ଚୋରି କରିବାକୁ । ଶେଠଙ୍କ ଘର ଆଗରେ ଲାଗିଚି ଭାଗବତ ପାରାୟଣ । ଶେଠଙ୍କ ସମସ୍ତ ପରିବାର ବସି ଶୁଣୁଚନ୍ତି । ଏଣେ ଘରଆଡ଼କୁ କାହାରି ନିଘା ନାଇଁ । ଅପୂର୍ବ ସୁଯୋଗ । ଭଗତ ନିର୍ବିଘ୍ନରେ ଘରେ ପଶି ବାକ୍ସ ପରେ ବାକ୍ସ ଖୋଲିଚାଲିଚି । କେତେ ଟଙ୍କା ପଇସା; ସୁନା, ରୁପା, ମୋତି, ମାଣିକ୍ୟ, ଅଳଙ୍କାର ଆଦିର ବାକ୍ସସବୁ ଭର୍ତ୍ତି ହେଇରହିଚି । ଭାବିଲା ଛୋଟ ମୁଣିଟିଏ ତ ଆଣିଚି । କ'ଣ ଏଥିରୁ ନେବି ? ଆଉ ଛାଡ଼ି କରି ବା ଯିବି କେମିତି ? ଏମିତି ଭାବୁ ଭାବୁ ହଠାତ୍ ଚମକି ପଡ଼ିଲା । କିଏ ଆଉ ଆସୁଚିକି ମୋ ଆଡ଼କୁ ? ନା, କେହି ତ ନାଇଁ । ଏଇ ଚମକି ପଡ଼ିବା ଭିତରେ ତା'ର ଧନାସକ୍ତ ମନ ଟିକିଏ ଟହଲି ଯାଇଚି । ସେଥିରେ ସୃଷ୍ଟି ହେଇଚି କୋଉଠି ଟିକିଏ ଫାଙ୍କ । ସେଇ ଫାଙ୍କ ବାଟେ ପଶି ଆସିଲା ଝଲକାଏ ପଣ୍ଡିତ ମହାଶୟଙ୍କ କଣ୍ଠର ଭାଗବତ କଥାସବୁ –

'ରାତି ଶେଷରେ ତାଙ୍କର ଶୁଭ୍ର ବସନ ପିନ୍ଧି ଆସିଚନ୍ତି ଉଷାରାଣୀ । ମଥାରେ ତାଙ୍କର ବିରାଟ ସିନ୍ଦୂର ଟୋପା ଦାଉ ଦାଉ ହୋଇ ଜଳୁଚି । ଗଗନରେ ତାଙ୍କର ସଦ୍ୟ ନୀଡ଼ ଛଡ଼ା ପକ୍ଷୀମାନଙ୍କର ଆନନ୍ଦ କଳରୋଳ । ବ୍ରଜରେ ଶୁଭିଲାଣି ଗହଳ ଚହଳ । ବ୍ରଜବାସୀଙ୍କର ଘରେ ଘରେ ଦହି ମନ୍ଥିବାର ଶବ୍ଦ । ଗୋ

ଗୋଷ୍ଠରୁ ଶୁଭୁଚି ହମ୍ବା ରଡ଼ି । ଗୋପାଳ ବାଳକମାନେ ଲଉଡ଼ି ଧରି ପ୍ରସ୍ତୁତ ହେଇଗଲେଣି ଗୋରୁପଲ ନେଇ ବନସ୍ତକୁ ଯିବେ । ସଙ୍ଗରେ ଯିବେ ମୁରଲୀଧର ଶ୍ରୀକୃଷ୍ଣ ଓ ବଡ଼ ଭାଇ ହଳଧର ବଳରାମ । ସଖା ଶ୍ରୀଦାମ, ସୁଦାମା, ବସୁଦାମା ପ୍ରଭୃତି ଆସି ହାଜର ହେଇଗଲେଣି । ସର୍ବାଙ୍ଗରେ ଦିବ୍ୟ ଅଳଙ୍କାର ବିଭୂଷିତ ହେଇ ପାଟପୀତାମ୍ବର ପିନ୍ଧି ଢଳି ଢଳି ଆସୁଚନ୍ତି କାନ୍ତ କମନୀୟ କୃଷ୍ଣ । ପ୍ରତି ପଦପାତରେ ଫୁଟି ଉଠୁଚି ଗୋଟିଏ ଗୋଟିଏ ସୁନାର ପଦ୍ମ । ଅରୁଣାଲୋକରେ ଝଲସି ଉଠୁଚି ତାଙ୍କର ରତ୍ନ ମୁକୁଟ । ତାଙ୍କ ଶ୍ୟାମ ତନୁକାନ୍ତି ସହିତ ମିଶି ଅପୂର୍ବ ଶ୍ରୀଧାରଣ କରୁଚି ଇନ୍ଦ୍ରନୀଳମଣି ସହ ଶିଖିପୁଚ୍ଛର ନୀଳିମା । ବକ୍ଷ ସ୍ଥଳରେ ଶୋଭା ପାଉଚି ତେଜୋଦୀପ୍ତ କୌସ୍ତୁଭ ମଣି ।

''ପଣ୍ଡିତ ମହାଶୟଙ୍କ ଭାଗବତରୁ ଏ ବ୍ୟାଖ୍ୟା ଶୁଣି ସ୍ତବ୍ଧ ହୋଇଗଲା ଭଗତ କିଛି କ୍ଷଣ ଲାଗି । ଭୁଲିଗଲା ନିଜର କର୍ତ୍ତବ୍ୟ । କାନ ଦୁଇଟି ତା'ର ଆହୁରି ସଜାଗ ହେଇଉଠିଲେ, ହୃଦୟ ତା'ର ଆହୁରି ଏକାଗ୍ର ହୋଇଉଠିଲା । କି ଅମୃତମୟ ବଚନ ! ଆହୁରି ଶୁଣିଲା ସେ –

'ଅମୂଲ୍ୟ ମଣିମାଣିକ୍ୟ ବୈଦୂର୍ଯ୍ୟ ଖଚିତ ଦିବ୍ୟ ଅଳଙ୍କାର ସବୁ ଶ୍ୟାମଙ୍କ ଦେହକୁ କି ମନୋହର, ମନୋରମ କରି ତୋଳିଚି । ଦୁଇ କାନରେ କୁଣ୍ଡଳ, ହାତରେ ସୁନାର ବଇଁଶୀ, ଦୁଇ ବାହୁରେ ମୋତି ପୁଂଜ ଖଚିତ ବାଜୁବଂଧ । କଟିରେ ରତ୍ନ ମେଖଳା । ହସ ହସ, କାନ୍ତ, କଅଁଳ ମୁଖଶ୍ରୀ । ଏଇ ସେଇ କୃଷ୍ଣ, ଗୋକୁଳ କୁଳଚନ୍ଦ୍ରମା ଯଶୋଦା ହୃଦନନ୍ଦନ ବ୍ରଜରାଜ ।'

'ଏ ! କେଡ଼େ ସୁନ୍ଦର କଥା ! କି ମଧୁର ! ପୁଣି ଛୁଆଟା ଏତେଗୁଡ଼ାଏ ଅଳଙ୍କାର ପିନ୍ଧି ବଣକୁ ଯାଉଚି ଗାଈ ଚରେଇ ଯିବାକୁ ! ଭାରି ମଜା କଥା ତ ! ମନେ ମନେ ଭାବିଲା ଭଗତ । ପୁଣି ଶୁଣିଲା ବୁଢ଼ା ପଣ୍ଡିତ ମହାଶୟ କହୁଚନ୍ତି – 'ସେଇ ଶ୍ୟାମଘନ କୃଷ୍ଣଙ୍କ ସହ ଆସୁଛନ୍ତି ଦୀପ୍ତିମାନ୍, ଗୌରକାନ୍ତି, ବହୁମୂଲ୍ୟ ଆଭରଣ ଭୂଷିତ, ସସ୍ମିତ ବଦନ ବଳରାମ । ଦୁହେଁ ତରବର ହେଉଚନ୍ତି, ଗୋରୁମାନଙ୍କୁ ନେଇ ବୃନ୍ଦାବନ ଯିବେ । ବେଳ ଗଡ଼ିଯାଉଚି ।

''ଦସ୍ୟୁ ଭଗତ ଭୁଲିଗଲା ନିଜକୁ, ନିଜର ସେଠାକୁ ଆସିବାର ମୂଳ

ଉଦ୍ଦେଶ୍ୟକୁ । କେଳାର ପଦ୍ମତୋଳା ଶୁଣି ସାପ ଯେପରି ନିଜର ସ୍ୱଭାବ ଭୁଲି ତା'ର ବଶ ହୋଇଯାଏ ସେମିତି ସେ ଧନରତ୍ନର ଭଣ୍ଡାର ଭିତରୁ ଟାଣିହୋଇ ଆସିଲା ପ୍ରେମ ଭକ୍ତିର ଭଣ୍ଡାର ଭିତରକୁ । ଚୁପ୍ କରି ଆସି କେତେବେଳେ ଭାଗବତ ପାରାୟଣ ସଭାରେ ବସିଗଲାଣି ଜାଣେ ନାଇଁ । ମନ ଦେଇ ସବୁକଥା ଶୁଣିଲା । ସଭା ଶେଷ ହେଲା । ଯିଏ ଯୁଆଡ଼େ ଗଲେ । ପଣ୍ଡିତେ ତାଙ୍କ ପୁଟୁଳି ବାନ୍ଧି ଏକା ଏକା ଘରକୁ ବାହାରିଲେ ।

''ଭଗତ ଭାବିଲା, ସତରେ କ'ଣ ଛୁଆ ଦିଇଟା ଏତେ ଅଳଙ୍କାର ପିନ୍ଧି ବଣରେ ନିତି ବୁଲନ୍ତି ? ତେବେ ସେଇ ଦି'ଟାକୁ ଧଇଲେ ମୋର ଆଉ ଚୋରି କରିବା ଦରକାର କ'ଣ ? ସେଇଥିରୁ ତ ଯାହା ପାଇବି ଜୀବନଯାକ ଚୋରି କଲେ ପାଇପାରିବି ନାଇଁ । ଏ ଶେଠର ସଂପତ୍ତି ତା' ଆଗରେ କ'ଣ ! ଖାଲି ପଣ୍ଡିତ ବୁଢ଼ାଠଉଁ କଥାଟା ଟିକିଏ ପକ୍କା କରି ବୁଝି ନବାକୁ ହବ । ଏହା ଭାବି ଖାଲି ହାତରେ ସେ ଶେଠଙ୍କ ଘରୁ ଫେରି ଆସିଲା ।

''ପଣ୍ଡିତ ମହାଶୟେ ଯାଇ ଅଧାବାଟରେ ହେଲେଣି । ପଛରୁ ଦଉଡ଼ି ଦଉଡ଼ି ଭଗତ ଯାଇ ତାଙ୍କ ଆଗରେ ବାଟ ବନ୍ଦ କରି ଦୃଢ଼ ଭାବରେ ଠିଆ ହେଇଗଲା । ପଣ୍ଡିତ ମହାଶୟ ତା'ର ଭୀମକାୟ ରୂପକୁ ଦେଖି ଚମକି ପଡ଼ି ଛାନିଆ ହେଇଗଲେ । ଭଗତ ତା' ଠେଙ୍ଗା ଉଞ୍ଚାଇ କହିଲା, 'ପଣ୍ଡିତେ ! ସଫା ସଫା କୁହ । ସେ ଯୋଉ ଛୁଆ ଦି'ଟାଙ୍କ କଥା କହୁଥିଲ ସେମାନେ କୋଉଠି ଅଛନ୍ତି ? କହୁଥିଲ ପରା ତାଙ୍କ ଦେହସାରା ମୂଲ୍ୟବାନ୍ ଗହଣାରେ ଭରି ହେଇଚି ? ଠିକ୍ ଠିକ୍ କଥା କୁହ । ଠକିବାକୁ ଚେଷ୍ଟା କଲେ ଏ ଠେଙ୍ଗା ପାହାରରେ ଆଜି ଖତମ କରିଦେବି ।'

''ଦସ୍ୟୁର ଏ ଧମକରେ ପଣ୍ଡିତ ମହାଶୟଙ୍କ ପିଳେହି ପାଣି ହେଇଗଲା । ସେ ସପ୍ନରେ ବି ଭାବି ନ ଥିଲେ ଏପରି ଏକ ଅଚାନକ ଘଟଣାର ସମ୍ମୁଖୀନ ହେବେ । କି ମୂର୍ଖ ଏ ଦସ୍ୟୁଟା ! ଟିକିଏ ବି କାଣ୍ଡଜ୍ଞାନ ନାଇଁ ! କେମିତି ତାକୁ ବୁଝେଇବି ଯେ ଏଗୁଡ଼ାକ ସବୁ ପୁରାଣର ଗଳ୍ପ ? ଏଥିରେ ମୋଟେ ବାସ୍ତବତା ନାଇଁ । କୋଉ ଦ୍ୱାପରଯୁଗର ବ୍ରଜକିଶୋର ଶ୍ରୀକୃଷ୍ଣଙ୍କର

ବାଲ୍ୟଲୀଳାର ଘଟଣାବଳି ବର୍ଣ୍ଣନା କରି ଭାଗବତର ରଚନା । ତା' ପୁଣି ଏ କଳି ଯୁଗରେ ଗୋଟାଏ ମହାପାପୀ ଦସ୍ୟୁର ଦସ୍ୟୁବୃତ୍ତି ପାଇଁ ପୁଣିଥରେ ଘଟିବ ! ମୂର୍ଖ, ପାଷଣ୍ଡକୁ ବା କ'ଣ କହି ବୁଝେଇବି ? ତେବେ ବହୁତ ନରମ ହେଇ କାକୁତି ମିନତି କରି କହିଲେ, 'ବାବୁ, ତୁ କ'ଣ ଜାଣିନୁ ? ଇଏ କ'ଣ ଏବକାର କଥା ? ଇଏ ପରା କୋଉ ଦ୍ୱାପର ଯୁଗର କଥା । ଏବେ କ'ଣ ଆଉ ସେ କୃଷ୍ଣ ଅଛନ୍ତି ନା ସେ ବ୍ରଜ ଅଛି, ନା ସେଇ ବଇଁଶୀ ବାଦନ ଅଛି ? ମୁଁ କୋଉଠୁ ତାଙ୍କ ସନ୍ଧାନ ଦେବି ?'

''ଠେଙ୍ଗା ଉଞ୍ଚାଇ ଗର୍ଜି ଉଠିଲା ଭଗତ । ଦାନ୍ତ କଡ଼ମଡ଼ କରି ମାଡ଼ି ଆସିଲା ପଣ୍ଡିତଙ୍କ ଆଡ଼କୁ । କହିଲା, 'ସେ ଚାଲ୍‌ବାଜି ରଖିଥା । ସାଙ୍ଗେ ସାଙ୍ଗେ ସାଫ୍ ସାଫ୍ ସବୁ ଫିଟେଇ କରି କହ । ବ୍ରଜକିଶୋର ଦୁହେଁ ଗୋରୁ ନେଇ କୁଆଡ଼େ ଚରାଇବାକୁ ଯାଆନ୍ତି । ସେ ଜାଗା କୋଉଠି ସେଠିକି ଯିବାକୁ କୋଉ ବାଟ ଶୀଘ୍ର କହ । ନହେଲେ ଏକା ପାହାରକେ ମୁଣ୍ଡଟା ଛତୁ କରିଦେବି ।''

''ବୃଦ୍ଧ ପଣ୍ଡିତ ଦେଖିଲେ ଭୀଷଣକାୟ ଦସ୍ୟୁଟା ବେଳକୁ ବେଳ ଭୟଙ୍କର ହେଇ ଉଠୁଚି । ତା'ର ଠେଙ୍ଗାଟି ତାଙ୍କ ମୁଣ୍ଡ ଉପରେ ଉଞ୍ଚା ହେଇ ରହିଚି । କେତେବେଳେ ଯେ ପଡ଼ିବ ଠିକ୍ ନାଇଁ । ସେ ଜାଣିପାରିଲେ ଯେ ଯେତେ ସତ କଥା କହିଲେ ବି ଦସ୍ୟୁ ବୁଝିବ ନାଇଁ । ତା' ଛଡ଼ା ଭାଗବତ ସରିବାକୁ ଆଉ ଅଳ୍ପଦିନ ବାକୀ ଅଛି । ସରିଗଲେ ସେ ତାଙ୍କ ନିଜ ଦେଶକୁ ଫେରିଯିବେ । କିନ୍ତୁ ସେଇଦିନ ପର୍ଯ୍ୟନ୍ତ ତାଙ୍କ ନିଜ ଜୀବନକୁ ବଞ୍ଚାଇବା ଦରକାର । ତେଣୁ ସେ ମୁହଁରେ ନିର୍ଜୀବ ହସ ଟିକିଏ ଫୁଟେଇ କହିଲେ, 'ଏତେ ରାଗୁଚ କାଇଁକି ? ଟିକିଏ ଶାନ୍ତ ହୁଅ, ମୁଁ କହୁଚି । କଥା କ'ଣ କି, ମୁଁ ତ ଗରିବ ବ୍ରାହ୍ମଣ । ଏତେଗୁଡ଼ାଏ ସଂପଦ ପାଇବାର ବାଟ ତୁମକୁ ବତେଇଲେ ତୁମେ ମତେ ଦବ କ'ଣ ? ସେ କଥାଟା ଆଗରୁ ପରିଷ୍କାର ହେଇଯିବା ଦରକାର ।'

''ଭଗତ ଟିକିଏ ହସି ଠେଙ୍ଗା ତଳକୁ କରି କହିଲା, 'ସେକଥା କହୁନା, ମୋ ସାଙ୍ଗରେ ଛୋପରା ହଉଚ ! ଠିକ୍ ଅଛି, ମୁଁ ସେ ସମ୍ପଦ ପାଇଲେ ତୁମକୁ ସେଥିରୁ ଚଉଠେ ଦେବି । ଯଦି ତୁମେ କହିଥିବା ଅନୁଯାୟୀ ସେଇସବୁ

ଅଳଙ୍କାର ମିଳେ ତେବେ ଆଉ କିଛି ଅଧିକା ଦେଇପାରେ । କିନ୍ତୁ ତୁମେ ଆଉ ବେଶୀ ଆଶା କରି ନ ଥିବ । ଏଥର କୁହ ସେ ପିଲା ଦିହିଙ୍କି ମୁଁ କୋଉଠି ପାଇବି ?'

''ପଣ୍ଡିତେ ଟିକିଏ ଆଶ୍ୱସ୍ତ ହେଲେ । ଭାବିଲେ, ଏଠାରେ ବାଟରେ କହିଲେ ଯଦି କିଏ ଶୁଣେ ତେବେ ତାଙ୍କର ସବୁ ଫିକର ପାଣିରେ ପଡ଼ିଯିବ । ତେଣୁ ସେ ଚାଲାକି କରି ଭଗତକୁ କହିଲେ, ''ଦେଖ, ଏସବୁ କଥା ବାଟରେ ଘାଟରେ କଥାବାର୍ତ୍ତା ହେବା ଠିକ୍ ନୁହେଁ; କିଏ ଯଦି ଶୁଣି ଦବ ତେବେ ତୁମେ ଯିବା ଆଗରୁ ସେ ଯାଇ ସବୁ ମାରିନବ । ତା'ଛଡ଼ା ମତେ ପୋଥି ଦେଖି କହିବାକୁ ହବ । ମୋର ତ ସବୁ ମନେ ନାଇଁ । ଭଗତ ରାଜି ହେଲା । ଦୁହେଁ ପଣ୍ଡିତଙ୍କ ବସାକୁ ଗଲେ । ଅତି ସନ୍ତର୍ପଣରେ ପୋଥି ଖୋଲି ପଣ୍ଡିତେ କହିଲେ – 'ଶୁଣ, ସିଏ ହଉଚନ୍ତି ଦୁଇଭାଇ । ଜଣକ ନାମ କୃଷ୍ଣ, ଆଉ ଜଣକ ନାମ ବଳରାମ । କୃଷ୍ଣ ଶ୍ୟାମଳ, ସୁନ୍ଦର, ମଥାରେ ଶିଖିପୁଚ୍ଛ ଓ ମଣି ମାଣିକ୍ୟ ଖଞ୍ଜା ସୁନା ମୁକୁଟ । କାନରେ ମକର କୁଣ୍ଡଳ, ବକ୍ଷରେ କୌସ୍ତୁଭ ମଣି, ହାତରେ ସୁନାର ବଂଶୀ, କଟିରେ ବହୁମୂଲ୍ୟ କିଙ୍କିଣୀ, ପାଦରେ ନୂପୁର, ଏମିତି କେତେ ସୁନ୍ଦର ସୁନ୍ଦର ଅଳଙ୍କାର ସବୁ ତାଙ୍କ ଦେହ ସାରା ମଣ୍ଡି ହେଇଚି । ସୁନ୍ଦର ତାଙ୍କର ମୁହଁ, ଆହୁରି ସୁନ୍ଦର ତାଙ୍କର ହସ । ବଡ଼ଭାଇ ବଳରାମଙ୍କ ଦେହ ଗୋରା, ତେଜଃରେ ଝଟକୁଥାଏ । ସେ ବି ଦେହରେ ଅନେକ ମୂଲ୍ୟବାନ୍ ଗହଣା ଲଗେଇଥା'ନ୍ତି ।'

'ଆଚ୍ଛା, ତୁମେ ଏଇ ଯେଉଁସବୁ ଅଳଙ୍କାର କଥା କହିଲ ତା' ଭିତରୁ କେଉଁ ଅଳଙ୍କାରର ଦାମ୍ ବେଶୀ ଟଙ୍କା ହବ ? ପଚାରିଲା ଭଗତ ।

'ସେଥିମଧ୍ୟରୁ ସବୁଠାରୁ ବେଶୀ ମୂଲ୍ୟବାନ୍ ହଉଚି କୌସ୍ତୁଭ ମଣି । ସଂସାରରେ ଯେତେ ଧନରତ୍ନ ଯେତେ ବିଭବ ଅଛି, ସବୁକୁ ଠୁଳ କରି ମୂଲ କଲେ ବି କୌସ୍ତୁଭ ମଣି ସହ ସମାନ ହେବ ନାଇଁ । ଏ ମଣିରୁ ସୂର୍ଯ୍ୟ ଭଳି ତେଜଃ ବାହାରୁ ଥାଏ । ଏ ପଦାର୍ଥ ପୃଥିବୀରେ ଦୁର୍ଲଭ ।'

''ହଁ କରି ଶୁଣୁଥାଏ ଭଗତ । ସେ ଯେପରି ସ୍ୱପ୍ନ ରାଜ୍ୟରେ ବୁଲୁଚି ।

ପଣ୍ଡିତଙ୍କ କଥା ଶେଷ ହେଇ ଯିବାରୁ ତା' ସ୍ୱପ୍ନ ଭାଙ୍ଗିଗଲା । କହିଲା, 'ଆଚ୍ଛା, ସେମାନଙ୍କ ପାଖକୁ ମୁଁ କେଉଁ ବାଟ ଦେଇ ଯିବି ?'

''ପଣ୍ଡିତେ କହିଲେ, 'ସିଧା ଉତ୍ତର ଦିଗକୁ ମୁହଁ କରି ଯିବ । ଗୋଟିଏ ଘୋର ଜଙ୍ଗଲ ଦେଇ ଯିବାକୁ ହେବ । ସେଇ ଜଙ୍ଗଲ ଭିତରେ ଦେଖିବ ଗୋଟିଏ ବଡ଼ କଦମ୍ବ ଗଛ । ତା'ରି ମୂଳରେ ଦି' ଭାଇ ବସନ୍ତି ।'

'ଆଚ୍ଛା, କେତେବେଳେ ସେମାନେ ଗୋରୁ ଚରେଇ ଆସନ୍ତି ?' ପଚାରିଲା ଭଗତ ।

'ଠିକ୍ ଭୋରୁ ଭୋରୁ । ସେତେବେଳେ ଅଳ୍ପ ଅନ୍ଧାର ଥାଏ ।'

''ସବୁକଥା ବୁଝି ପ୍ରଣାମ ଜଣେଇ ତରବର ହେଇଉଠିଲା ଭଗତ ।

''ଭଗତ ଚାଲିଯିବା ପରେ ପଣ୍ଡିତେ ମନେ ମନେ ହସିଲେ; ଭାବିଲେ ବୋକାଟାକୁ ଠକି ଦେଇଚନ୍ତି । କିନ୍ତୁ ପରେ ପୁଣି ତାଙ୍କର ଭୟ ହେଲା ଯେ ଦୁଇ ଚାରିଦିନ ଖୋଜାଖୋଜି କରି ଯେତେବେଳେ ସେ ଦୁଇ ଭାଇଙ୍କୁ ନ ପାଇବ ଓ ତାଙ୍କ ଠକାମି ବୁଝିପାରିବ ସେତେବେଳେ ଆସି ଯଦି ପ୍ରତିଶୋଧ ନବ ! ଅଜଣା ଭୟରେ ଅନ୍ତର ତାଙ୍କର ଥରି ଉଠିଲା । ସେତେବେଳକୁ ଆଉ ଗୋଟିଏ କିଛି ଫନ୍ଦି ବାହାର କରିବେ ବୋଲି ଭାବି ସେ ଶୋଇବାକୁ ଗଲେ ।

''ଦସ୍ୟୁ ଭଗତ ଘରକୁ ଫେରିଲା । ଆଉ ଅଳ୍ପ ରାତି ଅଛି । ଆଜି ଗଲେ ଠିକ୍ ସମୟରେ ଜଙ୍ଗଲରେ ପହଞ୍ଚି ହେବନି । କାଲି ସଂଧ୍ୟା ପୂର୍ବରୁ ଗଲେ ଠିକ୍ ବେଳାରେ ସେଠି ପହଞ୍ଚିହବ । କିନ୍ତୁ ଏହା ଭିତରେ ଯଦି ପଣ୍ଡିତଟା ସେ ପିଲା ଦି'ଟାଙ୍କ ବାପା ମା'ଙ୍କୁ ଖବର ଦେଇଦିଏ ! ସେମାନେ ତ ରଜାଛୁଆ, ସଉକରେ ଗୋରୁ ଚରେଇ ଆସୁଥିବେ । ତାଙ୍କ ବାପାମାଆ ଯଦି ସେମାନଙ୍କୁ ଜଙ୍ଗଲ ଆସିବା ମନା କରିଦିଅନ୍ତି ତା' ହେଲେ ତ ସବୁ ଗଲା । ନାଇଁ ନାଇଁ, ଏଇ ବର୍ତ୍ତମାନ ଗଲେ ସେମାନେ ଗୋଧୂଳି ବେଳରେ ଗୋରୁ ନେଇ ଫେରିଲା ବେଳକୁ ଭେଟ ହେଇଯିବ । ପୁଣି ଭାବିଲା, ନାଇଁ ନାଇଁ, ପଣ୍ଡିତ ମହାଶୟେ ତ କହି ନାହାନ୍ତି ଯେ ସେମାନେ ଯେଉଁ ବାଟେ ଯାଆନ୍ତି ସେହି ବାଟେ ଫେରନ୍ତି ବୋଲି । ତେଣୁ ମୋର ଯିବାଟା ବୃଥା ହେବ । କାଲି ସଂଜ ପୂର୍ବରୁ ଟିକିଏ

ବେଳାବେଳି ବାହାରି ଯିବି । ଆଗରୁ ଯାଇ ଜଙ୍ଗଲରେ ଗୋଟାଏ ସୁବିଧା ଜାଗା ଦେଖି ଲୁଚି ରହିବି, ଯେମିତି ସେମାନେ ଆସୁଥିବାର ଜାଣିପାରିବି । ନିଶ୍ଚୟ ଜାଣିପାରିବି । କାରଣ କୃଷ୍ଣ ବଇଁଶୀ ବଜାଏ । ସେଥିରୁ ଜାଣିନେଇ ଏକା କୁଦାକେ ଯାଇ ସେମାନଙ୍କ ଆଗରେ ଠିଆ ହେଇଯିବି । ଯିବେ କୁଆଡ଼େ ! ଏତେ ଅଳଙ୍କାର ଦେହଯାକ ମଣ୍ଡି ହେଇ କ'ଣ ଦଉଡ଼ି ପାରିବେ ? ଗୋଟାଏ ଗର୍ଜନ କରି ଠେଙ୍ଗା ଉଞ୍ଚେଇ ଦେଲେ ଛୁଆ ଦି'ଟାଙ୍କ ପିଳେହି ପାଣି ହେଇଯିବ । ତା'ପରେ ସବୁ ଅଳଙ୍କାର ଖୋଲି ନେଇ ଆସିବି । କଅଁଳିଆ ଛୁଆ ଦି'ଟା କ'ଣ ବଳେଇ ଯିବେ ।

''ରାତି ଯାଇ ସକାଳ ହେଲା । ସକାଳ ଯାଇ ମଧ୍ୟାହ୍ନ ହେଲା । ଦିନ ତା'ର ଠିକ୍ ଗତିରେ ଚାଲିଚି । କିନ୍ତୁ ଦସ୍ୟୁ ଭଗତ ଲାଗି ଦିନଟା ଯେପରି ସରୁ ନାଇଁ । ବହୁତ ବିଳମ୍ବ ହଉଚି । ତା' ମନ ଉଚ୍ଛନ୍ନ ହେଲାଣି କେମିତି ବେଳ ବୁଡ଼ିଲେ ଜଙ୍ଗଲକୁ ଯିବ । ଖାଇବା ପିଇବା ଭୁଲି ଗଲାଣି । ଛୁଆ ଦି'ଟାଙ୍କ ସୁନ୍ଦର କଅଁଳ ମୁହଁ ତା'ର ମନେ ପଡ଼ିଯାଉଚି । ମାନସ ଚକ୍ଷୁରେ ଦେଖୁଚି ସେମାନଙ୍କର ଅଳଙ୍କାରମଣ୍ଡିତ ଦିବ୍ୟ ଅଙ୍ଗକାନ୍ତି । ସେମାନଙ୍କୁ ଧମକେଇ ଗୋଟି ଗୋଟି କରି କିପରି ସେମାନଙ୍କ ଶ୍ରୀଅଙ୍ଗରୁ ଅଳଙ୍କାର ମାନ କାଢୁଚି । ପ୍ରତ୍ୟେକଟି ସ୍ପର୍ଶରେ ଉଲ୍ଲସି ଉଠୁଚି ତା'ର ତନୁମନ । କେଉଁଥିପାଇଁ ସେ ଜାଣିପାରୁ ନାଇଁ । କ'ଣ ଏତେ ମୂଲ୍ୟବାନ୍ ଅଳଙ୍କାର ପ୍ରାପ୍ତିରେ ନା ଆଉ କେଉଁଥିପାଇଁ ?

''ବହୁ ଅପେକ୍ଷିତ ସଂଧ୍ୟା ଆସିଲା । ଗୋଧୂଳି ଗଗନରେ ବାହୁଡ଼ା ସୂର୍ଯ୍ୟଙ୍କର ମ୍ଲାନ କିରଣ ଦେଖି ଉଲ୍ଲସି ଉଠିଲା ଦସ୍ୟୁ ଭଗତର ମନ । ଚିତାଏ ଉଞ୍ଚ ଠେଙ୍ଗାଟାଏ ଧରି ବାହାରି ପଡ଼ିଲା । ସିଧା ଉତ୍ତର ଦିଗକୁ ମୁହଁ କରିଚାଲିଲା । ଚାଲୁଚି ତ ଚାଲୁଚି, କେତେ ବାଟ ଆସିଲାଣି ଖିଆଲ ନାଇଁ । ଶେଷରେ ସତକୁ ସତ ଆଗରେ ଦେଖିଲାବେଳକୁ ଗୋଟାଏ ଜଙ୍ଗଲ । ଜଙ୍ଗଲ ପାଖରେ ଏକ ବିସ୍ତୀର୍ଣ୍ଣ ପଡ଼ିଆ ଭୂମି । ତେବେ ଏଇ ସେଇ ଜଙ୍ଗଲ । ଏଇ ପଡ଼ିଆରେ ତ ସେମାନେ ଆସି ଗୋରୁ ଚରାଉ ଥିବେ । ପଣ୍ଡିତେ ଠିକ୍ କହିଚନ୍ତି । ଆକାଶରେ ଜ୍ୟୋସ୍ନାର ଜୁଆର । ଶାନ୍ତ ବନାନୀର ସବୁଜିମାରେ ତା'ର ସ୍ନିଗ୍ଧ ପ୍ରଲେପ ।

କୁଳୁକୁଳୁ ହେଇ ବହିଯାଉଚି ସ୍ୱଚ୍ଛ ନୀର ତଟିନୀଟିଏ । ତା'ର ତରଙ୍ଗିତ ଜଳଧାରା ଉପରେ ଜ୍ୟୋସ୍ନାର ପରଶ ସୃଷ୍ଟି କରୁଚି ଅସୁମାରି ଜରିଦିଆ ମୁକୁଟ । କିନ୍ତୁ ପଣ୍ଡିତେ କହିଥିବା କଦମ୍ବ ଗଛ କାଇଁ ? ଖୋଜି ପକେଇଲା ଭଗତ । ଶେଷରେ ପହଞ୍ଚିଲା ଗୋଟାଏ ଗୋଲ ଗଣ୍ଡିଯୁକ୍ତ ଗଛ ମୂଳରେ । ସେଥିରେ ଫୁଟିଚି ଗୋଲ ଗୋଲ ସୁନ୍ଦର ଫୁଲ । କି ବାସ ! ଏଇଟା ନିଶ୍ଚୟ କଦମ୍ବ ଗଛ ହବ । ଜ୍ୟୋସ୍ନାୟିତ ରାତ୍ରିରେ ଠଉରେଇ ନେଲା ଦସ୍ୟୁ । ତନୁମନ ତା'ର କଦମ୍ବ ଫୁଲ ଭଳି ରୋମାଞ୍ଚିତ ହେଇଉଠିଲା । ଭାବିଲା ସବୁତ ଠିକ୍ ଠିକ୍ ଘଟିଲା । ଆଉ ଛୁଆଦିଟା ଆସିବା କଥା, ବେଳତ ହେଇ ନାଇଁ ତାଙ୍କର ଆସିବାର । ବଳେ ଆସିବେ ନାଇଁ ଯିବେ କୁଆଡ଼େ ! ଏହା କହି ପାଖରେ ଗୋଟିଏ ଛୋଟ ପାହାଡ଼ ପାଖ ବରଗଛ ପଛରେ ଲୁଚି ରହିଲା ।

''ବର୍ତ୍ତମାନ ଦସ୍ୟୁର ଖାଲି ଗୋଟିଏ ଚିନ୍ତା, ରାତି ପାହିବ କେମିତି । ଆଜି ରାତିଟା ତାକୁ ସାତ ରାତି ଭଳିଆ ଲାଗୁଚି । ଜମା ସରୁ ନାଇଁ । ଭାବୁଚି କୃଷ୍ଣ ଟୋକାଟାର ଯୋଉ ଉଜ୍ଜ୍ୱଳ କୌସ୍ତୁଭ ମଣି ଅଛି ତା' ତେଜଃରେ ମତେ ସେମାନେ ଦେଖି ନେବେ ନାଇଁ ତ ? ଏହା କହି ଭଲକରି ନିଜକୁ ଆହୁରି ଲୁଚେଇ ଦଉଚି । ଏଇ ଗୋଟାଏ କ'ଣ ଖସ୍ ଖସ୍ ଶୁଭୁଚି । ଆସିଲେ ନା କ'ଣ ? ଦଉଡ଼ି ଗଲା ଭଗତ । କିନ୍ତୁ, ଧେତ୍, ଠେକୁଆ ଛୁଆଟା ! ପୁଣି ଆସି ବସିଲା ନିଜ ଜାଗାରେ ।

'ରାତିଟା ସରୁ ନାଇଁ କାଇଁକି ? ମତେ ଏମିତି ଉଛନ୍ନ ଲାଗୁଚି କାଇଁକି ? ଏତେ ବଳବାନ୍ ଦେହଟା ମୋର ଏମିତି ଦୁର୍ବଳ ଲାଗୁଚି କାଇଁକି ? ଆଚ୍ଛା ଏଇଠି ଟିକିଏ ଚୁପ୍ ହୋଇ ବସି ବିଶ୍ରାମ ନିଏ । କୃଷ୍ଣତ ବଇଁଶୀ ବଜାଏ । ବଳେ ଶୁଭିବ ନାଇଁ ଯେ ! ସୁନ୍ଦରିଆ ଟୋକାଟା ମଧୁରିଆ ବଇଁଶୀ ବଜେଇ ନାଚି ନାଚି ଆସୁଥିବ । ତା' ନାଚ ସବୁ ଛାଡ଼ି ଯିବ ଯେ । ମତେ କ'ଣ ଗୋପୀ ପାଇଚି କି ? ମୁଁ ତା' ବଇଁଶୀ ବଜା ଶୁଣି ଭୋଳ ହେଇଯିବି । ରାତି ଅଧରୁ ଘରୁ ଧାଇଁଯାଇ ତା' ବଇଁଶୀ ତାଳରେ ତାଳ ଦେଇ ନାଚିବି ? କାଳେ ଯଦି ମୁଁ ସେମିତି ଭୋଳ ହେଇଯାଏ ! ତାକୁ ଦେଖି ମୁଁ ଚୋରି କରିବା କଥା ଭୁଲିଯାଏ !

ଧେତ୍ କ'ଣ ଗୁଡ଼ାଏ ମୁଁ ଭାବୁଚି ? ମୁଁ କ'ଣ ମାଇପି ଲୋକ ହେଇଚି ମତେ ଭୁଲେଇ ଦବ ନା କ'ଣ ?'

''ଏଁ ବଇଁଶୀ ବାଜିଲା ନା କ'ଣ ! ଧଡ଼ପଡ଼ ହେଇ ଉଠି ଦସ୍ୟୁ ଧାଇଁଲା । ଧେତ୍, ଝିଙ୍କାରିଟା ବୋବଉଚି, ମତେ ଶୁଭୁଚି ଯେମିତି ବଇଁଶୀ ବାଜୁଚି ! ଫେରି ଆସି ପୁଣି ନିଜ ସ୍ଥାନରେ ବସିଲା । ଅପେକ୍ଷା କଲା ଉଷାର ଆଗମନିକୁ । ଏ ଉଷା ଯିଏ ଆସୁଚି ସିଏ ତା' ଅନ୍ତର ଆକାଶ ପାଇଁ ନୁହେଁ ତ ? ନ ହେଲେ ଦସ୍ୟୁଟା ଏମିତି ହଉଚି କାଇଁକି ? ତା'ର ଚିନ୍ତାସବୁ ଲୋପ ପାଇଲାଣି । ଆଉ କିଛି ଚେଷ୍ଟା କରି ବି ଚିନ୍ତା କରିପାରୁ ନାଇଁ । ଭିତରଟା ଯେପରି ସ୍ତବ୍ଧ ହେଇଯାଇଚି । ଏଇ ତ ବଇଁଶୀ ସ୍ୱନ ଶୁଭୁଚି । ଇଏ ତ ଠିକ୍ ବଇଁଶୀ ସ୍ୱନ । କେତେ ଦୂରରୁ କାହିଁ କେତେ ଦୂରରୁ କେତେ ଧୀରେ ଧୀରେ ଭାସି ଆସୁଚି । ଭଗତ ଯେମିତି ନିଦରେ ଶୋଇ ସପନ ଦେଖୁଚି । ସପନରେ କୋଉ ସୁଦୂର ପରୀରାଇଜରୁ ଯେପରି ସଙ୍ଗୀତର ମୂର୍ଚ୍ଛନା ଭାସି ଆସୁଚି । ସେ ସେଥିରେ ହଜି ଯାଇଚି । ଆରେ ଛୋଟ ଟୋକାଟା ଏତେ ସୁନ୍ଦର ବଇଁଶୀ ବଜେଇବା କାହାଠାରୁ ଶିଖିଲା ? ମୁଁ ତ ଆଉ ମୋ ଅଧୀନରେ ନାଇଁ । ମତେ ତ ଗୋଟା ସୁଦ୍ଧା କିଣି ନେଲାଣି । ନାଇଁ, ନାଇଁ, ଏସବୁ ଦୁର୍ବଳତା ଚଳିବ ନାଇଁ । ମତେ ମୋ କାମ ହାସଲ କରିବାକୁ ହବ ଯେ । ଏ ବଇଁଶୀ ସ୍ୱର ଶୁଣିଲେ ମୁଁ ପାଗଳ ହେଇଯିବି । ଏହା କହି ଭଗତ ତା' କାନରେ ଆଙ୍ଗୁଠି ଗୁଞ୍ଜି ତାକୁ ବନ୍ଦ କରିଦେଲା । କିନ୍ତୁ ଇଏ କ'ଣ ସେ ଯେତେ ଜୋରରେ କାନକୁ ବନ୍ଦ କରୁଚି, ସେତେ ବେଶୀ ବେଶୀ ସେଇ ବଂଶୀ ସ୍ୱନ ସୂକ୍ଷ୍ମ ଆଉ ସୁମଧୁର ହେଇଉଠୁଚି । ସେଇ ସ୍ୱରର ଝଙ୍କାରରେ ହୃଦୟର ପ୍ରତିଟି ତନ୍ତ୍ରୀ ତା'ର ଥରି ଉଠୁଚି । ରାତ୍ରିର ଅନ୍ଧକାର ଘୁଞ୍ଚିବା ସଙ୍ଗେ ସଙ୍ଗେ ଘୁଞ୍ଚି ଯାଉଚି ତା'ର ହୃଦୟର ଅନ୍ଧକାର । ଇଏ ଯେ ତା' ହୃଦୟର ଅନାହତ ଧ୍ୱନି, ସେ ଜାଣିପାରୁ ନାହିଁ । ଜାଣିପାରୁ ନାଇଁ ତା'ର ପରମ ପ୍ରେମମୟଙ୍କର ଗୋପନ ଅଭିସାର ।

ବଂଶୀର ସ୍ୱର ଆହୁରି ନିକଟତର ହେଇଆସୁଚି । ତା' ସହ ଦସ୍ୟୁ ମଧ୍ୟସ୍ଥ ପଶୁ ପୋଷା ମାନି ଯାଉଚି । ଦେହସାରା ତା'ର ପୁଲକ ଉଚ୍ଛ୍ୱାସରେ

ରୋମାଞ୍ଚିତ ହେଇଉଠୁଚି । ଅଜାଣତରେ ଆଖିରୁ ଧାର ଧାର ଲୁହ ବହିଯାଉଚି । ଅଜଣା ଅପାର୍ଥିବ ଆନନ୍ଦରେ ମନ-ପ୍ରାଣ ଭରି ଉଠୁଚି । କେତେବେଳ ଯେ ଏମିତି କଟିଗଲାଣି ତାକୁ ଜଣା ନାଇଁ । ହଠାତ୍ ସେ ସଚେତନ ହେଇଉଠିଲା । ମନେ ପଡ଼ିଗଲା ସେ କେଉଁଥିପାଇଁ ସେଠାକୁ ଆସିଚି । ନିଜ ଦେହ ଉପରେ ଟିକିଏ ଆଖି ବୁଲେଇ ନେଲା । ତା'ପରେ ଚାରି ଆଡ଼କୁ ଚାହିଁଲା । ପ୍ରାଚୀ ଗଗନ ତୋଫା ହେଇଆସିଲାଣି । ଚାରିଆଡ଼ ଉଷା ଆଗମନିର ଦିବ୍ୟ ଶୀତଳତା । ସବୁକିଛି ଆଲୋକିତ ହେଇ ଆସୁଚି । ଅନ୍ତର ଓ ବାହାର । ସେଇ ଆଲୋକ ଭିତରେ ଦେଖାଗଲେ ଦୁଇଜଣ ଭୁବନ ମୋହନ ବାଳକ ।

''ଦସ୍ୟୁ ଭାବିଲା, ତେବେ ଏଇ କ'ଣ ସେଇ ଯାହାଙ୍କ ଲାଗି ମୁଁ ଏତେ କଷ୍ଟ କରି ଧାଇଁ ଆସିଚି, ଆଉ ଏଠି ରାତିସାରା ଅନିଦ୍ରା ହେଇବସିଚି ? ଭଲକରି ଆଖି ମଳି ଚାହିଁଲା । ଜଣେ ଶାନ୍ତ, ଶୁଭ୍ର, ଜ୍ୟୋତିଷ୍ମାନ୍ । ଅନ୍ୟଜଣକ ସର୍ବ ସୁଷମାର ଆଧାର, ଅଲୌକିକ ଦିବ୍ୟକାନ୍ତି, ନୀଳ ବ୍ୟୋମଜିତ ତନୁ । ଓଷ୍ଠାଧରରୁ ଝରି ପଡୁଚି ଅମିୟ ଅମୃତ ହସ । କରୁଣାର୍ଦ୍ର ଲୋଚନ, ପ୍ରେମସିକ୍ତ କଟାକ୍ଷ । ଆଲୁଳାୟିତ କୁଞ୍ଚିତ କେଶରାଶି ଉପରେ ସଜ୍ଜିତ ରତ୍ନମୁକୁଟ, ଆଉ ତା' ଉପରେ ଶିଖିପୁଚ୍ଛ । କର୍ଣ୍ଣରେ ଦିବ୍ୟ ମକର କୁଣ୍ଡଳ, ବକ୍ଷରେ କଉସ୍ତୁଭମଣି, ହସ୍ତରେ ମୋହନ ବଂଶୀ, କଟିରେ କିଙ୍କିଣୀ, ପାଦରେ ଅପୂର୍ବ ନୂପୁର । ଏଇ ସର୍ବାଭରଣଭୂଷିତ, ସୌମ୍ୟସୁନ୍ଦର, ଭୁବନମୋହନ ଶ୍ୟାମଘନଙ୍କୁ ଦର୍ଶନ କରି ଦସ୍ୟୁ ମୁଗ୍ଧ ଚକିତ ହୋଇ ଚାହିଁ ରହିଚି । ଆଖିର ପଲକ ପଡୁ ନାଇଁ ।

''ଦସ୍ୟୁର ନିର୍ମମ ମନରେ ଚିନ୍ତା ଆସୁଚି — ଆହା, କେଡ଼େ ସୁନ୍ଦର ପିଲାଦିଇଟି ! ଏତେ ସୁନ୍ଦର, କଅଁଳ ଛନ ଛନ ପିଲାଦିଇଟାଙ୍କୁ ବାପା ମା ଜଙ୍ଗଲକୁ ଗାଈ ଚରେଇବାକୁ କେମିତି ପଠେଇଚନ୍ତି ? ତାଙ୍କର କ'ଣ ଟିକିଏ ହୃଦୟ ନାଇଁ ? ପିଲା ଦିଇଟାଙ୍କ ଉପରୁ ତ ଆଖି ଫେରେଇବାକୁ ଇଚ୍ଛା ହଉ ନାଇଁ । ଖାଲି ସବୁବେଳେ ଚାହିଁ ରହିବାକୁ ମନ ହଉଚି । ଅଳଙ୍କାର ସବୁ କେଡ଼େ ସୁନ୍ଦର ମାନୁଚି ତାଙ୍କୁ ! ସେସବୁ ତାଙ୍କଠାରୁ କାଢ଼ି ନବାକୁ ତ ଜମା ମନ ହଉ ନାଇଁ । କାଢ଼ିନେଇ ବା କରିବି କ'ଣ ?

''ଦସ୍ୟୁର ମନ ପୁଣି ପରିବର୍ତ୍ତନ ହେଇଯାଇଚି । ମନେ ପଡ଼ିଯାଇଚି ତା'ର ଏଠାକୁ ଆସିବାର ଉଦ୍ଦେଶ୍ୟ । ନିଜକୁ ପୁଣି ସେ କଠୋର କରି ନେଇଚି । ଭାବିଚି ମୁଁ ଯେ ଡକାୟତ । ମୋର ଏତେଟା କୋମଳ ହେବା ଠିକ୍ ନୁହଁ । ମୋଠାରେ ଦୟା କୋଉଠୁ ଆସିଲା ? ନା, ନା, ଏସବୁ ଛାଡ଼ିବାକୁ ହେବ । ମତେ ଏମାନଙ୍କର ସବୁ ଗହଣା ଛଡ଼େଇ ନେବାକୁ ହେବ । ଏହା ଭାବି ଦଉଡ଼ିଗଲା ଦସ୍ୟୁ ବାଳକ ଦୁହିଁଙ୍କ ଆଗକୁ । କିନ୍ତୁ ସେଇ ଅପୂର୍ବ ଦିବ୍ୟକାନ୍ତିର ଦର୍ଶନରେ ମୂର୍ଚ୍ଛିତ ହେଇପଡ଼ିଲା । କିଛି ସମୟ ପରେ ଉଠି ପୁଣି ଆଖି ପୂରେଇ ଦେଖିଲା ସେଇ ଭୁବନମୋହନ ରୂପକୁ । କିନ୍ତୁ ଏସବୁ ଦୁର୍ବଳତା ତାକୁ ଛାଡ଼ିବାକୁ ହବ । ସେ ଯେ ଦସ୍ୟୁ । ତା'ର ବିଶାଳ ଠେଙ୍ଗା ଉଞ୍ଚେଇ ସେମାନଙ୍କ ଆଗରେ ଯାଇ ଠିଆ ହେଇଗଲା । ଗର୍ଜି ଉଠି କହିଲା, 'ଠିଆ ହୁଅ ! ସବୁ ଗହଣା ଖୋଲି ଗୋଟି ଗୋଟି କରି ମତେ ଦେଇଦିଅ ।'

''କୋମଳ ମଧୁର ସ୍ୱରରେ ଆପତ୍ତି କରି କୃଷ୍ଣ କହିଲେ, 'ଆମ ଗହଣା ତୁମକୁ କାଇଁକି ଦବୁ ?''

'ଆଃ କି ସୁନ୍ଦର ମଧୁଝରା କଣ୍ଠ ! ନା, ନା, ଏତେ ଦୁର୍ବଳ ହେଲେ ଚଳିବ ନାଇଁ । ପୁଣି କଠୋର ହେଇ କହିଲା ଦସ୍ୟୁ, 'କାଇଁକି ଦେବ ? ସେସବୁ ପ୍ରଶ୍ନ କର ନାଇଁ । ଶୀଘ୍ର ଖୋଲି ଦେଇଦିଅ । ନ ହେଲେ ଦେଖୁଚ ଏ ଠେଙ୍ଗାକୁ ।'

'କ'ଣ କରିବ ସେ ଠେଙ୍ଗାରେ ? ଛାତି ଫୁଲେଇ କହିଲେ କୃଷ୍ଣ ।

'କ'ଣ କରିବି ? ଶୀଘ୍ର ଗହଣା ଖୋଲିଦିଅ । ନ ହେଲେ ମୁଣ୍ଡ ଛତୁ କରିଦେବି ।'

'ଆମେ କିଛି ଦବୁ ନାଇଁ ଯା ।'

'ଦବ ନାଇଁ । ଭାରି ଦିମାକ୍ ଦେଖୁଚି । ମୁଁ ଜଣେ ଡକାୟତ । ଚୋରି କରେ, ମଣିଷ ମାରେ । ମତେ ଭୟ କରୁନା ?'

'ହଁ, ଭୟ ଲାଗୁଚି ! ସତରେ ତୁମେ ଡକାୟତ ? ମଣିଷ ମାରିଦିଅ ? ଆମକୁ ତେବେ ମାରିଦବ ? ଚାଲ ଭାଇ ଏଠୁ ପଳେଇବା ।' ଏହା କହି କୃଷ୍ଣ ବଳରାମ ଦୁହେଁ ଦଉଡ଼ି ପଳାଇବାକୁ ଆରମ୍ଭ କଲେ । ଚଟ୍ କରି ଆଗକୁ

ଡେଇଁପଡ଼ି ଦସ୍ୟୁ କୃଷ୍ଣଙ୍କ ହାତକୁ ଧରିନେଲା । ଆଉ ଯିବ କୁଆଡ଼େ ! ସାରା ଅଙ୍ଗରେ ତା'ର ଖେଳିଗଲା ଏକ ବିଦ୍ୟୁତର ତରଙ୍ଗ । ଲୋଟି ପଡ଼ିଲା ସେ ଚେତାଶୂନ୍ୟ ହୋଇ । କିଛିକ୍ଷଣ ପରେ ଚେତା ପାଇ ପୁଣି ଦୁହିଙ୍କୁ ଚାହିଁଲା । ଦୁହେଁ ଠିଆ ହୋଇ ମୁରୁକି ମୁରୁକି ହସୁଚନ୍ତି । ଆହୁରି ସୁନ୍ଦର ଦେଖାଯାଉଚନ୍ତି । ହୃଦୟ ତା'ର ଆହୁରି କୋମଳ, ଆହୁରି ତରଳ ହୋଇଉଠିଚି । କଣ୍ଠରେ ଦରଦ ମିଶା ଆର୍ଦ୍ରତା ଭରିଯାଇଚି । ଜନ୍ମ ଜନ୍ମର କର୍ମଫଳ, ସଂସ୍କାର ତା'ର ଲୋପ ପାଇଚି ।

'ତୁମେ ଦୁହେଁ କିଏ ବାପ ? ତୁମ ଦୁହିଙ୍କୁ ଦେଖିଲାବେଳକୁ ମୋ ପାଷାଣ ହୃଦୟଟା କାଇଁକି ତରଳି ଯାଉଚି । ମୋ ଟାଣୁଆ ଦେହଟା ଅବଶ ହେଇଯାଉଚି । ଯେତେ ଦେଖୁଚି ତୁମେ ଦୁହେଁ ଆହୁରି ବେଶୀ ସୁନ୍ଦର ଦେଖାଯାଉଚ । ମୋ ଆଖିରେ ପଲକ ପଡୁ ନାଇଁ । ଝର ଝର ଲୁହ ଝରି ଯାଉଚି । ଲୋମ ମୂଳ ଟାଙ୍କୁରି ଉଠୁଚି । ମତେ କାଇଁକି ଏମିତି ଲାଗୁଚି ? ତୁମ ନାଁ କ'ଣ ? ତୁମେ କ'ଣ ସେଇ କୃଷ୍ଣ ? ହଁ, ତୁମେ କୃଷ୍ଣ । ପଣ୍ଡିତଙ୍କ ବର୍ଣ୍ଣନା ସାଙ୍ଗରେ ସବୁ ମିଳିଯାଉଚି ।

'ମୋ ନାଁ, ମୋ ନାଁ ପରା କହ୍ନେଇ !' ହସି ହସି କହିଲେ କୃଷ୍ଣ ।

'ତେବେ କୃଷ୍ଣ କାହା ନାଁ ? ବାପ, ତୁମ ନାଁ କ'ଣ କୃଷ୍ଣ ?' ପଚାରିଲେ ବଳରାମଙ୍କୁ ।

'ନା, ମୁଁ ତ ରାମ । ସିଏ ହଉଚି କୃଷ୍ଣ – କହିଲେ ବଳରାମ ।

'ଆଚ୍ଛା ! କୃଷ୍ଣ ହେଇ ମତେ କହ୍ନେଇ କହି ଠକୁଚ ? ହଉ ହଉ ଟିକିଏ ମୋ ପାଖକୁ ଆସିବଟି ମୁଁ ଆଖି ପୂରେଇ ଦେଖେ । କ'ଣ ଚାଲିଯିବାକୁ ବସିଚ ? ହଁ, ଚାଲିଯିବ ନାଇଁ କାଇଁକି ? ତୁମେ ଯେ ରାଜା ପୁଅ ! ଏ ହୀନ ପାପୀ ଡକାଏତଟା ପାଖରେ କାଇଁକି ଏତେ ସମୟ ରହିବ ? କିନ୍ତୁ ବାପ, ଏ ପାପୀର ଏଇ ଟିକକ ଅନୁରୋଧ ରଖିବ । ଦୟାକରି ଏଇ ବାଟେ ସବୁଦିନେ ଆସୁଥିବ । ମୁଁ ତୁମକୁ ଖାଲି ପ୍ରତିଦିନ ଦେଖି ମୋ ନୟନ ମନ ସାର୍ଥକ କରିବି । ଭୁଲିବ ନାଇଁ । ଦିନେ ଯଦି ଭୁଲିବ ନା, ତୁମକୁ ନ ଦେଖି ଛଟପଟ ହୋଇ ମରିଯିବି ।'

ଦସ୍ୟୁର କଥା ଶୁଣି କୃଷ୍ଣ କହିଲେ, 'ଆମକୁ ମାରିବ ନାଇଁ ତ ? ଆମ ଗହଣା ଛଡ଼େଇ ନବ ନାଇଁ ତ ? ଜବାବ ଦିଅ ତେବେ ଆମେ ନିତି ଏଇ ବାଟେ ଆସିବୁ ।'

'ଜବାବ ଦଉଚି । ଶଏବାର ଜବାବ ଦଉଚି । ତୁମକୁ କେବେ ମାରିବି ନାଇଁ । ତୁମ ଗହଣାରେ ହାତ ଦେବି ନାଇଁ । ତୁମକୁ କ'ଣ କିଏ ମାରିପାରେ ? ବରଂ ତୁମ ହାତରେ ମରିବାକୁ ଇଚ୍ଛା ହୁଏ । ତୁମକୁ ତ ଦେଖୁ ଦେଖୁ କୁଆଡ଼େ ସବୁ ବଳ ଚାଲିଯାଉଚି । ଆଉ ମାରିବ କିଏ ତୁମକୁ ?'

'ହଉ, ମାରିବ ନାଇଁ ଆମେ ଜାଣିଲୁ । ଆଉ ଗହଣା ମାଗୁଥିଲ ପରା ? ଏଇ ନିଅ । କ'ଣ ନବ ନାଇଁ ?' କୃଷ୍ଣ କହିଲେ ।

'ଗହଣା ? କ'ଣ କରିବି ସେ ଗହଣା ନେଇ ? ତୁମ ଦେହରୁ ଗହଣା କାଢ଼ିବାକୁ ଜମା ମନ ହଉ ନାଇଁ ।'

ତୁମେ ନ କାଢ଼ିଲେ ନାଇଁ । ଆମେ ଦଉଚୁ ନିଅ । କ'ଣ ନବ ନାଇଁ ?'

'ତୁମେ ଦେଉଚ ? ଇଏ କ'ଣ ତୁମର ଆଦେଶ ? କିନ୍ତୁ ବାବା, ତୁମର ବାପ ମା ତୁମକୁ ଗାଳି ଦେବେ । ମାରିବେ । ମୋର ଗହଣା ଦରକାର ନାଇଁ ।'

'ନା ନା, ଆମେ ପରା ରାଜକୁମାର ? ଏମିତି କେତେ ନା କେତେ ଗହଣା ଆମ ଘରେ ଅଛି । ତୁମେ ଚାହିଁଲେ ତୁମକୁ ଆହୁରି ଆଣି ଦେଇପାରିବୁ ।'

'ହଉ ବାବା, ତୁମେ ଯେତେବେଳେ ଏତେ ଆଦରରେ ଯାଚି କରି ଦଉଚ, ଦିଅ । କିନ୍ତୁ ମନ ଊଣା କରି ଯଦି ଦଉଥାଅ ମୋର ଜମା ଦରକାର ନାଇଁ । ଯଦି ଖୁସି ମନରେ ଦଉଥାଅ ତେବେ ଏଇ ଗାମୁଛାରେ ଦିଅ ।'

''ଦୁଷ୍ଟାମିର ହସ ହସି କୃଷ୍ଣ ଦସ୍ୟୁର ମଇଳା କୋଚଟ ଗାମୁଛାରେ ସବୁ ଅଳଙ୍କାର ଗୋଟିଗୋଟି କରି ଖୋଲି ବାନ୍ଧି ଦେଲେ । କହିଲେ – 'ଏତିକି କ'ଣ ! ଆଉ କହିଲେ ଆଉ ଆଣି ଦେବି ।'

'ହଉ, ଯଦି ଖୁସିରେ ଦଉଚ, ନଉଚି । ହେଲେ ମୋର ଅଳଙ୍କାରରେ ଆଉ ଲୋଭ ନାଇଁ । ମୋର ଇଏ କ'ଣ ହବ ? କିନ୍ତୁ ତୁମକୁ ଛାଡ଼ିବାକୁ ମନ

ହଉ ନାଇଁ । ତୁମେ କ'ଣ ସତରେ ମତେ ଛାଡ଼ି ଚାଲିଯିବ ? ମୋର ଆଉ କିଏ ଅଛି ? କାହା ପାଇଁ ମୁଁ ବଞ୍ଚିବି ? ଏ ଗହଣା ନେବି ? ସତ କହୁଚି ତୁମେ ନ ଆସିଲେ ଏଇଠି କାନ୍ଦି କାନ୍ଦି ଗଡ଼ି ମରିଯିବି । କଥା ଦିଅ ! ଆସିବ ତ ?'

'ହଁ ନିଶ୍ଚୟ ଆସିବି । କଥା ଦେଉଚି ।'

'ଯାଅ ବାବା, ତୁମେ ଘରକୁ ଯାଅ । ମୋର ବା କି ଅଧିକାର ଅଛି ତୁମକୁ ଅଟକେଇବାକୁ, ମୁଁ ତୁମର କ'ଣ କି ? ତୁମେ ରଜାପୁଅ । ହଉ ଟିକିଏ ରୁହ । ମୁଁ ତୁମକୁ ଆଉ ଟିକିଏ ଆଖି ପୂରେଇ ଦେଖେ । ଯଦି କହିବ ତୁମକୁ କାନ୍ଧରେ ବସେଇ ନେଇ ଘରେ ଛାଡ଼ିଦେଇ ଆସିବି । ମୋ କୋଳକୁ ଟିକିଏ ଆସ ତ । ତୁମକୁ ଟିକିଏ କୋଳରେ ଧରିବାକୁ ଇଚ୍ଛା ହଉଚି ।''

''ଭକ୍ତ-ବଂଧୁ ହାତ ବଢ଼େଇ ଦେଲେ । ଦସ୍ୟୁ ତାଙ୍କୁ କୋଳ କରିନେଲା । ପରମ ପରାତ୍ପରଙ୍କର ସେ ଦିବ୍ୟସ୍ପର୍ଶର ଆନନ୍ଦରେ ସେ ମୂର୍ଚ୍ଛିତ ହେଇଗଲା । ମୂର୍ଚ୍ଛା ଭାଙ୍ଗିଲା ବେଳକୁ ଦିନ ଦ୍ୱିପ୍ରହର । ପାଖରେ ପଡ଼ିଚି ମଇଳା ଗାମୁଛାରେ ବନ୍ଧା ହେଇଥିବା ବ୍ରଜକିଶୋରଙ୍କର ଶ୍ରୀହସ୍ତ-ଦତ୍ତ ଗହଣା । ମନେ ପଡ଼ିଲା ବୃଦ୍ଧ ପଣ୍ଡିତଙ୍କ କଥା । ଆରେ, ତାଙ୍କୁ ତ କିଛି ଭାଗ ଦବାକୁ ହବ । ଏହା ଭାବି ଭଗତ ଦଉଡ଼ିଲା ତାଙ୍କ ବସାକୁ ।

''ରାତି ଅଧ । ବୃଦ୍ଧ ପଣ୍ଡିତେ ଦରଜାରେ ଆଘାତ ଶୁଣି ଚମକି ପଡ଼ିଲେ । 'କିଏ ?' ଉତ୍ତର ଆସିଲା, 'ମୁଁ ଭଗତ ।' ବୃଦ୍ଧଙ୍କ ହଲକ ଶୁଖିଗଲା । ତଣ୍ଟି ଅଠା ଅଠା ହେଇଗଲା । ଦେହଟା ଖାଲି ବରଡ଼ା ପତ୍ର ପରି ଥରିଲା । ଭାବିଲେ ଏଥର ଜୀବନ ଗଲା । ସିଏ ନିଶ୍ଚେ କାହାକୁ ନ ପାଇ ଫେରିଚି । ପାଇବ ବା କୁଆଡୁ ? ପୁରାଣ କଥା କ'ଣ ଏବେ ତା' ପାଇଁ ସତ ହେଇଯିବ ? ଏବେ ତ ମୋ ଉପରେ ପ୍ରତିଶୋଧ ନବ । କରିବି କ'ଣ ? ଆଉ କିଛି ଉପାୟ ନାଇଁ । ସିଏ କ'ଣ ଛାଡ଼ିବ ? ଭୟ ମିଶା ଗଳାରୁ ତାଙ୍କର ବାହାରି ପଡ଼ିଲା, 'କାଇଁକି ଆସିଚ ?' ଉତ୍ତର ଅତି ନରମ କୃତଜ୍ଞତାପୂର୍ଣ୍ଣ ସ୍ୱରରେ ଆସିଲା, 'ଦରଜା ଖୋଲ । ଦେଖିବ । ତୁମ ଭାଗ ଗହଣା ନବ ନାଇଁ ?'

'ଗହଣା ! ଦସ୍ୟୁ ମତେ ଥଟ୍ଟା କରୁଚି । କିନ୍ତୁ ତା' ସ୍ୱରରୁ ତ ଜଣା

ପଡୁନି ଥଟ୍ଟା କଲା ଭଳି । ତେବେ ଖୋଲିବାକୁ ତ ହେବ । ନୋହିଲେ କ'ଣ ସେ ଛାଡ଼ିବ ?' ଏହା ଭାବି ଥରଥର ହୋଇ ପଣ୍ଡିତେ କବାଟ ଖୋଲି ଦେଲେ । କିନ୍ତୁ ଇଏ କ'ଣ ? ଦସ୍ୟୁ ଭଗତ ଏତେ ଦୀପ୍ତିମାନ୍ ଦିଶୁଚି କାଇଁକି ? ଶରୀର ତା'ର ପୁଲକିତ । ଆଖି ଦୁଇଟି ପ୍ରେମାଶ୍ରୁରେ ଢଳ ଢଳ । ମୁହଁରେ ହସ । ପଣ୍ଡିତଙ୍କ ଆଡ଼କୁ ଗଣ୍ଠିଲିଟି ବଢ଼େଇ ଦେଇ କହିଲା, କ'ଣ ଏମିତି କାବା ହେଇ ଚାହିଁଚ ପଣ୍ଡିତେ ? ଏଇ ନିଅ । ଏ ଗହଣାସବୁ । ଭାବୁଚ ମୁଁ ଚୋରି କରି ଆଣିଚି ? ନାଇଁ, ନାଇଁ; କୃଷ୍ଣ ପରା ନିଜେ ଅତି ଶ୍ରଦ୍ଧାରେ ମୋ ଗାମୁଛାରେ ୟାକୁ ବାନ୍ଧି ଦେଇଚି । କାଲିକି କହିଚି ଆହୁରି ଦେବ । ତୁମେ ପଣ୍ଡିତେ ଠିକ୍ କହିଥିଲ । ସବୁ ଠିକ୍ ଠିକ୍ ମିଳିଗଲା ।

''ତଥାପି ପଣ୍ଡିତଙ୍କ ବିସ୍ମୟ କଟି ନାଇଁ । ଅବାକ୍ ହୋଇ ସେ ଚାହିଁଚନ୍ତି । ଏ କ'ଣ ସତ ? ଆଖିକୁ ତ ବିଶ୍ୱାସ କରି ହେଉ ନାଇଁ । କିନ୍ତୁ ଏ ଚନ୍ଦ୍ରହାର, ଏ କିରୀଟ, ଏ କୌସ୍ତୁଭ ମଣି, ମୋହନ ବଂଶୀ ଏସବୁ ତ ଜଗତ ଦୁର୍ଲଭ । ୟାକୁ ସବୁ ଏ ଦସ୍ୟୁ ପାଇଲା କୋଉଠୁ ? ସତେ କ'ଣ ସେଇ ଅନାଦି ଅନନ୍ତ ଯାହାଙ୍କୁ ଯୋଗୀ, ମୁନିମାନେ ଯୁଗ ଯୁଗ ତପସ୍ୟା କରି ସହଜରେ ପାଇପାରନ୍ତି ନାଇଁ, ସିଏ ଛାର ଦସ୍ୟୁଟାକୁ ଦେଖାଦେଲେ ?'

''ପଣ୍ଡିତଙ୍କର ସନ୍ଦେହ ମିଶା ଆଶ୍ଚର୍ଯ୍ୟ ଭାବ ଦେଖି ଦସ୍ୟୁ ଭଗତ କହିଲା, 'କ'ଣ ପଣ୍ଡିତେ, ତୁମେ କ'ଣ ସତ ମଣୁନ ? କାଇଁ ଆଁ କରି ଚାହିଁ ରହିଚ ?'

'ଏପରି କଥା କ'ଣ କେହି ସତ ମଣେ ? ପୁରାଣର କଥା କ'ଣ ବାସ୍ତବରେ ଘଟିପାରେ ? ମୁଁ ଆଖିରେ ନ ଦେଖିଲେ କିପରି ବିଶ୍ୱାସ କରିବି ?' କହିଲେ ବିସ୍ମୟ ବିମୂଢ଼ ପଣ୍ଡିତ ମହାଶୟେ ।

''ଦସ୍ୟୁ ଭଗତ ତା'ର ସ୍ୱାଭାବିକ ହୁଣ୍ଡାଳିଆ ଭାବ ସହ କହିଲା, 'ଆଚ୍ଛା ଏଇ କଥା ତ । ଚାଲ କାଲି ମୋ ସାଙ୍ଗରେ । ସବୁ ଦେଖେଇ ଦେବି । ଏତିକି ଗହଣା କ'ଣ, ଆଉ ଗହଣା ମଗେଇ ଦେବି, ଏସବୁ ରଖ । ମୁଁ ଯାଏଁ ।' ଏହା କହି ଦସ୍ୟୁ ଚାଲିଗଲା ।

'ବୃଦ୍ଧ ପଣ୍ଡିତ ବୁଝିପାରୁ ନାହାନ୍ତି ସେ ସ୍ୱପ୍ନ ଦେଖୁଚନ୍ତି କି ବାସ୍ତବ

କଥା ଦେଖୁଚନ୍ତି । କିନ୍ତୁ ସେ ତ ଶ୍ରୀଅଙ୍ଗର ଦୁର୍ଲଭ ଆଭରଣଗୁଡ଼ିକ ହାତରେ ଧରି ପାରୁଚନ୍ତି । ଏ ତ କେବେ ସ୍ୱପ୍ନ ନୁହଁ । ଆହୁରି ଆଶ୍ଚର୍ଯ୍ୟ ଲାଗିଲା ଦସ୍ୟୁର ବ୍ୟବହାର, ନରହନ୍ତା ପ୍ରବଳ ଲୋଭୀ ଦସ୍ୟୁ ଏ ଦେବ ଦୁର୍ଲଭ ବସ୍ତୁକୁ ଆବର୍ଜନା ଫିଙ୍ଗିଲା ଭଳି ଫିଙ୍ଗି ଦେଇ ଗଲା । ସେ ନିଶ୍ଚୟ ଏହାଠାରୁ ଆହୁରି ଦୁର୍ଲଭ ବସ୍ତୁ ପାଇଚି । ନୋହିଲେ ଏପରି ନିରାସକ୍ତ ଭାବ ଦେଖେଇଥାଆନ୍ତା ! ସେ ନିଶ୍ଚୟ ପରାତ୍ପର ସେଇ ପରମ ପୁରୁଷଙ୍କର ସାକ୍ଷାତ୍ ପାଇଚି । ତାଙ୍କ ସ୍ପର୍ଶ ପାଇଚି । ପ୍ରଭୁ ! ତୁମର ଏ କି ଖେଳ ? ମୁଁ ତୁମରି ପୁରାଣ ପଢ଼ି ପଢ଼ି ବୁଢ଼ା ହେଲି । ଖାଲି ଜୀବିକା ଅର୍ଜନ ସିନା ସାର ହେଲା । କିନ୍ତୁ ମହାପାପୀ ଦସ୍ୟୁ ଆଜି ତୁମର ଯେଉଁ କୃପା ଲାଭ କଲା, ତା'ର କାଣିଚାଏ ତ ମୁଁ କେବେ ପାଇଲି ନାଇଁ । ନା, କାଲି ମୁଁ ଭଗତ ସାଙ୍ଗରେ ଯିବି । ଏ ଗହଣା ସବୁ ସାଙ୍ଗରେ ନେବି । ସିଧା ତାଙ୍କୁ ପଚାରିବି ଏ ପକ୍ଷପାତ କାଇଁକି ? ମତେ କାଇଁକି ଈର୍ଷାରେ ଜଳେଇ ମାରୁଛନ୍ତି । ତାଙ୍କରି ମୁହଁକୁ ଏ ଗହଣା ସବୁ ଫିଙ୍ଗିବି । କହିବି, ଏସବୁ ପିନ୍ଧି ତୁମ ସୁନ୍ଦରପଣ ଦେଖେଇ ହଉଥା । ଯିଏ ଜୁଲମ କଲା ତାକୁ ଡରିମରି ଦେଖାଦେବ, ଆଉ ଯିଏ ତୁମ ଗୁଣଗାନ କରୁଚି, ତୁମର ଶରଣାଗତ ହେଇଚି ତାକୁ ଆଡ଼ ଆଖିରେ ଟିକିଏ ବି ଦେଖିବ ନାଇଁ । ଏଇ ତୁମର ସୁବିଚାର ।'

''ଠିକ୍ ସୂର୍ଯ୍ୟାସ୍ତ ପୂର୍ବରୁ ଭଗତ ଆସି ପହଞ୍ଚିଗଲା । ବୃଦ୍ଧ ଗହଣା ଗଣ୍ଠିଲିଟି କାଖରେ ଜାକି ଚାକରଟିଏ ପରି ତା' ପଛରେ ଚାଲିଲେ । ଦସ୍ୟୁ ଯାଇ ଜଙ୍ଗଲର ଗୋଟିଏ ସ୍ଥାନରେ ଅଟକିଗଲା । ସେ ଜାଗା ଦେଖି ପଣ୍ଡିତ ମହାଶୟେ ମୁଗ୍ଧ ହେଇଗଲେ । ଇଏ ବୃନ୍ଦାବନ ନୁହଁ, ନୁହଁ ଯମୁନା ପୁଳିନ କି ନିଧୁବନ । କିନ୍ତୁ ଅବିକଳ ସେଇଭଳି ଜାଗା । ଆଗରେ କଦମ୍ବ ବୃକ୍ଷ । ତାକୁ ଦେଖିବା ମାତ୍ରେ ଦସ୍ୟୁ ଯାଇ କୁଣ୍ଢାଇ ପକାଇ ସମାଧିସ୍ଥ ହୋଇଗଲା । ଆଖିରୁ ତା'ର ଅବାରିତ ଗତିରେ ବାରିଧାର ବହିଚାଲିଲା । ଦସ୍ୟୁର ସବୁକଥା ବୃଦ୍ଧ ଲକ୍ଷ୍ୟ କରୁଥିଲେ । ସେ ଜାଣିପାରିଲେ ଦସ୍ୟୁ ଆଉ ଦସ୍ୟୁ ହେଇ ନାଇଁ । ସେଇ ପରଶ ମଣିର ସ୍ପର୍ଶରେ ସେ ସୁନା ପାଲଟି ଯାଇଚି । ଯାହା ପାଇଲେ ଆଉ କିଛି ଲୋଡ଼ା ହୁଏ ନାଇଁ, ସିଏ ସେଇ ଚିଜ ପାଇଯାଇଚି । ପଣ୍ଡିତଙ୍କ ଆଖିରୁ ବି

ଲୁହ ଝରିଲା; କିନ୍ତୁ ଭାବାବେଗରେ ନୁହଁ, ଅଭିମାନରେ । ସେଇ ପରମ ପ୍ରେମମୟଙ୍କ ଉପରେ ଅଭିମାନରେ ।

''ଦସ୍ୟୁର ସମାଧି ଭଙ୍ଗ ହେଲା । କହିଲା, 'ପଣ୍ଡିତେ ସେମାନେ ଆସିବା ବେଳ ହେଇଗଲା । ତୁମେ ଏଇ ଗଛ ଉହାଡ଼ରେ ଲୁଚିଯାଅ । ତୁମେ ନୂଆ ଲୋକ କି ନା । ସେମାନେ ଦେଖିପାରିଲେ କାଳେ ପଳେଇ ଯାଇପାରନ୍ତି । ଏଇ... ଶୁଣୁଚ ବଂଶୀର ସ୍ୱର । କି ମଧୁର କି ଶାନ୍ତିଦାୟକ ! କୃଷ୍ଣ ଆସିଗଲା । ନିକଟ ହେଇଆସିଲାଣି ।'

'କାଇଁ ମୁଁ ତ କିଛି ଶୁଣିପାରୁ ନାଇଁ । ବୋକାଙ୍କ ଭଳି କହିଲେ ପଣ୍ଡିତ ମହାଶୟେ ।

'ଶୁଣି ପାରୁନା ? ଆଚ୍ଛା ଟିକିଏ ଥୟ ଧର, ସେମାନେ ଆହୁରି ପାଖକୁ ଆସନ୍ତୁ । ଏଇ ଦେଖୁନା ପାହାନ୍ତାର ବଣ ଭୂଇଁ କେମିତି ସେମାନେ ଆସୁଥିବାରୁ ଉଜ୍ଜ୍ୱଳ ହେଇ ଉଠିଲାଣି । ଏଇତ ସେମାନେ ଦେଖାଗଲେଣି । କେମିତି ମଜାଳିଆ ଠାଣିରେ ଢଳି ଢଳି ଆସୁଚନ୍ତି ଦେଖ ପଣ୍ଡିତେ ! ତାଙ୍କର କେତେ ଦୟା ଏ ଦସ୍ୟୁଟା ଉପରେ ! କାଲି ଅନୁରୋଧ କରି ଥିଲି ବୋଲି ଠିକ୍ ସମୟରେ ମନେ ରଖି ଆସିଚନ୍ତି । କେତେ ବାଟ ତାଙ୍କ କଅଁଳ ପାଦରେ ଧାଇଁ ଆସିଚନ୍ତି ! କେତେ କଷ୍ଟ ତାଙ୍କୁ ହେଇଥିବ ! ମୁଁ କାଇଁକି ରାଣ ପକେଇ କହିଲି ଆସିବାକୁ ? ଛାଡ଼, ଯାହା ତ ହବାର ହେଲାଣି । ଆସ ବାବୁ । କେତେ କଷ୍ଟ ପାଇଲଣି ! ମୋ କୋଳକୁ ଆସ । କେତେ ଝାଳ ଦିହରୁ ବହିଲାଣିଟି ! ମୁଁ ମରିଯାଉ ଥାଏଟି !'

'ତୁମେ ବହୁତ ଭାଗ୍ୟବାନ୍ ଭଗତ । ମୋର ସେ ଭାଗ୍ୟ ନାଇଁ ଦେଖିବାକୁ ?' ଦୁଃଖରେ କହିଲେ ପଣ୍ଡିତ ମହାଶୟ ।

''କାଇଁକି ତୁମେ ଦେଖିପାରୁନା ? ଏଇ ନଦୀ, ଗଛ, ଲତା, ପାହାଡ଼ ସବୁ ଦେଖିପାରୁଚ ତ ? ଆଉ ତାଙ୍କୁ କାଇଁକି ଦେଖିପାରୁ ନା ? ସେଇ ଭଳି ତ ସିଏ ଦେଖା ଯାଉଚନ୍ତି । ଏଇ ଆମ ପାଖରେ ଠିଆ ହୋଇଚନ୍ତି । ତୁମକୁ ଚାହିଁ ହସୁଚନ୍ତି ।'

'ନା ଭଗତ, ସେ ଦୃଷ୍ଟି ମୋର ନାହିଁ । ଆଚ୍ଛା ଦି ଭାଇ ଯଦି ଆସିଚନ୍ତି ଏ ଗହଣା ନିଅ ତାଙ୍କୁ ଫେରେଇ ଦିଅ ।' ଏହା କହି ପଣ୍ଡିତେ ଭଗତ ହାତକୁ ଗହଣା ଫେରେଇ ଦେଲେ ।

''ଏତିକିବେଳେ ନାଟର ଗୋବର୍ଦ୍ଧନ କୃଷ୍ଣ ହସି ହସି ଭଗତକୁ କହିଲେ 'କ'ଣ, ଆଉ ଗହଣା ଦରକାର ? ନବ ?'

''ନାଇଁ, ନାଇଁ, ମୋର ଆଉ ଗହଣା ଦରକାର ନାଇଁ । ଯୋଉ ଗହଣା କାଲି ଦେଇଥିଲ ତାକୁ ନିଅ । କିନ୍ତୁ ବାବା, ପଣ୍ଡିତେ ମୋ କଥାକୁ ବିଶ୍ୱାସ କରିପାରୁ ନାହାନ୍ତି । ମୁଁ ସବୁ ଦେଖିପାରୁଚି; କିନ୍ତୁ ସେ କିଛି ଦେଖିପାରୁ ନାହାନ୍ତି । ତାଙ୍କ ପାଖରେ ମତେ ମିଛୁଆ ହେଲା ଭଳି ଲାଗୁଚି ।' କହିଲା ଭଗତ ।

'ମୋ ଦର୍ଶନର ଅଧିକାରୀ ସେ ହୋଇପାରି ନାହାନ୍ତି ଭଗତ । କେମିତି ଦେଖିବେ ?' କହିଲେ କୃଷ୍ଣ ।

'ନାଇଁ, ନାଇଁ, ସେମିତି କୁହନା । ସିଏ ପରା ଖାସ୍ ତୁମକୁ ଦେଖିବା ଲାଗି ମୋ ସାଙ୍ଗରେ ଆସିଚନ୍ତି । ସିଏ ତ ମତେ ଏଇ ରାସ୍ତା ଦେଖେଇଚନ୍ତି, ତୁମ ବିଷୟରେ ସଂଧାନ ଦେଇଚନ୍ତି, ନହେଲେ ତୁମକୁ କ'ଣ ମୁଁ ଦେଖିପାରି ଥାଆନ୍ତି ? ମୁଁ ନେହୁରା ହେଇ କହୁଚି ଆଉ ହତାଶ ନ କରି ତାଙ୍କୁ ଟିକିଏ ଦେଖାଦିଅ । ମତେ ଦେଖା ଦଉଚ, ତାଙ୍କୁ ଟିକିଏ ଦେଖାଦେଲେ କ'ଣ ତୁମର ସରିଯିବ ?'

''ପ୍ରିୟର ଅନୁରୋଧ ପ୍ରିୟତମ କ'ଣ ଏଡ଼ି ଦେଇପାରେ ? ଭକ୍ତର ଅନୁରୋଧକୁ ଭଗବାନ୍ କ'ଣ ଅବଜ୍ଞା କରିପାରନ୍ତି ? ପ୍ରେମିକ ଲାଗି ପରମ ପ୍ରେମାସ୍ପଦଙ୍କର କ'ଣ ଅଦେୟ କିଛି ଅଛି ? ଲୀଳାମୟ ହସି ହସି କହିଲେ, 'ବୃଦ୍ଧଙ୍କ ପ୍ରତି ତୁମର ଯଦି ଏତେ ଦରଦ, ତା'ହେଲେ ତୁମେ ମତେ ଆଉ ବୃଦ୍ଧଙ୍କୁ ଏକ ସଙ୍ଗରେ ସ୍ପର୍ଶ କର । ତୁମେ ମାଧ୍ୟମ ନ ହେଲେ ସେ ମତେ ଦେଖିପାରିବେ ନାଇଁ ।

''ସେଇଆ ହେଲା । ଭଗତ ଦୁହିଙ୍କୁ ଏକ ସଙ୍ଗରେ ସ୍ପର୍ଶ କଲା ।

ସେ ସ୍ପର୍ଶରେ ଦୁହେଁ ପରମସତ୍ତା ମଧ୍ୟରେ ନିଜକୁ କୁଆଡ଼େ ହଜେଇ ଦେଲେ । ଏକାକାର ହେଇଗଲେ । ବାହ୍ୟ ଜ୍ଞାନ ଆଉ ରହିଲା ନାଇଁ । ଫିକା ପାହାନ୍ତାର ତରଳ ଅନ୍ଧାର ଧୀରେ ଧୀରେ ତୋଫା ହେଇ ଆସୁଥିଲା ଉଷାର ଆଗମନିରେ । ଆଉ ସେଇ ଉଷା ଦିବ୍ୟତାର ରୂପ ନେଇ ତୋଫାରୁ ଆହୁରି ତୋଫା କରି ଦେଉଥିଲା ଭଗତ ଓ ପଣ୍ଡିତଙ୍କର ଅନ୍ଧକାରମୟ ଅଜ୍ଞାନ ସତ୍ତାକୁ । ନିର୍ବାକ୍ ନିସ୍ତବ୍ଧ ବଣଭୂଇଁ ଦେଖୁଥିଲା ଏଇ ଅପୂର୍ବ ମିଳନକୁ । ବେଳେବେଳେ ପକ୍ଷୀର କାକଳିରେ ଖାଲି ଜଣାଇଦେଉଥିଲା ତା'ର ସ୍ୱାଗତ ଗୀତିକା ।

''ଅଦ୍ଭୁତ ଭଗବାନଙ୍କର ଲୀଳା ! କିଏ ଚାହିଁ ଚାହିଁ ପାଉ ନାଇଁ, ଅଥଚ କିଏ ନ ଚାହିଁଲେ ବି ସିଏ ଆସି ବଳେବଳେ ତା' ପାଖରେ ପଶୁଚନ୍ତି । ତାଙ୍କ ବିଧାନ ତାଙ୍କୁହିଁ ଗୋଚର । ସେଇଥିପାଇଁ ଶ୍ରୀଅରବିନ୍ଦ କହିଚନ୍ତି : 'We may seek after him passionately and pursue the unseen beloved; but also the lover whom we think not of, may pursue us, may come upon us in the midst of the world and seize on us for his own whether at first we will or not.'

'ଆମେ ଆକୁଳ ଆବେଗର ସହ ତାଙ୍କର ଅନ୍ୱେଷଣ କରିପାରୁ ଓ ସେହି ଅଦେଖା ପ୍ରେମାସ୍ପଦଙ୍କୁ ଅନୁଧାବନ କରିପାରୁ । କିନ୍ତୁ ସେହି ପ୍ରେମିକ ଯାହାଙ୍କ ବିଷୟରେ ଆମେ ଆଦୌ କୌଣସି ଚିନ୍ତା ବି କରୁ ନ ଥାଉ, ସେ ମଧ୍ୟ ନିଜେ ଆମର ଅନୁଧାବନ କରିପାରନ୍ତି, ଏହି ସଂସାର ମଧ୍ୟରେହିଁ ଆମ ସମ୍ମୁଖରେ ଆସି ପହଞ୍ଚି ଯାଇପାରନ୍ତି ଏବଂ ଆମେ ଚାହୁଁଥାଉ ବା ନ ଚାହୁଁଥାଉ ସେ ନିଜ ଲାଗିହିଁ ଆମକୁ ତାଙ୍କ ନିଜ ଅଧିକାର ମଧ୍ୟକୁ ଗ୍ରହଣ କରିନେଇପାରନ୍ତି ।' ''

# ପୂଜା ଉତ୍ସବର ପଶ୍ଚାତରେ

''ଆଚ୍ଛା ଚିନୁଭାଇ, ଆମ ସ୍କୁଲରେ ଏଇ ମାର୍ଚ୍ଚ ୨୯ ତାରିଖରେ ମା' ପ୍ରଥମ ଥର ଲାଗି ପଣ୍ଡିଚେରୀ ଆସିଥିବା ଯୋଗୁଁ ଗୋଟାଏ ପାଠଚକ୍ର ସମ୍ମିଳନୀ ହେଇଥିଲା । ସେଇ ସମ୍ମିଳନୀରେ ଆମ ସ୍କୁଲର ଜଣେ ଶିକ୍ଷକ ଯିଏ ପାଠଚକ୍ରରେ ଜମା ଯୋଗ ଦିଅନ୍ତି ନାଇଁ ଉଠି ଭାଷଣ ଦେଉଥିବା ଅତିଥିଙ୍କୁ ପ୍ରଶ୍ନକଲେ, 'ଭଗବାନ୍ ତ ନିରାକାର, ଚାରିଆଡ଼େ ପୂରି ରହିଚନ୍ତି; ସିଏ କ'ଣ ଗୋଟାଏ ରୂପ ଭିତରେ ନା ଗୋଟାଏ ଫଟୋ ଭିତରେ ରହିଚନ୍ତି ଯେ ଆମେ ଫଟୋ ପୂଜା କରିବୁ ? ଭଗବାନ୍ ତ ସତ୍ୟ, ଆଉ ଏ ଜଗତ୍, ଏ ଜୀବଜନ୍ତୁ, ବୃକ୍ଷଲତା ଯେତେ ଯାହାସବୁ ଆମେ ଦେଖୁଚୁ ସେସବୁ ତ ଅନିତ୍ୟ, ଆଜି ଅଛି କାଲି ନ ଥିବ । ତେଣୁ କୌଣସି ରୂପ, କୌଣସି ଛବି, କୌଣସି ବ୍ୟକ୍ତିକୁ ପୂଜା କରି ଲାଭ କ'ଣ ? ସେସବୁ ତ ମିଥ୍ୟାର ସ୍ୱରୂପ । ଯିଏ ଭାଷଣ ଦେଉଥିଲେ ସିଏ କହିଲେ, 'ଭଗବାନ୍ ନିରାକାର ପୁଣି ସାକାର । ତାଙ୍କର କିଛି ରୂପ ନାଇଁ, ପୁଣି ଯେତେ ସବୁ ରୂପ ଦେଖୁଚୁ ସିଏ ସବୁ ତାଙ୍କରି । ଆହୁରି ମଧ୍ୟ ସିଏ ଏ ରୂପ ଅରୂପ, ସାକାର ନିରାକାର ଊର୍ଦ୍ଧ୍ୱରେ ପରମ ତତ୍ତ୍ୱ ରୂପେ ରହିଚନ୍ତି ।' କିନ୍ତୁ ଆମ ଶିକ୍ଷକ ବହୁତ ଯୁକ୍ତି କଲେ । ସିଏ କାଇଁକି ଏମିତି ଯୁକ୍ତି କଲେ ? ସିଏ ତ ଭଗବାନଙ୍କୁ ମାନନ୍ତି । କିନ୍ତୁ ଭଗବାନଙ୍କର କୌଣସି ଫଟୋ, କୌଣସି ରୂପକୁ ପୂଜା କରିବାକୁ କାଇଁକି ପସନ୍ଦ କରନ୍ତି ନାଇଁ ? ମତେ କିନ୍ତୁ ତାଙ୍କ କଥାଗୁଡ଼ାକ ଜମା ଭଲ ଲାଗୁ ନାଇଁ । ତୁଚ୍ଛା ଶୁଖିଲା ଶୁଖିଲା ଲାଗୁଚି । ମା'ଙ୍କ ଫଟୋ କି ଶ୍ରୀଅରବିନ୍ଦଙ୍କ ଫଟୋ କି ଭଗବାନଙ୍କର ଅନ୍ୟ କୌଣସି ଅବତାରଙ୍କ ଫଟୋ ଦେଖିଦେଲେ କେମିତି ଖୁସି ଲାଗେ, ସେ ରୂପସବୁ କେଡ଼େ ସୁନ୍ଦର !''

''ତତେ ମା'ଙ୍କ ଫଟୋ, ଶ୍ରୀଅରବିନ୍ଦଙ୍କ ଫଟୋ, ଅନ୍ୟ ଅବତାରଙ୍କ

ଫଟୋ ଭଲ ଲାଗୁଚି, ତା'ର କାରଣ ତୁ ଭକ୍ତ । ତୁମ ଶିକ୍ଷକ ଭଗବାନଙ୍କୁ ମାନୁଚନ୍ତି, କିନ୍ତୁ ତାଙ୍କ ରୂପକୁ ସ୍ୱୀକାର କରୁ ନାହାନ୍ତି, ତା'ର କାରଣ ସିଏ ଜ୍ଞାନୀ । ଭକ୍ତ କହେ, ସବୁ ଭଗବାନ୍ । ଯେତେ ରୂପ ସବୁ ତାଙ୍କରି । ତା'ଙ୍କ ଛଡ଼ା କିଛି ସମ୍ଭବ ନୁହଁ । ସିଏ ବି ଆମରି ଭଳି ରୂପ ନିଅନ୍ତି । ଆମ ସହ ଭାଇ, ବନ୍ଧୁ, ସଖା, ପିତା, ମାତା ଭଳି ସଂପର୍କ ରଖନ୍ତି । ତାଙ୍କୁ ଯେକୌଣସି ପ୍ରକାରେ ଭଲ ପାଇ ହବ । ସିଏ ବି ଆମେ ତାଙ୍କୁ ଯେଭଳି ଭାବରେ ଭଲ ପାଉ, ପ୍ରେମ କରୁ ସେଇଭଳି ଭାବରେ ତା'ର ଉତ୍ତର ଦେଇ ଥାଆନ୍ତି । କେବେ ବି ଆମକୁ ନିରାଶ କରନ୍ତି ନାଇଁ । କି ମଧୁର ତାଙ୍କର ସଂପର୍କ ! ସଂସାରର ସବୁ ସଂପର୍କ ତା' ଆଗରେ ତୁଚ୍ଛ ।' କିନ୍ତୁ ଜ୍ଞାନୀ କହେ, 'ଏ ଜଗତ୍, ଏ ରୂପ, ଏ ଦୃଶ୍ୟ, ଏସବୁ ମିଥ୍ୟା, ମାୟା । ଏକମାତ୍ର ଭଗବାନ୍ ସତ୍ୟ । ସିଏ କୌଣସି ରୂପ ଭିତରେ ଆବଦ୍ଧ ନୁହନ୍ତି । ସେ ନିରାକାର, ନିର୍ଗୁଣ ।'

''ଦୁହେଁ ଠିକ୍ କହନ୍ତି । କିନ୍ତୁ ଭଗବାନଙ୍କର ଗୋଟିଏ ଗୋଟିଏ ଦିଗ କଥା କୁହନ୍ତି । ଜ୍ଞାନୀ କହେ ସୁନା ସତ୍ୟ କିନ୍ତୁ ମୁଦି ମିଥ୍ୟା । ଭକ୍ତ କହେ ମୁଦି ସତ୍ୟ, ତାକୁ ଆମେ ପିନ୍ଧି ପାରୁଚୁ ବ୍ୟବହାର କରି ପାରୁଚୁ, ତା' ସହ ସଂପର୍କ ରଖିପାରୁଚୁ, ଆଉ ସିଏ ଦେଖିବାକୁ କେଡ଼େ ସୁନ୍ଦର ! ତୁମ ସୁନା ସତ ହେଉ କି ନ ହେଉ ଆମକୁ ସେଥିରୁ କ'ଣ ମିଳିବ ?'' କହିଲା ଚିନ୍ମୟ ।

''ଆଚ୍ଛା, ତୁମେ କହୁଚ ଭକ୍ତ ଭଗବାନଙ୍କ ମୂର୍ତ୍ତିକୁ, ରୂପକୁ ପୂଜା କରେ, ଭଲ ପାଏ, ତାଙ୍କ ସହ ଜୀବନ୍ତ ସଂପର୍କ ରଖିପାରେ । କିନ୍ତୁ ମୁଁ ଦେଖେ ଆମ ଘରେ, ଅନ୍ୟମାନଙ୍କ ଘରେ କେତେ ଓଷା, ପୂଜା ହୁଏ କିନ୍ତୁ କାହାରି ତ କିଛି ଭକ୍ତି ଥିବାର ଦେଖେ ନାଇଁ । ଖାଲି ପୂଜାଟି କି ଓଷାଟି ଯେକୌଣସି ପ୍ରକାରେ କରିବାକୁ ହବ ବୋଲି ଯେପରି କରୁଥା'ନ୍ତି । ସବୁ ଠିକ୍ ଠିକ୍ ବିଧି ମୁତାବକ କରନ୍ତି; କିନ୍ତୁ ସେଥିରେ କିଛି ପ୍ରାଣ ଥିଲା ପରି ଲାଗେ ନାଇଁ, ଯେପରି ଗୋଟାଏ କରିବା ନିୟମ, ନ କଲେ କିଛି ପାପ ହବ କି କ୍ଷତି ହବ ବୋଲି କରୁଥା'ନ୍ତି । ଗାଁର କେତେ ଲୋକ ମନ୍ଦିର କାମ ଯାଇ ମାଗଣାରେ କରନ୍ତି, ବର୍ଷରେ ଥରେ ଯଜ୍ଞ କରନ୍ତି, କିନ୍ତୁ କାଇଁ ସେମାନଙ୍କ ଭିତରେ ଶ୍ରଦ୍ଧା,

ଭକ୍ତି ଥିଲା ପରି ଲାଗେ ନାଇଁ । ସେମାନେ ବି ତ ଭଗବାନଙ୍କୁ ମାନନ୍ତି !'' ପୁଣି ପଚାରିଲା ଅନୁରକ୍ତା ।

''ହଁ, ସେମାନେ ଭଗବାନଙ୍କୁ ମାନନ୍ତି । କିନ୍ତୁ ସେମାନେ ହେଲେ କର୍ମୀ । ସେମାନେ ଖାଲି ଭଗବାନଙ୍କ କର୍ମରେ ସନ୍ତୁଷ୍ଟ । ବେଳେବେଳେ କାହା ପାଇଁ କରୁଚନ୍ତି, କ'ଣ ପାଇଁ କରୁଚନ୍ତି ତା' ବି ଜାଣନ୍ତି ନାଇଁ ।

''କିନ୍ତୁ ଭକ୍ତ ଏସବୁ ଶୁଖିଲା ଦାର୍ଶନିକ କାଳ୍ପନିକ ବୁଦ୍ଧିଗତ ଜ୍ଞାନରେ କି ଶୁଖିଲା କର୍ତ୍ତବ୍ୟବୋଧ ଦୃଷ୍ଟିରୁ, କି ଧର୍ମଭୟ ଦୃଷ୍ଟିରୁ, କି ଖାଲି ପରଂପରାର ଅଭ୍ୟାସ ଦୃଷ୍ଟିରୁ କରାଯାଉଥିବା କର୍ମରେ ସନ୍ତୁଷ୍ଟ ହୋଇପାରେ ନାଇଁ । ସେ ଚାହେଁ ଜ୍ଞାନ ଯାହାଙ୍କ କଥା ଚର୍ଚ୍ଚା କରୁଚି, କର୍ମ ଯାହାଙ୍କ ଲାଗି କାମ କରୁଚି ତାଙ୍କୁ ବାସ୍ତବରୂପେ, ଜୀବନ୍ତରୂପେ ଅନୁଭବ କରିବ, ଦେଖିବ, ତାଙ୍କ ସହ ବ୍ୟକ୍ତିଗତ ସଂପର୍କ ରଖିବ, ତାଙ୍କରି ସହ ଏକାତ୍ମ ହେବ, ଶେଷରେ ସେ ଯେପରି ସେହିପରି ହେଇଯିବ ।

''ପୂର୍ଣ୍ଣଯୋଗର ସାଧନାରେ ଜ୍ଞାନ ଆଉ କର୍ମ ସହ ପ୍ରେମ ଭକ୍ତି ମଧ୍ୟ ଦରକାର । ଜ୍ଞାନ ଆଉ କର୍ମ ମଧ୍ୟରେ ପ୍ରେମଭକ୍ତିର ଲୁଣ ନ ପଡ଼ିଲେ ସେସବୁ ଅଲଣା, ଖାରିଆ, ନୀରସ ଲାଗେ । ପ୍ରେମ ଯଦି ପଦ୍ୟ ହୁଏ, ଜ୍ଞାନ ହଉଚି ଗଦ୍ୟ । ପ୍ରେମ ହୃଦୟରେ ଅନୁଭୂତିରେ ଆଣିଦିଏ ଆନନ୍ଦ; ଜ୍ଞାନ ମନରେ ସବୁକିଛିକୁ ବୁଝେଇ ଦିଏ, ବ୍ୟାଖ୍ୟା କରିଦିଏ । ପ୍ରେମ ଜ୍ଞାନ ଓ କର୍ମକୁ ମଧୁରତା ଓ ସ୍ୱାଦରେ ଭରିଦିଏ, ଜ୍ଞାନ ପ୍ରେମକୁ ବ୍ୟାଖ୍ୟା କରି ବୁଝେଇ ଦିଏ ଯେପରି ସୁମଧୁର ଗୀତଟିର ଅର୍ଥ ତୁମ ଶିକ୍ଷକ ବୁଝେଇ ଦିଅନ୍ତି, କର୍ମ ସ୍ଥୂଳରେ ସେସବୁ ଭାବକୁ ରୂପ ଦିଏ ।

''ବ୍ୟାସଦେବ ଯିଏ ଗୀତା, ପୁରାଣ, ଶାସ୍ତ୍ର ସବୁ ରଚନା କରିଚନ୍ତି ଥରେ ବିଷଣ୍ଣ ବଦନରେ ବସିଥିଲେ । ନାରଦ ପଚାରିଲେ, 'କ'ଣ ହୋଇଚିକି ମହର୍ଷି ?' ବ୍ୟାସ କହିଲେ, 'କ'ଣ ଆଉ ହବ ଦେବର୍ଷି ! ଗୀତା ସହ କେତେ ପୁରାଣ ଶାସ୍ତ୍ର ରଚନା କଲି; କିନ୍ତୁ କାହିଁରେ ତ ଟିକିଏ ବି ଆନନ୍ଦ ମିଳୁ ନାଇଁ । ଭିତରଟା ଖାଲି ଶୁଖିଲା ଶୁଖିଲା ନୀରସ ଲାଗୁଚି ।' ନାରଦ କହିଲେ, 'ହଇହେ

ଲେଖିଚ ଲେଖିଚ କହୁଚ, କ'ଣଟା ଲେଖିଚ ? ଖାଲି ଗୁଡ଼ାଏ ଶୁଖିଲା ଜ୍ଞାନ କଥାତ ଲେଖିଚ, ଆଉ କ'ଣ ? ଗୁଡ଼ାଏ ଚଷୁ କୁଟିଚ, ସେ ଚଷୁରେ ରସ କାଇଁ ? ତୁମେ ତ ରସ ପାଉନା, ଆଉ ପାଠକ କୋଉଠୁ ରସ ପାଇବ ? ଭଗବାନଙ୍କ ତତ୍ତ୍ୱ ବିଷୟକୁ ଛାଡ଼ି ତାଙ୍କ ଲୀଳା ବିଷୟରେ ଲେଖ, ରସ ଚର୍ଚ୍ଚା କର – ତେବେ ରସ ଝରିବ, ନିଜେ ଆନନ୍ଦ ପାଇବ ଓ ଅନ୍ୟମାନଙ୍କୁ ଆନନ୍ଦ ଦେବ ।''

''ସେଇଠୁ ବ୍ୟାସଙ୍କର ହୋସ୍ ଆସିଲା । ସେ ଲେଖିଲେ ଭାଗବତ ! ଗାଇଲେ ମନଇଚ୍ଛା କୃଷ୍ଣଲୀଳାର ମାଧୁର୍ଯ୍ୟ । ସେ ସଂଗୀତ ଶୁଣି ସମସ୍ତେ ବୁଝିଲେ ଭଗବାନ୍ ଖାଲି ପ୍ରଦର୍ଶନୀର ବସ୍ତୁ ନୁହନ୍ତି, ଏକ ତତ୍ତ୍ୱ ନୁହନ୍ତି, ପୂଜାର, ଚର୍ଚ୍ଚାର ବସ୍ତୁ ନୁହନ୍ତି; ତାଙ୍କ ସଙ୍ଗେ ସବୁପ୍ରକାର ସମ୍ବନ୍ଧ ରଖି ହୁଏ, ଖେଳି ହୁଏ, କଳି କରି ହୁଏ; ଆମରି ପରି ତାଙ୍କର ବି ରହିଚି ମନ, ପ୍ରାଣ, ହୃଦୟ ଓ ଶରୀର । ଏଇଠୁ ଶୁଷ୍କ ଭାଗବତ ରାଜ୍ୟକୁ ଝରି ଆସିଲା ଲୀଳା ରସ ମାଧୁର୍ଯ୍ୟ ।

''ବ୍ୟାସ ପଣ୍ଡିତଙ୍କୁ ଦେଇଗଲେ ଗୀତା, ଜ୍ଞାନୀମାନଙ୍କୁ ଦେଇଗଲେ ଜ୍ଞାନ, କର୍ମୀକୁ ଦେଇଗଲେ ସାଧନ, କିନ୍ତୁ ଭକ୍ତକୁ ଦେଇଗଲେ ରସଭଣ୍ଡାର ଭାଗବତ ଆଉ ଭଗବାନ୍ । ଶେଷରେ ଏସବୁ ଜ୍ଞାନ, କର୍ମ, ଭକ୍ତିର ଯେ ଧ୍ୟେୟ ବସ୍ତୁ ସେଇ ଭଗବାନଙ୍କୁ ସେ ଟେକି ଦେଲେ ତାଙ୍କ ଲୀଳାମୋଦୀ ଅସଂଖ୍ୟ ବିରହୀ ଭକ୍ତ ପ୍ରେମିକ ପ୍ରେମିକାଙ୍କ କୋଳରେ । ଅନ୍ୟ ସମସ୍ତଙ୍କୁ ଦେଲେ କରରେ, ଏମାନଙ୍କୁ କୋଳରେ – ଏଇ ଯାହା ପାର୍ଥକ୍ୟ ।''

''ହଁ, ସତରେ ଭକ୍ତି ବିନା ଏସବୁ ଜ୍ଞାନ, ଏସବୁ କର୍ମ ସବୁ ଶୁଖିଲା, ନୀରସ, ଚଷୁ ପରି । କହିବ ଗୋଟାଏ କଥା ଯିଏ ଭଗବାନଙ୍କ ସଂପର୍କରେ ଶୁଖିଲା ଜ୍ଞାନ ଓ ତାଙ୍କ ଲାଗି ଶୁଖିଲା କର୍ମରେ ସନ୍ତୁଷ୍ଟ ନ ହୋଇ ତାଙ୍କୁ ଅନୁଭବ କରିବାର ଆନନ୍ଦ ଲାଗି ଉଚ୍ଛନ୍ନ ହେଇଉଠିଚି ?'' କହିଲା ଅନୁରକ୍ତା ବହୁତ ଆଗ୍ରହରେ ।

''ହଁ, କହିବି । ବେଶୀ ବଡ଼ ମଣିଷର କଥା ନୁହଁ, ତୋରି ବୟସର ଛୋଟ ପିଲାଟିର କଥା । ସେଦିନ ହେଇଥାଏ ଜନ୍ମାଷ୍ଟମୀ । ଘରେ ଘରେ

ଶ୍ରୀକୃଷ୍ଣଙ୍କର ଜନ୍ମ ଉତ୍ସବ ପାଳନ କରାଯାଉଥାଏ । ମଙ୍ଗଳର ଘରେ ବି ଖୁବ୍ ଆଡ଼ମ୍ବରରେ ଉତ୍ସବ ପାଳନ କରାଯାଉଚି ।''

''ମଙ୍ଗଳ କିଏ ?'' ପଚାରିଲା ଅନୁରକ୍ତା ।

ମଙ୍ଗଳ ତୋରି ଭଳି ଛୋଟ ପିଲାଟିଏ । ଇଏ ଦୁଇ ଶହ ବର୍ଷରୁ ବେଶୀ ସମୟ ତଳର କଥା । ସେତେବେଳେ ନାସିକ ପାଖରେ ପଞ୍ଚବଟୀ ବୋଲି ଗୋଟିଏ ଗ୍ରାମ ଥିଲା । ସେଇ ଗ୍ରାମରେ ମଙ୍ଗଳର ଘର । ତାଙ୍କର ଗଉଡ଼ ଘର । ଘରେ ହଳେ ବଳଦ ଓ ଚାରି ପାଞ୍ଚଟି ଗାଈ ଥିଲେ । ମଙ୍ଗଳ ତା' ବାପାବୋଉଙ୍କର ଗୋଟିଏ ବୋଲି ପୁଅ । ମଙ୍ଗଳର ବାପା ଚାଷବାସ କରନ୍ତି, ବୋଉ ଘରେ ଗାଈଗୋରୁଙ୍କ ଖବର ବୁଝନ୍ତି । ଦୁଧରୁ ଦହି, ଛେନା, ଘିଅ ପ୍ରଭୃତି କରି ଗ୍ରାମମାନଙ୍କରେ ବିକ୍ରି କରନ୍ତି । ମଙ୍ଗଳ ଗାଈମାନଙ୍କୁ ଚରେଇବାକୁ ନିଏ । ମଙ୍ଗଳର ଚେହେରା ବହୁତ ସୁନ୍ଦର ଆଉ ସୁଢ଼ଳ । କଳା କଳା ଆଖି, କୁଞ୍ଚିତ କେଶ, ପୂନେଇ ଚାନ୍ଦ ଭଳି କମନୀୟ ମୁଖମଣ୍ଡଳ, ସୁଠାମ ଚାଲି ଦେଖିଲେ ଯେକେହି ଲୋକ ଦଣ୍ଡେ ତାକୁ ଚାହିଁ ରହିବ । ଆଉ ତା' ବୋଉର ତ ସେ ନୟନ ପିତୁଳା । ତାକୁ ଦଣ୍ଡେ ନ ଦେଖିଲେ ସେ ବାୟାଣୀ ହୋଇଯିବ । ସେ ଦହି ମନ୍ଥୁ ଥିଲାବେଳେ ତା' ପିଠିରେ ମଙ୍ଗଳ ଝୁଲିବ । ସେ ଶୋଇଥିଲେ ତା' ଆଖି ପତାକୁ ଖୋଲିବ । ଦୁଧ ସର ସବୁ ଚୋରି କରି ଖାଇଦେବ । ସାଙ୍ଗ ପିଲାମାନଙ୍କୁ ଘରକୁ ଡାକି ଖେଳିବ । ଯାହା ଖାଇବା ଜିନିଷ ଘରେ ଥିବ ବାଣ୍ଟିକରି ସମସ୍ତଙ୍କୁ ଦେବ । ତା'ର ସୌନ୍ଦର୍ଯ୍ୟ ସହ ଏଇ ଚପଳତା ତାକୁ ଆହୁରି କୌତୁକିଆ କରିଥିଲା । ବୋଉ ତା'ର ବାହାରେ ବିରକ୍ତ ହେଲେ ବି ଭିତରେ ମଙ୍ଗଳର ଦୁଷ୍ଟାମିକୁ ଉପଭୋଗ କରେ, ଆନନ୍ଦ ପାଏ । କିଛି ଦୁଷ୍ଟାମି ନ କଲେ ବରଂ ତାକୁ ନୀରସ ଲାଗେ ।''

''ଆଚ୍ଛା ହଉ, ଏଥର କୁହ ସେ ଯେଉଁ ଜନ୍ମାଷ୍ଟମୀ ଦିନ ତାଙ୍କ ଘରେ ଉତ୍ସବ ପାଳନ ହଉଥିଲା, ସେଇଠୁ କ'ଣ ହେଲା ?'' କହିଲା ଅନୁରକ୍ତା ପୁଣି ପୂର୍ବ ଖିଅରେ କଥାଟାକୁ ଯୋଡ଼ି ଦେଇ ।

ଚିନ୍ମୟ ଫେରି ଆସିଲା ତା' ପୂର୍ବ କଥାକୁ – ''ହଁ, ସେଦିନ ଭାରି

ଜାକଜମକରେ ମଙ୍ଗଳ ଘରେ କୃଷ୍ଣଙ୍କର ଜନ୍ମଉତ୍ସବ ପାଳିତ ହଉଥାଏ । ଗୋଟାଏ ସୁନ୍ଦର ସାଜସଜା ହେଇଥିବା ଦୋଳିରେ କୃଷ୍ଣଙ୍କର ଏକ ମନୋମୋହନ ମୂର୍ତ୍ତିକୁ ସ୍ଥାପନା କରାଯାଇଥାଏ । ଦୋଳିରେ ଲାଗିଥାଏ ରେଶମୀ ଡୋର । ମଙ୍ଗଳର ବୋଉ ସେ ଡୋରକୁ ଧରି ଦୋଳିକୁ ଧୀରେ ଧୀରେ ଝୁଲାଉ ଥାଆନ୍ତି, ଆଉ କୃଷ୍ଣଙ୍କ ମହିମା ବର୍ଣ୍ଣନା କରି ଗୀତ ବୋଲୁଥା'ନ୍ତି ।

''ମଙ୍ଗଳ ଏକ ଦୃଷ୍ଟିରେ ସେଇ ଆନନ୍ଦଘନ ଶ୍ରୀକୃଷ୍ଣଙ୍କର ମନୋହର ବିଗ୍ରହକୁ ଚାହିଁ ରହିଥାଏ । ରାତି ଅଧ ହେଲାଣି । ସମସ୍ତେ ଉତ୍ସବରେ ମତ୍ତ । ମଙ୍ଗଳ କିଛି ଜାଣିପାରୁ ନ ଥାଏ, ଏସବୁ ଉତ୍ସବ କାଇଁକି ହଉଚି ? ଭିତରେ କିନ୍ତୁ ଗୋଟାଏ ଅହେତୁକୀ ଆନନ୍ଦ ଅନୁଭବ କରୁଥାଏ । ଶେଷରେ ତା' ବୋଉକୁ ପଚାରିଲା, 'ବୋଉ, ଏସବୁ କ'ଣ ? କାଇଁକି ହେଉଚି ?' ବୋଉ ମଙ୍ଗଳକୁ ଗେଲ କରି, କୋଳକୁ ନେଇ କହିଲେ, 'ସୁନାଟା ମୋର, ଜାଣିନୁ ? ଆଜି ପରା ସେଇ ଶ୍ୟାମସୁନ୍ଦର, ଜଗତକରତା ପ୍ରଭୁ ଶ୍ରୀକୃଷ୍ଣଙ୍କର ଜନ୍ମଦିନ !' 'ସେ କିପରି ବୋଉ ?' ବୋଉର ଓଠରେ ହାତମାରି ପଚାରିଲା ମଙ୍ଗଳ । 'ସିଏ କିପରି ? କିପରି ବା ତତେ କହିବି । ସିଏ ଏତେ ସୁନ୍ଦର, ଏତେ କଅଁଳ, ଏତେ ମଧୁର ଯେ ତାଙ୍କୁ ଭାଷାରେ କହିହବ ନାଇଁ । ସେ ସମସ୍ତଙ୍କୁ ଭଲ ପାଆନ୍ତି, ଦୁଃଖ ବିପଦରେ ସାହାଯ୍ୟ କରନ୍ତି । ତାଙ୍କୁ ଥରେ ଦେଖିଲେ ନା ତୁ ଖାଇବା ପିଇବା ସବୁ ଭୁଲିଯିବୁ । ସବୁବେଳେ ତାଙ୍କ ରୂପ ତୋ ମନରେ ଲାଖି ରହିବ ।'– କହିଲେ ବୋଉ ଅତି ସ୍ନେହରେ । ଏକଥା ଶୁଣି ମଙ୍ଗଳର ହୃଦୟରେ ଯେପରି ଗୋଟାଏ ବିଜୁଳି ଖେଳିଗଲା । ତାକୁ ଆଉ ଏସବୁ ପୂଜା, ଉତ୍ସବ, କୃଷ୍ଣଜନ୍ମ ସଂପର୍କରେ ପୁରାଣ ପାଠ ଆଦି ଭଲ ଲାଗିଲା ନାଇଁ । ବୋଉର ସେଇ ଗୋଟାଏ କଥା – 'ତାଙ୍କୁ ତୁ ଥରେ ଦେଖିଲେ ନା ଖାଇବା ପିଇବା ସବୁ ଭୁଲିଯିବୁ । ସବୁବେଳେ ତାଙ୍କ ରୂପ ତୋ ମନରେ ଲାଖି ରହିବ ।'– ତା' ମନକୁ ବାରଂବାର ଆନ୍ଦୋଳିତ କଲା । ସେ ଚାହିଁଲା ତାଙ୍କରି ପ୍ରତ୍ୟକ୍ଷ ସାନ୍ନିଧ ଲାଭ କରିବାକୁ । ତାଙ୍କୁ ସତକୁ ସତ ଅନୁଭବ କରିବାକୁ, ଦେଖିବାକୁ ।

''ରାତି ସାରା ବିଛଣାରେ ପଡ଼ି ମଙ୍ଗଳର ଖାଲି ସେଇ ଚିନ୍ତା । କିପରି

ସେହି ଭୁବନମୋହନଙ୍କୁ ଦର୍ଶନ କରିବ, ତାଙ୍କ ସହ ସବୁବେଳେ ସାଥୀ ହୋଇ ରହିବ । ହୃଦୟରୁ ସେ ଅନୁଭବ କଲା ତାହାହିଁ ଯେପରି ତା'ର ଜୀବନଧାରଣର ଏକମାତ୍ର ଉଦ୍ଦେଶ୍ୟ । ସେଇଥିପାଇଁ ଯେପରି ସେ ଜନ୍ମ ନେଇଚି । ତାଙ୍କ ଛଡ଼ା ତା' ଜୀବନର ଆଉ ଅନ୍ୟ ଗତି କିଛି ନାଇଁ । ହୃଦୟରେ ତା'ର ଅଧିକରୁ ଅଧିକ ପ୍ରେମ ଭକ୍ତିର ରସ ଝରିବାକୁ ଲାଗିଲା ।

''ପରଦିନ ସକାଳୁ ମଙ୍ଗଳ ଗାଈ ନେଇ ଚରେଇବାକୁ ଗଲା । କିନ୍ତୁ ଆଜି ଗାଈଙ୍କ ଆଡ଼େ ନିଘା ନାଇଁ । ସବୁବେଳେ ସେଇ ଗୋଟିଏ ଚିନ୍ତା । ସେଇ ଶ୍ୟାମଘନଙ୍କ ରୂପ ଆଖି ଆଗରେ ନାଚି ଯାଉଚି । ସେ ଆକାଶର ମେଘମାଳାକୁ, ପବନରେ ଲହଡ଼ି ଭାଙ୍ଗୁଥିବା ସବୁଜ ଧାନ କ୍ଷେତକୁ, ଆକାଶରେ ଉଡ଼ି ଯାଉଥିବା ବିହଙ୍ଗମାନଙ୍କୁ ଏକ ଦୃଷ୍ଟିରେ ଚାହିଁ ରହୁଚି । ସବୁଆଡ଼େ ସେ ଯେପରି ତା'ର ପ୍ରାଣସଖାଙ୍କର ଉପସ୍ଥିତି ଅନୁଭବ କରୁଚି । ଭକ୍ତ ଏକ ପାଦ ଗଲେ ଭଗବାନ୍ ତା' ଆଡ଼କୁ ଦୁଇପାଦ ଆଗେଇ ଆସନ୍ତି । ମଙ୍ଗଳ-ହୃଦୟର ଡାକର ତା'ର ହୃଦୟେଶ୍ୱର ଠିକ୍ ଉତ୍ତର ଦେଲେ ।

''ମଙ୍ଗଳ ଏବେ ପୂରା ବଦଳି ଯାଇଚନ୍ତି । ସବୁବେଳେ ଯେପରି ଅନ୍ୟମନସ୍କ । ଖାଇବା ପିଇବା, ଶୋଇବା, ଗାଈ ଚରେଇବା ସବୁବେଳେ ସେଇ ପ୍ରେମମୟଙ୍କ ସ୍ମରଣ । ସବୁବେଳେ ତାଙ୍କରି ପ୍ରେମମୟ ମଧୁର ସ୍ପର୍ଶର ଅନୁଭୂତି । ବେଳେବେଳେ ସେଇ ଅନୁଭୂତିରେ ସେ ମୂର୍ଚ୍ଛିତ ହେଇପଡ଼ନ୍ତି । ଗାଈ ଚରେଇବାକୁ ଯିବାରେ ଏବେ ତାଙ୍କର ବହୁତ ଆନନ୍ଦ । କାରଣ ସେଠି ସେ ସେଇ ପରମ ଲୀଳାମୟଙ୍କ ଲୀଳା ଅଧିକ ଅନୁଭବ କରିପାରନ୍ତି । ଦେଖନ୍ତି ଗାଈ ଆଉ ଛୋଟ ଛୋଟ ବାଛୁରୀଙ୍କ ସହ ସିଏ ଖେଳୁଚନ୍ତି । କେତେବେଳେ ଗୀତ ଗାଉଚନ୍ତି, ନାଚୁଚନ୍ତି, ହସୁଚନ୍ତି, ତ୍ରିଭଙ୍ଗୀ ଠାଣିରେ ମଧୁର ସ୍ୱରରେ ବଇଁଶୀ ବଜାଉଚନ୍ତି । ସେ ବଂଶୀସ୍ୱନରେ ଜୀବଜନ୍ତୁ, ଗଛଲତା ସବୁ ମୁଗ୍ଧ ହେଇ କାନ ଡେରି ଶୁଣୁଚନ୍ତି । ବେଳେବେଳେ ମଙ୍ଗଳ ଉପରେ ସିଏ ଅଭିମାନ କରୁଚନ୍ତି, ତାଙ୍କୁ କଥା କହୁ ନାହାନ୍ତି । କୁଆଡ଼େ ଲୁଚି ଯାଉଚନ୍ତି । ରାତିରେ ଶୋଇଲାବେଳେ ବି ମଙ୍ଗଳଙ୍କର ତାଙ୍କରି ସ୍ୱପ୍ନ । ତାଙ୍କରି କୋଳରେ ମୁଣ୍ଡ ରଖି

ସେ (ମଙ୍ଗଳ) ଯେପରି ଶୋଇଚନ୍ତି । ବେଳେବେଳେ ସ୍ନେହରେ ସେ ତାଙ୍କ ମୁଣ୍ଡକୁ ଆଉଁଶି ଦେଉଚନ୍ତି । ମଙ୍ଗଳ ଆରାମରେ, ଶାନ୍ତିରେ ଶୋଇଚନ୍ତି ।

‘‘କିନ୍ତୁ ଭକ୍ତ, ପ୍ରେମିକର ଜୀବନ ଖାଲି ମିଳନର ଅନୁଭୂତି, ଖାଲି ଆନନ୍ଦର ଅନୁଭୂତିରେ କଟିଯାଏ ନାହିଁ । ତା’ ଜୀବନରେ ବିରହ ଆସେ, ବିଚ୍ଛେଦ ଆସେ, ଜ୍ୱାଳା ବି ଆସେ । ତାହାହିଁ ତ ପ୍ରେମ ଧର୍ମର ନିୟମ । କାରଣ ସେଇ ପରମ ପ୍ରେମମୟଙ୍କ ଆଡ଼କୁ ସଂପୂର୍ଣ୍ଣ ଢଳିବା ପୂର୍ବରୁ ସେ ଭକ୍ତ ଆଡ଼କୁ ଢଳି ଆସନ୍ତି, ତାଙ୍କ ସ୍ପର୍ଶର ମାଧୁରୀରେ ତା’ର ସର୍ବ ସତ୍ତାରେ ମଧୁ ବୋଳି ଦିଅନ୍ତି, ତାକୁ ତାଙ୍କ ପ୍ରେମରେ ପାଗଳ କରି ଦିଅନ୍ତି; କିନ୍ତୁ ଥରେ ସେ ସଂପୂର୍ଣ୍ଣ ଢଳି ଗଲେ, ପାଗଳ ହେଇଗଲେ ଆଉ ଧରା ଦିଅନ୍ତି ନାହିଁ । ବିରହର ଜ୍ୱାଳାରେ ତାକୁ ଜାଳି ପୋଡ଼ି ମାରନ୍ତି । ସତରେ ମାରନ୍ତି ନାହିଁ ଯେ ସେଇ ବିରହର ଅଗ୍ନିରେ ତାକୁ ଜାଳି ପୋଡ଼ି ଆହୁରି ଶୁଦ୍ଧ କରନ୍ତି । ପୁନର୍ମିଳନର ଆନନ୍ଦକୁ ଆହୁରି ବଢ଼େଇ ଦିଅନ୍ତି । ଶେଷରେ ବିରହ ବି ପୂର୍ବ ଅପେକ୍ଷା ଆହୁରି ଅନ୍ତରଙ୍ଗ ମିଳନର ଆଶାରେ ଆନନ୍ଦମୟ ହେଇଉଠେ । ମିଳନ, ବିରହ ଦୁଇଟିଯାକ ପ୍ରେମ ବୃନ୍ତର ଦୁଇଟି ମନୋହର ପୁଷ୍ପରେ ପରିଣତ ହେଇଯାଏ ।

‘‘ମଙ୍ଗଳଙ୍କ ଜୀବନରେ ସେଇ ବିରହର ଲଗ୍ନ ଏବେ ଉପସ୍ଥିତ । ଦିନକର କଥା । ସୂର୍ଯ୍ୟ ବୁଡ଼ି ଯାଉଚନ୍ତି । ଘାସପତ୍ର ଉପରେ ତାଙ୍କର କଅଁଳିଆ ସୁନେଲୀ କିରଣ ବିଛେଇ ହେଇ ପଡ଼ିଚି । ମଙ୍ଗଳ ଗାଈ ନେଇ ଘରକୁ ଫେରୁଚନ୍ତି । ସଙ୍ଗରେ ଅଛନ୍ତି ତାଙ୍କ ପ୍ରାଣସଖା ଶ୍ରୀକୃଷ୍ଣ । ଅପୂର୍ବ କାନ୍ତି, ଆଖିରେ କମନୀୟ ଛଟା, ଗଳାରେ ବନ ଫୁଲର ମାଳା, ସୁଗନ୍ଧରେ ଚାରିଆଡ଼ ମହକି ଉଠୁଚି, କର୍ଣ୍ଣରେ କୁଣ୍ଡଳ, ହାତରେ ବଂଶୀ, ଗୋରୁମାନଙ୍କ ଖୁରା ଦ୍ୱାରା ଧୂଳି ଉଡ଼ି ତାଙ୍କ ଘନକୃଷ୍ଣ କେଶରାଜି ଓ ମନୋହର ସ୍ନିଗ୍ଧବଦନ ମଣ୍ଡଳକୁ ପାଣ୍ଡୁର କରି ଦେଇଚି । ମଙ୍ଗଳ ସେଇ ଭୁବନମୋହନ, ପ୍ରେମମୟଙ୍କ ଅପରୂପ କାନ୍ତିର ଦୁର୍ବାର ଆକର୍ଷଣ ନିକଟରେ ନିଜକୁ ସମ୍ଭାଳି ରଖିପାରିଲେ ନାହିଁ । ସେ ରୂପସହ ନିଜକୁ ମିଶେଇ ଦେଇ ଏକାକାର ହୋଇ ଯିବାକୁ ଭିତରେ ପ୍ରବଳ ଆବେଗ ଅନୁଭବ କଲେ । ଧାଇଁ ଗଲେ ତାଙ୍କୁ କୁଣ୍ଢାଇ ପକାଇବାକୁ । କିନ୍ତୁ କାହାନ୍ତି ସେ ? କ୍ଷଣକ ପୂର୍ବରୁ

ଯିଏ ଅପାର୍ଥିବ ରୂପ ମାଧୁରୀରେ ତାଙ୍କ ନୟନ ମନକୁ ମୋହିତ କରୁଥିଲେ କୁଆଡ଼େ ଗଲେ ସେ ? ଖାଲି ଗୋରୁପଲ ଆଉ ଗୋଧୂଳି, କିନ୍ତୁ ଗୋପାଳ ଅଦୃଶ୍ୟ ହେଇଯାଇଚନ୍ତି ।

''ସେଇ ଦିନଠାରୁ ମଙ୍ଗଳଙ୍କ ଜୀବନ ଭିନ୍ନ ମୋଡ଼ ନେଲା । ସର୍ବାଙ୍ଗରେ ବିରହର ଜ୍ୱାଳା, ଜୀବନ ଆକାଶରେ ବିଷାଦର ମେଘ, ପ୍ରଚଣ୍ଡ ଝଡ଼ ବାତ୍ୟାର ପ୍ରକୋପରେ ତାଙ୍କ ହୃଦୟର ପ୍ରେମ ଫସଲ ସବୁ ଉଜୁଡ଼ି ଯାଇଚି, ବିରହର ରୌଦ୍ର ତାପରେ ସବୁକିଛି ଶୁଷ୍କ ମରୁଭୂମିରେ ପରିଣତ ହେଇଚି । କୌଣସି କାର୍ଯ୍ୟରେ ତାଙ୍କର ମନ ନାଇଁ, ଖାଇବା ପିଇବାରେ ଠିକ୍ ନାଇଁ, ରାତିରେ ଆଖିକୁ ନିଦ ନାଇଁ । ଭିତରେ ସବୁବେଳେ କାହାକୁ ଯେପରି ଝୁରୁଚନ୍ତି । କେତେବେଳେ କାନ୍ଦୁଚନ୍ତି, କେତେବେଳେ ହସୁଚନ୍ତି, କେତେବେଳେ ମୂର୍ଚ୍ଛିତ ହେଇଯାଉଚନ୍ତି । ସମସ୍ତେ କହିଲେ, ମଙ୍ଗଳ ପାଗଳ ହେଇଯାଇଚନ୍ତି । ପିତା ତାଙ୍କର ବ୍ୟସ୍ତ ହେଇ ବୈଦ୍ୟ ଡକେଇଲେ । ଯେତେ ଯାହା ଔଷଧ ଦିଆଗଲା କୋଉଥିରେ କିଛି ହେଲା ନାଇଁ । ମଙ୍ଗଳଙ୍କ ବୋଉ କିନ୍ତୁ ଏ ସବୁରେ ବ୍ୟସ୍ତ ନୁହନ୍ତି । ସେ ଏସବୁର କାରଣ ଭଲକରି ଜାଣିଥିଲେ । ସେ ଜାଣିଥିଲେ କୃଷ୍ଣାଷ୍ଟମୀ ରାତିରେ ମଙ୍ଗଳଙ୍କ ହୃଦୟରେ ଯେଉଁ ପ୍ରେମାଲୋକର ଅଭ୍ୟୁଦୟ ଘଟିଥିଲା । ସେ ଅନୁଭବ କରୁଥିଲେ ତାଙ୍କ ମାତୃ ଜୀବନ ଏଭଳି ପୁଅକୁ କୋଳରେ ପାଇ ସାର୍ଥକ ହେଇଚି ଆଉ ମନେ ମନେ ପ୍ରଭୁଙ୍କୁ ପ୍ରାର୍ଥନା କରୁଥିଲେ ତାଙ୍କର ଏଇ ଏକୋଇର ବଳା ବିଶିକେଶନକୁ ଆହୁରି ତାଙ୍କ ପ୍ରେମରେ ପାଗଳ କରିବାକୁ । ଆହୁରି ତାଙ୍କ କୋଳକୁ ଟାଣି ନେବାକୁ । ସେଥିରେ ତାଙ୍କର କିଛି ଆପତ୍ତି ନାଇଁ । ପୁଅ ଉପରୁ ତାଙ୍କର ସମସ୍ତ ଅଧିକାର ବୋଧ ସେ ଜଳାଞ୍ଜଳି ଦେଇ ଦେଲେ । ତାଙ୍କୁ ଟେକି ଦେଲେ ତା'ର ପରମ ଆରାଧଙ୍କ ହାତରେ ।

''ମଙ୍ଗଳଙ୍କ ବିରହର ଜ୍ୱାଳା ବଢ଼ି ଚାଲିଲା । ସେ ଆଉ ଘରେ ରହିପାରିଲେ ନାଇଁ । ଗୋଦାବରୀ କୂଳରେ ରାଧାକୃଷ୍ଣଙ୍କର ଥିଲା ଏକ ଛୋଟ ମନ୍ଦିର । ପାଖରେ ତୁଳସୀ ବଣ ଓ ସେଇ ତୁଳସୀ ବଣକୁ ଲାଗି ସବୁଜ ବୃକ୍ଷଲତାରେ ଶୋଭିତ ଏକ ବିସ୍ତୃତ ଜଙ୍ଗଲ । ବନ୍ୟ ପଶୁମାନଙ୍କର ବିଚରଣ

ଓ ବନ୍ୟ ପକ୍ଷୀମାନଙ୍କର ସୁମଧୁର କାକଳି ସେ ବଣଭୂଇଁକୁ ଆହୁରି ମହନୀୟ କରି ଦେଉଥାଏ । ଶାନ୍ତ, ସ୍ୱଚ୍ଛ ଗୋଦାବରୀ ଜଳରେ ଭାସି ଯାଉଥା'ନ୍ତି ରଙ୍ଗ ବେରଙ୍ଗର ଫୁଲସବୁ । ଯେପରି ବନଦେବୀ ସେସବୁ ଫୁଲ ପଠେଇ ଦଉଚନ୍ତି ତାଙ୍କ ଦେବତାଙ୍କ ପାଖକୁ । ମଙ୍ଗଳ ସେଇଠି ବସି ତାଙ୍କ ପ୍ରେମମୟଙ୍କୁ ସ୍ମରଣ କରୁ କରୁ ମୂର୍ଚ୍ଛିତ ହେଇପଡ଼ିଲେ । ସେଇ ମୂର୍ଚ୍ଛା ଅବସ୍ଥାରେ ଦେଖିଲେ ଜଣେ ଦିବ୍ୟଶରୀରଧାରୀ ସାଧୁ ତାଙ୍କୁ 'ଓଁ ରାଧାୟୈ ସ୍ୱାହା' ଏଇ ଛ'ଟି ଅକ୍ଷର ଥିବା ମନ୍ତ୍ରଟିକୁ ଜପ କରିବା ଲାଗି ଉପଦେଶ ଦେଇ ଚାଲିଗଲେ । ସେ ମନ୍ତ୍ର ତାଙ୍କ ମଧ୍ୟକୁ ଆସିବା ମାତ୍ରେ ତାଙ୍କ ହୃଦୟ ଓ ମନ ଏକ ଅପୂର୍ବ ଜ୍ୟୋତିଃରେ ଉଦ୍ଭାସିତ ହେଇଉଠିଲା । ମଙ୍ଗଳ ଅନୁଭବ କଲେ ସେଇ ମନ୍ତ୍ର ଚନ୍ଦନ ପରି ସୁଶୀତଳ ଜ୍ୟୋତିଃ ନେଇ ତାଙ୍କ ହୃଦୟରେ ପ୍ରକାଶ ହେଇଚି । ଆଖି ଖୋଲି ଆଉ ସେ ସାଧୁଙ୍କୁ ପାଇଲେ ନାଇଁ, କିନ୍ତୁ ମନ୍ତ୍ରର ସୁଶୀତଳ ଜ୍ୟୋତିଃରେ ତାଙ୍କର ପ୍ରତି ଲୋମମୂଳ ଯେପରି ଉଦ୍ଭାସିତ ହେଇଉଠୁଚି । ସର୍ବାଙ୍ଗରେ ଅପୂର୍ବ ଆନନ୍ଦର ଶିହରଣ । ସେ ଯେପରି ଆନନ୍ଦ ସମୁଦ୍ର ଭିତରେ ଡୁବି ଯାଇଚନ୍ତି । ଆଖି ତାଙ୍କର ଆପେ ବୁଜି ହେଇଯାଇଚି । କିଛି ସମୟ ପରେ ଆଖି ଖୋଲିଲାବେଳକୁ ସମ୍ମୁଖରେ ତାଙ୍କର ଦେଖିଲେ ରାଧାକୃଷ୍ଣଙ୍କର ଭୁବନମୋହନ ଯୁଗଳ ମୂର୍ତ୍ତି । ମୁଖଶ୍ରୀରେ ତାଙ୍କର ମନ୍ଦହାସ୍ୟ । ଆଉ ସେଇ ହାସ୍ୟରୁ ଝରି ଆସୁଚି ପରମପ୍ରେମାମୃତର ପୁଲକଭରା ଶୀତଳ ବାରି । ବିନା ଚେଷ୍ଟାରେ ମଙ୍ଗଳଙ୍କ ହୃଦୟରୁ, ଶ୍ୱାସପ୍ରଶ୍ୱାସରୁ ଉଚ୍ଚାରିତ ହେଉଚି ସେଇ ମନ୍ତ୍ର ! ସେଇଦିନଠାରୁ ମଙ୍ଗଳଙ୍କ ବିରହ ବେଦନା ଏକ ସ୍ଥାୟୀ ମିଳନର ଆନନ୍ଦରେ ପରିଣତ ହେଲା । ସେ ସବୁବେଳେ ପ୍ରେମ ସମାଧିରେ ବୁଡ଼ି ରହିଲେ । ଶରୀର ଜ୍ଞାନ କିଛି ରହିଲା ନାଇଁ । ଜଙ୍ଗଲରେ କିଏ ନେଇ କିଛି ଖାଇବାକୁ ଦେଲେ ଖାଇଲେ, ନହେଲେ ନାଇଁ । ଖାଲି ଖାଇବାକୁ ଦେଲେ ବି ଖାଇପାରୁ ନ ଥିଲେ । କିଏ ଯଦି ଖୁଆଇ ଦେଉଥିଲା ଓ ପିଆଇ ଦେଉଥିଲା ତେବେ ଯାଇ କିଛି ଦାନାପାଣି ତାଙ୍କ ପେଟକୁ ଯାଉଥିଲା । ଏହିପରି ବହୁବର୍ଷ ଚାଲିଗଲା ।

''ମଙ୍ଗଳ ତାଙ୍କ ପ୍ରେମ ସାଧନାରେ ନିମଗ୍ନ । ସଂସାରକୁ ଆସିବାର

ଉଦ୍ଦେଶ୍ୟ ତାଙ୍କର ପୂରଣ ହେଇଯାଇଚି । ଜୀବନ ତାଙ୍କର ସାର୍ଥକ ହେଇଚି । ଆଉ ବେଶୀଦିନ ବୋଧେ ସଂସାରରେ ତାଙ୍କୁ ରଖାଇବାକୁ ତାଙ୍କ ପ୍ରେମାସ୍ପଦ ଚାହୁଁ ନାହାନ୍ତି । ଦିନକର କଥା । ଶାରଦ ପୂର୍ଣ୍ଣିମାର ମଧରାତ୍ରି । ଆକାଶ ଆଉ ପୃଥିବୀରେ ଶୀତଳ ଜ୍ୟୋତ୍ସ୍ନାର ଜୁଆର । ଶାନ୍ତ ପୃଥିବୀ ସେଇ ତରଳ, ସ୍ନିଗ୍ଧ ଜ୍ୟୋତ୍ସ୍ନାରାଶିକୁ ଯେପରି ପିଇଯାଉଚି । ମଙ୍ଗଳ ବି ହୃଦୟରେ ଅନୁଭବ କରୁଚନ୍ତି ଦିବ୍ୟ ଜ୍ୟୋତ୍ସ୍ନାର ଜୁଆର, ଅପୂର୍ବ ପୁଲକ, ଅଲୌକିକ ଉଲ୍ଲାସ । ବନପୁଷ୍ପ ଓ ତୁଳସୀରେ ସେ ତିଆରି କଲେ ଅପୂର୍ବ ସୁନ୍ଦର ମାଳା । ପ୍ରେମ ଆଉ କୃତଜ୍ଞତାଭରା ହୃଦୟରେ ଲମ୍ବେଇ ଦେଲେ ସେ ମାଳ ତାଙ୍କ ପ୍ରାଣପ୍ରିୟ ରାଧାକୃଷ୍ଣଙ୍କ ଗଳାରେ । ପ୍ରେମ ଅଶ୍ରୁର ଜଳରେ ଧୋଇଦେଲେ ତାଙ୍କ ଚରଣ କମଳ । ପଲକହୀନ ପ୍ରେମପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଲେ ତାଙ୍କର ସେଇ ପରମ ରୂପଲାବଣ୍ୟଭରା ମୁଖଶ୍ରୀକୁ । ସବୁକିଛି ସ୍ଥିର ନିଶ୍ଚଳ – ଆକାଶ, ପବନ, ପୃଥିବୀ ଆଉ ତା' ସହ ମଙ୍ଗଳଙ୍କ ହୃଦୟ, ପ୍ରାଣ, ମନ ଓ ଶରୀର । ଏଇ ପରମ ସ୍ଥିର ନିସ୍ତବ୍ଧତାର ପରିବେଶକୁ ଆଲୋକିତ କରି ହଠାତ୍ ଖୋଲିଗଲା ମହାଭାବମୟୀ ରାଧାରାଣୀଙ୍କ ହୃଦୟର ଜ୍ୟୋତିର୍ମୟ ଦ୍ୱାର । ସେଇ ଆଲୋକରେ ସମଗ୍ର ବଣଭୂଇଁ ଆଲୋକିତ ହେଇଉଠିଲା । ଧୀରେ ଧୀରେ ସେ ଆଲୋକ ପୁଣି ତାଙ୍କ ହୃଦୟ ଗୁହା ମଧ୍ୟକୁ ଫେରିଗଲା, କିନ୍ତୁ ଯେପରି ଆସିଥିଲା ସେପରି ନୁହଁ, ସଙ୍ଗରେ ନେଇଗଲା ମଙ୍ଗଳଙ୍କର ସମଗ୍ର ବିଗ୍ରହକୁ । ସେଇ ମହାଜ୍ୟୋତିଃ ନିଜ ଭିତରେ ମିଳାଇ ନେଲା ମଙ୍ଗଳରୂପୀ ତା'ର ଏକ କ୍ଷୀଣ ରଶ୍ମିକୁ । ପରଦିନ ଦେଖାଗଲା ମଙ୍ଗଳ ଆଉ ନାହାନ୍ତି । ଏବେ ଖାଲି ସେ ସ୍ଥାନରେ ଦେଖାଯାଏ ତାଙ୍କ ପବିତ୍ର ସ୍ମୃତିର ଚିହ୍ନସ୍ୱରୂପ ତାଙ୍କ ବସିବା ସ୍ଥାନରେ ଏକ ପକ୍କା ମଣ୍ଡପ ।

''ତେଣୁ ମଙ୍ଗଳଙ୍କ ହୃଦୟ ଖାଲି ପାରଂପାରିକ ପୂଜା, ଉତ୍ସବ, ଗ୍ରନ୍ଥପାଠରେ ସନ୍ତୁଷ୍ଟ ନ ହୋଇ ଚାହିଁଥିଲା ଯାହା ସକାଶେ ଏସବୁ ହଉଚି ତାଙ୍କୁ ପାଇବାକୁ, ତାଙ୍କ ସହ ବ୍ୟକ୍ତିଗତ ସଂପର୍କ ରଖିବାକୁ, ଅହରହ ତାଙ୍କ ସହ ବାସ କରିବାକୁ । ଶେଷରେ ତା' ସେ (ହୃଦୟ) ପାଇଥିଲା ଓ ଅନ୍ୟମାନଙ୍କୁ ମଧ ତା'ର ସ୍ପର୍ଶ ଦେଇ ଯାଉଥିଲା । ସେଇଥିପାଇଁ ଶ୍ରୀଅରବିନ୍ଦ କହନ୍ତି :

'The heart and life, as we know, have an exactly opposite law. They cannot live with abstractions; they can find their satisfaction only in things that are concrete or can be made seizable, whether physically, mentally or spiritually, their object is not something which they seek to discriminate and arrive at by intellectual abstraction; a living becoming of it or a conscious possession and joy of their object is what they seek.'

'ଆମର ହୃଦୟ ଓ ପ୍ରାଣ ଏହାର ଠିକ୍ ବିପରୀତ ବିଧାନ ଦ୍ୱାରା ପରିଚାଳିତ ହୁଅନ୍ତି ବୋଲି ଆମେ ଜାଣିଚୁ । ସେମାନେ ଖାଲି ଅମୂର୍ତ୍ତ, ଅବସ୍ତୁ କଥାକୁ ନେଇ ଚଳିପାରନ୍ତି ନାହିଁ । ଯେତେବେଳେ ବସ୍ତୁ ସକଳ ମୂର୍ତ୍ତ ଅଥବା ହାତରେ ଧରି ପାରିଲା ଭଳି ହୁଏ ସେତେବେଳେ ଯାଇ ସେମାନେ ସନ୍ତୋଷଲାଭ କରିପାରନ୍ତି । ଭୌତିକ, ମାନସିକ ଅଥବା ଆଧ୍ୟାତ୍ମିକ ଯେକୌଣସି ଭାବରେ ହଉପଛେ ସେମାନେ କେବଳ ବୁଦ୍ଧିଗତ ଅବାସ୍ତବ କଳ୍ପନା ଦ୍ୱାରା କୌଣସି ପଦାର୍ଥର ଭେଦ ନିରୂପଣ କରି ସେଇଥିରେ ଉପନୀତ ହେବାର ଇଚ୍ଛାକୁ ଲକ୍ଷ୍ୟରୂପେ ରଖି ନ ଥା'ନ୍ତି । ସେମାନେ ବାସ୍ତବ ଜୀବନ୍ତ ଭାବରେ ସେମାନଙ୍କ ଲକ୍ଷ୍ୟ ବସ୍ତୁଟିରେ ପରିଣତ ହେବାକୁ ଚାହୁଁଥା'ନ୍ତି ଓ ଅତି ସଚେତନ ଭାବେ ସେଇ ବସ୍ତୁଟିର ଅଧିକାର ଓ ଆନନ୍ଦକୁ ପ୍ରାପ୍ତ ହେବାକୁ ଚାହୁଁଥା'ନ୍ତି ।''

# ପ୍ରେମ-ବିଗଳିତ ଶରୀର

''ଚିନୁ ଭାଇ, ତୁମେ ଆର ଥରକ କହୁଥିଲ ମହର୍ଷି ବ୍ୟାସଦେବ ଏତେ ଶାସ୍ତ୍ର, ପୁରାଣ ରଚନା କରି କୋଉଥିରୁ ଆନନ୍ଦ ପାଇଲେ ନାହିଁ । ଶେଷରେ ଦେବର୍ଷି ନାରଦଙ୍କ ପରାମର୍ଶରେ ଭଗବାନଙ୍କ ଲୀଳାରସ ବର୍ଣ୍ଣନା କରି ଭାଗବତ ଲେଖିବାରୁ ନିଜେ ଆନନ୍ଦ ପାଇଲେ ଓ ଅନ୍ୟମାନଙ୍କୁ ଆନନ୍ଦ ଦେଇ ପାରିଲେ । ସମସ୍ତେ ଜାଣି ପାରିଲେ ଭଗବାନ୍ ଖାଲି ଶୁଖିଲା ତତ୍ତ୍ୱର ବସ୍ତୁ ନୁହନ୍ତି ତାଙ୍କ ସହ ପିତା, ମାତା, ପୁତ୍ର, କନ୍ୟା, ସ୍ୱାମୀ, ସଖା, ବଂଧୁ, ଭ୍ରାତା, ଭୃତ୍ୟ ଆଦି ଯାବତୀୟ ମାନବିକ ସଂପର୍କ ରଖି ହେବ । ସାଧନାର ଅନ୍ୟାନ୍ୟ ସବୁ ମାର୍ଗ ଅପେକ୍ଷା ପ୍ରେମ-ଭକ୍ତିର ମାର୍ଗ ସର୍ବଶ୍ରେଷ୍ଠ । ସତରେ କ'ଣ ପ୍ରେମ-ଭକ୍ତିର ମାର୍ଗ ସର୍ବଶ୍ରେଷ୍ଠ ? ଜ୍ଞାନୀ କ'ଣ ଭକ୍ତ ନୁହେଁ ? କର୍ମୀ କ'ଣ ଭକ୍ତ ନୁହେଁ ? ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ହଁ, ଜ୍ଞାନୀ ଭକ୍ତ, କର୍ମୀ ବି ଭକ୍ତ । କିନ୍ତୁ ଏଠି ଯେଉଁ ଭକ୍ତଙ୍କ କଥା ଆମେ ଆଲୋଚନା କରୁଛେ ସେମାନେ ହଉଚନ୍ତି ପ୍ରେମିକ ଭକ୍ତ । ଜ୍ଞାନୀ ମଧ୍ୟରେ ଭକ୍ତି ଥାଏ, କର୍ମୀ ମଧ୍ୟରେ ଭକ୍ତି ଥାଏ । ତା' ନ ହେଲେ ସେମାନେ ଭଗବତ୍ ଉପଲବ୍ଧି ଲାଗି, ଭଗବାନଙ୍କ କର୍ମ ଲାଗି ସାଧନା କରନ୍ତେ କିପରି ? କିନ୍ତୁ ପ୍ରେମିକ ଭକ୍ତଠାରେ ଭକ୍ତି-ପ୍ରେମ ଯେପରି ପ୍ରାଧାନ୍ୟ ଲାଭ କରିଥାଏ, ସେମାନଙ୍କ ମଧ୍ୟରେ ସେପରି ଘଟି ନ ଥାଏ । ଯଥାର୍ଥରେ ପ୍ରେମ ଓ ଭକ୍ତିର ମାର୍ଗ ସାଧନାର ଅନ୍ୟାନ୍ୟ ସକଳ ମାର୍ଗ ଅପେକ୍ଷା ବହୁତ ଶକ୍ତିଶାଳୀ । ଜ୍ଞାନ ସାଧନାରେ ବ୍ୟକ୍ତି ସେଇ ଏକ ଅଦ୍ୱିତୀୟ ବ୍ରହ୍ମଙ୍କୁ ନିଜ ମଧ୍ୟରେ ଓ ସକଳଙ୍କ ମଧ୍ୟରେ ଉପଲବ୍ଧି କରେ । ମନରେ ଶାନ୍ତି, ନୀରବତା ପ୍ରାପ୍ତ କରିପାରେ । କର୍ମ ସାଧନାରେ ବ୍ୟକ୍ତି ଭଗବାନଙ୍କ ସଂକଳ୍ପ ଶକ୍ତି ସହ ଯୁକ୍ତ ହୋଇ ତାଙ୍କରି କର୍ମ ନିଷ୍କାମଭାବେ କରିପାରେ । ଫଳରେ ଶରୀର, ପ୍ରାଣ ତଥା ଅନ୍ୟାନ୍ୟ ସତ୍ତାରେ

ଶକ୍ତି, ସାମର୍ଥ୍ୟ ଲାଭ କରିପାରେ । କିନ୍ତୁ ଏସବୁରେ ଆନନ୍ଦ ନ ଥାଏ । ଆନନ୍ଦହିଁ ହଉଚି ସୃଷ୍ଟିର ଲକ୍ଷ୍ୟ, ଆନନ୍ଦ ପାଇଁ ସମସ୍ତେ ବଞ୍ଚି ରହିଚନ୍ତି । ଆନନ୍ଦ ମଧରେହିଁ ଯଥାର୍ଥ ଅଗ୍ରଗତି ହୁଏ । ଆଉ ଏହି ଆନନ୍ଦ କେବଳ ପ୍ରେମ ଭକ୍ତିର ସାଧନା ଫଳରେହିଁ ଆସିଥାଏ । ସେଇଥିପାଇଁ ଶ୍ରୀଅରବିନ୍ଦ କହିଚନ୍ତି : Love is the crown of works and the flowering of knowledge. ''ପ୍ରେମ ହଉଚି କର୍ମର ମୁକୁଟ ଆଉ ଜ୍ଞାନର ପ୍ରସ୍ଫୁଟନ ।''

''ଆଚ୍ଛା, ଭକ୍ତ ଯେପରି ଭଗବାନଙ୍କ ସହ ଭାଇ, ବଂଧୁ, ଭୃତ୍ୟ, ସଖା ସ୍ୱାମୀ, ପିତା, ମାତା, ପୁତ୍ର ଆଦି ସଂପର୍କ ମଧରୁ ଯେ କୌଣସି ଗୋଟିଏ ସଂପର୍କ ରଖି ତାଙ୍କୁ ଭକ୍ତି କରିଥାଏ, ଭଗବାନ୍ କ'ଣ ସତରେ ତାକୁ ଠିକ୍ ସେଇ ରୂପରେ ଭଲ ପାଇଥା'ନ୍ତି ? ଭଗବାନ୍ ତ ଏସବୁ ସଂପର୍କର ଉର୍ଦ୍ଧ୍ୱରେ । ଭକ୍ତର ଏପରିସବୁ ମନୋଭାବକୁ ସେ ପିଲାଳିଆ ବୋଲି ଭାବନ୍ତି ନାଇଁ ତ ?'' ପୁଣି ପଚାରିଲା ଅନୁରକ୍ତା ।

''ଭଗବାନଙ୍କୁ ଭକ୍ତ ଯେଉଁ ରୂପରେ ଭକ୍ତି କରେ ସେ ସେଇ ରୂପରେହିଁ ତାକୁ ଭଲପାଆନ୍ତି । ସେଇ ରୂପରେ ତାକୁ ଦର୍ଶନ ଦିଅନ୍ତି । ତା'ର ମନୋବାଞ୍ଛା ପୂର୍ଣ୍ଣ କରନ୍ତି । ଏପରିକି ଭକ୍ତ ପାଦେ ଗଲେ ସେ ଦୁଇ ପାଦ ଭକ୍ତ ଆଡ଼କୁ ଆସନ୍ତି । ଭଗବାନ୍ ସମଗ୍ର ଜଗତକୁ ମାୟାରେ ବାନ୍ଧିଚନ୍ତି; କିନ୍ତୁ ଭକ୍ତର ଏଇ ସମ୍ପର୍କର ମାୟା ନିକଟରେ ସେ ବାନ୍ଧି ହୋଇ ଯାଆନ୍ତି । ଭକ୍ତ ଯେପରି ତାଙ୍କ ଲାଗି ବ୍ୟାକୁଳ ହୁଏ ସେ ତା' ଅପେକ୍ଷା ବେଶୀ ତା' ଲାଗି ବ୍ୟାକୁଳ ହୁଅନ୍ତି । ତାଙ୍କର ଭକ୍ତ, ତାଙ୍କର ପ୍ରେମିକଙ୍କ ଆଣ୍ଠ ନିକଟରେ ସେ ସବୁବେଳେ ପରାଜୟ ସ୍ୱୀକାର କରନ୍ତି । ସେଇ ପରାଜୟ ସ୍ୱୀକାରହିଁ ତାଙ୍କର ଆନନ୍ଦ । ସେଇଆକୁ ଆନନ୍ଦରେ ମଥାର ମୁକୁଟ କରି, ହୃଦୟର ହାର କରି ସେ ପିନ୍ଧନ୍ତି ।

''ସୁର ଦାସ ଲେଖିଚନ୍ତି, ସଖାଗଣଙ୍କ ସାଙ୍ଗରେ କୃଷ୍ଣ ଖେଳରେ ମାତିଚନ୍ତି । ଧୂଳିଖେଳ ଚାଲିଚି । ସେଥିରେ ଯାହା ଉପରେ ବୋଝ ହୁଏ, ତା' ଆଖିରେ ଅନ୍ଧ ପୁଟୁଳି ବନ୍ଧାଯାଏ, ହାତରେ ବିଷ୍ଠା ବୋଲି କହି ଧୂଳି ଆଞ୍ଜୁଳାଏ ଧରେଇ ଦିଆଯାଇ ଚାରିପଟେ ତାକୁ ବୁଲାଯାଏ । ବୋଝ ନବାର ଏ ହଉଚି

ଦଣ୍ଡ । କୃଷ୍ଣ ଏପର୍ଯ୍ୟନ୍ତ କେବେ ହାରି ନାହାନ୍ତି । ତେଣୁ କିଏ ହାରିଗଲେ ସେ ବହୁତ ଉତ୍‌ଫୁଲ୍ଲିତ ହୁଅନ୍ତି । ହାତ ତାଳି ଦେଇ ନାଚନ୍ତି । ଏଥର କିନ୍ତୁ ବିଧିର ବିଧାନ ବିଚିତ୍ର । କୃଷ୍ଣ ହାରି ଯାଇଚନ୍ତି । ସମସ୍ତେ ଏଥିରେ ଏତେ ଖୁସୀ ଯେ ଆଉ କହି ହବ ନାଇଁ । କୃଷ୍ଣ ବୋଝ ଖାଇଚି, ତା' ଆଖିରେ ଅନ୍ଧ ପୁଟୁଳି ବନ୍ଧାଯିବ । ସମସ୍ତେ ଆନନ୍ଦରେ ଉଲ୍ଲସିତ । କିନ୍ତୁ ଏ କ'ଣ ? ଛାତିରେ ଦୁଇହାତ ଛନ୍ଦି କୃଷ୍ଣ ମୁହଁ ଶୁଖେଇ ଚୋରଟିଏ ଭଳି ଠିଆ ହେଇଚି । ନା, ସେ ବୋଝ ନବ ନାଇଁ, ଧୂଳି ଧରିବ ନାଇଁ, ଅନ୍ଧପୁଟୁଳି ବନ୍ଧେଇ ଦବ ନାଇଁ । ସଖାମାନେ ଧୂଳି ଦେବା ପାଇଁ ହାତ ବଢ଼େଇବାକୁ କହିବାରୁ ସେ ଦୂରକୁ ଘୁଞ୍ଚି ଯାଉଚି । ମୁହଁ ଭାରୀ କରି ଅଭିମାନରେ ଚାହୁଁଚି । ଆଖି ଦିଓଟି ଛଳଛଳ ହେଇଗଲାଣି । ସତେ ଯେମିତି ଏଇକ୍ଷଣି ଅସରାଏ ବରଷି ଯିବ ।

''କିନ୍ତୁ ଏ ଭଙ୍ଗୀ ଦେଖେଇଲେ ଛାଡୁଚି କିଏ ? ଅନ୍ୟ ବେଳକୁ ହାତ ତାଳି ଦେଇ ନାଚିବ, ନିଜ ବେଳକୁ ବୋଝ ନ ନେବା ଲାଗି ପେଖେନା କାଢ଼ିବ । ଏତେ ଦିମାକ୍ ଯେ ବୋଝ ନବ ନାଇଁ ! ଠିକ୍ ଅଛି । ବୋଝ ନ ନେ । ତତେ ଆଉ ଆମେ ଖେଳେଇବୁ ନାଇଁ । ଚାଲ, ଆମେ ସମସ୍ତେ ଖେଳିବା, ସିଏ ସେମିତି ଖୁଣ୍ଟଟା ଭଳିଆ ଠିଆ ହେଇଥାଉ । ଏହା କହି ସାଥୀମାନେ ତାଙ୍କର ପୁଣି ଖେଳ ଆରମ୍ଭ କରିବାକୁ ବାହାରିଲେ । ଏ ଦଣ୍ଡ ଯେ ବୋଝ ଖାଇବା ଦଣ୍ଡଠାରୁ ବଳିଗଲା ! ସବୁ ପଛେ ସହିବେ, ସଖାମାନଙ୍କ ସଖ୍ୟ ଛାଡ଼ି ପାରିବେ ନାଇଁ । କୃଷ୍ଣ ମଳିନ ବଦନରେ ଆଗେଇ ଆସିଲେ । ସେ ବୋଝ ନବାକୁ ରାଜି । ହାତ ପତେଇଲେ – ଦିଅ ଏଥର, ମତେ ଧୂଳି ଦିଅ, ମୋ ଆଖି ବାନ୍ଧ । ତୁମରିମାନଙ୍କ ଭାବର ବନ୍ଧନରେ ବାନ୍ଧି ହେଇ ଅନ୍ଧ ସାଜିବାରେ ଯେଉଁ ଆନନ୍ଦ ସିଏ ଆଉ କୋଉଠୁ ମିଳିବ ?... ମୋର ତ୍ରିଗୁଣମୟୀ ମାୟା ଦ୍ୱାରା ସାରା ଜଗତକୁ ମୁଁ ବାନ୍ଧିଚି, ଅନ୍ଧ କରିଚି – କିନ୍ତୁ, ଖାଲି ତୁମରିମାନଙ୍କଠାରେ ମୋର ପରାଜୟ । ତୁମରି ଦାସ୍ୟ, ବାତ୍ସଲ୍ୟ, ସଖ୍ୟ ଓ ମାଧୁର୍ଯ୍ୟ ଚତୁର୍ଗୁଣମୟୀ ମାୟାଶକ୍ତିର ନିବିଡ଼ ବନ୍ଧନରୁ ମୁକୁଳିବାର ମୋର ଉପାୟ ନାଇଁ, କି ମୁକୁଳିବାକୁ ମୁଁ ଚାହେଁ ନାଇଁ ।

''ଖାଲି ସେତିକି ନୁହେଁ, ଭକ୍ତ ପ୍ରେମିକ ଯେପରି ତାଙ୍କ ବିଚ୍ଛେଦରେ, ତାଙ୍କ ବିରହରେ ବ୍ୟଥିତ ହେଇ ଉଠନ୍ତି ସେ ବି ସେହିପରି ତାଙ୍କଠାରୁ ସ୍ଥୂଳ ବିଚ୍ଛେଦରେ ସେମାନଙ୍କ ଅପେକ୍ଷା ବେଶୀ ବ୍ୟଥିତ ହେଇ ଉଠନ୍ତି । ରାଜସୁଖ, ରାଜ ଐଶ୍ୱର୍ଯ୍ୟ ବି ତାଙ୍କୁ ଭଲ ଲାଗେ ନାଇଁ । ତା'ରି ଭିତରେ ରହି ଝୁରି ହଉଥା'ନ୍ତି ତାଙ୍କ ଭକ୍ତ, ପ୍ରେମିକ, ପ୍ରେମିକାମାନଙ୍କୁ । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଫଟୋ ଦେଖିଚୁ ?''

''ହଁ ଦେଖିଚି ।'' କହିଲା ଅନୁରକ୍ତା ।

''ତାଙ୍କର କ'ଣ ସାଧାରଣ ମଣିଷ ଭଳି ହାତ ଗୋଡ଼ ଅଛି ?''

''ନା, ତାଙ୍କର ତ ହାତ ଗୋଡ଼ ନାଇଁ । ହାତ ଗୋଡ଼ ଥିଲେ ଆହୁରି କେତେ ସୁନ୍ଦର ଦେଖାଯାଉ ଥା'ନ୍ତେ !''

''ସୁନ୍ଦର ଦେଖା ଯାଉଥା'ନ୍ତେ ସତ, କିନ୍ତୁ ଭକ୍ତି-ପ୍ରେମର ପରାକାଷ୍ଠା ଏତେ ପ୍ରତିପାଦିତ ହୋଇ ପାରି ନ ଥା'ନ୍ତା; ତାଙ୍କର ସେଇ ହାତ, ଗୋଡ଼ ନ ଥିବାର ପଶ୍ଚାତରେ ଏକ ସୁନ୍ଦର କିଂବଦନ୍ତୀ ଅଛି । ତାହା ସତ ହଉ କି ନ ହଉ ସେଥିରେ କିଛି ଯାଏ ଆସେ ନାଇଁ, କିନ୍ତୁ ତାହା ପ୍ରେମ-ଭକ୍ତିର ମୂଲ୍ୟକୁ ବହୁ ଗୁଣରେ ମୂଲ୍ୟବାନ୍ କରି ଜଗତ୍ ଆଗରେ ଧରି ରଖିଚି । ତାହାହିଁ ତା'ର ଉଦ୍ଦେଶ୍ୟ ।

''ସେଇ କଥା କୁହ; ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏଇ ତିନି ଠାକୁରଙ୍କର ହାତ, ଗୋଡ଼ କାଇଁକି ନାଇଁ ?'' ଆଗ୍ରହର ସହ ପଚାରିଲା ଅନୁରକ୍ତା ।

''ଶ୍ରୀକୃଷ୍ଣ ଆଉ ଏବେ ବ୍ରଜ ବୃନ୍ଦାବନରେ ନନ୍ଦ ଯଶୋଦାଙ୍କର ଅଲିଅଳ ଦୁଲାଳ, ଗୋପାଳ ବାଳକମାନଙ୍କର ପ୍ରାଣପ୍ରିୟ ସଖା ଆଉ ବ୍ରଜବାସିନୀ ଗୋପୀମାନଙ୍କର ହୃଦୟର ଏକାନ୍ତ ଅଧୀଶ୍ୱର ହୋଇ ନାହାନ୍ତି । ସେ ବୃନ୍ଦାବନର ଲୀଳା ସାରି ଏବେ ଦ୍ୱାରକାର ଅଧିପତି । କେତେ ସୁନ୍ଦରୀ ରାଣୀ, ଦାସଦାସୀ, ଧନରତ୍ନ, ବିଳାସବ୍ୟସନ ଭିତରେ ବୁଡ଼ିରହିଚନ୍ତି । କିନ୍ତୁ ଏତେ ବିଳାସବ୍ୟସନ, ଧନରତ୍ନ, କ୍ଷମତା ଭିତରେ ବି ପ୍ରେମପାଗଳ ଶ୍ରୀକୃଷ୍ଣ ବୃନ୍ଦାବନର ତାଙ୍କ ପିତା,

ମାତା, ସଖା, ସଖୀଙ୍କର ସରଳ ହୃଦୟର ସେ ଅନାବିଳ ପ୍ରେମକୁ ଭୁଲି ପାରୁ ନାହାନ୍ତି । ବୃନ୍ଦାବନର ଗୋପୀମାନଙ୍କ ମଧ୍ୟରୁ ସବୁଠାରୁ ସେ ବେଶୀ ଭଲ ପାଉଥିଲେ ରାଧାଙ୍କୁ । ରାଧା ମଧ୍ୟ ଶ୍ରୀକୃଷ୍ଣଙ୍କୁ ନିର୍ବିଶେଷରେ ତାଙ୍କର ଦେହ, ମନ, ପ୍ରାଣ, ଆତ୍ମା ସବୁ ଅର୍ପଣ କରିଥିଲେ । ରାଧା ଆଉ କୃଷ୍ଣ ଶରୀରରେ ଭିନ୍ନ ହେଲେ ବି ଚେତନାରେ ଥିଲେ ଏକ ଓ ଅଭିନ୍ନ । ଗୋଟିଏ ରାତିର ଘଟଣା । ଦ୍ୱାରକାଧିପତି ରାଜା ଶ୍ରୀକୃଷ୍ଣ ରାଜପୁରୀର ତୂଳିତଳ୍ପ ଶେଯରେ ଶୋଇଚନ୍ତି । ହଠାତ୍ ସେ ଏକ ସ୍ୱପ୍ନ ଦେଖିଲେ । ସ୍ୱପ୍ନରେ ସେ କାନ୍ଦି କାନ୍ଦି ରାଧାଙ୍କୁ 'ହେ ରାଧେ, ହେ ରାଧିକେ'; ଡାକୁଥିବାର ଶୁଣାଗଲା । ତାଙ୍କର ସେଇ କାନ୍ଦ ଓ ରାଧାଙ୍କୁ ଡାକିବାର ଶବ୍ଦରେ ରାଣୀ ରୁକ୍ମିଣୀ ଓ ସତ୍ୟଭାମା ପ୍ରଭୃତିଙ୍କର ନିଦ ଭାଙ୍ଗିଗଲା । ସ୍ୱାମୀଙ୍କର ଏପରି ଆଚରଣରେ ସେମାନେ ଆଶ୍ଚର୍ଯ୍ୟ ହେଇଗଲେ ।

''ସକାଳ ହେଲା । ସବୁ ରାଣୀଙ୍କ ମଧ୍ୟରେ ଆଲୋଚନା ଚାଲିଲା । ଆମେମାନେ ସବୁ ଏତେ ସୁନ୍ଦରୀ ରାଣୀ ଥାଉ ଥାଉ କୃଷ୍ଣ ଆଉ ଜଣେ ସ୍ତ୍ରୀଲୋକ କଥା କିପରି ଚିନ୍ତା କରିପାରୁଚନ୍ତି ? ତା' ପାଇଁ ପୁଣି ସ୍ୱପ୍ନରେ ବିଳାପ କରୁଚନ୍ତି ! କିଏ ସେଇ ଭାଗ୍ୟବତୀ ନାରୀ ? ତାକୁ ଜାଣିବା ଲାଗି ସମସ୍ତଙ୍କ ଭିତରେ ଖେଳିଗଲା ଏକ କୌତୂହଳ । ସେମାନଙ୍କ ଭିତରୁ ଜଣେ କହିଲା, 'ଶୁଣିଚି ବୃନ୍ଦାବନରେ ରାଧା ନାମରେ ଜଣେ ଗୋପାଳୁଣୀ ଅଛି । ତା'ରି ସହ ଆମ ସ୍ୱାମୀଙ୍କର ଅତି ନିବିଡ଼ ସଂପର୍କ ଥିଲା । ଦୁହେଁ ଦୁହିଙ୍କି ଦଣ୍ଡେ ନ ଦେଖିଲେ ପାଗଳ ହେଇ ଯାଉଥିଲେ ।' ଆଉ ଜଣେ କହିଲା, 'ରାଧା ଯଦି ବୃନ୍ଦାବନର, ତେବେ ରୋହିଣୀ ମା'ଙ୍କୁ ପଚାରିଲେ ସବୁ କଥା ଜଣାପଡ଼ିବ । ରୋହିଣୀ ମା' ତ ବୃନ୍ଦାବନର । ତାଙ୍କୁ କୃଷ୍ଣଙ୍କ ପିଲାଦିନଠାରୁ ଦ୍ୱାରକା ଆସିବା ପର୍ଯ୍ୟନ୍ତ ସବୁ ଖବର ଜଣାଥିବ ।

''ରୋହିଣୀ ମା' କିଏ ?'' ପଚାରିଲା ଅନୁରକ୍ତା ।

''ରୋହିଣୀ ହଉଚନ୍ତି କୃଷ୍ଣଙ୍କ ବଡ଼ଭାଇ ବଳରାମଙ୍କ ମା ।''

''ହଉ, ତା'ପରେ କୃଷ୍ଣଙ୍କ ରାଣୀମାନେ କ'ଣ କଲେ କୁହ ।''

''କୃଷ୍ଣଙ୍କ ରାଣୀମାନେ ରୋହିଣୀଙ୍କୁ ଡକାଇଲେ ଓ ତାଙ୍କୁ ବହୁତ ଅନୁନୟ ବିନୟ କରି କହିଲେ କୃଷ୍ଣଙ୍କ ବ୍ରଜଲୀଳା ବର୍ଣ୍ଣନା କରିବାକୁ । ରୋହିଣୀ ପ୍ରଥମେ ଟିକିଏ ରାଜି ହଉ ନ ଥିଲେ । କିନ୍ତୁ ସବୁ ରାଣୀ ତାଙ୍କୁ ଏକାନ୍ତ ଭାବରେ ଅନୁରୋଧ କରିବାରୁ ଓ କୃଷ୍ଣଙ୍କ ବୃନ୍ଦାବନ କାହାଣୀ ଶୁଣିବାକୁ ଏକ ଜିଦ୍ ଧରିବାରୁ ଶେଷରେ ରୋହିଣୀ ରାଜି ହେଲେ । କିନ୍ତୁ କହିଲେ କୃଷ୍ଣ, ବଳରାମ ଦୁହେଁ ରାଜସଭାକୁ ଯାଆନ୍ତୁ, ତା'ପରେ ଯାଇ କହିବି । ରାଣୀମାନେ କହିଲେ, କାଇଁକି, ସେମାନେ ରାଜସଭାକୁ ଗଲେ କାଇଁକି କହିବେ ? ସେମାନେ ତ ଆମ ପାଖରେ ନାହାନ୍ତି, କ'ଣ ଶୁଣି ପକୋଉଚନ୍ତି ? 'ପାଖରେ ନ ଥିଲେ କ'ଣ ହେଲା ସେମାନେ ତ ଏଇ ଅନ୍ତଃପୁରରେ ଅଛନ୍ତି । ବ୍ରଜର ଲୋକମାନେ ସେ ଦୁହିଙ୍କର ଏତେ ପ୍ରିୟ ଯେ ସେକଥା ପଡ଼ିଲାମାତ୍ରେ ସେମାନେ ଆକର୍ଷିତ ହୋଇ ଆସିବେ । ବ୍ରଜଲୀଳା ଶୁଣିଲେ ତ କୃଷ୍ଣ ପାଗଳ ହେଇଯିବ । ତା'ର ଆଉ ସାଂସାରିକ ଜ୍ଞାନ ରହିବ ନାଇଁ ।' କହିଲେ ମା' ରୋହିଣୀ ।

''କିଛି ସମୟ ଅପେକ୍ଷା କରାଗଲା । କୃଷ୍ଣ ବଳରାମ ଦୁହେଁ ରାଜ ଦରବାରକୁ ଚାଲିଗଲେ । ତା'ପରେ ଅନ୍ତଃପୁରରେ ଜମିଲା ଗପର ଆସର । ସବୁ ରାଣୀ ଉତ୍କର୍ଣ୍ଣ ହେଇ ବସିଚନ୍ତି । ରୋହିଣୀ କହି ଚାଲିଚନ୍ତି । କହିବା ପୂର୍ବରୁ ରୋହିଣୀଙ୍କର ତଥାପି ସନ୍ଦେହ ହେଇଚି କାଳେ ବ୍ରଜଲୀଳା ବର୍ଣ୍ଣନାର ସ୍ପନ୍ଦନ କୃଷ୍ଣ, ବଳରାମଙ୍କୁ ରାଜଦରବାରରୁ ବି ଟାଣି ଆଣିପାରେ । ସେଥିଲାଗି ସେ ଦରଜାରେ ସୁଭଦ୍ରାଙ୍କୁ ଜଗେଇଚନ୍ତି ଯଦି କୃଷ୍ଣ, ବଳରାମ କି ଅନ୍ୟ କେହି ଅନ୍ତଃପୁର ଭିତରକୁ ଆସନ୍ତି ତାଙ୍କୁ ନ ଛାଡ଼ିବା ଲାଗି । ଏତେ କଟକଣା ସତ୍ତ୍ୱେ ରୋହିଣୀଙ୍କ ସନ୍ଦେହ ସତ ହେଲା । ବ୍ରଜଲୀଳା ବର୍ଣ୍ଣନା ଆରମ୍ଭ ହେବା ମାତ୍ରେ କୃଷ୍ଣ, ବଳରାମଙ୍କୁ ଦରବାରରେ କେମିତି କେମିତି ଲାଗିଲା । ସେମାନେ ଦରବାର ଛାଡ଼ି ଅନ୍ତଃପୁର ଆଡ଼େ ଆସିଲେ । ଦ୍ୱାରରେ ଦେଖିଲେ ଭଉଣୀ ସୁଭଦ୍ରା ଜଗିଚନ୍ତି । ସେମାନେ ଭିତରକୁ ଯିବାକୁ ବସନ୍ତେ ସୁଭଦ୍ରା ବାଧା ଦେଲେ । କହିଲେ, 'ରୋହିଣୀ ମା'ଙ୍କର ଆଜ୍ଞା, କେହି ଭିତରକୁ ଯାଇପାରିବେ ନାଇଁ ।' କୃଷ୍ଣ, ବଳରାମଙ୍କ ସବୁ ଅନୁରୋଧ ପଣ୍ଡ ହେଲା । ସୁଭଦ୍ରା ନ ଟଳନ୍ତି ।

ତିନିଜଣଯାକ ସେଇ ଦ୍ୱାର ମୁହଁ ପାଖରେ ରହିଲେ । ଭିତରେ ରୋହିଣୀ ମା' ନିଶ୍ଚିନ୍ତରେ ଗପି ଚାଲିଚନ୍ତି — କୃଷ୍ଣଙ୍କର ପିଲାଦିନର କଥା, ନନ୍ଦ ଯଶୋଦାଙ୍କ ସହ ସଂପର୍କ, ପରେ ତାଙ୍କ ସଖା ଗୋପାଳ ବାଳକମାନଙ୍କ ସହ ସଂପର୍କ, ସଖୀ ଗୋପୀମାନଙ୍କ ସହ ଓ ରାଧାଙ୍କ ସହ ସଂପର୍କ । ଏସବୁ କଥା ରୋହିଣୀ ମା' କହିଲାବେଳେ ନିଜେ ବି ଭାବବିଭୋର ହେଇ ଯାଇଚନ୍ତି ଓ ଭାବବିଭୋର ହେଇ ଯାଇଚନ୍ତି ସବୁ ରାଣୀମାନେ, ବାହାରେ ଯେ ଆଉ ତିନିଜଣ ବି ଏକଥା ଶୁଣୁଚନ୍ତି ସେ ଖିଆଲ କାହାରି ନାଇଁ । ପ୍ରାଣପ୍ରିୟ ଭକ୍ତ ପ୍ରେମିକ-ପ୍ରେମିକାଙ୍କ କଥା ଶ୍ରବଣ କରି ଆନନ୍ଦାତିଶଯ୍ୟରେ କୃଷ୍ଣ, ବଳରାମ ଓ ସୁଭଦ୍ରା ତିନିଙ୍କର ଶରୀର ପୁଲକିତ ହେଇ କଂପିବାକୁ ଲାଗିଲା । ସେଇ କଂପନ ଏତେ ତୀବ୍ର ହେଇ ଉଠିଲା ଯେ ତିନିଜଣଙ୍କର ହାତ, ପାଦ ଧୀରେ ଧୀରେ ସଂକୁଚିତ ହେଇ ଆସିଲା । କୃଷ୍ଣଙ୍କ ସହ ସୁଦର୍ଶନ ଚକ୍ର ବି ଥିଲେ । ସୁଦର୍ଶନ ବି ଖାଲି ଏକ ନିର୍ଜୀବ ପଦାର୍ଥ ନ ଥିଲେ । ସେ ବି ଥିଲେ କୃଷ୍ଣଙ୍କ ସଖା । ସେ ବି ବୃନ୍ଦାବନର ପ୍ରେମ-ଭକ୍ତିର କାହାଣୀ ଶୁଣି ନମନୀୟ ହେଇ ହେଇ ଶେଷରେ ଗୋଟିଏ ଲମ୍ବ ଛଡ଼ରେ ପରିଣତ ହେଇଗଲେ ।

''ଏତିକିବେଳେ ଭକ୍ତଶିରୋମଣୀ ନାରଦ ଶ୍ରୀକୃଷ୍ଣଙ୍କୁ ସାକ୍ଷାତ୍ କରିବା ପାଇଁ ଦ୍ୱାରକା ଆସି ଦରବାରରେ ତାଙ୍କୁ ନ ପାଇ ଉଆସ ଭିତରକୁ ଆସିଲେ । ସେ ବି ଭାଗବତ ଭକ୍ତିରେ ତନ୍ମୟ ହେଇ ବୀଣା ବଜାଇବାରେ ଲାଗିଥା'ନ୍ତି । କିନ୍ତୁ ଅନ୍ତଃପୁରର ଦରଜା ପାଖରେ ଏ କ'ଣ ଦେଖିଲେ ! ଦେଖିଲେ କୃଷ୍ଣ, ବଳରାମ, ସୁଭଦ୍ରା ସମସ୍ତଙ୍କ ଶରୀରରେ ଆନନ୍ଦର କମ୍ପନ, ଚକ୍ଷୁରୁ ଧାର ଧାର ଲୋତକ ବହିଯାଉଚି । ହାତ, ପାଦ ସବୁ ସଂକୁଚିତ ହେଇଗଲାଣି, ସେଥିପ୍ରତି କାହାରି ନଜର ନାଇଁ । କ'ଣ କରିବେ, ସେ କିଛି ଠିକ୍ କରି ପାରିଲେ ନାଇଁ । ଡାକିଲେ କ'ଣ ସେମାନେ ଏ ଅବସ୍ଥାରେ ତାଙ୍କ ଡାକ ଶୁଣି ପାରିବେ ନା ସେମାନଙ୍କ ତନ୍ମୟତା ଭାଙ୍ଗିବ ? ସେ ବି ଠିଆ ହେଇ ଦିବ୍ୟ ପ୍ରେମର ସେଇ ଅପୂର୍ବ ଶିହରଣ ଅନୁଭବ କଲେ ।

''ରୋହିଣୀ ମା' ବୃନ୍ଦାବନରେ ପ୍ରେମର କାହାଣୀ ବର୍ଣ୍ଣନା କରିସାରି

ଶେଷରେ କୃଷ୍ଣଙ୍କ ସହ ରାଧାଙ୍କର ବିରହ କାହାଣୀ କହିବାକୁ ଆରମ୍ଭ କଲେ । ଏଇଠି ନାରଦ ଦେଖିଲେ କୃଷ୍ଣ, ବଳରାମ, ସୁଭଦ୍ରା, ସୁଦର୍ଶନ ସମସ୍ତେ ଧୀରେ ଧୀରେ ନିଜ ପୂର୍ବ ସ୍ୱରୂପକୁ ଫେରି ଆସୁଚନ୍ତି । ଆଉ ସେମାନଙ୍କର ସେ ସଙ୍କୁଚିତ ଅବସ୍ଥା ନାଇଁ । ସାମନାରେ ନାରଦଙ୍କୁ ଦେଖି କୃଷ୍ଣ ବହୁତ ଖୁସୀ ହେଇଗଲେ । କହିଲେ, 'ନାରଦ, ଆଜି ମୋର ମହାନ୍ ଆନନ୍ଦର ଦିନ । ଏତେ ଦିନ ପରେ ମୁଁ ବ୍ରଜଲୀଳା ପୁଣି ଶୁଣିବାକୁ ପାଇଲି । ଶୁଣିଲି ନାଇଁ ତ, ମୁଁ ଯେପରି ସେଥିରେ ବାସକରି ଏଇ ମାତ୍ର ଫେରୁଚି । ଆଜି ଭଳି ଏଇ ଶୁଭ ଆଉ ଆନନ୍ଦର ଦିନରେ ତୁମେ ଯେଉଁ ବର ମାଗିବ ମୁଁ ଦେବି ।

''ନାରଦ କହିଲେ, 'କିନ୍ତୁ ପ୍ରଭୁ, ଆପଣ ଚାରି ଜଣଙ୍କ ଅବସ୍ଥା ଏମିତି କାଇଁକି ହେଇ ଯାଇଥିଲା ?' 'ନାରଦ, ବ୍ରଜଲୀଳା, ବ୍ରଜବାସୀ ଆମର କେତେ ପ୍ରିୟ ! ସେଇ ପ୍ରିୟଜନଙ୍କ କଥା ଶୁଣି ପ୍ରେମ ଆଉ ଆନନ୍ଦରେ ଆମମାନଙ୍କ ଶରୀର ଏପରି ହେଇ ଯାଇଥିଲା । ଏହାହିଁ ହଉଚି ପ୍ରେମର ନିଷ୍ଠୁରତା, ନିର୍ମମତା । ବିରହ କଥା ପଢ଼ିବାରୁ ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଲା ।' ଆନନ୍ଦ ଗଦ୍ ଗଦ୍ କଣ୍ଠରେ କହିଲେ କୃଷ୍ଣ ।

''ନାରଦ କହିଲେ, 'ପ୍ରଭୁ, ପ୍ରେମର ଗାଥା ଶ୍ରବଣରେ ଆପଣ ଚାରି ଜଣଙ୍କର ଶରୀର ଯେପରି ହେଇଥିଲା ସେଇ ଆପଣମାନଙ୍କର ପ୍ରେମ-ଭକ୍ତି-ବିଗଳିତ ସ୍ୱରୂପ ଯେପରି ସମଗ୍ର ମର୍ତ୍ତ୍ୟବାସୀ ଦେଖିବାର ସୁଯୋଗ ପାଆନ୍ତି, ସେଇ ବର ମତେ ଦିଅନ୍ତୁ ।' କୃଷ୍ଣ 'ତଥାସ୍ତୁ' କହି ଚାଲିଗଲେ ।

ଆଜି ପୁରୀ ଶ୍ରୀମନ୍ଦିରରେ ଆମେ ଚାରି ଜଣଙ୍କର ସେଇ ଭକ୍ତିବିହ୍ୱଳିତ, ପ୍ରେମବିଗଳିତ ଶରୀର ଦେଖିବାକୁ ପାଉ । ତାହା କ'ଣ ନୀରବରେ ନିରନ୍ତର ପ୍ରେମ-ଭକ୍ତିର ପରାକାଷ୍ଠା ବର୍ଣ୍ଣନା କରିବାରେ ଲାଗି ନାଇଁ ?''

# ପ୍ରେମର ରାଜ୍ୟକୁ ଜ୍ଞାନୀର ଯାତ୍ରା

''ଚିନୁ ଭାଇ, ତୁମେ ଗଲାଥର ଯେଉଁ କହୁଥିଲ ଶ୍ରୀକୃଷ୍ଣ ଦ୍ୱାରକାର ରାଜା ଥାଇ ବି ସ୍ୱପ୍ନରେ ଗୋପପୁରର ରାଧାଙ୍କୁ ସମ୍ବୋଧନ କରି ବିଳାପି ଉଠୁଥିଲେ, ସେ ରାଧା କିଏ ତ କହିଲ ନାଇଁ ? ଖାଲି କହିଲ ଗୋପପୁରର ସଖା, ସଖୀ ଓ ପିତାମାତାଙ୍କ ପ୍ରେମ ଭକ୍ତିର କାହାଣୀ ଶୁଣି କିପରି କୃଷ୍ଣ, ବଳରାମ, ସୁଭଦ୍ରା ଓ ସୁଦର୍ଶନ ଚକ୍ରଙ୍କର ଅଙ୍ଗସବୁ ସଙ୍କୁଚିତ ହେଇ ଯାଇଥିଲା । ଆଜି ସେ ରାଧା କିଏ କୁହ ।'' କହିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ତୁ ଶ୍ରୀଅରବିନ୍ଦଙ୍କ 'ସାବିତ୍ରୀ' ମହାକାବ୍ୟ କଥା ଶୁଣିଚୁ ?'' ପଚାରିଲା ଚିନ୍ମୟ ।

''ହଁ, ମୁଁ ତା' ନାମ ଶୁଣିଚି; କିନ୍ତୁ ଆଉ କିଛି ଜାଣି ନାଇଁ ।'' କହିଲା ଅନୁରକ୍ତା ।

''ଶ୍ରୀଅରବିନ୍ଦ ତାଙ୍କର ଏହି ସାବିତ୍ରୀ ମହାକାବ୍ୟରେ ପୁରାଣର ସେଇ ସାବିତ୍ରୀ ସତ୍ୟବାନଙ୍କ କାହାଣୀ ବର୍ଣ୍ଣନା କରି ନାହାନ୍ତି । ସେ ଏଥିରେ ସାବିତ୍ରୀ ସତ୍ୟବାନଙ୍କ କାହାଣୀକୁ ଆଧାର କରି ତାଙ୍କ ସାଧନାର ନିଗୂଢ଼ ତତ୍ତ୍ୱକୁ ରୂପ ଦେଇଚନ୍ତି । ସାବିତ୍ରୀ ଏଠାରେ ସାଧାରଣ ମାନୁଷୀ ସାବିତ୍ରୀ ନୁହନ୍ତି । ସେ ହେଉଚନ୍ତି ଦିବ୍ୟ ବାକ୍, ଦିବ୍ୟ ସୂର୍ଯ୍ୟଙ୍କ କନ୍ୟା, ପରମ ସତ୍ୟର ଦେବୀ, ଦିବ୍ୟ କୃପା ଯିଏ କି ପୃଥିବୀକୁ ଅବତରଣ କରି ଆସିଥିଲେ, ମାନୁଷୀ ତନୁ ମଧ୍ୟରେ ଜନ୍ମ ଗ୍ରହଣ କରିଥିଲେ ଏ ପାର୍ଥିବ ଜଗତକୁ ଉଦ୍ଧାର କରିବା ପାଇଁ । ସତ୍ୟବାନ୍ ହେଉଚନ୍ତି ଦିବ୍ୟ ସତ୍ୟକୁ ଧାରଣ କରିଥିବା ଆତ୍ମା ଯିଏ କି ମୃତ୍ୟୁ ଆଉ ଅଜ୍ଞାନତା ମଧ୍ୟକୁ ଅବତରଣ କରିଥିଲେ । ସାବିତ୍ରୀଙ୍କ ମାନୁଷୀ ପିତା ଅଶ୍ୱପତି ହେଉଚନ୍ତି ଅଶ୍ୱ ଅର୍ଥାତ୍ ତପସ୍ୟାର ପ୍ରଭୁ । ଆଧ୍ୟାତ୍ମିକ ସାଧନାର ସେ ହେଉଚନ୍ତି କେନ୍ଦ୍ରୀଭୂତ

ଶକ୍ତି ଯିଏକି ଆମକୁ ଅପରା ଜଗତରୁ ପରା ଜଗତକୁ ଯିବାର ସାଧନାରେ ସାହାଯ୍ୟ କରନ୍ତି । ସତ୍ୟବାନଙ୍କ ପିତା ଦ୍ୟୁମତ୍‌ସେନ ହଉଚନ୍ତି ଦିବ୍ୟମନର ପ୍ରତୀକ ଯିଏକି ତାଙ୍କର ସ୍ୱର୍ଗୀୟ ରାଜ୍ୟ ଓ ଗୌରବ ହରାଇ ଅନ୍ଧ ହେଇ ଯାଇଚନ୍ତି । ଏଇମାନଙ୍କୁ ପ୍ରତୀକରୂପେ ବ୍ୟବହାର କରି ଶ୍ରୀଅରବିନ୍ଦ ତାଙ୍କର ଓ ମା'ଙ୍କର ସମଗ୍ର ସାଧନାର କାହାଣୀ ବର୍ଣ୍ଣନା କରିଚନ୍ତି ।

ସେହିପରି ରାଧା-କୃଷ୍ଣ ଓ କୃଷ୍ଣଙ୍କର ଅନ୍ୟାନ୍ୟ ସଖାସଖୀଙ୍କୁ ସାଧାରଣ ମଣିଷ ଗୋପପୁରର ସାଧାରଣ ଗୋପାଳ ବାଳକବାଳିକା ବୋଲି ବୁଝିପାରେ ଓ ସେଇ ଅନୁସାରେ ଭ୍ରମରେ ପଡ଼ିପାରେ; କିନ୍ତୁ ଅଧ୍ୟାତ୍ମ ସାଧକମାନଙ୍କ ଲାଗି ରାଧା ଆଉ କୃଷ୍ଣ, ଗୋପାଳ ଓ ଗୋପାଙ୍ଗନାମାନେ ସାଧାରଣ ନାରୀପୁରୁଷ ନୁହନ୍ତି । ସେମାନେ ଅନ୍ୟ ଏକ ନିଗୂଢ଼ ତତ୍ତ୍ୱର ବାହ୍ୟ ପ୍ରକାଶ ମାତ୍ର । ସବୁଠାରୁ ଭଲ ହେବ, କୃଷ୍ଣ ଆଉ ରାଧା ଓ ଅନ୍ୟ ଗୋପୀମାନଙ୍କ ବିଷୟରେ ଶ୍ରୀଅରବିନ୍ଦ କ'ଣ କହିଚନ୍ତି ତାକୁ ଜାଣିବା । ସେ କହିଚନ୍ତି :

ରାଧା ହଉଚନ୍ତି ଭଗବାନଙ୍କ ପ୍ରତି ଏକ ପରିପୂର୍ଣ୍ଣ ଅଖଣ୍ଡ ପ୍ରେମର ପ୍ରତିମୂର୍ତ୍ତି ଯେଉଁ ପ୍ରେମ ସତ୍ତାର ସକଳ ଅଂଶରେ – ଉଚ୍ଚତର ଆଧ୍ୟାତ୍ମିକ ସ୍ତରଠାରୁ ଆରମ୍ଭ କରି ଜଡ଼ ଭୌତିକ ସ୍ତର ପର୍ଯ୍ୟନ୍ତ ପରିପୂର୍ଣ୍ଣ ଓ ସର୍ବାଙ୍ଗୀନଭାବେ ବ୍ୟାପ୍ତ ଓ ଯାହା ନେଇ ଆସେ ସମଗ୍ର ସତ୍ତାର ଏକ ଅଖଣ୍ଡ ଆତ୍ମଦାନ ଓ ପୂର୍ଣ୍ଣାଙ୍ଗ ସମର୍ପଣ ଏବଂ ଶରୀର ତଥା ଅତି ଜଡ଼ତମ ପ୍ରକୃତି ମଧ୍ୟରେ ଉତାରି ଆଣେ ଅମର ଦିବ୍ୟ ଆନନ୍ଦ ।

*

ଗୋପୀମାନେ ଶବ୍ଦର ଯଥାର୍ଥ ଅର୍ଥ ଦୃଷ୍ଟିରୁ ସାଧାରଣ ମଣିଷ ନୁହନ୍ତି । ସେମାନେ ହଉଚନ୍ତି ଆଧ୍ୟାତ୍ମିକ ଆବେଗର ମୂର୍ତ୍ତିମନ୍ତ ବିଗ୍ରହ । ପ୍ରେମର ଆତିଶଯ୍ୟ, ବ୍ୟକ୍ତିଗତ ଭକ୍ତି, ନିଃଶେଷ ସମର୍ପଣ ଦୃଷ୍ଟିରୁ ସେମାନେ ଅସାଧାରଣ । ଯାହାର ଏହି ସବୁ ଗୁଣ ରହିଚି, ଅନ୍ୟାନ୍ୟ ଦୃଷ୍ଟିରୁ (ଶିକ୍ଷା, ନିଜକୁ ଉପସ୍ଥାପନ କରିବାର କ୍ଷମତା, ପାଣ୍ଡିତ୍ୟ, ବାହ୍ୟ ପବିତ୍ରତା ଇତ୍ୟାଦି) ତା'ର ସ୍ଥିତି ଯେତେ ତୁଚ୍ଛ ହେଉ ପଛେ, ସେ ଖୁବ୍ ସହଜରେ କୃଷ୍ଣଙ୍କୁ ଅନୁସରଣ କରିପାରେ ଏବଂ ତାଙ୍କୁ

ଲାଭ କରିପାରେ । ଗୋପୀମାନେ ଯେଉଁ ପ୍ରତୀକ ରୂପେ ବ୍ୟବହୃତ ହେଇଚନ୍ତି ତା'ର ଅର୍ଥ ଏଇଆ ବୋଲି ମୋର ମନେ ହୁଏ । ଅବଶ୍ୟ ଅନ୍ୟାନ୍ୟ ଅନେକ ପ୍ରତୀକାତ୍ମକ ଅର୍ଥ ରହିଚି — ଏହା ସେହି ବହୁ ମଧ୍ୟରୁ ଗୋଟିଏ ।''

*

''ରାଧା ଆଉ କୃଷ୍ଣଙ୍କ ପ୍ରତିମୂର୍ତ୍ତି ସମ୍ପର୍କରେ ରାଧାଙ୍କୁ ଚୈତ୍ୟପୁରୁଷ ଓ କୃଷ୍ଣଙ୍କୁ ଭଗବାନଙ୍କ ପ୍ରତୀକ ରୂପେ ବର୍ଣ୍ଣନା କରି ଶ୍ରୀଅରବିନ୍ଦ କହିଚନ୍ତି, 'ଏହା ହଉଚି ଆତ୍ମା ବା ଚୈତ୍ୟ ପୁରୁଷଙ୍କର ଯଥାର୍ଥ ପ୍ରତୀକ ଯେ କି ଭଗବାନଙ୍କ ଆହ୍ୱାନ ଶୁଣି ପୂର୍ଣ୍ଣ ପ୍ରେମ ଓ ସମର୍ପଣ ମଧ୍ୟରେ ପ୍ରସ୍ଫୁଟିତ ହେଇ ଉଠନ୍ତି ଯାହା ନେଇ ଆସିଥାଏ ପରମ ଆନନ୍ଦ । ରାଧା ଆଉ କୃଷ୍ଣ ତାଙ୍କ ଦିବ୍ୟ ମିଳନ ଫଳରେ ଏଇ ପରମ ଆନନ୍ଦକୁହିଁ ମଣିଷ ଚେତନା ପାଇଁ ନେଇ ଆସି ଥାଆନ୍ତି ଏବଂ ଏଇ ଅର୍ଥରେ ତୁମେ ତାଙ୍କୁ ବୁଝିବା ଉଚିତ ।...'

''ତେଣୁ କୃଷ୍ଣ, ରାଧା ଓ ଗୋପୀମାନେ ଗୋପପୁରର ସାଧାରଣ ଗୋପାଳ-ଗୋପାଳୁଣୀ ନୁହନ୍ତି ଓ ସେମାନଙ୍କ ମଧ୍ୟରେ ପ୍ରେମ, ଭକ୍ତି, ସମର୍ପଣ ସାଧାରଣ ମାନବିକ ପ୍ରେମ, ଭକ୍ତି, ସମର୍ପଣ ନୁହେଁ, ଅଧ୍ୟାତ୍ମ ସାଧକ ଲାଗି ସେମାନେ ଆତ୍ମା ଓ ପରମାତ୍ମାଙ୍କ ପ୍ରତୀକ ଓ ସେମାନଙ୍କ ମଧ୍ୟରେ ପ୍ରେମ, ଭକ୍ତି, ସମର୍ପଣ, ପରମ ଦିବ୍ୟ ପ୍ରେମ, ଭକ୍ତି, ସମର୍ପଣର ପ୍ରତୀକ ।

''ଶୁଣିବୁ, ଭଗବାନ୍ ଅନ୍ତର୍ଯାମୀ ସର୍ବବ୍ୟାପୀ ହେଲେ ବି ସ୍ଥୂଳ ଭାବେ ତାଙ୍କ ଭକ୍ତ, ପ୍ରେମିକ, ପ୍ରେମିକାଙ୍କଠାରୁ ବିଚ୍ଛିନ୍ନ ହେଲେ କିପରି ବିରହ-ବେଦନାରେ ବ୍ୟଥିତ ବ୍ୟାକୁଳ ହୋଇ ଉଠନ୍ତି ?''

''ହଁ, ଶୁଣିବି, କୁହ ।'' ଅପେକ୍ଷା କରି ରହିଥିଲା ପରି ଚଟ୍ କରି କହି ପକେଇଲା ଅନୁରକ୍ତା ।

''ଶ୍ରୀକୃଷ୍ଣ ବଳରାମ ଦୁହେଁ ଗୋପପୁର ଅର୍ଥାତ୍ ବ୍ରଜବୃନ୍ଦାବନ ଛାଡ଼ି ମାମୁ କଂସର ନିମନ୍ତ୍ରଣ କ୍ରମେ ଅକ୍ରୂରଙ୍କ ସହ ରଥରେ ମଥୁରା ପୁରକୁ ଆସିଚନ୍ତି । ଦୁଷ୍ଟ ଅସୁର କଂସ, ଶ୍ରୀକୃଷ୍ଣଙ୍କୁ ଦେଖିବା ମାତ୍ରେ ମଞ୍ଚାରୁ ପଡ଼ି ପ୍ରାଣ ହରାଇଚି । କଂସର ପିତା ଉଗ୍ରସେନ ଯେ କି କଂସ ଦ୍ୱାରା ଅତ୍ୟାଚାରିତ ଓ ପୀଡ଼ିତ ହେଇ

ବନ୍ଦି ଜୀବନ ଭୋଗ କରୁଥିଲେ ତାଙ୍କୁ ଆଣି ମଥୁରାର ସିଂହାସନରେ ବସାଇଲେ । ତା'ପରେ ଦୁଇ ଭାଇଙ୍କର କ୍ଷତ୍ରିୟ ମତରେ ସେଠାରେ ବ୍ରତୋପନୟନ ହେଇଚି । ବ୍ରତୋପନୟନ ପରେ ଦୁଇ ଭାଇ ଉଜ୍ଜୟିନୀ ଯାଇ ସେଠାରେ ଗୁରୁ ସନ୍ଦୀପନୀଙ୍କ ଆଶ୍ରମରେ ରହି ଶାସ୍ତ୍ର ଶିକ୍ଷାଠାରୁ ଆରମ୍ଭ କରି ଅଧ୍ୟାତ୍ମ-ଶିକ୍ଷା ପର୍ଯ୍ୟନ୍ତ ସମସ୍ତ ଶିକ୍ଷା ଶେଷ କରି ପୁଣି ମଥୁରାକୁ ଫେରିଚନ୍ତି । ମଥୁରାରେ ଯଦୁବଂଶର ରାଜ୍ୟଭାର ଶ୍ରୀକୃଷ୍ଣ ଗ୍ରହଣ କରିଚନ୍ତି । ବ୍ରଜପତି ଏବେ ଯଦୁପତିରେ ପରିଣତ ହେଇଚନ୍ତି । ମଥୁରାକୁ ଫେରି ଦିନେ ଯମୁନା ନଦୀକୁ ଦେଖି ଶ୍ରୀକୃଷ୍ଣଙ୍କର ବ୍ରଜବୃନ୍ଦାବନ ଗୋପପୁରର ସମସ୍ତ କଥା ମନେ ପଡ଼ିଯାଇଚି । ପିତାମାତା, ସଖାସଖୀଙ୍କ ସ୍ମୃତି ଜୀବନ୍ତ ହେଇ ଉଠିଚି । ସେମାନଙ୍କଠାରୁ ଏତେ ଦିନ ଧରି ବିଚ୍ଛେଦ ବେଦନାରେ ହୃଦୟ ତାଙ୍କର ବିଳପି ଉଠିଚି । ସେ ଭାବୁଚନ୍ତି ତାଙ୍କ ହୃଦୟ ଯଦି ତାଙ୍କର ଭକ୍ତ, ସଖା-ସଖୀଙ୍କ ଲାଗି ଦୁଃଖରେ ଏତେ ବିଗଳିତ ହେଇ ପଡୁଚି ସେମାନଙ୍କ ହୃଦୟ ତାଙ୍କ ଲାଗି କ'ଣ ନ ହଉଥିବ ! ତାଙ୍କୁ ଦଣ୍ଡେ ନ ଦେଖିଲେ ଯେଉଁମାନେ ପାଗଳ ହେଇ ଯାଉଥିଲେ ଏତେଦିନ ଧରି ତାଙ୍କ ଅନୁପସ୍ଥିତିରେ ସେମାନଙ୍କ ଅବସ୍ଥା ଯେ କ'ଣ ହେବଣି ତାହା ସେ ଚିନ୍ତା କରିପାରିଲେ ନାଇଁ । ତାଙ୍କ ବିହୁନେ ଗୋପପୁରେ ସବୁ କିପରି ଅଛନ୍ତି ସେ ଜାଣିବାକୁ ବ୍ୟାକୁଳ ହେଇ ପଡ଼ିଲେ । ନିଜେ ତ ଏବେ ମଥୁରା ଛାଡ଼ି ଗୋପପୁରକୁ ଯାଇ ପାରିବେ ନାଇଁ । ତେଣୁ ସ୍ଥିର କଲେ କାହାକୁ ଜଣକୁ ପଠାଇ ନିଜର ସମ୍ବାଦ ସେମାନଙ୍କୁ ଦେବେ ଓ ସେମାନଙ୍କ ସମ୍ବାଦ ନିଜେ ଜାଣିବେ । କିଏ ଆଉ ସେପରି ବିଶ୍ୱସ୍ତ ଲୋକ ଯିଏକି ତାଙ୍କ ହୃଦୟାବେଗର ସ୍ପନ୍ଦନକୁ ନେଇପାରିବ ଓ ଗୋପପୁର ବାସୀଙ୍କ ହୃଦୟାବେଗର ସ୍ପନ୍ଦନକୁ ତାଙ୍କ ଲାଗି ନେଇ ଆସି ପାରିବ । ବହୁ ଚିନ୍ତା କରି ଶେଷରେ ଦେଖିଲେ ଉଦ୍ଧବଙ୍କ ଛଡ଼ା ଏ କାର୍ଯ୍ୟ କେହି କରିପାରିବ ନାଇଁ ।

''ଉଦ୍ଧବ କିଏ ?'' ପଚାରିଲା ଅନୁରକ୍ତା ।

''ଉଦ୍ଧବ ହଉଚନ୍ତି ଶ୍ରୀକୃଷ୍ଣଙ୍କର ଏକାନ୍ତ ବନ୍ଧୁ, ନିତ୍ୟ ସହଚର । ତା'ଛଡ଼ା ସେ ବି ମଧ୍ୟ ଶ୍ରୀକୃଷ୍ଣଙ୍କ ପରିବାରର ଲୋକ । ଶ୍ରୀକୃଷ୍ଣଙ୍କର ନିଜ ପିତା ବସୁଦେବଙ୍କ

ଭାଇ ଦେବଭାଗଙ୍କ ପୁଅ ହେଉଚନ୍ତି ଉଦ୍ଧବ । ଉଦ୍ଧବଙ୍କ ପିତାମାତା ଉଭୟେ ଥିଲେ ଭଗବାନଙ୍କର ପରମ ଭକ୍ତ । ଶ୍ରୀକୃଷ୍ଣ ଯେଉଁ ଦିନ ମଥୁରାରେ କଂସ ବନ୍ଦି ଘରେ ଦେବକୀଙ୍କ ଗର୍ଭରୁ ଜନ୍ମ ହେଲେ ଉଦ୍ଧବ ମଧ ଠିକ୍ ସେଇଦିନ ମଥୁରାରେ ଜନ୍ମ ହେଇଥିଲେ । ଶ୍ରୀକୃଷ୍ଣ ଚାଲିଗଲେ ବୃନ୍ଦାବନକୁ, ଉଦ୍ଧବ ରହିଗଲେ ମଥୁରାରେ । କିନ୍ତୁ ପାଞ୍ଚ ବର୍ଷ ବୟସ ବେଳୁ ଉଦ୍ଧବ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ନିଜେ ମାଟିରେ ତିଆରି କରି ପୂଜା କରୁଥିଲେ ଓ ସେ ମୂର୍ତ୍ତିକୁ ତାଙ୍କ ମା'ଙ୍କୁ ଦେଖାଇ କହୁଥିଲେ ମୋ କାହ୍ନୁ ଠିକ୍ ଏହିପରି । ସେଇ ମୂର୍ତ୍ତି ଆଗରେ ଭୋଗ ଲଗାଇବା ପରେ ଯାଇ ସେ ଖିଆପିଆ କରୁଥିଲେ । ସେଇ ମୂର୍ତ୍ତି ନିକଟରେ ଭୋଗ ନ ଲଗେଇଲେ ସେ ଖାଉ ନ ଥିଲେ । ଦିନେ ଦିନେ କୌଣସି ଏକ ଗଛ ମୂଳରେ ବସି ବହୁ ସମୟ ଧରି ଧ୍ୟାନସ୍ଥ ହେଇ ଯାଉଥିଲେ । ବାହ୍ୟ ଜ୍ଞାନ ତାଙ୍କର ଆଉ ରହୁ ନ ଥିଲା । ମାଆ ତାଙ୍କର ଅନେକ ସମୟରେ ଖାଇବା ଗଣ୍ଡାକ ଧରି ତାଙ୍କ ଧ୍ୟାନ ଭଙ୍ଗ ହେବା ପର୍ଯ୍ୟନ୍ତ ଅପେକ୍ଷା କରି ରହୁଥିଲେ । ଦିନେ ଦିନେ ଉଦ୍ଧବ ଧ୍ୟାନରେ ଏତେ ନିମଗ୍ନ ହେଇ ଯାଉଥିଲେ ଯେ ଦିନ ଯାଇ ରାତି ହେଇଗଲେ ବି ତାଙ୍କ ଧ୍ୟାନ ଭାଙ୍ଗୁ ନ ଥିଲା । ମା' ବି ପୁଅର ଧ୍ୟାନ ଭଙ୍ଗ କରିବାକୁ ଇଚ୍ଛା କରୁ ନ ଥିଲେ । ନଅ ବର୍ଷରେ ଉଦ୍ଧବଙ୍କର ବ୍ରତୋପନୟନ ହେଲା । ଦେବଗୁରୁ ବୃହସ୍ପତିଙ୍କ ନିକଟରୁ ସେ ବିଦ୍ୟାଧ୍ୟୟନ କରିଥିଲେ । ଖୁବ୍ ଅଳ୍ପକାଳ ମଧ୍ୟରେ ସେ ସମସ୍ତ ବିଦ୍ୟାରେ ପାରଙ୍ଗମ ହେଇ ଯାଇଥିଲେ । ମଥୁରାରେ ସମସ୍ତେ ଉଦ୍ଧବଙ୍କ ଜ୍ଞାନ ଓ ବୁଦ୍ଧି ଲାଗି ତାଙ୍କୁ ସମ୍ମାନ କରନ୍ତି ଓ ଭଲ ପାଆନ୍ତି । କୌଣସି କଳିକଜିଆ ହେଲେ ଉଦ୍ଧବଙ୍କ ସାମାନ୍ୟ କଥାରେ ସେସବୁ ମୀମାଂସା ହେଇଯାଏ ।

ଶ୍ରୀକୃଷ୍ଣ ଗୁରୁ ସନ୍ଦୀପନୀଙ୍କ ନିକଟରୁ ଫେରିବା ପରେ ଉଦ୍ଧବହିଁ ଥିଲେ ତାଙ୍କର ଏକମାତ୍ର ସାଙ୍ଗ । ତାଙ୍କରି ସହ ସେ ଖାଉଥିଲେ, ଶୋଉଥିଲେ, ବୁଲୁଥିଲେ । ଆଉ ଉଦ୍ଧବଙ୍କ ଚେହେରା ଥିଲା ଠିକ୍ ଶ୍ରୀକୃଷ୍ଣଙ୍କ ଭଳି । ସେହିପରି ସୁନ୍ଦର ଅଙ୍ଗଭଙ୍ଗୀଯୁକ୍ତ ପ୍ରଫୁଲ୍ଲ ମୁଖମଣ୍ଡଳ । ଦୂରରୁ ଦେଖିଲେ କିଏ ଶ୍ରୀକୃଷ୍ଣ କିଏ ଉଦ୍ଧବ ବାରିହୁଏ ନାଇଁ । ଉଦ୍ଧବ ଥିଲେ ଜ୍ଞାନୀ ଭକ୍ତ, ଶ୍ରୀକୃଷ୍ଣଙ୍କର ପରମ ସଖା ।

''ହଉ, ଏଥର କୁହ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଗୋପପୁରକୁ ପଠାଇବା ଲାଗି କ'ଣ କଲେ ?'' ପଚାରିଲା ଅନୁରକ୍ତା ।

''ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ପରମ ସ୍ନେହରେ 'ଉଧୋ' ବୋଲି ଡାକନ୍ତି । ଭାବ ଗଦ୍‌ଗଦ୍ କଣ୍ଠରେ ସେ ଉଦ୍ଧବଙ୍କୁ ପାଖକୁ ଡାକି କହିଲେ, 'ଶୁଣ ଉଧୋ ।' ଉଦ୍ଧବ ଦେଖିଲେ ତାଙ୍କର ପରମ ସଖାଙ୍କ ହୃଦୟ ବ୍ୟାକୁଳ, ଆଖି ଦୁଇଟି ଛଳଛଳ । ଭିତରର କୋହ ଯେପରି ତାଙ୍କ ଧୀର, ଶାନ୍ତ ବଦନରେ ଲୋତକ ଆକାରରେ ଉଛୁଳି ପଡୁଚି । ଜ୍ଞାନୀ ଉଦ୍ଧବ ବୁଝିପାରିଲେ ନାହିଁ ପ୍ରଭୁଙ୍କର ଆଜି ଏ ଦଶା କାହିଁକି, କାହା ଲାଗି ? ତାଙ୍କର ସବୁକିଛି ଆଜ୍ଞା ପାଳନ କରିବା ଭଙ୍ଗୀରେ ସେ ଶ୍ରୀକୃଷ୍ଣଙ୍କ ମୁଖକୁ ଚାହିଁ ରହିଲେ । ଶ୍ରୀକୃଷ୍ଣ କହିଲେ, 'ଉଧୋ, ତୁମକୁ ଗୋପପୁର ଯିବାକୁ ହବ । ସେଠାକୁ ଯାଇ ଆମର ପିତାମାତା ଓ ଗୋପାଳ ଗୋପୀମାନଙ୍କୁ ଦେଖି ଆସିବାକୁ ହବ । ଉଧୋ, ସେମାନେ କେବଳ ମୋ'ରି ପିତାମାତା ନୁହନ୍ତି, ତୁମର ଓ ସମସ୍ତଙ୍କର ବି । ଏପରି ସ୍ନେହୀ ପିତାମାତା କେହି ଜୀବନରେ ପାଇ ପାରିବ ନାହିଁ । ତାଙ୍କର ସବୁକଥା ମୋର ଏବେ ମନେ ପଡୁଚି । ମୁଁ ଥିଲି ସେମାନଙ୍କର ଅନ୍ଧର ଲଉଡ଼ି, ନୟନ ପିତୁଳା, ଗଳାର ମାଳି । ମତେ ଦଣ୍ଡେ ନ ଦେଖିଲେ ସେମାନେ ଉଚ୍ଛନ୍ନ ହେଇ ଯାଉଥିଲେ । କୁଆଡ଼େ ଗଲେ, ଡେରି ହେଲେ ଲୋକ ପଠେଇ ଡକେଇ ଆଣୁଥିଲେ । ଗାଈ ଚରେଇବାକୁ ଗଲେ ମା ଯଶୋଦା ଦାଣ୍ଡପିଣ୍ଡାରେ ମୋ ଆସିବା ବାଟକୁ ଅନେଇ ରହୁଥିଲେ । ମୁଁ ଏତେଦିନ ହେଲା ତାଙ୍କ ପାଖରୁ ଆସିଲିଣି, ମତେ ଝୁରିଝୁରି ସେମାନେ କିଛି ଖାଉ ନ ଥିବେ । ମୋ ଲାଗି ଖାଇବା ଜିନିଷ ସବୁ ରଖି ରଖି, ମତେ ଅପେକ୍ଷା କରିକରି ସବୁ ଫିଙ୍ଗୁଥିବେ । ମୋ ବଇଁଶୀକି ଦେଖି କାନ୍ଦି କାନ୍ଦି ମତେ ମନେ ପକଉଥିବେ । ମୁଁ ମଥୁରାକୁ ଆସିଲାବେଳେ ମୋ ପଛେ ପଛେ ଗୋଡ଼େଇ ବହୁବାଟ ଆସିଥିଲେ । ମୁଁ ତାଙ୍କୁ ସାନ୍ତ୍ୱନା ଦେଇ କହିଥିଲି – ତୁମେ ଫେରିଯାଅ, ମୁଁ ଆମର ଆତ୍ମୀୟ ମଥୁରାର ଯାଦବମାନଙ୍କର ସୁଖ ବ୍ୟବସ୍ଥା କରି ପୁଣି ତୁମମାନଙ୍କୁ ଦେଖିବାକୁ ଫେରି ଆସିବି । ମୋ କଥା ଶୁଣି ସେମାନେ ଫେରିଯାଇ ଥିଲେ । ଉଧୋ, ତୁମେ ତାଙ୍କୁ ଦେଖିଲେ ଜାଣି ପାରିବ ସେମାନେ କେତେ

ପୁତ୍ର ବତ୍ସଳ ! ତୁମେ ମୋ ପାଖରୁ ଯାଇଚ ବୋଲି ଜାଣିଲେ ସେମାନେ ତୁମକୁ କେତେ ଯେ ଆଦର କରିବେ କହିହେବ ନାଇଁ । ସେମାନେ ତୁମକୁ କୋଳରେ ବସାଇ ଦୁଧ, ଲହୁଣି ଖୁଆଇବେ ଆଉ ମତେ ଖୁଆଇଲା ପରି ଅନୁଭବ କରିବେ । ତୁମେହିଁ କେବଳ ମୋର ସେଇ ପୁତ୍ରବିରହ ବ୍ୟାକୁଳ ପିତାମାତାଙ୍କୁ ସାନ୍ତ୍ୱନା ଦେଇପାରିବ ।

''ତା' ପରେ ଶ୍ରୀକୃଷ୍ଣ ଉଦ୍ଧବଙ୍କ ଆହୁରି ନିକଟକୁ ଲାଗି ଯାଇ ଅତି ଗୋପନ ଭାବରେ ଅନୁଚ୍ଚ କଣ୍ଠରେ ତାଙ୍କୁ କହିଚନ୍ତି ତାଙ୍କର ଅତିପ୍ରିୟ ଗୋପୀମାନଙ୍କ କଥା । 'ଉଧୋ' ତୁମର ଜ୍ଞାନୀ ହୃଦୟ ଅନୁଭବ କରିପାରିବ ନାଇଁ । ସେମାନେ ମତେ କେତେ ଭଲ ପାଆନ୍ତି ! ମୋ ଲାଗି ସେମାନେ ଘର ସଂସାର, ସ୍ୱାମିପୁତ୍ର, ଲଜ୍ଜା, ଅଭିମାନ, ଅହଂକାର ସବୁ ତ୍ୟାଗ କରି ପାରନ୍ତି । ମୋ ବଂଶୀସ୍ୱନ ଶୁଣିଲେ ସବୁକିଛି ଛାଡ଼ି ଦଉଡ଼ି ଆସନ୍ତି । ମୋ ସଙ୍ଗରେ ଏକାତ୍ମ ହେଇଯିବା ଲାଗି ନିଜକୁ ପୂରାପୂରି ଭୁଲି ଯାଆନ୍ତି । ବାସ୍ତବରେ ଉଧୋ, ଅଗ୍ନି ଆଉ ତା'ର ଦାହିକାଶକ୍ତି ଭଳି ଗୋପାଙ୍ଗନା ଓ ମୋ ଭିତରେ କିଛି ପାର୍ଥକ୍ୟ ନାଇଁ । ପାର୍ଥକ୍ୟ ଖାଲି ଯାହା ଶରୀର । ସେମାନେ କ'ଣ ମୋ ବିନା ବଞ୍ଚି ରହିପାରିଥିବେ ! ହଁ, ମୁମୂର୍ଷୁ ଅବସ୍ଥାରେ ଚାହିଁ ରହିପାରିଥା'ନ୍ତି, କାରଣ ମୁଁ କହି ଆସିଚି ଅଳ୍ପ ଦିନ ଭିତରେ ଫେରି ଆସିବି ବୋଲି । କିନ୍ତୁ ଏଠାରେ କର୍ତ୍ତବ୍ୟ ଦୃଷ୍ଟିରୁ ବହୁତ ଦିନ ରହି ଗଲିଣି । ଏବେ ବି ମୋର କର୍ତ୍ତବ୍ୟ ସରି ନାଇଁ । ମୋ ଶରୀରଟା ସିନା କର୍ତ୍ତବ୍ୟ ଅନୁରୋଧରେ ଏଠି ପଡ଼ି ରହିଛି, କିନ୍ତୁ ମୋର ମନ, ପ୍ରାଣ, ହୃଦୟ ସବୁ ଯାଇ ବ୍ରଜ ବୃନ୍ଦାବନରେ । ଉଧୋ, ତୁମେ ସେଇ ବିରହବିଧୁରା ଗୋପୀମାନଙ୍କୁ ଯାଇ କହିବ, ମୁଁ ଏଠାରେ ଭଲ ଅଛି । ଏତିକି କଥା ତୁମଠାରୁ ଶୁଣିଲେ ସେମାନଙ୍କ ହୃଦୟର ତୀବ୍ର ଜ୍ୱାଳା କିଛି ପରିମାଣରେ ଉପଶମ ହେଇପାରେ । ସେମାନେ ଯେପରି ମତେ ଝୁରୁଚନ୍ତି ମୁଁ ବି ସେମାନଙ୍କୁ ସେଇ ସମାନ ଭାବରେ ଝୁରୁଚି ।

''ଶ୍ରୀକୃଷ୍ଣ, ଯେକି ଜଗତର କର୍ତ୍ତା, ପରମପୁରୁଷ, ସ୍ୱୟଂ ଭଗବାନ୍ ସେ ଏଇ ସାଧାରଣ ଗୋପୀ ଗୋପାଳମାନଙ୍କ ଲାଗି ଏପରି ବ୍ୟସ୍ତ ହବାର

ଦେଖି ଜ୍ଞାନୀ ଉଦ୍ଧବଙ୍କୁ ଆଶ୍ଚର୍ଯ୍ୟ ଲାଗିଚି । ସେ ଭାବିଚନ୍ତି – 'ଯେଉଁମାନେ ଭଗବାନଙ୍କର ଭକ୍ତ ସେମାନେ ଯେଉଁଠିଥିଲେ କ'ଣ ଭଗବାନଙ୍କ ସାନ୍ନିଧ ପାଇପାରିବେ ନାଇଁ ଯେ ସଖା ଏତେ ବ୍ୟସ୍ତ ହଉଚନ୍ତି କାଇଁକି ? ଭକ୍ତ ହୃଦୟରେ ସବୁବେଳେ ତ ଭଗବାନ୍ ବିରାଜିତ ।'

''ଉଦ୍ଧବଙ୍କ ମନକଥା ଶ୍ରୀକୃଷ୍ଣ ବୁଝିପାରିଚନ୍ତି । କହିଛନ୍ତି 'ଉଧୋ' ମୋର ପିତାମାତା, ସଖା ଓ ପ୍ରାଣପ୍ରିୟ ଗୋପାଙ୍ଗନାମାନେ ତୁମ ଭଳି ଜ୍ଞାନୀ, ଯୋଗୀ ନୁହନ୍ତି । ସେମାନେ ଖାଲି ମୋର ଭକ୍ତ । ସେମାନେ ଅନ୍ତରକୁ ଗଲେ, ହୃଦୟରେ ପ୍ରବେଶ କଲେ ମତେ ପାଇପାରନ୍ତି, କିନ୍ତୁ ସେତିକିରେ ସେମାନେ ସନ୍ତୁଷ୍ଟ ହୁଅନ୍ତି ନାଇଁ । ଅନ୍ତର ବାହାରକୁ ଆସିଲେ ସବୁବେଳେ ମୋର ସ୍ଥୂଳ ସାନ୍ନିଧ ଖୋଜନ୍ତି । ମୁଁ ସେମାନଙ୍କ ପାଖରେ ଥିଲା ବେଳେ ମତେ ଆଖିର ପଲକ ନ ପକାଇ ଚାହିଁ ରହନ୍ତି । ଆଉ ମୁଁ ଏତେଦିନ ହେଲା ସେମାନଙ୍କଠାରୁ ଦୂରରେ ରହିଚି, ତା'ଫଳରେ ସେମାନଙ୍କ ଅବସ୍ଥା ଯେ କ'ଣ ହେଇଥିବ ତୁମେ ଜାଣି ପାରୁଥିବ । ସେମାନେ ଯଦି ଜାଣିବେ ସ୍ଥୂଳରେ ମୋ ସହିତ ସେମାନଙ୍କର ଆଉ ଦେଖା ହେଇ ପାରିବ ନାଇଁ ବୋଲି ସେମାନେ ଆଉ ଜୀବନ ଧରି ରହିପାରିବେ ନାଇଁ । ଖାଲି ମୁଁ ଯେବେ ହେଲେ ଯିବି ବୋଲି ଆଶା ରଖି ସେମାନେ ଯେକୌଣସି ପ୍ରକାରେ ପଡ଼ିରହିଥିବେ । ମୁଁ ପରମାତ୍ମା ହେଲେ ସେମାନେ ହଉଚନ୍ତି ଆତ୍ମା । ଖାଲି ଲୀଳା ନିମନ୍ତେ ଦେହରେ ଯାହା ପାର୍ଥକ୍ୟ । ଗୋପୀମାନଙ୍କର ଅନ୍ତରଙ୍ଗ ସେବା, ଭକ୍ତି, ସମର୍ପଣ ସଂସାରରେ ଦୁର୍ଲଭ । ଉଧୋ, ତୁମେ ଗଲେ ସେମାନଙ୍କୁ ଦେଖିଲେ ସବୁ ଜାଣି ପାରିବ । କ'ଣ ଯିବ ତ ?'

''ଉଦ୍ଧବ ଜାଣି ପାରିଲେ ମାୟାଧରଙ୍କ ମାୟା । ସେ ବୁଝିପାରିଲେ ତାଙ୍କ ଶୁଷ୍କ ଜ୍ଞାନୀ ହୃଦୟରେ ପ୍ରେମ ଭକ୍ତିର ମନ୍ଦାକିନୀ ବୁହାଇ ଦେବା ପାଇଁ, ପ୍ରେମର ମଧୁରତାର ସ୍ପର୍ଶ ଲଗାଇବା ପାଇଁ ସଖାଙ୍କର ଏ ଚାଲ୍ । ସଖା ନିଶ୍ଚୟ ପିତାମାତା ଓ ଗୋପୀମାନଙ୍କ ଲାଗି ବ୍ୟାକୁଳ, କିନ୍ତୁ ଅନ୍ୟ କାହାକୁ ନ ପଠାଇ ମତେ କାଇଁକି ପଠାଉଚନ୍ତି ? ହଉ ତାଙ୍କରି ଇଚ୍ଛା ପୂର୍ଣ୍ଣ ହଉ । ସେ ଶ୍ରୀକୃଷ୍ଣଙ୍କ

କାନ୍ଧରେ ହାତ ପକାଇ କହିଲେ, 'ସଖା, ତୁମେ ଯାହା କହିବ ମୁଁ ତା' ଅବଜ୍ଞା କରିପାରେ ? ତୁମେ ଯନ୍ତ୍ରୀ, ମୁଁ ଚିରକାଳ ତୁମର ଯନ୍ତ୍ର ।'

''ଉଦ୍ଧବଙ୍କର ଏ ଆଶ୍ୱାସନା ବାଣୀ ଶୁଣି ଶ୍ରୀକୃଷ୍ଣ ବହୁତ ଖୁସି ହେଇଗଲେ । ତାଙ୍କ ଆଖିରୁ ଧାର ଧାର ଆନନ୍ଦାଶ୍ରୁ ବହି ପଡ଼ିଲା । ସେ ଉଦ୍ଧବଙ୍କୁ କୁଣ୍ଢାଇ ପକାଇଲେ । ସଖାଙ୍କର ଲୁହ ପୋଛି ଉଦ୍ଧବ କହିଲେ – ତେବେ ମୁଁ ଯାଉଚି । ଶ୍ରୀକୃଷ୍ଣ ଟିକିଏ ହସି କହିଲେ, 'ଉଧୋ, ବ୍ରଜ ବୃନ୍ଦାବନକୁ ଯିବ ଏଇ ବାବାଜିଆ ସନ୍ନ୍ୟାସୀ ବେଶରେ, ଜ୍ଞାନର ଅଭିମାନ ନେଇ । ସେଠାରେ ଏସବୁକୁ କେହି ପସନ୍ଦ କରିବେ ନାଇଁ । ତୁମକୁ ଜ୍ଞାନୀର ଗରିମା ନେଇ ଯିବାକୁ ହବ ନାଇଁ; ଯିବାକୁ ହବ ପ୍ରେମିକର ସରଳତା, ବିନମ୍ରତା, ମଧୁରତା ଓ ସୌନ୍ଦର୍ଯ୍ୟ ନେଇ । ଆସ ତୁମ ଶରୀରଟାକୁ ମୁଁ ବ୍ରଜ ବୃନ୍ଦାବନରେ ପସନ୍ଦ ହେଲା ଭଳି ସଜେଇ ଦେବି । ନଚେତ୍ ସେଠାରେ ତୁମେ ମୋ ପାଖରୁ ଯାଇଚ ବୋଲି କେହି ବିଶ୍ୱାସ କରିବେ ନାଇଁ ।

''ଉଦ୍ଧବଙ୍କର ଜ୍ଞାନର ଦମ୍ଭ ଭାଙ୍ଗି ଯାଇଚି । ନୀରବରେ ସେ ନିଜ ଶରୀରଟାକୁ ସଜେଇ ଦେବା ଲାଗି ସଖାଙ୍କୁ ଅନୁମତି ଦେଇଚନ୍ତି । ଶ୍ରୀକୃଷ୍ଣ ପେଡ଼ିରୁ ତାଙ୍କର ସବୁ ବେଶଭୂଷା, ପାଟ, ପୀତାମ୍ବର, ମୟୂର ଚୂଳ ଆଦି ବାହାର କରି ଉଦ୍ଧବଙ୍କୁ ନିଜ ହାତରେ ସଜେଇ ଦେଇଚନ୍ତି । ଉଦ୍ଧବ ଏବେ ଦେଖାଯାଉଛନ୍ତି ଠିକ୍ କୃଷ୍ଣଙ୍କ ଭଳି । ଶ୍ରୀକୃଷ୍ଣ ବେଶ ଭୂଷା କରି ସାରିବା ପରେ ଉଦ୍ଧବ ଗୋଟିଏ ଅଭାବ ଅନୁଭବ କରିଚନ୍ତି । ସେଇଟି ହଉଚି ସଖାଙ୍କ ବଇଁଶୀ । ତେଣୁ ସେ ସଖାଙ୍କୁ ମନେ ପକେଇ ଦେଲେ, 'ସଖା' ସବୁରେ ସଜେଇଲେ, କିନ୍ତୁ ତୁମ ବଇଁଶୀ ତ ଦେଲ ନାଇଁ ?' ବଇଁଶୀ ନାମ ଶୁଣି ଶ୍ରୀକୃଷ୍ଣଙ୍କ ହୃଦୟରେ ଚମକ ଖେଳି ଯାଇଚି । ଭାସିଯାଇଚି ତାଙ୍କ ଆଖି ଆଗରେ ଗୋପପୁରର ସମସ୍ତ ଘଟଣା । ଭୁଲି ଯାଇଚନ୍ତି ସେ ବର୍ତ୍ତମାନ ମଥୁରାରେ ବୋଲି । କିନ୍ତୁ ପରେ ପୁଣି ପ୍ରକୃତିସ୍ଥ ହେଇ ସେ କହିଚନ୍ତି, 'ବଇଁଶୀ ଯେ ମୋର ବୃନ୍ଦାବନରେ ଛାଡ଼ି ଆସିଚି ସଖା । ତା'ସହ ଛାଡ଼ି ଆସିଚି ମୋର ହୃଦୟ, ମନ ଆଉ ପ୍ରାଣ । ଏଠି ଖାଲି ଶୁଖିଲା ଶରୀରଟା ପଡ଼ିରହିଚି ।'

''ତା'ପରେ ଉଦ୍ଧବ ସମସ୍ତଙ୍କଠାରୁ ବିଦାୟ ନେଇ ଯାତ୍ରା କରିଚନ୍ତି ବୃନ୍ଦାବନ । ସେ ବୁଝିପାରିଚନ୍ତି ଯେ ବୃହସ୍ପତିଙ୍କଠାରୁ ଶିକ୍ଷା କରିଥିବା ସମସ୍ତ ଶିକ୍ଷା ଆଜି ଅପୂର୍ଣ୍ଣ । ତାଙ୍କୁ ଖାଲି ମନରେ, ହୃଦୟରେ ନୁହେଁ ଶରୀରରେ ବି ପ୍ରେମିକଭକ୍ତ ସାଜିବାକୁ ହେବ । ଜ୍ଞାନର ସମସ୍ତ ଅହଂକାରକୁ ଜଳାଞ୍ଜଳି ଦେବାକୁ ହେବ । ଏ ଯାତ୍ରା ତା'ଙ୍କ ପ୍ରେମସାଧନାର ଯାତ୍ରା, ସାଧନାରେ ଏକ ନୂତନ ଦିଗନ୍ତର ଉନ୍ମୋଚନ, ଯାହା ବିନା ତାଙ୍କର ସକଳ ସାଧନା ରସହୀନ, ଶୁଷ୍କ, ଅପୂର୍ଣ୍ଣ । ସେଇଥିପାଇଁ ଶ୍ରୀଅରବିନ୍ଦ କହିଚନ୍ତି :

'Love is the crown of all being and its way of fulfilment, that by which it rises to all intensity and all fullness and the ecstasy of self-finding. For if the Being is in its very nature consciousness and by consciousness we become one with it, therefore by perfect knowledge of it fulfilled in identity, yet is delight the nature of consciousness and of the acme of delight love is the key and the secret. ...Love is the power and passion of the divine self-delight and without Love we may get the rapt peace of its infinity, the absorbed silence of the Ananda, but not its absolute depth of richness and fullness... Therefore to approach God by love is to prepare oneself for the greatest possible spiritual fulfilment.'

'ପ୍ରେମ ହଉଚି ସକଳ ସତ୍ତାର ମୁକୁଟ ସଦୃଶ ଏବଂ ଏହାର ପରିପୂର୍ଣ୍ଣତା ଲାଭ କରିବାର ମାର୍ଗ । ଏହା ମାଧ୍ୟମରେ ସତ୍ତା ସକଳ ପ୍ରଗାଢ଼ତା ମଧ୍ୟକୁ ତଥା ଆତ୍ମ-ଆବିଷ୍କାରର ସକଳ ପରିପୂର୍ଣ୍ଣତା ଓ ଉଲ୍ଲସିତତା ମଧ୍ୟକୁ ଉନ୍ନୀତ ହେଇଥାଏ । କାରଣ ଚେତନାଇଁ ଯଦି ପରମ ସତ୍ତାଙ୍କର ପ୍ରକୃତି ହେଇଥାଏ ଏବଂ ସେହି ଚେତନା ଦ୍ୱାରାହିଁ ଯଦି ଆମେ ତାଙ୍କ ସହ ଏକାତ୍ମତା ଲାଭ

କରୁଥାଉ ଓ ସେଇ କାରଣରୁ ତାଙ୍କ ସମ୍ବନ୍ଧରେ ପୂର୍ଣ୍ଣ ଜ୍ଞାନ ଦ୍ୱାରା ଏଇ ଏକାତ୍ମତା ପରିପୂର୍ଣ୍ଣତା ଲାଭ କରିଥାଏ, ତଥାପି ଆନନ୍ଦହିଁ ସେହି ଚେତନାର ଯଥାର୍ଥ ପ୍ରକୃତି ହେଇ ରହିଥାଏ ଏବଂ ଆନନ୍ଦର ପରମ ପରାକାଷ୍ଠା ପ୍ରାପ୍ତିରେ ପ୍ରେମହିଁ ହଉଚି ଚାବି ଓ ପ୍ରେମହିଁ ହଉଚି ରହସ୍ୟ ।... ପ୍ରେମ ହଉଚି ସେହି ଦିବ୍ୟ ଆତ୍ମ-ଆନନ୍ଦର ଶକ୍ତି ଓ ଆବେଗ ଏବଂ ପ୍ରେମ ବ୍ୟତୀତ ଆମେ ହୁଏତ ପରମ ଆନନ୍ଦମୟଙ୍କର ଆନନ୍ତ୍ୟର ଶାନ୍ତି ମଧ୍ୟରେ ନିମଜ୍ଜିତ ହେଇ ଯାଇ ପାରିବା, ପରମ ଆନନ୍ଦର ନିଶ୍ଚଳତା ମଧ୍ୟରେ ବୁଡ଼ି ଯାଇ ପାରିବା, କିନ୍ତୁ ତାଙ୍କର ସେହି ବୈଭବ ଓ ପରିପୂର୍ଣ୍ଣତା ମଧ୍ୟରେ ଯେଉଁ ପରମ ଗଭୀରତାଟି ଅଛି ତାକୁ ଆମେ ସ୍ପର୍ଶ କରିପାରିବା ନାଇଁ ।... ତେଣୁ ପ୍ରେମ ମାଧ୍ୟମରେ ଭଗବାନଙ୍କ ନିକଟବର୍ତ୍ତୀ ହବାର ଅର୍ଥ ହଉଚି ନିଜକୁ ସେହି ସର୍ବୋଚ୍ଚ ସମ୍ଭାବ୍ୟ ଆଧ୍ୟାତ୍ମିକ ସିଦ୍ଧିଟି ଲାଗିହିଁ ପ୍ରସ୍ତୁତ କରିବା ।’

# ପ୍ରେମର ରାଜ୍ୟରେ ଜ୍ଞାନୀ

''ଚିନୁଭାଇ, ଆରଥରକ ଯୋଉ କହୁଥିଲ କୃଷ୍ଣ ତାଙ୍କର ସାଙ୍ଗ ଆଉ ମନ୍ତ୍ରୀ ଉଦ୍ଧବଙ୍କୁ ମଥୁରାରୁ ଗୋପପୁରକୁ ପଠେଇଲେ ତାଙ୍କ ବାପା ମାଆ ଓ ସଖାସଖୀ କିପରି ଅଛନ୍ତି ଦେଖି ଆସିବା ଲାଗି, ଉଦ୍ଧବ ଯାଇ କ'ଣ ଦେଖିଲେ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ଓ, ସେକଥା ତୋର ମନରୁ ଯାଇ ନାଇଁ ? ତେବେ ଆଜି କହିବି ଉଦ୍ଧବ ଯାଇ କ'ଣ ଦେଖିଲେ । ଖାଲି ତ ଦେଖିଲେ ନାଇଁ, ପୂରା ବଦଳି ଗଲେ, ତାଙ୍କ ଜ୍ଞାନର ଗରିମା କୁଆଡ଼େ ଭାଙ୍ଗି ଗଲା । ସେ ପ୍ରେମ-ଭକ୍ତିର ପୂଜାରୀ ହେଇଗଲେ ।

''ଉଦ୍ଧବଙ୍କ ରଥ ଯାଇ ଗୋପପୁରରେ ପହଞ୍ଚିଲା । ଗୋପ ଦାଣ୍ଡରେ ଗୋପ ବାଳକମାନେ ଖେଳୁଥା'ନ୍ତି । ଉଦ୍ଧବ ପଚାରିଲେ, 'ପିଲାମାନେ, ଏ'ଜାଗାର ନାମ କ'ଣ ?' ପିଲାମାନେ ଖେଳ ଛାଡ଼ି ଉଦ୍ଧବଙ୍କୁ କହିଲେ, 'ଏ'ଜାଗାର ନାମ ଜାଣିନା ? ଇଏପରା ଗୋପପୁର, ଏଠି ଶ୍ରୀକୃଷ୍ଣ ଥିଲେ । ଆଉ ସିଏ ଏବେ ନାହାନ୍ତି । ସିଏ ନ ଥିବାରୁ ଆମକୁ ଜମା ଭଲ ଲାଗୁ ନାଇଁ । କୋଉଥିରେ ମନ ଲାଗୁ ନାଇଁ । ସିଏ ଥିଲାବେଳେ କେତେ ସୁନ୍ଦର ଲାଗୁଥିଲା । ଦେଖୁନା ଚାରିଆଡ଼େ କେମିତି ଖାଁ ଖାଁ ଲାଗୁଚି !' ଏହା କହି ସେମାନେ କାନ୍ଦି ପକେଇଲେ । ଉଦ୍ଧବ ଦେଖିଲେ ସାମାନ୍ୟ ପିଲାମାନେ ଯଦି ତାଙ୍କୁ ଏତେ ଭଲ ପାଆନ୍ତି, ତେବେ ଗୋପଗୋପୀ ଆଉ ନନ୍ଦ ଯଶୋଦା ତାଙ୍କୁ କେତେ ଭଲ ପାଉ ନ ଥିବେ ! ତାଙ୍କୁ କେତେ ଝୁରି ହଉ ନ ଥିବେ !

''ଉଦ୍ଧବ ପିଲାମାନଙ୍କୁ କହିବାରୁ ସେମାନେ ତାଙ୍କୁ ନେଇ ନନ୍ଦ ରାଜାଙ୍କ ଘରେ ପହଞ୍ଚାଇ ଦେଲେ । ନନ୍ଦଙ୍କ ଉଆସରେ ପହଞ୍ଚି ଉଦ୍ଧବ ଉଆସର ଧୂଳି

ଆଣି ଦେହରେ ବୋଳି ହେଲେ, କାରଣ ସେଠାରେ ତାଙ୍କର ପ୍ରାଣପ୍ରିୟ ସଖା ପିଲାଟି ଦିନରୁ ବଡ଼ ହେବା ପର୍ଯ୍ୟନ୍ତ କଟେଇ ଥିଲେ ।

''ନନ୍ଦ ଯଶୋଦା ଉଦ୍ଧବଙ୍କୁ ପାଇ କୋଟିନିଧି ପାଇଲା ପରି ଅନୁଭବ କଲେ । ଘରକୁ ଡାକି ନେଇ ସର ଲବଣି, ନାନା ପ୍ରକାର ସୁସ୍ୱାଦୁ ଭୋଜନ ଅତି ଆଦରରେ ଖାଇବାକୁ ଦେଲେ । ଉଦ୍ଧବ ଖାଇ ସାରିବାରୁ ନନ୍ଦ ବ୍ୟାକୁଳ ହେଇ ପଚାରିଲେ, 'ଉଦ୍ଧବ, କୁହ ମୋ ପୁଅ କୃଷ୍ଣ, ବଳରାମ କିପରି ଅଛନ୍ତି । କୃଷ୍ଣ କ'ଣ ଆମ କଥା ସବୁ ମନେ ରଖିଚି ? ସେ ଗଲାଦିନୁ ମୋ ପିଣ୍ଡରେ ଆଉ ପ୍ରାଣ ନାଇଁ । ଯୁଆଡ଼େ ଚାହୁଁଚି ଚାରିଆଡ଼େ ତା' ମୁହଁ ଦେଖାଯାଉଚି । ବ୍ରଜରେ ଏପରି କୌଣସି ସ୍ଥାନ ନାଇଁ ଯୋଉଠି ତା' ସ୍ମୃତି ନାଇଁ । ସୂର୍ଯ୍ୟ, ଚନ୍ଦ୍ର, ଫୁଲଫଳ ଯାହାକୁ ଦେଖୁଚି ସେଥିରେ ତା' ମୁହଁ ଦେଖା ଯାଉଚି । ତା' ପାଦ ଚିହ୍ନସବୁ ଦେଖିଲେ ହୃଦୟ କରତି ହେଇ ଯାଉଚି । କୁହ ଉଦ୍ଧବ, ତା' ବିହୁନେ ମୁଁ କ'ଣ ଆଉ ବେଶୀଦିନ ବଞ୍ଚି ପାରିବି ?' ଉଦ୍ଧବ ପୁତ୍ରପାଗଳ ବୃଦ୍ଧ ନନ୍ଦରାଜଙ୍କୁ ଆଶ୍ୱାସନା ଦେଇ କହିଲେ, 'ଆପଣ ବ୍ୟସ୍ତ ହୁଅନ୍ତୁ ନାଇଁ, କୃଷ୍ଣ କହିଚନ୍ତି ଆପଣମାନଙ୍କ ସ୍ନେହ ଶୁଭେଚ୍ଛାରୁ ସେ ସେଠାରେ ଭଲ ଅଛନ୍ତି । ସେଠାରେ ରାଜା ଉଗ୍ରସେନ ତାଙ୍କୁ ବହୁତ ଆଦର କରୁଚନ୍ତି । କଂସ ମରିଯିବା ପରେ ଶତ୍ରୁମାନେ କାଳେ ଦୁର୍ବଳ ଉଗ୍ରସେନଙ୍କୁ ଆକ୍ରମଣ କରି ତାଙ୍କ ରାଜ୍ୟ ମଥୁରାକୁ ଛାରଖାର କରିଦେବେ ସେଥିଲାଗି କୃଷ୍ଣ ତାଙ୍କୁ ଛାଡ଼ି ଆସିପାରୁ ନାହାନ୍ତି । କିଛିଦିନ ପରେ ମଥୁରାରେ ଶାସନ ସ୍ଥାୟୀ ହୋଇଗଲେ ସେ ବଳରାମଙ୍କ ସହ ଗୋପପୁରକୁ ଫେରି ଆସିବେ ।'

''କୃଷ୍ଣ-ପାଗଳିନୀ ଯଶୋଦା ଏଥିରେ ସନ୍ତୁଷ୍ଟ ନ ହେଇ କହିଚନ୍ତି, 'ଉଦ୍ଧବ, ସତରେ କ'ଣ ମୋ ମାଧବ ଗୋପପୁରକୁ ଫେରି ଆସିବ ? ସିଏ ତ କିଛି ଜାଣେ ନାଇଁ, କ'ଣ ଖାଉଥିବ, କିପରି ଚଳୁଥିବ, ହଇରାଣ ହଉ ନାଇଁ ତ ?' କହୁ କହୁ ଯଶୋଦାଙ୍କ ଆଖିରୁ ଧାର ଧାର ଲୁହ ବହିଗଲା । ଉଦ୍ଧବ କହିଲେ, 'ମାଆ, ତୁମେ ମହା ଭାଗ୍ୟବତୀ । ଯାହାଙ୍କୁ ଯୋଗୀମାନେ ଧ୍ୟାନ କରୁଚନ୍ତି, ଯିଏ କୀଟଠାରୁ ବ୍ରହ୍ମ ପର୍ଯ୍ୟନ୍ତ ପୂରି ରହିଚନ୍ତି, ଜ୍ଞାନୀମାନେ ଯାହାଙ୍କ

ଚରଣ ବନ୍ଦନା କରନ୍ତି ସେଇ ଅନାଦି ପୁରୁଷ, ନିରାକାର ବ୍ରହ୍ମଙ୍କୁ ତୁମେ କୋଳରେ ଲାଭ କରିଚ । ଆଉ ତୁମର ଚିନ୍ତା କ'ଣ ?' ଯଶୋଦା ଏଥିରେ ବ୍ୟଥିତା ହେଇ କହିଲେ, 'ଉଦ୍ଧବ, ତୁମେ ମୋ ପୁଅକୁ ବ୍ରହ୍ମ ଫ୍ରମ କହି ମୋଠାରୁ ଦୂରେଇ ଦିଅନା । ସେ ଯେ ମୋର ଏକୋଇର ବଳା ବିଶିକେଶନ । ତୁମର ଏହି ଉପଦେଶ ବ୍ରହ୍ମଜ୍ଞାନୀଙ୍କ ଆଗରେ କହିବ ଯାଅ, ପୁତ୍ର-ବିଧୁରା ଜନନୀ ଆଗରେ କହି ଲାଭ ନାଇଁ ।'

''ଆଚ୍ଛା, ଯଶୋଦାଙ୍କର ଇଏ କ'ଣ ଭାବପ୍ରବଣତା ନୁହଁ ? ଭଗବାନଙ୍କୁ ଖାଲି ତାଙ୍କ ପୁଅ ବୋଲି ମାନିବା, ତା'ଛଡ଼ା ଭଗବାନ୍ ଯେ ବ୍ରହ୍ମ, ନିରାକାର ସେ କଥା ନ ମାନିବା ଇଏ କ'ଣ ଠିକ୍ ?'' ପଚାରିଲା ଅନୁରକ୍ତା ।

''ମାନବିକ ପ୍ରେମ କ୍ଷେତ୍ରରେ ଭାବପ୍ରବଣତା ଖରାପ; କିନ୍ତୁ ଭଗବାନଙ୍କ ପ୍ରତି ପ୍ରେମ କ୍ଷେତ୍ରରେ ଭାବପ୍ରବଣତା ଖରାପ ନୁହେଁ । ମାନବିକ ପ୍ରେମ କ୍ଷେତ୍ରରେ ଭାବପ୍ରବଣତା ଯେପରି ଦୁଃଖ, ଯନ୍ତ୍ରଣା, ହତାଶା, ନିରାଶାରେ ବ୍ୟକ୍ତି ଅନ୍ତରକୁ କ୍ଷତବିକ୍ଷତ କରିଥାଏ ଏ କ୍ଷେତ୍ରରେ ଅର୍ଥାତ୍ ଭଗବାନଙ୍କ ପ୍ରତି ଭାବପ୍ରବଣତା କ୍ଷେତ୍ରରେ ତାହା ଅନ୍ତରକୁ ଶୁଦ୍ଧ କରିଥାଏ । ଭଗବାନଙ୍କୁ ଉପଲବ୍ଧି କରି ଦୁଃଖ, ଯନ୍ତ୍ରଣାକୁ ପାର ହେଇ ଯିବାରେ ବ୍ୟକ୍ତିକୁ ସାହାଯ୍ୟ କରିଥାଏ । ସେଥିପାଇଁ ଶ୍ରୀଅରବିନ୍ଦ କହିଚନ୍ତି : Turn your emotions towards the Divine, aspire for their purification; they will then become a help on the way and no longer a cause of suffering.

Not to kill emotion, but to turn it towards the Divine is the right way of the yoga.'

'ଭଗବାନଙ୍କ ଦିଗରେ ତୋର ଆବେଗକୁ ପରିଚାଳିତ କର, ସେସବୁର ଶୁଦ୍ଧି ନିମନ୍ତେ ଅଭୀପ୍ସା କର; ତା'ହେଲେ ସେସବୁ ଆଉ ଦୁଃଖ, ଯନ୍ତ୍ରଣାର କାରଣ ହେଇ ନ ରହି ପଥମଧ୍ୟସ୍ଥ ଏକ ସହାୟତାରେ ପରିଣତ ହେବେ ।

ଆବେଗକୁ ତଣ୍ଟି ଚିପି ନ ମାରି ସେସବୁକୁ ଭଗବାନଙ୍କ ଦିଗରେ ପରିଚାଳିତ କରିବା ହଉଚି ଯୋଗ-ସାଧନାର ଯଥାର୍ଥ ମାର୍ଗ ।'

''ହଉ, ଏଥର କୁହ ଯଶୋଦା କ'ଣ କହିଲେ ।'' କହିଲା ଅନୁରକ୍ତା ।

''ଯଶୋଦା ସେମିତି କାନ୍ଦି କାନ୍ଦି କହୁ ଥାଆନ୍ତି, 'ଅକ୍ରୁର ଆସି ମୋ ପୁଅକୁ ରଥରେ ବସେଇ ନେଇଗଲା । ତା' ନାଆଁ ସିନା ଅକ୍ରୁର; କିନ୍ତୁ ସେ ବହୁତ କ୍ରୁର ।' ଉଦ୍ଧବ କହିଲେ, 'ଅକ୍ରୁରଙ୍କର ଦୋଷ କ'ଣ ? ଭାବଗ୍ରାହୀ ନିଜେ କଂସ ମାରିବା ପାଇଁ ଇଚ୍ଛା କରି ମଥୁରାକୁ ଗଲେ । ସେ ଇଚ୍ଛା ନ କରିଥିଲେ ଅକ୍ରୁର କ'ଣ ତାଙ୍କୁ ନେଇ ପାରିଥା'ନ୍ତେ ?'

''ଯଶୋଦା ଏଥିରେ ସନ୍ତୁଷ୍ଟ ନ ହେଇ କହିଲେ, ମୋ କଳା କାହ୍ନୁ ମୋ ଜୀବନ ଧନ । ମାଆ ବୋଲି ଯେତେବେଳେ ଡାକି ଦେଉଥିଲା ସେତେବେଳେ ମୋ ମନ-ପ୍ରାଣରେ ଅମୃତ ଢାଳି ହେଇ ଯାଉଥିଲା । ମହା ଆନନ୍ଦରେ ମୁଁ ଦିନ କାଟୁଥିଲି, କିନ୍ତୁ ବିଧାତା ମୋ ଆନନ୍ଦକୁ ସହି ପାରିଲା ନାଇଁ । ଯେଉଁଦିନୁ ସେ ଜନ୍ମ ହେଇ ମୋ ଘରେ ରହିଲାଣି ସେଇଦିନୁ ମୋ ଘରେ ଅଚଳାଚଳ ଧନଧାନ୍ୟ, ଗୋପଲକ୍ଷ୍ମୀ ବଢ଼ିଗଲା । ଗୋପପୁର ଆମର ସ୍ୱର୍ଗପରି ଦିଶିଲା । ଚାରିଆଡ଼ ଫୁଲଫଳରେ ଭରିଗଲା । ଇଚ୍ଛା କଲା ମାତ୍ରେ ବର୍ଷା ହେଲା । ଗାଇମାନେ ଅପର୍ଯ୍ୟାପ୍ତ ଦୁଧ ଦେଲେ । ରୋଗ, ଶୋକ, ଦୁଃଖ, କଷ୍ଟ କ'ଣ ବୋଲି କେହି ଜାଣିଲେ ନାଇଁ ।'

''ଉଦ୍ଧବ କହିଲେ, 'ମାଆ ଯାହା ହେଲେ ବି ସିଏ ତ ବ୍ରହ୍ମାଣ୍ଡ କର୍ତ୍ତା, ସିଏ ଇଚ୍ଛା ନ କଲେ ତାଙ୍କୁ କିଏ ଆଣି ପାରିବ ?'

''ଜ୍ଞାନୀ ଉଦ୍ଧବଙ୍କୁ ଯେଉଁ କଥା ଅସମ୍ଭବ ଲାଗିଚି ଯଶୋଦାଙ୍କ ଭକ୍ତି ନିକଟରେ ତାହା ଅତି ସହଜ, ସ୍ୱାଭାବିକ ବୋଧ ହେଇଚି । ଯଶୋଦା କହିଚନ୍ତି, 'କାହାକୁ କହୁଚ ବ୍ରହ୍ମାଣ୍ଡ କର୍ତ୍ତା, ସେ ନିଜେ ଇଚ୍ଛା ନ କଲେ ତାକୁ କେହି ଆଣି ପାରିବେ ନାଇଁ ? ମୋ କାହ୍ନୁକୁ ? ଦେଖିବ, ସଙ୍ଗେସଙ୍ଗେ ମଥୁରା ଯାଇ ତାକୁ କାଖରେ ବସେଇ ନେଇ ଆସିବି !' ଏହା କହି ଯଶୋଦା ପୁଣି କାନ୍ଦିବାରେ ଲାଗିଲେ । ବିସ୍ମିତ ଉଦ୍ଧବ କ'ଣ କହି ତାଙ୍କୁ ସାନ୍ତ୍ୱନା ଦେବେ ଜାଣି ପାରିଲେ ନାଇଁ । ଭଗବାନଙ୍କ ଲାଗି ଯାହା ହୃଦୟରୁ କୋହ ଉଠୁଚି ଓ ଆଖିରୁ ଲୁହ ଝରୁଚି ତାକୁ ବା ସାନ୍ତ୍ୱନା ଦେବା ଦରକାର କ'ଣ ? ଏହା ଯେ ଦୁର୍ଲଭ ସାଧନା ।

''ଦଧି ମନ୍ଥିସାରି ଗୋପୀମାନେ ସବୁ ଯମୁନାକୁ ଜଳ ପାଇଁ ବାହାରିଚନ୍ତି, ଦେଖିଲା ବେଳକୁ ନନ୍ଦଙ୍କ ଦ୍ୱାର ପାଖରେ ରଥଟାଏ । ସେ ରଥଟାକୁ ସେମାନେ ଚିହ୍ନିଚନ୍ତି । ସେଇ ରଥରେ ଅକ୍ରୁର ତାଙ୍କ ପ୍ରାଣପ୍ରିୟ କୃଷ୍ଣଙ୍କୁ ବସେଇ ମଥୁରାକୁ ନେଇଯାଇଥିଲେ । ଚିହ୍ନା ରଥକୁ ଦେଖି ସେମାନେ ଜାଣି ପାରିଲେ ମଥୁରାରୁ ନିଶ୍ଚୟ କେହି ଦୂତ ଆସିଚି । ତା'ପରେ ରାଧାଙ୍କ ସହ ସେମାନେ ଉଦ୍ଧବଙ୍କୁ ଦେଖା କରିଚନ୍ତି । ଉଦ୍ଧବଙ୍କର କୃଷ୍ଣ ପିନ୍ଧୁଥିବା ରାଜକୀୟ ପୋଷାକ ଦେଖି ତାଙ୍କୁ ଛିଗୁଲେଇ କରି କହିଚନ୍ତି, 'ଏ ରାଜକୀୟ ପୋଷାକ କ'ଣ ତୁମ ମନକୁ ପିନ୍ଧି ଆସିଚ ନା କୃଷ୍ଣ ତୁମକୁ ପିନ୍ଧିବାକୁ ଦେଇଚନ୍ତି ? ଆମେମାନେ ସବୁ ତାଙ୍କ ବିହୁନେ ଛିଣ୍ଡା ମଇଳା ବସ୍ତ୍ର ପିନ୍ଧି ଭିକାରୁଣୀ ଭଳି ଜୀବନଯାପନ କରୁଚୁ ବୋଲି ଆମକୁ ଦେଖେଇ ହବା ଲାଗି ସିଏ କ'ଣ ତୁମକୁ ଏ ରାଜକୀୟ ବେଶ ପିନ୍ଧେଇ ପଠେଇଚନ୍ତି ?' ଉଦ୍ଧବ ନିଜକୁ ବହୁତ ଲଜ୍ଜିତ ମନେକଲେ । ଗୋପୀମାନଙ୍କର କୃଷ୍ଣ ବିରହଜନିତ ମଳିନ ଛିନ୍ନ ବସ୍ତ୍ର ନିକଟରେ ନିଜର ରାଜକୀୟ ପୋଷାକ ତାଙ୍କୁ ବହୁତ ଅସ୍ୱାଭାବିକ ଲାଗିଲା ।

''ପୁଣି ଗୋପୀମାନେ ଉଦ୍ଧବଙ୍କୁ କହିଚନ୍ତି, 'ଉଦ୍ଧବ, ତୁମେ କହିପାରିବ କି ଯେଉଁ କୃଷ୍ଣଙ୍କ ଚରଣରେ ଆମେ ମନ, ପ୍ରାଣ, ଶରୀର, ଆତ୍ମା ସବୁ ଅର୍ପଣ କରି ତାଙ୍କୁ ଭଲ ପାଉଥିଲୁ ସିଏ କାଇଁକି ଫୁଲରୁ ମଧୁ ସରିଗଲେ ଯେପରି ଭ୍ରମର ଉଡ଼ି ପଳାନ୍ତି ସେମିତି ଆମକୁ ଛାଡ଼ିଦେଇ ଚାଲିଗଲେ । ଆମକୁ ଏତେ କଷ୍ଟ ଦେଇ, ଏତେ ହୀନିମାନ କରି ପୁଣି କାଇଁକି ତୁମକୁ ପଠେଇଚନ୍ତି ?' ତା'ପରେ ସେମାନେ ଉଦ୍ଧବଙ୍କର ନୀରବତା ଦେଖି କହିଚନ୍ତି, 'ଏ ପ୍ରେମହୀନ, ଅରସଜ୍ଞ ଉଦ୍ଧବ ବା କି ଉତ୍ତର ଦେବେ ? ସେଇ ବ୍ରଜସୁନ୍ଦରଙ୍କ ଛଡ଼ା ଆମ ପ୍ରଶ୍ନର ଆଉ କିଏ ଉତ୍ତର ଦେବେ ?' ଏଇପରି କହୁ କହୁ ଗୋପୀମାନଙ୍କ ମନ-ପ୍ରାଣ-ଶରୀର ପୂରାପୂରି କୃଷ୍ଣ-ଭାବମୟ ହେଇଉଠିଲା । ଗୋପୀମାନଙ୍କ ସହ ରାଧାଙ୍କର ବିକଳ କ୍ରନ୍ଦନ ଉଦ୍ଧବଙ୍କ ହୃଦୟକୁ ବିଗଳିତ କରିଦେଲା । ଏଇ ସମୟରେ କଳା ଭଅଁରଟାଏ କୁଆଡୁ ଉଡ଼ିଆସି ରାଧାଙ୍କ ପାଦ ଉପରେ ବସି ପଡ଼ିଲା । ରାଧା ତାକୁ କୃଷ୍ଣଙ୍କ ସହ ତୁଳନା କରି ପ୍ରେମାଭିମାନ ବଶତଃ ଗାଳି

ଦେଇ ଗୋଡ଼ ଛିଞ୍ଚାଡ଼ି ଦେଇ ଦୂରକୁ ତଡ଼ି ଦେଇଚନ୍ତି । ଭଅଁରଟି ମଥୁରା ଦିଗରେ ଉଡ଼ି ଯାଇଚି । ରାଧାଙ୍କ ସହ ସମସ୍ତ ଗୋପୀ ସେଇ ଭଅଁର ଆଡ଼େ ଚାହିଁ ରହି ଲୁହ ଝରାଉଚନ୍ତି । ଗୋପୀ ଓ ରାଧାଙ୍କର ଭଗବାନ୍ କୃଷ୍ଣଙ୍କ ପ୍ରତି ଏଇ ଗଭୀର ଅନ୍ତରଙ୍ଗ ପ୍ରେମ ଭକ୍ତି ଦେଖି ଉଦ୍ଧବ ନିଜକୁ କୃତକୃତ୍ୟ ମନେ କରିଚନ୍ତି । ନିଜର ଶୁଷ୍କ ଜ୍ଞାନମୟ ଜୀବନ ଯେ ଏମାନଙ୍କ ତୁଳନାରେ କେତେ ନିମ୍ନରେ ତା' ସେ ହୃଦୟଙ୍ଗମ କରିଚନ୍ତି । ଗୋପୀମାନଙ୍କୁ ଦେଖିବାର ଏପରି ପ୍ରତ୍ୟକ୍ଷ ସୁଯୋଗ ମିଳିଥିବାରୁ ସେ ମନେ ମନେ ସଖାଙ୍କୁ ଶତ ଧନ୍ୟବାଦ ଜଣେଇଚନ୍ତି । ଗୋପୀମାନଙ୍କ ପଦଧୂଳି ନେଇ ମୁଣ୍ଡରେ ବୋଳି ହେବାକୁ ତାଙ୍କର ଇଚ୍ଛା ହେଇଚି । ରାଧାଙ୍କୁ ସେ ଆଶ୍ୱାସନା ଦେଇ କହିଚନ୍ତି, 'ହେ କୃଷ୍ଣପ୍ରିୟେ, ତୁମମାନଙ୍କର ବିଶୁଦ୍ଧ ପ୍ରେମଭକ୍ତି ଦେଖି ଅନେକ ତତ୍ତ୍ୱଜ୍ଞାନ ଲାଭ କଲି । ତୁମେମାନେ ଭକ୍ତଙ୍କ ମଧ୍ୟରେ ଶ୍ରେଷ୍ଠ, ତୁମମାନଙ୍କ ଜୀବନ ଧନ୍ୟ ।' ଏ କଥା ଶୁଣି ରାଧା କହିଲେ, 'ଶୋଷ କରୁଥିବା ଲୋକକୁ କ'ଣ ପ୍ରଶଂସା କଲେ ତା' ଶୋଷ ମେଣ୍ଟିବ ? ତା'ର ଜଳ ଦରକାର । ସେହିପରି କୃଷ୍ଣ-ବିଚ୍ଛେଦ-ଯନ୍ତ୍ରଣା କେବଳ କୃଷ୍ଣଙ୍କ ପ୍ରାପ୍ତିରେହିଁ ମେଣ୍ଟିବ । ତାଙ୍କ ଦର୍ଶନ, ତାଙ୍କ ପ୍ରାପ୍ତି ଯଦି ଏବେ ସମ୍ଭବ ନ ହଉଚି, ତେବେ ଉଦ୍ଧବ ଆମ ପ୍ରାଣପ୍ରିୟଙ୍କର ସନ୍ଦେଶ ଯଦି କିଛି ଥାଏ କୁହ । ତାକୁ ଶୁଣି ହୃଦୟ ଟିକିଏ ହେଲେ ଶାନ୍ତ ହେବ ।' ଉଦ୍ଧବ ଶ୍ରୀକୃଷ୍ଣ କହିଥିବା ସମସ୍ତ କଥା କହିଚନ୍ତି । ତା'ପରେ କହିଚନ୍ତି, ଶ୍ରୀକୃଷ୍ଣ କହିଚନ୍ତି ଯେ ଭକ୍ତର ଯେତେବେଳେ ବିରହ ଆବଶ୍ୟକ ସେତେବେଳେ ତା'ଠାରୁ ସେ ଦୂରରେ ରହିଥା'ନ୍ତି । କୌଣସି ରାଗରୋଷ ହେତୁ ନୁହେଁ । ଏଇ ବିରହ ଫଳରେ ମିଳନର ପିପାସା, ହୃଦୟରେ ପ୍ରେମର ପ୍ରାଦୁର୍ଭାବ ଆହୁରି ବଢ଼ିଯାଏ । ପ୍ରେମ ପୂର୍ବ ଅପେକ୍ଷା ଆହୁରି ଶୁଦ୍ଧ, ଆହୁରି ଆନ୍ତରିକ, ଆହୁରି ଗାଢ଼ ହୁଏ । ଆଉ ସେ କହିଚନ୍ତି, 'ମୋ ଶରୀରଟା ମଥୁରାରେ ରହିଥିଲେ ବି ମୋ ପ୍ରାଣମନ ସବୁ ବ୍ରଜପୁରରେ ପଡ଼ି ରହିଚି ।'

''ଏ କଥା ଶୁଣି ଗୋପୀମାନେ ଟିକିଏ ଆଶ୍ୱାସନା ଲାଭ କଲେ । କହିଲେ, 'ଉଦ୍ଧବ, ଆମ ସୁଖ ପାଇଁ ଆମେ ବ୍ୟସ୍ତ ନୋହୁ । କୁହ, ଆମର

ପ୍ରାଣପ୍ରିୟ କୃଷ୍ଣ ସେଠାରେ ଖୁସିରେ ଅଛନ୍ତି ତ ? ତାଙ୍କର ସବୁ କୁଶଳ ତ ? ସେଠାରେ ନୂପୁର ନିକ୍ୱଣ ଓ ବେଣୁ ସ୍ୱନର ଆୟୋଜନ ଅଛି ତ ? ତାଙ୍କରି ସୁଖ ଶୁଣିଲେ ଆମେ ସୁଖୀ ହେବୁ ।' ଉଦ୍ଧବ କହିଲେ, 'କୃଷ୍ଣ ସବୁବେଳେ ଏଇଠି ବ୍ରଜରେ ଅଛନ୍ତି । ମଥୁରାକୁ ଯିବା କଥା ଖାଲି ଏକ ଭ୍ରମ ମାତ୍ର । କୃଷ୍ଣ ବୃନ୍ଦାବନରେ ନିତ୍ୟ ବିରାଜିତ ।' ଗୋପୀମାନେ ଉଦ୍ଧବଙ୍କର ଏକଥା ଶୁଣି ଖୁସୀ ହେଲେ । ଉଦ୍ଧବ ସେଠାରେ ଦଶ ମାସ କାଳ ରହିଲେ । ଗୋପ ବୃନ୍ଦାବନର ପ୍ରତି ଗଳି କନ୍ଦି ବୁଲି ଦେଖିଲେ । ଗୋପୀମାନେ ଉଦ୍ଧବଙ୍କ ଚେହେରାରେ କୃଷ୍ଣଙ୍କ ଚେହେରା ଓ ତାଙ୍କ କଣ୍ଠରେ କୃଷ୍ଣଙ୍କ କଣ୍ଠ ଶୁଣି ତାଙ୍କୁ କୃଷ୍ଣଜ୍ଞାନ କରି ପୂଜା କଲେ । ଉଦ୍ଧବଙ୍କ ସୁଲଳିତ କଣ୍ଠରୁ କୃଷ୍ଣଙ୍କର ଅମୃତମୟ ବାଣୀ ଶୁଣି ଗୋପୀମାନେ ଆପ୍ୟାୟିତ ହେଲେ । ଉଦ୍ଧବ ବ୍ରଜପୁରରେ ବୁଲୁଥିବା ସମୟରେ ଗୋପୀମାନେ ଭାବୁଥିଲେ ଯେପରି ଶ୍ରୀକୃଷ୍ଣ ସ୍ୱୟଂ ବ୍ରଜରେ ଘୂରୁଚନ୍ତି ।

''ଗୋପୀମାନଙ୍କର ପ୍ରେମ ଓ ଭକ୍ତିର ପ୍ରତ୍ୟକ୍ଷ ଅନୁଭୂତି ପାଇ ଉଦ୍ଧବ ନିଜକୁ କୃତକୃତ୍ୟ ମନେ କଲେ । ତାଙ୍କର ଶୁଷ୍କ ଜ୍ଞାନୀ ହୃଦୟରେ ଆନନ୍ଦ ରସର ପ୍ଲାବନ ଘଟିଲା । ସେ ସେମାନଙ୍କ ପଦଧୂଳି ନେଇ ମୁଣ୍ଡରେ ବୋଳି ହେବାକୁ ଚାହିଁଲେ; କିନ୍ତୁ ପରେ ଭାବିଲେ ସେମାନେ କ'ଣ ସେମାନଙ୍କ ପଦଧୂଳି ଦେବେ ? ତେବେ ଏ ଜନ୍ମରେ ସଂକଳ୍ପ କଲେ ପରଜନ୍ମରେ ଯେପରି ବୃନ୍ଦାବନର ତୃଣଲତା ହୋଇ ପଥ ପାର୍ଶ୍ୱରେ ଜନ୍ମ ନେବେ । ବ୍ରଜ ଗୋପୀମାନେ ତାଙ୍କ ଉପରଦେଇ ଚାଲିବେ । ତା' ଫଳରେ ସେ ସେମାନଙ୍କର ଦୁର୍ଲଭ ଶ୍ରୀଚରଣ ଧୂଳି ଓ ତା'ର ସ୍ପର୍ଶ ଲାଭକରି କୃତାର୍ଥ ହେବେ । ବାସ୍ତବରେ ମଧ୍ୟ ସେଇଆ ହେଇଥିଲା । ଭଗବାନ୍ ଶ୍ରୀକୃଷ୍ଣ ଦେହରକ୍ଷା କରିବା ପରେ ଉଦ୍ଧବ ମଥୁରା ଛାଡ଼ି ବଦ୍ରିକାଶ୍ରମ ଗଲେ । ସେଇ ସମୟରେ ସ୍ଥୂଳ ରୂପରେ ସେ ବଦ୍ରିକାଶ୍ରମ ଗଲେ ସତ; କିନ୍ତୁ ସୂକ୍ଷ୍ମରୂପରେ ବୃନ୍ଦାବନର ତୃଣଲତା ମଧ୍ୟରେ ମିଶି ରହିଲେ ।

''କିନ୍ତୁ ବର୍ତ୍ତମାନ ଯେ ଉଦ୍ଧବ ଚାହାନ୍ତି ଗୋପୀମାନଙ୍କର ପଦଧୂଳି ! ଯେହେତୁ ସ୍ଥୂଳରେ ତାହା ସମ୍ଭବ ନୁହେଁ, ଗୋପୀମାନେ ରାଜି ହେବେ ନାହିଁ ତେଣୁ ଅନ୍ତରରେ ସେ ସେମାନଙ୍କୁ ପ୍ରଣାମ କରି ସେମାନଙ୍କ ପଦଧୂଳି ଗ୍ରହଣ

କଲେ ଓ ସେଇଥିରେ କିଞ୍ଚିତ୍ ସନ୍ତୋଷ ଲାଭ କଲେ । ତା'ପରେ ସେ ରାଧାଙ୍କୁ କହିଲେ, 'ରାଧିକେ, ଏ ଦାସ ତୁମମାନଙ୍କ ଚରଣ ସମୀପକୁ ଆସିଚି, ବ୍ରଜରେ ପ୍ରେମଭକ୍ତିର ପ୍ରଗାଢ଼ ଅନ୍ତରଙ୍ଗ ବାତାବରଣ ଭିତରୁ ଫେରିଯିବାକୁ ଆଉ ସେ ଚାହେଁ ନାଇଁ । କିନ୍ତୁ ତୁମ ପ୍ରିୟତମ ଯେ ତୁମମାନଙ୍କର ଖବର ଜାଣିବା ଲାଗି ଦୁଃଖସନ୍ତାପିତ ହୃଦୟରେ ଉତ୍କଣ୍ଠିତ ହୋଇ ଚାହିଁ ରହିଥିବେ । ତେଣୁ ମତେ ବିଦାୟ ନେବା ଲାଗି ଅନୁମତି ଦିଅନ୍ତୁ । ଯଦି କିଛି ଶ୍ରୀକୃଷ୍ଣଙ୍କୁ ଜଣାଇବାକୁ ଥାଏ ତେବେ ଜଣାନ୍ତୁ ।'

''ରାଧାଙ୍କ ସ୍ୱରୂପ ଏବେ ପୂରା ବଦଳି ଯାଇଚି ଯିଏ ଶ୍ରୀକୃଷ୍ଣ ସେମାନଙ୍କୁ ଛାଡ଼ି ଚାଲି ଯାଇଥିବାରୁ ତାଙ୍କୁ ନିନ୍ଦା କରୁଥିଲେ, ଗାଳି ଦେଉଥିଲେ; ଏବେ ସହାନୁଭୂତିରେ, ଅନୁକମ୍ପାରେ, ସ୍ନେହରେ, ପ୍ରେମରେ ହୃଦୟ ତାଙ୍କର ତାଙ୍କ ପ୍ରତି ଉଛୁଳି ପଡୁଚି । ଗଭୀର ଦୁଃଖରେ, ଲୁହ ଛଳ ଛଳ କାତର କଣ୍ଠରେ ସେ ଉଦ୍ଧବଙ୍କୁ କହିଲେ, 'ଉଦ୍ଧବ, ଆମକୁ ଯେପରି ଆସି କହିଲ, ଆମ ବିହୁନେ କୃଷ୍ଣ ବହୁତ ଦୁଃଖରେ ଦିନ କାଟୁଚନ୍ତି ସେଇପରି ଆମେ ଭୋଗୁଚୁ ବୋଲି ତାଙ୍କୁ କହିବ ନାଇଁ । ତୁମେ ଯଦି କହିଥା'ନ୍ତ ସେ ସୁଖୀ ଅଛନ୍ତି ଆମେ ବହୁତ ସୁଖ ଅନୁଭବ କରିଥା'ନ୍ତୁ । ତାଙ୍କୁ ଦେଖିଲେ, ତାଙ୍କୁ ପାଖରେ ପାଇଲେ ଯେତେ ସୁଖ ଅନୁଭବ ନ କରୁ ତାଙ୍କ ମୁହଁରେ ଟିକେ ହସ ଦେଖିଲେ ଆମେ ଶହେଗୁଣ ସୁଖ ଅନୁଭବ କରୁ । ଆମେ ଦୁଃଖରେ ଅଛୁ ଶୁଣିଲେ ତାଙ୍କର ଲହୁଣି କୋମଳ ହୃଦୟ ସମ୍ଭାଳି ପାରିବ ନାଇଁ । ଆମ ହୃଦୟ ସିନା ବଜ୍ର ଭଳି କଠିନ ହୋଇଥିବାରୁ ତାଙ୍କ ଦୁଃଖ ଖବର ଶୁଣି ବିଦୀର୍ଣ୍ଣ ନ ହୋଇ ସ୍ଥିର ରହି ପାରିଲା । ତାଙ୍କ ହୃଦୟ କିନ୍ତୁ ସେପରି ରହି ପାରିବ ନାଇଁ । ତାଙ୍କୁ ଆମ ଦୁଃଖ କଥା ଆଦୌ ଜଣେଇବ ନାଇଁ । ଏତିକି ତୁମ ପାଖରେ ଆମର ମାଗୁଣି ।'

''ରାଧାଙ୍କର ଗଭୀର ପ୍ରେମମୟ ହୃଦୟର ଆଉ ଏକ ଭିନ୍ନ ସ୍ୱାଦ ପାଇ ଉଦ୍ଧବ ନିର୍ବାକ୍, ନିସ୍ପନ୍ଦ ହୋଇଗଲେ । ତା'ପରେ ସେ ପ୍ରକୃତିସ୍ଥ ହୋଇ ନନ୍ଦ ଯଶୋଦାଙ୍କ ପାଖକୁ ଗଲେ । ନନ୍ଦ ଯଶୋଦାଙ୍କ ଆଖିରୁ ଧାର ଧାର ଲୁହ ବହି ଯାଉଚି । କ୍ଷୀର, ଲହୁଣି, ଛେନା କେତେ କ'ଣ ଦରବ ଆଣି ଉଦ୍ଧବଙ୍କ ରଥରେ

ରଖୁଚନ୍ତି ତାଙ୍କ ଅଲିଅଳ ପୁଅ ଦୁହିଙ୍କ ପାଇଁ । ଅନ୍ୟ ଗୋପଗୋପୀମାନେ ମଧ୍ୟ କେତେ କେତେ ଉପହାର ସବୁ ଆଣି ଉଦ୍ଧବଙ୍କ ରଥରେ ସଜେଇ ଦେଲେଣି ।

''ଉଦ୍ଧବ ସମସ୍ତଙ୍କଠାରୁ ବିଦାୟ ନେଇ ଚାଲିଲେ ମଥୁରା ଦିଗରେ ଖାଲି ଶରୀରଟାକୁ ନେଇ । ମନ, ହୃଦୟ ତାଙ୍କର ପଡ଼ି ରହିଲା ବ୍ରଜର ଧୂଳି ମାଟିରେ । ଗୋପଗୋପୀମାନେ ସଜଳ, ସକରୁଣ ନୟନରେ ରଥର ଗତିକୁ ଚାହିଁ ରହିଲେ । ସେମାନଙ୍କ ହୃଦୟର ସକଳ ଭାବ, ସକଳ ଉଚ୍ଛ୍ୱାସ ଯେପରି ସେମାନଙ୍କୁ ଶୂନ୍ୟ କରି ସେଇ ରଥରେ ଚାଲି ଯାଉଚି ସେମାନଙ୍କ ପ୍ରିୟତମ, ହୃଦୟର ଅଧୀଶ୍ୱରଙ୍କ ନିକଟକୁ । ରଥର ପତାକା ସଗର୍ବେ ପବନରେ ଫରଫର ଉଡ଼ି ଘୋଷଣା କରୁଚି ସକଳ ସାଧନା ଉପରେ ପ୍ରେମ ଭକ୍ତିର ବିଜୟ । ନିର୍ବାକ୍, ନିସ୍ତବ୍ଧ, ନିଥର, ନିସ୍ତରଙ୍ଗ ସେ ପରିବେଶ । ଖାଲି ରଥ ଚକର ଘର୍ଘର ଶବ୍ଦ ଛଡ଼ା ଆଉ କିଛି ନାଇଁ । ନିସ୍ତରଙ୍ଗ ସତ କିନ୍ତୁ ଅନ୍ତରଙ୍ଗ ଅନ୍ତରଙ୍ଗତାରେ ଭରପୂର ।

# ଅନାସକ୍ତି – ଆସକ୍ତି ସାଗରରେ

‘‘ଚିନୁ ଭାଇ, ତୁମେ କହୁଥିଲ ଶ୍ରୀଅରବିନ୍ଦ କହିଚନ୍ତି ରାଧା ଓ ଗୋପୀମାନେ ହେଉଚନ୍ତି ଅନ୍ତରାତ୍ମା ବା ଚୈତ୍ୟପୁରୁଷଙ୍କ ପ୍ରତୀକ ଆଉ ଶ୍ରୀକୃଷ୍ଣ ହେଉଚନ୍ତି ପରମାତ୍ମା ବା ଭଗବାନଙ୍କ ପ୍ରତୀକ । ଶ୍ରୀକୃଷ୍ଣଙ୍କ ବଂଶୀସ୍ୱନ ହଉଚି ଭଗବାନଙ୍କର ଆହ୍ୱାନ । ଆଉ ସେଇ ବଂଶୀସ୍ୱନ ଶୁଣି ରାଧା ଓ ଅନ୍ୟ ଗୋପୀମାନଙ୍କର କୃଷ୍ଣଙ୍କ ପ୍ରତି ଆବେଗ ଓ ଆକର୍ଷଣ ହଉଚି ଅନ୍ତରାତ୍ମାଙ୍କର ଭଗବାନଙ୍କ ଆହ୍ୱାନ ଶୁଣି ତାଙ୍କ ପ୍ରତି ଆବେଗ ଓ ଆକର୍ଷଣର ପ୍ରତୀକ । କିନ୍ତୁ ଲୋକମାନେ ରାଧା ତଥା ଅନ୍ୟ ଗୋପୀ ଓ କୃଷ୍ଣଙ୍କ ସଂପର୍କକୁ ନେଇ ଅନେକ କଥା କହନ୍ତି । କହନ୍ତି ଶ୍ରୀକୃଷ୍ଣ ଏତେ ଚରିତ୍ରହୀନ ଯେ ଗୋପୀମାନେ ଲୁଗାପଟା କୂଳରେ ରଖି ଗାଧୋଉଥିବା ସମୟରେ ସେ ସେମାନଙ୍କ ଲୁଗାସବୁ ନେଇଗଲେ । ଗଛ ଡାଳରେ ବସିଲେ । ଗୋପୀମାନେ ଉଲଗ୍ନ ହେଇ ପାଣି ଉପରକୁ ଆସି ତାଙ୍କୁ ମାଗିବାରୁ ଯାଇ ଦେଲେ । ଏ କଥା କ’ଣ ସତ ?’’ ପଚାରିଲା ଅନୁରକ୍ତା ତା’ ଭାଇ ଚିନ୍ମୟକୁ ।

‘‘ହଁ, ଏକଥା ପ୍ରତୀକ ଦୃଷ୍ଟିରୁ ସତ । କିନ୍ତୁ ଲୋକମାନେ ଯେପରି ଭାବୁଚନ୍ତି ବାହାର ଦୃଷ୍ଟିରୁ ସତ ନୁହେଁ । ଏଇ ବାହାର ଘଟଣାଟିର ବର୍ଣ୍ଣନା ଆମକୁ ଆଉ ଏକ ନିଗୂଢ଼ ତତ୍ତ୍ୱର ସନ୍ଧାନ ଦିଏ । ରାଧା ଆଉ ଗୋପୀମାନେ ହେଉଚନ୍ତି ଭଗବାନଙ୍କ ପ୍ରତି ପରିପୂର୍ଣ୍ଣ ପ୍ରେମ, ଭକ୍ତି ଓ ସମର୍ପଣର ମୂର୍ତ୍ତିମନ୍ତ ବିଗ୍ରହ । ଭଗବାନଙ୍କ ପ୍ରତି ପରିପୂର୍ଣ୍ଣ ପ୍ରେମ, ଭକ୍ତି ଓ ସମର୍ପଣରେ ଲଜ୍ଜା, ଅଭିମାନ, ଅହଂକାର ଆଦି ହଉଚି ପ୍ରତିବନ୍ଧକ ସ୍ୱରୂପ । ତେଣୁ ପ୍ରେମ, ଭକ୍ତି, ସମର୍ପଣର ପରିପୂର୍ଣ୍ଣତା କ୍ଷେତ୍ରରେ ବାଧା ଦେଉଥିବା ଲଜ୍ଜାର ପାଶକୁ କାଟିବା ଲାଗି ଭଗବାନ୍ ଶ୍ରୀକୃଷ୍ଣଙ୍କର ଏ ଲୀଳାର ଅବତାରଣା । ଭଗବାନଙ୍କ ନିକଟରେ

ଭକ୍ତ ଓ ସାଧକଙ୍କୁ ହେବାକୁ ହେବ ସଂପୂର୍ଣ୍ଣ ଉନ୍ମୁକ୍ତ । ଟିକିଏ ବି କିଛି ଅନ୍ଧକାରର ଆଢୁଆଳରେ, ପରଦାର ପଶ୍ଚାତରେ ଲୁଚାଇ ରଖିବାକୁ ହେବ ନାଇଁ । ତେଣୁ ଗୋପୀମାନଙ୍କ ବସ୍ତ୍ର ହରଣ କରିବା ଅର୍ଥ ଭକ୍ତ ମଧ୍ୟରେ ଭଗବାନଙ୍କ ପ୍ରତି ପ୍ରତିବନ୍ଧକ ସ୍ୱରୂପ ରହିଥିବା ଲଜ୍ଜାର ଆବରଣକୁ ଅପହରଣ କରିବା । ଏଇଟା କ'ଣ ସମ୍ଭବ ନଇରେ କେହି ସ୍ତ୍ରୀ ଲୋକ କେବେ ଉଲଗ୍ନ ହୋଇ ସ୍ନାନ କରିବା ? ବାହାର ଘଟଣାଟିକୁ କେବଳ ଏକ ଉପଲକ୍ଷରୂପେ ଗ୍ରହଣ କରାଯାଇଚି ଏକ ଗଭୀର ନିଗୂଢ଼ କଥାକୁ ସହଜରେ ବୁଝାଇବା ଲାଗି । ଆମେ କିନ୍ତୁ ବାହାର ଘଟଣାଟିକୁ ଗୁରୁତ୍ୱ ଦେଇ ତା' ପଶ୍ଚାତରେ ଅନ୍ତର୍ନିହିତ ଅର୍ଥଟିକୁ ଭୁଲିଯାଉ, ଅଥବା ବୁଝିବାକୁ ଚେଷ୍ଟା କରୁ ନାଇଁ । ଆମେ ମାଶ୍ରୀଅରବିନ୍ଦଙ୍କ ପ୍ରତୀକକୁ ମୁଦିରେ, ହାରରେ, ବ୍ୟାଜ୍‌ରେ, ସାର୍ଟରେ ସିଲେଇ କରି, ଶାଢ଼ିରେ ତଥା ଧୋତିରେ ଧଡ଼ି କରି ପିନ୍ଧୁ; କିନ୍ତୁ ତାହା ଯେଉଁ ଗଭୀର ତତ୍ତ୍ୱର ପ୍ରତୀକ ତାକୁ ବୁଝୁ ନାଇଁ କିଂବା ସେଥିପ୍ରତି ସବୁବେଳେ ସଚେତନ ହେଉ ନାଇଁ । ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯାହା କହିଚନ୍ତି ତାହା ଏକ ସ୍ଥୂଳ ବାସ୍ତବ ଘଟଣା ନ ହୋଇ ପାରିଥାଏ କିନ୍ତୁ ସ୍ଥାନ, କାଳ, ପାତ୍ର ଅନୁଯାୟୀ ଗୀତାର ବାଣୀ ଯେଉଁ ସତ୍ୟ, ଯେଉଁ ଭାବ, ଯେଉଁ ତତ୍ତ୍ୱ ବହନ କରୁଚି ତାହା ଚିର ବାସ୍ତବ । ସେହିପରି କୃଷ୍ଣ ଓ ଗୋପୀମାନଙ୍କ ସଂପର୍କରେ ଯାହା ବର୍ଣ୍ଣନା କରାଯାଇଚି ତାହା ଏକ ସ୍ଥୂଳ ବାସ୍ତବ ଘଟଣା ନ ହୋଇ ପାରିଥାଏ, କିନ୍ତୁ ତା' ପଶ୍ଚାତରେ ପ୍ରେମ ଭକ୍ତି ସାଧନା ସମ୍ବନ୍ଧୀୟ ଯେଉଁ ସତ୍ୟ ନିହିତ ଅଛି ତାହା ସାଧନା କ୍ଷେତ୍ରରେ ଚିରବାସ୍ତବ, ଚିର ଆଦର୍ଶ ।

''ସାଧନା ଦୃଷ୍ଟିରୁ ଆମେ ଯେତେସବୁ ଭଗବାନଙ୍କର ଭକ୍ତ, ସାଧକ, ପୁରୁଷ ହେଉ ବା ନାରୀ ହେଉ, ସମସ୍ତେ ରାଧା ଓ ଗୋପୀ । ସାଧାରଣତଃ ଲୋକେ ସବୁବେଳେ ସବୁକଥାକୁ ନିଜ ନିମ୍ନ ପ୍ରକୃତିକୁ ଚରିତାର୍ଥ କରିବା ନିମନ୍ତେ ବୁଝିଥାଆନ୍ତି । ଯିଏ ଯେପରି ବୁଝେ, ଯେପରି କରେ, ସିଏ ସେପରି ପରିଣାମ ଭୋଗ କରେ । ଭଗବାନ୍ କିନ୍ତୁ ଏସବୁ ନିନ୍ଦା ପ୍ରଶଂସାର ବହୁତ ଉର୍ଦ୍ଧ୍ୱରେ କଦମ୍ବ ଡାଳରେ ବସି ଆନନ୍ଦରେ ବଇଁଶୀ ବଜାଉଚନ୍ତି । ଛାଡ଼ି ଦେଇଚନ୍ତି ଲମ୍ବା ଦଉଡ଼ା ।

ଯିଏ ତାଙ୍କୁ ଯେପରି ବୁଝୁଚି ବୁଝୁ, ଯେପରି କରୁଚି କରୁ । ତା' ପାଇଁ ତା' ଫଳ ଥୁଆ । କଲା ବେଳକୁ ସମସ୍ତେ କହନ୍ତି ଭଗବାନ୍ କରାଉଚନ୍ତି; କିନ୍ତୁ ଫଳ ଭୋଗିଲା ବେଳକୁ କହନ୍ତି ନାଇଁ ଯେ ଭଗବାନ୍ ଭୋଗୁଚନ୍ତି ବୋଲି । ସେତେବେଳେ ବାଡ଼େଇ ପିଟି ହେଇ କହନ୍ତି, 'ଭଗବାନ୍ କେତେ ନିଷ୍ଠୁର ! ମତେ କେତେ ଦଣ୍ଡ ଦଉଚନ୍ତି !' ସବୁ ଭିତରେ ସେ ରହି ପୁଣି କୌଣସିଥିରେ ନାହାନ୍ତି । ସେଇ ତ ତାଙ୍କ ସୃଷ୍ଟିର ବୈଚିତ୍ର୍ୟ । ତାଙ୍କ ଲୀଳା ଆମ ମଣିଷ ମନ ପକ୍ଷରେ ବୁଝିବା ଅସମ୍ଭବ । କେବଳ ପ୍ରେମ, ଭକ୍ତି, ଶ୍ରଦ୍ଧା, ସମର୍ପଣର ସହ ତାଙ୍କରି ସଙ୍ଗେ ଯୁକ୍ତ ହେଇ ଆମେ ତାଙ୍କରି ଆନନ୍ଦ ମଧରେ ବାସ କରିପାରୁ । ଯେଉଁ ଶ୍ରୀକୃଷ୍ଣଙ୍କୁ ଲୋକେ କହୁଚନ୍ତି ଚରିତ୍ରହୀନ ସେ ପ୍ରମାଣିତ କରି ଦେଇଚନ୍ତି ଯେ ଜୀବନରେ ସେ ନାରୀ ଅଙ୍ଗ କେବେ ସ୍ପର୍ଶ କରି ନାହାନ୍ତି । ମନ ପକ୍ଷରେ ଏକଥା ବିଚିତ୍ର ଲାଗେ; କିନ୍ତୁ ମାନସାତୀତଙ୍କ ପକ୍ଷରେ ଏହା ଏକ ନିତ୍ୟନୈମିତ୍ତିକ କଥା ।''

''କିପରି ଶ୍ରୀକୃଷ୍ଣ ପ୍ରମାଣିତ କଲେ ସେ ନାରୀ ଅଙ୍ଗ କେବେ ସ୍ପର୍ଶ କରି ନାହାନ୍ତି ? ସେ ତ ମା ଯଶୋଦାଙ୍କ କୋଳରେ କେତେ ଲୀଳାଖେଳା କରିଚନ୍ତି । ପିଲାଦିନଠାରୁ ବଡ଼ ହେବା ପର୍ଯ୍ୟନ୍ତ ରାଧା ତଥା ଗୋପୀମାନଙ୍କ ସହ କେତେ ଖେଳ, କୌତୁକ, ମିଳାମିଶା କରିଚନ୍ତି । ତା' ସତ୍ତ୍ୱେ ସେ କିପରି କହିପାରିଲେ ସେ ନାରୀ ଅଙ୍ଗ କେବେ ସ୍ପର୍ଶ କରି ନାହାନ୍ତି ବୋଲି ?'' ପଚାରିଲା ଅନୁରକ୍ତା ।

''ସେଇ ତ ଭଗବାନଙ୍କ ଲୀଳାର ବୈଚିତ୍ର୍ୟ । ବିଚରା ଆମେ ମଣିଷ ଯଦି ତା' ବୁଝି ପାରୁଥା'ନ୍ତୁ ଆଉ ସାଧନା ଦରକାର ପଡ଼ନ୍ତା ନାଇଁ । ଖାଲି ସେ କହିଲେ ନାଇଁ, ପ୍ରମାଣ କରି ଦେଖେଇ ଦେଲେ । ସୀତା ଯେପରି ଅଗ୍ନି ପରୀକ୍ଷାରେ ନିଜର ସତୀତ୍ୱ ପ୍ରମାଣିତ କରିଥିଲେ, ସିଏ ସେଇପରି ତାଙ୍କ କଥାର ସତ୍ୟତା ପ୍ରମାଣିତ କରିଥିଲେ ।''

''ସେଇ କଥା କୁହ, ମୋର ଶୁଣିବାକୁ ବହୁତ ଆଗ୍ରହ ହଉଚି ।'' ତା' ଭାଇ ମୁହଁକୁ ଚାହିଁ ଆହୁରି ପାଖକୁ ଲାଗି ଆସି କହିଲା ଅନୁରକ୍ତା ।

ଚିନ୍ମୟ କହିଲା, ''ରାତି ପାହି ନାଇଁ । ଅନ୍ଧାର ଛାଡ଼ି ନାଇଁ । ସବୁଆଡ଼ ନୀରବ ନିଶବଦ; କିନ୍ତୁ ଗୋପପୁରେ, ବୃନ୍ଦାବନରେ ଚହଳ ପଡ଼ିଚି । ଗୋପୀମାନଙ୍କ ତାଡ଼ନାରେ ଅନିଚ୍ଛା ସତ୍ତ୍ୱେ ଗୋପାଳମାନେ ନିଦରୁ ଉଠି ଗାଈ ଦୁହିଁ ସାରିଲେଣି । ଗୋପୀମାନେ ଗାଧୋଇ ପାଧୋଇ ଦୁଧ, ଦହି, ସର, ଲହୁଣି ସବୁ ପସରାରେ ସଜେଇ ସାରିଲେଣି । କେତେକେ ପସରା ମୁଣ୍ଡେଇ ବାହାରି ପଡ଼ିଲେଣି । ଶୀଘ୍ର ଯିବାକୁ ହେବ । କାରଣ ନଈ ପାରି ହେବାକୁ ଅଛି । ନଈ ତ ନଈ, ପୁଣି ଯମୁନା ନଈ । ପାଣି ଦୁଇ କୂଳ ଖାଉଚି । ଘାଟରେ ଡଙ୍ଗା ଥିବ କି ନାଇଁ । ବେଳ ଡେରି ହୋଇଗଲେ ପୁଣି ଯୋଉ କାମରେ ଯାଉଚନ୍ତି ସବୁ ଭଣ୍ଡୁର ହେଇଯିବ ।

''ଗୋପାଳମାନେ ମଧ ଚାହୁଁଚନ୍ତି ଗୋପୀମାନେ ସଅଳ ସଅଳ ଅନ୍ଧାର ଥାଉ ଥାଉ ଚାଲି ଯାଆନ୍ତୁ । ନ ହେଲେ ପିଲାମାନେ ଉଠିଲେ ଆଉ ମାଆମାନଙ୍କୁ ସହଜରେ ଛାଡ଼ିବେ ନାଇଁ । କନ୍ଦାକଟା, ଅଳିଅଝଟ କରିବେ । ତେଣିକି ଗୋପାଳମାନଙ୍କ ଜଂଜାଳ ବଢ଼ିଯିବ । ପିଲାମାନେ ଶୋଇଥିବା ଅବସ୍ଥାରେ ଗୋପୀମାନେ ବାହାରି ଗଲେ ତେଣିକି ଆଉ ଗୋପାଳମାନଙ୍କୁ ବେଶୀ ଉପଦ୍ରବ ସହିବାକୁ ହବ ନାଇଁ ।

''ଗୋପୀମାନେ ଆଜି ଭଲ ଭଲ ଶାଢ଼ି, ଗହଣାସବୁ ପେଡ଼ିରୁ କାଢ଼ି ପିନ୍ଧିଚନ୍ତି । ଭଲଭାବେ ବେଶ ହୋଇ ନୂଆ ନୂଆ ପସରା ମୁଣ୍ଡେଇଚନ୍ତି । ପସରା ଭିତରେ ହାଣ୍ଡିଗୁଡ଼ିକ ସବୁ ନୂଆ । ଯେଉଁମାନେ ପସରା ମୁଣ୍ଡେଇ ବାହାରକୁ ଚାଲି ଆସିଲେଣି ଅନ୍ୟମାନଙ୍କୁ ଚିଡ଼ିବା ସ୍ୱରରେ ଡାକ ପକେଇଚନ୍ତି ଶୀଘ୍ର ବାହାରି ଆସିବା ଲାଗି ।''

''କୁଆଡ଼େ ଯାଉଚନ୍ତି କି ସେମାନେ ଏତେ ତରବର, ଏତେ ବେଶଭୂଷା ହେଇ ଏତେ ସକାଳୁ ?'' ପଚାରିଲା ଅନୁରକ୍ତା ମନର ଉତ୍କଣ୍ଠାକୁ ସମ୍ଭାଳି ନ ପାରି ।

''ସେମାନେ କୁଆଡ଼େ ଯାଉଚନ୍ତି ? ସେମାନେ ପରା ଯାଉଚନ୍ତି ଯମୁନା ନଈ ଆର ପଟେ ଥିବା ଋଷି ଗର୍ଗଙ୍କ ଆଶ୍ରମକୁ । ଋଷି ଗର୍ଗ ହଉଚନ୍ତି ଗୋପପୁରର ସମସ୍ତଙ୍କ ଗୁରୁ । ତାଙ୍କର ଆଜି ପୂଜା ଦିନ । ପୂଜା ଦିନ ସେ ଗୋପପୁରକୁ

ନିଜେ ଆସନ୍ତି । କିନ୍ତୁ ଏଥର ଖବର ଦେଇଚନ୍ତି ଯେ ସେ ଆସିପାରିବେ ନାହିଁ । ତେଣୁ ଗୋପୀମାନେ ତାଙ୍କ ପାଇଁ ସବୁ ପୂଜା ସାମଗ୍ରୀ ନେଇ ତାଙ୍କ ପାଖକୁ ଯାଉଚନ୍ତି । ଶୀଘ୍ର ନ ପହଞ୍ଚିଲେ ସେ ଯଦି ଧ୍ୟାନରେ ବସିଯିବେ ତେବେ ଗଲା । ସବୁ ଭଣ୍ଡୁର ହୋଇଯିବ । ତାଙ୍କ ଧ୍ୟାନ ଭାଙ୍ଗି ତାଙ୍କୁ ଆଉ ପୂଜା ସାମଗ୍ରୀ ଦେବା ସମ୍ଭବ ହେବ ନାହିଁ । ତେଣୁ ଗୋପୀମାନେ ଏତେ ତରବର ହଉଚନ୍ତି । ଯେତେ ପବିତ୍ରତା ଅବଲମ୍ବନ କରାଯାଏ ତା' କରିଚନ୍ତି । ଏପରିକି ସେମାନେ କିଛି ଖାଇ ବି ନାହାନ୍ତି । ଗୁରୁଙ୍କ ପୂଜା ସାରି ଫେରିଲେ ଖାଇବେ । ପୂଜା ସାମଗ୍ରୀ କି ମନୋଭାବ ଟିକିଏ ଅପବିତ୍ର ହେଲେ ଗୁରୁଦେବ ଅସନ୍ତୁଷ୍ଟ ହେବେ ।

''ଏଇ ଗୁରୁ ଗର୍ଗ ଗୋପପୁରର ସବୁ କହିଲେ ଚଳେ । କ'ଣ ସେ ନ କରିଚନ୍ତି ଗୋପବାସୀଙ୍କ ଲାଗି ? ଗୋପର ସବୁ ଧନଧାନ୍ୟ ତାଙ୍କରି ଯୋଗୁଁ । ତାଙ୍କରି ଯୋଗୁଁ ଗୋପାଳ, ଗୋପୀ, ଗାଈ, ଗୋରୁମାନେ ସମସ୍ତେ ସ୍ୱାସ୍ଥ୍ୟବାନ୍, ନୀରୋଗ । ଗାଈମାନେ ପ୍ରଚୁର ଦୁଧ ଦିଅନ୍ତି । ତାଙ୍କରି ଭୟରେ ମଥୁରାର ଲୋକମାନେ ଗୋପାଳ ଓ ଗୋପୀମାନଙ୍କୁ ହେୟଜ୍ଞାନ କରି ଅତ୍ୟାଚାର କିଂବା ଅପମାନିତ କରିପାରନ୍ତି ନାହିଁ । ଗୋପୀମାନେ ମଥୁରା ଦୁଧ-ଦହି ବିକିବାକୁ ଗଲେ ଉଚିତ ମୂଲ୍ୟ ଦେଇ କିଣନ୍ତି । ଗୋପୀମାନଙ୍କୁ ଥଟ୍ଟା ଟାପରା କି ବେଜିତ କରିପାରନ୍ତି ନାହିଁ । ତାଙ୍କରି ଯୋଗୁଁ ମଥୁରାର ରାଜା ଦୁଷ୍ଟ ଅସୁର କଂସ ବି ଗୋପପୁରକୁ ଆସିବାକୁ ଡରେ । ତା'ର ଡରିବାର ଆଉ ଗୋଟିଏ କାରଣ ମଧ୍ୟ ଅଛି ।''

''କ'ଣ ସେ କାରଣ ?'' ପଚାରିଲା ଅନୁରକ୍ତା ।

''କୃଷ୍ଣ ସେତେବେଳକୁ ପିଲା । ତାଙ୍କୁ କହ୍ନା, କହ୍ନେୟା, କୁସୁନିଆ ବୋଲି ଶ୍ରଦ୍ଧାରେ ସବୁ ଡାକୁ ଥାଆନ୍ତି । ଥରେ ସେ କହିଲେ, ''ଆମେ ଆଉ ଇନ୍ଦ୍ରକୁ ପୂଜିବା ନାହିଁ । ଯଦି ପୂଜିବା ଏଇ ଗୋବର୍ଦ୍ଧନ ପାହାଡ଼କୁ ପୂଜିବା । ଇନ୍ଦ୍ରଟା ଆମର କ'ଣ କରୁଚି କି ? ଗୋବର୍ଦ୍ଧନ ପାହାଡ଼ରେ ତ ଆମ ଗାଈ ଗୋରୁମାନେ ଚରୁଚନ୍ତି । କେତେ ସୁନ୍ଦର ସୁନ୍ଦର ଫୁଲ ଫଳରେ ପାହାଡ଼ର ଗଛସବୁ ଲଦି ହେଇଚି । ଆଉ ପାହାଡ଼ର ଗୁମ୍ଫାମାନଙ୍କରେ ଗୋରୁ, ଗାଈ, ଗୋପାଳମାନେ ଆଶ୍ରା ନଉଚନ୍ତି । ତେଣୁ ତାକୁ ପୂଜା ନ କରି ଇନ୍ଦ୍ରକୁ କାଇଁକି

ପୂଜିବା ?' ଗୋପାଳମାନେ କୃଷ୍ଣଙ୍କର ଏକଥା ଶୁଣି କହିଲେ 'କୁସୁନିଆଟା ମେଞ୍ଚଡ଼ା ଟୋକାଟା ! ତା' କଥା କାହିଁକି ଆମେ ଶୁଣିବା । ନନ୍ଦ ଆମର ରଜା । ତା' କଥା ମାନିବା ବୋଲି କ'ଣ ତା' ପୁଅ ମେଞ୍ଚଡ଼ା କୁସୁନିଆ କଥା ମାନିବା ? ତା' ଛଡ଼ା ଇଏ ଦେବତାମାନଙ୍କ କଥା । ଦେବତାମାନେ ରାଗିଲେ କ'ଣ ନାଇଁ କ'ଣ କରିଦେବେ । ଏକଥା ଗୁରୁ ଗର୍ଗଙ୍କୁ ପଚାରିବା । ସିଏ ଯାହା କହିବେ ସେଇଆ କରିବା ।' ଯୋଗକୁ ସେଦିନ ଗୁରୁ ଗର୍ଗ ଗୋପପୁରକୁ ଆସିଥାଆନ୍ତି । ଗୋପାଳମାନେ ପଚାରିବା ଆଗରୁ କୃଷ୍ଣ ଆଗେ ଯାଇ ଗୁରୁଙ୍କୁ ପଚାରିଲେ । କହିଲେ, 'ମୁଁ ଭାବିଚି ଏବର୍ଷ ଇନ୍ଦ୍ରପୂର୍ଣ୍ଣିମାକୁ ଇନ୍ଦ୍ରଙ୍କ ପୂଜା ନ କରି ଗିରି ଗୋବର୍ଦ୍ଧନଙ୍କ ପୂଜା କରିବା ।' ଗୁରୁ ଟିକିଏ ନୀରବ ରହିଲେ । ତା'ପରେ କହିଲେ, 'ଇଏ ତ ବହୁତ ଭଲ ପ୍ରସ୍ତାବ । ଇନ୍ଦ୍ର ଆମର କ'ଣ କରୁଚି କି ? ଗିରି ଗୋବର୍ଦ୍ଧନ ତ ଗୋପବାସୀଙ୍କର ଆଶ୍ରା ଭରସା ହେଇ ଠିଆ ହେଇଚି । ସିଏ ନ ଥିଲେ ଇନ୍ଦ୍ରର ଯୋଉ ବର୍ଷା, ପବନ, ଘଡ଼ଘଡ଼ି କୋଉ କାଳୁ ଗୋପପୁରକୁ ନିଶ୍ଚିହ୍ନ କରି ଦିଅନ୍ତାଣି । ଯାହା କୁହ, ନନ୍ଦ ପୁଅ କୃଷ୍ଣର ଯୋଉ ବୁଦ୍ଧି ଆଉ କାହାଠାରେ ସେମିତି ନାଇଁ । ଯେମିତି ରୂପ, ଯେମିତି ବୁଦ୍ଧି, ଯେମିତି ଶକ୍ତି, ସାହସ, ସେମିତି ସବୁ କଥାରେ ବିଚକ୍ଷଣ, ନିଷ୍ଠାପର । ଯୋଉ ସାଧନା ବଢେଇ ଦବ ସାଙ୍ଗେ ସାଙ୍ଗେ ସେ ସେଥିରେ ସିଦ୍ଧି ପ୍ରାପ୍ତ ହଉଚି । ମୋର ମନେ ହଉଚି ଏଇ କୃଷ୍ଣ ଦିନେ ଦୁଷ୍ଟ କଂସାସୁରକୁ ମାରି ଧର୍ମରାଜ୍ୟ ପ୍ରତିଷ୍ଠା କରିବ ।'

''ପୁଅର ପ୍ରଶଂସା ଶୁଣି ନନ୍ଦଙ୍କ ମନ କୁଣ୍ଢେ ମୋଟ । ଗୁରୁ ଯେତେବେଳେ କୃଷ୍ଣର ବୁଦ୍ଧିକୁ ଏତେ ପ୍ରଶଂସା କରୁଚନ୍ତି ଆଉ ଗୋପାଳମାନଙ୍କର ପାଟି ଫିଟେଇବାର ଯୁ' ନାଇଁ । ସମସ୍ତେ କୃଷ୍ଣ କଥା ମାନିଲେ । ଇନ୍ଦ୍ରଙ୍କୁ ପୂଜା ନ କରି ସେ ବର୍ଷ ଗିରି ଗୋବର୍ଦ୍ଧନଙ୍କୁ ପୂଜା କଲେ । ଇନ୍ଦ୍ର ଯେମିତି ଏକଥା ଜାଣିଲେ ରାଗି ମୁସ୍ତେଜ । ସାଙ୍ଗେ ସାଙ୍ଗେ ପବନକୁ ଡାକି କହିଲେ 'ଯାଅ, ଗୋପପୁରରେ ପ୍ରବଳ ବର୍ଷା, ଝଡ଼ ସାତ ଦିନ ଯାଏ ସୃଷ୍ଟିକର । ଗୋପପୁରର ଚିହ୍ନବର୍ଣ୍ଣ ସବୁ ଉଡ଼େଇ ଦିଅ ।' ଆଜ୍ଞା ପାଇଲା ମାତ୍ରେ ପବନ ଅଣଚାଶ ମୂର୍ତ୍ତି ଧରି ବହିଲା । ତା' ସାଙ୍ଗକୁ ମୁଷଳ ଧାରାରେ ବର୍ଷା । କୃଷ୍ଣ ଏକଥା ଆଗରୁ

ଜାଣିଥିଲେ । ସେ ଗୋବର୍ଦ୍ଧନ ପାହାଡ଼ରେ ଖୁବ୍ ସୁନ୍ଦର ନିରାପଦ ଖୋଲଟିଏ ଆଗରୁ ଦେଖି ସ୍ଥିର କରି ରଖିଥିଲେ । ସବୁ ଗୋପବାସୀ ଓ ଗାଈ ଗୋରୁଙ୍କୁ ନେଇ ସେଇଠି ଆରାମରେ ରହିଲେ । ସାତ ଦିନ ପରେ ବର୍ଷା ପବନ ଛାଡ଼ିଗଲା । ଗୋପପୁରର କିଛି ହେଲା ନାହିଁ । କୃଷ୍ଣଙ୍କ ଖାତିର ଗୋପାଳମାନଙ୍କ ମଧ୍ୟରେ ଆହୁରି ବଢ଼ିଗଲା । କଂସ ମନରେ ବି ଭୟ ଆସିଲା ।

''ହଁ କ'ଣ କହୁଥିଲି – ଗୋପୀମାନେ ସବୁ ତାଙ୍କ ପସରାଟିମାନ ଧରି ଘରୁ ବାହାରି ପଡ଼ିଲେଣି । ପସରା ଧରି ସଅଳ ସଅଳ ଚାଲି ଆସି ଯମୁନା କୂଳେ ପହଞ୍ଚିଲେ । ଯମୁନା କୂଳେ ପହଞ୍ଚିଲା ବେଳକୁ ନୀଳ ହ୍ରଦରେ ଯେମିତି ନାଲି ପଦ୍ମ ଫୁଟିଥାଏ ସେମିତି ନୀଳ ଆକାଶରେ ନାଲିଆ ସୂର୍ଯ୍ୟ ଉଇଁ ଆସିଲେଣି । କିନ୍ତୁ ଇଏ କ'ଣ ? ଡଙ୍ଗା ଯେ ଏ ପାରିରେ ନାହିଁ । ସେ ପାରିକି ଚାଲି ଯାଇଚି । ବେଳ ଉଛୁର ହେଲା ବେଳକୁ ଏମିତି ହଟହଟା ଯୋଗ । ଯୋଗକୁ ଦେଖିଲା ବେଳକୁ ଆଉ ଗୋଟିଏ ଛୋଟ ଡଙ୍ଗା ପାଖ କଦମ୍ବ ଗଛ ମୂଳରେ ବନ୍ଧା ହେଇଚି । ସମସ୍ତେ ଭାବିଲେ ଇଏ ବୋଧେ ନନ୍ଦ ପୁଅ କହ୍ନେଇର ଡଙ୍ଗା । ଗଲା କୁଆଡ଼େ ସେ ହୁନ୍ଦରିଆ ଟୋକା ? ଡଙ୍ଗା ବାନ୍ଧି ତା'ର ତ ଦେଖା ଦର୍ଶନ ନାହିଁ । ଥୋଡ଼ାଏ କହିଲେ, ଏତେ ସକାଳୁ କ'ଣ ସିଏ ଆସିଥିବ ? ଆଉଜଣେ କଦମ୍ବ ଗଛକୁ ଚାହିଁ ଦେଇ କହିଲା, କ'ଣ କହୁଚ ? ଆସିଥିବ ? ଏଇ ଦେଖ, କଦମ୍ବ ଡାଳରେ ବସି କିଛି ନ ଜାଣିଲା ପରି ମୁରୁକି ମୁରୁକି ହସୁଚି ଆଉ ବଇଁଶୀ ବଜଉଚି ।

''ଆଉ ଜଣେ କହିଲା –'ସେ ହଟିଆ ଟୋକା କଥା ମୁଁ ଜାଣିନି ! ଯେମିତି ଶୁଣିଥିବ ଆମେ ସକାଳୁ ଗୁରୁଙ୍କ ପାଖକୁ ଯିବା ବୋଲି, ତାକୁ କ'ଣ ରାତି ଯାକ ନିଦ ହେଇ ଥିବ ନା କ'ଣ ? ଦେଖୁନା ଆମେ ଆସିବା ଆଗରୁ ଉଠି ଆସି ଏଠି ବସିଲାଣି । ଖାଲି ନନ୍ଦରଜା ପୁଅ ବୋଲି, ନଇଲେ କ'ଣ ନାହିଁ କ'ଣ କହି ପକାନ୍ତି !'

''ବିଶାଖା ଗଉଡୁଣୀ ଥିଲା, ଏକଥା ଶୁଣି କହିଲା, 'ସିଏ ତା'ର ପିଲାଳୋକ ବଇଁଶୀ ବଜେଇଲା କି ହସିଲା କି ଯାହା କଲା ତୁମର ସେଥିରେ

କ'ଣ ଅଛି ? ତୁମେମାନେ ତ ତା' ବଇଁଶୀ ଶବଦ ଶୁଣି ପିଲା ଛୁଆ, ଗୋରୁ ଗାଈ, ଶାଶୂ, ଶଶୁର, ସ୍ୱାମୀ ସମସ୍ତଙ୍କୁ ଛାଡ଼ି ତା' ପାଖକୁ ଛୁଟି ଆସୁଚ । ଆଉ ସବୁବେଳେ ଯଶୋଦା ଆଗରେ ଫେରାଦ ହଉଚ ତୁମର ସର, ଲବଣି ସିଏ ସବୁ ଚୋରି କରି ଖାଇ ଯାଉଚି । କିନ୍ତୁ ଥରେ ସିଏ ତମ ଘରକୁ ନ ଗଲେ ତୁମେମାନେ ପାଗଳୀ ହେଇ ଯାଉଚ । ସର, ଲବଣି ଧରି ଧାଉଁଚ ସିଏ କୋଉଁଠି ଅଛି ତାକୁ ଖୋଜିବା ଲାଗି । ମଉନମୁହାଁମାନେ ନିଜ ଦୋଷ ନ ଦେଖି ଖାଲି ପିଲାଟା ନାଁରେ ଦୋଷ ଦେଇ ଯଶୋଦାଙ୍କୁ ହନ୍ତସନ୍ତ କରୁଚ ।'

''ଲଳିତା ଗଉଡୁଣୀ ଥିଲା, ଏସବୁ ଶୁଣି ବ୍ୟସ୍ତ ହେଇ କହିଲା, 'ଏମିତି ଏଠି ତରକ କରିବ ନା ତେଣେ ବେଳ ଉଛୁର ହେଲାଣି ଗୁରୁଙ୍କ ପାଖକୁ ଯିବ ? ଟିକିଏ ଡେରି ହେଲେ ଗୁରୁ ଧାନରେ ବସିଗଲେ ନା, ତୁମର ଏତେ ଆୟୋଜନ ବୃଥା ହେଇଯିବ । ଯାହା ପାଖକୁ ସବୁ ଛାଡ଼ି ପାଗଳୀ ଭଳିଆ ଧାଇଁ ଯାଉଚ ତାକୁ ଏ ଉପର ଠାଉରିଆ ଗାଳି ଦେଇ ଲାଭ କ'ଣ ? ଯାଅ, ତାକୁ ଟିକିଏ କୁହ ସେ ଆମକୁ ତା' ଡଙ୍ଗାରେ ପାରି କରିଦେଉ ।'

ଆଉ ଜଣେ ଗଉଡୁଣୀ କହିଲା, 'ଏତେ ସହଜ ଭାବନା ମ ! ଏକା ଏକା କିଏ ଗଲେ ସିଏ ଆଗ ଚାହିଁବ ନା ! ସମସ୍ତେ ଚାଲ ସାଙ୍ଗ ହେଇ ଯିବା, ତାକୁ କହିବା ।' ସେଇଆ ହେଲା । ସମସ୍ତେ ପସରା ମୁଣ୍ଡେଇ ଗଛ ତଳକୁ ଗଲେ । କୃଷ୍ଣ ଯେମିତି ଜାଣିପାରିଲେ ଗୋପୀମାନେ ହଇରାଣରେ ପଡ଼ିଚନ୍ତି ସେ ଜମା ତାଙ୍କ ଆଡ଼କୁ ଚାହିଁଲେ ନାଇଁ । ଗୋପୀମାନଙ୍କର ଭାଳେଣି ପଡ଼ିଲା କିଏ କୃଷ୍ଣଙ୍କୁ ମୁହଁ ଖୋଲି କହିବ । ଶେଷକୁ ଲଳିତା ଉପରେ ଦାୟିତ୍ୱ ଦିଆଗଲା । ଲଳିତା କହିଲା, 'ବାବୁ କହ୍ନେଇ, ଆମେସବୁ ଗୁରୁଙ୍କୁ ପୂଜା ଲାଗି ସେପାରି ଯାଉଚୁ । ବେଳ ଡେରି ହେଇଗଲାଣି । ଡଙ୍ଗା ତ ଆର ପାରିକି ଚାଲି ଯାଇଚି । ତୋ ଡଙ୍ଗାରେ ଟିକିଏ ଆମକୁ ପାରି କରି ଦିଅନ୍ତୁ ନାଇଁ ?'

''କୃଷ୍ଣ ତାଙ୍କୁ ଛିଗୁଲେଇକରି କହିଲେ, 'ଭାରି କଅଁଳେଇ, ସାକୁଲେଇ କଥାଗୁଡ଼ାକ କହୁଚ ତ ! ହଉ, ହଉ, ଗୁରୁଙ୍କ ନାମ କହିଲ, ନ ହେଲେ ତମକୁ କିଏ ପଚାରୁଥିଲା ? ଚାଲିଯାଉନା, ମତେ କାଇଁକି ଡାକୁଚ ?'

''ବିଶାଖା ଗଉଡୁଣୀ କହିଲା, 'ହଇରେ କହ୍ନେଇ, ତୋର ସେ ନବଜିଆ ପଣ ଗଲା ନାଇଁ ? ଦେଖୁଚୁ ଯମୁନା ଦୁଇକୂଳ ଖାଉଚି, ଆଉ ଆମକୁ କହୁଚୁ ଚାଲିଯିବା ଲାଗି । କେମିତି ଯିବୁ ? ହଉ, ଆମ କଥାକୁ ସିନା ଖାତିର କରୁନୁ, ଆମ ସାଙ୍ଗରେ ବୃଷଭାନୁ ଝିଅ ରାଧା ଅଛି ଯେ !'

''କୃଷ୍ଣ ବାହାରକୁ ସେମିତି ବେଖାତିର ଭାବ ଦେଖେଇ କହିଲେ, 'ରାଧା ଥାଉ କି ଫାଧା ଥାଉ, ମୋର ସେଥିରେ କ'ଣ ଅଛି ? ତୁମମାନଙ୍କୁ କହିଲି ଗୁରୁଙ୍କ ପାଖକୁ ଯେତେବେଳେ ଯାଉଚ, ଯାଅ, ଯମୁନାରେ ପଶି ଚାଲିଯାଅ । ଯଦି ମୋ କଥାରେ ବିଶ୍ୱାସ ନ କରୁଚ ତା'ହେଲେ ଯମୁନା କୂଳକୁ ଯାଇ ଯମୁନାକୁ କୁହ, 'ଯମୁନା, କୃଷ୍ଣ ଯଦି କେବେ କୌଣସି ନାରୀ ଅଙ୍ଗ ସ୍ପର୍ଶ କରି ନଥିବ ତେବେ ଆମକୁ ବାଟ ଛାଡ଼ିଦିଅ, ଆମେ ସେପାରିକି ଯିବୁ ।'

''ବାଳକ କୃଷ୍ଣଙ୍କର ଏକଥା ଶୁଣି ଖିଲିଖିଲି ହେଇ ହସିଉଠିଲେ ଗୋପୀଗଣ । ଭାବିଲେ କୃଷ୍ଣ ପୁଣି କହୁଚି କୌଣସି ନାରୀ ଅଙ୍ଗ ସ୍ପର୍ଶ କରି ନାଇଁ ! ଏଡ଼େ ନିର୍ଲଜ୍ଜ ! ପୁଣି ଏକଥା କହୁଚି ଗୋପୀମାନଙ୍କୁ ! ଜଣେ ଗୋପୀ ତାଙ୍କ ଭିତରୁ କହିଲା, 'ହଇରେ କହ୍ନେଇ, କାଇଁକି ଆମ ସାଙ୍ଗରେ ଏ ହଟ ଲଗେଇଚୁ ? ତୁ ପୁଣି କହୁଚୁ କୌଣସି ନାରୀ ଅଙ୍ଗ ସ୍ପର୍ଶ କରିନୁ ! ହଇରେ, ଗୋପପୁରର ଷୋଳସହସ୍ର ଗୋପୀମାନଙ୍କ ମଧ୍ୟରୁ କାହାକୁ ତୁ ଛୁଇଁନୁ ? ଆମ ସାଙ୍ଗରେ କେତେ ଖେଳ, କୌତୁକ, ରାଗ, ରୁଷା, ପୁଣି କୋଳରେ ଆସି ବସିବା, ଆମଠାରୁ ସର ଲବଣି ଖାଇବା, ଆମକୁ କେତେ ହଇରାଣ କରିବା ସବୁ କ'ଣ ଭୁଲିଗଲୁ ? ଶୀଘ୍ର ଆସି ଟିକିଏ ପାରି କରି ଦେ । ଏପରି ଶୁଭ କାମରେ ଆମକୁ ଆଉ ହଇରାଣ କରନା ।'

''କୃଷ୍ଣ ସେମିତି ବେପରୁଆ ଭାବରେ କହିଲେ, 'ମୁଁ ଜାଣେ ପରା, ତୁମେମାନେ ବିଶ୍ୱାସ କରିବ ନାଇଁ । ନ କଲେ ନାଇଁ, ପଡ଼ିଥା ସେମିତି । ମୁଁ କ'ଣ କରିବି ?' ଏତିକି କହି ସେ ମୁହଁ ବୁଲେଇ ବଇଁଶୀ ବଜେଇବାରେ ଲାଗିଲେ ।

''ଗୋପୀମାନେ ଆଉ କରିବେ କ'ଣ ? କିଛି ତ ଉପାୟ ନାଇଁ ।

କହିଲେ, 'ହଉ କୁସୁନିଆ ଯାହା କହୁଚି ଥରେ ସେମିତି ଚେଷ୍ଟା କରାଯାଉ । ନ ହେଲେ କ'ଣ ସିଏ ଯେମିତି ହୁନ୍ଦର କାଢ଼ିଲାଣି ଆମ କଥା ଆଉ ଶୁଣିବ ?'

''ସମସ୍ତେ ଘାଟ କୂଳକୁ ଗଲେ । ବିଚାର ପଡ଼ିଲା, କୃଷ୍ଣ ଯାହା କହିଲା କିଏ ଯମୁନାକୁ କହିବ ? ଶେଷକୁ ସ୍ଥିର ହେଲା ବୃଷଭାନୁ ଜେମା ରାଧା ଏକଥା ଯମୁନାକୁ କହିବ । ରାଧା ରାଜି ହେଲେ । ସମସ୍ତଙ୍କ ଆଗକୁ ଆସିଲେ । ମୁଣ୍ଡରେ ଥାଏ ତାଙ୍କର ଦୁଧ, ଦହି, ସର ଲବଣିର ସମ୍ଭାର; ହୃଦୟରେ ପ୍ରେମ, ଭକ୍ତି, ବିଶ୍ୱାସର ଜୁଆର । ତାଙ୍କର କୋମଳ, ମଧୁର କଣ୍ଠରେ କହିଲେ, 'ଯମୁନା ଗୋ, କୃଷ୍ଣ ଯଦି ତା' ଜୀବନରେ କୌଣସି ନାରୀ ଅଙ୍ଗ ସ୍ପର୍ଶ କରି ନାଇଁ ତେବେ ଆମକୁ ବାଟ ଛାଡ଼ି ଦେ, ଆମେ ସେପାରିକି ଯିବୁ । ଗୁରୁ ଗର୍ଗଙ୍କର ପୂଜାବେଳ ଉଛୁର ହେଇ ଯାଉଚି ।'

''ଆଶ୍ଚର୍ଯ୍ୟର କଥା, ରାଧାଙ୍କ କଥା ସରୁ ନସରୁଣୁ ଯମୁନା ଜଳ ଘାଟ ପାଖରେ ଦୁଇଭାଗ ହେଇଗଲା । ମଝିରେ ପରିଷ୍କାର ଶୁଖିଲା ବାଟ । ଟିକିଏ କାଦୁଅ ବି ନାଇଁ । ଗୋପୀମାନେ ତଟସ୍ଥ ! କ'ଣ କରିବେ କିଛି ସମୟ ପର୍ଯ୍ୟନ୍ତ ଭାବିପାରିଲେ ନାଇଁ । ପୁଣି ଭାବିଲେ ଡେରିକଲେ ଯଦି ପୁଣି ଯୋଉ କଥାକୁ ସେଇ କଥା ହେଇଯିବ ତା' ହେଲେ ଆଉ ଯାଇହବ ନାଇଁ । ରାଧାଙ୍କୁ ଆଗରେ ରଖି ସମସ୍ତେ ଯମୁନା ଭିତରେ ପଶିଗଲେ । ନିରାପଦରେ ଶୁଖିଲା ଗୋଡ଼ରେ ଯାଇ ଆର ପାଖରେ ପହଞ୍ଚିଲେ । ଆର ପାରିରେ ପହଞ୍ଚିବା ପରେ ଯମୁନାର ଜଳ ପୁଣି ଏକାଠି ହେଇଗଲା । ଗୋପୀମାନେ ନିଜ ନିଜ ଭିତରେ କୁହାକୁହି ହେଲେ, ଏ କୁସୁନିଆ ତ ସାଧାରଣ ମଣିଷ ନୁହଁ । ସବୁ କରୁଚି ପୁଣି ଦେଖିଲା ବେଳକୁ କିଛି କରୁ ନାଇଁ ! ତା' କଥା ସତ ନ ହେଇ ଥିଲେ ଯମୁନା ଏମିତି ଆମକୁ କ'ଣ ବାଟ ଛାଡ଼ି ଦେଇଥାଆନ୍ତା ? ହଉ, ଚାଲ, ଆଉ ଏବେ ଭାବିବାର ବେଳ ନାଇଁ । ଡେରି ହେଇ ଯାଉଚି ।' ଏହା କହି ଗୋପୀମାନେ ସମସ୍ତେ ଏକାଠି ଗର୍ଗଙ୍କ ପାଖକୁ ଚାଲିଗଲେ । ଡଙ୍ଗାରେ ଆସିଥିଲେ ସମସ୍ତେ ଏକ ସମୟରେ ଆସିପାରି ନ ଥା'ନ୍ତେ । ତେଣୁ ଏକାଠି ହେଇ ଯିବାରେ ଅସୁବିଧା ହେଇଥାଆନ୍ତା । ଗୁରୁ କିନ୍ତୁ ଏକାଠି ଯିବାକୁ, ଗୋପବାସୀଙ୍କ ମଧ୍ୟରେ ଏକତାକୁ

ଭଲ ପାଆନ୍ତି । ଅଲଗା ଅଲଗା ହେଇଗଲେ ସେ ବିଗିଡ଼ନ୍ତି । ଯାହା ହଉ ଶେଷରେ ଯାଇ ଗର୍ଗଙ୍କ ପାଖରେ ପହଞ୍ଚିଲେ । ଯୋଗକୁ ଗର୍ଗ ଧ୍ୟାନରେ ବସିବାକୁ ଯାଉଚନ୍ତି । ଧ୍ୟାନ ଆରମ୍ଭ ହେଇ ନାଇଁ ।

''ଗୋପୀମାନଙ୍କୁ ଦେଖି ଗର୍ଗ କହିଲେ, 'ଏତେ ସକାଳୁ ଏତେ ବାଟ ପରିଶ୍ରମ କରି ଚାଲି ଆସିଲଣି ?' ଲଳିତା କହିଲା, 'ଆପଣ ତ ଆମ ଆଡ଼େ ଯିବାକୁ ମନା କଲେ, ଆଉ ଆମେ ଆପଣଙ୍କ ପାଖକୁ ନ ଆସି ଗତି ଅଛି ! ଆପଣଙ୍କ ଯୋଗୁଁ ତ ଆମର ସବୁ ଧନ, ଧାନ୍ୟ, ଗୋପ, ଲକ୍ଷ୍ମୀ । ଆପଣଙ୍କ ଯୋଗୁଁ କଂସ ଗୋପପୁରକୁ ଆସିପାରୁ ନାଇଁ । ଆପଣଙ୍କ ବରରେ ତ ଯଶୋଦା କୃଷ୍ଣ ଭଳି ପୁଅଟିଏ ପାଇଲେ ।'

''ଗୁରୁ ଗର୍ଗ ଆଉ ନିଜ ପ୍ରଶଂସା ବେଶୀ ଶୁଣିବାକୁ ନ ଚାହିଁ କହିଲେ, 'ହଉ, ହଉ, ଏଥର ତୁମର ପୂଜା ଶୀଘ୍ର ଶୀଘ୍ର ସାର । ତୁମମାନଙ୍କର ଭକ୍ତି ନ ଥିଲେ ଏତେ ଗୋପାଳ ଥାଉ ଥାଉ ତୁମେମାନେ ଏତେ କଷ୍ଟକରି ଆସିଥାଆନ୍ତ ? ତୁମେ ନାରୀମାନେ ହଉଚ ସବୁକଥାର ମୂଳ । ତୁମକୁ ଅବହେଳା କରି କ'ଣ ଜପ, ତପ, ସାଧନା କରି ହବ ? ତୁମ କଥା ଆଗେ ବୁଝିବା ଦରକାର । ଆଉ ସେ କୃଷ୍ଣ ଭଲ ଅଛି ତ ? ତୁମମାନଙ୍କ ସହ ତା'ର ଦେଖା ହୁଏ ତ ? ତୁମେମାନେ ତା' ସହ ଭଲ ସଂପର୍କ ରଖିଚ ତ ?'

''ଗୁରୁଙ୍କର ଶେଷ ପ୍ରଶ୍ନ ଶୁଣି ଗୋପୀମାନେ ବଡ଼ପାଟିରେ ହସି ପକେଇବାକୁ ବସିଥିଲେ । କିନ୍ତୁ ନିଜକୁ ସଂଯତ କରି ନେଲେ । କାରଣ ଗୁରୁଙ୍କ ଆଗରେ କ'ଣ ସେମିତି ହସନ୍ତି । ଏଥର ସମସ୍ତେ ଗୁରୁଙ୍କ ପୂଜାରେ ଲାଗିଗଲେ । ଯିଏ ଯାହା ଆଣିଥିଲେ ସବୁ ଗୁରୁଙ୍କ ଆଗରେ ରଖିଦେଇ ନୈବେଦ୍ୟ କଲେ । ଗୁରୁ କହିଲେ, 'ଏପରି କ'ଣ ମୋ ଆଗରେ ସବୁ ଥୋଇ ପାଣି ବୁଲେଇ ଦଉଚ ? ସେମିତି ଦେଲେ ଚଳିବ ନାଇଁ । ଯାହା ଆଣିଚ, ମୁଁ ପାଟି ଆଁ କରୁଚି ମୋ ପାଟିରେ ଦେଇଦିଅ । ବୃଷଭାନୁ ଝିଅ ରାଧା କ'ଣ ଆଣିଚି ଆଗେ ଦଉ । ମୁଁ ତା' ଭୋଗ ଆଗେ ଗ୍ରହଣ କରିବି ।'

''ସେଦିନ ରାଧା ନୀଳରଙ୍ଗର ଶାଢ଼ିଟିଏ ପିନ୍ଧିଥାଆନ୍ତି । ଦେଖା-

ଯାଉଥା'ନ୍ତି ସତେ ଯେମିତି ଶାରଦୀୟ ନୀଳ ଆକାଶରେ ପୂନେଇଁର ଚାନ୍ଦଟିଏ ଭଳି । ରାଧା ଛେନା, ଲହୁଣି, ସର ଯାହା ଆଣିଥିଲେ ଗୁରୁଙ୍କ ପାଟିରେ ଦେଲେ । ଶେଷରେ ଦୁଧ ହାଣ୍ଡିକ ଗୁରୁଙ୍କ ମୁହଁ ପାଖରେ ଧରିଲେ । ଗୁରୁ ନିମିଷକ ଭିତରେ ସବୁ ଢକ୍ ଢକ୍ କରି ପିଇଦେଲେ । ଏଥର ରାଧାଙ୍କର ପସରା ଖାଲି । ରାଧା ପଛେ ପଛେ ଲଳିତା, ଲଳିତା ପଛେ ପଛେ ବିଶାଖା ଏମିତି ଜଣକ ପରେ ଜଣେ ଷୋଳ ସହସ୍ର ଗୋପୀ ଗୁରୁଙ୍କୁ ଯାହା ଆଣିଥିଲେ ସବୁ ଖୁଆଇ ପିଆଇ ଦେଲେ । ଗୁରୁ ସବୁ ଖାଇସାରି ଟିକିଏ ପେଟ ଆଉଁଶି ଦେଇ କହିଲେ, କ'ଣ ଯାହା ଆଣିଥିଲ ସବୁ ସରିଲା ତ ?'

''ଗୋପୀମାନେ ଏକ ସଙ୍ଗରେ କହିଲେ, 'ହଁ, ସରିଲା ।'

''ଗୁରୁ କହିଲେ, 'ତା'ହେଲେ ଏଥର ଯାଅ । ମୁଁ ଧ୍ୟାନ କରିବି । ବେଳ ଡେରି ହେଲାଣି ।'

''ଗୋପୀମାନେ ସବୁ କେମିତି ବା ଯିବେ ? ଯମୁନା ଦୁଇ କୂଳ ଖାଉଚି । ଆସିଲା ବେଳେ ସିନା କହ୍ନେଇଟା ପାରି କରେଇ ଦେଲା । ଏବେ ଫେରିବେ କେମିତି ! ସମସ୍ତେ ଚୁପ୍ ହେଇ ଠିଆ ହେଇଥା'ନ୍ତି । ଗୁରୁ ସେମାନଙ୍କୁ ସେମିତି ଠିଆ ହେଇଥିବାର ଦେଖି ପଚାରିଲେ, 'କ'ଣ ହେଇଚି କି ? ଏମିତି ଚୁପ୍‌ଚାପ୍ ହେଇ ଠିଆ ହେଲ କାହିଁକି ?'

''ଗୋପୀମାନେ କହିଲେ, 'ଆମେ ଯିବୁ କେମିତି ?'

ଗୁରୁ କହିଲେ, 'କାହିଁ ଯେମିତି ଆସିଥିଲ ସେମିତି ଯିବ ।'

'ଯଦି ଡଙ୍ଗା ନ ଥିବ ?'

'ଆଇଲା ବେଳେ କେମିତି ଆସିଥିଲ ?'

'ଆଇଲା ବେଳେ କୃଷ୍ଣ କଦମ୍ବ ଡାଳରେ ବସିଥିଲା । ତାକୁ କହିବାରୁ ସେ କହିଲା ଯାଅ ଯମୁନାକୁ କହିବ – 'କୃଷ୍ଣ ଯଦି କେବେ ନାରୀ ଅଙ୍ଗ ସ୍ପର୍ଶ କରି ନ ଥାଏ ତେବେ ଆମକୁ ବାଟ ଛାଡ଼ିଦିଅ, ଆମେ ଗୁରୁଙ୍କ ପୂଜା ଲାଗି ଯିବୁ ।' ଆମେ ସେଇଆ କରିବାରୁ ଯମୁନା ପାଣି ଦି'ଭାଗ ହେଇଗଲା । ଆମେ ନିରାପଦରେ ତା' ଭିତରେ ପଶି ଚାଲି ଆସିଲୁ ।

''ଗର୍ଗ କହିଲେ, 'କୃଷ୍ଣ କଥା କହିବାରୁ ଯମୁନା ବାଟ ଦେଲାଟି ? ସେମିତି ମୁଁ କହୁଚି ଯାଇ ଯମୁନାକୁ କୁହ– ଯମୁନା, ଗୁରୁ ଗର୍ଗ ଯଦି କେବେ କାହାଠାରୁ କିଛି ଜିନିଷ ଗ୍ରହଣ କରି ନ ଥିବେ ତେବେ ଆମକୁ ବାଟ ଛାଡ଼ିଦିଅ । ଆମେ ଗୋପପୁର ଯିବୁ ।'

''ଏକଥା ଶୁଣି ଗୋପୀମାନଙ୍କର ଏତେ ହସ ଉଠିଲା ଯେ ସେମାନେ ମୁହଁରେ ଲୁଗା ଭର୍ତ୍ତି କରି ଦେଲେ । ଭାବିଲେ ଏବେ ହାଣ୍ଡି ହାଣ୍ଡି ସର, ଲବଣି, ଛେନା, ଦୁଧ ସବୁ ଆମର ଖାଇ ଶେଷ କରିଦେଲେ । ଏବେ କହୁଚନ୍ତି କ'ଣ ନା ଗୁରୁ ଗର୍ଗ ଯଦି କିଛି ଗ୍ରହଣ କରି ନ ଥିବେ ଯମୁନା ବାଟ ଛାଡ଼ି ଦେବ ! ଯେତେ ଚାପି ଚାପି ହସିଲେ ବି ଗୁରୁ ସବୁ ଜାଣି ପାରିଲେ । କହିଲେ, 'ଆଲୋ, ହସୁଚ କ'ଣ ? ବିଶ୍ୱାସ ହଉ ନାଇଁ ? ଯାହା କହିଲି ସେଇଆ ଯାଇ ଯମୁନାକୁ କହି ଦେଖ କ'ଣ ହଉଚି ?'

''ଗୋପୀମାନେ ଗୁରୁଙ୍କ କଥା ଅମାନ୍ୟ କରି ପାରିଲେ ନାଇଁ । ଯମୁନା କୂଳକୁ ଗଲେ । ପୁଣି ସେଇ ରାଧାଙ୍କୁ କହିଲେ, 'ରାଧା, ଆସିଲା ବେଳେ ତୁ ଯମୁନାକୁ କହିଥିଲୁ । ଏବେ ଗଲା ବେଳେ ତୁ କହ ।' ରାଧା ଯମୁନାକୁ ଏକାନ୍ତ ଆପଣାର ଭଳି କହିଲେ, 'ଆଲୋ ଯମୁନା ! ଗୁରୁ ଗର୍ଗ କହିଚନ୍ତି ଯଦି ସେ କେବେ କାହାଠାରୁ କିଛି ଜିନିଷ ଗ୍ରହଣ କରି ନ ଥିବେ, ତେବେ ତୁ ଆମକୁ ବାଟ ଛାଡ଼ିଦେ, ଆମେ ଗୋପ ଯିବୁ ।'

''ସଙ୍ଗେ ସଙ୍ଗେ ଯମୁନା ଦି'ଭାଗ ହେଇଗଲା । ଆଇଲା ବେଳେ ଯେମିତି ଗୋପୀମାନେ ଆସିଥିଲେ ଗଲାବେଳେ ସେମିତି ଚାଲିଗଲେ । ଗୋଡ଼ରେ ଟିକିଏ ପାଣି କାଦୁଅ ଲାଗିଲା ନାଇଁ । ସମସ୍ତେ ପାରି ହେଇଯିବା ପରେ ଯମୁନା ପୁଣି ପୂର୍ବ ଭଳି ହେଇଗଲା ।

''ସନ୍ଧ୍ୟା ହେଇ ଆସୁଚି । ଅଦୂରରେ ଅସ୍ତଗାମୀ ପ୍ରଦୀପ୍ତ ସ୍ୱର୍ଣ୍ଣ ଭାନୁ । ରଞ୍ଜିତ ସନ୍ଧ୍ୟାଭ୍ର ଆବରଣ ମଧ୍ୟରେ ଗୋଟିଏ ହସହସ ଦୀପ୍ତ ଆନନ ଯେପରି ଲୁଚି ଯାଉଚି । ଗୋପୀମାନେ ଚାହିଁଲା ବେଳକୁ କଦମ୍ବଗଛର ସବୁଜ ପତ୍ର ଗହଳରେ ଶ୍ୟାମଘନ କୁସୁନିଆ କିଛି ନ ଜାଣିଲା ପରି ହସି ହସି ମୁହଁ ବୁଲେଇ

ନଉଚି । ଗୋପୀମାନେ କହିଲେ, 'ଗୁରୁ ଯେମିତି, ଚେଲା ବି ସେମିତି । ଖାଲି ମଝିରେ ଆମକୁ ରଖି ହୁନ୍ଦର ଦେଖୁଚନ୍ତି । କେହି ତା' ଆଡ଼କୁ ଚାହଁନା ।' କିନ୍ତୁ ସମସ୍ତଙ୍କ ଆଖି ସେଇଠି ଲାଖି ରହିଲା । ଭୁଲିଗଲେ ସେମାନେ ଦିନସାରା ଉପାସ, ଘରେ ଗୋରୁ, ଗୋପାଳ ପୁଣି ପିଲାଛୁଆ ଅଛନ୍ତି । ଏଇଠି ମନେ ପଡ଼େ ଶ୍ରୀଅରବିନ୍ଦଙ୍କ ''Who'' କବିତାର ଗୋଟିଏ ପଦ :

'We will tell the whole world of
His ways and His cunning.
He has rapture of torture and passion and pain;
He delights in our sorrow and drives us to weeping,
Then lures with His joy and His beauty again.'

'ସକଳ ଜଗତେ କହିଦେବୁ ଆମେ ଯାଇ,
ତାଙ୍କ ଧାରା ଆଉ ତାଙ୍କରି ଚାତୁରୀ ଛଇ ।
ଦୁଃଖ, ଯନ୍ତ୍ରଣା, ଆବେଗ, ଆକୁଳତାରେ
ଲଭି ଥା'ନ୍ତି ସିଏ ଆନନ୍ଦର ପାରାବାରେ ।
ଆମରି ଦୁଃଖରେ ହୋଇଥା'ନ୍ତି ସିଏ ସୁଖୀ
ଆମରି ଆଖିରେ ଦିଅନ୍ତି ଲୋତକ ମାଖି ।
ପୁଣି ତାଙ୍କରି ହର୍ଷ ପୁଲକିତ ଶୋଭା ବଳେ,
ହରି ଥା'ନ୍ତି ଆମ ଅନ୍ତର ଅବହେଳେ ।'

# ଭକ୍ତି – ଶତ୍ରୁ ଭାବରେ

''ଆଚ୍ଛା ଚିନୁ ଭାଇ ତୁମେ କହୁଥିଲ ଭକ୍ତ ଭଗବାନଙ୍କ ସହିତ ତା'ର ସ୍ୱଭାବ ଅନୁଯାୟୀ ତା'ର ଇଚ୍ଛା ଅନୁସାରେ ଯେକୌଣସି ସଂପର୍କ ରଖିପାରେ । ଭାଇ, ବଂଧୁ, ସଖା, ସଖୀ, ପ୍ରଭୁ, ପିତା, ମାତା, ସ୍ୱାମୀ, ପୁତ୍ର, କନ୍ୟା ଇତ୍ୟାଦି ଯେପରି ସଂପର୍କ ତା'ର ଆନ୍ତର୍ପ୍ରକୃତି ସ୍ୱାଭାବିକ ଭାବେ ଚାହେଁ ସେପରି ସଂପର୍କ ସେ ରଖିପାରେ ଓ ଭଗବାନ୍ ମଧ୍ୟ ସେହିପରି ତା'ର ପ୍ରତ୍ୟୁତ୍ତର ଦେଇଥା'ନ୍ତି । ଆଚ୍ଛା ଭକ୍ତ କ'ଣ ଭଗବାନଙ୍କ ସହ ଶତ୍ରୁତାର ସଂପର୍କ ରଖିପାରେ, ଭଗବାନଙ୍କୁ ନିଜର ଶତ୍ରୁ ରୂପେ ବିବେଚନା କରି ତାଙ୍କର ଅନିଷ୍ଟ କରିବାକୁ ଚେଷ୍ଟା କରି ବି ତାଙ୍କର ଭକ୍ତ ହେଇପାରେ ? ଆଉ ଭଗବାନ୍ ବି ତା'ର ଶତ୍ରୁତାକୁ ଗ୍ରହଣ କରି ନେଇ ତାକୁ ଭକ୍ତର ସମ୍ମାନ ଦିଅନ୍ତି ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ସାଧାରଣ ଶତ୍ରୁତା ନୁହଁ, ଅତି ଭୟଙ୍କର ଶତ୍ରୁତା କରି ବି ଜଣେ ଭଗବାନଙ୍କର ଭକ୍ତ ହେଇପାରେ । ଭଗବାନ୍ ଯେମିତି ଅନନ୍ତ ତାଙ୍କ ସହ ଭକ୍ତର ସଂପର୍କ ସେମିତି ଅନନ୍ତ ହେଇପାରେ । ଅସୁମାରି, ସୀମାହୀନ ସେ ସଂପର୍କ । ଦୁନିଆର ସବୁ ସଂପର୍କ ତା' ଭିତରେ ଅନ୍ତର୍ଭୁକ୍ତ । ଖାଲି ନିଜର ଆତ୍ମା ତା'ର ଦ୍ରୁତ ବିକାଶ ଲାଗି କି ପ୍ରକାର ସଂପର୍କ ଚାହେଁ ତା'ରି ଉପରେ ସବୁକିଛି ନିର୍ଭର କରେ । ଯଦି ଭଗବାନଙ୍କ ସହ ଶତ୍ରୁତା କରିବା ଫଳରେ ତାଙ୍କୁ ଶୀଘ୍ର ଲାଭ କରିହୁଏ ଓ ତାଙ୍କ ସହ ମିଳନ ଶୀଘ୍ର ଘଟିପାରେ ତେବେ ନିଜର ଆତ୍ମା ସେଇ ଶତ୍ରୁତାର ପଥ ଅବଲମ୍ବନ କରିନିଏ ଓ ଭଗବାନଙ୍କର ଘୋର ଶତ୍ରୁରେ ପରିଣତ ହୁଏ । ଭଗବାନ୍ ବି ତା'ର ଶତ୍ରୁତାକୁ ଗ୍ରହଣ କରିନେଇ ନିଜେ ଶତ୍ରୁ ରୂପରେ ତା' ପାଇଁ ଅବତୀର୍ଣ୍ଣ ହୁଅନ୍ତି । ଶ୍ରୀଅରବିନ୍ଦ ତାଙ୍କ 'Synthesis of

Yoga' ପୁସ୍ତକରେ ତ କହିଚନ୍ତି : 'Even he may come to us at first as an enemy, with the wrath of love, and our earliest relations with him may be those of battle and struggle.' 'ଏପରିକି ସେ (ପରମ ପ୍ରେମାସ୍ପଦ) ପ୍ରଥମେ ଏକ ଶତ୍ରୁରୂପେ, ପ୍ରେମଜନିତ କ୍ରୋଧର ସହ ଆମ ପାଖକୁ ଆସିପାରନ୍ତି । ତାଙ୍କ ସହ ଆମର ସର୍ବପ୍ରଥମ ସଂପର୍କଗୁଡ଼ିକ ଯୁଦ୍ଧ ଓ ସଂଗ୍ରାମର ସଂପର୍କ ହୋଇପାରେ ।'

''କୁହ ସେମିତି ଗୋଟାଏ କଥା, ଯିଏ ଶତ୍ରୁତା କରି ବି ଭଗବାନଙ୍କ ଭକ୍ତ ରୂପେ ଗଣା ହେଇପାରିଛି ? ଭଗବାନ୍ ତା'ର ଶତ୍ରୁତାକୁ ଗ୍ରହଣ କରି ତାକୁ ଭକ୍ତରୂପେ ଭଲ ପାଇଚନ୍ତି ।'' କହିଲା ଅନୁରକ୍ତା ତା' ଭାଇକୁ ଅତି ଅନୁନୟ ଭରା ସ୍ୱରରେ ।

''ପାଖରେ ନଈଟିଏ । ବେଶୀ ପାଣି ନାଇଁ । ବୋଧହୁଏ ଖରାଦିନ । ଯେତିକି ପାଣି ଅଛି ସେତକ ସ୍ୱଚ୍ଛ, ନିର୍ମଳ । ନଈର ସେଇ କଳା ଘୁମର ପାଣି ଚିକ୍‌କଣ କଳା ବେଣୀଟିଏ ପରି ସର୍ପିଳ ଗତିରେ ବହି ଯାଉଚି । ଉପରେ ଫାଙ୍କା ନିର୍ମଳ ଆକାଶ । ସମ୍ମୁଖରେ ସୀମାହୀନ ଦିଗନ୍ତ । ପ୍ରକୃତିର ଏଇ ସୌନ୍ଦର୍ଯ୍ୟ ଆଉ ବିଶାଳତା ଭିତରେ ଅନୁହ୍ରାଦ କିନ୍ତୁ ଅନ୍ୟମନସ୍କ, ଅସ୍ଥିର, ଅବସାଦଗ୍ରସ୍ତ । ଶୂନ୍ୟ ଆକାଶଟାକୁ ଚାହିଁ ପଦଚାରଣ କରୁଚି । ମନକୁ ମନ କହୁଚି – ତେବେ ଏ ଜୀବନରେ କ'ଣ ତା'ର ଦେଖାପାଇବି ନାଇଁ । ସବୁ ଆଶା କ'ଣ ମୋର ବିଫଳ ହେଇଯିବ ? ସବୁ ଉଦ୍ୟମ ମୋର ପଣ୍ଡ ହେଇଯିବ ? ଗୁରୁ ଶୁକ୍ରାଚାର୍ଯ୍ୟଙ୍କ କଥା କ'ଣ ମିଛ ହବ ? ସିଏ କହନ୍ତି, 'କାହାରି ଆନ୍ତରିକ ଉଦ୍ୟମ କେବେ ବ୍ୟର୍ଥ ହୁଏ ନାଇଁ । ସବୁ ଉଦ୍ୟମର ଉପଯୁକ୍ତ ଫଳ ଉପଯୁକ୍ତ ସମୟରେ ମିଳିଥାଏ ।' ତେବେ ମୋର କ'ଣ ସେ ଉପଯୁକ୍ତ ସମୟ ଆସି ନାଇଁ ? ଆଉ କେବେ ଆସିବ ? ଆସି ବୁଢ଼ା ହେଲିଣି । ଦାନ୍ତସବୁ ଅନେକ ପଡ଼ିଗଲାଣି । ଆଉ କ'ଣ ମଲା ପରେ ସେ ସମୟ ଆସିବ ?

''ହୋ ହୋ ହେଇ ହସି ଉଠିଲା ଅନୁହ୍ରାଦ । 'ହଁ, ମଲାପରେ ବି ଅନୁହ୍ରାଦ ଛାଡ଼ିବ ନାଇଁ ତା'ର ପିତୃହନ୍ତାର ପ୍ରତିଶୋଧ ନବାକୁ । ମରି ସେ ପୁଣି

ଜନ୍ମନେବ । ପୁଣି ତା'ର ପିତୃହନ୍ତାର ପଶ୍ଚାତରେ ଧାଇଁବ । ଯେଉଁ ଉଦ୍ଦେଶ୍ୟ ନେଇ ତା'ର ଜନ୍ମ ସେ ଉଦ୍ଦେଶ୍ୟ ନିଶ୍ଚୟ ଦିନେ, ଜନ୍ମଜନ୍ମାନ୍ତରରେ ବି ସଫଳ ହେବ । ଅନୁହ୍ରାଦର ସଂପର୍କ ଅଟଳ । କେହି ତାକୁ ଏଥିରୁ ବିଚ୍ୟୁତ କରିପାରିବ ନାଇଁ । ହାଃ, ହାଃ, ହାଃ !' ବିକଟ ଅଟ୍ଟହାସ୍ୟ କରିଉଠିଲା ଅନୁହ୍ରାଦ ।''

''କିଏ ସେଇ ଅନୁହ୍ରାଦ ? କାହାକୁ ସେ ଖୋଜୁଚି ପ୍ରତିଶୋଧ ନବ ବୋଲି ?'' ପଚାରିଲା ଉତ୍କଣ୍ଠିତା ଅନୁରକ୍ତା ।

''ତୁ ପ୍ରହ୍ଲାଦକୁ ଜାଣୁ ?''

''ହଁ, ସେଇ ରାକ୍ଷସ ରାଜା ହିରଣ୍ୟକଶିପୁଙ୍କ ପୁଅ ତ ? ସେଇ ଭକ୍ତ ପ୍ରହ୍ଲାଦ, ଯାହାଙ୍କ ଡାକରେ ପ୍ରଭୁ ନରସିଂହ ରୂପ ଧରି ତା'ର ବାପାକୁ ଜଙ୍ଘରେ ପକେଇ ନଖରେ ଚିରି ମାରି ଦେଇଥିଲେ ?''

''ହଁ, ହଁ, ସେଇ ପ୍ରହ୍ଲାଦ । ଅନୁହ୍ରାଦ ହଉଚି ତାଙ୍କରି ବଡ଼ଭାଇ । ଭୟଙ୍କର ରାକ୍ଷସ । ତା' ବାପାକୁ ମାରିଥିବା ଭଗବାନଙ୍କୁ ସେ ସେଇ ପିଲାଟି ଦିନରୁ ଖୋଜୁଚି । ତାଙ୍କୁ ପାଇଲେ ସେ ତା'ର ପିତୃହତ୍ୟାର ପ୍ରତିଶୋଧ ନବ ବୋଲି ସଂକଳ୍ପ କରିଚି । କିଏ ଭଗବାନଙ୍କୁ ପୂଜା ଅର୍ଚ୍ଚନା ଲାଗି, ନିଜର ସବୁକିଛି ଦେଇ ଦେବା ଲାଗି ଖୋଜୁଚି ତ କିଏ ତାଙ୍କୁ ହତ୍ୟା କରିବା ଲାଗି, ତାଙ୍କ ଉପରେ ପ୍ରତିଶୋଧ ନବା ଲାଗି ଖୋଜୁଚି । କିନ୍ତୁ ଉଭୟ କ୍ଷେତ୍ରରେ ଖୋଜା ଚାଲିଚି ।''

''ହଉ, ସେଇଠୁ କ'ଣ ହେଲା କୁହ । ଅନୁହ୍ରାଦ କ'ଣ କଲା ?'' କାହାଣୀ ଶୁଣିବ ବୋଲି ବ୍ୟସ୍ତ ହେଇପଡ଼ିଲା ଅନୁରକ୍ତା ।

''କ୍ରୋଧରେ ଦାନ୍ତ କଡ଼ମଡ଼ କରି ଏକ ବିକଟ ଅଟ୍ଟହାସ୍ୟ କରିବା ପରେ ପୁଣି ଭାଙ୍ଗି ପଡ଼ିଲା ଅନୁହ୍ରାଦ । ମନେ ପଡ଼ିଲା ତା'ର ବାପାର କଥା । ମନେ ପଡ଼ିଲା ତା'ର ଏତେଦିନ ଧରି ଶତ୍ରୁ ଉପରେ ପ୍ରତିଶୋଧ ନ ନେଇ ପରିବାର ବ୍ୟର୍ଥତାର କଥା । ଆକାଶ ଆଡ଼କୁ ଚାହିଁ ଆଖି ଦୁଇଟି ଲୁହ ଛଳ ଛଳ ହୋଇଉଠିଲା ତା'ର । ହାତ ଯୋଡ଼ି କହିଲା, 'ପିତା ମୋର, ମତେ କ୍ଷମା କରନ୍ତୁ । ମୁଁ ଆପଣଙ୍କର ଗୋଟାଏ ଅତି ଅଧମ ସନ୍ତାନ । ଆପଣଙ୍କ ଇଚ୍ଛାକୁ

ପୂର୍ଣ୍ଣ କରିବା ଲାଗି ମୁଁ ପ୍ରହ୍ଲାଦ ପୁତ୍ର ବିରୋଚନର ପୁଅ ଯେ କି ମୋର ନାତି ହବ ତାକୁ ସିଂହାସନରେ ବସାଇଲି । ସେ ପ୍ରତିଶ୍ରୁତି ଦେଇଥିଲା ଆପଣଙ୍କ ଇଚ୍ଛା ପୂର୍ଣ୍ଣ କରିବ । ସ୍ୱର୍ଗ ଆକ୍ରମଣ କରି ଦେବତାମାନଙ୍କ ରାଜ୍ୟ ସେମାନଙ୍କଠାରୁ ଛଡ଼େଇ ଆଣିବ । ସେଠି ଅସୁରମାନଙ୍କ ରାଜତ୍ୱ ସ୍ଥାପନ କରିବ । ଖାଲି ସ୍ୱର୍ଗ ନୁହେଁ ବୈକୁଣ୍ଠ ଆକ୍ରମଣ କରି ସବୁକିଛି ସେଠାରୁ ଅପହରଣ କରିବ । ସେ ତା' ପ୍ରତିଶ୍ରୁତି ଅକ୍ଷରେ ଅକ୍ଷରେ ପାଳନ କରିଚି । କିନ୍ତୁ ମୁଁ ପାଇପାରିଲି ନାଇଁ ତୁମ ହତ୍ୟାକାରୀ ସେଇ ପାଷଣ୍ଡ ଭଗବାନକୁ । ତାକୁ ଖୋଜି ଖୋଜି ବୁଲୁଚି । ହେଲେ ଆସି ବୁଢ଼ା ହେଲିଣି । ଆଉ କେତେ ଦିନ ବା ବଂଚିବି ! କିନ୍ତୁ ଯାହା ବି ହେଉ ପିତା, ଆପଣ ଭାବନ୍ତୁ ନାଇଁ ମୁଁ ମୋର ସଂକଳ୍ପ ତ୍ୟାଗ କରିଚି । ମୋ ହୃଦୟରେ ପ୍ରତିଶୋଧର ବହ୍ନି ଦାଉଦାଉ ହୋଇ ଜଳୁଚି । ନିଶ୍ଚେ ଦିନେ ତାକୁ ପାଇବି । ପାଇଲେ ନା ସେ ଆପଣଙ୍କୁ ଯେମିତି ମାରିଥିଲା, ତାକୁ ସେମିତି ମାରିବି । ତା' ଅନ୍ତବୁଜୁଳା ବାହାର କରି ହାର କରି ପିନ୍ଧିବି ।''

''ଏତିକିବେଳେ କାହାର ଗୋଟାଏ ପଦଶବ୍ଦ ଶୁଣି ସେ ସ୍ୱର୍ଗଆଡୁ ମୁହଁ ଫେରାଇ ତଳକୁ ଚାହିଁଲା । 'କିନ୍ତୁ କାଇଁ' କେହି ତ ନାହାନ୍ତି ? ତେବେ କ'ଣ ମୁଁ ଭୁଲ୍ ଶୁଣିଲି ? ହଁ, ଭୁଲ୍ ଶୁଣିଲି ନାଇଁ ତ ଆଉ କ'ଣ ! ଯଦି ଠିକ୍ ଶୁଣି ଥାଆନ୍ତି କାହାକୁ ତ ଦେଖୁଥାଆନ୍ତି । ଏଠି ତ ଆଉ ଗଛ, ବୁଦା କୋଉଠି ନାଇଁ ଯେ ସେ କୁଆଡ଼େ ଲୁଚି ଯିବ । ହଁ, ଯଦି ସତରେ କେହି ଆସୁଥାଏ ତେବେ ମତେ ଦେଖି ଲୁଚି ଯିବା କିଛି ବିଚିତ୍ର ନୁହଁ । ମୋ ଆଗରେ ଚଢ଼େଇଟାଏ ବି ଉଡ଼ି ଯିବାକୁ ସାହସ କରେ ନାଇଁ । ଗୋଟିଏ ଗୋଟିଏ ମୁଷ୍ଟିର ଆଘାତରେ ସିଂହ, ବାଘ, ବାର୍‌ହା, ଭାଲୁ ପ୍ରଭୃତିଙ୍କ ମୁଣ୍ଡ ଛତୁ କରିଦେଇଚି । ଗୋଟା ଗୋଟା ହାତୀଙ୍କୁ ଧରି ଟେକା ଭଳି ଫିଙ୍ଗି ଦେଇଚି । ସ୍ୱର୍ଗ ଅଧିକାର ସମୟରେ ମୁଁ ଥିଲି ଅସୁର ସୈନ୍ୟଙ୍କ ସମ୍ମୁଖ ଭାଗରେ । ମତେ ଦେଖି ସ୍ୱୟଂ ଯମ କୁଆଡ଼େ ପଳେଇବ ବୋଲି ବାଟ ପାଇଲା ନାଇଁ । ଆଉ ଯୁଦ୍ଧ କରିବ କ'ଣ ! ସେମିତି କିଏ ବୋଧେ ଆସୁଥିଲା, ମତେ ଦେଖି ଲୁଚି ଯାଇଚି ।'

''ପୁଣି କିଛି ସମୟ ଏଣେ ତେଣେ ଚାହିଁଲା । ଏତିକିବେଳେ ଖାଲି

ବେଦମନ୍ତ୍ରର ଧ୍ୱନି ତା' କାନରେ ପଡ଼ିଲା । ଭାବିଲା ରାଜା ବଳିର ବୋଧେ ଏ ପର୍ଯ୍ୟନ୍ତ ଯଜ୍ଞ ଶେଷ ହେଇ ନାହିଁ । ସେଇ ଯଜ୍ଞ ମଣ୍ଡପ ଆଡୁ ଏ ବେଦମନ୍ତ୍ର ବୋଧେ ଭାସି ଆସୁଚି । ଏତିକିବେଳେ ଗୋଟିଏ ମଣିଷ ସ୍ୱର ସେ ଶୁଣିପାରିଲା । ସ୍ୱରଟି ତାକୁ ଅନୁରୋଧ ଭଙ୍ଗିରେ କହୁଚି, 'ଆଜ୍ଞା, ମତେ ଟିକିଏ ଏ ନଈଟା ପାରି କରେଇ ଦେଇ ଯଜ୍ଞ ମଣ୍ଡପରେ ପହଞ୍ଚେଇ ଦିଅନ୍ତ ନାହିଁ ?'

''ଅନ୍ୟମନସ୍କଭାବେ ଉପରକୁ ଚାହିଁ ଅନୁହ୍ରାଦ କହିଲା, 'ରାଜାଙ୍କ ଲୋକ କାହାକୁ କହ, ସିଏ ତତେ ନଈ ପାର କରେଇ ଦେଇ ଯଜ୍ଞ ମଣ୍ଡପକୁ ନେଇଯିବ । ନଈରେ ଆଣ୍ଠିଏ ପାଣି ହବ ନାହିଁ, ଆଉ ଯଜ୍ଞମଣ୍ଡପ ପୁଣି ଏଇ ଅତି ପାଖରେ । ସେଥିରେ ତତେ ଜଣକର ସାହାଯ୍ୟ କ'ଣ ଦରକାର ପହଞ୍ଚିବାକୁ ?'

''ଲୋକଟି ବିନମ୍ର ସ୍ୱରରେ କହିଲା, 'ଆଜ୍ଞା, ଆପଣଙ୍କୁ ସିନା ଆଣ୍ଠିଏ ପାଣି; କିନ୍ତୁ ମୁଁ ତ ସେଥିରେ ବୁଡ଼ିଯିବି । ଆଉ ଆପଣ ଯାହାକୁ କହୁଚନ୍ତି ଅତି ନିକଟରେ ସେଠିତ ପହଞ୍ଚିବାକୁ ମତେ ଓଳିଏ ଲାଗିବ । ରାଜାଙ୍କ ଲୋକଙ୍କୁ କହିବାକୁ କହୁଚନ୍ତି ଯେ ଆପଣ କ'ଣ ନିଜେ ରାଜାଙ୍କ ଲୋକ ନୁହନ୍ତି । ଆପଣଙ୍କଠାରୁ ବଳି ଆଉ ରାଜାଙ୍କ ଲୋକ କିଏ ଅଛି ?'

''ଏଥର ଅନୁହ୍ରାଦ ଅନ୍ୟମନସ୍କତା ତ୍ୟାଗ କରି ଲୋକଟି ଆଡ଼େ ଚାହିଁଲା । ଦେଖିଲା ସିଏ ଏକ ବାମନ ବାଳକ । କହିଲା, 'ଓ, ତୁମେ ବାମନ ହୋଇ ଥିବାରୁ ଏପରି ସାହାଯ୍ୟ ଚାହୁଁଚ ନା ?' ବାଳକ କହିଲା, 'ହଁ ଆଜ୍ଞା, ମୋ ପ୍ରତି ଟିକିଏ ଦୟା କରନ୍ତୁ । ଏଥିରେ ଆପଣଙ୍କର ଧର୍ମ ହବ ।'

'ଏଁ, ଧର୍ମ ! ସିଏ ପୁଣି କ'ଣ ? ଯାହାକୁ ଆଚରଣ କରି ମଣିଷ ଉଦ୍ଧାର ପାଏ ? ତେବେ ମୁଁ କିପରି ତାକୁ ଆଚରଣ କରି ଉଦ୍ଧାର ପାଇବି ?' କହିଲା ଅନୁହ୍ରାଦ । 'ଆଚ୍ଛା, ଧର୍ମ କଥା ଛାଡ଼ନ୍ତୁ । ଆପଣ କର୍ମ ଫଳରେ ବିଶ୍ୱାସ କରନ୍ତି ତ ? ଯିଏ ଯେପରି କର୍ମ କରିବ ସିଏ ସେପରି ଫଳ ପାଇବ ।' ବାମନ ବାଳକ କହିଲା ।

'ହଁ, ହଁ, ସେକଥା ମୁଁ ଜାଣେ । ଗୁରୁ ଶୁକ୍ରାଚାର୍ଯ୍ୟ କହିଚନ୍ତି – ଯଦି

ବଞ୍ଚି ରହିବାକୁ ଚାହଁ, ତେବେ କଠିନ ପରିଶ୍ରମ କର । ବୃଥାରେ ଇନ୍ଦ୍ରକୁ ସନ୍ତୁଷ୍ଟ କରିବା ପାଇଁ ନିଆଁରେ ଘିଅ ନ ଢାଳି, ନଈରେ ପାଣିକୁ ବନ୍ଧେଇ ତା'ର ଉଛୁଳା ପାଣି ଜମିରେ ମଡ଼େଇ ଫସଲ କର । କାହାକୁ ଠକ ନାଇଁ, କି କାହାପାଖରୁ ଦାନ ଆଣିବାକୁ ହାତ ପତାଅ ନାଇଁ ।'

'ଆପଣଙ୍କ ଗୁରୁ ଶୁକ୍ରାଚାର୍ଯ୍ୟ ଠିକ୍ କହିଚନ୍ତି । ଆପଣ ମତେ ଦୟାକରି ଏ ନଈଟି ପାର କରେଇ ଦେଲେ ଭଗବାନ୍ ଆପଣଙ୍କ ଉପରେ ଦୟାକରି ଆପଣଙ୍କୁ ଏ ମୋହମାୟା ପୂର୍ଣ୍ଣ ସଂସାର ନଈଟିକୁ ପାର କରେଇ ଦେବେ ।' ଅନୁରୋଧ ଭଙ୍ଗିରେ କହିଲା ବାମନ ବାଳକ ।

'କ'ଣ କହିଲୁ ? ଭଗବାନ୍ ! ସେ ପୁଣି କିଏ ? ଆମ ଅସୁର କୁଳର ଶତ୍ରୁ ଯୋଉ ଧୂର୍ତ୍ତ ବିଷ୍ଣୁ ତାହାରି କଥା କହୁ ନାଉଁ ତ ?

'ନାଇଁ ଆଜ୍ଞା, ସେ ଭଗବାନ୍ କଥା ନାଇଁ । ମୁଁ କହୁଚି ସେଇ ଯୋଉ ଅଦୃଷ୍ଟ ମହାଶକ୍ତି ସମସ୍ତଙ୍କର କଲ୍ୟାଣ କରନ୍ତି । ମୁଁ ଦେଖୁଚି ଆପଣ ବିଷ୍ଣୁଙ୍କ ଲାଗି ଏକଦମ୍ ପାଗଳ ହେଇ ଗଲେଣି ।' ବାଳକଟି ଟିକିଏ ହସି କହିଲା ।

'ହଁ, ହଁ, ତୁ ଠିକ୍ କହିଚୁ । ମୁଁ ପାଗଳ ହେଇଗଲିଣି । ଆଚ୍ଛା କହିପାରିବୁ ସେଇ ବିଷ୍ଣୁକୁ ମୁଁ କ'ଣ ପାଇପାରିବି ? ତାକୁ ଜୀବନଯାକ ଖୋଜି ଖୋଜି ଆସି ବୁଢ଼ାହେଲିଣି । ସତେ କ'ଣ ତାକୁ ଏ ଜୀବନରେ ପାଇପାରିବି ? ଥରେ ପାଇଲେ ନା ଏକାଥରେ ତାକୁ ଖତମ କରିଦେବି ।' ଦାନ୍ତ କଡ଼ମଡ଼ କରି କହିଲା ଅନୁହ୍ରାଦ ।

'ଆଜ୍ଞା, ଆପଣ ଯାହା ଲାଗି ଜୀବନଯାକ ପାଗଳ ହେଲେଣି,ତାକୁ ଆପଣ ପାଇବେ ନାଇଁ ତ ଆଉ କିଏ ପାଇବ ? ମୋର ମନେ ହଉଚି ଆପଣ ତାକୁ ଖୁବ୍ ନିକଟରେ ଆଉ ଅଳ୍ପ ସମୟ ପରେ ପାଇବେ ।'

''ବାମନ ବାଳକର ଏ ଆଶ୍ୱାସନା ବାଣୀ ଶୁଣି ଅନୁହ୍ରାଦ ମୁହଁରେ ଖେଳିଗଲା ସ୍ୱଷ୍ଟ ଆନନ୍ଦର ଚିହ୍ନ । ସେ ବୁଡ଼ିଗଲା ଲୋକ ଟିକିଏ ଆଶ୍ରା ପାଇଗଲା ଭଳି କହିଲା, 'ଆଚ୍ଛା ବାଳକ, ତୁ ଠିକ୍ କହୁଚୁ ? ଆଜି ତାକୁ ମୁଁ ପାଇବି ?' 'ଠିକ୍ କହୁଚି ଆଜ୍ଞା । ଆଜି କାଇଁକି, ଏଇ ଅଳ୍ପସମୟ ପରେ ଆପଣ ତାଙ୍କୁ ପାଇବେ ।'

''ଅନୁହ୍ରାଦ ଆନନ୍ଦରେ ଅଧୀର ହୋଇପଡ଼ିଲା । ସେଇ ଆନନ୍ଦର ଆତିଶଯ୍ୟ ତା' ନିଷ୍ଠୁର ରାକ୍ଷସ ହୃଦୟକୁ ଟିକିଏ କୋମଳ କରିଦେଲା । ସେ ଭୁଲିଗଲା ନିଜକୁ । ଦୁଇ ହାତ ପ୍ରସାରି ଡାକିଲା ବାଳକକୁ । କହିଲା, 'ଏଥର ଆ । ମୁଁ ତତେ କାନ୍ଧରେ ବସେଇ ନଇ ପାର କରିଦେବି । ତୋ ମୁହଁଟି ବି ମତେ କାଇଁକି ବହୁତ ସୁନ୍ଦର ଦେଖାଯାଉଚି । ମୁଁ କାଇଁକି ଆଉ ମୋ ଭିତରେ କିଛି ଆପତ୍ତି ଅନୁଭବ କରୁ ନାଇଁ ।'

''ବାମନ ବାଳକଟି ଆଉ କ'ଣ କହିବାକୁ ଚାହୁଁଥିଲା, କିନ୍ତୁ ଅନୁହ୍ରାଦ ତାକୁ କିଛି କୁହାଇ ଦେଲା ନାଇଁ । କହିଲା, 'ବାଳକ ମୁଁ କିଏ ଜାଣୁ ? ଅସୁର କୁଳର ଧୂମକେତୁ ହିରଣ୍ୟକଶିପୁର ପୁଅ ଅନୁହ୍ରାଦ । ମୋ ହୃଦୟରେ କେବେ ବି ଦୟାମାୟା ଦେଖାଦେଇ ନ ଥିଲା । ନିର୍ମମ, ରୁକ୍ଷ, କଠୋର, ପାଷାଣ ହୃଦୟରେ ଏଇ ପ୍ରଥମଥର ଲାଗି ଦୟାର ଉଦ୍ରେକ ହେଲା । ତୁ ବହୁତ ଭାଗ୍ୟବାନ୍ ଯେ ସେଇ ଦୟାର ପାତ୍ର ହେଇ ରାକ୍ଷସରାଜ ହିରଣ୍ୟକଶିପୁ ପୁତ୍ର ପ୍ରବଳପ୍ରତାପୀ ଅନୁହ୍ରାଦର କାନ୍ଧରେ ବସିବାକୁ ଯାଉଚୁ । ସେଥିରେ ପୁଣି ଆଉ ବେଶୀ କଥାବାର୍ତ୍ତା କରି ମୋ ମନରେ ଗୋଳମାଳ ସୃଷ୍ଟି କରନା ।''

''ବାମନ ବାଳକ ନୀରବ ହେଇଗଲା । ଅନୁହ୍ରାଦ ତାକୁ ସୋଲଟିଏ ଭଳି ଟେକିନେଇ କାନ୍ଧରେ ବସାଇଲା । ନଇରେ ବେଶୀ ପାଣି ନ ଥାଏ । ଚାଖଣ୍ଡେ ଖଣ୍ଡେ ହବ ମାତ୍ର ପାଣି ଥାଏ । କିନ୍ତୁ ଏ କ'ଣ ହେଲା ! ଅନୁହ୍ରାଦ ସେ ପାଣିରେ ଗୋଡ଼ ଦେବା ମାତ୍ରେ ପାଣି ଫୁଲି ଉଠିଲା । ଚାଖଣ୍ଡେ ପରିମିତ ଜଳ ଫୁଲି ଫୁଲି ତା'ର ବିଶାଳ ଆଣ୍ଠୁ ସ୍ପର୍ଶ କଲା । ଆଣ୍ଠୁରୁ ଧୀରେ ଧୀରେ ବଢ଼ିଚାଲିଲା ଅଣ୍ଟା ଆଡ଼କୁ । ଏ କ'ଣ ? ପାଣି ହଠାତ୍ ଏପରି ଫୁଲି ଉଠୁଚି କାଇଁକି ? କହୁ କହୁ ପାଣି ଅଣ୍ଟା ପାଖରେ ପହଞ୍ଚିଗଲା । ହସି ଉଠିଲା ଅନୁହ୍ରାଦ । ପାଣି ତେବେ ତା' ସାଙ୍ଗରେ କ'ଣ ଖେଳୁଚି । ବଢ଼ାଇଦେଲା ସେ ନିଜର କାୟା । କିନ୍ତୁ ପାଣି ଆହୁରି ଫୁଲି ଉଠିଲା । ପୁଣି ଅନୁହ୍ରାଦ ନିଜ ଶରୀରକୁ ବଢ଼ାଇ ଦେଲା । ପୁଣି ପାଣି ହୁ ହୁ ହେଇ ଫୁଲି ଉଠିଲା । ଅନୁହ୍ରାଦ ବିସ୍ମୟ ବିମୂଢ଼ ହେଇଗଲା । ଏଥର ସେ ଆଉ ତା'ର ଶରୀରକୁ ବଢ଼ାଇଲା ନାଇଁ ।

ଭାବିଲା, ଦେଖିବା କ'ଣ ହଉଚି ? ପାଣି ତାକୁ ସଂପୂର୍ଣ୍ଣ ବୁଡ଼ାଇ ଦଉଚି କି କ'ଣ କରୁଚି ।

''କିନ୍ତୁ ଆଶ୍ଚର୍ଯ୍ୟ ! ପାଣି ଫୁଲି ଫୁଲି ତା' ଛାତି ପର୍ଯ୍ୟନ୍ତ ଆସିଲା । ବାମନ ପିଲାଟିର କୁନି କୁନି ପାଦ ଦୁଇଟିକୁ ବୁଡ଼େଇ ଦେଇ ପୁଣି କମିଗଲା । କମି କମି ପୁଣି ସେଇ ଚାଖଣ୍ଡେ ପରିମାପରେ ରହିଲା । ଅନୁହ୍ରାଦ ଦେଖିଲା ପାଣି ଫୁଲୁଥିଲା କେବଳ ବାମନ ପିଲାଟିର ପାଦ ଦୁଇଟିକୁ ଧୋଇ ଦେବା ଲାଗି । ସନ୍ଦେହ ଆଉ ବିସ୍ମୟରେ ଅନୁହ୍ରାଦ ଚାହିଁ ରହିଲା ସେଇ ପାଦ ଦୁଇଟିକୁ । ଯେତେଯେତେ ଚାହିଁଲା, ସେତେସେତେ ଯେପରି ତା' ଭିତରଟା ଖୋଲିଗଲା । ସୀମିତ ସଂକୀର୍ଣ୍ଣତାରେ ଆବଦ୍ଧ ହୃଦୟ ବ୍ୟାପ୍ତ, ପ୍ରସାରିତ ହେଇ ଉଠିଲା । ଖାଲି ସେତିକି ହେଲା ନାଇଁ, ଧୀରେ ଧୀରେ ବାମନ ବାଳକଟିର ଓଜନ ବଢ଼ିବାକୁ ଲାଗିଲା । ଏତେ ଭାରୀ ହୋଇଗଲା ଯେ ଅନୁହ୍ରାଦ ପରି ରାକ୍ଷସବୀର ପକ୍ଷରେ ତାକୁ ସମ୍ଭାଳିବା ଆଉ ସମ୍ଭବ ହେଇପାରିଲା ନାଇଁ । ସନ୍ଦେହ ଆଉ ରାଗରେ ବାଳକକୁ ନଇ ବାଲି ଉପରେ କଚାଡ଼ିଦେଲା ଅନୁହ୍ରାଦ । ନରମ ବାଲି ଉପରେ ଅବଶ୍ୟ ପିଲାଟାର କିଛି କ୍ଷତି ହେଲା ନାଇଁ । କଠିନ ମାଟି ହେଇଥିଲେ ଗୋଡ଼ ହାତ ଭାଙ୍ଗି ଯାଇଥା'ନ୍ତା ।

''ଝାଡ଼ିଝୁଡ଼ି ହେଇ ବାମନ ପିଲାଟି ଯେମିତି ଉଠିଲା ରୁକ୍ଷ କର୍କଶ ଗଳାରେ ଅନୁହ୍ରାଦ ତାକୁ ପଚାରିଲା, 'କହ, ତୁ କିଏ ?' ବାମନ ବାଳକଟି ବିନମ୍ର ସ୍ୱରରେ କହିଲା, 'ଆଜ୍ଞା, ଦେଖୁଚନ୍ତି ତ ବାମନ ପିଲାଟାଏ । ଆଉ କିଏ ବୋଲି କ'ଣ ପଚାରୁଚନ୍ତି ?'

'କ'ଣ କହିଲୁ ? ତୁ ଖାଲି ବାମନ ପିଲାଟାଏ ? ଛଳନା କରନା । ସତ କଥା କହ ।'

'ନାଇଁ ଆଜ୍ଞା, ମୁଁ ଛଳନା କରୁ ନାଇଁ । କଶ୍ୟପଙ୍କ ଔରସରୁ ଜାତ ବାମନଟିଏ ମୁଁ ।'

'ତୁ କଶ୍ୟପଙ୍କ ପୁତ୍ର ? କିନ୍ତୁ କଶ୍ୟପଙ୍କ ଔରସରେ ଅଦିତିଙ୍କ ଗର୍ଭରୁ ଜାତ ସମସ୍ତ ସନ୍ତାନଙ୍କୁ ମୁଁ ରଣକ୍ଷେତ୍ରରେ ଦେଖିଚି । ଗୋଟା ଗୋଟା ଧରି

ସେମାନଙ୍କୁ ଟେକା ଭଳି ଶୂନ୍ୟକୁ ଫିଙ୍ଗି ଦେଇଚି । କିନ୍ତୁ ତୋ ଭଳି ଏତେ ଶକ୍ତି ତ ସେମାନଙ୍କ ଭିତରେ ଦେଖି ନାଇଁ, ତୁ ଏତେ ଓଜନ ଲାଗୁଚୁ ଯେ ମୋ ଭଳି ବିରାଟକାୟ ଦାନବବୀର ତା'ର ସମସ୍ତ ଶକ୍ତି ଖଟେଇ ତତେ କାନ୍ଧରେ ସମ୍ଭାଳି ପାରୁ ନାଇଁ !'

'ଆପଣ ଭୁଲ୍ କହୁଚନ୍ତି ଆଜ୍ଞା । ମୋ ଭଳି ନିର୍ଜୀବ ବାମନ ପିଲାଟା ଏତେ ଓଜନ ଯେ ଆପଣଙ୍କ ଭଳି ବୀର ପୁରୁଷ ଟେକି ପାରୁ ନାହାନ୍ତି ? ମୋ ଦିହରେ କିବା ଓଜନ ! ଆଉ ଏ ଦିହରେ କ'ଣ ବା ଅଛି !'

'କ'ଣ କହିଲୁ ? ତୋ ଦିହରେ କିଛି ନାଇଁ । କିଛି ନାଇଁ ତ ଚାଖଣ୍ଡେ ଉଚ୍ଚ ନଈ ପାଣି ଫୁଲିଉଠି ତୋ ଗୋଡ଼ ଦିଇଟା ଧୋଇ ଦେଲା କେମିତି ?'

'ନାଇଁ ଆଜ୍ଞା, ଏ ଛାର ବାମନଟାର ଗୋଡ଼ ଧୋଇବାକୁ ନଈର ପାଣି ଫୁଲି ଉଠିପାରେ ? ଏ ଗୋଡ଼ ଦି'ଟାରେ ଏମିତି କ'ଣ ଅଛି ଯେ !'

'ପୁଣି ମିଛ କହୁଚୁ ! ତୋ ଗୋଡ଼ ଦି'ଟାରେ କିଛି ନାଇଁ ? ତୋ ଗୋଡ଼ ଦି'ଟାରେ କ'ଣ ଅଛି, କେହି ନ ଜାଣିଲେ ବି ମୁଁ ଦେଖିଚି । ମୁଁ ଦେଖିଚି ତୋ ପାଦରେ ଧ୍ୱଜ ବଜ୍ରାଙ୍କୁଶର ଚିହ୍ନ । ମୁଁ ଜାଣେ ତୁ କିଏ । ଗୁରୁ ଶୁକ୍ର ବି ତତେ ଚିହ୍ନିପାରିବେ ତୁ କିଏ । ଗୋଟିଏ ପିତାର ଔରସରୁ ଦିତି ଓ ଅଦିତିଙ୍କ ଗର୍ଭରୁ ଜାତ ଅସୁର ଓ ଦେବତାମାନଙ୍କ ମଧ୍ୟରେ ତୁ ଦେବତାମାନଙ୍କ ପକ୍ଷ ଗ୍ରହଣ କରି ସେମାନଙ୍କୁ ତୋ ଚକ୍ରରେ ଉହାଡ଼ କରି ଅସୁରଙ୍କୁ ସେଇ ଚକ୍ରରେ ଛେଦନ କରିନୁ କି ? ଆଜି ଯେତେବେଳେ ଜାଣି ପାରୁଚୁ ଯେ ଇନ୍ଦ୍ରର ବଜ୍ର ଯେପରି ଆମ ଅସୁରଙ୍କ ଶକ୍ତି ପାଖରେ ହାର ମାନିଚି ସେମିତି ତୋର ଚକ୍ର ମଧ୍ୟ ପରାଜୟ ସ୍ୱୀକାର କରିବ, ସେଇଥି ଲାଗି ବାମନ ଭିକାରି ବେଶ ଧାରଣ କରି ଆସିଚୁ । ସତ କହ ତୁ କିଏ ?'

'ଆଜ୍ଞା, ଆପଣ ଯେତେବେଳେ ମୋ ପାଦର ଚିହ୍ନ ସବୁ ଦେଖି ସବୁକଥା ଜାଣି ପାରିଚନ୍ତି ବୋଲି କହୁଚନ୍ତି, ତେବେ ଆପଣ ଯାହା କହୁଚନ୍ତି ମୁଁ ସେଇଆ ହେଇଥାଇପାରେ !'

''ଶିକାରକୁ ହାତ ମୁଠାରେ ପାଇଲେ ଯେପରି ବ୍ୟକ୍ତି ଅନୁଭବ

କରେ ସେଇମିତି ଅନୁଭବ କଲା ଅନୁହ୍ରାଦ । ଗୋଟାଏ ପୈଶାଚିକ ହସ ହସି କହିଲା, 'ଯାହାକୁ ମୁଁ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁର ଖୋଜିଚି, ଯାହାକୁ ନ ପାଇ ଦିକ୍‌ପାଳମାନଙ୍କୁ ଧରି ଦଣ୍ଡ ଦେଇଚି ତୁ ସେଇ ନା ? ସେଇ ବିଷ୍ଣୁ ? ପିତା ! ତୁମେ ପ୍ରେତ ଲୋକରେ ଥାଇ ଦେଖ, ତୁମକୁ ଯିଏ ନଖରେ ବିଦୀର୍ଣ୍ଣ କରି ମାରିଥିଲା, ତାକୁ ମୁଁ କ'ଣ କରୁଚି ।'

'ତୁମେ ମୋର କ'ଣ କରିବ ? ତୁମେ ପ୍ରହ୍ଲାଦର ଜ୍ୟେଷ୍ଠ ଭାଇ । ପ୍ରହ୍ଲାଦର ଜ୍ୟେଷ୍ଠ ହେଇ ତୁମେ କ'ଣ ମତେ ମାରିପାରିବ ?' କହିଲେ ବାମନ ବାଳକ ।

'ପାରିବି ନାଇଁ ? ଅଲବତ୍ ପାରିବି । ତୁ କ'ଣ ମତେ ପ୍ରହ୍ଲାଦ ଭଳିଆ ପାଇଚୁକି ? ମୁଁ ତା'ରି ଭଳି ଭୀରୁ କାପୁରୁଷ ନୁହେଁ, ପିତାଙ୍କର ଯିଏ ବକ୍ଷ ବିଦୀର୍ଣ୍ଣ କରି ଅନ୍ତବୁଜୁଳା ବାହାର କରି ଗଳାରେ ହାର କରି ପିନ୍ଧେ ତାକୁ ହତ୍ୟା ନ କରି ଓଲଟି ସ୍ତବ ସ୍ତୁତି କରିବ । ଅନୁହ୍ରାଦ ପ୍ରହ୍ଲାଦ ନୁହେଁ । ତା' ହୃଦୟରେ ତୋ ପ୍ରତି ଟିକିଏ ବି ଦୟାମାୟା ନାଇଁ । ସେ ଆଜି ପୈଶାଚିକ ପ୍ରତିଶୋଧ ନବା ପାଇଁ ପ୍ରସ୍ତୁତ । କିନ୍ତୁ କି ଉପାୟରେ ପ୍ରତିଶୋଧ ନେବି ଠିକ୍ କରିପାରୁ ନାଇଁ ।' ଚିନ୍ତିତ ହେଇପଡ଼ିଲା ଅନୁହ୍ରାଦ ।

'ପ୍ରତିଶୋଧ ନବାକୁ ଉପାୟ ପାଉନା ? ଆଚ୍ଛା, ଗୋଟିଏ କାମ କରୁନା । ମହାରାଜ ବଳି ଯେଉଁ ବିରାଟ ଯଜ୍ଞ କରୁଚନ୍ତି ସେଇ ଯଜ୍ଞକୁଣ୍ଡରେ ଦାଉ ଦାଉ ହେଇ ଜଳୁଥିବା ନିଆଁ ଭିତରକୁ ମତେ ଫିଙ୍ଗି ଦଉନା । ଏକାଥରେ ପୋଡ଼ି ପାଉଁଶ ହେଇଯିବି ।

'ମୁଁ ଜାଣେ, ସେ ନିଆଁଭିତରକୁ ତତେ ଫୋପାଡ଼ିଲେ ତୁ ପୋଡ଼ିଯିବୁ କ'ଣ ଓଲଟି ସେ ନିଆଁ ଲିଭିଯିବ । ଗରମ ପରିବର୍ତ୍ତେ ସେଇ ଉତ୍ତପ୍ତ ଯଜ୍ଞକୁଣ୍ଡ ତତେ ଶୀତଳତା ପ୍ରଦାନ କରିବ ।' ନୈରାଶ୍ୟଭରା କଣ୍ଠରେ କହିଲା ଅନୁହ୍ରାଦ ।

'ତା'ହେଲେ ମତେ ଗଭୀର ଜଳକୁ ଫିଙ୍ଗି ଦଉନା, ମୁଁ ବୁଡ଼ି ମରିଯିବି ।'

'ତତେ ତ ଗଭୀର ଜଳରେ ଫିଙ୍ଗିଲେ ଅଥଳ ଜଳ କୁଆଡ଼େ ନିମିଷକ ଭିତରେ ଶୁଖିଯିବ ।'

'ତେବେ ପର୍ବତର କଠିନ ପଥର ଉପରେ ମତେ ଛେଚି ଛେଚି ମାରି ଦଉନା ।'

'ତୁ ଯେ ସବୁ କିଛିର ସ୍ରଷ୍ଟା । ପର୍ବତର କଠିନ ପଥର କ'ଣ ତୋ ଲାଗି ପଥର ହେଇରହିବ ? ସେ ତ ତୋ ଲାଗି କଅଁଳ ନରମ ପଦ୍ମ ଫୁଲରେ ପରିଣତ ହେଇଯିବ ।'

'ତା'ହେଲେ ମତେ କେମିତି ମାରିବ ତୁମେ ଭାବିଚିନ୍ତି ସ୍ଥିର କର । ମୁଁ ଆଉ କ'ଣ କରିବି ?' କହିଲେ ବାମନ ବାଳକ ଭିତରର ହସକୁ ଚାପିରଖି ।

''ବ୍ୟାକୁଳ କଣ୍ଠରେ ଅନୁହ୍ରାଦ ପ୍ରାର୍ଥନା କଲା, ହେ ପିତା, ତୁମେ ମତେ ଥରେ କହିଦିଅ ତୁମକୁ ମାରିଥିବା ଶତ୍ରୁକୁ ମୁଁ କିଭଳି ଭାବରେ ହତ୍ୟା କରି ପ୍ରତିଶୋଧ ନେବି ? ହେ ସିଦ୍ଧ ପୁରୁଷଗଣ ! କିଏ କେଉଁଠି ଅଛ ମତେ ବରଂ ଅଭିଶାପ ଦିଅ । ସେଇ ଅଭିଶାପରେ ମୋର ସହସ୍ରଜିହ୍ୱା ହେଇଯାଉ, ଆଉ ମୁଁ ଏ ମାୟାବୀ ବିଷ୍ଣୁର ମସ୍ତକକୁ ମୋ ଖଡ୍‌ଗରେ ଦି'ଗଡ଼ କରି ତା'ର ତାଜା ରକ୍ତ ଆକଣ୍ଠ ପାନ କରେ । ମୁଁ ଦୈତ୍ୟରାଜ ହିରଣ୍ୟକଶିପୁର ପୁତ୍ର । ମୁଁ କ'ଣ ଅନ୍ୟ କାହାଭଳି ଭୀରୁ କାପୁରୁଷ ହେଇଚି ଯେ ମୋ ପିତୃହନ୍ତାକୁ ସ୍ତବ କରିବି, ତା' ପାଖରେ ନତମସ୍ତକ ହେବି ।'

''ବାମନ ବାଳକ ଅନୁହ୍ରାଦର ଏତେ ବ୍ୟାକୁଳତା ଦେଖି ଟିକିଏ ସ୍ମିତ ହସି କହିଲେ, 'ଆଉ ଏତେ ବ୍ୟସ୍ତ ହଉଚ କାଇଁକି ଭକ୍ତ ମୋର ?'

''ଏତିକି ତ କହିଚନ୍ତି, ଆଉ ଯିବେ କୁଆଡ଼େ । ସାପ ନାଙ୍ଗୁଡ଼ରେ ହାତ ଦେଲାଭଳି ଫାଏଁ କିନା ଉଠିଲା ଅନୁହ୍ରାଦ । କହିଲା, 'ଭକ୍ତ ? ଭକ୍ତ କିଏ ? ହିରଣ୍ୟକଶିପୁର ପୁଅ ଅନୁହ୍ରାଦକୁ ଆଉ ସେପରି କହିବୁ ନାଇଁ । ସେପରି ସମ୍ବୋଧନ କରିବାକୁ ଲଜ୍ଜା ଲାଗୁ ନାଇଁ, ଭୟ ହଉ ନାଇଁ ?'

''ହସରେ ଆହୁରି ମଧୁରତା, ଆହୁରି ଅନୁକମ୍ପା, ଆହୁରି ସ୍ନେହ, ଆହୁରି ଦରଦ ଭଳି ବାମନ ବାଳକ କହିଲେ, 'ଅନୁହ୍ରାଦ, ଭକ୍ତମୋର ! ପ୍ରହ୍ଲାଦ ଯେପରି ମୋ ଭକ୍ତ ତୁ ବି ସେଇପରି ମୋର ଭକ୍ତ । ମୁଁ ସୁର ଅସୁର ସମସ୍ତଙ୍କ ଊର୍ଦ୍ଧ୍ୱରେ । ଯିଏ ମତେ ଯେପରି ଚାହେଁ ସେପରି ପାଏ । ମୋର ଯଥାର୍ଥରେ

ପକ୍ଷପାତିତା ନାହିଁ । ପ୍ରହ୍ଲାଦ ମତେ ଭକ୍ତିକରି ଉପାସନା କରି ଯେମିତି ବାନ୍ଧି ରଖିଚି, ତୁ ବି ସେମିତି ମୋ ବିରୋଧରେ ବିଦ୍ରୋହ କରି, ମୋ ସହ ଶତ୍ରୁତା କରି, ସବୁ ସମୟରେ ମୋରି ଚିନ୍ତା କରି, ମତେ ଖୋଜି ମୋର ପ୍ରିୟପାତ୍ର ହୋଇପାରିଚୁ । ଯେଉଁଭଳି ଭାବରେ ହଉପଛେ ଯିଏ ଏକାନ୍ତ ଭାବରେ ମତେ ଚାହେଁ ମୁଁ ତାକୁ କେବେ ବି ଅବହେଳା କରିପାରେ ନାହିଁ । ତୋରି ଆକୁଳ ଅନ୍ୱେଷଣର ଉତ୍ତରରେ ମୁଁ ବୈକୁଣ୍ଠ ଛାଡ଼ି ଧାଇଁ ଆସିଚି ତୋ ପାଖକୁ ଅନୁହ୍ରାଦ । ତୋ କାନ୍ଧରେ ବସି ତତେ ମୋର ସାନ୍ନିଧ୍ୟ ଦେଇଚି । ମୁଁ ସବୁଆଡ଼େ ସବୁରୂପରେ ପୂରି ରହିଚି । ତୁମ ଗୁରୁ ଶୁକ୍ର ଯାହାକୁ ଶୂନ୍ୟ ବୋଲି କହନ୍ତି ମୁଁ ବି ସେଇ ଶୂନ୍ୟ । ତୋ ହୃଦୟରେ ତ ମୁଁ ଅଛି । ତୁ କ'ଣ ସେଠାରେ ମତେ ଅନୁଭବ କରିପାରୁନୁ ଅନୁହ୍ରାଦ ?'

''ଛୁଟି ଆସୁଥିଲା ଅନୁହ୍ରାଦ ଖଡ଼୍ଗ ଧରି ବାମନ ବାଳକକୁ ହତ୍ୟା କରିବା ଲାଗି । ଯେମିତି ଶୁଣିଲା 'ମତେ କ'ଣ ତୋ ହୃଦୟରେ ଅନୁଭବ କରିପାରୁନୁ'– ହଠାତ୍ ତା'ର ଗତି ସ୍ଥିର ହେଇଗଲା । ଭାବିଲା ତେବେ ସିଏ ମୋ ହୃଦୟରେ ବି ଅଛି ? ଖାଲି ଭାବିଲା ନାହିଁ, ଅନୁଭବ ବି କଲା ତା' ହୃଦୟରେ ପ୍ରଭୁ ଯେପରି ଶାନ୍ତିରେ ଅନନ୍ତ ଶୟନ କରିଚନ୍ତି । ଆଉ ମୁହୂର୍ତ୍ତେ ବିଳମ୍ବ ନ କରି ସେ ବାମନ ବାଳକ ଆଡ଼କୁ ଉଦ୍ୟତ ଖଡ଼୍ଗକୁ ନିଜ ଆଡ଼କୁ ବୁଲାଇ ନିଜ ଛାତିରେ ଭୁଷି ଦେଲା । ଯେଉଁ ପ୍ରତିହିଂସା ପରାୟଣ ହୋଇ ସେ ଭଗବାନଙ୍କୁ ଖୋଜୁଥିଲା ସେଇ ପ୍ରତିହିଂସାର ଅନଳରେ ତାଙ୍କରି ସମ୍ମୁଖରେ ଦଗ୍ଧ ହେଇଗଲା ।

''ବଳିଙ୍କ ଯଜ୍ଞ ମଣ୍ଡପରୁ ଭାସି ଆସୁଥାଏ 'ସ୍ୱାହା' 'ସ୍ୱାହା' ଧ୍ୱନି, ଆହତ ରକ୍ତାକ୍ତ ଅନୁହ୍ରାଦ ନଇ ବାଲିରେ ପଡ଼ି ଛଟପଟ ହବାକୁ ଲାଗିଲା । ବିଶାଳ ଶରୀରଟା ତା'ର ଗଡ଼ି ଆସିଲା ବାମନଙ୍କର କୁନି କୁନି, କଅଁଳ, କମନୀୟ ପାଦ ଦୁଇଟି ପାଖକୁ । ଆବେଗ ଉତ୍ତେଜନାରେ ଅଧୀରହୋଇ ସେ ଜାବୁଡ଼ି ଧରିଲା ବାମନଙ୍କର ସେଇ ଅଭୟ ପଦଯୁଗଳକୁ । ଓଃ, ଅନଳ ଦଗ୍ଧ ଅନ୍ତରରେ ତା'ର କି ଶାନ୍ତି ! କି ଆନନ୍ଦ !! ସାରା ଜୀବନ ହିଂସା ଆଉ କ୍ରୋଧରେ ଜଳିଜଳି

କ'ଣ ସେ ଏଇତକକୁ ଚାହିଁ ନ ଥିଲା ? ଶେଷରେ ତା'ର ଆତ୍ମାର ମନୋବାଞ୍ଛା ପୂର୍ଣ୍ଣ ହେଇଚି । ଅସୁର ଜନ୍ମ ତା'ର ସାର୍ଥକ ହେଇଚି । ଚେତନା ତା'ର ଲୀନ ହେଇଯାଇଚି ବାମନଙ୍କର ସେଇ ପରା-ଚେତନାରେ । ବିଶାଳକାୟ ଶରୀରଟା ନଈର ବାଲିଶେଯ ଉପରେ ନୀରବ ନିସ୍ପନ୍ଦ ହେଇଯାଇଚି ।

''ଏଇଠି ମନେ ପଡ଼େ ଶ୍ରୀଅରବିନ୍ଦଙ୍କର ସେଇ ସଂକ୍ଷିପ୍ତ ଆଉ ସାରଗର୍ଭକ ଉକ୍ତିଟି :

Ravana's mind thought it was hungering after universal sovereignty and victory over Rama; but the aim his soul kept its vision fixed upon all the time was to get back to its heaven as soon as possible and be again God's menial. Therefore, as the shortest way, it hurled itself against God in a furious clasp of enmity.'

'ରାବଣର ମନ ଚିନ୍ତାକଲା ତାହା ବିଶ୍ୱମୟ ଆଧିପତ୍ୟ ଓ ରାମଙ୍କ ଉପରେ ବିଜୟର ପଶ୍ଚାତରେ ଧାଇଁଚି; କିନ୍ତୁ ତା'ର ଆତ୍ମାର ଲକ୍ଷ୍ୟ ସଦାସର୍ବଦା, କିପରି ସେ ଯଥାଶୀଘ୍ର ତା'ର ସେହି ସ୍ୱର୍ଗକୁ ଫେରିଯିବ ଓ ପୁନର୍ବାର ଭଗବାନଙ୍କର ଦାସରେ ପରିଣତ ହେବ, ତାହାରି ଉପରେ ନିବଦ୍ଧ ହେଇ ରହିଥିଲା । ସେଥିପାଇଁ ସବୁଠାରୁ ସଂକ୍ଷିପ୍ତମାର୍ଗ ରୂପେ ସେ ଭୟଙ୍କର ଶତ୍ରୁତା ମନୋଭାବ ସହ ଭଗବାନଙ୍କର ବିରୁଦ୍ଧାଚରଣ କଲା ।'

# ବିରହ ରହସ୍ୟ

''ଆଚ୍ଛା ଚିନୁଭାଇ, ତୁମେ ତ କହୁଥିଲ ଭକ୍ତ ଭଗବାନଙ୍କ ସହ ଯେମିତି ସଂପର୍କ ରଖିବ, ଭଗବାନ୍ ଠିକ୍ ସେମିତି ତା'ର ପ୍ରତ୍ୟୁତ୍ତର ଦେବେ । ଏପରିକି ସେ ଶତ୍ରୁ ରୂପେ ସଂପର୍କ ରଖିଲେ ଭଗବାନ୍ ସେଇ ଶତ୍ରୁରୂପେ ତା' ସହ ଆଚରଣ କରିବେ । ତା'ଛଡ଼ା ଭଗବାନ୍ ତ ଚାରି ଆଡ଼େ ଆମ ଅନ୍ତରଠାରୁ ବାହାର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପୂରି ରହିଚନ୍ତି । ସେଥିରେ ପୁଣି ଭକ୍ତ ଭଗବାନଙ୍କଠାରୁ ବିଚ୍ଛେଦ, ବିରହ କିପରି ଅନୁଭବ କରେ ? ପୁଣି ସେଥିପାଇଁ ଦୁଃଖଯନ୍ତ୍ରଣା କିପରି ଅନୁଭବ କରେ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ଭଲ କଥାଟିଏ ପଚାରିଲୁ । ଅବଶ୍ୟ ଏକଥା ସତ ଯେ ଭଗବାନ୍ ଯେ କି ସବୁ କ୍ଷେତ୍ରରେ ପୂରି ରହିଚନ୍ତି ଓ ଭକ୍ତ ଯେତେବେଳେ ଯେଉଁଭଳି ସଂପର୍କ ତାଙ୍କ ସହ ରଖିବାକୁ ଚାହେଁ, ତା'ର ପ୍ରତ୍ୟୁତ୍ତର ଦେବାକୁ ସେ ସବୁବେଳେ ପ୍ରସ୍ତୁତ ହେଇଅଛନ୍ତି, ସେଥିରେ ପୁଣି ତାଙ୍କଠାରୁ ବିରହ କି ବିଚ୍ଛେଦ ଅନୁଭବ କରିବା ଗୋଟାଏ ଅପ୍ରାସଙ୍ଗିକ କଥା ଭଳି ମନେ ହଉଚି । ହେଲେ ବି ତା' ଘଟିଥାଏ । କାରଣ ଆମ ଚେତନା ତ ହଠାତ୍ ଦିବ୍ୟ ହେଇଯାଇ ନ ଥାଏ କି ପୂରାପୂରି ଶୁଦ୍ଧ ହେଇଯାଇ ନ ଥାଏ । ତେଣୁ ବେଳେବେଳେ ଆମେ ଚେତନାର ଏକ ବିଶେଷ ଅବସ୍ଥାରେ ତାଙ୍କ ସାନ୍ନିଧ, ତାଙ୍କ ଉପସ୍ଥିତି ଅନୁଭବ କଲାବେଳେ ଅବଶିଷ୍ଟ ସମୟ ତାଙ୍କଠାରୁ ବିଚ୍ଛିନ୍ନ ହେଇ ରହିଥିଲା ପରି ଅନୁଭବ କରୁ । ଏହା ଘଟେ ଆମ ଚେତନାରେ ଅଜ୍ଞାନତା, ଅସ୍ୱଚ୍ଛତା, ଅଶୁଦ୍ଧି ଆଦି ଥିବାରୁ । ଏସବୁ ଦିବ୍ୟ ଉପସ୍ଥିତିକୁ ବେଶୀ ସମୟ ଧରି ରଖିପାରନ୍ତି ନାଇଁ । ଫଳରେ ଆମେ ତାଙ୍କଠାରୁ ବିଚ୍ଛେଦ ବା ବିରହଜନିତ ଦୁଃଖଯନ୍ତ୍ରଣା ଭୋଗ କରୁ । ବେଳେବେଳେ

ଏଇ ଦୁଃଖ ଯନ୍ତ୍ରଣା ସହ ଭଗବାନଙ୍କ ଉପରକୁ ଆମ କ୍ରୋଧ, ଅଭିମାନ, ଭୁଲ୍ ବୁଝାମଣା ଆଦି ମଧ୍ୟ ଫିଙ୍ଗିଥାଉ । ଏହା ସେତିକିବେଳ ପର୍ଯ୍ୟନ୍ତ ଚାଲିଥାଏ ଯେତେବେଳ ପର୍ଯ୍ୟନ୍ତ ଆମ ଚେତନା ପୂରାପୂରି ଶୁଦ୍ଧ ହେଇ ନ ଥାଏ । ତେଣୁ ଭଗବାନଙ୍କ ସହ ଭକ୍ତର ଶତ୍ରୁତା କ୍ଷେତ୍ରରେ ଯେ ଖାଲି ତାଙ୍କ ପ୍ରତି କ୍ରୋଧ, ଈର୍ଷା, ବିରାଗ ପ୍ରଭୃତି ଆସେ ତା' ନୁହେଁ, ତାଙ୍କ ପ୍ରତି ପ୍ରେମ କ୍ଷେତ୍ରରେ ମଧ୍ୟ ଆମ ଚେତନାର ଅଶୁଦ୍ଧି ଯୋଗୁଁ ଏସବୁ ଆସିଥାଏ । କିନ୍ତୁ ସେ ଏଥିରେ ବିଚଳିତ ନ ହୋଇ ଭକ୍ତର ଏସବୁ ଉପହାରକୁ ପ୍ରଶାନ୍ତ ଆନନ୍ଦ ଚିତ୍ତରେ ଗ୍ରହଣ କରି ତାକୁ ଶୁଦ୍ଧତା ପ୍ରଦାନ କରନ୍ତି । ତେଣୁ ଶ୍ରୀଅରବିନ୍ଦ କହିଚନ୍ତି :

...'Where first there is love and attraction, the relations between the Divine and the soul may still for long be chequered with misunderstanding and offence, jealousy and wrath, strife and the quarrels of love, hope and despair and the pain of absence and separation. We throw up all the passions of the heart against him, till they are purified into a sole ecstasy of bliss and oneness...'

(Cent. Vol-21, The Synthesis of Yoga, P-579)

'ଯେଉଁ କ୍ଷେତ୍ରରେ ପ୍ରଥମରୁହିଁ (ଶତ୍ରୁତା ବିରୋଧରୁ ନ ହୋଇ) ପ୍ରେମ ଓ ଆକର୍ଷଣରୁ ସମ୍ପର୍କ ଆରମ୍ଭ ହୋଇଥାଏ, ସେଠାରେ ମଧ୍ୟ ଭଗବାନ୍ ଓ ଆତ୍ମା ମଧ୍ୟରେ ରହିଥିବା ସଂପର୍କମାନ ତଥାପି ଦୀର୍ଘ ସମୟ ଲାଗି ଭୁଲ୍‌ବୁଝାମଣା ଓ ବିରାଗ, ଈର୍ଷା ଓ କ୍ରୋଧ, ପ୍ରେମଜନିତ କଳହ ଓ ବିବାଦ, ଆଶା ଓ ନିରାଶା, ବିରହ ତଥା ବିଚ୍ଛେଦର ବେଦନାରେ ବାଧାପ୍ରାପ୍ତ ହୋଇ ରହିଥାଏ । ଆମେ ଆମ ହୃଦୟର ସକଳ ଆବେଗକୁ ତାଙ୍କ ଉପରେ ସେଇପର୍ଯ୍ୟନ୍ତ ନିକ୍ଷିପ୍ତ କରି ଚାଲୁ ଯେଉଁ ପର୍ଯ୍ୟନ୍ତ ସେସବୁ ଶୁଦ୍ଧ ହେଇ ଆନନ୍ଦ ଓ ଐକ୍ୟର ଏକ ଏକାନ୍ତ ତୀବ୍ର ଉଲ୍ଲାସରେ ପରିଣତ ନ ହେଇଚି ।'

''ଭଗବାନଙ୍କ ସହ ଭକ୍ତର ବିରହଜନିତ ଯେଉଁ ଦୁଃଖ ଓ ଯନ୍ତ୍ରଣା

ତାହା ବାସ୍ତବ ଦୃଷ୍ଟିରେ ଦୁଃଖ ଓ ଯନ୍ତ୍ରଣା ନୁହେଁ । ତାହା ଆହୁରି ଗଭୀର, ଅନ୍ତରଙ୍ଗ, ଆନନ୍ଦଦାୟକ ମିଳନ ନିମନ୍ତେ ଏକ ପ୍ରସ୍ତୁତି ଏକ ପ୍ରତୀକ୍ଷା । ତେଣୁ ବିରହ, ବିଚ୍ଛେଦ ପ୍ରେମଭକ୍ତିର ଏକ ଅଙ୍ଗ । ଏପରିକି ଅନେକ ସମୟରେ ଭକ୍ତ ଭଗବାନଙ୍କ ସହ ସବୁ ସମୟରେ ଯୁକ୍ତ ହୋଇ ରହିଥିଲେ ବି ତାଙ୍କର ସାନ୍ନିଧ୍ୟ, ତାଙ୍କର ପ୍ରେମ, ତାଙ୍କର ଆନନ୍ଦ ଅନୁଭବ କରିପାରୁଥିଲେ ବି ତାଙ୍କ ସହ ବିଚ୍ଛେଦ ଓ ବିରହର ଧାରଣାକୁ ବଜାୟ ରଖିଥାଏ । ସେଥିରୁ ସେ ବେଶୀ ଆନନ୍ଦ ପାଏ । ତାହା ତାକୁ ସାଧନାରେ ଆହୁରି ପ୍ରବୃତ୍ତ କରାଇଥାଏ ବୋଲି ସେ ଅନୁଭବ କରେ । ଏହା ଏକ ଭିନ୍ନ ପ୍ରକାର ଆନନ୍ଦର ସ୍ୱାଦ, ଏକ ବିଚିତ୍ର କଥା । ହେଲେ ବି ଏପରି ଘଟିଥାଏ ।''

''ସେଇପରି ଜଣେ ଭକ୍ତଙ୍କ କଥା କୁହ, ଯିଏ ଭଗବାନଙ୍କ ସହ ସବୁବେଳେ ଯୁକ୍ତ ହୋଇ ବି, ତାଙ୍କର ପ୍ରେମ, ତାଙ୍କର ସାନ୍ନିଧ୍ୟ, ତାଙ୍କର ଆନନ୍ଦ ଭିତରେ ସବୁବେଳେ ବୁଡ଼ିରହି ବି ତାଙ୍କଠାରୁ ପୃଥକ୍, ବିଚ୍ଛିନ୍ନ ହୋଇ ରହିଥିବାର ଦୁଃଖକୁ ଅଥବା ବିରହ କିଂବା ବିଚ୍ଛେଦର ଯନ୍ତ୍ରଣାକୁ ଛାଡ଼ି ନ ଥା'ନ୍ତି । ତାକୁ ସାଧନାରେ ଆବଶ୍ୟକ ବୋଲି ଧରି ରଖିଥା'ନ୍ତି ।'' ଅଳି କଲା ଢଙ୍ଗରେ କହିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ସେ ଜଣେ ବୈଷ୍ଣବ ସିଦ୍ଧ ଭକ୍ତ । ନାମ ତାଙ୍କର ଶ୍ରୀମଦ୍ ରାମଦାସ ବାବାଜି ମହାରାଜ । ତାଙ୍କର ଆରାଧ୍ୟ ପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟଙ୍କ ପ୍ରତି ତାଙ୍କର ଅଗାଧ ପ୍ରେମ ଭକ୍ତି ତାଙ୍କ ସଂକୀର୍ତ୍ତନ ମାଧ୍ୟମରେ ପ୍ରକାଶ ପାଇଥାଏ । ତାଙ୍କ ସଂକୀର୍ତ୍ତନ ଶୁଣିଲେ କି ମୂର୍ଖ, କି ବିଦ୍ୱାନ୍, କି ଧନୀ, ନିର୍ଦ୍ଧନ, କି ଉଚ୍ଚ, କି ନୀଚ, କି ଉତ୍ତମ, କି ଅଧମ, କି ବ୍ରାହ୍ମଣ, କି ଚଣ୍ଡାଳ ସମସ୍ତେ ଅଭିଭୂତ ହୋଇ ପଡ଼ିଥା'ନ୍ତି ଓ ନିଜ ନିଜ ଗ୍ରହଣଶୀଳତା ଅନୁଯାୟୀ ଭାଗବତ ପ୍ରେମ ଭକ୍ତିର ତରଙ୍ଗ ଉପଭୋଗ କରିଥା'ନ୍ତି । ତାଙ୍କର କଣ୍ଠ ଯେପରି ସୁଲଳିତ ପ୍ରେମରସଭରା, ତାଙ୍କ ଗାନ ଭଙ୍ଗୀ ବି ସେମିତି ଅପୂର୍ବ ମଧୁର । ତାଙ୍କ କୀର୍ତ୍ତନ ସ୍ଥଳରେ ଯେ କେହି ଥାଆନ୍ତି ସମସ୍ତେ ପ୍ରେମ ଭାବରେ ତନ୍ମୟ ହୋଇଉଠନ୍ତି । କୀର୍ତ୍ତନର ଦିବ୍ୟ ପ୍ରବାହ ହୃଦୟ ମଧ୍ୟରେ ପ୍ରବେଶ କରି ମନ, ପ୍ରାଣ ଓ ଶରୀରକୁ ଆଚ୍ଛନ୍ନ

କରିପକାଏ । ମୁହୂର୍ତ୍ତକ ଲାଗି ଏକ ଅତୀନ୍ଦ୍ରିୟଲୋକକୁ ନେଇଯାଏ । ଶ୍ରୋତା ଭୁଲିଯାଏ ନିଜର ଶରୀରକୁ, ନିଜର ସାଂସାରିକ ସ୍ଥିତିକୁ । ସଂସାରର ଦୁଃଖ, ଜଞ୍ଜାଳ, ଦାୟିତ୍ୱବୋଧ କୁଆଡ଼େ ଲୋପ ପାଇଯାଏ । କୀର୍ତ୍ତନର ଭାବ ତରଙ୍ଗରେ ସେ ଦୋଳି ଖେଳେ, ଅତଳ ପ୍ରେମମନ୍ଦାକିନୀ ମଧ୍ୟରେ ବୁଡ଼ିଯାଇ ରସ ଆସ୍ୱାଦନରେ ପାଗଳ ହୋଇଉଠେ ।

''ସଂକୀର୍ତ୍ତନ ଯେତେବେଳେ ଚରମ ଅବସ୍ଥାରେ ପହଞ୍ଚେ ଅର୍ଥାତ୍ ଉଦ୍ଦଣ୍ଡ ସଂକୀର୍ତ୍ତନବେଳେ ଶ୍ରୋତାମାନେ ଆଉ ନୀରବରେ ବସିପାରନ୍ତି ନାହିଁ । ସେମାନେ ବି ଏକ ସ୍ୱରରେ ସଂକୀର୍ତ୍ତନର ସେଇ ଗୋଟିଏ ପଦକୁ ଆବୃତ୍ତି କରିଚାଲନ୍ତି । କେତେକେ ଭାବ ଗଦ୍‌ଗଦ୍ କଣ୍ଠରେ ଆବୃତ୍ତି କରୁକରୁ ନାଚିବାରେ ବି ଲାଗନ୍ତି । ଲଜ୍ଜା, ସଂକୋଚ, ବାହ୍ୟଜ୍ଞାନ, ଉଚ୍ଚ, ନୀଚ ଭେଦଭାବ କିଛି ନ ଥାଏ । ଖାଲି ଥାଏ କୃଷ୍ଣପ୍ରେମରେ ଉନ୍ମତ୍ତ, ମାତାଲ ଅବସ୍ଥା । କେହି କେହି ଭାବାବିଷ୍ଟ ହୋଇ ଆଖିରୁ ଆନନ୍ଦରେ ଲୁହ ଗଡ଼େଇ ତଳେ ଗଡୁଥାଆନ୍ତି । କେହି କେହି ହୁଙ୍କାର ଗର୍ଜନ କରି ବିଳାପ କରୁଥାଆନ୍ତି, କେହି କେହି ଉଚ୍ଛଳ ଭାବ ସ୍ରୋତରେ ପଡ଼ି ଏଣେତେଣେ ଖାଲି ଦଉଡୁ ଥାଆନ୍ତି, କେହି କେହି ମୂକ ପାଲଟି ଯାଇ ଗଦ୍‌ଗଦ୍ କଣ୍ଠରେ ଖାଲି ହାୟ ହାୟ କରୁଥାଆନ୍ତି । କେହି କେହି ଏହି ଭାବାବେଗ ମଧ୍ୟରେ ନିଜ ମନରେ ଯେଉଁ ପ୍ରଶ୍ନ ଥିଲା ସେସବୁର ଉତ୍ତର ପାଇ ଯାଇ ଶ୍ରୀମଦ୍ ରାମଦାସଙ୍କର ଜୟଗାନ କରନ୍ତି । ସେ ସମୟରେ ବାବାଜି ରାମଦାସଙ୍କର ରୂପ ଯେ ଦର୍ଶନ କରେ ସାରା ଜୀବନ ଲାଗି ତାହା ତା'ର ହୃଦୟରେ ଅଙ୍କିତ ହୋଇ ରହେ । ତାଙ୍କ କୀର୍ତ୍ତନରେ ଶ୍ରୀଗୌରସୁନ୍ଦରଙ୍କର ଲୀଳା ବର୍ଣ୍ଣନା ଶୁଣିଲେ ମନେହୁଏ ସତେ ଯେପରି ସେ ଲୀଳାମୟ ପୁଣି ଏବେ ପାର୍ଥିବ ଲୀଳାରେ ରତ ।

''ବିରହଭାବ, ବିଚ୍ଛେଦଭାବ ତାଙ୍କଠାରେ ବେଶୀ ପ୍ରାଧାନ୍ୟ ଲାଭ କରିଥିଲା । ତାଙ୍କ ହୃଦୟରେ ଯେତେବେଳେ ବିରହଭାବ ଜାଗେ ସେତେବେଳେ ତାଙ୍କର ସେହି ଆକୁଳତା ଆର୍ତ୍ତିଭାବ ଦେଖିଲେ ଉପସ୍ଥିତ ଲୋକଙ୍କର ହୃଦୟ ବିଦୀର୍ଣ୍ଣ ହୋଇଯାଏ । ଅଙ୍ଗ ଅବଶ ହୋଇଯାଏ । ସମସ୍ତଙ୍କ ଚକ୍ଷୁ ଲୋତକାପ୍ଳୁତ

ହୋଇଯାଏ । ବାବାଜିଙ୍କ ନାକ, ମୁଖ, ଆଖିରୁ ଅଜସ୍ର ଅଶ୍ରୁଧାରା ବହିଯାଏ । ପାଖରେ ଥିବା ଲୋକମାନେ ସେସବୁ ପୋଛି ପୋଛି ଥକି ଯାଆନ୍ତି । ଦାନ୍ତଗୁଡ଼ିକରେ ଦାନ୍ତର ସଂଘର୍ଷ, ଦେହରେ କମ୍ପ, ହୃଦୟରେ ଆକୁଳତା ତାଙ୍କ ଦେହକୁ ନିସ୍ତେଜ କରି ପକାଏ । ତଥାପି ଉଦ୍ଦଣ୍ଡର ବିରାମ ନ ଥାଏ । ଗୋଟିଏ ପରେ ଗୋଟିଏ ଅଖଣ୍ଡ ଧାରାରେ ଚାଲିଥାଏ ।''

''ବାବାଜିଙ୍କ ଶରୀର କୀର୍ତ୍ତନ ସମୟରେ ଏପରି କାଇଁକି ହୁଏ ? ଆଉ ଯେଉଁମାନେ ତାଙ୍କ କୀର୍ତ୍ତନ ଶୁଣନ୍ତି ସେମାନେ କାଇଁକି ଏମିତି ନାଚନ୍ତି, ଗଡ଼ନ୍ତି, କାନ୍ଦନ୍ତି, ଏଣେତେଣେ ଧାଁ ଦଉଡ଼ କରନ୍ତି ?'' ପଚାରିଲା ଅନୁରକ୍ତା ।

''ସେପରି ହେବାର କାରଣ ହଉଚି କୀର୍ତ୍ତନ ସମୟରେ ଯେଉଁ ଦିବ୍ୟପ୍ରେମର ଅବତରଣ ଘଟେ ତା'ର ସ୍ପର୍ଶକୁ ମନ, ପ୍ରାଣ, ଶରୀର ସ୍ଥିର, ଶାନ୍ତଭାବେ ଗ୍ରହଣ କରିପାରନ୍ତି ନାଇଁ । ଦିବ୍ୟପ୍ରେମକୁ ପ୍ରଶାନ୍ତ, ଅବିଚଳିତ ଭାବେ ଗ୍ରହଣ କରିବାକୁ ହେଲେ ଶରୀର, ମନ, ପ୍ରାଣକୁ ବହୁତ ଶୁଦ୍ଧ, ପ୍ରସ୍ତୁତ ହେବାକୁ ପଡ଼ିବ, ନଚେତ୍ ଅଧିକ କାଳ ସେଇ ସ୍ପର୍ଶ ଲାଭ କଲେ ଅଶୁଦ୍ଧ ଆଧାର ସଂପୂର୍ଣ୍ଣ ନଷ୍ଟ ହୋଇଯାଇ ବି ପାରେ ।''

''ହଉ, ଏଥର କୁହ ସେ ବାବାଜିଙ୍କ କଥା ।'' କହିଲା ଅନୁରକ୍ତା ।

''ବାବାଜିଙ୍କ ବିରହଭାବଯୁକ୍ତ କୀର୍ତ୍ତନ ଶୁଣି ଯେଉଁମାନେ କାନ୍ଦନ୍ତି ସେ କାନ୍ଦ ସାଂସାରିକ ଦୁଃଖ ଜଞ୍ଜାଳର କାନ୍ଦ ଭଳି ନୁହଁ । ସେ କାନ୍ଦ ନିଃସ୍ୱାର୍ଥପର, ଶୁଦ୍ଧ, ପ୍ରେମଭାବର କାନ୍ଦଣା । ସେଥିରେ ଚିତ୍ତ ଅବସାଦଗ୍ରସ୍ତ ହୁଏ ନାଇଁ, ଶୁଦ୍ଧ ଆନନ୍ଦିତ ହୁଏ । ତାଙ୍କ ସଂକୀର୍ତ୍ତନର ପ୍ରଭାବରେ ମଦ୍ୟପ ମଦ୍ୟପାନ ଛାଡ଼ି ଦେଇଚି । କାରଣ ସେ ଯେଉଁ ପ୍ରେମ ଓ ଭକ୍ତିର ରସ ପାନ କରେ ତା' ତୁଳନାରେ ମଦ ତାକୁ ତୁଚ୍ଛ ଲାଗେ । ସେ ଯେ ସ୍ୱର୍ଗୀୟ ମଦ ! ତାଙ୍କର ସଂକୀର୍ତ୍ତନ ସ୍ୱର୍ଗର ପ୍ରେମମନ୍ଦାକିନୀ ଧାରାକୁ ଯେପରି ମର୍ତ୍ତ୍ୟରେ ବୁହାଇ ଦିଏ । ତାଙ୍କ ସଂକୀର୍ତ୍ତନରେ ମୁଗ୍ଧ ହୋଇ ଜଣେ ମହାନୁଭବୀ ଯାହା ପ୍ରକାଶ କରିଚନ୍ତି ତା' ହଉଛି –

'ତାଙ୍କର ହୃଦୟରେ ଯେତେବେଳେ ଗୌରାଙ୍ଗଙ୍କର ଆବିର୍ଭାବ ହୁଏ

ସେତେବେଳେ ଶ୍ରୀରାଧାକୃଷ୍ଣଙ୍କର ଲୀଳାରସ ପ୍ରକାଶ ପାଏ, ଯେତେବେଳେ ନିତ୍ୟାନନ୍ଦଙ୍କର ଆବିର୍ଭାବ ହୁଏ ସେତେବେଳେ ସେ ଜଗତକୁ ନାମ ପ୍ରେମ ରସରେ ଭସାଇ ଗୌରପ୍ରେମ ପ୍ରତି ଉନ୍ମୁଖ କରିଦିଅନ୍ତି, ଯେତେବେଳେ ଅଦ୍ୱୈତ ଆଚାର୍ଯ୍ୟଙ୍କର ଆବିର୍ଭାବ ହୁଏ ସେତେବେଳେ ଜଗତର ଆଚାର୍ଯ୍ୟ ହୋଇ ଆଚାର ନିୟମ ନିଷ୍ଠା ଓ ଭଜନ ସାଧନ ଶିକ୍ଷା ଦିଅନ୍ତି, ଯେତେବେଳେ ଗଦାଧର ପଣ୍ଡିତଙ୍କର ଆବିର୍ଭାବ ହୁଏ ସେତେବେଳେ କେବଳ ବିରହ ବିଚ୍ଛେଦ ଭାବ ପ୍ରକାଶ କରି ଜଗତକୁ କନ୍ଦାଇ ଦିଅନ୍ତି, ଯେତେବେଳେ ଭକ୍ତବୃନ୍ଦଙ୍କର ଆବିର୍ଭାବ ହୁଏ ସେତେବେଳେ ଅତି ଦୀନ ଭାବରେ ସମସ୍ତଙ୍କୁ ଯଥାଯୋଗ୍ୟ ମର୍ଯ୍ୟାଦା ଦେଇ ସମସ୍ତଙ୍କ ନିକଟରେ କୃପାପ୍ରାର୍ଥୀ ହୋଇ ଜଗତକୁ ଭକ୍ତ ଭାବର ଶିକ୍ଷା ଦିଅନ୍ତି ।'

''ବୈଷ୍ଣବ ପରମ୍ପରାର ଯେକୌଣସି ଉତ୍ସବକୁ ସେ ଆମୋଦ-ପ୍ରମୋଦରେ ଉପଭୋଗ କରୁ ନ ଥିଲେ । ଉତ୍ସବକୁ ସେ ଉପଭୋଗ କରୁଥିଲେ ବିରହ ମାଧ୍ୟମରେ । ତାଙ୍କ ନିକଟରେ ଉତ୍ସବ ଥିଲା ବିରହର, ଆନନ୍ଦର ନୁହେଁ । ତାଙ୍କ ମତରେ ଆନନ୍ଦରେ ଆନନ୍ଦ ସ୍ଥାୟୀ ହୁଏ ନାହିଁ, ଆନନ୍ଦ ସ୍ଥାୟୀ ହୁଏ ବିରହରେ । ଆନନ୍ଦ ମଧ୍ୟରେ ଆନନ୍ଦକୁ ଉପଭୋଗ କଲେ ପରେ ଅବସାଦ ଆସିଥାଏ । କିନ୍ତୁ ବିରହ ମଧ୍ୟରେ ଆନନ୍ଦକୁ ନିତ୍ୟ ନୂତନରୂପେ ଅନୁଭବ କରାଯାଇପାରେ, ସେଥିରେ ଅବସାଦ ଆସେ ନାହିଁ ବରଂ ଆସେ ଅଧିକରୁ ଅଧିକ ଉତ୍କଣ୍ଠା ଓ ଆବେଗ ପ୍ରେମାସ୍ପଦଙ୍କ ଲାଗି । ଆନନ୍ଦ ମଧ୍ୟରେ ଆନନ୍ଦକୁ ଉପଭୋଗ କଲେ ଅଭିମାନ, ଅହଂକାର ଆସିପାରେ, ଫଳରେ ଶୁଷ୍କତା ଓ ହରେଇ ବସିବାର ଆଶଙ୍କା ଥାଏ । ମାତ୍ର ବିରହର ତୀବ୍ର ଉତ୍କଣ୍ଠା, ଆବେଗ, ମିଳନର ଲାଳସା ହୃଦୟକୁ ସବୁବେଳେ ସରସ ସୁନ୍ଦର ଓ ଦ୍ରବୀଭୂତ କରି ରଖିଥାଏ । ଏହାହିଁ ବାବାଜି ରାମଦାସଙ୍କ ଭଳି ବିରହୀ ଭକ୍ତମାନଙ୍କର ପ୍ରେମ ରାଜ୍ୟରେ ଏକ ବିଚିତ୍ର ରୀତି ।

''କିନ୍ତୁ କାଇଁକି ? କିପରି ? ବିରହର ଦୁଃଖ, ବେଦନା ମିଳନର ଆନନ୍ଦଠାରୁ କିପରି ଶ୍ରେଷ୍ଠ ? ମିଳନର ଆନନ୍ଦକୁ ଉପଭୋଗ ନ କରି ବିରହର

ବିଚ୍ଛେଦ ବେଦନାକୁ ଧରି ରଖିବାରେ ଲାଭ କ'ଣ ?' ଏହାର ଉତ୍ତର ନିଜେ ଶ୍ରୀମଦ୍ ରାମଦାସ ଦେଇଚନ୍ତି । ପ୍ରତିବର୍ଷ ରାସପୂର୍ଣ୍ଣିମାକୁ ସେ ଶ୍ରୀଧାମ ବୃନ୍ଦାବନକୁ ଯାଉଥିଲେ । କାରଣ ସେଇ ସମୟରେ ଚୈତନ୍ୟ ଦେବ ବୃନ୍ଦାବନ ଯାଇଥିଲେ । ତାଙ୍କର ସେଇ ଭ୍ରମଣଲୀଳାର ମଧୁର ସ୍ମୃତି ଆସ୍ୱାଦନ କରିବା ଶ୍ରୀମଦ୍ ରାମଦାସଙ୍କ ଲକ୍ଷ୍ୟ ଥିଲା । ବୃନ୍ଦାବନରେ ରହୁଥିବା ବୈଷ୍ଣବମାନଙ୍କ ସହ ତାଙ୍କର ଏହି ଅବସରରେ ମିଳନ ଘଟୁଥିଲା । ଭଜନ, ସଂକୀର୍ତ୍ତନ, ଭଗବତ୍ ଆଲୋଚନା ଆଦି ହେଉଥିଲା ।

''ବର୍ଷକର କଥା । ରାମଦାସ ବୃନ୍ଦାବନ ଯାଇଥା'ନ୍ତି । ଏକ ଆଲୋଚନା ପ୍ରସଙ୍ଗରେ ଜଣେ ବୈଷ୍ଣବ ତାଙ୍କୁ ପଚାରିଲେ, 'ଆଚ୍ଛା ରାମଦାସ, ତୁମେ ଭଜନ କୀର୍ତ୍ତନ ସମୟରେ ଏତେ କାନ୍ଦ କାଇଁକି ? ଖାଲି ଯେ କାନ୍ଦ ତା' ନୁହେଁ, କୀର୍ତ୍ତନରେ ବାରଂବାର କୁହ — ମୋର କିଛି ହେଲା ନାଇଁ । ମୁଁ ଗୌର ଦର୍ଶନ ପାଇଲି ନାଇଁ । କିନ୍ତୁ ତୁମକୁ ଦେଖିଲେ ମନେହୁଏ ତୁମେ ନିଶ୍ଚୟ ତୁମ ପ୍ରାଣପ୍ରିୟତମ ଗୌରଚନ୍ଦ୍ରଙ୍କର ଦର୍ଶନ ପାଇଚ । ସାଧନାରେ ତୁମେ ସିଦ୍ଧିଲାଭ କରିଚ । ତୁମେ ନିତ୍ୟସିଦ୍ଧ, ତୁମେ ଭଗବତ୍ ପାର୍ଷଦ, ତୁମ ହୃଦୟରେ ଗୌରଗୋବିନ୍ଦଙ୍କର ନିତ୍ୟ ବିହାର ଘଟୁଚି । ତୁମର ଭଜନ ସହ ଏକାନ୍ତ ଏକାତ୍ମକତା ତା'ର ପ୍ରମାଣ । ତଥାପି ତୁମେ କିଛି ନ ପାଇଲା ପରି ଏମିତି କାନ୍ଦ କାଇଁକି ?'

''ସ୍ୱଭାବ-ବିନୟୀ ବାବାଜି ଏ ପ୍ରଶ୍ନରେ ନୀରବ ହୋଇଗଲେ । କ'ଣ ଉତ୍ତର ଦେବେ କିଛି ଭାବିପାରିଲେ ନାଇଁ । ଆଖି ତାଙ୍କର ଲୁହରେ ଛଳଛଳ ହେଇଗଲା, ମୁଖ ଆରକ୍ତିମ ହୋଇଉଠିଲା । ବୈଷ୍ଣବ ଜଣକ ଯାହା ତାଙ୍କୁ କହିଲେ ତା' ଯେ ନିରାଟ ସତ କଥା । ସେ ତ ନିଶ୍ଚୟ ପାଇଚନ୍ତି । ତାଙ୍କର ପ୍ରେମାସ୍ପଦ ସବୁବେଳେ ଯେ ତାଙ୍କ ହୃଦୟରେ ଜୀବନ୍ତ ଭାବେ, ଜାଗ୍ରତ୍ ଭାବେ ବିରାଜମାନ କରୁଚନ୍ତି । କିନ୍ତୁ ପାଇଚନ୍ତି ବୋଲି କହିଲେ ତ ଅହଂକାର ଜନ୍ମିବ । ଜଣେ ବୈଷ୍ଣବ ପକ୍ଷରେ ଅହଂକାର ଆତ୍ମହତ୍ୟା ସଦୃଶ । କିନ୍ତୁ ପାଇ ନାହାନ୍ତି ବୋଲି କହିଲେ ତ ମିଛକଥା ହବ । ସେଥିରେ ସାଥିସାଧକ ଜଣେ ବୈଷ୍ଣବ

ନିକଟରେ ଛଳନା, ପ୍ରବଞ୍ଚନା କରିବାର ଅପରାଧ ଅର୍ଜନ କରିବାକୁ ହେବ । ତେଣୁ ସେ ମହାଅଡୁଆରେ ପଡ଼ିଲେ । ଶେଷରେ ବିନୟାବନତ ହୋଇ ଧୀରେ ଧୀରେ ନିଜ ଅନ୍ତରର ମର୍ମ କଥା ପ୍ରକାଶ କଲେ । କହିଲେ, 'ମୁଁ ପାଇଚି, ଏହିପରି ଜ୍ଞାନ ଜନ୍ମିଲେ କାଳେ ପାଇଥିବା ବସ୍ତୁକୁ ହରେଇ ବସିବି ସେଇଥିଲାଗି ମୁଁ କାନ୍ଦେ । ମୁଁ ପାଇଚି ଏହି ଜ୍ଞାନ ଜନ୍ମିଲେ ସେଥିରେ ଅଭିମାନ ଆସେ, ଅହଂକାର ଜନ୍ମେ; ଲାଳସା, ଉତ୍କଣ୍ଠା କମିଯାଏ । ଉତ୍କଣ୍ଠା, ଲାଳସା କମିଗଲେ ପ୍ରେମଭକ୍ତି ମଧ୍ୟରେ ଯେଉଁ ଆଗ୍ରହ ରହିଥାଏ ତା' ଆଉ ରହେ ନାହିଁ । ତା'ପରେ ଅନ୍ତରରେ ଆସେ ଶୁଷ୍କତା, ହା-ହୁତାଶ ।'

''କୃଷ୍ଣ-ପ୍ରେମର ଯେ ଶ୍ରେଷ୍ଠ ପ୍ରତୀକ ଶ୍ରୀରାଧାଙ୍କଠାରେ ମଧ୍ୟ ଏହି ବିରହ ଭାବ ଦେଖାଯାଇଚି । ଏହି କୃଷ୍ଣ-ପ୍ରେମମୟୀ ଯାହାଙ୍କ ସମଗ୍ର ସତ୍ତା କୃଷ୍ଣ ପ୍ରେମରେ ଗଢ଼ା ତାଙ୍କର ବି ସବୁବେଳେ ସେଇଭାବ । ସେ କହନ୍ତି— ମୁଁ ମୋ ଶ୍ୟାମ ବନ୍ଧୁଙ୍କୁ ଥରେ ବି ଦର୍ଶନ କରିପାରିଲି ନାହିଁ । ରେ ଲଳିତା, ତୁ ମତେ ଥରେ ସେଇ ରୂପ ଦେଖାଇବୁ କି ? ଯାହାଙ୍କ ନାମ ମତେ ଏପରି ପାଗଳିନୀ କରିଚି, କୁଳବଧୂର ଅନ୍ତଃପୁରରୁ ମତେ ବାହାର କରିଆଣି ଗୋପଦାଣ୍ଡରେ କଳଂକିନୀ କରି ବୁଲାଉଚି, ଯାହାଙ୍କ ନାମରେ ଏତେ ଆକର୍ଷଣୀ ଶକ୍ତି ତାଙ୍କର ସେହି ନୟନାଭିରାମ ରୂପ କିପରି ମନୋମୁଗ୍ଧକର ହୋଇ ନ ଥିବ ! ମତେ ଥରେ ସେଇ ମନୋହର ମୂର୍ତ୍ତି ଦେଖା ତ ଲଳିତା ।

''ଏଇ ହେଲା ଭକ୍ତିମାର୍ଗର ପରଂପରା, ଭଜନର ରୀତି । ଭକ୍ତ କେବେ ଭାବି ପାରେ ନାହିଁ ତା'ର ସର୍ବସିଦ୍ଧି ହେଇଗଲାଣି । ଯେତେ ସେ ଭାଗବତ ମିଳନ ରସ ଆସ୍ୱାଦନ କରୁଥାଏ ସେତେବେଳେ ସେ ଆହୁରି ଆସ୍ୱାଦନ ଲାଗି ଉତ୍କଣ୍ଠିତ ହୋଇଉଠୁଥାଏ । ଜ୍ଞାନୀର ଅଭିମାନଭରା କଥା 'ଅହଂ ବ୍ରହ୍ମାସ୍ମି' 'ମୁଁ ବ୍ରହ୍ମ' ବୋଲି ସେ କେବେ ବି କହିପାରେ ନାହିଁ । ସଂପୂର୍ଣ୍ଣ ଏକ ହୋଇ ବିଚ୍ଛିନ୍ନ ରହିବାର ବୋଧକୁ ଭଲପାଏ । ସେଇଥିପାଇଁ ଅନ୍ୟାନ୍ୟ ଯୋଗ ଅପେକ୍ଷା ଭକ୍ତିରେ ଭଗବାନ୍ ବେଶୀ ବଶୀଭୂତ ହେଇଥାଆନ୍ତି ।

''ତେଣୁ ଭକ୍ତ ଶିରୋମଣି ଶ୍ରୀପାଦ ବାବାଜି ରାମଦାସ ଏସବୁ

ସାଧନାଗତ ଅହଂକାର ଓ ଅଭିମାନରୁ ବହୁ ଦୂରରେ ରହି ସାଧନାର ସର୍ବୋଚ୍ଚ ସୀମାରେ ଅଧିଷ୍ଠିତ ହୋଇଥିଲେ ବି ସବୁବେଳେ ନିଜକୁ ପ୍ରେମ-କାଙ୍ଗାଳ ଭାବି ଆଚରଣ କରୁଥିଲେ । ସର୍ବଦା ତାଙ୍କ ପ୍ରାଣ ସର୍ବସ୍ୱ ଶ୍ରୀଶ୍ରୀନିତାଇ ଗୌରାଙ୍ଗଙ୍କୁ ହୃଦୟରେ ଧାରଣ କରିଥିଲେ ବି ସେମାନଙ୍କ ବିରହରେ ନିଜକୁ ବୁଡ଼ାଇ ରଖୁଥିଲେ । ଏଇଥିଯୋଗୁଁ ସେ ପ୍ରେମ-ଭକ୍ତି ଓ ଭଜନ ରାଜ୍ୟରେ ଏକ ନୂଆ କଥା ସୃଷ୍ଟି କରିଥିଲେ । ସେ ଯେ ବିରହ ବେଦନା ଖାଲି ମନରେ କଳ୍ପନା କରୁଥିଲେ ତା' ନୁହେଁ, ତାଙ୍କ ମନ-ପ୍ରାଣ-ଶରୀରରେ ସେ ତାକୁ ଅନୁଭବ କରୁଥିଲେ । ତାଙ୍କର ବୁକୁଫଟା କ୍ରନ୍ଦନ ଓ ଝରଝର ଅଶ୍ରୁ ବର୍ଷଣ ଦେଖିଲେ ପଥର ବି ତରଳି ଯିବ । ତାଙ୍କ ଘନିଷ୍ଠ ସଂପର୍କରେ ଆସିଥିବା ବୈଷ୍ଣବ କବି ଶ୍ରୀଯୁକ୍ତ ରସିକମୋହନ ବିଦ୍ୟାଭୂଷଣ ଥରେ କହିଥିଲେ, 'ଆପଣ କୀର୍ତ୍ତନରେ ଯେତେ ଅଶ୍ରୁ ବିସର୍ଜନ କରିଚନ୍ତି ସେସବୁ ଧରି ରଖିଥିଲେ ଗୋଟାଏ ହ୍ରଦ ହେଇପାରି ଥାଆନ୍ତା ।'

ଭକ୍ତ ଶିରୋମଣି ରାମଦାସଙ୍କ ମତରେ 'ବିରହ'ର ଅର୍ଥ ହଉଚି – ବି+ରହ, ଅର୍ଥାତ୍ ବିଶେଷ ରୂପେ ଭଗବାନଙ୍କ ସହ ରହିବା । ବିରହ ଅର୍ଥ ତାଙ୍କ ମତରେ ପ୍ରକୃତରେ ଭଗବାନଙ୍କଠାରୁ ବିଚ୍ଛିନ୍ନ ହୋଇରହିବା ନୁହଁ । ପ୍ରେମିକ ଭକ୍ତର ସ୍ୱଭାବ ଅଦ୍ଭୁତ, ତହୁଁ ଅଦ୍ଭୁତ ତା'ର ପ୍ରେମାସ୍ପଦ ଭଗବାନଙ୍କ ସ୍ୱଭାବ । ଭକ୍ତର ଶବ୍ଦକୋଷ ସାଧାରଣ ଶବ୍ଦକୋଷଠାରୁ ଭିନ୍ନ ।

# ଯେ ମୋତେ ଯେପରି ଭଜଇ

''ଆଚ୍ଛା ଚିନୁଭାଇ, ଭକ୍ତ ଭଗବାନଙ୍କୁ ଯେମିତି ଭଲ ପାଏ ସିଏ ତାଙ୍କୁ ସେମିତି ଭଲ ପାଆନ୍ତି । ଭକ୍ତ ତାଙ୍କୁ ବାପା ରୂପରେ, ମାଆ ରୂପରେ, ଭାଇ ରୂପରେ, ଭଉଣୀ ରୂପରେ, ସଖା ରୂପରେ, ବନ୍ଧୁ ରୂପରେ, ଶତ୍ରୁ ରୂପରେ, ପ୍ରଭୁ ରୂପରେ କିଂବା ଅନ୍ୟ ଯେକୌଣସି ଭାବେ ଭଲ ପାଏ ସିଏ ତାଙ୍କୁ ଠିକ୍ ସେଇରୂପରେ ଭଲ ପାଆନ୍ତି । କିନ୍ତୁ ଭକ୍ତ ଭଗବାନଙ୍କୁ ଯେଉଁ ରୂପରେ ଦେଖିବାକୁ ଚାହେଁ କ'ଣ ସେଇ ରୂପରେ ଦେଖିପାରେ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ହଁ, ଭଗବାନଙ୍କର ନିଜର କିଛି ସ୍ୱତନ୍ତ୍ର ରୂପ ନ ଥିଲେ ବି ଭକ୍ତ ତାଙ୍କୁ ଯେଉଁ ରୂପରେ ଦେଖିବାକୁ ଚାହେଁ ସେ ତାଙ୍କୁ ସେଇ ରୂପରେ ଦେଖା ଦିଅନ୍ତି । ଆମେ ତାଙ୍କୁ ଆମ ଚେତନାରେ, ଆମ ସତ୍ତାରେ ଯେଉଁଭଳି ଗ୍ରହଣ କରିଥାଉ ସେ ସେଇ ରୂପରେ ଆମ ଆଗରେ ପ୍ରକଟ ହେଇଥାଆନ୍ତି । ଆମେ ଯଦି ସେଇଆକୁ ତାଙ୍କ ସଂପୂର୍ଣ୍ଣ ସ୍ୱରୂପ ବୋଲି ଭାବୁ ତେବେ ଭୁଲ୍ କରୁ, ନିଜର ଅନୁଭୂତିକୁ, ଉପଲବ୍ଧିକୁ ସବୁଦିନ ଲାଗି ସୀମିତ, ସଂକୀର୍ଣ୍ଣ କରିଦେଉ । ସୀମାହୀନଙ୍କୁ ସୀମିତତାର ଗଣ୍ଡି ଭିତରେ ଆବଦ୍ଧ କରି ଆମେ ନାନାପ୍ରକାର ଧର୍ମ, ସଂପ୍ରଦାୟ, ଗୋଷ୍ଠୀ ସୃଷ୍ଟି କରୁ । ଏ ସଂପର୍କରେ ଶ୍ରୀଅରବିନ୍ଦ କହିଚନ୍ତି :

'Even as men approach him, so he accepts them and responds too by the divine Love to their Bhakti, *tathaiva bhajate*. Whatever form of being, whatever qualities they lend to him through that form and those qualities he helps them to develop, encourages or governs

their advance and in their straight way or their crooked draws them towards him. What they see of him is a truth, but a truth represented to them in the terms of their own being and consciousness, partially, distortedly, not in the terms of its own higher reality, not in the aspect which it assumes when we become aware of the complete Divinity.' (The Synthesis of Yoga, Vol. 21. P-234)

'ଏପରିକି ଭିନ୍ନ ଭିନ୍ନ ଲୋକ ଯେଉଁଭଳି ଭାବରେ ତାଙ୍କର ନିକଟବର୍ତ୍ତୀ ହେଇଥାଆନ୍ତି, ସେ ସେମାନଙ୍କୁ ଠିକ୍ ସେହିପରି ଭାବରେ ଦିବ୍ୟପ୍ରେମ ମାଧ୍ୟମରେ ସେମାନଙ୍କ ଭକ୍ତିର ଉତ୍ତର ଦେଇଥାଆନ୍ତି, 'ତଥୈବ ଭଜତେ' । ସେମାନେ ସତ୍ତାର ଯେଉଁ ରୂପ ଓ ଯେଉଁ ଗୁଣସବୁ ତାଙ୍କ ଉପରେ ଆରୋପ କରନ୍ତି, ସେହିସବୁ ରୂପ ଓ ଗୁଣସକଳର ମଧ୍ୟ ଦେଇହିଁ ସେ ସେମାନଙ୍କୁ ବିକାଶପ୍ରାପ୍ତ ହେବାରେ ସାହାଯ୍ୟ କରନ୍ତି, ସେମାନଙ୍କ ଅଗ୍ରଗତିକୁ ଉତ୍ସାହିତ ଅଥବା ନିୟନ୍ତ୍ରଣ କରନ୍ତି ଏବଂ ସେମାନଙ୍କର ସେହି ସରଳ ଅଥବା ବକ୍ର ପଥଦେଇ ସେମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଆଣନ୍ତି । ସେମାନେ ତାଙ୍କୁ ଯେଉଁ ରୂପରେ ଦେଖନ୍ତି, ତାହା ଅବଶ୍ୟ ଏକ ସତ୍ୟ, କିନ୍ତୁ ସେମାନଙ୍କ ନିଜସ୍ୱ ସତ୍ତା ଓ ଚେତନାର ଅବସ୍ଥା ଅନୁଯାୟୀ ସେମାନଙ୍କ ସମ୍ମୁଖରେ ପ୍ରତିଭାତ ହେଇଥିବା ଏକ ସତ୍ୟ । ଏହା ସେମାନଙ୍କ ସମ୍ମୁଖରେ କେବଳ ଆଂଶିକ ଭାବରେ ବା ବିକୃତ ଭାବରେ ପ୍ରକାଶିତ ହେଇଥାଏ, ନିଜର ଉଚ୍ଚତର ସତ୍ୟର ଭୂମିରେ ପ୍ରକାଶିତ ହେଲା ଭଳି ପ୍ରକାଶିତ ହୋଇ ନ ଥାଏ କି ଆମେ ସେହି ପୂର୍ଣ୍ଣାଙ୍ଗ ଦିବ୍ୟତା ସମ୍ବନ୍ଧରେ ପରିପୂର୍ଣ୍ଣ ରୂପେ ଜ୍ଞାନ ଲାଭ କଲେ ତାହାର ଯେଉଁ ବିଭାବଟି ଆମ ଆଗରେ ପ୍ରତିଭାତ ହେଇଥାଏ ଏହା ସେପରି ହେଇ ନ ଥାଏ ।

''ତୁ ଗୋସ୍ୱାମୀ ତୁଳସୀ ଦାସଙ୍କୁ ଜାଣୁ ? ଯିଏ ହିନ୍ଦୀରେ 'ରାମଚରିତ ମାନସ' ନାମରେ ରାମାୟଣ ରଚନା କରିଥିଲେ ? ତାଙ୍କ ରାମାୟଣ ବାଲ୍ମିକିଙ୍କ

ସଂସ୍କୃତ ରାମାୟଣ ଅପେକ୍ଷା ସାଧାରଣ ଲୋକ ତଥା ଭକ୍ତ ସମାଜରେ ବେଶୀ ଆଦୃତ ହୋଇଉଠିଲା । ଏଥିରେ ସେତେବେଳର ପଣ୍ଡିତମାନେ ରାଗି ତାଙ୍କର କାବ୍ୟକୁ ଚୋରି କରିନେଇ ନଷ୍ଟ କରିଦେବାକୁ ବିଭିନ୍ନ ଚେଷ୍ଟା କରି ନ ପାରି ଶେଷରେ ସେ କାବ୍ୟକୁ କାଶୀର ବିଖ୍ୟାତ ପଣ୍ଡିତ ମଧୁସୂଦନ ସରସ୍ୱତୀଙ୍କୁ ଦେଖାଇବାକୁ କହିଲେ । ମଧୁସୂଦନ ସରସ୍ୱତୀ ତୁଳସୀ ଦାସଙ୍କ କାବ୍ୟ ପଢ଼ି ଅତ୍ୟନ୍ତ ଖୁସି ହେଇ କହିଲେ, 'ଏ କାବ୍ୟ କାଶୀରୂପୀ ଆନନ୍ଦ ବନରେ ସାକ୍ଷାତ୍ ଚଲାବୁଲା କରୁଥିବା ତୁଳସୀର ଜନ୍ମଲାଭ ସଦୃଶ । ସେଇ ତୁଳସୀବୃକ୍ଷର କବିତା ରୂପକ ଫୁଲ ଅତି ସୁନ୍ଦର । ଆଉ ଶ୍ରୀରାମ ରୂପୀ ଭ୍ରମର ସେଇ ଫୁଲର ମଧୁ ଆସ୍ୱାଦନ ନିମନ୍ତେ ସବୁବେଳେ ତା' ନିକଟରେ ଗୁଞ୍ଜନ କରି ଉଡ଼ି ବୁଲୁଚନ୍ତି ।' ଏକଥା ଶୁଣି ପଣ୍ଡିତମାନେ ଆହୁରି ଈର୍ଷାରେ ଜଳିଗଲେ; ଆହୁରି ବଡ଼ ବଡ଼ ପରୀକ୍ଷାରେ ତାଙ୍କୁ ପକାଇଥିଲେ । ଶେଷରେ କିନ୍ତୁ ବେଦ, ଉପନିଷଦ୍, ସକଳଶାସ୍ତ୍ର, ପୁରାଣ ଅପେକ୍ଷା ତୁଳସୀଦାସଙ୍କ ରାମାୟଣ ସ୍ୱୟଂ ଶିବଙ୍କ ଦ୍ୱାରା ଶ୍ରେଷ୍ଠ ବୋଲି ପ୍ରମାଣିତ ହେଲା । ସେଇ ତୁଳସୀ ଦାସ ଥିଲେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ପରମ ଭକ୍ତ ।''

''ନା, ମୁଁ ସେ ତୁଳସୀ ଦାସଙ୍କ କଥା ଜାଣି ନାହିଁ । ତାଙ୍କ କଥା କାହିଁକି କହୁଚ ?'' ପଚାରିଲା ଅନୁରକ୍ତା ।

''ସେ ବି ଥରେ ପୁରୀ ଜଗନ୍ନାଥଙ୍କଠାରେ ଶ୍ରୀରାମଚନ୍ଦ୍ରଙ୍କ ରୂପ ଦେଖିବାକୁ ଚାହିଁଥିଲେ ।''

''କ'ଣ ଦେଖିଲେ ?'' ଉତ୍‌କଣ୍ଠିତା ଭାବରେ ପଚାରିଲା ଅନୁରକ୍ତା ।

''ଭଗବାନଙ୍କ ନିକଟରେ ଭକ୍ତର କୌଣସି ମନୋବାଞ୍ଛା କ'ଣ କେବେ ଅପୂରଣୀୟ ରହିଚି ?''

''ତେବେ ସେଇ କଥା ଆଜି କୁହ । କିପରି ସେ ଶ୍ରୀଜଗନ୍ନାଥଙ୍କଠାରେ ଶ୍ରୀରାମଙ୍କ ରୂପ ଦେଖିଲେ ।'' ଅତି ଆଗ୍ରହରେ କହିଲା ଅନୁରକ୍ତା ।

''ଶ୍ରୀଜଗନ୍ନାଥଙ୍କ ମନ୍ଦିର । ଦ୍ୱାର ସଂପୂର୍ଣ୍ଣ ଉନ୍ମୁକ୍ତ । ସିଂହଦ୍ୱାରରେ ଅସମ୍ଭବ ଭିଡ଼ । ବାଇଶି ପାହାଚରେ ଗୋଟିକ ପରେ ଗୋଟିଏ ପାହାଚ ଅତିକ୍ରମ

କରି ପିଲା, ବୁଢ଼ା, ସ୍ତ୍ରୀ, ପୁରୁଷ ଚାଲିଚନ୍ତି । କୁଆଡ଼କୁ ନିଘା ନାଇଁ । ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ଠାକୁର ଦର୍ଶନ । ଏଇ ସମୟରେ ଗଲେ ଠାକୁରଙ୍କର ପୂରାପୂରି ପାଖକୁ ଯାଇହବ, ତାଙ୍କୁ ଭଲ କରି ଦେଖି ହବ । ଟିକିଏ ବିଳମ୍ବ କଲେ ଦିନଟି ନଷ୍ଟ ହେଇଯିବ । ମନର କେତେ ପ୍ରାର୍ଥନା, ହୃଦୟର କେତେ ଆବେଗ ସବୁ ପୁଣି ନିଜ ଭିତରେ ରହିଯିବ, ତାଙ୍କ ରତ୍ନ ସିଂହାସନ ନିକଟରେ ଅଜାଡ଼ି ଦେଇ ହବ ନାଇଁ । ସମସ୍ତଙ୍କ ଭିତରେ ବହୁ ଦୂରରୁ ଆସିଥିବା ଜଣେ ସନ୍ନ୍ୟାସୀ ବି ଧାଇଁଚନ୍ତି । ମୁଖରେ ତାଙ୍କର ଖାଲି ରାମ-ନାମ ଜପ । ମନରେ ତାଙ୍କର କେତେ ବିସ୍ମୟ, ପ୍ରାଣରେ ତାଙ୍କର କେତେ ଉତ୍କଣ୍ଠା, ହୃଦୟରେ ତାଙ୍କର କେତେ ଆବେଗ ଜଗନ୍ନାଥଙ୍କୁ ଟିକିଏ ଦର୍ଶନ କରିବା ଲାଗି । ମନରେ ଭାବୁଚନ୍ତି ସତେ କ'ଣ ଜଗନ୍ନାଥ ସେଇଭଳି ଦେବତା ଯାହାଙ୍କୁ ଶିବ ବି ସ୍ତୁତି କରନ୍ତି, ଯିଏ ସତ୍ ଚିତ୍ ଆନନ୍ଦର ପ୍ରତିମୂର୍ତ୍ତି ? ସେ ଶୁଣିଚନ୍ତି ରାମ, ଲକ୍ଷ୍ମଣ, ସୀତା ପୁରୁଷୋତ୍ତମ କ୍ଷେତ୍ରରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଭାବରେ ବିରାଜିତ ହୋଇଚନ୍ତି । ଲଙ୍କାଧିପତି ବିଭୀଷଣ ମଧ୍ୟ ତାଙ୍କୁ ଦର୍ଶନ କରିବାକୁ ଏଠିକି ପ୍ରତିଦିନ ଆସନ୍ତି । ଏକଥା ଶୁଣି ସେ ଧାଇଁ ଆସିଚନ୍ତି ସ୍ୱଚକ୍ଷୁରେ ଥରେ ଦର୍ଶନ କରିବା ପାଇଁ ।

''ଏତିକିବେଳେ ତାଙ୍କୁ ଶୁଭିଲା, କିଏ ଯେପରି କୋମଳ, ମଧୁର ସ୍ୱରରେ କହୁଚି, 'ତୁଳସୀ, ମୁଁ ଏଇଠି ଅଛି, ତୋ ଭଳି ଭକ୍ତମାନଙ୍କୁ ସ୍ୱାଗତ କରିବା ଲାଗି, ଆଶ୍ରୟ ଦେବା ଲାଗି ବାହୁ ପ୍ରସାରି ବସିଚି ।'

''ଓଃ, ସେ ସନ୍ନ୍ୟାସୀ ଜଣକ ତେବେ ତୁଳସୀ ଦାସ ? ପଚାରିଲା ଅନୁରକ୍ତା ।

''ହଁ, ସେ ତୁଳସୀ ଦାସ । ଆସିଚନ୍ତି ଜଗନ୍ନାଥ-ବଳଭଦ୍ର-ସୁଭଦ୍ରାଙ୍କ ମଧ୍ୟରେ ତାଙ୍କର ପରମ ଆରାଧ୍ୟ ରାମ-ଲକ୍ଷଣ-ସୀତାଙ୍କୁ ଦେଖିବା ଲାଗି । କୋମଳ, ମଧୁର କଣ୍ଠର ସେ ବାଣୀ ଶୁଣି ତାଙ୍କ ପାଦ ଦୁଇଟି ଆହୁରି ଚଞ୍ଚଳ ହୋଇଉଠିଲା । ମନରେ ଦର୍ଶନର ଇଚ୍ଛା ଆହୁରି ପ୍ରବଳ ହେଇଉଠିଲା । ଭାବିଲେ ସତେ କ'ଣ ତାଙ୍କ ପ୍ରାଣ ପ୍ରିୟ ରାମଚନ୍ଦ୍ର ବାହୁ ପ୍ରସାରି ତାଙ୍କୁ ଅପେକ୍ଷା କରି ରହିଚନ୍ତି ? ବାଟରେ ପଣ୍ଡା ସବୁ ତାଙ୍କୁ ପଚାରୁଚନ୍ତି କେଉଁଠୁ ଆସିଚନ୍ତି ବୋଲି ।

ସେ ଖାଲି ଅଯୋଧ୍ୟାରୁ ଆସିଚନ୍ତି ବୋଲି କହି ଦେଇ ଚାଲିବାରେ ଲାଗିଚନ୍ତି । ମନ୍ଦିର ଭିତରେ ଅସମ୍ଭବ ଲୋକ ଭିଡ଼ । କୌଣସିମତେ କଷ୍ଟେମଷ୍ଟେ ଯାଇ ଗରୁଡ଼ ସ୍ତମ୍ଭ ପାଖରେ ପହଞ୍ଚିଗଲେ । ଦେଖିଲେ ଗରୁଡ଼ ହାତ ଯୋଡ଼ି ବସିଚନ୍ତି । ଖୁବ୍ ଶୀଘ୍ର ରାମଚନ୍ଦ୍ରଙ୍କୁ ଦର୍ଶନ କରିବେ ବୋଲି ଭାବି ଅନ୍ତର ତାଙ୍କର ଆନନ୍ଦରେ ଅଧୀର ହୋଇଉଠିଲା । ସେଇଠି ଠିଆ ହେଇ ସେ ଚାହିଁଲେ ରତ୍ନ-ସିଂହାସନ ଆଡ଼କୁ । କିନ୍ତୁ ଏ କ'ଣ ସେ ଦେଖୁଚନ୍ତି । ସିଂହାସନ ଉପରର ତିନୋଟିଯାକ ଠାକୁର କେହି ତ ତାଙ୍କ ଆରାଧ୍ୟ ଠାକୁର ଭଳି ଦେଖାଯାଉ ନାହାନ୍ତି । ସୌନ୍ଦର୍ଯ୍ୟ ନାଇଁ, ଅବୟବରେ ପୂର୍ଣ୍ଣତା ନାଇଁ, କି କଳା କିଟିକିଟି ଅସୁନ୍ଦର କୁତ୍ସିତ ରୂପ ! ଏଇ ରୂପ ଦେଖିବାକୁ କ'ଣ ସେ ଏତେ ବାଟ ଧାଇଁ ଆସିଥିଲେ ? ମନର ସବୁ ଆଗ୍ରହ ତାଙ୍କର ମଉଳିଗଲା । ରାମଚନ୍ଦ୍ରଙ୍କୁ ପ୍ରାର୍ଥନା କରି କହିଲେ, 'ପ୍ରଭୁ, ତୁଳସୀ କେବେ ଏ ରୂପକୁ ତୁମର ରୂପ ବୋଲି ସ୍ୱୀକାର କରିପାରିବ ନାଇଁ ।' ପୁଣି ସେ ଭାବିଲେ ବୋଧହୁଏ ଦୂରରୁ ସେପରି ଦେଖାଯାଉଚନ୍ତି । ପାଖକୁ ଗଲେ ଅନ୍ୟପ୍ରକାର ଦେଖାଯାଇ ପାରନ୍ତି ।

''ଏହା ଭାବି ସେ ଆଗେଇ ଚାଲିଲେ । ସାହାଣ ମେଲା । ଲୋକମାନେ ଚନ୍ଦନ ଅର୍ଗଳି ଡେଇଁ ଧାଇଁ ଚାଲିଚନ୍ତି ପ୍ରଭୁଙ୍କ ସିଂହାସନ ପାଖକୁ । କିନ୍ତୁ ଏତେ ଭିଡ଼ ଯେ ସେ ଚାପି ହେଇ ଯାଉଥାଆନ୍ତି । ମନେ ହେଲା ଯେପରି ତାଙ୍କ ଶ୍ୱାସକ୍ରିୟା ବନ୍ଦ ହେଇଯିବ । ସିଂହାସନ ପାଖକୁ ଯିବା ତାଙ୍କ ପକ୍ଷରେ ସମ୍ଭବ ହେଇପାରିବ ନାଇଁ । ସ୍ୱତଃସ୍ଫୂର୍ତ୍ତରୂପେ ତାଙ୍କ ପାଟିରୁ 'ରାମ-ସୀତାରାମ' ଶବ୍ଦ ଉଚ୍ଚାରିତ ହେଇଉଠିଲା । ହଠାତ୍ ସେ ଦେଖିଲେ ତାଙ୍କ ଆଗଟି ଫାଙ୍କା ହେଇଯାଇଚି । ଓଃ, ମଣିଷ ଟିକିଏ ନିଃଶ୍ୱାସ ମାରିପାରିଲା ! ଦେଖିଲେ ତାଙ୍କ ଆଗରେ ତିନିଜଣ ଲୋକ ଭିଡ଼ ଠେଲି ଚାଲିଚନ୍ତି । ଠିକ୍ ତାଙ୍କୁ ଟିକିଏ ଛାଡ଼ି ଆଗରେ ଚାଲିଚନ୍ତି ଜଣେ ବଳିଷ୍ଠ ଗୋରା ଲୋକ, ତାଙ୍କ ପାଖକୁ ଚଂପା ରଙ୍ଗର ଜଣେ ନାରୀ, ତାଙ୍କ ପାଖକୁ ବଳିଷ୍ଠ ହୃଷ୍ଟପୁଷ୍ଟ ଜଣେ ସୁନ୍ଦର କୃଷ୍ଣକାୟ ଲୋକ । ସେ ତିନିଜଣଙ୍କ ଚେହେରା ତୁଳସୀଙ୍କ ପ୍ରାଣକୁ ଆକୃଷ୍ଟ କଲା । ସେ ତାଙ୍କୁ ଭଲ କରି ଦେଖିବା ଲାଗି ଚେଷ୍ଟା କଲେ । କିନ୍ତୁ ଲୋକମାନଙ୍କର କି ଭିଡ଼ ! କି

ଠେଲାପେଲା ! ସେ ତା' ଭିତରେ ନିଜକୁ ସମ୍ଭାଳିବାରେ ବ୍ୟସ୍ତରହି ଆଗରେ ସେ ତିନି ଜଣଙ୍କୁ ଭଲ କରି ଦେଖିବା କଥା ଭୁଲିଗଲେ । ତାଙ୍କ ପଛେ ପଛେ ଟିକିଏ ସୁବିଧାରେ ଯାଇ ରତ୍ନ ସିଂହାସନ ପାଖରେ ପହଞ୍ଚିଗଲେ । କିନ୍ତୁ ଏ କ'ଣ ? ସେ ତ ଅତି ପାଖରୁ ଦେଖୁଚନ୍ତି ! ବିରାଟ ବିରାଟ ତିନିଟି ମୂର୍ତ୍ତି । କଳା ଶ୍ରୀମୁଖ ଜଗନ୍ନାଥ ମୋଟେ ରାମଙ୍କ ଭଳି ଦେଖାଯାଉ ନାହାନ୍ତି କି ବଳଭଦ୍ର-ସୁଭଦ୍ରା ମୋଟେ ଲକ୍ଷ୍ମଣ-ସୀତାଙ୍କ ଭଳି ଦେଖାଯାଉ ନାହାନ୍ତି । କେତେବାର ସେ ନିରୀକ୍ଷଣ କରି ଦେଖିଲେ । କିନ୍ତୁ କାହିଁ ତାଙ୍କ ପ୍ରଭୁ ରାମଚନ୍ଦ୍ରଙ୍କ ଚିହ୍ନ ବର୍ଣ୍ଣ ନାଇଁ । ଠାକୁର ପୁଣି ଏତେ ଅସୁନ୍ଦର, ବୀଭତ୍ସ ହେଇପାରନ୍ତି ! ଅଯଥା ଏତେବାଟ ଆସି ସେ ଭୁଲ୍ କଲେ । ଆଉ ସେଠି ବେଶୀ ସମୟ ଛିଡ଼ା ହବାକୁ ସେ ପସନ୍ଦ ମନେ କଲେ ନାଇଁ । ଭଗ୍ନ ହୃଦୟରେ ହତାଶ ହେଇ ସେ ଦିଅଙ୍କୁ ପଛକରି ଫେରିଲେ । ଆଉ ଥରେ ବି ପଛକୁ ଫେରିଚାହିଁଲେ ନାଇଁ । ଭାବିଲେ 'ଭାବିଥିଲି ରାମ-ସୀତା-ଲକ୍ଷ୍ମଣଙ୍କ ସହ ଭକ୍ତ ବିଭୀଷଣଙ୍କୁ ମଧ୍ୟ ଦେଖିବି । କିନ୍ତୁ ଯୋଉଠି ରାମ-ସୀତା-ଲକ୍ଷ୍ମଣ ନାହାନ୍ତି ସେଠାକୁ ବିଭୀଷଣ ବା ଆସିବେ କାଇଁକି ?

''ମନ୍ଦିରରୁ ବାହାରି ତୁଳସୀ ଦାସ ବାଇଶି ପାହାଚ ଦେଇ ଓହ୍ଲେଇବାକୁ ଲାଗିଲେ । କିନ୍ତୁ କୁଆଡ଼େ ଥିଲା ଗୋଟାଏ ବିରାଟ ମାଙ୍କଡ଼ ପଛରୁ ଦଉଡ଼ି ଆସି ତାଙ୍କ ଆଗରେ ଦୁଇ ଗୋଡ଼ରେ ଛିଡ଼ା ହୋଇଗଲା । ଖାଲି ଛିଡ଼ା ହେଇଗଲା ନାଇଁ, ତାଙ୍କ କାନ୍ଧରେ ପଡ଼ିଥିବା ଚାଦରଟି ଟାଣି ନେଲା । ପୁଣି ଗୋଟାଏ ମାଙ୍କଡ଼ କୋଉଠି ଥିଲା ସିଏ ବି ଦଉଡ଼ି ଆସି ଏ ମାଙ୍କଡ଼ ପାଖରେ ଦୁଇ ଗୋଡ଼ରେ ଠିଆ ହେଇଗଲା । ତୁଳସୀ ଦୁଇପାଦ ପଛକୁ ଘୁଞ୍ଚିଗଲେ । ତାଙ୍କୁ ପଛେଇ ଯିବାର ଦେଖି ମାଙ୍କଡ଼ ଦୁଇଟି ଆହୁରି ଆଗେଇ ଆସିଲେ । ତୁଳସୀ ଦାସ ଏଥର ଟିକିଏ ଛାନିଆ ହେଇଯାଇ ଚିତ୍କାର କରି ଉଠିଲେ । ତାଙ୍କ ଚିତ୍କାର ଶୁଣି ଲୋକମାନେ ତାଙ୍କ ପାଖକୁ ଧାଇଁ ଆସିଲେ । ବହୁତ ଲୋକ ଜମା ହେଇଯିବାରୁ ମାଙ୍କଡ଼ ଦୁଇଟି ଡିଆଁ ମାରି ପଳେଇଗଲେ । କିନ୍ତୁ ଚାଦର ଯୋଉ ମାଙ୍କଡ଼ ନେଇଥିଲା ସିଏ ଆଉ ଦେଲା ନାଇଁ । ସିଧା ଯାଇ ମେଘନାଦ ପାଚିରି ଉପରେ ବସିଲା । ଯିଏ ଯେତେ ମାଗିଲେ ଶୁଣିଲା ନାଇଁ । ବିଚରା ତୁଳସୀ

ଦାସ ନିରାଶ ହୋଇ ପୁଣି ପାହାଚରେ ଓହ୍ଲେଇବାକୁ ଲାଗିଲେ । ଏଇ ସମୟରେ ଜଣେ ଖୁବ୍ ଡେଙ୍ଗା ଲୋକ ଆସି ତୁଳସୀ ଦାସଙ୍କୁ ଟିକିଏ ଅନେଇଲା । ତା'ପରେ ସେ ମାଙ୍କଡ଼ ଆଡ଼କୁ ହାତ ବଢ଼େଇବାରୁ ସେ ଚାଦରଟି ଆଣି ସୁନା ପିଲାଟି ଭଳି ଦେଇଦେଲା । ସେ ଲୋକ ତୁଳସୀ ଦାସଙ୍କୁ ପୁଣି ଟିକିଏ ଚାହିଁ ଚାଦରଟି ତାଙ୍କ ହାତକୁ ବଢ଼ାଇ ଦେଲା । ତୁଳସୀ ଚାଦର ପାଇ କୃତଜ୍ଞତାର ଭାବ ଫୁଟେଇ ପୁଣି ପାହାଚସବୁ ଓହ୍ଲେଇ ଚାଲିଲେ ।

''ତୁଳସୀଙ୍କ ମନରେ ଅଶେଷ କ୍ଷୋଭ । ଯାତ୍ରା ତାଙ୍କର ବୃଥା ହେଲା । ସେ ଶୁଣିଥିଲେ ଜଗନ୍ନାଥ ରାମଚନ୍ଦ୍ର ବୋଲି । କିନ୍ତୁ ଦେଖିଲେ କ'ଣ ? ବାଟରେ ମଧ୍ୟ ଆସିଲାବେଳେ ଜଣେ ପଣ୍ଡିତଙ୍କଠାରୁ ଶୁଣିଥିଲେ ରାମଚନ୍ଦ୍ର ଯେତେବେଳେ ସ୍ୱର୍ଗବାସ କଲେ ସେତେବେଳେ ବିଭୀଷଣଙ୍କୁ କହି ଯାଇଥିଲେ ଇକ୍ଷ୍ୱାକୁ ବଂଶର କୁଳଦେବତା ଜଗନ୍ନାଥଙ୍କୁ ପୂଜା କରିବାକୁ । ଆଉ ଏଇ ଜଗନ୍ନାଥ ହେଉଚନ୍ତି ଇକ୍ଷ୍ୱାକୁ କୁଳର ଦେବତା । ଏଇ କଥା ମଧ୍ୟ ବୈତରଣୀ ପାରି ହେଲା ପରେ ଯାଜପୁର ବିରଜା କ୍ଷେତ୍ରରେ ଜଣେ ଉତ୍କଳୀୟ ପଣ୍ଡିତ ତାଙ୍କୁ କହୁଥିଲେ । ସେ କହୁଥିଲେ ପୁରୁଷୋତ୍ତମର ଜଗନ୍ନାଥ ଇକ୍ଷ୍ୱାକୁ ବଂଶର କୁଳ ଦେବତା । ରାମ-କୃଷ୍ଣ-ବୁଦ୍ଧ ପ୍ରଭୃତି ସମସ୍ତେ ଜଗନ୍ନାଥଙ୍କ ଅଂଶୀଭୂତ । ବିଶେଷ କାର୍ଯ୍ୟ ନିମନ୍ତେ ତାଙ୍କରିଠାରୁ ଆସି ପୁଣି ତାଙ୍କରିଠାରେ ଲୀନ ହେଇଯାଆନ୍ତି । ତା'ହେଲେ ଏଇ ଜଗନ୍ନାଥ କ'ଣ ରାମଚନ୍ଦ୍ରଙ୍କର କୁଳଦେବତା ? ହାତଗୋଡ଼ ସବୁ ଖଣ୍ଡିଆ, କାନ ନାଇଁ, ପାଟି ଖାଲି ଯାହା ଚିତ୍ର ହେଇଚି । ତୁଳସୀଙ୍କ ମନରେ ଚିନ୍ତା ପରେ ଚିନ୍ତା; କିନ୍ତୁ କିଛି ସମାଧାନ ନାଇଁ । ଶେଷକୁ ସେ ସ୍ଥିର କଲେ ଆଉ ଏଠି ରହିବେ ନାଇଁ । ଶ୍ରୀମନ୍ଦିରକୁ ପଛ କରି ସେ ଫେରି ଚାଲିଲେ ।

''ସଂଧ୍ୟା ହେଇ ଆସିଲାଣି । ତୁଳସୀ ବହୁତ କ୍ଳାନ୍ତ । ଗୋଟିଏ ଚଉତରା ଉପରେ ବିଶ୍ରାମ ପାଇଁ ଟିକେ ବସି ପଡ଼ିଲେ । ମୁଖରେ ନିରନ୍ତର ସୀତାରାମଙ୍କ ନାମ ଉଚ୍ଚାରଣ । ରାତି ହେଇ ଆସିଥିଲେ ବି ଚଉତରା କଡ଼ ରାସ୍ତା ଦେଇ ଲୋକମାନଙ୍କର ସମାଗମ କମି ନ ଥାଏ । ଦଳ ଦଳ ହେଇ ଲୋକ ଖୋଳ, କରତାଳ, ଖଞ୍ଜଣି ଆଦି ବଜେଇ ଜଗନ୍ନାଥଙ୍କ ଭଜନ ଗାଇ ଗାଇ ଶ୍ରୀକ୍ଷେତ୍ର

ଆଡ଼କୁ ଚାଲିଥାଆନ୍ତି । ଆଉ ଦଳେ ଦଳେ ଶ୍ରୀକ୍ଷେତ୍ରରୁ ମହାପ୍ରସାଦ ସେବନ କରି ଆନନ୍ଦ ମନରେ ଫେରୁଥାଆନ୍ତି । ତୁଳସୀ ଏମାନଙ୍କୁ ସବୁ ଦେଖି ମନେ ମନେ ହସୁ ଥାଆନ୍ତି । ଭାବୁ ଥାଆନ୍ତି – ଏ ଲୋକଗୁଡ଼ାକ କି ମୂର୍ଖ ! ଗୋଟାଏ କୁତ୍ସିତ, କଦାକାର ମୂର୍ତ୍ତିକି ପୂଜା କରି ଏମାନେ ଏତେ ଆନନ୍ଦରେ ବିଭୋର ! ଏମାନେ ବୋଧେ ରାମ ଆଉ କୃଷ୍ଣଙ୍କ ମୂର୍ତ୍ତିକି ଦେଖି ନାହାନ୍ତି । ଦେଖିଥିଲେ ଏ ମୂର୍ତ୍ତିକି ଦେଖି କେବେ ବି ଭକ୍ତି ଭାବ ଜାଗ୍ରତ୍ ହୁଅନ୍ତା ନାହିଁ । ଏଇ ସମୟରେ ଜଣେ ଲୋକ ଜଞ୍ଜିରରେ ବନ୍ଧା ହେଇଥିବା ଗୋଟିଏ ମାଙ୍କଡ଼ ଧରି ଆସି ସେଇ ଚଉତରା ଉପରେ ବସିଲେ ।

''ମାଙ୍କଡ଼କୁ ଦେଖି ତୁଳସୀ ଟିକିଏ ଡରିଗଲେ । ଏଠାକାର ମାଙ୍କଡ଼ଗୁଡ଼ାକ ବହୁତ ଦୁଷ୍ଟ । ସାଧୁ ସନ୍ଥ ବିଶେଷ କରି ରାମଭକ୍ତମାନଙ୍କୁ ସମ୍ମାନ ନ କରି ଓଲଟା ଆକ୍ରମଣ କରନ୍ତି । ମାଙ୍କଡ଼ ଧରି ଆସିଥିବା ଲୋକଟି ଚଉତରା ଉପରେ ବସି ପଢ଼ୁ ପଢ଼ୁ ଜୟରାମ, ଜୟ ଜଗନ୍ନାଥ ବୋଲି ଉଚ୍ଚାରଣ କଲେ । ତାଙ୍କ ମୁଖରୁ ରାମନାମ ଶୁଣି ତୁଳସୀଙ୍କର ତାଙ୍କ ପ୍ରତି ଟିକିଏ ଆଗ୍ରହ ଜନ୍ମିଲା । ସେ ତାଙ୍କୁ ପଚାରିଲେ, 'ବାବା, ତୁମେ କୁଆଡ଼େ ଯିବ ?' ଆଗନ୍ତୁକ ଟିକିଏ ଉଦାସୀନ ଭାବରେ କହିଲେ, 'କୁଆଡ଼େ ଆଉ ଯିବା ? ଯିବା ଆସିବା ତ ସବୁବେଳେ ଲାଗିଚି ? ଇଚ୍ଛା କରି ବି ଏଠୁ ଯାଇ ହଉଚି କୋଉଠି ? ଯୋଉଠି ଭଗବାନ୍ ରାମ ସ୍ୱୟଂ ବିଜେ କରିଚନ୍ତି ସେଠୁ ଫେରିଯିବାକୁ କାଇଁକି ମୋତେ ଇଚ୍ଛା ହଉ ନାଇଁ ।'

''ଏଁ, ଏଠି ଭଗବାନ୍ ରାମ ବିଜେ କରିଚନ୍ତି ! ତୁଳସୀ ଦାସ ଆଶ୍ଚର୍ଯ୍ୟ ହେଇ ପଚାରିଲେ, 'ବାବା, ଏ ଧାମ ତ ଜଗନ୍ନାଥଙ୍କର; ଏଠି ରାମ କୋଉଠୁ ଆସିଲେ ?' ଆଗନ୍ତୁକ ଟିକିଏ ହସି କହିଲେ, 'ବାବା, ତାଙ୍କୁ ଜାଣିବାର ଭାବନେଇ, ଦେଖିବାର ଆଖି ନେଇ ସିନା ଦେଖିଲେ ଦେଖି ହବ । ଆଉ ଏଣୁତେଣୁ ସନ୍ଦେହର ଭାବନେଇ ଦେଖିଲେ କ'ଣ କେହି ଦେଖିପାରିବ ? ଭଗବାନ୍ ରାମ ଯଦି ଏଠି ନ ଥା'ନ୍ତେ ତେବେ ବିଭୀଷଣ କାଇଁକି ସବୁଦିନେ ଏଠାକୁ ଆସୁଥାଆନ୍ତେ ?'

''ବିଭୀଷଣଙ୍କ ନାମ ଶୁଣି ତୁଳସୀଙ୍କ ହୃଦୟରେ ଯେପରି ଚାଉଁକିନା କ'ଣ ଲାଗିଗଲା । ସେ ଆଗନ୍ତୁକଙ୍କ ଆହୁରି ପାଖକୁ ଘୁଞ୍ଚି ଆସିଲେ । ଏତିକିବେଳେ ସେ ମାଙ୍କଡ଼ଟା ତଳେ ଥିଲା ଖପ୍‌କରି ଡେଇଁପଡ଼ି ଆସି ତୁଳସୀ ଓ ଆଗନ୍ତୁକଙ୍କ ମଝିରେ ବସି ପଡ଼ିଲା । ମାଙ୍କଡ଼କୁ ଦେଖି ତୁଳସୀ ଦାସ ଭୟଭୀତ ହେଇପଡ଼ିଲେ । ଆଗନ୍ତୁକ ତାଙ୍କୁ ଆଶ୍ୱାସନା ଦେଇ କହିଲେ, 'ଭୟ କର ନାଇଁ, ରାମଦାସ କିଛି କ୍ଷତି କରିବ ନାଇଁ । ସେ ଜମା ଦୁଷ୍ଟ ମାଙ୍କଡ଼ ନୁହଁ । ବେଳେବେଳେ ଟିକିଏ ଅମାନିଆ ହେଇପଡ଼େ । କାଇଁକି ହେଇପଡ଼େ ମୁଁ ଜାଣେ ନାଇଁ । ହେଇ, ଆଜି ଦିଅଁ ଦର୍ଶନକୁ ଗଲାବେଳେ ବନ୍ଧନମୁକ୍ତ ହବାକୁ ଚାହିଁଲା । ମୁଁ ତାକୁ ଖୋଲି ଦେଲି । ସେ ଯାଇ ପାଚିରି ଉପରେ ଅନ୍ୟ ମାଙ୍କଡ଼ଙ୍କ ସହ ମିଶିଲା । ତାଙ୍କ ସଙ୍ଗେ ମିଶି ବୋଧେ ତା'ର ଟିକିଏ ଦୁଷ୍ଟାମି ପ୍ରକୃତି ଆସିଗଲା । କ'ଣ କଲାନା ଜଣେ ରାମଭକ୍ତ ଆଗରେ ଯାଇ ଠିଆ ହେଇଗଲା । ତା' ଦେଖାଦେଖି ଆଉ ଗୋଟାଏ ମାଙ୍କଡ଼ ବି ଯାଇ ଠିଆ ହେଇଗଲା । ସେ ଭକ୍ତ ଜଣକ ଭୟରେ ପାଟି କରିବାରୁ ଲୋକମାନେ ଦଉଡ଼ି ଆସିଲେ । ଲୋକମାନେ ଆସିଯିବାରୁ ରାମଦାସ ସେ ଭକ୍ତଙ୍କର ଚଦରଟି ନେଇ ପାଚେରି ଉପରକୁ ଚାଲିଗଲା । ମୁଁ ମାଗିବାରୁ ମତେ ଚାଦରଟି ଦେଲା । ସତରେ କିନ୍ତୁ ରାମଦାସ ଦୁଷ୍ଟ ନୁହଁ । ତା'ର ଟିକିଏ ପିଲାଳିଆମି ଅଛି ।'

''ତୁଳସୀ ଜାଣିପାରିଲେ ଏଇ ମାଙ୍କଡ଼ ତାଙ୍କୁ ହଟହଟା କରିଥିଲା । ଯେତେହେଲେ ତାଙ୍କର ଭୟଗଲା ନାଇଁ । ସେ ଟିକିଏ ଦୂରେଇ ରହିବାକୁ ଚାହିଁଲେ । ଆଗନ୍ତୁକ ତାଙ୍କୁ ପୁଣି ଭରସା ଦେଇ କହିଲେ, 'ବାବା, ଜମା ଡରନ୍ତୁ ନାଇଁ । ରାମଦାସ କିଛି କ୍ଷତି କରିବ ନାଇଁ । ବିଶେଷତଃ ରାତିରେ ସେ କାହାରି କିଛି କରେ ନାଇଁ । ତା'ଛଡ଼ା ମୁଁ ତ ତା' ପାଖରେ ଅଛି ।'

''ତୁଳସୀ ଟିକିଏ ଆଶ୍ୱସ୍ତ ହେଇ ପଚାରିଲେ, 'ଆଚ୍ଛା, ବାବା, ତୁମେ ପରା କହୁଥିଲ ଏଠାକୁ ବିଭୀଷଣ ପ୍ରତିଦିନ ଆସନ୍ତି । ତୁମେ ତାଙ୍କୁ ଦେଖିଚ ?' ଏହାର ଉତ୍ତରରେ ଆଗନ୍ତୁକ କହିଲେ, 'ବାବା, ଖାଲି ବିଭୀଷଣ ନୁହନ୍ତି, ହନୁମାନ, ପର୍ଶୁରାମଙ୍କ ସହ ଅନ୍ୟାନ୍ୟ ଦେବାଦେବୀ ମଧ ଆସନ୍ତି । ଜଗନ୍ନାଥହିଁ

ପରଂବ୍ରହ୍ମଙ୍କର ପ୍ରତୀକ । ବିଭୀଷଣଙ୍କୁ ତ ସ୍ୱୟଂ ରାମଚନ୍ଦ୍ର ତାଙ୍କର ସ୍ୱର୍ଗଗମନ ସମୟରେ ଆଦେଶ ଦେଇ ଯାଇଚନ୍ତି ଜଗନ୍ନାଥଙ୍କ ପୂଜା କରିବା ଲାଗି । ତେଣୁ ସେ ତ ଆସିବାକୁ ବାଧ ।'

''ତୁଳସୀଦାସ କହିଲେ, 'ବାବା, ମୁଁ ଶୁଣିଥିଲି ବିଭୀଷଣ ଏଠାକୁ ପ୍ରତିଦିନ ଆସନ୍ତି, ଆଉ ରାମଚନ୍ଦ୍ର ଜଗନ୍ନାଥଙ୍କ ରୂପରେ ଅଛନ୍ତି । କିନ୍ତୁ ଅଯୋଧ୍ୟାରୁ ଏତେ ବାଟ ଆସି ମୁଁ କାହାରି ଦର୍ଶନ ପାଇଲି ନାହିଁ । ଜଗନ୍ନାଥ ହେଇପାରନ୍ତି ସ୍ୱୟଂ ପରଂବ୍ରହ୍ମ; କିନ୍ତୁ ରାମଚନ୍ଦ୍ରଙ୍କ ଦିବ୍ୟ କମନୀୟ କାନ୍ତି ସହ ତାଙ୍କୁ ସମାନ କରାଯାଇପାରିବ ନାହିଁ ।'

''ଆଗନ୍ତୁକ କହିଲେ, 'ବାବା, ଆପଣ ସିଦ୍ଧ ଭଳି ଦେଖାଯାଉଛନ୍ତି; କିନ୍ତୁ ଆହୁରି ଅନେକ ବାକି ଅଛି । ପରଂବ୍ରହ୍ମଙ୍କୁ ଚିହ୍ନିବାକୁ ଓ ଜାଣିବାକୁ ଏଭଳି କ୍ଷେତ୍ର ଆଉ କୋଉଠି ନାହିଁ । ଅବତାର ପୁରୁଷମାନେ ଏଇ ଜଗନ୍ନାଥଙ୍କଠାରୁ ଉଦ୍ଭବ ହେଇ ସୃଷ୍ଟି ରକ୍ଷା କରନ୍ତି ଓ ପୁଣି ତାଙ୍କରି ମଧ୍ୟରେ ଲୀନ ହୁଅନ୍ତି । ସିଦ୍ଧ ପୁରୁଷମାନେ ସେଇଥିପାଇଁ ଏ କ୍ଷେତ୍ର ଛାଡ଼ି କୁଆଡ଼େ ଯିବାକୁ ଇଚ୍ଛା କରନ୍ତି ନାହିଁ । ଆଚ୍ଛା ହଉ ଆପଣ ବିଶ୍ରାମ ନିଅନ୍ତୁ, ମୁଁ ଯାଉଚି ।' ଏହା କହି ଆଗନ୍ତୁକ ତାଙ୍କ ମାଙ୍କଡ଼କୁ ଧରି ଚାଲିଗଲେ ।

''ତୁଳସୀଦାସ ଅପଲକ ନୟନରେ ଚାହିଁ ରହିଲେ ସେଇ ଦୁଇ ଜଣଙ୍କ ଯିବା ବାଟକୁ । ଧୀରେ ଧୀରେ ଅନ୍ଧକାର ମଧ୍ୟରେ ସେମାନେ ଅଦୃଶ୍ୟ ହେଇଗଲେ । ତୁଳସୀଦାସ ନିଜେ ଯେତେବେଳେ ଦର୍ଶନ ନ କରିଚନ୍ତି, ଅନ୍ୟ କଥାରେ କାହିଁକି ବିଶ୍ୱାସ କରିପାରିଲେ ନାହିଁ । ସେଇ ଚଉତରା ଉପରେ ଗଡ଼ପଡ଼ ହଉ ହଉ କେତେବେଳେ ତାଙ୍କ ଆଖିକି ନିଦ ଆସିଯାଇଚି । ରାତି ଆଉ ଅଳ୍ପ ସମୟ ବାକି ଅଛି । ତୁଳସୀ ଦେଖିଲେ ତାଙ୍କ ଆଗରେ ସ୍ୱୟଂ ରାମଚନ୍ଦ୍ର ଉଭା ହେଇ କହୁଚନ୍ତି, 'ତୁଳସୀ, ତୁ ପୁରୁଷୋତ୍ତମ କ୍ଷେତ୍ରକୁ ନିନ୍ଦା କରି ଅବଜ୍ଞାକରି ଭୁଲ୍ କରୁଚୁ । ମୁଁ ସ୍ୱୟଂ ବ୍ରହ୍ମଙ୍କ ପ୍ରତୀକ । ବ୍ରହ୍ମଙ୍କୁ ସଂପୂର୍ଣ୍ଣରୂପେ ଦେଖିବା ସମ୍ଭବ ନୁହେଁ । ତେଣୁ ମତେ, ଲକ୍ଷ୍ମଣ ଓ ସୀତାଙ୍କୁ ତୁ ଅସଂପୂର୍ଣ୍ଣ ଭାବେ ଦେଖୁଚୁ । ତୁ ଶ୍ରୀମନ୍ଦିରରୁ ଫେରିଲାବେଳେ ଯେଉଁ ମାଙ୍କଡ଼ ତୋ ଚଦର

ନେଇଗଲା ସେ ହନୁମାନ । ଯିଏ ଚଦର ତା'ଠାରୁ ଆଣି ତତେ ଦେଲା ସିଏ ସ୍ୱୟଂ ଲଙ୍କପତି ବିଭୀଷଣ । ଏ ଚଉତରା ଉପରେ ସେଇ ବିଭୀଷଣ ହନୁମାନଙ୍କୁ ଧରି ଆସି ତୋ ସହ କଥାବାର୍ତ୍ତା ହଉଥିଲା । ତୁ ଅଜ୍ଞାନତା, ସୀମିତତା, ସଂକୀର୍ଣ୍ଣତା ତଥା ଅଭିମାନ ଯୋଗୁଁ କାହାରିକୁ ବି ଚିହ୍ନିପାରିଲୁ ନାଇଁ । ତୋର ରାମ ଏଇ ଜଗନ୍ନାଥଙ୍କ ଭିତରେ ଅଛନ୍ତି । କାଲି ସକାଳେ ଆସି ଦର୍ଶନ କରିପାରୁ ।'

''ସିଏ କ'ଣ ସ୍ୱପ୍ନରେ ରାମଚନ୍ଦ୍ରଙ୍କୁ ଦେଖିଲେ ?'' ପଚାରିଲା ଅନୁରକ୍ତା ।

''ହଁ, ସ୍ୱପ୍ନରେ ଦେଖିଲେ ।''

''ସେଇଠୁ କ'ଣ ହେଲା ?''

''ସେଇଠୁ ତୁଳସୀଙ୍କ ନିଦ ଚାଉଁକିନା ଭାଙ୍ଗିଗଲା । ସେ ଧଡ଼ପଡ଼ ହେଇ ଉଠିବସିଲେ । ଦେହ ମନରେ ଅପୂର୍ବ ଶିହରଣ । ସେତେବେଳକୁ ପୂର୍ବାକାଶରେ ପାହାନ୍ତି ତରା ଦେଖା ଦେଇଥାଏ । ମୁହୂର୍ତ୍ତେ ବିଳମ୍ବ ନ କରି ନିତ୍ୟକର୍ମ ସାରି ସେ ଧାଇଁଲେ ଶ୍ରୀମନ୍ଦିର ଆଡ଼କୁ । ମନ୍ଦିରରେ ପହଞ୍ଚିଲାବେଳକୁ ଠିକ୍ ଦ୍ୱାର ଖୋଲା ହଉଚି । ଭକ୍ତମାନେ ଗୀତଗୋବିନ୍ଦ ଗାଉଚନ୍ତି । ତୁଳସୀ ଦେଖିଲେ ସ୍ୱୟଂ ରାମଚନ୍ଦ୍ର-ସୀତା-ଲକ୍ଷ୍ମଣ ତାଙ୍କର ସମସ୍ତ ଦିବ୍ୟ ମନୋହର ରୂପ ନେଇ ରତ୍ନ ସିଂହାସନରେ ବିଜେ କରିଚନ୍ତି । ତୁଳସୀଙ୍କ ମନରୁ ସମସ୍ତ ସନ୍ଦେହ ଦୂର ହେଇଗଲା । ହୃଦୟ ଭାବାବେଗରେ ପୁଲକି ଉଠିଲା । ଶରୀର ରୋମାଞ୍ଚିତ ହେଇଉଠିଲା । ଆଖିରୁ ଧାର ଧାର ଲୁହ ଝରି ପଡ଼ିଲା । ସେ ଲମ୍ବ ହେଇ ତଳେ ପଡ଼ିଗଲେ । ସର୍ବାଙ୍ଗରେ କୃତଜ୍ଞତାର ଚିହ୍ନ । ଏତିକିବେଳେ ଭକ୍ତମାନଙ୍କ କଣ୍ଠରୁ ଶୁଭିଲା ଜୟଦେବଙ୍କ ଗୀତଗୋବିନ୍ଦର ଗୋଟିଏ ପଦ –

'ବିତରସି ଦିକ୍ଷୁରଣେ ଦିଗପତି କମନୀୟମ୍
ଦଶମୁଖ ମୌଳି ବଳିଂ ରମଣୀୟମ୍
କେଶବ ! ଧୃତ ରାମଶରୀର
ଜୟ ଜଗଦୀଶ ହରେ ।'

''କିନ୍ତୁ ତୁଳସୀଙ୍କ ହୃଦୟରୁ ଝରିଆସିଲା ସ୍ୱତଃସ୍ଫୂର୍ତ୍ତରୂପେ ଆଉ ଏକ ପଦ –

'ବିନୁପଦ ଚଲଇ ସୁନଇ ବିନୁ କାନା ।
କରବିନୁ କରମ କରଇ ବିଧନାନା ॥
ଆନନ ରହିତ ସକଲ ରସଭୋଗୀ ।
ବିନୁ ବାନୀ ବକତା ବଡ଼ ଯୋଗୀ ॥'

''ୟାର ଅର୍ଥ କ'ଣ ?'' ପଚାରିଲା ଅନୁରକ୍ତା ।

''ୟାର ଅର୍ଥ ହଉଚି –

'ପାଦ ବିନା ଚାଲଇ ଶୁଣଇ କାନ ବିନା ।
କର ନ ଥାଇ କରି ଚାଲଇ କର୍ମ ନାନା ॥
ଆନନ ନ ଥାଇ କରେ ସବୁ ରସ ଭୋଗ ।
କଥା ନ କହି ସିଏ ବକତା ମହାଭାଗ ॥'

''ଏ ପଦଟି କ'ଣ ଜଗନ୍ନାଥଙ୍କୁ ବୁଝାଉ ନାଇଁ ? ହାତ, ପାଦ, ପାଟି ତାଙ୍କର ଥାଇ ବି ନ ଥିଲା ପରି । ସବୁ ଖଣ୍ଡିଆ, ଅପୂର୍ଣ୍ଣ । କାନ ତ ଜମା ନାଇଁ । କଳା, କୁତ୍ସିତ ରୂପ । ତାଙ୍କର ମୁଖମଣ୍ଡଳ ନ ଥାଇ ବି ସେଇଥିରେ ସିଏ ସବୁ କରୁଚନ୍ତି, ସବୁ ଶୁଣୁଚନ୍ତି, ସବୁ କହୁଚନ୍ତି, ସବୁ ରସ ଭୋଗ କରୁଚନ୍ତି ଓ ଅନ୍ୟମାନଙ୍କୁ ଭୋଗ କରାଉଛନ୍ତି ।''

''ସେଇଠୁ କ'ଣ ହେଲା କୁହ ।'' ଦର୍ଶନ ବ୍ୟାଖ୍ୟାରୁ କାହାଣୀ ଉପରକୁ ଟାଣି ନେବା ଲାଗି ଅନୁରକ୍ତା ବ୍ୟଗ୍ର ହେଇପଡ଼ିଲା ।

''ତୁଳସୀ ଦାସ ସେମିତି ଭକ୍ତି ଗଦ୍ ଗଦ୍ କୃତଜ୍ଞତାଭରା ହୃଦୟନେଇ ପଡ଼ିଥାଆନ୍ତି । ରତ୍ନସିଂହାସନ ଉପରୁ ଭାସି ଆସିଲା ଏକ ଦିବ୍ୟ ଗମ୍ଭୀର ସ୍ୱର – ତୁଳସୀ ତମେ ରାମାୟଣ ରଚନା କର । ତାହା ବାଲ୍ମିକିଙ୍କ ରାମାୟଣଠାରୁ ସ୍ୱତନ୍ତ୍ର ହବ । ତାହା ଭକ୍ତ ବଳରାମ ଦାସଙ୍କ ରାମାୟଣ ଭଳି ସହଜ, ସରଳ ହବ । ଭକ୍ତ ଓ ଜନସାଧାରଣଙ୍କ ନିକଟରେ ତାହା ଅତି ଆଦରଣୀୟ ବସ୍ତୁ ହେଇପଡ଼ିବ । ତୁମ ହୃଦୟରୁ ଏ ଯେଉଁ ମୋର ସ୍ୱରୂପ ବର୍ଣ୍ଣନା ଝରିଆସିଲା

ସେ ଚାରିଧାଡ଼ି ତୁମେ ତୁମ ରାମାୟଣର ବାଳକାଣ୍ଡରେ ରଖିବ ।''

''ବାଳକାଣ୍ଡ କ'ଣ ?'' ପଚାରିଲା ଅନୁରକ୍ତା ।

''ଏଠାରେ ବାଳକାଣ୍ଡ ହଉଚି ତୁଳସୀଙ୍କ ରାମାୟଣର ଯେଉଁ ଜାଗାରେ ରାମଚନ୍ଦ୍ରଙ୍କ ଶିଶୁ ଅବସ୍ଥାର କଥା ବର୍ଣ୍ଣନା କରାଯିବ ।''

''ତୁଳସୀ ଦାସ ସେଇଆ କଲେ ?''

''କରିବେ ନାଇଁ ? ଇଏ ଯେ ତାଙ୍କ ପରମପ୍ରିୟ ପ୍ରଭୁ ରାମଚନ୍ଦ୍ରଙ୍କ ଆଦେଶ ଜଗନ୍ନାଥଙ୍କ ମଧ୍ୟରୁ ଭାସି ଆସୁଚି । ପାହାନ୍ତାର ସ୍ୱପ୍ନରେ ଯେଉଁ ସ୍ୱର ଶୁଣିଥିଲେ ଇଏ ଠିକ୍ ସେଇ ସ୍ୱର । ବହୁସମୟ ପରେ ତୁଳସୀ ଉଠିଲେ । କିନ୍ତୁ ରାମଙ୍କ ରୂପ ଆଉ ନାଇଁ । ସିଂହାସନରେ ଜଗନ୍ନାଥଙ୍କୁ ଦେଖିଲେ । ଆଉ ଦେଖିଲେ ଓ ଅନୁଭବ କଲେ ଜଗନ୍ନାଥଙ୍କ ଦକ୍ଷିଣ ହସ୍ତରୁ ଏକ ଜ୍ୟୋତିଃ ବିଜୁଳି ଭଳି ଆସି ତାଙ୍କ ମଧ୍ୟରେ ମିଶିଗଲା । ସେତେବେଳକୁ ମନ୍ଦିର ଭକ୍ତମାନଙ୍କ ଗହଣରେ ଭରିଗଲାଣି । ଦେଉଳ ଭିତର ସ୍ତବ ସ୍ତୁତିରେ ଉଚ୍ଛୁଳି ପଡ଼ୁଚି । କିନ୍ତୁ ଭାବବିହ୍ୱଳ, କୃତଜ୍ଞ ତୁଳସୀଙ୍କ ମୁଖରେ ଖାଲି ସେଇ ପଦଟି ଲାଖି ରହିଚି –

ବିନୁପଦ ଚଲଇ ସୁନଇ ବିନୁ କାନା ।
କରବିନୁ କରମ କରଇ ବିଧନାନା ॥
ଆନନ ରହିତ ସକଲ ରସଭୋଗୀ ।
ବିନୁ ବାନୀ ବକତା ବଡ଼ଯୋଗୀ ॥''

# ସର୍ବଘଟେ ହରି

''ଚିନୁଭାଇ, ତୁମେ କହୁଥିଲ ଭଗବାନ୍ କୌଣସି ନିର୍ଦ୍ଦିଷ୍ଟ ରୂପରେ ବନ୍ଧା ହୋଇ ନ ଥା'ନ୍ତି; ତାଙ୍କୁ ଭକ୍ତ ଯେଉଁ ରୂପରେ ଚାହେଁ ସେଇ ରୂପରେ ଦେଖେ, ଯେପରି ଭକ୍ତ ତୁଳସୀ ଦାସ ଜଗନ୍ନାଥଙ୍କ ମଧ୍ୟରେ ଶ୍ରୀରାମଚନ୍ଦ୍ରଙ୍କୁ ଦେଖିଲେ । ଆଚ୍ଛା, ଭଗବାନ୍ ତ ସବୁ ଜୀବ, ସବୁ ଜିନିଷ ଭିତରେ ପୂରି ରହିଚନ୍ତି । ତେବେ ଠାକୁରଙ୍କ ମୂର୍ତ୍ତି ଅଥବା ଫଟୋ ପ୍ରଭୃତି ଛଡ଼ା ଅନ୍ୟ ଯେଉଁ ବସ୍ତୁରୁ ଭକ୍ତ ଚାହିଁବ ସେ ବସ୍ତୁରୁ କ'ଣ ସେ ଭଗବାନଙ୍କୁ ପାଇପାରିବ ?'' ପଚାରିଲା ଅନୁରକ୍ତା ଭାଇ ଚିନ୍ମୟକୁ ।

''ହଁ, ଭଗବାନ୍ ସବୁ ବସ୍ତୁରେ ପୂରି ରହିଚନ୍ତି । ଭକ୍ତ ଲାଗି ଦରକାର ମନେ କଲେ ସେ ଯେକୌଣସି ବସ୍ତୁରୁ ନିଜକୁ ପ୍ରକଟ କରାଇପାରନ୍ତି । ତୁ ତ ସେଥର କହୁଥିଲୁ ପ୍ରହ୍ଲାଦଙ୍କ କଥା ଜାଣିଚୁ ବୋଲି । ସେଇଥିରୁ କ'ଣ ଜାଣିନୁ ଭଗବାନ୍ ବିଷ୍ଣୁ କିପରି ଗୋଟିଏ ଖମ୍ବରୁ ନରସିଂହ ରୂପ ଧାରଣ କରି ବାହାରି ହିରଣ୍ୟକଶିପୁକୁ ମାରିଥିଲେ ? ତେଣୁ ଭଗବାନ୍ ତାଙ୍କ ଭକ୍ତ ଲାଗି ଯେକୌଣସି ସମୟରେ ଯେକୌଣସି ବସ୍ତୁରୁ ପ୍ରକଟ ହୋଇପାରନ୍ତି । ଖାଲି ଭକ୍ତର ସେଭଳି ବିଶ୍ୱାସ ଥିଲେ ହେଲା । ସେଇଥିପାଇଁ ଶ୍ରୀଅରବିନ୍ଦ କହିଚନ୍ତି :

'The Supreme faith is that which sees God in all and to its eye the manifestation and the non-manifestation are one Godhead. The perfect union is that which meets the Divine at every moment, in every action and with all the integrality of the nature.'

(Essays on the Gita – Cent. Vol. 13, P. 386)

'ତାହାହିଁ ହଉଚି ପରମ ବିଶ୍ୱାସ, ଯାହା ସକଳଙ୍କ ମଧ୍ୟରେ ଭଗବାନଙ୍କୁ ଦର୍ଶନ କରେ, ଯାହାର ଦୃଷ୍ଟିରେ ବ୍ୟକ୍ତ ଓ ଅବ୍ୟକ୍ତ ଉଭୟ ସେହି ଏକ ଭଗବାନ୍ । ତାହାହିଁ ହଉଚି ପରିପୂର୍ଣ୍ଣ ମିଳନ, ଯାହା ଭଗବାନଙ୍କୁ ପ୍ରତିମୁହୂର୍ତ୍ତରେ, ପ୍ରତ୍ୟେକ କର୍ମରେ ଓ ପ୍ରକୃତିର ସକଳ ପୂର୍ଣ୍ଣାଙ୍ଗତାରେ ସାକ୍ଷାତ୍ କରେ ।' କହିଲା ଚିନ୍ମୟ ।

''ଆଚ୍ଛା, ପ୍ରହ୍ଲାଦଙ୍କ ବଡ଼ଭାଇ ଅନୁହ୍ଲାଦ ଭଗବାନ୍ ବିଷ୍ଣୁଙ୍କୁ ମାରିବା ପାଇଁ ଖୋଜୁଥିଲା, ଭଗବାନଙ୍କ ପ୍ରତି ଏତେ ଶତ୍ରୁତା ଭାବ ରଖିଥିଲା, ଅବଶ୍ୟ ତାହା ବି ଥିଲା ଏକ ପ୍ରକାର ଭକ୍ତି, କିନ୍ତୁ ପ୍ରହ୍ଲାଦଙ୍କର କିପରି ପିଲାଟି ଦିନରୁ ଭଗବାନଙ୍କ ପ୍ରତି ଏତେ ଶ୍ରଦ୍ଧା, ଏତେ ବିଶ୍ୱାସ, ଏତେ ଅନୁରାଗ ଜନ୍ମିଥିଲା ? ଦୁହେଁ ତ ସେଇ ଏକା ରାକ୍ଷସ ହିରଣ୍ୟକଶିପୁର ପୁଅ । ଉଭୟଙ୍କ ସ୍ୱଭାବ ଏତେ ଆକାଶ ପାତାଳ ଫରକ ହେଲା କେମିତି ?'' ପଚାରିଲା ଅନୁରକ୍ତା ।

''ଦୁହେଁ ଏକା ଅସୁରର ସନ୍ତାନ ହେଲେ ବି ପ୍ରକୃତି ଫରକ ହେଲା କେମିତି ? ତାହା ସମ୍ଭବ ହେଲା ଜନ୍ମ ପୂର୍ବର ଶିକ୍ଷା ଯୋଗୁଁ ।''

''ଜନ୍ମ ପୂର୍ବରୁ କ'ଣ କେହି ଶିକ୍ଷା କରିପାରେ ?'' ପଚାରିଲା ବିସ୍ମିତା ଅନୁରକ୍ତା ।

''ହଁ, ଜନ୍ମ ପୂର୍ବରୁ ମା ପେଟରେ ଥିଲାବେଳେ ଶିଶୁ ଅନେକ କିଛି ଶିକ୍ଷା କରିପାରେ ଓ ଯେଉଁ ଶିକ୍ଷା କି ତା' ସାରା ଜୀବନର ଶିକ୍ଷା ଅପେକ୍ଷା ବେଶୀ ପ୍ରଭାବଶାଳୀ, ବେଶୀ ମୂଲ୍ୟବାନ୍ । ସାଧାରଣତଃ ବାପମାଆମାନେ ଏସବୁ କଥା ଜାଣି ନ ଥା'ନ୍ତି କି ଏହା ଉପରେ ବିଶେଷ ଗୁରୁତ୍ୱ ଦେଇ ନ ଥା'ନ୍ତି । ଯେକୌଣସି ପ୍ରକାରେ ସନ୍ତାନଟିଏ ଜନ୍ମ କରି ବାପମାଆ ବୋଲାଇଲେ ଜୀବନ ସାର୍ଥକ ହେଲା ବୋଲି ଭାବନ୍ତି । ମା' ତାଙ୍କର 'On Education' ବହିରେ କହି ନାହାନ୍ତି : 'ପ୍ରକୃତ ପକ୍ଷରେ ଶିକ୍ଷାର ପରିପୂର୍ଣ୍ଣ ଫଳ ପାଇବାକୁ ହେଲେ ଜନ୍ମର ଆଗରୁ ତାହାର ଆରମ୍ଭ ହେବା ଆବଶ୍ୟକ । ଏହି ଶିକ୍ଷା ମାଆର ମଧ୍ୟରେ ଦୁଇ ପ୍ରକାର କ୍ରିୟା ମଧ୍ୟଦେଇ ଆରମ୍ଭ ହୁଏ— ପ୍ରଥମେ ସେ ନିଜେ ନିଜର ଉନ୍ନତି କରିବ; ଦ୍ୱିତୀୟରେ ସେ ଯେଉଁ ଶିଶୁକୁ ଶରୀର ପ୍ରଦାନ କରୁଚି ତାହା ପ୍ରତି ମଧ୍ୟ ସଯତ୍ନ ଦୃଷ୍ଟି ଦେବ । ଏକଥା ଧ୍ରୁବ ସତ୍ୟ ଯେ ଯେଉଁ ଶିଶୁଟି

ଜନ୍ମଗ୍ରହଣ କରିବାକୁ ଯାଉଚି, ତାହାର ପ୍ରକୃତି ବହୁପରିମାଣରେ ନିର୍ଭର କରେ ତାକୁ ରୂପଦାନ କରୁଚି ଯେଉଁ ଜନନୀ ତାହା ଉପରେ, ମା'ର ଅଭୀପ୍ସା, ସଂକଳ୍ପ ତଥା ସେ ଯେଉଁ ଜାଗତିକ ପରିବେଶ ମଧ୍ୟରେ ବାସ କରେ ତା' ଉପରେ।' ପ୍ରହ୍ଲାଦ ଜନ୍ମପୂର୍ବରୁ ମା' ପେଟରେ ଥିଲାବେଳେ ଭଗବାନଙ୍କ ସମ୍ବନ୍ଧରେ ଶିକ୍ଷା ପାଇଥିବାରୁ ଜନ୍ମ ପରେ ପରେ ତାଙ୍କ ମଧ୍ୟରେ ଭଗବତ୍ ଭକ୍ତି ଦେଖା ଦେଇଥିଲା।''

''ସେଇ ପ୍ରହ୍ଲାଦଙ୍କ କଥା ତାଙ୍କ ଜନ୍ମପୂର୍ବରୁ କୁହ।'' ଅନୁରୋଧ ଭଙ୍ଗିରେ କହିଲା ଅନୁରକ୍ତା।

''ତୁ ତ କହୁଥିଲୁ ପ୍ରହ୍ଲାଦଙ୍କ କଥା ଜାଣିଚୁ ବୋଲି ! ପୁଣି କାଇଁକି ଶୁଣିବୁ ?''

''ନା, ନା, ମୁଁ ଭଲକରି ଜାଣି ନାହିଁ। ମୂଳରୁ ଭଲ କରି ଥରେ ଶୁଣିବାକୁ ମନ ହଉଚି। ଅନୁହ୍ଲାଦଙ୍କ କଥା ଶୁଣିବା ପରେ ମୋର ଇଚ୍ଛା ଥିଲା ପ୍ରହ୍ଲାଦଙ୍କ କଥା ଟିକେ ଭଲକରି ଶୁଣିବାକୁ। ଆଜି କୁହ ସେଇ ଆଜନ୍ମ ଭକ୍ତ ପ୍ରହ୍ଲାଦଙ୍କ କଥା।'' ଅତିଶୟ ଆଗ୍ରହଭରା କଣ୍ଠରେ କହିଲା ଅନୁରକ୍ତା।

''ଭକ୍ତମାନଙ୍କ ତାଲିକାରେ ପ୍ରହ୍ଲାଦଙ୍କ ନାମ ପ୍ରଥମେ ଆସିଥାଏ ଜାଣୁ ? ତା'ପରେ ଆସିଥାଏ ତାଙ୍କ ଗୁରୁ ନାରଦଙ୍କ ନାମ।''

''ନାରଦ କିପରି ପ୍ରହ୍ଲାଦଙ୍କ ଗୁରୁ ହେଲେ ?'' ପଚାରିଲା ଅନୁରକ୍ତା।

''ସେ ମାଆ ପେଟରେ ଥିବା ସମୟରେ ନାରଦଙ୍କଠାରୁ ସମସ୍ତ ଶିକ୍ଷା ସେ ମାଆ ପେଟରୁହିଁ ଲାଭ କରିଥିଲେ। ପ୍ରହ୍ଲାଦଙ୍କ ଅଜାଙ୍କ ନାମ ଥିଲା କାଶ୍ୟପ ଓ ଆଈଙ୍କ ନାମ ଦିତି। କାଶ୍ୟପ ଓ ଦିତିଙ୍କଠାରୁ ଜନ୍ମନେଲେ ଦୁଇଟି ପ୍ରଚଣ୍ଡ ରାକ୍ଷସ। ଗୋଟିଏ ହିରଣାକ୍ଷ ଅନ୍ୟଟି ହିରଣ୍ୟକଶିପୁ। ପ୍ରବଳ ପ୍ରତାପୀ ହିରଣାକ୍ଷ ବହୁତ ଅତ୍ୟାଚାରୀ ହୋଇଉଠିଲା। ଶେଷରେ ସମଗ୍ର ପୃଥିବୀକୁ ସମୁଦ୍ର ମଧ୍ୟରେ ବୁଡ଼େଇ ଦେଲା। ଭଗବାନ୍ ବିଷ୍ଣୁ ବରାହ ରୂପ ଗ୍ରହଣ କରି ହିରଣାକ୍ଷକୁ ବଧ କଲେ ଓ ପୃଥିବୀକୁ ସମୁଦ୍ର ମଧ୍ୟରୁ ଉଠାଇଲେ। ଭାଇ ହିରଣାକ୍ଷକୁ ବଧ କରିଥିବାରୁ ହିରଣ୍ୟକଶିପୁ ବିଷ୍ଣୁଙ୍କ ଉପରେ ରାଗି ପ୍ରତିଶୋଧ

ନେବାକୁ ଚାହିଁଲା । ତେଣୁ ସେ ସେଇ ଉଦ୍ଦେଶ୍ୟରେ ଜଙ୍ଗଲକୁ ଯାଇ କଠୋର ତପସ୍ୟା କଲା । ଏହି ସୁଯୋଗରେ ଦେବରାଜ ଇନ୍ଦ୍ର ଚାହିଁଲେ ହିରଣ୍ୟକଶିପୁର ରାଜ୍ୟ ଆକ୍ରମଣ କରିବାକୁ । କାରଣ ସେ ଥିବା ସମୟରେ ଦେବତାମାନଙ୍କ ପକ୍ଷରେ କେବେ ଅସୁରମାନଙ୍କୁ ପରାସ୍ତ କରିବା ସମ୍ଭବ ହେବ ନାଇଁ । ଚାଳକ ଓ ନେତା ନ ଥିବାରୁ ଅସୁରମାନେ ଦେବତାମାନଙ୍କ ଆକ୍ରମଣରେ ଛତ୍ରଭଙ୍ଗ ଦେଇ ଏଣେତେଣେ ପଳେଇଲେ । ଇନ୍ଦ୍ର ଅସୁର ରାଜ୍ୟ ଜୟ କରି ଫେରିବା ସମୟରେ ହିରଣ୍ୟକଶିପୁର ସ୍ତ୍ରୀ କୟାଧୁଙ୍କୁ ବଳପୂର୍ବକ ଅପହରଣ କରି ସଙ୍ଗରେ ନେଇ ଆସିଲେ । ବାଟରେ ଦେବର୍ଷି ନାରଦଙ୍କ ସହ ସାକ୍ଷାତ୍ ହେଲା । ନାରଦ ଇନ୍ଦ୍ରର ଏପରି କାର୍ଯ୍ୟକୁ ପସନ୍ଦ କଲେ ନାଇଁ । କହିଲେ, 'ଦେବରାଜ, ଅସୁର ରାଜ୍ୟ କଳେବଳେ କୌଶଳରେ ଜୟ କଲ ଭଲ କଲ; କିନ୍ତୁ ପରସ୍ତ୍ରୀକୁ ଅପହରଣ କରିବା ତ ଠିକ୍ ନୁହେଁ ।' ଏହାର ଉତ୍ତରରେ ଇନ୍ଦ୍ର କହିଲେ 'ମହାଭାଗ, ଏ ନାରୀ ବର୍ତ୍ତମାନ ଗର୍ଭବତୀ । ଏ ଯେଉଁ ସନ୍ତାନ ଜନ୍ମ କରିବ ସେ ବି ହିରଣ୍ୟ ଭଳି ପ୍ରବଳ ପ୍ରତାପୀ ହୋଇଉଠିବ । ତେଣୁ ମୁଁ ସ୍ଥିର କରିଚି ଏହାର ସନ୍ତାନ ଜନ୍ମ ହେବା ପରେ ସେ ସନ୍ତାନକୁ ମାରି ଦେଇ ଏ ନାରୀକୁ ମୁକ୍ତ କରି ଦେବି । ତା'ହେଲେ ଭବିଷ୍ୟତକୁ ଆଉ କଣ୍ଟା ରହିବ ନାଇଁ । ଇନ୍ଦ୍ରଙ୍କର ଏକଥା ଶୁଣି ନାରଦ ଟିକିଏ ହସିଲେ । କହିଲେ, 'ଇନ୍ଦ୍ର, ତୁମେ ଜାଣନା, ଏଇ ନାରୀର ଗର୍ଭରୁ ଯେଉଁ ସନ୍ତାନ ଜନ୍ମ ନେବ ସେ ହେବ ପୃଥିବୀର ସର୍ବଶ୍ରେଷ୍ଠ ଭକ୍ତ । ସେ ହେଇ ଉଠିବ ଭଗବାନଙ୍କର ଏକ ମହାନ୍ ଯନ୍ତ୍ର । ତା'ର ମାଧ୍ୟମରେହିଁ ହିରଣ୍ୟକଶିପୁ ଭଗବାନଙ୍କ ଦ୍ୱାରା ନିହତ ହେବ । ତେଣୁ ତୁମେ ସେ ନାରୀଙ୍କୁ ମୁକ୍ତ କରିଦିଅ ।' ଇନ୍ଦ୍ର ନାରଦଙ୍କ କଥା ଶୁଣି ନିଜର ଭୁଲ୍ ବୁଝିପାରିଲେ ଓ କୟାଧୁଙ୍କୁ ନାରଦଙ୍କ ନିକଟରେ ଛାଡ଼ିଦେଇ ଚାଲିଗଲେ । କୟାଧୁ ନାରଦଙ୍କ ସହ ତାଙ୍କରି କୁଟୀରରେ ରହିଲେ । ଅତି ଭକ୍ତିର ସହିତ ନାରଦଙ୍କ ସେବାରେ ନିଜକୁ ନିୟୋଜିତ କଲେ । ନାରଦ ତାଙ୍କୁ ଭଗବାନଙ୍କ ମହିମା ସଂପର୍କରେ ଓ ତାଙ୍କ ଆରାଧନା ସଂପର୍କରେ ଟିକିନିଖି କଥାସବୁ ଶିକ୍ଷା ଦେଉଥା'ନ୍ତି । ତାଙ୍କ ଗର୍ଭରେ ଥିବା ସନ୍ତାନ ନାରଦଙ୍କର ସମସ୍ତ କଥା ଖୁବ୍ ମନୋଯୋଗ ସହକାରେ

ଶୁଣୁଥାଏ । ତା'ର ସମଗ୍ର ସତ୍ତାରେ ନାରଦଙ୍କ ଭକ୍ତିରସାତ୍ମକ କଥା ଭେଦି ଯାଉଥାଏ ଓ ସେ ସେହି ରସରେ ଆପ୍ଲୁତ ହୋଇ ପଡୁଥାଏ । ବରଂ ମା ଅପେକ୍ଷା ଭାବିସନ୍ତାନ ବେଶୀ ଗ୍ରହଣ କରିପାରୁଥାଏ । ମା ଖାଲି କଥାଟା ମନରେ ଗ୍ରହଣ କରୁଥାଏ; କିନ୍ତୁ ସେ ସବୁକଥା ଚେତନାରେ ଗ୍ରହଣ କରୁଥାଏ ।

''ସମୟ ଗଡ଼ି ଚାଲିଲା । ବଢ଼ିଚାଲିଲା ହିରଣ୍ୟର ତପସ୍ୟାର କଠୋରତା । ଶେଷରେ ବ୍ରହ୍ମା ତା'ର ତପସ୍ୟାରେ ସନ୍ତୁଷ୍ଟ ହୋଇ ତାକୁ ବର ଦେଲେ । ବର ପାଇ ହିରଣ୍ୟ ଖୁସି ମନରେ ତା' ରାଜ୍ୟକୁ ଫେରିଲା । ସେ ଫେରି ଆସିବାରୁ ନାରଦ ତା'ର ସ୍ତ୍ରୀକୁ ତାକୁ ଫେରାଇ ଦେଇ ସମସ୍ତ କଥା କହିଲେ । ନାରଦ ତା'ର ସ୍ତ୍ରୀକୁ ଗର୍ଭାବସ୍ଥାରେ ଶତ୍ରୁ ହାତରୁ ରକ୍ଷା କରି ଆଶ୍ରୟ ଦେଇଥିବାରୁ ହିରଣ୍ୟ ନାରଦଙ୍କୁ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ ଅଶେଷ ସମ୍ମାନ ମଧ୍ୟ ପ୍ରଦର୍ଶନ କଲା ।

''କିଛିଦିନ ପରେ କୟାଧୁଙ୍କ ଗର୍ଭରୁ ପ୍ରହ୍ଲାଦ ଜନ୍ମ ନେଲେ । ଜନ୍ମରୁହିଁ ତାଙ୍କ ମଧ୍ୟରେ ଜଣେ ପରିପୂର୍ଣ୍ଣ ଭକ୍ତର ଗୁଣାବଳୀ ପ୍ରକାଶ ପାଇଲା । ପ୍ରହ୍ଲାଦଙ୍କ ଜନ୍ମରେ ହିରଣ୍ୟ ବହୁତ ଖୁସି ହୋଇଗଲା । ଭାବିଲା ସେଇ ପ୍ରହ୍ଲାଦଙ୍କ ମାଧ୍ୟମରେ ସେ ବିଷ୍ଣୁଙ୍କ ଉପରେ ପ୍ରତିଶୋଧ ନବ । କିନ୍ତୁ ଏହି ଅସୁର ଶିଶୁ ଭିନ୍ନ ପ୍ରକାରେ ଗଢ଼ିଉଠିଲେ । ପିଲାମାନେ ସାଧାରଣତଃ ଯେପରି ଖେଳନା ଓ ଅନ୍ୟାନ୍ୟ ଆକର୍ଷଣୀୟ ବସ୍ତୁ ପ୍ରତି ଆଗ୍ରହ ପ୍ରକାଶ କରିଥା'ନ୍ତି ପ୍ରହ୍ଲାଦଙ୍କ ମଧ୍ୟରେ ସେପରି ଦେଖାଗଲା ନାହିଁ । ଖାଇବା, ପିଇବା, ଚାଲିବା, ବସିବା, ଶୋଇବା ସବୁଥିରେ ଯେପରି ସେ ଅନ୍ୟ କେଉଁ କଥାରେ ନିମଗ୍ନ । ସବୁବେଳେ ଆଖି ଦୁଇଟି ସ୍ୱପ୍ନିଳ, ମୁଖମଣ୍ଡଳ ଭକ୍ତି ରସାପ୍ଲୁତ । ବେଳେବେଳେ ବିଷ୍ଣୁଙ୍କ ନାମ ଉଚ୍ଚାରଣ କରି ଆନନ୍ଦରେ ନୃତ୍ୟଗୀତରେ ମତ୍ତ ହେଇଯାଉଥିଲେ, ଶରୀର ତାଙ୍କର ରୋମାଞ୍ଚିତ ହେଇଯାଉଥିଲା, ଆଖିରୁ ଧାରଧାର ଲୁହ ବହି ଯାଉଥିଲା ।

''ହିରଣ୍ୟ ପ୍ରହ୍ଲାଦଙ୍କୁ ଅସୁର କୁଳ ପ୍ରଥା ଅନୁଯାୟୀ ସର୍ବୋତ୍ତମ ଶିକ୍ଷା ଦେବାର ବ୍ୟବସ୍ଥା କଲା । ମହାନ୍ ଗୁରୁ ଶୁକ୍ରାଚାର୍ଯ୍ୟଙ୍କର ଦୁଇ ପୁଅ ସନ୍ଦ ଓ ଅମାର୍କଙ୍କୁ ତାଙ୍କର ଶିକ୍ଷକ ରୂପେ ନିଯୁକ୍ତ କଲା । ଶିକ୍ଷକଙ୍କୁ କଡ଼ା ତାଗିଦ୍

କରିଦେଲା ଯେପରି ପ୍ରହ୍ଲାଦ 'ନାରାୟଣାୟ' ନାମ ଉଚ୍ଚାରଣ ନ କରି 'ହିରଣ୍ୟାୟ' ନାମ ଉଚ୍ଚାରଣ କରେ । ଶିକ୍ଷକ ଦୁହେଁ ତାଙ୍କୁ ସାଂସାରିକ ଚଳଣି ସମ୍ପର୍କରେ, ରାଜକାର୍ଯ୍ୟ ଆଦି ସମ୍ପର୍କରେ ଅନେକ ଶିକ୍ଷା ଦେଲେ । କିନ୍ତୁ ପ୍ରହ୍ଲାଦଙ୍କର ଏସବୁ ପ୍ରତି ଆଦୌ ଆଗ୍ରହ ନ ଥିଲା । ତାଙ୍କୁ ଏସବୁ ବିଦ୍ୟା ନିରର୍ଥକ ବୋଧ ହେଉଥିଲା । ସେ ଭାବୁଥିଲେ ଏସବୁ ଜ୍ଞାନ ଲାଭକରି ସବୁ ଜ୍ଞାନର ଯିଏ ଆଧାର ସେଇ ପରମ ପୁରୁଷ ପରମାତ୍ମାଙ୍କୁ ଲାଭ କରିହବ ନାହିଁ । ତେଣୁ ଶିକ୍ଷକମାନଙ୍କର ସବୁ ଉପଦେଶ ତାଙ୍କର ଏ କାନରେ ପଶି ସେ କାନରେ ବାହାରି ଯାଉଥିଲା ।

''ଦିନକର କଥା । ଅତି ଆଦରରେ ହିରଣ୍ୟ ପୁଅ ପ୍ରହ୍ଲାଦକୁ କୋଳରେ ବସେଇ କହିଲା, 'ବାବୁରେ କ'ଣ ସବୁ ଶିଖିଲୁଣି ଟିକିଏ କହିଲୁ ।' ଶିଶୁ ପ୍ରହ୍ଲାଦ କହିଲେ, ମୁଁ ଶିଖିଚି ଏ ସଂସାର ମିଛ, ମାୟା, ମୋହରେ ପରିପୂର୍ଣ୍ଣ । ଏପରି ସଂସାର ପ୍ରତି ଆସକ୍ତ ନ ହୋଇ ମହାବିଷ୍ଣୁଙ୍କ ପାଦ ପଦ୍ମରେ ଆଶ୍ରୟ ନେବା ହଉଚି ସର୍ବଶ୍ରେଷ୍ଠ କଥା । ସେଇ ସକଳ ଜୀବର ମୂଳ ମହାବିଷ୍ଣୁଙ୍କ ଚରଣ କମଳରେ ମୁଁ ପ୍ରଣାମ କରୁଚି । ଦେଖା ଅଦେଖା, ଜଣା ଅଜଣା ସବୁକିଛିର ସେ ସ୍ରଷ୍ଟା, ସବୁକିଛିର ସେ ରକ୍ଷାକର୍ତ୍ତା । ତାଙ୍କର ଆଦି ନାହିଁ, ଅନ୍ତ ନାହିଁ, ସୀମା ନାହିଁ, ଜନ୍ମ ନାହିଁ, ମୃତ୍ୟୁ ନାହିଁ କି କ୍ଷୟ ବୃଦ୍ଧି କିଛି ନାହିଁ । ସେ ଅନାଦି, ଅନନ୍ତ, ଅସୀମ, ଅକ୍ଷୟ, ଅଜର, ଅମର ।'

''ପ୍ରହ୍ଲାଦଙ୍କ ମୁଖରୁ ଏସବୁ କଥା ଶୁଣି ହିରଣ୍ୟକଶିପୁର ଆଖି ଖୋସି ହେଇଗଲା । ସେ ବିଶ୍ୱାସ କରିପାରିଲା ନାହିଁ ପ୍ରହ୍ଲାଦ ତା' ପୁଅ ବୋଲି । କ୍ରୋଧ ଆଉ ବିସ୍ମୟରେ ପଚାରିଲା, 'ଏସବୁ ତୁ କେଉଁଠୁ ଶିଖିଲୁ ?' ପ୍ରହ୍ଲାଦ ଶାନ୍ତ ସ୍ଥିରଭାବେ କହିଲେ, 'ମହାବିଷ୍ଣୁ ତ ନିଜେ ଏକଥା ମତେ ଶିଖେଇଚନ୍ତି ।'

'କ'ଣ କହିଲୁ ? ମହାବିଷ୍ଣୁ ନିଜେ ଶିଖେଇଚନ୍ତି ! କୁଳାଙ୍ଗାର, ଅପଦାର୍ଥ ! ଅସୁର କୁଳରେ ଜନ୍ମ ହେଇ ବିଷ୍ଣୁ ନାମ ସ୍ମରଣ କରୁଚୁ ? ତତେ ଟିକିଏ ଲାଜ ମାଡୁ ନାହିଁ ? ଠିକ୍ ଅଛି ତୋ ଭଳି କୁଳାଙ୍ଗାର ପୁଅ ମୋର ଦରକାର ନାହିଁ । ଏତିକିବେଳୁ ତତେ ଶେଷ କରିଦେଲେ କଣ୍ଟା ଯିବ । ଏହା କହି ହିରଣ୍ୟ ନିକଟରେ ଥିବା ଦୈତ୍ୟ ସୈନ୍ୟମାନଙ୍କୁ ନିର୍ଦ୍ଦେଶ ଦେଲା ପ୍ରହ୍ଲାଦଙ୍କୁ

ହତ୍ୟା କରିବା ଲାଗି । ରାଜାଙ୍କଠାରୁ ଆଦେଶ ପାଇ ଦୈତ୍ୟ ସୈନ୍ୟମାନେ ପ୍ରହ୍ଲାଦଙ୍କୁ ଅସ୍ତ୍ରଶସ୍ତ୍ର ଧରି ଘେରିଗଲେ । ପ୍ରହ୍ଲାଦ କିନ୍ତୁ ଶାନ୍ତ ନିର୍ବିଚଳ । ଟିକିଏ ଭୟର ସ୍ପନ୍ଦନ ନାହିଁ । ଅସୁରମାନଙ୍କର ଭୟଙ୍କର ଅସ୍ତ୍ରଶସ୍ତ୍ର ମଧ୍ୟରେ ସେ ଦେଖୁଚନ୍ତି ତାଙ୍କ ଆରାଧ୍ୟ ଦେବ ମହାବିଷ୍ଣୁଙ୍କ ଅଭୟ ରୂପ । ଅସ୍ତ୍ରଶସ୍ତ୍ରଗୁଡ଼ିକର ଆଘାତ ପ୍ରହ୍ଲାଦଙ୍କର କିଛି କରିପାରିଲା ନାହିଁ ।

''ଏଥିରେ ବିଫଳ ହେବାର ଦେଖି ହିରଣ୍ୟ ବିଷାକ୍ତ ସର୍ପମାନଙ୍କ ଦ୍ୱାରା ତାଙ୍କୁ ମାରିବା ଲାଗି ନିର୍ଦ୍ଦେଶ ଦେଲା । ଭୟଙ୍କର ବିଷାକ୍ତ ସର୍ପ ଅଣାଗଲା । ସେମାନେ ପ୍ରହ୍ଲାଦଙ୍କୁ ଦଂଶନ କଲେ । ଅନ୍ୟ କେହି ହୋଇଥିଲେ ନିମିଷକ ମଧ୍ୟରେ ମୃତ୍ୟୁବରଣ କରିଥା'ନ୍ତା । କିନ୍ତୁ ପ୍ରହ୍ଲାଦ ସେଇ ବିଷଧର ସର୍ପଙ୍କ ମଧ୍ୟରେ ଦେଖିଲେ ତାଙ୍କ ପ୍ରାଣପ୍ରିୟ ମହାବିଷ୍ଣୁଙ୍କୁ । ଦଂଶନ ଫଳରେ ବିଷଧର ସର୍ପମାନଙ୍କର ଦାନ୍ତ ଓ ମଥାର ମଣି ଖସିପଡ଼ିଲା । ସେମାନେ ଲଜ୍ଜାରେ ପଳେଇଲେ ।

''ଏ ଚେଷ୍ଟା ବିଫଳ ହେବାରୁ ହିରଣ୍ୟ ଅଷ୍ଟ ଦିଗ୍‌ଗଜମାନଙ୍କୁ ପ୍ରହ୍ଲାଦଙ୍କୁ ଶୁଣ୍ଢରେ ଉଠାଇ ଛେଚି ମାରିଦେବା ଲାଗି ପଠାଇଲା । ଏମାନେ ହଉଚନ୍ତି ଆଠଟି ବିଶାଳକାୟ ହସ୍ତୀ ଯେଉଁମାନେ ଆଠଟି ଦିଗକୁ ସମ୍ଭାଳି ଥାଆନ୍ତି । ସେମାନେ ଶୁଣ୍ଢ ଟେକି ଭୟଙ୍କର ରଡ଼ିକରି ପ୍ରହ୍ଲାଦଙ୍କ ଆଡ଼କୁ ମାଡ଼ି ଆସିଲେ । ପ୍ରହ୍ଲାଦ ଟିକିଏ ବିଚଳିତ ନ ହୋଇ ସେମାନଙ୍କ ମଧ୍ୟରେ ଦେଖିଲେ ସେଇ ମହାବିଷ୍ଣୁଙ୍କୁ । ପ୍ରହ୍ଲାଦଙ୍କୁ ଶୁଣ୍ଢରେ ଉଠେଇବାକୁ ଯାଇ ହାତୀମାନଙ୍କର ଶୁଣ୍ଢ ଭାଙ୍ଗିଗଲା । ସେମାନେ ବିକଟ ଚିତ୍କାର କରି ପଳେଇଗଲେ ।

''ଶେଷକୁ ନିରୁପାୟ ହୋଇ ହିରଣ୍ୟ ପ୍ରହ୍ଲାଦଙ୍କୁ ଜ୍ୱଳନ୍ତ ଅଗ୍ନିରେ ନିକ୍ଷେପ କରିବା ଲାଗି ଆଦେଶ ଦେଲା । ଯେତେବେଳେ ପ୍ରହ୍ଲାଦଙ୍କୁ ଅଗ୍ନି ମଧ୍ୟରେ ନିକ୍ଷେପ କରାଗଲା, ସେ ଅନୁଭବ କଲେ ଯେପରି ଏକ କାନ୍ତ କୋମଳ ପଦ୍ମଫୁଲ ଉପରେ ସେ ବସିଚନ୍ତି । ଅଗ୍ନି ତାଙ୍କୁ ଖୁବ୍ ସ୍ନିଗ୍ଧ ଶୀତଳ ଲାଗୁଚି । ଶିଶୁ ପ୍ରହ୍ଲାଦଙ୍କ ଉପରେ ଏତେ ଅତ୍ୟାଚାର ପରେ ରାଜପୁରୋହିତମାନେ ହିରଣ୍ୟକୁ ମନାକଲେ ଆଉ ଅଧିକ ଅତ୍ୟାଚାର ନ କରିବା ଲାଗି । ହିରଣ୍ୟ ଆଉ ଥରେ ପ୍ରହ୍ଲାଦଙ୍କୁ ଆଣି ଶିକ୍ଷକଙ୍କ ପାଖରେ ଛାଡ଼ିଲା । ଶିକ୍ଷକମାନଙ୍କୁ କଡ଼ା

ନିର୍ଦ୍ଦେଶ ଦେଲା ଏଇ ଅସୁର କୁଳର ଶତ୍ରୁ, ପାପିଷ୍ଠଟାକୁ ଯେପରି ପରିବର୍ତ୍ତନ କରି ହିରଣ୍ୟାୟ ନାମ ଜପ କରାନ୍ତି । ଏଇ ଥରକ ଶେଷ ସୁଯୋଗ । ଯଦି ସେମାନେ ଅସମର୍ଥ ହୁଅନ୍ତି, ତେବେ ସେମାନଙ୍କ ମୁଣ୍ଡ ବି ଆଉ ଗଣ୍ଡିରେ ରହିବ ନାହିଁ ।

''ପ୍ରାଣ ଭୟରେ ଶିକ୍ଷକମାନେ ବହୁତ ସତର୍କତା ଅବଲମ୍ବନ କଲେ । ହେଲେ ଶିକ୍ଷକମାନଙ୍କର ସମସ୍ତ ଚେଷ୍ଟା ବ୍ୟର୍ଥ ହେଲା । ସେମାନେ ପ୍ରହ୍ଲାଦଙ୍କୁ ବାନ୍ଧି କରି ରଖିଲେ, ଅନେକ ଉପାୟ ଅବଲମ୍ବନ କଲେ ଭଗବାନଙ୍କ ପ୍ରତି ଭକ୍ତି ଦିଗରୁ ତାଙ୍କ ମନକୁ ଫେରାଇ ଆଣିବା ଲାଗି; କିନ୍ତୁ ଥରେ ଯିଏ ସେ ମହୁ ଚାଖିଚି ତାକୁ ପୃଥିବୀର ସବୁ ଯନ୍ତ୍ରଣା ଅଥବା ସବୁ ଆନନ୍ଦ ବି ସେଥିରୁ ଫେରାଇ ଆଣି ପାରିବ ନାହିଁ ।

''ପ୍ରହ୍ଲାଦ ଏବେ ଆଉ ଏକ ବିଷ୍ଣୁଭକ୍ତ ହେଇ ନାହାନ୍ତି, ଅନ୍ୟ ପିଲାମାନଙ୍କୁ ବି ତାଙ୍କ ଦଳରେ ମିଶେଇ ଦେଲେଣି । ଶିକ୍ଷକମାନେ ଯେତେବେଳେ କୌଣସି କାମରେ ବାହାରକୁ ଯାଆନ୍ତି ସେତେବେଳେ ସେ ଅନ୍ୟ ଅସୁର ପିଲାମାନଙ୍କୁ ନିଜ ପାଖକୁ ଡାକି ବିଷ୍ଣୁଙ୍କ ସମ୍ବନ୍ଧେ ଆଲୋଚନା କରନ୍ତି । କହନ୍ତି, 'ସାଥୀମାନେ, ତୁମେ ଜାଣିଚ, ଏ ଜୀବନ ଆମର ଦୁଃଖପୂର୍ଣ୍ଣ । ଏ ସଂସାର ମିଥ୍ୟା, ମାୟାରେ ଭରି ରହିଚି । ଯେବେ ଆମେ ଜୀବନରେ ଯଥାର୍ଥ ସୁଖ, ଯଥାର୍ଥ ଶାନ୍ତି ଚାହିଁବା ତେବେ ଏ ସଂସାରର ମୋହରେ, ସଂସାରର ଜାଲରେ ନ ପଡ଼ି ଭଗବାନଙ୍କ ଆଶ୍ରୟ ନବାକୁ ହବ । ସେଇହିଁ ଏକମାତ୍ର ସଦ୍‌ବସ୍ତୁ । ସିଏ ଏତେ ସ୍ନେହ, ଏତେ ପ୍ରେମ, ଏତେ କରୁଣା, ଏତେ ଦୟା, ଏତେ କ୍ଷମାରେ ପରିପୂର୍ଣ୍ଣ ଯେ ଥରେ ଆମେ ତାଙ୍କ ଆଶ୍ରୟ ନେଲେ ସିଏ ଆମକୁ କେବେ ବି ଛାଡ଼ିଯାଆନ୍ତି ନାହିଁ । ଆମେ ଯେତେ ଦୋଷ କଲେ ବି ଆମ ଉପରେ ରାଗନ୍ତି ନାହିଁ । ସଂସାରୀ ଲୋକ ଭଳି ଆମଠାରୁ ବି ବେଶୀ କିଛି ଚାହାନ୍ତି ନାହିଁ । ଖାଲି ଚାହାନ୍ତି ଆମର ହୃଦୟ, ଆମର ଭକ୍ତି । ସେତିକିହେଲେ ସେସବୁ ଆମକୁ ଦିଅନ୍ତି । ନିଜକୁ ବି । ତାଙ୍କରି ନାମ ସ୍ମରଣ କଲେ ଆମ ଜୀବନରେ କିଛି ଭୟ ରହେ ନାହିଁ । କେହି କିଛି ଆମର କରିପାରନ୍ତି ନାହିଁ । ଆମ ଜୀବନରୁ ସବୁ ଦୁଃଖ କଷ୍ଟ ପୋଛି ହେଇ ତାହା ଆନନ୍ଦରେ

ଭରିଉଠେ ।' ଅସୁର ପିଲାହେଲେ ବି ଛୋଟ ଛୋଟ ପିଲାଗୁଡ଼ିକଙ୍କର ହୃଦୟ ଅତି ସରଳ, ନିଷ୍ପାପ ଓ ପବିତ୍ର ଥିବାରୁ ସେମାନେ ହଠାତ୍ ପ୍ରହ୍ଲାଦଙ୍କ କଥାକୁ ଗ୍ରହଣ କରିଯାଉ ଥିଲେ । କାରଣ ସେମାନେ ଦେଖୁଥିଲେ ପ୍ରହ୍ଲାଦ ନିଜେ ହରିନାମ ସ୍ମରଣ କରି କେତେ ଆନନ୍ଦରେ ଅଛନ୍ତି । ଦିନେ ଶିକ୍ଷକମାନେ ଫେରିଲା ବେଳକୁ ସମସ୍ତେ ପ୍ରହ୍ଲାଦଙ୍କ ସହିତ 'ହରି ଓଁ' 'ହରି ଓଁ' ଉଚ୍ଚାରଣ କରୁଚନ୍ତି । ଏକଥା ଦେଖି ଶିକ୍ଷକମାନେ ଭୟଭୀତ ହେଇପଡ଼ିଲେ । ଭାବିଲେ ଏ ପାପୀ ସମସ୍ତଙ୍କୁ ପାପୀ କରିଦେବ । କାରଣ ଅସୁରମାନେ ହରିନାମ ସ୍ମରଣ କରିବା ମହାପାପ । ସଙ୍ଗେ ସଙ୍ଗେ ସେମାନେ ଏକଥା ହିରଣ୍ୟକୁ ଜଣାଇଦେଲେ ।

''ହିରଣ୍ୟର ଏଥର ରାଗ ଆଉ ଦେଖିବ କ'ଣ ! କ୍ରୋଧରେ ଖାଲି ଜଳୁଥାଏ । ଯେକୌଣସି ପ୍ରକାରେ ଏଥର ଏ ମହାପାପୀକି ଶେଷ କରିବାକୁ ହବ । ରାଗରେ ଗର୍ଜନ କରି ଅସୁରମାନଙ୍କୁ ନିର୍ଦ୍ଦେଶ ଦେଲା ପ୍ରହ୍ଲାଦଙ୍କୁ ବିଷ ଦେଇ ମାରିଦେବାକୁ । ଭୟାନକ ତୀବ୍ର ବିଷ ପ୍ରହ୍ଲାଦଙ୍କୁ ଦିଆଗଲା । କିନ୍ତୁ ହଳାହଳ ବିଷ ତାଙ୍କୁ ଅମିୟ ଅମୃତ ଭଳି ବୋଧହେଲା ।

''ରାଜାଙ୍କର ନିରୁପାୟ ଅବସ୍ଥା ଦେଖି ରାଜ ପୁରୋହିତମାନେ ପ୍ରଚଣ୍ଡ କ୍ରୋଧର ବଶବର୍ତ୍ତୀ ହେଇ ସେମାନଙ୍କ ସଂକଳ୍ପ ଫଳରେ ଲହଲହ ଅଗ୍ନି ସଦୃଶ ଏକ ଭୟଙ୍କର ସଇତାନ ସୃଷ୍ଟି କଲେ । ସେ ସଇତାନ ଘୋର ଗର୍ଜନ କରି ହାତରେ ବର୍ଚ୍ଛା ଧରି ପ୍ରହ୍ଲାଦଙ୍କ ଆଡ଼କୁ ମାଡ଼ି ଆସିଲା । ସମସ୍ତେ ଭାବିଲେ ଏଇଥର ପ୍ରହ୍ଲାଦ ଶେଷ ହେଇଯିବ । କିନ୍ତୁ ସଇତାନର ସମସ୍ତ ଶକ୍ତି ବିନିଯୁକ୍ତ ହେଇ ଫିଙ୍ଗାଯାଇଥିବା ବର୍ଚ୍ଛା ପ୍ରହ୍ଲାଦଙ୍କ କଅଁଳ ସୁକୁମାର ଛାତିରେ ବାଜି ଭାଙ୍ଗି ଖଣ୍ଡ ଖଣ୍ଡ ହେଇଗଲା । ସଇତାନ ଭାବି ନ ଥିଲା ଏପରି ହବ ବୋଲି । ଲଜ୍ଜା ଆଉ ଅପମାନରେ ସେ ଶଢ଼ିଗଲା । ରାଗରେ ରାଜ ପୁରୋହିତମାନଙ୍କୁ ଅଭିଶାପ ଦେଇ ସେ କୁଆଡ଼େ ମିଳେଇଗଲା ।

''ବିଷ ଦେଇ କିଛି ଫଳ ନ ହବାରୁ ଦୈତ୍ୟରାଜ ହିରଣ୍ୟର ଆଦେଶରେ ପ୍ରହ୍ଲାଦଙ୍କୁ ୨୪ ମାଇଲ ଉଚ୍ଚ ଏକ ପର୍ବତ ଉପରକୁ ନିଆଯାଇ ସେଠାରୁ ତଳକୁ ଫିଙ୍ଗି ଦିଆଗଲା । କିନ୍ତୁ ତଳେ ପଥର ଉପରେ ପଡ଼ିବା

ସମୟରେ ପ୍ରହ୍ଲାଦ ଅନୁଭବ କଲେ କୋମଳ ଗଦି ଉପରେ ଶୋଇଲା ପରି । ସବୁ ସମୟରେ ମହାବିଷ୍ଣୁ ତାଙ୍କୁ କୋଳରେ ଧାରଣ କରିଥିଲା ପରି ସେ ବୋଧ କରୁଥିଲେ ।

''କ୍ରୁଦ୍ଧ ହିରଣ୍ୟକଶିପୁ ଏଥର ଏକ ମାୟାବୀ ରାକ୍ଷସ ସମ୍ବରାସୁରକୁ ପ୍ରହ୍ଲାଦଙ୍କୁ ମାରିବାକୁ ପଠାଇଲା । ସେ ଅନେକ ମାୟାରଚନା କରି ପ୍ରହ୍ଲାଦଙ୍କୁ ବିନାଶ କରିବାକୁ ଚେଷ୍ଟା କଲା; କିନ୍ତୁ ପ୍ରହ୍ଲାଦ ସବୁ ଭିତରେ ସେଇ ମହାବିଷ୍ଣୁଙ୍କୁ ଦେଖିଲେ । ତାଙ୍କର କେଉଁଥିରେ କୌଣସି କ୍ଷତି ହେଲା ନାହିଁ ।

''ହିରଣ୍ୟ ଏଣିକି ଅସୁରମାନଙ୍କ ସାହାଯ୍ୟ ଛାଡ଼ି ଦେବତାମାନଙ୍କ ଆଶ୍ରୟ ନେଲା । ପବନ ଦେବତାଙ୍କୁ ଆଦେଶ ଦେଲା ପ୍ରହ୍ଲାଦଙ୍କ ପେଟରେ ପଶି ତାକୁ ଫଟାଇ ଦେବା ଲାଗି । କିନ୍ତୁ ପବନଙ୍କର ସବୁ ଉଦ୍ୟମ ବିଷ୍ଣୁ ପଣ୍ଡ କରିଦେଲେ ।''

''ଏତେ ଚେଷ୍ଟା କରି କ'ଣ ହିରଣ୍ୟ ଜାଣିପାରୁ ନାହିଁ ଯେ ପ୍ରହ୍ଲାଦଙ୍କୁ ଭଗବାନ୍ ରକ୍ଷା କରୁଚନ୍ତି, ତେଣୁ ସେ ମାରିପାରିବ ନାହିଁ ? ପୁଣି ଚେଷ୍ଟା କରୁଚି କାହିଁକି ?'' ପଚାରିଲା ଅନୁରକ୍ତା ।

''ଅସୁର ପ୍ରକୃତି ତ । ଜାଣିପାରିଲେ ବି ପ୍ରହ୍ଲାଦଙ୍କର ଦିବ୍ୟ ପ୍ରକୃତିକୁ ସହ୍ୟ କରିପାରୁ ନାହିଁ । ଦୁଇଟିଯାକ ପ୍ରକୃତି ପରସ୍ପରର ଚିରଶତ୍ରୁ । ହୁଏତ ଗୋଟିଏ ରହିବ, ଅନ୍ୟଟି ନଷ୍ଟ ପାଇଯିବ । ତା' ନ ହବା ପର୍ଯ୍ୟନ୍ତ ବିବାଦ ଲାଗିଥିବ । ଯାହାହଉ ଏଥର ହିରଣ୍ୟର ଆଉ ପ୍ରହ୍ଲାଦଙ୍କୁ ମାରିବାକୁ ଚେଷ୍ଟା କରିବା ଲାଗି ଧୈର୍ଯ୍ୟ ରହିଲା ନାହିଁ । ସେ ପୁଣି ତାଙ୍କୁ ତାଙ୍କ ଶିକ୍ଷକଙ୍କ ପାଖକୁ ପଠାଇଲା । ଭାବିଲା ଏତେ ଦଣ୍ଡ ପାଇବା ପରେ କାଳେ ବଦଳି ଯାଇପାରେ । ସେଠାରେ ଶିକ୍ଷକମାନେ ଅସୁରମାନଙ୍କ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ମତରେ ତାଙ୍କୁ ରାଜକାର୍ଯ୍ୟ ସଂପର୍କରେ ଶିକ୍ଷାଦେଲେ । ଶିକ୍ଷା ଶେଷ ହେଲା । ଶିକ୍ଷକମାନେ ପ୍ରହ୍ଲାଦଙ୍କୁ ସଙ୍ଗରେ ଧରି ହିରଣ୍ୟଙ୍କ ପାଖକୁ ଗଲେ । କିନ୍ତୁ ହିରଣ୍ୟ ପରୀକ୍ଷା କରି ଦେଖିଲା ଯେ ପ୍ରହ୍ଲାଦଙ୍କର କିଛି ପରିବର୍ତ୍ତନ ହେଇ ନାହିଁ, ବରଂ ପୂର୍ବ ଅପେକ୍ଷା ବିଷ୍ଣୁଭକ୍ତି ବଢ଼ିଚି । କ୍ରୋଧରେ ଅନ୍ଧ ହୋଇ ହିରଣ୍ୟ କ'ଣ କରିବ

ବୋଲି ବାଟ ନ ପାଇ ପ୍ରହ୍ଲାଦଙ୍କ ହାତଗୋଡ଼ ବାନ୍ଧି ସମୁଦ୍ରକୁ ଫୋପାଡ଼ି ଦେଲା । ପ୍ରହ୍ଲାଦ ସମୁଦ୍ରରେ ପଡ଼ିବା ମାତ୍ରେ ସମୁଦ୍ର ବିଶାଳ ଗର୍ଜନ କରି ଫୁଲି ଉଠିଲା । ପ୍ରଚଣ୍ଡ ଢେଉ ସୃଷ୍ଟି ହେଇ କୂଳ ଲଂଘନ କରିବାକୁ ଲାଗିଲା । ଯେପରି ବୋଧ ହେଲା ସମୁଦ୍ର ଚାହୁଁଚି ଶିଶୁ ପ୍ରହ୍ଲାଦଙ୍କୁ ଉଠାଇ ଆଣି ଶୁଖିଲାରେ ଛାଡ଼ିଦେବ । ହିରଣ୍ୟ ବୁଝିପାରିଲା । ତେଣୁ ଯେତେ ପାରିଲା ସେତେ ପର୍ବତ ଉପାଡ଼ି ଆଣି ସମୁଦ୍ରରେ ପକେଇଲା । ଯାହାଫଳରେ ପ୍ରହ୍ଲାଦ ତା' ତଳେ ଚାପିହୋଇ ରହିବ । ସମୁଦ୍ର ଆଉ ତାକୁ ବାହାରକୁ ଫିଙ୍ଗିପାରିବ ନାହିଁ । କିନ୍ତୁ 'ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ ।' ପ୍ରହ୍ଲାଦ ନିରାପଦରେ ସମୁଦ୍ର ଭିତରୁ ଓ ପର୍ବତଗୁଡ଼ିକ ତଳୁ ବାହାରି ଆସି ପିତା ହିରଣ୍ୟକୁ ପ୍ରଣାମ କଲେ । ମନରେ ତାଙ୍କର ତିଳେହେଲେ ରାଗ ନାହିଁ, ରୋଷ ନାହିଁ, ଦୁଃଖ ନାହିଁ; କାରଣ ସବୁ ଭିତରେ ସେ ଦେଖୁଚନ୍ତି ତାଙ୍କର ପରମପ୍ରିୟ ବିଷ୍ଣୁଙ୍କୁ । ସେଥିମଧ୍ୟରୁ ତାଙ୍କର ନିଷ୍ଠୁର ରାକ୍ଷସପିତା ବା କାହିଁକି ବାଦ୍ ଯାଆନ୍ତେ ? ଶ୍ରୀଅରବିନ୍ଦ କହିନାହାନ୍ତି ଯେ :

'The God-lover dear to God is a soul of wide equality, equal to friend and enemy, equal to honour and insult; pleasure and pain, praise and blame, grief and happiness, heat and cold, to all that troubles with opposite affections the normal nature.

(Essays on the Gita – Cent. Vol. 13)

'ଭଗବାନଙ୍କର ପ୍ରିୟ ଭଗବତ୍ ଭକ୍ତ ହେଉଚନ୍ତି ବ୍ୟାପକସମତାଯୁକ୍ତ; ଶତ୍ରୁ-ମିତ୍ର, ମାନ-ଅପମାନ, ଆନନ୍ଦ-ଯନ୍ତ୍ରଣା, ନିନ୍ଦା-ପ୍ରଶଂସା, ସୁଖ-ଦୁଃଖ, ଶୀତ-ଉଷ୍ଣ ଯାହାସବୁ ସାଧାରଣ ମଣିଷ ପ୍ରକୃତିକୁ ବିପରୀତ ବୋଧ ଦ୍ୱାରା ଅସୁବିଧାରେ ପକାଇ ଥାଆନ୍ତି, ସେ ସେସବୁ ପ୍ରତି ସମଭାବାପନ୍ନ ।'

''ହିରଣ୍ୟର ଅସୁର ହୃଦୟ ଟିକିଏ ଚହଲିଗଲା । ନିଦାଘ ରୁକ୍ଷ ହୃଦୟରେ ତା'ର ଦିବ୍ୟ ମଳୟର ସ୍ପର୍ଶ ଟିକିଏ ବାଜିଗଲା । ଶିହରି ଉଠିଲା, ପୁଲକି ଉଠିଲା, ଦ୍ରବୀଭୂତ ହୋଇଗଲା କଠିନ କଠୋର ଲୁହାର ହୃଦୟ ତା'ର ।

ଆଖିରୁ ଝରି ପଡ଼ିଲା ତା'ର କେଇ ଟୋପା ଲୁହ ରୁଦ୍ର ବୈଶାଖ ଆକାଶରୁ କେଇ ଟୋପା ବର୍ଷା ପରି । ଆକୁଳ ଆବେଗରେ ସେ ପ୍ରଗାଢ଼ ଆଲିଙ୍ଗନ ସହ ଜଡ଼ାଇ ଧରିଲା ଶିଶୁପୁତ୍ର ପ୍ରହ୍ଲାଦଙ୍କୁ । ପ୍ରବଳ ପ୍ରତାପୀ, ରାକ୍ଷସ ବୀର ଚୂଡ଼ାମଣି ଭୁଲ୍ ମାଗିଲା ନିଜର କଅଁଳ ଶିଶୁପୁତ୍ର ନିକଟରେ ନିଜ ନିଷ୍ଠୁର ଆଚରଣ ଲାଗି । ଅନୁତାପ ଅଗ୍ନିରେ ଦଗ୍ଧୀଭୂତ ହେବାକୁ ଲାଗିଲା । ସେଇ ଦିନଠୁ ଆଉ ପ୍ରହ୍ଲାଦଙ୍କ ପ୍ରତି କେବେ ନିଷ୍ଠୁର ଆଚରଣ କଲା ନାଇଁ ।''

''ଭଲ ହେଲା । ଶେଷରେ ଯାହା ହେଉ ତା'ର ପରିବର୍ତ୍ତନ ହେଲା । ଛୋଟ ପିଲାଟାକୁ କେତେ କଷ୍ଟ ଦେଲା !'' ଟିକିଏ ଆଶ୍ୱସ୍ତ ଆଉ ଖୁସି ହୋଇ କହିଲା ଅନୁରକ୍ତା ।'

''ଅସୁର ପ୍ରକୃତିଟି ! ସେଠି ଦିବ୍ୟଭାବ କେତେଦିନ ତିଷ୍ଠିପାରିବ ?'' ବେଶ୍ କିଛିଦିନ ଭଲରେ କଟିଲା । ପୁଅର ଭଗବାନଙ୍କ ପ୍ରତି ଭକ୍ତି, ପୂଜା, ପ୍ରାର୍ଥନା କୌଣସି କିଛିରେ ଆଉ ବାପା କିଛି କହିଲା ନାଇଁ । କିନ୍ତୁ ଏଇ ଟିକକ ଦିବ୍ୟପ୍ରକୃତିକୁ ତା'ର ପ୍ରବଳ ପ୍ରତାପୀ ଅସୁର ପ୍ରକୃତି ବେଶୀଦିନ ବରଦାସ୍ତ କରିପାରିଲା ନାଇଁ । ସେ ପ୍ରକୃତିକୁ ପଛକୁ, ବହୁତ ପଛକୁ ଠେଲି ଦେଇ ନିଜେ ଆଗକୁ ଚାଲିଆସିଲା । ହିରଣ୍ୟ ପୁଣି ହିଂସ୍ର ହୋଇଉଠିଲା । ତା' ଭିତରେ ପୁଣି କ୍ରୋଧ, ଈର୍ଷା, ଦ୍ୱେଷର ଅଗ୍ନି ଜଳି ଉଠିଲା । ସେସବୁର ଉତ୍ତାପ ତାକୁ ଅଥୟ କରିପକାଇଲା । ପ୍ରହ୍ଲାଦଙ୍କର ଧ୍ୟାନ, ପ୍ରାର୍ଥନା, ପୂଜା, ଅର୍ଚ୍ଚନା ତାକୁ ବିଷ ପରି ଲାଗିଲା । ଦିନେ ପ୍ରହ୍ଲାଦ ପ୍ରାର୍ଥନା କରୁଥିବା ସମୟରେ ଏକ ଶାଣିତ ଖଡ୍‌ଗ ଧରି ଆସି ପହଞ୍ଚିଲା । କ୍ରୋଧ କମ୍ପିତ କଣ୍ଠରେ ପଚାରିଲା 'ଯୋଉ ବିଷ୍ଣୁକୁ ପୂଜା କରୁଚୁ, କୋଉଠି ଅଛି ସେ ବିଷ୍ଣୁ ?'

''ପ୍ରହ୍ଲାଦ ବିନୀତ ସ୍ୱରରେ କହିଲେ, 'ବାପା, ସିଏ ତ ଚାରିଆଡ଼େ ଅଛନ୍ତି । ଗଛ, ପଥର, ମାଟି, ବାଲି, ପାଣି, ଆଲୁଅ, ପବନ ସବୁଥିରେ । ଏ ଖୁମ୍ବରେ ବି ଅଛନ୍ତି ।' ପ୍ରହ୍ଲାଦଙ୍କଠାରୁ 'ଭଗବାନ୍ ଏ ଖୁମ୍ବରେ ଅଛନ୍ତି' ବୋଲି ଶୁଣି କ୍ରୋଧରେ ଉନ୍ମତ୍ତ, ଜ୍ଞାନଶୂନ୍ୟ ହିରଣ୍ୟ ସଙ୍ଗେ ସଙ୍ଗେ ପାଖରେ ଥିବା ଖୁମ୍ବକୁ 'କାହିଁ ତୋର ବିଷ୍ଣୁ' ବୋଲି କହି ଖଡ୍‌ଗରେ ଆଘାତ କଲା । ଆଘାତ

ମାତ୍ରେ ଖୁମ୍ବରୁ ଭୟଙ୍କର ତେଜୋଦୀପ୍ତ ଏକ ନରସିଂହ ମୂର୍ତ୍ତିର ଆବିର୍ଭାବ ଘଟିଲା । ଏତେ ବୀର୍ଯ୍ୟ, ଏତେ ତେଜଃ ସେଇ ମୂର୍ତ୍ତିରୁ ନିର୍ଗତ ହେଉଥିଲା ଯେ କେହି ତାଙ୍କୁ ଚାହିଁପାରୁ ନ ଥିଲେ । ଜ୍ୱଳନ୍ତ ଆଖି, ଲହ ଲହ ଜିହ୍ୱା । ସେ ଜିହ୍ୱାରୁ ଝରୁଥିଲା ଥୋପା ଥୋପା ତାଜା ରକ୍ତ । ଲୋମଶ କଣ୍ଠ, କମ୍ପିତ ଭ୍ରୂଲତା, ଦୁଇପାଖର ଶ୍ୱାନ ଦନ୍ତ ଦୁଇଟି ଅର୍ଦ୍ଧ ଚନ୍ଦ୍ର ପରି ବାହାରକୁ ବାହାରି ପଡ଼ିଚି । ଗହଳ, ଘନ, ଉତ୍‌କେଶର ମଧରେ ତାଙ୍କର ତ୍ରିପଣ୍ଡ କଳା ମୁଖଟି ଗୋଟିଏ ଗୁହା ମଧ୍ୟରେ ଥିଲା ପରି ଦେଖାଯାଉଚି । ଶରୀରର ଲୋମଗୁଡ଼ିକ ହୀରାର ଛୁଞ୍ଚି ଭଳି ଶକ୍ତଭାବେ ଛିଡ଼ା ହୋଇ ରହିଚି । ସୁତୀକ୍ଷ୍ଣ ନଖପନ୍ତି ଶ୍ୱେତ ପିଆଲା ସଦୃଶ ପ୍ରତୀୟମାନ ହେଇଚି । ସହସ୍ର କୋଟି ସୂର୍ଯ୍ୟର ତେଜଃ ଓ ବୀର୍ଯ୍ୟ ଶରୀରରୁ ପ୍ରକାଶିତ ହଉଚି । ଏଇ ପ୍ରଚଣ୍ଡ ଭୟଙ୍କର ରୂପ ଓ ତେଜୋଦୀପ୍ତତା ସମ୍ମୁଖରେ ଏକମାତ୍ର ପ୍ରହ୍ଲାଦଙ୍କ ଛଡ଼ା ଆଉ କେହି ଛିଡ଼ା ହୋଇପାରିଲେ ନାଇଁ । ଛିଡ଼ା ହେବା ତ ଦୂରର କଥା, ତାଙ୍କୁ ଚାହିଁ ବି ପାରିଲେ ନାଇଁ ।''

''ଭଗବାନ୍ ସେଇ ରୂପରେ କାଇଁକି ଆସିଲେ । ଅନ୍ୟ କୌଣସି ରୂପରେ କ'ଣ ଆସିପାରି ନ ଥା'ନ୍ତେ ?'' ପଚାରିଲା ଅନୁରକ୍ତା ।

''ହଁ, ଭଗବାନ୍ ଯେକୌଣସି ରୂପରେ ଆସିପାରିଥା'ନ୍ତେ । କିନ୍ତୁ ସେ ରୂପରେ, ଅର୍ଥାତ୍ ଅଧେ ପଶୁ, ଅଧେ ମଣିଷ ରୂପରେ ଆସିବାର ଅର୍ଥ ହଉଚି ବିବର୍ତ୍ତନରେ ଜୀବ ଜଗତକୁ ଧୀରେ ଧୀରେ ପଶୁରୁ ମଣିଷ ସ୍ତରକୁ ଆସିବାକୁ ହେବ । ଏହି ନରସିଂହ ରୂପ ସୂଚେଇ ଦଉଚି ଯେ ପଶୁ ପୂରାପୂରି ମଣିଷ ହେଇ ନାଇଁ କି ଆଉ ସଂପୂର୍ଣ୍ଣ ପଶୁ ହେଇ ରହି ନାଇଁ । ଭଗବାନ୍ ହଉଚନ୍ତି ବିବର୍ତ୍ତନର ନେତା । ସିଏ ଆଗେ ଆଗେ ଗଲେ ଜୀବଜଗତ୍ ତାଙ୍କୁ ଅନୁସରଣ କରିବ । ଯେପରି ମା' ଓ ଶ୍ରୀଅରବିନ୍ଦ ଆସି ମଣିଷ ପରେ ଏକ ଅତିମାନବ ଜାତିର ଅଭ୍ୟୁଦୟ ହେବ ବୋଲି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଦେଇଗଲେ ଓ ସେଥିଲାଗି ଆବଶ୍ୟକ ଶକ୍ତିକୁ ମଧ ପୃଥିବୀପୃଷ୍ଠକୁ ନେଇ ଆସିଲେ ।''

''ଆଚ୍ଛା ହଉ, ସେଇଠୁ କୁହ ସେ ନରସିଂହ ରୂପ କ'ଣ କଲେ ?'' କହିଲା ଅନୁରକ୍ତା ।

''ଭୟଙ୍କର ଗର୍ଜନ ସହ ମୁଖ ବିକଟାଳ କରି ନରସିଂହ ହିରଣ୍ୟକଶିପୁକୁ ଟାଣି ଆଣି ନିଜ ଜଂଘ ଉପରେ ପକାଇ ତାଙ୍କର ତୀକ୍ଷ୍ଣ ନଖରେ ତା'ର ପେଟକୁ ବିଦୀର୍ଣ୍ଣ କରିଦେଇ ଅନ୍ତବୁଜୁଳା ବାହାର କରି ଆଣିଲେ । କାରଣ ହିରଣ୍ୟ ବ୍ରହ୍ମାଙ୍କଠାରୁ ବର ପାଇଥିଲା ମାଟି ଉପରେ କିଂବା କୌଣସି ଅସ୍ତ୍ରରେ ମରିବ ନାଇଁ ବୋଲି । ପେଟରୁ ତା'ର ଅନ୍ତବୁଜୁଳା ବାହାର କରି ଆଣି ସେଇ ଭୟଙ୍କର ନରସିଂହ ତାକୁ ନିଜ ବେକରେ ପଇତା ପରି ପକାଇ ବୀଭତ୍ସ ନୃତ୍ୟ ଆରମ୍ଭ କରିଦେଲେ । କ୍ରୋଧରେ ଉନ୍ମତ୍ତ ଶରୀରରୁ ଯେପରି ତାଙ୍କର ଅଗ୍ନି ନିର୍ଗତ ହେଉଥିଲା । ତାଙ୍କ ପଦଭାରରେ ପୃଥିବୀ କମ୍ପିବାକୁ ଲାଗିଲା । ବୋଧହେଲା ତାଙ୍କର କ୍ରୋଧ ସବୁକିଛିକୁ ଯେପରି ଧ୍ୱଂସ କରିଦେବ । ଶେଷକୁ ପ୍ରହ୍ଲାଦଙ୍କର ସ୍ଥିର ବିନମ୍ର ପ୍ରାର୍ଥନାରେ ସେ ଶାନ୍ତ ହେଲେ । ପ୍ରହ୍ଲାଦଙ୍କୁ ଆଶୀର୍ବାଦ କରି ପୁଣି କୁଆଡ଼େ ଅନ୍ତର୍ଦ୍ଧାନ ହେଇଗଲେ । ପ୍ରହ୍ଲାଦ ହେଲେ ଅସୁରମାନଙ୍କ ରାଜା । ଶେଷପର୍ଯ୍ୟନ୍ତ ସେ ଭଗବାନଙ୍କର ଅଦ୍ୱିତୀୟ ଭକ୍ତ ହେଇ ରହିଲେ । ତାଙ୍କରି ପୁଅ ହଉଚନ୍ତି ବିରୋଚନ ଓ ନାତି ବଳି । ପ୍ରହ୍ଲାଦ ଦେଖେଇ ଦେଲେ ଅସୁର କୁଳରେ ଜନ୍ମି ବି ଜଣେ ଭଗବାନଙ୍କ ସହ ଶତ୍ରୁତା ନ କରି ପରମ ପ୍ରେମ ଆଉ ଭକ୍ତିରେ ତାଙ୍କୁ ବାନ୍ଧି ରଖିପାରେ ଓ ପୃଥିବୀପୃଷ୍ଠରେ ତାଙ୍କୁ ମୂର୍ତ୍ତ କରାଇପାରେ । ଭଗବାନ୍ ବି ମଧ୍ୟ ଦେଖେଇ ଦେଲେ ଭକ୍ତ ଯିଏ ବି ହେଉ ତା' ଲାଗି ତାଙ୍କର ଅକରଣୀୟ କିଛି ନାଇଁ । ସେ ଅନନ୍ତ, ଅନାଦି, ଅସୀମ, ସର୍ବଶକ୍ତିମାନ୍, ସର୍ବଜ୍ଞାନମୟ ହେଲେ ବି ଭକ୍ତ ନିକଟରେ ସବୁବେଳେ ଅଧୀନତା ସ୍ୱୀକାର କରନ୍ତି । ସେ ଅଧୀନତା ତାଙ୍କୁ ଛୋଟ କରେ ନାଇଁ, କରିଥାଏ ଆହୁରି ମହାନ୍, ଆହୁରି ଉଦାର, ଆହୁରି ଉଚ୍ଚ ଓ ଆହୁରି ସୀମାହୀନ ।

# ଭକ୍ତି – ଏକ ଅମୋଘ ଶକ୍ତି

ନିରଂଜନ ନାୟକ

ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ
ପୁଦୁଚେରୀ

**ଭକ୍ତି – ଏକ ଅମୋଘ ଶକ୍ତି**
ଲେଖକ : ନିରଂଜନ ନାୟକ

ପ୍ରଥମ ମୁଦ୍ରଣ : ୨୦୦୮

ସର୍ବସ୍ୱତ୍ୱ ସଂରକ୍ଷିତ
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ୨୦୦୮

ପ୍ରକାଶକ :
ନବଜ୍ୟୋତି ପ୍ରକାଶନ,
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ,
ପୁଦୁଚେରୀ - ୬୦୫ ୦୦୨

**BHAKTI EKA AMOGHA SHAKTI** (Oriya)

By : Niranjan Naik

1st Edition : 2008

Price Rs. 90/-

© Sri Aurobindo Ashram Trust, 2008

Published by Navajyoti Publication,
A unit of Sri Aurobindo Ashram Publication Department,
Puducherry - 605002

Printed at Sri Aurobindo Ashram Press, Puducherry
PRINTED IN INDIA

## ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ୧. ଭକ୍ତି – ବିଭିନ୍ନ ସ୍ତରର | ୧ |
| ୨. ଯାହା ଧନ ତାଙ୍କୁ ଦିଆଗଲା | ୯ |
| ୩. ସନ୍ତାନ-ରକ୍ତ-ଲୋଲୁପା ହେଲେ ସନ୍ତାନ-ବତ୍ସଳା | ୧୮ |
| ୪. ପାଇବା ସହଜ ନ ହେଲେ ମରିବା ତ ସହଜ ! | ୩୦ |
| ୫. ଯେ ବସେ ସାଧୁଜନ ପାଶେ | ୪୨ |
| ୬. ଚମଭର୍ତ୍ତି ଟୋକେଇ ଭିତରେ ଠାକୁର | ୫୪ |
| ୭. ପୁରାଣ ପାଠ ନୁହେଁ ବେସୁରା ଗୀତ ମୁଁ ଚାହେଁ – | ୬୩ |
| ୮. ହସିନା ଓ ହମିଦା | ୭୩ |
| ୯. ପିନ୍ଧାମାଳରେ ଠାକୁରଙ୍କ ତୃପ୍ତି | ୮୮ |
| ୧୦. ସବୁଠୁ ବଡ଼ର ସେବା | ୧୦୨ |
| ୧୧. ହିନ୍ଦୁ ଠାକୁର ଓ ମୁସଲମାନ ବାଳକ | ୧୧୬ |
| ୧୨. ତୁମ ଦୁହିଙ୍କ ପାଦତଳ ମୋର ପରମ ପଞ୍ଚକୋଶୀ | ୧୩୫ |
| ୧୩. ଭଗତର ନୂଆ ଜଗତ | ୧୪୫ |
| ୧୪. ପୂଜା ଉତ୍ସବର ପଶ୍ଚାତରେ | ୧୬୫ |
| ୧୫. ପ୍ରେମ-ବିଗଳିତ ଶରୀର | ୧୭୭ |
| ୧୬. ପ୍ରେମର ରାଜ୍ୟକୁ ଜ୍ଞାନୀର ଯାତ୍ରା | ୧୮୫ |
| ୧୭. ପ୍ରେମର ରାଜ୍ୟରେ ଜ୍ଞାନୀ | ୧୯୬ |
| ୧୮. ଅନାସକ୍ତି – ଆସକ୍ତି ସାଗରରେ | ୨୦୫ |
| ୧୯. ଭକ୍ତି – ଶତ୍ରୁ ଭାବରେ | ୨୧୯ |
| ୨୦. ବିରହ ରହସ୍ୟ | ୨୩୨ |
| ୨୧. ଯେ ମୋତେ ଯେପରି ଭଜଇ | ୨୪୧ |
| ୨୨. ସର୍ବଘଟେ ହରି | ୨୫୪ |

# ପ୍ରାକ୍‌କଥନ

କାଠଚମ୍ପା ଫୁଲର ପାଞ୍ଚଟି ପାଖୁଡ଼ାର ଅର୍ଥ ମା କହିଛନ୍ତି – (୧) ଆନ୍ତରିକତା ବା ସ୍ୱଚ୍ଛତା (୨) ବିଶ୍ୱାସ ବା ଆସ୍ଥା (୩) ଭକ୍ତି ବା କୃତଜ୍ଞତା (୪) ସାହସ ବା ଅଭୀପ୍ସା ଏବଂ (୫) ସହିଷ୍ଣୁତା ବା ଅଧ୍ୟବସାୟ । ସମୁଦାୟ ଫୁଲଟିର ଅର୍ଥ ମା' କହିଛନ୍ତି, ପଞ୍ଚବିଧ ମନସ୍ତାତ୍ତ୍ୱିକ ପୂର୍ଣ୍ଣତା । ପୂର୍ଣ୍ଣଯୋଗର ପୂର୍ଣ୍ଣତା ନିମନ୍ତେ ଏହି ପାଞ୍ଚଟି ଗୁଣର ବିକାଶ ଏକାନ୍ତ ଆବଶ୍ୟକ ।

ମାସିକ ପତ୍ରିକା ନବପ୍ରକାଶର ''କଳିକା ଲାଗି ପାଳିକା'' ଶୀର୍ଷକ ସିରିଜରେ ଏହି ପାଞ୍ଚଟି ଗୁଣକୁ ନେଇ ଚିନ୍ମୟ ଓ ତା'ର ଛୋଟ ଭଉଣୀ ଅନୁରକ୍ତାର କଥୋପକଥନ ମାଧ୍ୟମରେ ବିଭିନ୍ନ ହୃଦୟସ୍ପର୍ଶୀ କାହାଣୀ ଛଳରେ ଶ୍ରୀ ନିରଂଜନ ନାୟକ ବିଷଦ ଆଲୋଚନା କରିଛନ୍ତି । ସେହିସବୁ ଆଲୋଚ୍ୟ ବିଷୟ ମଧ୍ୟରୁ ଆନ୍ତରିକତା ଓ ବିଶ୍ୱାସର ବିଷୟବସ୍ତୁକୁ ନେଇ 'ଆନ୍ତରିକତା' ଓ 'ବିଶ୍ୱାସର ବିସ୍ମୟ' ନାମରେ ଦୁଇଖଣ୍ଡ ପୁସ୍ତକ ପ୍ରକାଶ ପାଇଛି । ବର୍ତ୍ତମାନ ପାଠକମାନଙ୍କ ଆଗ୍ରହ ଦୃଷ୍ଟିରୁ କାଠଚମ୍ପା ଫୁଲର ତୃତୀୟ ଗୁଣ ଭକ୍ତି ବା କୃତଜ୍ଞତାକୁ ନେଇ 'ଭକ୍ତି – ଏକ ଅମୋଘ ଶକ୍ତି' ନାମରେ ଏହି ପୁସ୍ତକଟି ପ୍ରକାଶ କରୁଛୁ । ଆଶା 'ଆନ୍ତରିକତା' ଓ 'ବିଶ୍ୱାସର ବିସ୍ମୟ' ପାଠକମାନଙ୍କ ଦ୍ୱାରା ଯେପରି ଆଦୃତ ହୋଇଛି ଏ ପୁସ୍ତକଟି ମଧ୍ୟ ସେହିପରି ଆଦୃତ ହେବ ।

– ପ୍ରକାଶକ